# ସଂସ୍କୃତବ୍ୟାକରଣପ୍ରଦୀପଃ

## ନବମଶ୍ରେଣୀନିମିତ୍ତମ୍

ପ୍ରକାଶିକା

ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା

**ସଂସ୍କୃତବ୍ୟାକରଣପ୍ରଦୀପଃ**
ନବମଶ୍ରେଣୀପରୀକ୍ଷାପାଇଁ

ମାଧ୍ୟମିକଶିକ୍ଷାପରିଷଦ୍ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

(ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା)

**ଲେଖକମଣ୍ଡଳୀ :**

ସମୀକ୍ଷକ : **ପ୍ରଫେସର ଗୋପାଳକୃଷ୍ଣ ଦାଶ**

ଲେଖକ ଓ ସଂକଳକ : **ଡକ୍ଟର ନାରାୟଣ ପ୍ରସାଦ ଦାଶ**
**ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ**
**ଡକ୍ଟର ରବୀନ୍ଦ୍ରନାଥ ଆଚାର୍ଯ୍ୟ**
**ଡକ୍ଟର କାଳୀପ୍ରସନ୍ନ ଶତପଥୀ**

ସଂଯୋଜକ : **ଶ୍ରୀ ନୃସିଂହ ଚରଣ ପଣ୍ଡା**

ଅକ୍ଷର ସଂଯୋଜନା : **ବାଣୀ ପ୍ରେସ୍**
**ତୁଳସୀପୁର, କଟକ - ୮**

ପ୍ରଥମ ପ୍ରକାଶକ : ୨୦୧୨
୨୦୧୯

ମୁଦ୍ରଣ :

ମୂଲ୍ୟ :

# ମୁଖବନ୍ଧ

ରାଷ୍ଟ୍ରିୟ ପାଠ୍ୟଚର୍ଯ୍ୟା ରୂପରେଖା (NCF - 2005) ଅନୁସରଣରେ ରାଜ୍ୟ ପାଠ୍ୟଚର୍ଯ୍ୟା ରୂପରେଖା (SCF - 2007) ପରିକଳ୍ପିତ ହୋଇଛି । ପାଠ୍ୟ ବିଷୟବସ୍ତୁ ଛାତ୍ରାଭିମୁଖୀ ହେବା ସଙ୍ଗେ ସଙ୍ଗେ ପୁରୁଣା 'ଘୋଷବନ୍ତ ବଲବନ୍ତ' ରୀତିକୁ ବାଦ୍ ଦିଆଯାଇ ଅଭ୍ୟାସମୂଳକ ତଥା ପ୍ରୟୋଗାତ୍ମକ ପାଠ୍ୟକ୍ରମ ପ୍ରସ୍ତୁତ ହେଲେ ମାନବ ସମ୍ବଳର ସଦୁପଯୋଗ ହୋଇପାରିବ । ବିଶ୍ୱର ଏକ ପ୍ରାଚୀନତମ ବିଜ୍ଞାନସମ୍ମତ ସମୃଦ୍ଧଭାଷା ଭାବରେ ସଂସ୍କୃତଭାଷାର ମହତ୍ତ୍ୱ ସୁବିଦିତ । ଭାରତର ସମ୍ବିଧାନ ସଂସ୍କୃତକୁ ଶାସ୍ତ୍ରୀୟ ଏବଂ ଆଧୁନିକ ଭାରତୀୟ ଭାଷା ରୂପେ ସ୍ୱୀକୃତି ପ୍ରଦାନ କରିଛି । ଭାରତୀୟ ଜନଜୀବନ, ଜ୍ଞାନବିଜ୍ଞାନ, ସଂସ୍କୃତି, ଜାତୀୟ ସଂହତି, ରାଜନୀତି, ଇତିହାସ, ଭୂଗୋଳ ତଥା ଚିକିତ୍ସା ପ୍ରଭୃତି କ୍ଷେତ୍ରରେ ସଂସ୍କୃତ ଭାଷାରେ ଲିଖିତ ବେଦ ଉପନିଷଦ୍ କାବ୍ୟ ଶାସ୍ତ୍ରପୁରାଣ ଓ ନୀତିଶ୍ଳୋକାବଳୀର ସାର୍ବକାଳିକ ଅନୁଶୀଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ସଂସ୍କୃତଭାଷା ବ୍ୟାକରଣଶାସ୍ତ୍ରର ବୈଜ୍ଞାନିକନିୟମାବଳୀରେ ଶୃଙ୍ଖଳିତ ହୋଇଥିବାରୁ ଏହା ସ୍ୱାଭାବିକ ପରିଷ୍କୃତ ବା ମାର୍ଜିତଭାଷା ଭାବରେ ବିଶ୍ୱର ଭାଷା ବିଜ୍ଞାନୀ ଓ ଗବେଷକମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଅଛି । ରାଜ୍ୟ ପାଠ୍ୟଚର୍ଯ୍ୟାରେ ସଂସ୍କୃତକୁ ଉଚ୍ଚପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ତୃତୀୟଭାଷା ରୂପେ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ବିଦ୍ୟାର୍ଥୀମାନଙ୍କର ସଂସ୍କୃତଶିକ୍ଷାକୁ ସହଜ ଓ ସୁଗମ କରିବା ପାଇଁ ବ୍ୟାକରଣଜ୍ଞାନ ଏକାନ୍ତ ଆବଶ୍ୟକ । ମାଧ୍ୟମିକସ୍ତରର ଛାତ୍ରଛାତ୍ରୀଙ୍କ ମନସ୍ତତ୍ତ୍ୱକୁ ଆଧାରକରି ନବମଶ୍ରେଣୀପାଇଁ ନୂତନ ଭାବରେ ଏକ ଅଭ୍ୟାସମୂଳକ ପ୍ରୟୋଗାତ୍ମକ ସ୍ୱତନ୍ତ୍ର ସଂସ୍କୃତବ୍ୟାକରଣପାଠ୍ୟପୁସ୍ତକ ପ୍ରଣୟନ କରାଯାଇଛି ।

ଏହି ବ୍ୟାକରଣପୁସ୍ତକ ଭାଷାର ନିୟାମକ ନ ହୋଇ ଭାଷାର ସାବଲୀଳ ଯୁଗୋପଯୋଗୀ ପ୍ରବାହକୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷିକାଙ୍କ ମାଧ୍ୟମରେ ସମାଜରେ ଲୋକପ୍ରିୟ କରାଇପାରିଲେ ବ୍ୟାକରଣଶିକ୍ଷାର ମୌଳିକଲକ୍ଷ୍ୟ ସଫଳ ହେବ। 'ସଂସ୍କୃତବ୍ୟାକରଣପ୍ରଦୀପଃ' ପୁସ୍ତକର ପ୍ରଣୟନ ଓ ପ୍ରକାଶନ କାର୍ଯ୍ୟରେ ସମ୍ପୃକ୍ତ ସମସ୍ତ ବିଦ୍ୱାନ୍ ଲେଖକମଣ୍ଡଳୀ ସଂଯୋଜକ ଏବଂ ମୁଦ୍ରଣାଳୟ କର୍ତ୍ତୃପକ୍ଷଙ୍କୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ହାର୍ଦ୍ଦିକ କୃତଜ୍ଞତା ଓ ସାଧୁବାଦ ଜଣାଉଛି ।

**ସଭାପତି**

ମାଧ୍ୟମିକଶିକ୍ଷାପରିଷଦ୍, ଓଡ଼ିଶା

# ଶିକ୍ଷକ ବନ୍ଧୁମାନଙ୍କ ପ୍ରତି

ପ୍ରିୟ ବନ୍ଧୁଗଣ !

ସଂସ୍କୃତ ପାଠ୍ୟକ୍ରମକୁ ସର୍ବଭାରତୀୟ ସ୍ତରରେ ଏକପ୍ରକାରରେ ପ୍ରଚଳନ କରିବାକୁ ଜାତୀୟଶିକ୍ଷାନୀତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବାରୁ ପୂର୍ବରୁ ପ୍ରଚଳିତ ଚିରାଚରିତ ଧାରାକୁ ପରିବର୍ତ୍ତନ କରି ନୂତନ ଭାବରେ ବେଶି ପରିମାଣରେ ଅଭ୍ୟାସ ଓ ପ୍ରୟୋଗାତ୍ମକ ଦିଗପ୍ରତି ଦୃଷ୍ଟି ଦିଆଯାଇ ଏହି ବ୍ୟାକରଣପୁସ୍ତକ ସଙ୍କଳନ କରାଯାଇଛି । ମହର୍ଷିପାଣିନିଙ୍କ ଅଷ୍ଟାଧ୍ୟାୟୀ କାତ୍ୟାୟନମୁନିଙ୍କ ବାର୍ତ୍ତିକ ଏବଂ ଓଡ଼ିଶାରେ ବିଭିନ୍ନସମୟରେ ପ୍ରଚଳିତ ବୈୟାକରଣମାନଙ୍କ ସିଦ୍ଧାନ୍ତକୁ ଆବଶ୍ୟକସ୍ଥଳରେ ଗ୍ରହଣ କରାଯାଇଛି । ଛାତ୍ରଛାତ୍ରୀମାନଙ୍କ ମନସ୍ତତ୍ତ୍ୱ, ଆଗ୍ରହ ଓ ପରିବେଶକୁ ଲକ୍ଷ୍ୟରଖି ଆପଣମାନେ ବ୍ୟାକରଣର ବିଭିନ୍ନ ପାଠ୍ୟ ବିଷୟକୁ ପ୍ରୟୋଗ ମାଧ୍ୟମରେ ଅଭ୍ୟାସ କରାଇବାକୁ ଯତ୍ନ କରିବେ । **ସର୍ବୋପରି ପରୀକ୍ଷା ଉପଯୋଗୀ ପାଠ୍ୟକ୍ରମ ଅର୍ଥାତ୍ ସିଲାବସ୍‌ରେ ଥିବା ପାଠ୍ୟଖସଡ଼ା ଓ ପ୍ରଶ୍ନ ଶୈଳୀକୁ ବିଚାର କରି ବ୍ୟାକରଣଶିକ୍ଷା ଦେବେ ।**

ଏହି ପୁସ୍ତକଟି ଆପଣମାନଙ୍କ ପାଇଁ ସହାୟକ ପୁସ୍ତକ ମାତ୍ର । ପରୀକ୍ଷାର୍ଥୀଙ୍କ ଜ୍ଞାନର ବିକାଶ ଏବଂ ବ୍ୟାବହାରିକ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ବ୍ୟାକରଣ ପୁସ୍ତକରେ ପ୍ରଦତ୍ତ ବିଭିନ୍ନ ଉଦାହରଣ ଓ ପ୍ରୟୋଗକୁ ସଙ୍କୁଚିତ ବା ପ୍ରସାରିତ କରି ନିଜଶୈଳୀରେ ଶିକ୍ଷାଦାନ କରିବାକୁ ଅନୁରୋଧ ।

*ମୁଦ୍ରଣେ ସ୍ଖଳନଂ କ୍ୱାପି ଲେଖନେ ବା ପ୍ରମାଦତଃ ।*
*କୃପୟା ସ୍ୱବିଚାରେଣ ମାର୍ଜୟନ୍ତି ମହାଶୟାଃ ।।*

ପ୍ରଣତ ଓ ବିନୀତ

**ଲେଖକମଣ୍ଡଳୀ**

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ :
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା :
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ<br>
ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ଦ୍ୱାରା<br>
ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧(କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ :-**

୧ । ସମ୍ବିଧାନକୁ ମାନି ଚଳିବା ଓ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

୨ । ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

୩ । ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

୪ । ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

୫ । ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନୀସୂଚକ ବ୍ୟବହାର ପରିତ୍ୟାଗ କରିବା;

୬ । ଆମର ସଂସ୍କୃତିର ମୂଲ୍ୟବାନ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

୭ । ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

୮ । ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

୯ । ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

୧୦ । ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନ କରିବା, ଯାହାଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

୧୧ । ମାତା ବା ପିତା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇଦେବା ।

# ଅନୁକ୍ରମଣିକା


| କ୍ରମାଙ୍କ | ବିଷୟ | ପୃଷ୍ଠାଙ୍କ |
|---|---|---|
| ୧ । | ବର୍ଣ୍ଣ | ୧ |
| ୨ । | ପାରିଭାଷିକଶବ୍ଦ | ୬ |
| ୩ । | ପଦ ପ୍ରକରଣ | ୯ |
| ୪ । | ଲିଙ୍ଗ, ବଚନ ଓ ପୁରୁଷ ପ୍ରକରଣ | ୧୪ |
| ୫ । | ଣତ୍ୱବିଧି | ୧୬ |
| ୬ । | ଷତ୍ୱବିଧି | ୧୯ |
| ୭ । | ସନ୍ଧିପ୍ରକରଣ | ୧୯ |
| ୮ । | ଶବ୍ଦରୂପ | ୪୧ |
| ୯ । | ଧାତୁପ୍ରକରଣ | ୮୦ |
| ୧୦ । | କାରକ ଓ ବିଭକ୍ତି | ୧୨୧ |


-------

# ବର୍ଣ୍ଣ

**ବର୍ଣ୍ଣ :**

ଲିଖନ ପ୍ରକ୍ରିୟା ମାଧ୍ୟମରେ ଭାଷାକୁ ବ୍ୟକ୍ତ କରିବା ଲାଗି ଉପଯୋଗୀ ବିଶିଷ୍ଟ ଧ୍ୱନିଗୁଡ଼ିକୁ ବା ଧ୍ୱନ୍ୟାତ୍ମକ ସଙ୍କେତଗୁଡ଼ିକୁ ବର୍ଣ୍ଣ କୁହାଯାଏ ।

**ସଂସ୍କୃତ ବର୍ଣ୍ଣମାଳା :**

ସଂସ୍କୃତ ବର୍ଣ୍ଣମାଳାକୁ ଦୁଇଟି ପ୍ରଧାନ ଶ୍ରେଣୀରେ ବିଭକ୍ତ କରାଯାଏ । ଯଥା- (କ) ସ୍ୱର, (ଖ) ବ୍ୟଞ୍ଜନ । ମହର୍ଷି ପାଣିନି ଅଷ୍ଟାଧ୍ୟାୟୀରେ ଚତୁର୍ଦ୍ଦଶ ମାହେଶ୍ୱର ସୂତ୍ରର ଉଲ୍ଲେଖ କରି ୯ଟି ସ୍ୱରବର୍ଣ୍ଣ ଓ ୩୩ଟି ବ୍ୟଞ୍ଜନ ବର୍ଣ୍ଣର ବିନ୍ୟାସ କରିଛନ୍ତି । ମାତ୍ର ଭାଷାରେ ପାଣିନୀୟ ବର୍ଣ୍ଣମାଳା ସହ ଅଯୋଗବାହ ମିଶି ୪୯ଗୋଟି ବର୍ଣ୍ଣର ବ୍ୟବହାର ଦେଖାଯାଏ । ଯଥା :- ମାହେଶ୍ୱର ସୂତ୍ରର ସ୍ୱରବର୍ଣ୍ଣ ୯ + ବ୍ୟଞ୍ଜନବର୍ଣ୍ଣ ୩୩ + ଦୀର୍ଘସ୍ୱର ୪ + ଅଯୋଗବାହ ୩ = ୪୯ ।

**ସ୍ୱରବର୍ଣ୍ଣ :**

ଯେଉଁ ବର୍ଣ୍ଣ ନିରପେକ୍ଷ ଭାବରେ ସ୍ୱତଃ ସ୍ପଷ୍ଟ ଉଚ୍ଚାରିତ ହୁଏ ତାହା ସ୍ୱରବର୍ଣ୍ଣ । "ସ୍ୱୟଂ ରାଜନ୍ତେ ଇତି ସ୍ୱରାଃ" । ସ୍ୱରବର୍ଣ୍ଣ ସାହାଯ୍ୟରେ ବ୍ୟଞ୍ଜନର ସ୍ପଷ୍ଟ ଉଚ୍ଚାରଣ ସମ୍ଭବ ହୁଏ । ଉଚ୍ଚାରଣ କାଳର ମାତ୍ରା ଆଧାରରେ ଏହା ତିନିପ୍ରକାର । ଯଥା :-

(କ) ହ୍ରସ୍ୱ

(ଖ) ଦୀର୍ଘ

(ଗ) ପ୍ଲୁତ

ଏଠାରେ ଆମେ କେବଳ ହ୍ରସ୍ୱ ଓ ଦୀର୍ଘସ୍ୱରର ଅଧ୍ୟୟନ କରିବା । ଏହାର ମୋଟ୍ ସଂଖ୍ୟା ୧୩ ଅଟେ ।

**(କ) ହ୍ରସ୍ୱ ସ୍ୱର :** ଅ, ଇ, ଉ, ଋ, ଌ ଏହି ମୂଳସ୍ୱର ସମୁଦାୟ ପାଞ୍ଚଗୋଟି । ଏମାନଙ୍କର ଉଚ୍ଚାରଣ କାଳ ଏକ ମାତ୍ରା ସମୟ ବିଶିଷ୍ଟ ।

**(ଖ) ଦୀର୍ଘସ୍ୱର :** ଆ, ଈ, ଊ, ୠ, ଏ, ଐ, ଓ, ଔ ସମୁଦାୟ ଆଠଗୋଟି । ଏମାନଙ୍କର ଉଚ୍ଚାରଣ କାଳ ଦୁଇମାତ୍ରା ସମୟ ବିଶିଷ୍ଟ । ଏମାନଙ୍କ ମଧ୍ୟରୁ ପ୍ରଥମ ଚାରିଗୋଟି ଦୀର୍ଘସ୍ୱର ଆ, ଈ, ଊ, ୠ, ର ହ୍ରସ୍ୱରୂପ କ୍ରମଶଃ ଅ, ଇ, ଉ, ଋ ଅଟେ । ଏ, ଐ, ଓ, ଔ, ର ହ୍ରସ୍ୱରୂପ ନାହିଁ । ଏମାନେ ଯଥାକ୍ରମେ ଅ ସହିତ ଇ, ଏ, ଉ ଏବଂ ଓ ର ମିଳନରୁ ଉଚ୍ଚାରିତ ହେଉଥିବାରୁ ଏମାନଙ୍କୁ ସନ୍ଧ୍ୟକ୍ଷର ମଧ୍ୟ କୁହାଯାଏ । (ଅ + ଇ = ଏ,  ଅ + ଏ = ଐ,  ଅ + ଉ = ଓ,  ଅ + ଓ = ଔ)

**ବ୍ୟଞ୍ଜନବର୍ଣ୍ଣ :**

ଯାହା ସ୍ୱରର ଅନୁଗାମୀ ବା ସ୍ୱର ବିନା ଯାହାର ଉଚ୍ଚାରଣ ହୋଇପାରେ ନାହିଁ ସେ 'ବ୍ୟଞ୍ଜନ' । ବର୍ଣ୍ଣମାଳାନ୍ତର୍ଗତ 'କ' ଆଦି ବ୍ୟଞ୍ଜନ ବର୍ଣ୍ଣ ସହିତ ଯେଉଁ 'ଅ' ମିଶାଯାଇ ଲେଖାଯାଏ ତାହା କେବଳ ବ୍ୟଞ୍ଜନର ଉଚ୍ଚାରଣ ଲାଗି ଉଦ୍ଦିଷ୍ଟ । ସମୁଦାୟ ବ୍ୟଞ୍ଜନ ସଂଖ୍ୟା ୩୩ । ଏହାର ଦୁଇଟି ଭାଗ ଅଛି- (କ) ବର୍ଗୀୟ ବ୍ୟଞ୍ଜନ, (ଖ) ଅବର୍ଗୀୟ ବ୍ୟଞ୍ଜନ ।

**(କ) ବର୍ଗୀୟବ୍ୟଞ୍ଜନ :** ଏଗୁଡ଼ିକୁ ସ୍ପର୍ଶବର୍ଣ୍ଣ ମଧ୍ୟ କୁହାଯାଏ । ଏମାନଙ୍କ ସଂଖ୍ୟା ସମୁଦାୟ ୨୫ । ଏଗୁଡ଼ିକୁ ପାଞ୍ଚଗୋଟି ବର୍ଗରେ ବିଭକ୍ତ କରାଯାଇ ପ୍ରତ୍ୟେକ ବର୍ଗରେ ପାଞ୍ଚ ପାଞ୍ଚ ବର୍ଣ୍ଣଙ୍କୁ ସ୍ଥାପିତ କରାଯାଇଛି ।

(i) କ ବର୍ଗ – କ୍, ଖ୍, ଗ୍, ଘ୍, ଙ୍

(ii) ଚ ବର୍ଗ – ଚ୍, ଛ୍, ଜ୍, ଝ୍, ଞ୍

(iii) ଟ ବର୍ଗ – ଟ୍, ଠ୍, ଡ୍, ଢ୍, ଣ୍

(iv) ତ ବର୍ଗ – ତ୍, ଥ୍, ଦ୍, ଧ୍, ନ୍

(v) ପ ବର୍ଗ – ପ୍, ଫ୍, ବ୍, ଭ୍, ମ୍

ମୋଟ୍ - ୫ + ୫ + ୫ + ୫ + ୫ = ୨୫

**(ଖ) ଅବର୍ଗୀୟବ୍ୟଞ୍ଜନ :** ଏମାନଙ୍କ ସଂଖ୍ୟା ସମୁଦାୟ ୮ । ଏହା ଦୁଇଭାଗରେ ବିଭକ୍ତ । ୧– ଅନ୍ତଃସ୍ଥ, ୨– ଊଷ୍ମ ।

**୧– ଅନ୍ତଃସ୍ଥ - ଯ୍, ର୍, ଲ୍, ବ୍**

ଏହି ବର୍ଣ୍ଣମାନଙ୍କୁ ଅର୍ଦ୍ଧସ୍ୱର ମଧ୍ୟ କୁହାଯାଏ । ଉଚ୍ଚାରଣ ସ୍ଥାନ ଦୃଷ୍ଟିରୁ ଏହି କ୍ରମ ଠିକ୍ ମନେହୁଏ । ମାତ୍ର ପାଣିନି ଇ- ଉ, ଋ, ଌ ର କ୍ରମ ଅନୁସାରେ ଏଗୁଡ଼ିକର କ୍ରମ ଯ୍-ବ୍-ର୍-ଲ୍ ରଖିଛନ୍ତି କାରଣ ଏହି ଶ୍ରେଣୀଦ୍ୱୟ ଗୋଟିଏ ଅନ୍ୟର ରୂପାନ୍ତର । ଯଥା- ଇ → ଯ (ୟ) ଉ → ବ, ଋ → ର, ଌ → ଲ (ଯଦି + ଅପି = ଯଦ୍ୟପି, ସୁ + ଆଗତମ୍ = ସ୍ୱାଗତମ୍, ପିତୃ + ଆଳୟଃ = ପିତ୍ରାଳୟଃ, ଌ + ଅନମ୍ = ଲବନମ୍ ।

ଯେଉଁ 'ବ' ସ୍ଥାନରେ ଉ, ଊ ହୁଏ (ବଚ୍, ବଦ୍, ସ୍ୱପ୍ ପ୍ରଭୃତି ଧାତୁର ବ), ସନ୍ଧିଦ୍ୱାରାଜାତ 'ବ' (ଅନ୍ୱେଷଣ, ସ୍ୱାଗତ, ପବନ, ଭାବୁକ ପ୍ରଭୃତି), ପ୍ରତ୍ୟୟର 'ବ' (ଧନବାନ୍, ମାୟାବୀ) ପ୍ରଭୃତି 'ବ' ଅନ୍ତଃସ୍ଥ ଅଟନ୍ତି ।

**୨– ଊଷ୍ମ - ଶ୍, ଷ୍, ସ୍, ହ୍**

ମୋଟ୍ - ୪ + ୪ = ୮

ବ୍ୟଞ୍ଜନ ବର୍ଣ୍ଣକୁ ହଲ୍ ମଧ୍ୟ କୁହାଯାଏ । ଏହା ଅର୍ଦ୍ଧମାତ୍ରା ବିଶିଷ୍ଟ । ଏହାର ଉଚ୍ଚାରଣକାଳ ଅର୍ଦ୍ଧନିମେଷ ମାତ୍ର । କେବଳ ବ୍ୟଞ୍ଜନର ପ୍ରୟୋଗ 'ହଲ୍' ଚିହ୍ନ ( ୍ ) ଯୋଗରେ କରାଯାଏ ଏବଂ ଏହି ସଂକେତ ବର୍ଣ୍ଣର ଅଧୋଭାଗରେ ଅଙ୍କିତ ରହେ ।

**ଅଯୋଗବାହ-** ଂ (ଅନୁସ୍ୱାର) ଃ (ବିସର୍ଗ) ଁ (ଚନ୍ଦ୍ରବିନ୍ଦୁ) ଏହା ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣରେ ମିଶି ଉଚ୍ଚାରିତ ହୁଏ ।

**ଅଭ୍ୟାସଃ**

୧ । **କବର୍ଗବର୍ଣ୍ଣାଃ କେ ?**

(କ) ________ (ଖ) ________ (ଗ) ________ (ଘ) ________ (ଙ) ________

୨ । **ଚବର୍ଗବର୍ଣ୍ଣାଃ କେ ?**

(କ) ________ (ଖ) ________ (ଗ) ________ (ଘ) ________ (ଙ) ________

୩ । **ଟବର୍ଗବର୍ଣ୍ଣାଃ କେ ?**

(କ) ________ (ଖ) ________ (ଗ) ________ (ଘ) ________ (ଙ) ________

୪ । **ତବର୍ଗବର୍ଣ୍ଣାଃ କେ ?**

(କ) ________ (ଖ) ________ (ଗ) ________ (ଘ) ________ (ଙ) ________

୫ । **ପବର୍ଗବର୍ଣ୍ଣାଃ କେ ?**

(କ) ________ (ଖ) ________ (ଗ) ________ (ଘ) ________ (ଙ) ________

୬ । କେ ଅନ୍ତଃସ୍ଥବର୍ଣ୍ଣାଃ ?

୭ । କେ ଊଷ୍ମବର୍ଣ୍ଣାଃ ?

୮ । 'ଗଚ୍ଛତି' ଇତ୍ୟସ୍ମିନ୍ ପଦେ ସ୍ୱରବ୍ୟଞ୍ଜନାନି ପୃଥକ୍-ପୃଥକ୍ ଲିଖତ ।

ଗଚ୍ଛତି = ଗ୍ + ଅ + ଚ୍ + ଛ୍ + ଅ + ତ୍ + ଇ

ସ୍ୱର:

(କ) ________ (ଖ) ________ (ଗ) ________

ବ୍ୟଞ୍ଜନ:

(କ) ________ (ଖ) ________ (ଗ) ________ (ଘ) ________

## ଅଯୋଗବାହବର୍ଣ୍ଣ :

ଉପର୍ଯ୍ୟୁକ୍ତ ବର୍ଣ୍ଣ ଅତିରିକ୍ତ ଅନୁସ୍ୱାର (ଂ) ବିସର୍ଗ (ଃ) ଏବଂ ଅନୁନାସିକ ( ଁ )ର ପ୍ରୟୋଗ ସଂସ୍କୃତ ଭାଷାରେ ଦେଖାଯାଏ । ପ୍ରତ୍ୟାହାର ନିର୍ମାଣରେ ନିରପେକ୍ଷ ଓ ଣତ୍ୱାଦି ପ୍ରୟୋଗରେ ସାପେକ୍ଷ ହୋଇଥିବାରୁ ଏମାନଙ୍କୁ ଅଯୋଗବାହ କୁହାଯାଏ । ଅନୁସ୍ୱାର କୌଣସି ସ୍ୱର ପରେ ନ୍ କିମ୍ବା ମ୍ ସ୍ଥାନରେ ଆସିଥାଏ । ଉଦାହରଣ – ଗୃହଂ ଗଚ୍ଛତି । ଏଠାରେ

'ଗୃହମ୍' ସ୍ଥିତ ମ୍ ସ୍ଥାନରେ ଏହାର ପୂର୍ବବର୍ତ୍ତୀ 'ଅ' ସ୍ୱର ସହିତ ଅନୁସ୍ୱାରର ପ୍ରୟୋଗ ହୋଇଛି । ବିସର୍ଗର ପ୍ରୟୋଗ କୌଣସି ସ୍ୱର ପରେ ହୋଇଥାଏ ଏବଂ ଏହାର ପୃଥକ୍ ଉଚ୍ଚାରଣ ହୁଏ । ଉଦାହରଣ- ନରଃ, ସାଧୁଃ ଇତ୍ୟାଦି । ଅନୁନାସିକର ସ୍ୱରୂପ ଚନ୍ଦ୍ରବିନ୍ଦୁ ଅଟେ । ଯଥା- କସ୍ମିଁଶ୍ଚିତ୍, ସଁବତ୍ସରଃ ଇତ୍ୟାଦି ।

ଲୌକିକ ସଂସ୍କୃତରେ ସାଧାରଣ ଭାବେ ବ୍ୟବହୃତ ହେଉଥିବା ବର୍ଣ୍ଣମାନଙ୍କର ସଂଖ୍ୟା ଅଣଚାଶ (ସ୍ୱର - ୧୩ + ବ୍ୟଞ୍ଜନ- ୩୩ + ଅଯୋଗବାହ- ୩)

**ଶବ୍ଦ ଆରମ୍ଭରେ 'ଯ' ରହେ; ମାତ୍ର ପଦ ମଧ୍ୟରେ ବା ଶେଷରେ 'ଯ' ଥିଲେ 'ୟ' ଉଚ୍ଚାରିତ ହୁଏ । ଯଥା:- ଯୋଗ-ବିୟୋଗ, ଯମ-ନିୟମ ଇତ୍ୟାଦି ।**

## ଅଭ୍ୟାସଃ

### ଶୁଦ୍ଧମ୍ ଉତ୍ତରଂ ନିରୂପୟତ

୧ । କେ ଅଯୋଗବାହବର୍ଣ୍ଣାଃ ?

(କ) କ, ଖ, ଗ (ଖ) ଶ, ସ, ଷ (ଗ) ଂ, ଃ, ଁ (ଘ) ଚ, ଛ, ଜ

୨ । ଅନୁସ୍ୱାରସ୍ୟ କିଂ ସ୍ୱରୂପମ୍ ?

(କ) ଂ (ଖ) ଃ (ଗ) ଁ (ଘ) ମ୍

୩। ବିସର୍ଗସ୍ୟ କିଂ ସ୍ୱରୂପମ୍ ?

(କ) ଃ (ଖ) ଂ (ଗ) ଁ (ଘ) ହ୍

୫ । ସଂସ୍କୃତବର୍ଣ୍ଣମାଳାୟାଂ କତି ବର୍ଣ୍ଣାଃ ବିଦ୍ୟନ୍ତେ ?

(କ) ୧୩ (ଖ) ୩୩ (ଗ) ୪୯ (ଘ) ୪୨

**ବର୍ଣ୍ଣଗୁଡ଼ିକର ଉଚ୍ଚାରଣ ସ୍ଥାନ :**

କୌଣସି ବର୍ଣ୍ଣର ଉଚ୍ଚାରଣ ସମୟରେ ଆମ ମୁଖଗହ୍ୱରରେ ଏକ ବା ଏକାଧିକ ଭାଗ ସକ୍ରିୟ ହୋଇଥାନ୍ତି । ସେହି ଭାଗ ବା ଅଂଶ ସେହି ସଂପୃକ୍ତ ବର୍ଣ୍ଣର ଉଚ୍ଚାରଣ-ସ୍ଥାନ ଓ ଉତ୍ପତ୍ତି ସ୍ଥାନ । ସେହି ସ୍ଥାନର ନାମ ଅନୁସାରେ ତତ୍ ସଂଶ୍ଳିଷ୍ଟ ବର୍ଣ୍ଣ ମଧ୍ୟ ନାମିତ ହୋଇଥାଏ ।

ଉଦାହରଣ ସ୍ୱରୂପ : ଅ, ଆ, କ୍, ଖ୍, ଗ୍, ଘ, ଙ୍, ହ୍, ଃ (ବିସର୍ଗ) - ଏଗୁଡ଼ିକର ଉଚ୍ଚାରଣ ସ୍ଥାନ କଣ୍ଠ ହୋଇଥିବାରୁ ଏମାନେ କଣ୍ଠ୍ୟ ବର୍ଣ୍ଣ ।

## ବିନ୍ୟାସ

| ବର୍ଣ୍ଣର ଉତ୍ପତ୍ତି/ଉଚ୍ଚାରଣ ସ୍ଥାନ | ସ୍ୱର | ବର୍ଗୀୟ ବ୍ୟଞ୍ଜନ | ଅବର୍ଗୀୟ ବ୍ୟଞ୍ଜନ ଅନ୍ତଃସ୍ଥ | ଅବର୍ଗୀୟ ବ୍ୟଞ୍ଜନ ଉଷ୍ମ | | ବର୍ଣ୍ଣର ଉତ୍ପତ୍ତି- ସ୍ଥାନ କୈନ୍ଦ୍ରିକ ନାମ |
|---|---|---|---|---|---|---|
| ୧ । କଣ୍ଠ | ଅ, ଆ | କ୍, ଖ୍, ଗ୍, ଘ୍, ଙ୍ | - | ହ୍ | ବିସର୍ଗ | କଣ୍ଠ୍ୟ |
| ୨ । ତାଳୁ | ଇ, ଈ | ଚ୍, ଛ୍, ଜ୍, ଝ୍, ଞ୍ | ଯ୍ | ଶ୍ | - | ତାଲବ୍ୟ |
| ୩। ମୂର୍ଦ୍ଧା | ଋ, ୠ | ଟ୍, ଠ୍, ଡ୍, ଢ୍, ଣ୍ | ର୍ | ଷ୍ | | ମୂର୍ଦ୍ଧନ୍ୟ |
| ୪ । ଦନ୍ତ | ଌ | ତ୍, ଥ୍, ଦ୍, ଧ୍, ନ୍ | ଲ୍ | ସ୍ | | ଦନ୍ତ୍ୟ |
| ୫ । ଓଷ୍ଠ | ଉ, ଊ | ପ୍, ଫ୍, ବ୍, ଭ୍, ମ୍ | -- | -- | | ଓଷ୍ଠ୍ୟ |
| ୬ । କଣ୍ଠ- ଓଷ୍ଠ | ଓ, ଔ | -- | -- | -- | | କଣ୍ଠୌଷ୍ଠ୍ୟ |
| ୭ । କଣ୍ଠ-ତାଳୁ | ଏ, ଐ | -- | -- | -- | | କଣ୍ଠତାଲବ୍ୟ |
| ୮ । ଦନ୍ତ-ଓଷ୍ଠ | -- | -- | ବ୍ | -- | | ଦନ୍ତୌଷ୍ଠ୍ୟ |
| ୯ । ନାସିକା | -- | ଙ୍, ଞ୍, ଣ୍, ନ୍, ମ୍ | -- | -- | | ନାସିକ୍ୟ |

## ଅଭ୍ୟାସଃ

୧। କେଷାଂ ବର୍ଣ୍ଣାନାମ୍ ଉଚ୍ଚାରଣସ୍ଥାନଂ କଣ୍ଠଃ ଅସ୍ତି ?

(କ) ________ (ଖ) ________ (ଗ) ________
(ଘ) ________ (ଙ) ________ (ଚ) ________
(ଛ) ________ (ଜ) ________ (ଝ) ________

୨। କେ ତାଲବ୍ୟବର୍ଣ୍ଣାଃ ?

(କ) ________ (ଖ) ________ (ଗ) ________
(ଘ) ________ (ଙ) ________ (ଚ) ________
(ଛ) ________ (ଜ) ________ (ଝ) ________

୩। ମୂର୍ଦ୍ଧନ୍ୟବର୍ଣ୍ଣାଃ କେ କେ ସନ୍ତି ?

(କ) ________ (ଖ) ________ (ଗ) ________
(ଘ) ________ (ଙ) ________ (ଚ) ________
(ଛ) ________ (ଜ) ________ (ଝ) ________

୪। କେ କେ ଦନ୍ତ୍ୟବର୍ଣ୍ଣାଃ ?

(କ) ________ (ଖ) ________ (ଗ) ________ (ଘ) ________
(ଙ) ________ (ଚ) ________ (ଛ) ________ (ଜ) ________

୫। କେ କେ ଓଷ୍ଠ୍ୟବର୍ଣ୍ଣାଃ ?

(କ) ________ (ଖ) ________ (ଗ) ________ (ଘ) ________
(ଙ) ________ (ଚ) ________ (ଛ) ________

୬। ଦନ୍ତୌଷ୍ଠ୍ୟଃ କଃ ? ________

୭। କଣ୍ଠତାଲବ୍ୟବର୍ଣ୍ଣୌ କୌ ?

(କ) ________ (ଖ) ________

୮। ନାସିକ୍ୟବର୍ଣ୍ଣାଃ କେ କେ ସନ୍ତି ?

(କ) ________ (ଖ) ________ (ଗ) ________
(ଘ) ________ (ଙ) ________

୯। ଶୂନ୍ୟସ୍ଥାନାନି ପୂରୟତ :

| | ନାସିକ୍ୟବର୍ଣ୍ଣାଃ | ଉଚ୍ଚାରଣସ୍ଥାନମ୍ |
|---|---|---|
| ଯଥା- | ଙ୍ | ଉଭରମ୍ - ନାସିକା + କଣ୍ଠ |
| | ଞ୍ | (କ) ________ + ________ |
| | ଣ୍ | (ଖ) ________ + ________ |
| | ନ୍ | (ଗ) ________ + ________ |
| | ମ୍ | (ଘ) ________ + ________ |

୧୦। ନିମ୍ନଲିଖିତାନାଂ ବର୍ଣ୍ଣାନାମ୍ ଉଚ୍ଚାରଣସ୍ଥାନାନି ଲିଖତ :

ମ୍ __________, ଯ୍ __________, ସ୍ __________, ବ୍ __________,

ଇ __________ ଙ୍ __________, ଲ୍ __________

## ୪. ବ୍ୟଞ୍ଜନ ସ୍ୱର ସଂଯୋଗ :

'ଅ' ସ୍ୱର ବ୍ୟତୀତ ଅନ୍ୟ ସ୍ୱର ସହିତ ମିଶି ଉଚ୍ଚାରିତ ହେଉଥିବା ବ୍ୟଞ୍ଜନର ଲିଖିତ ରୂପ ସେହି ସେହି ସ୍ୱରର ଚିହ୍ନଯୁକ୍ତ ହୋଇ ଅଙ୍କିତ ହୁଏ । 'ଅ' ସ୍ୱରର କୌଣସି ଚିହ୍ନ ନାହିଁ; ମାତ୍ର କ୍, ଖ୍, ଗ୍ ପ୍ରଭୃତି ଶୁଦ୍ଧ ବ୍ୟଞ୍ଜନ ସହିତ 'ଅ' ସ୍ୱର ଯୋଗ ହେଲେ ଏଗୁଡ଼ିକର ନିମ୍ନରେ ଥିବା ହଲନ୍ତ ଚିହ୍ନ ( ୍ ) ଲୋପପାଏ । ଉଦାହରଣ ସ୍ୱରୂପ - 'କ୍' ବ୍ୟଞ୍ଜନ ସହିତ ମିଶି ବିଭିନ୍ନ ସ୍ୱରର ମିଳିତ ରୂପ ନିମ୍ନରୂପେ ପ୍ରକାଶ ପାଏ ବା ଲେଖାଯାଏ ।

| ବ୍ୟଞ୍ଜନ | + | ସ୍ୱର | → | ସ୍ୱରଚିହ୍ନ | = | ନିଷ୍ପନ୍ନ ଲିଖିତ ରୂପ |
|---|---|---|---|---|---|---|
| କ୍ | + | ଅ | → | —— | = | କ |
| କ୍ | + | ଆ | → | ା | = | କା |
| କ୍ | + | ଇ | → | ି | = | କି |
| କ୍ | + | ଈ | → | ୀ | = | କୀ |
| କ୍ | + | ଉ | → | ୁ | = | କୁ |
| କ୍ | + | ଊ | → | ୂ | = | କୂ |
| କ୍ | + | ଋ | → | ୃ | = | କୃ |
| କ୍ | + | ୠ | → | ୄ | = | କୄ |
| କ୍ | + | ଏ | → | େ | = | କେ |
| କ୍ | + | ଐ | → | ୈ | = | କୈ |
| କ୍ | + | ଓ | → | େ ା | = | କୋ |
| କ୍ | + | ଔ | → | ୌ | = | କୌ |

### ଅଭ୍ୟାସଃ

୧। ପ୍ରସନ୍ନ ଇତି ପଦେ ଅ- ସ୍ୱର ସଂଯୁକ୍ତାନି ବ୍ୟଞ୍ଜନାନି ଲିଖତ । ଯଥା -

(କ) ପ୍ର (ଖ) ସ (ଗ) ନ୍ନ

୨। ଜାଗରଣମ୍ ଇତି ପଦେ ଅ- ସ୍ୱର ସଂଯୁକ୍ତାନି ବ୍ୟଞ୍ଜନାନି ଲିଖତ ।

(କ) __________ (ଖ) __________ (ଗ) __________

୩। ମାଳାକାରଃ ଇତି ପଦେ ଆ- ସ୍ୱର ସଂଯୁକ୍ତାନି ବ୍ୟଞ୍ଜନାନି ଲିଖତ ।

(କ) __________ (ଖ) __________ (ଗ) __________

୪ । <u>ବିଲିଖିତଃ</u> ଇତି ପଦେ ଇ- ସ୍ୱର ସଂଯୁକ୍ତାନି ବ୍ୟଞ୍ଜନାନି ଲିଖତ ।

(କ) __________ (ଖ) __________ (ଗ) __________

୫ । ରୂପେଣ ଇତି ପଦେ ଊ- ସ୍ୱର ସଂଯୁକ୍ତଂ ବ୍ୟଞ୍ଜନଂ ଲିଖତ ।

(କ) __________

୭ । କୁରୁତ ଇତି ପଦେ ଉ- ସ୍ୱର ସଂଯୁକ୍ତବ୍ୟଞ୍ଜନେ ଲିଖତ ।

(କ) __________ (ଖ) __________

୮ । ସୌଭାଗ୍ୟମ୍ ଇତି ପଦେ ଔ- ଯୁକ୍ତ ବ୍ୟଞ୍ଜନଂ ଲିଖତ ।

(କ) __________

୯ । ମତୈକ୍ୟମ୍ ଇତ୍ୟତ୍ର ଐ- ଯୁକ୍ତବ୍ୟଞ୍ଜନଂ ଲିଖତ ।

(କ) __________

୧୦ । କୃତିଃ ଇତ୍ୟତ୍ର ଋ- ଯୁକ୍ତବ୍ୟଞ୍ଜନଂ ଲିଖତ ।

(କ) __________

୧୧ । ନିମ୍ନଲିଖିତବର୍ଣ୍ଣାନାଂ ସଂଯୁକ୍ତରୂପଂ ଲିଖତ ।

ବ୍ + ଯ + ଆ + କ୍ + ଅ + ର୍ + ଅ + ଣ୍ + ଅ + ମ୍ = __________

ମ୍ + ଇ + ତ୍ + ର୍ + ଅ + ମ୍ = __________

ସ୍ + ଅ + ମ୍ + ଆ + ଚ୍ + ଆ + ର୍ + ଅ + ଃ = __________

ର୍ + ଆ + ଷ୍ + ଟ୍ + ର୍ + ଅ + ମ୍ = __________

ପ୍ + ଅ + ର୍ + ଇ + ଶ୍ + ର୍ + ଅ + ମ୍ + ଅଃ = __________

# ପାରିଭାଷିକ ଶବ୍ଦ

ସ୍ୱତନ୍ତ୍ର ଅର୍ଥ ପ୍ରକାଶ କରିବା ଉଦ୍ଦେଶ୍ୟରେ ଏବଂ ସୂତ୍ରମାନଙ୍କର ସଂକ୍ଷେପୀକରଣ ନିମନ୍ତେ ବ୍ୟାକରଣରେ ଅନେକ ପାରିଭାଷିକ ଶବ୍ଦର ବ୍ୟବହାର ଦେଖାଯାଏ । ସେହି ପାରିଭାଷିକ ଶବ୍ଦ ବା ସଂଜ୍ଞାଗୁଡ଼ିକର ନିର୍ମାଣ ସେମାନଙ୍କର ଗଠନ ବା ପ୍ରୟୋଗ ବା ଅର୍ଥକୁ ଆଧାର କରି କରାଯାଇଥାଏ । ଯେଉଁ ସଂଜ୍ଞାପଦଗୁଡ଼ିକ ନିଜ ନିଜର ଅର୍ଥ ପ୍ରକାଶ କରିବାକୁ ସମର୍ଥ ସେଗୁଡ଼ିକ ଅକୃତ୍ରିମ ବା ଅନ୍ୱର୍ଥ ସଂଜ୍ଞା । ଯଥା- <u>କାରକ</u> ଏହାର ଅର୍ଥ ସହଜରେ ବୁଝିହେଉଛି । ଅନ୍ୟ କେତେକ କୃତ୍ରିମ । ଯଥା- ଟି ଏବଂ ତଦ୍‌ଭିନ୍ନ କେତେକ ସଂଜ୍ଞା ଭାଷାନିରପେକ୍ଷ, ଯଥା - 'ଗୁଣ' ଏହା ସହଜରେ ବୁଝି ହୁଏ ନାହିଁ । ତେଣୁ ଏଗୁଡ଼ିକ ବୁଝିବା ଆବଶ୍ୟକ । ଆରମ୍ଭରୁ କେତୋଟି ପାରିଭାଷିକ ଶବ୍ଦ ସହ ପରିଚୟ ରହିଲେ ବ୍ୟାକରଣ ଅଧ୍ୟୟନ ସୁଗମ ହେବ ।

**୧ । ଅକଥିତ :** ଏହା ଏକ ପ୍ରକାର କର୍ମର ସଂଜ୍ଞା । ଦ୍ୱିକର୍ମକ ଧାତୁମାନଙ୍କର ଗୌଣକର୍ମକୁ ଅକଥିତ କର୍ମ କୁହାଯାଇପାରେ । ଉଦାହରଣ- ଗାଂ ପୟଃ ଦୋଗ୍ଧି । ଏଠାରେ 'ଗାଂ' ୨ୟା ବିଭକ୍ତି ଗୌଣ କର୍ମ, ପୟଃ ୨ୟା ବିଭକ୍ତି ମୁଖ୍ୟ କର୍ମ । ଗୋଃ (ଗାଈଠାରୁ) ବଦଳରେ ଗାଂ (ଗାଈକୁ) ୨ୟା ବିଭକ୍ତିର ପ୍ରୟୋଗ ବିଶେଷ ନିୟମ (ଅକଥିତ) ଅନୁସାରେ ହୋଇଅଛି ।

**୨ । ଅକର୍ମକ :** ଯେଉଁ କ୍ରିୟାର ଫଳ ଓ ବ୍ୟାପାର ଉଭୟ, ଗୋଟିଏକୁ ଆଶ୍ରୟ କରି ରହିଥାଏ ତାହାକୁ ଅକର୍ମକ ଧାତୁ କୁହାଯାଏ । ଯଥା:- ବାଳକଃ କ୍ରୀଡ଼ତି । ଏଠାରେ କ୍ରୀଡ୍ ଧାତୁ ଅକର୍ମକ ।

**୩ । ଅଚ୍ :** ପ୍ରଥମ ମାହେଶ୍ୱର ସୂତ୍ରର ପ୍ରଥମ ବର୍ଣ୍ଣ 'ଅ' ଏବଂ ଚତୁର୍ଥ ମାହେଶ୍ୱର ସୂତ୍ରର ଅନ୍ତିମ 'ଚ୍' କୁ ନେଇ 'ଅଚ୍' ଗଠିତ । ଅଇଉଣ୍ । ଋ ଌ କ୍ । ଏ ଓ ଙ୍ । ଐ ଔ ଚ୍ । ଅର୍ଥାତ୍ 'ଅ' ଠାରୁ 'ଚ୍' ପର୍ଯ୍ୟନ୍ତ । ଏହା ସ୍ୱରବର୍ଣ୍ଣର ବାଚକ ବା ଅନ୍ୟ ନାମ । ଏଣୁ ସ୍ୱର ସନ୍ଧି, ସ୍ୱରାନ୍ତ ଧାତୁ ଓ ସ୍ୱରାନ୍ତ ଶବ୍ଦକୁ ଅଚ୍ ସନ୍ଧି, ଅଜନ୍ତ ଧାତୁ ଓ ଅଜନ୍ତ ଶବ୍ଦ କୁହାଯାଏ ।

୪ । **ଅତ୍ୟନ୍ତ ସଂଯୋଗ :** କାଳ ଓ ମାର୍ଗର ବ୍ୟବଧାନ ରହିତ ଅବିଚ୍ଛିନ୍ନ ଅବସ୍ଥାକୁ ଅତ୍ୟନ୍ତ ସଂଯୋଗ କୁହାଯାଏ । ଉଦାହରଣ - ମାସଂ ପଠତି । (ମାସେ ବ୍ୟାପି ପଢୁଛି କୌଣସି ଦିନ ବନ୍ଦ କରିନାହିଁ ।)

୫ । **ଅଧିକରଣ :** କର୍ତ୍ତା ବା କର୍ମ ସହିତ ସମ୍ବନ୍ଧିତ କ୍ରିୟାର ଆଧାରକୁ ଅଧିକରଣ କୁହାଯାଏ । ଅଧିକରଣଠାରେ ସପ୍ତମୀବିଭକ୍ତିର ପ୍ରୟୋଗ ହୋଇଥାଏ ।

୬ । **ଅନଭିହିତ :** ସାଧାରଣତଃ ତିଙନ୍ତ, କୃଦନ୍ତ, ତଦ୍ଧିତ ଓ ସମସ୍ତପଦ ଦ୍ୱାରା କର୍ତ୍ତା, କର୍ମ ପ୍ରଭୃତି ଉକ୍ତ ହୋଇଥାନ୍ତି ଓ ସେମାନଙ୍କର ପ୍ରଥମା ବିଭକ୍ତିରେ ପ୍ରୟୋଗ ହୁଏ । ଏହା ବ୍ୟତୀତ ଅନ୍ୟ କାରକ ଓ ବିଭକ୍ତିରେ ଏହି ଅନଭିହିତ ବା ଅନୁକ୍ତ ପ୍ରୟୋଗ ହୁଏ ।

୭ । **ଅନୁନାସିକ :** ଯେଉଁ ବର୍ଣ୍ଣର ଉଚ୍ଚାରଣ ମୁଖ ଓ ନାସିକାର ମିଳିତ ସହାୟତାରେ ସଂଘଟିତ ହୁଏ ତାହାକୁ ଅନୁନାସିକ କହନ୍ତି ।

୮ । **ଆଗମ :** କୌଣସି ଶବ୍ଦ ବା ଧାତୁ ଅନ୍ତର୍ଗତ ବର୍ଣ୍ଣ ସମୀପରେ ଅନ୍ୟ ଅତିରିକ୍ତ ବର୍ଣ୍ଣର ଆଗମନକୁ ଆଗମ କହନ୍ତି । ଯଥା :- ସମ୍ + √କୃ + କ୍ତ(ତ) = ସମ୍ + ସ୍ (ଆଗମ) + √କୃ + କ୍ତ(ତ) = ସଂସ୍କୃତ । ବନସ୍ପତି (ସ୍) । ଏଠାରେ ବନ + ପତି = ସନ୍ଧି ନିୟମ ଅନୁସାରେ ନ ପରେ ସ୍ ଆଗମ ହୋଇ ବନସ୍ପତି ହୋଇଛି ।

୯ । **ଆତ୍ମନେପଦ :** ଯେଉଁ କ୍ରିୟା ବା ଧାତୁର ଫଳ କର୍ତ୍ତା ନିଜେ ଭୋଗକରେ ତାହାକୁ ଆତ୍ମନେପଦ ଧାତୁ କହନ୍ତି । ଯଥା– ରାମଃ ଧନଂ ଲଭତେ । (ଫଳ କର୍ତ୍ତୃଗାମୀ ହେଲେ ଧାତୁ ଆତ୍ମନେପଦୀ ହୁଏ । ମାତ୍ର ଏହି ନିୟମ ଅନିତ୍ୟ । ଯଥାର୍ଥ ବିଚାର ଲାଗି ୧ ।୩ ।୧୨ ଠାରୁ ୧ ।୩ ।୭୬ ପର୍ଯ୍ୟନ୍ତ ଥିବା ଅଷ୍ଟାଧ୍ୟାୟୀ ସୂତ୍ର ଦ୍ରଷ୍ଟବ୍ୟ ।)

୧୦ । **ଆଦେଶ :** ପ୍ରକ୍ରିୟାରେ କୌଣସି ବର୍ଣ୍ଣକୁ ହଟାଇ ତା ସ୍ଥାନରେ ଅନ୍ୟ ବର୍ଣ୍ଣର ସ୍ଥାପନକୁ ଆଦେଶ କୁହାଯାଏ । ଯଥା– ଦଧି + ଅତ୍ର = ଦଧ୍ୟତ୍ର ( ଇ ସ୍ଥାନରେ ଯ ହେବା) । 'ସ୍ଥା' ଧାତୁର ତିଷ୍ଠ ଓ ଦୃଶ୍ ଧାତୁରୁ ପଶ୍ୟ ଆଦେଶ ହୁଏ ।

୧୧ । **ଉପପଦ ବିଭକ୍ତି :** କେତେକ ପଦର ପ୍ରୟୋଗକୁ କେନ୍ଦ୍ର କରି ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ବିଭକ୍ତିର ପ୍ରୟୋଗ ହୁଏ ସେହି ବିଭକ୍ତିକୁ ସେତେବେଳେ ଉପପଦ ବିଭକ୍ତି କୁହାଯାଏ । ଯଥା– ଇନ୍ଦ୍ରାୟ ପୁଷ୍ପାଣି ବଷଟ୍, ବଷଟ୍ ଶବ୍ଦଯୋଗରେ 'ଇନ୍ଦ୍ରାୟ' ୪ର୍ଥୀ ବିଭକ୍ତି । ଧାତୁ ବା କାରକ ବ୍ୟତୀତ ଅନ୍ୟ ଶବ୍ଦ ଯୋଗରେ ଯେଉଁ ବିଭକ୍ତି ବିଧାନ ହୁଏ, ତାହାକୁ ଉପପଦ ବିଭକ୍ତି କହନ୍ତି । ଯଥା– ନମଃ ଶିବାୟ, ଧନଂ ବିନା ସୁଖଂ ନାସ୍ତି ।

୧୨ । **ଉପସର୍ଗ :** ଧାତୁ ପୂର୍ବରୁ ଏବଂ ବିଶେଷ ଅର୍ଥରେ ବ୍ୟବହୃତ ହେଉଥିବା କେତେକ ଅବ୍ୟୟ ପଦକୁ ଉପସର୍ଗ କହନ୍ତି । ଯଥା– ପ୍ର, ପରା, ଅପ, ସମ୍, ଅନୁ, ଅବ, ନିସ୍, ନିର୍, ଦୁସ୍, ଦୁର୍, ଅଭି, ବି, ଅଧି, ସୁ, ଉଦ୍, ଅତି, ନି, ପ୍ରତି, ପରି, ଅପି, ଉପ, ଆ (ଆଙ୍) । ଉଦାହରଣ– ଅନୁଗଚ୍ଛତି, ପ୍ରଭବତି, ପୁତ୍ରଃ ପିତୁଃ ପ୍ରତି ।

୧୩ । **କର୍ମପ୍ରବଚନୀୟ :** ଏଠାରେ କର୍ମ ଶବ୍ଦର ଅର୍ଥ କ୍ରିୟା । ଯେଉଁ ଉପସର୍ଗଗୁଡ଼ିକ ସ୍ଥଳବିଶେଷରେ କ୍ରିୟାକୁ ପ୍ରକାଶ ନ କରି ବିଶେଷ୍ୟ ପଦକୁ ନିୟନ୍ତ୍ରିତ କରିଥାନ୍ତି ସେଗୁଡ଼ିକ କର୍ମପ୍ରବଚନୀୟ । ନରାଃ ଦେବାନ୍ ଅନୁ ।

୧୪ । **ଗଣ :** ଯେଉଁ ଯେଉଁ ଶବ୍ଦ ବା ଧାତୁଙ୍କର ସମାନ ବ୍ୟାକରଣଗତ କାର୍ଯ୍ୟ ହୁଏ ସେମାନଙ୍କୁ ଗୋଟିଏ ଗୋଟିଏ ସ୍ଥାନରେ ଏକତ୍ରକରି ରଖାଯାଇଥାଏ । ଯଥା :- 'ସର୍ବ' ଶବ୍ଦକୁ ଆଦି କରି ସର୍ବାଦିଗଣ ଓ √ଭୂ କୁ ଆଦିକରି ଭ୍ୱାଦିଗଣ ଗଠିତ ।

୧୫ । **ଗୁଣ :** ଅକାର (ଅର୍), ଏକାର ଏବଂ ଓକାରକୁ ଗୁଣ କହନ୍ତି । ସ୍ୱରର ଗୁଣ ହୁଏ କହିଲେ ଇ, ଈ ସ୍ଥାନରେ ଏ, ଉ-ଊ ସ୍ଥାନରେ ଓ, ଋ-ୠ ସ୍ଥାନରେ ଅର୍ ଏବଂ ଌ ସ୍ଥାନରେ ଅଲ୍ ହେବାକୁ ବୁଝାଏ । ଯଥା :- ଦେବ + ଋଷିଃ = ଦେବର୍ଷିଃ । ଏଠାରେ 'ଋ'ର 'ଅର୍' ଗୁଣ ହୋଇଛି । ବିଦ୍ + ଘଞ୍ = ବେଦଃ । ଏଠାରେ ବିଦ୍ 'ଇ' କାରର 'ଏ'କାର ଗୁଣ ହୋଇଛି । ଚୁର୍ + ଣିଚ୍ = ଚୋରୟତି । ଏଠାରେ ଚୁର୍ 'ଉ' କାରର 'ଓ' କାର ଗୁଣ ହୋଇଛି ।

୧୬ । **ଗୁରୁ :** ସଂଯୁକ୍ତ ବର୍ଣ୍ଣର ପୂର୍ବବର୍ତ୍ତୀ ହ୍ରସ୍ୱବର୍ଣ୍ଣ, ଦୀର୍ଘସ୍ୱର, ଦୀର୍ଘସ୍ୱରଯୁକ୍ତ ବର୍ଣ୍ଣ, ଅନୁସ୍ୱାରଯୁକ୍ତ ଓ ବିସର୍ଗଯୁକ୍ତ ବର୍ଣ୍ଣ ଗୁରୁ ସଂଜ୍ଞକ ।

**୧୭ । ଟି :** ଶବ୍ଦର ଅନ୍ତ୍ୟସ୍ୱରକୁ 'ଟି' କହନ୍ତି । ତା'ପରେ ବ୍ୟଞ୍ଜନ ଥିଲେ, ଅନ୍ତ୍ୟସ୍ୱର ଓ ବ୍ୟଞ୍ଜନ ମିଶି 'ଟି' ବୋଲାନ୍ତି । ଯଥା :- ରାଜନ୍ ଶବ୍ଦର (ର୍ + ଆ + ଜ୍ + ଅ + ନ୍) ଅନ୍ତ୍ୟସ୍ୱର ଅ ଏବଂ ତତ୍ପରବର୍ତ୍ତୀ ନ୍ ଅର୍ଥାତ୍ 'ରାଜନ୍' ର 'ଅନ୍' ଅଂଶଟି ହେଉଛି 'ଟି' । କିନ୍ତୁ 'ରାମ' ଶବ୍ଦରେ ଅନ୍ତ୍ୟସ୍ୱର (ର + ଆ + ମ୍ + ଅ) 'ଅ' ହେଉଛି 'ଟି' ।

**୧୮ । ତଦ୍ଧିତ :** ପ୍ରାତିପଦିକରେ ଯୁକ୍ତ ହୋଇ ନୂତନ ଶବ୍ଦ ସୃଷ୍ଟି କରୁଥିବା ଅ, ଇ, ତା ପ୍ରଭୃତି ପ୍ରତ୍ୟୟ ଗୁଡ଼ିକୁ ତଦ୍ଧିତ ପ୍ରତ୍ୟୟ କୁହାଯାଏ । ଯଥା :- ଦଶରଥ + ଇ = ଦାଶରଥିଃ ।

**୧୯ । ତିଙ୍ :** ଯେଉଁ ପ୍ରତ୍ୟୟ ଗୁଡ଼ିକ ମୂଳଧାତୁ ସହ ଯୁକ୍ତହୋଇ ସିଧାସଳଖ କ୍ରିୟାପଦ ନିର୍ମାଣ କରିଥାନ୍ତି ସେମାନଙ୍କୁ ସଂକ୍ଷେପରେ ତିଙ୍ ବୋଲି କୁହାଯାଏ । ଅଷ୍ଟାଧ୍ୟାୟୀର ୩।୪।୭୮ ସୂତ୍ରର ପ୍ରଥମ ଓ ଅନ୍ତିମ ବର୍ଣ୍ଣକୁ ନେଇ ତିଙ୍ ପ୍ରତ୍ୟାହାର ଗଠିତ ଏବଂ ଏଥିରେ ଥିବା ମୋଟ୍ ୧୮ଟି ପ୍ରତ୍ୟୟ ମଧ୍ୟରୁ ପ୍ରଥମ ୯ଟି ପରସ୍ମୈପଦୀ ଓ ଶେଷ ୯ଟି ଆତ୍ମନେପଦୀ ଧାତୁରେ ଲାଗିଥାନ୍ତି ।

**୨୦ । କୃତ୍ :** ଧାତୁ ସହ ଯୁକ୍ତହୋଇ ସଂଜ୍ଞାପଦ, ବିଶେଷଣପଦ, ଅବ୍ୟୟପଦ ନିର୍ମାଣ କରୁଥିବା ତିଙ୍‌ଭିନ୍ନ ପ୍ରତ୍ୟୟମାନଙ୍କୁ କୃତ୍ ପ୍ରତ୍ୟୟ କୁହାଯାଏ । ଏହି ପ୍ରତ୍ୟୟଗୁଡ଼ିକ ହେଲେ- ଶତୃ, ଶାନଚ୍, ଣ୍ୟତ୍, କ୍ତ, କ୍ତବତୁ, କ୍ତ୍ୱା ଇତ୍ୟାଦି ଏବଂ ଏତଦ୍ୱାରା ନିର୍ମିତ ପଦଗୁଡ଼ିକ ଧାତୁମୂଳକ ।

**୨୧ । ପଦ :** ବିଭକ୍ତି ଚିହ୍ନ ଲାଗିଥିବା ଶବ୍ଦ, ଧାତୁ ରୂପ ଏବଂ ଅବ୍ୟୟ ଗୁଡ଼ିକୁ ପଦ କହନ୍ତି ।

**୨୨ । ପ୍ରକୃତି :** ମୂଳ ପ୍ରାତିପଦିକ ବା ଧାତୁ ଯେଉଁଥିରେ ପ୍ରତ୍ୟୟ ଯୋଗକରି ପଦ ନିର୍ମାଣ କରାଯାଏ ସେଗୁଡ଼ିକୁ 'ପ୍ରକୃତି' କହନ୍ତି । ଯଥା :- 'ରାମଃ' ପଦରେ 'ରାମ' ଓ 'ପଠତି' ପଦରେ 'ପଠ୍' ।

**୨୩ । ପ୍ରତ୍ୟୟ :** ପ୍ରକୃତି ସହ ଯୁକ୍ତ ହୋଇ ଯେଉଁମାନେ ପଦ ନିର୍ମାଣରେ ସହାୟତା କରିଥାନ୍ତି ସେଗୁଡ଼ିକ ପ୍ରତ୍ୟୟ ପଦବାଚ୍ୟ । ଏଗୁଡ଼ିକ ସାଧାରଣତଃ ମୂଳ ପ୍ରକୃତିର ପରେ ଯୁକ୍ତ ହୋଇଥାନ୍ତି । ଏହି ପ୍ରତ୍ୟୟ ପାଞ୍ଚ ପ୍ରକାର । ଯଥା :- ବିଭକ୍ତି, କୃତ୍, ତଦ୍ଧିତ, ସ୍ତ୍ରୀ ପ୍ରତ୍ୟୟ ଓ ଧାତ୍ୱବୟବ ।

**୨୪ । ପ୍ରାତିପଦିକ :** ବିଭକ୍ତି ଚିହ୍ନ ଲାଗିନଥିବା ଯେକୌଣସି ଶବ୍ଦକୁ ପ୍ରାତିପଦିକ କହନ୍ତି । ପ୍ରତ୍ୟୟ, ପ୍ରତ୍ୟୟାନ୍ତ ଓ ଧାତୁଭିନ୍ନ ଅର୍ଥଯୁକ୍ତ ବସ୍ତୁବାଚକ ବା ବସ୍ତୁର ବିଶେଷଣ ବାଚକ ଶବ୍ଦ ସ୍ୱରୂପକୁ ପ୍ରାତିପଦିକ କୁହାଯାଏ । ଯଥା :- ଚନ୍ଦ୍ର, ଜଳ, ବାୟୁ, ଦୃଢ଼, ପ୍ରବଳ, ନୂତନ ଇତ୍ୟାଦି ।

**୨୫ । ସ୍ତ୍ରୀ ପ୍ରତ୍ୟୟ :** ସ୍ତ୍ରୀଲିଙ୍ଗାନ୍ତ ଶବ୍ଦ ନିର୍ମାଣ ପାଇଁ ଆ, ଈ ପ୍ରଭୃତି ଯେଉଁ ସମସ୍ତ ପ୍ରତ୍ୟୟ ଯୋଗ କରାଯାଏ ସେଗୁଡ଼ିକ ସ୍ତ୍ରୀ ପ୍ରତ୍ୟୟ । ଯଥା:- ଚଟକ + ଆ(ଟାପ୍) = ଚଟକା । ଦେବ + ଙୀପ୍(ଈ) ଦେବୀ ।

**୨୬ । ବୃଦ୍ଧି :** 'ଆ' 'ଐ', 'ଔ' କୁ ବୃଦ୍ଧି କୁହାଯାଏ । ସ୍ୱରର ବୃଦ୍ଧି ହୁଏ କହିଲେ ଅ ସ୍ଥାନରେ ଆ, ଇ-ଈ-ଏ ସ୍ଥାନରେ ଐ, ଉ-ଊ- ଓ ସ୍ଥାନରେ ଔ, ଋ-ୠ ସ୍ଥାନରେ ଆର୍ ଏବଂ ଌ ସ୍ଥାନରେ ଆଲ୍ ହେବା ବୁଝାଏ । ଯଥା :- ସତ୍ତ୍ୱ + ଇକ = ସାତ୍ତ୍ୱିକ, ନୀତି + ଇକ = ନୈତିକ । ବୁଦ୍ଧି + ଇକ = ବୌଦ୍ଧିକ ।


**୨୭ । ସବର୍ଣ୍ଣ :** ଯେଉଁ ସକଳ ବର୍ଣ୍ଣର ଉଚ୍ଚାରଣ ସ୍ଥାନ ସମାନ ଏବଂ ଯାହାଙ୍କର ଉଚ୍ଚାରଣରେ ସମାନ ପ୍ରଯତ୍ନର ପ୍ରୟୋଜନ; ସେମାନେ ପରସ୍ପର ସବର୍ଣ୍ଣ । ଯେପରି ଅ-ଆ, ଇ-ଈ, କ-ଖ-ଗ ଏମାନେ ପରସ୍ପର ସବର୍ଣ୍ଣ ।

**୨୮ । ଉପଧା :** ଅନ୍ତ୍ୟବର୍ଣ୍ଣର ପୂର୍ବ ବର୍ଣ୍ଣକୁ ଉପଧା କୁହାଯାଏ । ଯଥା :- ରାମ ଶବ୍ଦରେ ଅନ୍ତ୍ୟ 'ଅ'ର ପୂର୍ବବର୍ତ୍ତୀ 'ମ୍' ହେଉଛି ଉପଧା ।

**୨୯ । ସମ୍ପ୍ରସାରଣ :** ଯ, ବ୍, ର୍, ଲ୍ ସ୍ଥାନରେ ଯଥାକ୍ରମେ ଇ, ଉ, ଋ, ଌ ହେବାର ନାମ ସମ୍ପ୍ରସାରଣ । ଯଥା :- ବଚ୍ → ଉବାଚ, ଅଧି + ବସ୍ + କ୍ତ = ଅଧ୍ୟୁଷିତ

# ପଦ ପ୍ରକରଣ

କୌଣସି ଅର୍ଥ ପ୍ରକାଶ କରୁଥିବା ଏକ ବା ଏକାଧିକ ବର୍ଣ୍ଣର ସମଷ୍ଟିକୁ ଶବ୍ଦ ବା ପ୍ରକୃତି କୁହାଯାଏ । ଏହି ପ୍ରକୃତି ଦୁଇ ପ୍ରକାରର । ବସ୍ତୁବାଚକ କିମ୍ବା ବସ୍ତୁର ବିଶେଷଣ ବାଚକ ପ୍ରକୃତିକୁ 'ନାମ' ବା 'ପ୍ରାତିପଦିକ' ଏବଂ କ୍ରିୟାବାଚକ ପ୍ରକୃତିକୁ 'ଧାତୁ' କହନ୍ତି । ପ୍ରାତିପଦିକ ଓ ଧାତୁରେ ପ୍ରତ୍ୟୟ ଯୋଗ କରାଯାଇ ପଦ ନିର୍ମାଣ କରାଯାଏ । ଏହି ପ୍ରତ୍ୟୟକୁ ବିଭକ୍ତି ପ୍ରତ୍ୟୟ କହନ୍ତି । ପ୍ରାତିପଦିକରୁ ଉତ୍ତର 'ସୁପ୍' ନାମକ ବିଭକ୍ତି ପ୍ରତ୍ୟୟ ଯୋଗରେ ସୁବନ୍ତ (ସୁପ୍ +ଅନ୍ତ) ପଦ ଓ ଧାତୁରୁ ଉତ୍ତର ତିଙ୍ ପ୍ରତ୍ୟୟ ଯୋଗରେ ତିଙନ୍ତ (ତିଙ୍+ଅନ୍ତ) ପଦମାନ ଗଢ଼ାଯାଏ । ବାକ୍ୟର ବିଶ୍ଳେଷଣ ଦ୍ୱାରା ପଦର ଓ ପଦର ବିଶ୍ଳେଷଣ ଦ୍ୱାରା ପ୍ରକୃତି ପ୍ରତ୍ୟୟର ବୋଧ ହୁଏ । 'ସୁପ୍ତିଙନ୍ତଂ ପଦମ୍' ଓ 'ଅପଦଂ' ନ ପ୍ରଯୁଞ୍ଜୀତ' ନ୍ୟାୟରେ ବାକ୍ୟରେ ବ୍ୟବହାର ଲାଗି 'ପଦ' ଉଦ୍ଦିଷ୍ଟ, ଶବ୍ଦ ନୁହେଁ । ବାକ୍ୟସ୍ଥିତ ପଦଗୁଡ଼ିକ ଦୁଇଭାଗରେ ବିଭକ୍ତ । (୧) ସୁବନ୍ତପଦ (ବିଶେଷ୍ୟ, ବିଶେଷଣ, ସର୍ବନାମ ଓ ଅବ୍ୟୟ), (୨) ତିଙନ୍ତ ପଦ (କ୍ରିୟା) ।




ଉଦାହରଣ – ମଧୁଃ ଗାୟତି ।

ବିଶ୍ଳେଷଣ – ମଧୁଃ → ମଧୁ (ପ୍ରକୃତି), ବିସର୍ଗ (ସୁ) ପ୍ରତ୍ୟୟ ।

ଗାୟତି → $\sqrt{}$ଗୈ (ପ୍ରକୃତି), ତି (ତିପ୍) ପ୍ରତ୍ୟୟ ।

**ବିଶେଷ୍ୟ ଓ ବିଶେଷଣ :**

ଯେଉଁ ପଦଦ୍ୱାରା କୌଣସି ବସ୍ତୁ, ବ୍ୟକ୍ତି, ଜାତି, ଗୁଣ ବା କ୍ରିୟାର ବୋଧହୁଏ ତାହାକୁ ବିଶେଷ୍ୟ ପଦ କହନ୍ତି ।[୧]

(କ) ବସ୍ତୁବାଚକ – ଘଟଃ, ସୁବର୍ଣ୍ଣମ୍, ବସ୍ତ୍ରମ୍, ଶିଳା

(ଖ) ବ୍ୟକ୍ତିବାଚକ – ରାମଃ, ହିମାଳୟଃ, ଗଙ୍ଗା

(ଗ) ଜାତିବାଚକ – ନରଃ, ପଶୁଃ, ପକ୍ଷୀ, ନଦୀ

(ଘ) ଗୁଣବାଚକ – ଗୁରୁତ୍ୱମ୍, ଧୈର୍ଯ୍ୟମ୍, ସାଧୁତା

(ଙ) କ୍ରିୟାବାଚକ – ଗମନମ୍, ଶ୍ରବଣମ୍, ଶୟନମ୍ ।

---

୧ । ଗୁଣାଦିଭିଃ ଯଦ୍‌ଭେଦ୍ୟଂ ତଦ୍ ବିଶେଷ୍ୟମୁଦାହୃତମ୍ ।

ଯେଉଁ ପଦଦ୍ୱାରା ବିଶେଷ୍ୟର ଗୁଣ, ଅବସ୍ଥା ଓ ସଂଖ୍ୟା ପ୍ରଭୃତି ପ୍ରକାଶିତ ହୁଏ ତାହାକୁ ବିଶେଷଣ ପଦ କହନ୍ତି । କୌଣସି ବିଶେଷଣ ପଦର ପ୍ରୟୋଗ ଦ୍ୱାରା ବିଶେଷ୍ୟର ସ୍ୱତଃ ବୋଧ ହେଉଥିଲେ ସେଠାରେ ବିଶେଷ୍ୟର ପ୍ରୟୋଗ ଐଚ୍ଛିକ ।[୧]

ଯଥା :- ଦରିଦ୍ରାଃ (ଦରିଦ୍ରାଃ ଜନାଃ) ଦୁଃଖଶତାନି ସହନ୍ତେ ।

ବିଶେଷଣ ବିଶେଷ୍ୟ, ସର୍ବନାମ, ଅବ୍ୟୟ ଓ କ୍ରିୟାକୁ ବିଶେଷିତ କରିଥାଏ । ବିଶେଷ୍ୟ ପଦର ଯେଉଁ ଲିଙ୍ଗ, ଯେଉଁ ବିଭକ୍ତି ଓ ଯେଉଁ ବଚନ ଥାଏ ବିଶେଷଣ ପଦର ସେହି ଲିଙ୍ଗ, ସେହି ବିଭକ୍ତି ଓ ସେହି ବଚନ ହୁଏ ।[୨]

ଯଥା :- ଚିତ୍ରଃ ପଟଃ, ଚିତ୍ରା ଶାଟୀ, ଚିତ୍ରଂ ବସ୍ତ୍ରମ୍ ।

କେତେକ ସ୍ଥଳରେ ଏଥିରେ ବ୍ୟତିକ୍ରମ ଦେଖାଯାଏ ।

ଯଥା :- ବେଦାଃ ପ୍ରମାଣମ୍, ସନ୍ତାନାଃ ମାତୁଃ ସ୍ନେହସ୍ୟ ଆସ୍ପଦମ୍, ଲୋଭଃ ପାପସ୍ୟ କାରଣମ୍, ଘୃତମ୍ ଆୟୁଷଃ ହେତୁଃ, ସଃ ସର୍ବେଷାଂ ବିଶ୍ୱାସଭାଜନମ୍, ଜଗନ୍ନାଥଃ ଶରଣମ୍ । ଏଠାରେ ବିଶେଷ୍ୟର ଲିଙ୍ଗ ଅନୁସାରେ ବିଶେଷଣ ଶବ୍ଦଗୁଡ଼ିକର ଲିଙ୍ଗର ପରିବର୍ତ୍ତନ ହେଉ ନ ଥିବାରୁ ସେଗୁଡ଼ିକ ନିୟତ ଲିଙ୍ଗ ବିଶିଷ୍ଟ ।

ବିଶେଷଣ ଯଦି ବିଶେଷ୍ୟର ସମାନ ବିଭକ୍ତି ଗ୍ରହଣ କରିଥାଏ ତେବେ ତାହାକୁ **ସମାନାଧିକରଣ ବିଶେଷଣ** ଏବଂ ଯଦି ଭିନ୍ନ ବିଭକ୍ତିକୁ ଗ୍ରହଣ କରିଥାଏ ତେବେ ତାହାକୁ **ବ୍ୟଧିକରଣ ବିଶେଷଣ** କହନ୍ତି । ରାମସ୍ୟ ଗୃହମ୍, ଗଙ୍ଗାୟାଃ ଜଳମ୍, ତିଳେ ତୈଳମ୍, କୁଠାରେଣ ଛେଦନମ୍ ଇତ୍ୟାଦି ସ୍ଥଳରେ ରାମ, ଗଙ୍ଗା, ତିଳ, କୁଠାର- ଏହି ବିଶେଷଣଗୁଡ଼ିକ ବିଶେଷ୍ୟର ସମାନ ବିଭକ୍ତି ଗ୍ରହଣ କରିନଥିବାରୁ ଏଗୁଡ଼ିକ ବ୍ୟଧିକରଣ ବିଶେଷଣ ।

ବିଶେଷଣର ବିଶେଷଣ -

ଅଳ୍ପମ୍ ଉଷ୍ଣଂ ଦୁଗ୍ଧମ୍ । ଅଧିକଂ ଶୀତଳଂ ଜଳମ୍ ।

ସର୍ବନାମର ବିଶେଷଣ -

ଅଧାର୍ମିକଃ ସଃ । ଧାର୍ମିକଃ ତ୍ୱମ୍ ।

ଅବ୍ୟୟର ବିଶେଷଣ -

ରମଣୀୟଂ ପ୍ରାତଃ । ବହୁ ମିଥ୍ୟା ।

କ୍ରିୟାର ବିଶେଷଣ -

ମଧୁରଂ ଗାୟତି । ମୃଦୁ ହସତି ।

**କ୍ରିୟା ଓ ଅବ୍ୟୟର ବିଶେଷଣ କ୍ଳୀବଲିଙ୍ଗ ଓ ଏକବଚନାନ୍ତ ହୁଏ ।**

## ସର୍ବନାମ

ଯେଉଁ ପଦଗୁଡ଼ିକ ବିଶେଷ୍ୟ-ବିଶେଷଣ ପ୍ରଭୃତିର ବଦଳରେ ବ୍ୟବହୃତ ହୁଅନ୍ତି ସେହି ସର୍ବ, ବିଶ୍ୱ ପ୍ରଭୃତି ୩୩ଟି ଶବ୍ଦକୁ ସର୍ବନାମ କହନ୍ତି । ସେଗୁଡ଼ିକ ହେଲେ- ସର୍ବ, ବିଶ୍ୱ, ଉଭ, ଉଭୟ, ଅନ୍ୟ, ଅନ୍ୟତର, ଇତର, ତ୍ୱତ୍, ତ୍ୱ, ନେମ, ସମ, ସିମ, ପୂର୍ବ, ପର, ଅବର, ଦକ୍ଷିଣ, ଉତ୍ତର, ଅପର, ସ୍ୱ, ଅନ୍ତର, ତ୍ୟଦ୍, ତଦ୍, ଯଦ୍, ଏତଦ୍, ଇଦମ୍, ଅଦସ୍, ଏକ, ଦ୍ୱି, ଯୁଷ୍ମଦ୍, ଅସ୍ମଦ୍, ଭବତୁ (ଭବତ୍) ଓ କିମ୍ । ଏତଦ୍‌ଭିନ୍ନ ଡତର ଓ ଡତମ ପ୍ରତ୍ୟୟାନ୍ତ ପଦ ସର୍ବନାମ ।

---

୧ । ବିଶେଷଣମାତ୍ର-ପ୍ରୟୋଗୋ ବିଶେଷ୍ୟପ୍ରତିପତ୍ତୌ ।

୨ । ବିଶେଷ୍ୟସ୍ୟ ହି ଯଲ୍ଲିଙ୍ଗଂ ବିଭକ୍ତି-ବଚନେ ଚ ଯେ- ତାନି ସର୍ବାଣି ଯୋଜ୍ୟାନି ବିଶେଷଣପଦେଷ୍ୱପି ।

## ସର୍ବନାମର ବ୍ୟବହାର :

(କ) ଈଶ୍ୱରଃ ସର୍ବସ୍ୟ କର୍ତ୍ତା, ସଃ ତୁ ତସ୍ୟ ରକ୍ଷକୋଽପି । ଏଠାରେ 'ସଃ' ଓ 'ତସ୍ୟ' ସର୍ବନାମଦ୍ୱୟ ଯଥାକ୍ରମେ ବିଶେଷ୍ୟ-ଈଶ୍ୱର ଓ ସର୍ବନାମ-ସର୍ବ ସ୍ଥାନରେ ବ୍ୟବହୃତ ହୋଇଅଛି ।

(ଖ) ଗଙ୍ଗାୟାଃ ଜଳଂ ସ୍ୱାସ୍ଥ୍ୟକରମ୍, ଅତଃ ଜନାଃ ତସ୍ୟାଃ ଜଳେ ସ୍ନାନଂ କୁର୍ବନ୍ତି ।
ଏଠାରେ 'ତସ୍ୟାଃ' ସର୍ବନାମ ପଦଟି 'ଗଙ୍ଗାୟାଃ' ବିଶେଷଣ ପଦ ସ୍ଥାନରେ ବ୍ୟବହୃତ ।

(ଗ) ପ୍ରାତଃ ଶଯ୍ୟା ତ୍ୟାଜ୍ୟା, ତସ୍ମିନ୍ ଈଶ୍ୱରସ୍ମରଣମପି କାର୍ଯ୍ୟମ୍ । ଏଠାରେ 'ତସ୍ମିନ୍' ଏହି ସର୍ବନାମ 'ପ୍ରାତଃ' ଏହି ଅବ୍ୟୟ ସ୍ଥାନରେ ବ୍ୟବହୃତ ।

(ଘ) 'ଅହଂ ଯଥାନିୟମଂ ରାଜ୍ୟଂ ପାଳୟିଷ୍ୟାମି' ଏତତ୍ ଉକ୍ତ୍ୱା ମନ୍ତ୍ରୀ ଶପଥଂ କୃତବାନ୍ । ଏଠାରେ 'ଏତତ୍' ଏହି ସର୍ବନାମ 'ଅହଂ.... ପାଳୟିଷ୍ୟାମି' ଏହି ବାକ୍ୟ ବଦଳରେ ବ୍ୟବହୃତ ହୋଇଅଛି ।

## ଅବ୍ୟୟ :

ତିନିଲିଙ୍ଗ, ତିନିବଚନ ଓ ସାତ ବିଭକ୍ତିରେ ଯେଉଁ ଶବ୍ଦ ଏକାପରି ରହେ ତାହା ଅବ୍ୟୟ ପଦ ।[୧]

(କ) ଅତଃ, ତତ୍ର, ଇହ, ସଦା, ଅଧୁନା, ଇଦାନୀମ୍, ତର୍ହି, ଯଥା, ଇତ୍ଥମ୍, ପୁରସ୍ତାତ୍, ପୁରଃ, ଦ୍ୱିଧା ଇତ୍ୟାଦି ଅବ୍ୟୟ ପଦ ।

(ଖ) ଅବ୍ୟୟୀଭାବ ସମାସ ଅବ୍ୟୟ ହୁଏ । ଯଥା :- ଉପକୂଳମ୍, ଯଥାଶକ୍ତି ପ୍ରଭୃତି ।

(ଗ) ପ୍ର, ପରା, ଅପ, ସମ୍, ଅନୁ, ଅବ, ନିର୍, ନିସ୍, ଦୁସ୍, ଦୁର୍, ବି, ନି, ଆଙ୍, ଅଧି, ଅପି, ଅତି, ସୁ, ଉଦ୍, ଅଭି, ପ୍ରତି, ପରି, ଉପ - ଏହି ୨୨ଟି ଶବ୍ଦ କ୍ରିୟା ସଂଯୋଗରେ ଉପସର୍ଗ ବୋଲାନ୍ତି ।
ସମୟ ସମୟରେ ଏଗୁଡ଼ିକ ଅବ୍ୟୟ ରୂପେ ବ୍ୟବହୃତ ହୁଅନ୍ତି ।

(ଘ) କ୍ତ୍ୱା, ଲ୍ୟପ୍ ପ୍ରଭୃତି କେତେକ କୃତ୍ ପ୍ରତ୍ୟୟାନ୍ତ ପଦ ଅବ୍ୟୟ ।

### କେତେକ ଅବ୍ୟୟର ପ୍ରୟୋଗ

ଆଙ୍ (ସୀମା) - ଅୟଂ ପନ୍ଥାଃ ଆସମୁଦ୍ରଂ (ସମୁଦ୍ର ପର୍ଯ୍ୟନ୍ତ) ଗଚ୍ଛତି ।
(ବ୍ୟାପ୍ତି) - ଆକୀଟଂ (କୀଟପତଙ୍ଗପର୍ଯ୍ୟନ୍ତ ବ୍ୟାପି) ସର୍ବେଷାଂ ଜୀବାନାଂ ସୁଖେଚ୍ଛା ଅସ୍ତି ।

ହ୍ୟଃ (ଗତକାଲି) - ହ୍ୟଃ ସଭା ଅଭବତ୍ ।

ବା (ବିକଳ୍ପେ) - ଛାତ୍ରଃ ପଠତି ବା ?

ଶ୍ୱଃ (ଆସନ୍ତାକାଲି) - ଶ୍ୱଃ ସୋମବାସରଃ ।

ଅଦ୍ୟ (ଆଜି) - ଅଦ୍ୟ ରବିବାସରଃ ।

ପରଶ୍ୱଃ (ଆସନ୍ତା ପରଦିନ) - ପରଶ୍ୱଃ ମଙ୍ଗଳବାସରଃ ।

ନୂନମ୍ (ନିଶ୍ଚୟ) - ଅହଂ ନୂନଂ ଗମିଷ୍ୟାମି ।

ଜାତୁ (କଦାଚିତ୍) - ନ ଜାତୁ ଦୁଃଖଂ ଗଣନୀୟମ୍ ।

ସୁଷ୍ଠୁ (ଭଲ ଭାବରେ) - ଅୟଂ ବାଳକଃ ସୁଷ୍ଠୁ ପଠତି ।

---

୧ । ସଦୃଶଂ ତ୍ରିଷୁ ଲିଙ୍ଗେଷୁ ସର୍ବାସୁ ଚ ବିଭକ୍ତିଷୁ ।
ବଚନେଷୁ ଚ ସର୍ବେଷୁ ଯନ୍ନବ୍ୟେତି ତଦବ୍ୟୟମ୍ ॥

ଇବ (ପରି) – ରାମଃ ଇବ ରାଜା ନାସ୍ତି ।
ଏବ (ନିଶ୍ଚୟ, ହିଁ) – ସତ୍ୟମ୍ ଏବ ଜୟତେ ।
ପ୍ରାୟଃ (ପ୍ରାୟ) – ପ୍ରାୟଃ ଜନାଃ ସ୍ୱାର୍ଥପରାଃ ।
ପୁରା (ପୂର୍ବେ) – ପୁରା ଖାରବେଳଃ ଉତ୍କଳେ ରାଜା ଆସୀତ୍ ।
ବହିଃ (ବାହାରେ) – ଗୃହାଦ୍ ବହିଃ ଶିଶୁଃ ଖେଳତି ।
ଅନ୍ତଃ (ମଧ୍ୟରେ) – ସମୁଦ୍ରସ୍ୟ ଅନ୍ତଃ ରତ୍ନାନି ସନ୍ତି ।
ଋତେ (ବିନା) – ପରିଶ୍ରମାତ୍ ଋତେ ବିଦ୍ୟା ନ ଭବତି ।
ସହ / ସମମ୍ / ସାକମ୍ / ସାର୍ଦ୍ଧମ୍ – (ସହିତ) କ୍ଷୀରେଣ ସହ / ସମମ୍ / ସାକମ୍ / ସାର୍ଦ୍ଧଂ ଲବଣଂ ନ ଭକ୍ଷୟେତ୍ ।
ଦିଷ୍ଟ୍ୟା (ସୌଭାଗ୍ୟବଶତଃ) – ଦିଷ୍ଟ୍ୟା ସଃ ବିପଦଃ ମୁକ୍ତଃ ।
ବୃଥା – (ଅକାରଣରେ) – ବୃଥା କାଳକ୍ଷେପଃ ନ କରଣୀୟଃ ।
ଆରାତ୍ (ଦୂର ବା ନିକଟ) – ଗ୍ରାମାତ୍ ଆରାତ୍ ନଦୀ ପ୍ରବହତି ।
ମନାକ୍ (ଅଳ୍ପ) – ମନାକ୍ କଷ୍ଟଂ କରୋତୁ ।
ଅପି (ମଧ୍ୟ) – ତ୍ୱମ୍ ଅପି ପଠିଷ୍ୟସି ।
ମୃଷା (ମିଥ୍ୟା) – କଥଂ ମୃଷା ବଦସି ?
ମିଥ୍ୟା (ମିଥ୍ୟା) – ମିଥ୍ୟା ମା କଥୟ ।
ଅଳମ୍ (ନିଷେଧ) – ଅଳଂ ବିଳମ୍ବେନ ।
(ସମର୍ଥ) – ଈଶ୍ୱରକଥା ପାପାନାଂ ନାଶାୟ ଅଳମ୍ ।
(ଭୂଷଣ) – ଅତିଥିଃ ଆସନମ୍ ଅଳଙ୍କରୋତି ।
ତିରସ୍ (ନିନ୍ଦାକରିବା) – ନ କମପି ତିରସ୍କୁର୍ଯ୍ୟାତ୍ ।
ଶଶ୍ୱତ୍ (ସର୍ବଦା) – ଆତ୍ମା ଶଶ୍ୱତ୍ ତିଷ୍ଠତି ।
(ପୁନଃ ପୁନଃ) – ବିଦ୍ୟା ଶଶ୍ୱତ୍ ଅଭ୍ୟସନୀୟା ।
ସକୃତ୍ (ଥରେ) – ସକୃତ୍ ଗୀତାଂ ପଠେତ୍ ।
ଦିବା (ଦିନ) – ଦିବା ଶୟନମ୍ ଅନୁଚିତମ୍ ।
ନକ୍ତମ୍ (ରାତ୍ରି) – ନକ୍ତଂ ନକ୍ଷତ୍ରାଣି ପଶ୍ୟ ।
ସମୟା – / ନିକଷା – (ନିକଟରେ) – ଭୁବନେଶ୍ୱରଂ ସମୟା / ନିକଷା ଖଣ୍ଡଗିରିଃ ଅସ୍ତି ।
ଅନ୍ତରା (ମଧ୍ୟରେ) – ହିମାଳୟଂ ବିନ୍ଧ୍ୟଂ ଚ ଅନ୍ତରା ଆର୍ଯ୍ୟାବର୍ତ୍ତଃ ବର୍ତ୍ତତେ ।
ଅଭିତଃ (ସମୀପ) – କୋଣାର୍କମନ୍ଦିରମ୍ ଅଭିତଃ ଚନ୍ଦ୍ରଭାଗା ଅସ୍ତି ।
ଉଭୟତଃ (ଦୁଇପାଖରେ) – ଗ୍ରାମମ୍ ଉଭୟତଃ ପର୍ବତାଃ ସନ୍ତି ।
ଐଷମଃ (ଏହିବର୍ଷ) – ଐଷମଃ ଅହଂ ନବମବର୍ଗେ ପଠାମି ।
ପରୁତ୍ (ପୂର୍ବବର୍ଷ) – ପରୁତ୍ ଶସ୍ୟହାନିଃ ଅଭବତ୍ ।
ପରାରି (ପୂର୍ବତର ବର୍ଷ) – ପରାରି ବନ୍ୟା ଅଭବତ୍ ।
ଅନ୍ତରେଣ (ବିନା) – ଦୁଃଖମ୍ ଅନ୍ତରେଣ ସୁଖଂ ନାସ୍ତି ।
କଦା (କେତେବେଳେ) – ପିତା କଦା ଆଗଚ୍ଛତି ?
ତଦା (ସେତେବେଳେ) – ତଦା ସାୟମ୍ ଆସୀତ୍ ।

## କେତେକ ପ୍ରସିଦ୍ଧ ଅବ୍ୟୟ

ଚ, ହେ, ଭୋଃ, ତୁ, ମା, ନ, ନୋ, ନଞ୍, ସ୍ମ (ଅତୀତ ଓ ପାଦପୂରଣ), ହି (ହେତୁ, ଅବଧାରଣ), କିମ୍ (ବିକଳ୍ପ), ଚିତ୍, ଚନ, ଚେତ୍, ପ୍ରାକ୍, ଯତ୍, ତତ୍, ଧିକ୍, ପ୍ରାତଃ, ପୁନଃ, ଉଚ୍ଚୈଃ, ନୀଚୈଃ, ଶନୈଃ, ନାମ (ପ୍ରକାଶ୍ୟ), ପୃଥକ୍, ସାୟମ୍, ଚିରମ୍, ବହିଃ, ବିନା, ନାନା, ସ୍ୱସ୍ତି, ସ୍ୱାହା, ବଷଟ୍, ମିଥଃ (ପରସ୍ପର, ଗୋପନରେ), ପୁରା, ଉତ (ଅଥବା), ପ୍ରାୟଃ, ନମଃ, ପୁରଃ, ଯାବତ୍, ତାବତ୍, ଖଲୁ (ନିଷେଧ, ନିଶ୍ଚୟ, ବାକ୍ୟାଳଂକାର), ଅଥ, ଅହୋ, ଇବ, ଏବ, ନତୁ, ବତ (ଖେଦ, ଅନୁକମ୍ପା, ସନ୍ତୋଷ, ବିସ୍ମୟ), ଇତି, ସଦ୍ୟଃ, ନହି, ଯଦ୍, ଏବ, ଉର୍ଦ୍ଧ୍ୱମ୍, କିନ୍ତୁ, ଭୂୟଃ, ଯଦି, ସାୟମ୍, କିଳ (ପ୍ରସିଦ୍ଧି), ସାକ୍ଷାତ୍, ସହସା, ସପଦି, ସମ୍ପ୍ରତି, ସାମ୍ପ୍ରତମ୍ (ବର୍ତ୍ତମାନ, ଯୁକ୍ତ), ଯୁଗପତ୍ (ଏକା ସମୟରେ) ମୁହୁଃ (ବାରମ୍ବାର) ।

## ଅଭ୍ୟାସଃ

**୧ । ସ୍ତମ୍ଭଦ୍ୱୟସ୍ଥିତପଦାନାଂ ସମ୍ୟକ୍ ସଂଯୋଜନଂ ବିଧେୟମ୍ ।**

| 'କ' | 'ଖ' |
|---|---|
| ମଧୁମୟଃ | ଜଳମ୍ |
| ପୀତାମ୍ବରଃ | ଫଳମ୍ |
| ସୁପକ୍ୱମ୍ | ବ୍ୟଞ୍ଜନମ୍ |
| ସୁଶୀତଳମ୍ | ସରସ୍ୱତୀ |
| ଶୁକ୍ଳାମ୍ବରା | ବିଷ୍ଣୁଃ |
| ରୁଚିକରମ୍ | ବସ୍ତ୍ରମ୍ |
| ଶୁଭ୍ରମ୍ | ବସନ୍ତଃ |

**୨ । ବନ୍ଧନୀସ୍ଥିତ ଯଥାର୍ଥ ପଦେନ ଶୂନ୍ୟସ୍ଥାନଂ ପୂରୟତ ।**

_________ ବାଳକଃ । (ବିନୀତମ୍, ବିନୀତଃ)

ଭବାନ୍ _________ । (ପ୍ରମାଣଃ, ପ୍ରମାଣମ୍)

ଗୁଣାଃ _________ । (ପୂଜାସ୍ଥାନାନି, ପୂଜାସ୍ଥାନମ୍)

ବଳଭଦ୍ରଃ _________ । (ନୀଳାମ୍ବରମ୍, ନୀଳାମ୍ବରଃ)

**୩। ଉଚିତୈଃ ବିଶେଷଣୈଃ ବିଶେଷ୍ୟୈର୍ବା ଶୂନ୍ୟସ୍ଥାନାନି ପୂରୟତ ।**

ମଧୁରାଣି _________ ଶ୍ରୁତ୍ୱା _________ ଆନନ୍ଦିତଃ । ଇୟଂ ନଦୀ _________ । _________ ଜନଃ ଆଦରଣୀୟଃ । ଧୂର୍ତ୍ତଃ _________ ସର୍ବାନ୍ ପ୍ରତାରୟତି । ବ୍ୟାଘ୍ରଃ _________ ପଶୁଃ ।

(ବାଳକଃ, ଉତ୍ତମଃ, ବଚନାନି, ବକ୍ତା, ନରଃ, ରାଷ୍ଟ୍ରିୟଃ)

**୪ । ବିଶେଷଣସ୍ୟ ଭେଦାନ୍ ଦର୍ଶୟତ ।**

**୫ । ସର୍ବନାମଶବ୍ଦାଃ କେଷାଂ ବିନିମୟେ ବ୍ୟବହୃତାଃ ଭବନ୍ତି ?**

**୬ । ଅବ୍ୟୟସ୍ୟ ସଂଜ୍ଞାଂ ଲିଖତ ।**

**୭ । ଅଧୋଲିଖିତାନି ପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ ।**

ନ, ପୁରା, ପ୍ରାତଃ, ଚ, ଅପି, ବହିଃ, ପ୍ରାୟଃ, ଇବ, ଏବ ।

# ଲିଙ୍ଗ, ବଚନ ଓ ପୁରୁଷ ପ୍ରକରଣ

**୧ । ଲିଙ୍ଗ**

(କ) ଯେଉଁ ଶବ୍ଦ ସାଧାରଣତଃ ପୁରୁଷକୁ ବୁଝାଏ ବା ପୁରୁଷବାଚକ ତାହା ପୁଂଲିଙ୍ଗ, ଯଥା– ବାଳକ । ଯାହା ସ୍ତ୍ରୀକୁ ବୁଝାଏ ବା ସ୍ତ୍ରୀ ବାଚକ ତାହା ସ୍ତ୍ରୀଲିଙ୍ଗ, ଯଥା– ବାଳିକା ଏବଂ ଯାହା ଉଭୟ ସ୍ତ୍ରୀ ଏବଂ ପୁରୁଷକୁ ନ ବୁଝାଏ ତାହା କ୍ଳୀବଲିଙ୍ଗ ବା ନପୁଂସକ ଲିଙ୍ଗ । ଯଥା– ଫଳମ୍ । କିନ୍ତୁ କେତେକ ସ୍ଥଳରେ ଏହାର ବ୍ୟତିକ୍ରମ ଦେଖାଯାଏ । ଯଥା :– ନଦ୍ୟାଃ ତଟଃ, ନଦ୍ୟାଃ ତଟୀ, ନଦ୍ୟାଃ ତଟମ୍ । ଏଠାରେ ନଦୀ ଶବ୍ଦ ସ୍ତ୍ରୀକୁ ନ ବୁଝାଇଲେ ମଧ୍ୟ ସ୍ତ୍ରୀଲିଙ୍ଗ, ତଟ ଶବ୍ଦ ପୁରୁଷ ଓ ସ୍ତ୍ରୀକୁ ନ ବୁଝାଇଲେ ମଧ୍ୟ ପୁଂଲିଙ୍ଗ ସ୍ତ୍ରୀଲିଙ୍ଗ ଓ କ୍ଳୀବଲିଙ୍ଗ ହୋଇଅଛି ।

(ଖ) (i) କେତେଗୁଡ଼ିଏ ଶବ୍ଦ ତ୍ରିଲିଙ୍ଗ, ଯଥା :– ତଟ, ପାତ୍ର ଇତ୍ୟାଦି ।

(ii) କେତେକ ଶବ୍ଦ ଦ୍ୱିଲିଙ୍ଗ, ଯଥା :– ସୂତ୍ର – ସୂତ୍ରଃ, ସୂତ୍ରମ୍ । ଛତ୍ର – ଛତ୍ରଃ, ଛତ୍ରମ୍ । ରେଣୁ – ରେଣୁଃ (ପୁଂ), ରେଣୁଃ (ସ୍ତ୍ରୀ) ।

(iii) କେତେକ ଶବ୍ଦ ନିର୍ଦ୍ଦିଷ୍ଟ ଲିଙ୍ଗ, ଯଥା– ନର, ଦେବ, ବୃକ୍ଷ, ତ୍ୟାଗ, କର, ଦେହ, ଗିରି, ଶମ୍ଭୁ, ପିତୃ ପ୍ରଭୃତି ପୁଂଲିଙ୍ଗ ।

ବିଦ୍ୟା, ମତି, ସ୍ତ୍ରୀ, ଶ୍ରୀ, ନାରୀ, ମାତୃ, ବିଂଶତି, ତ୍ରିଂଶତ୍, ସମ୍ପଦ୍, ବିପଦ୍ ପ୍ରଭୃତି ସ୍ତ୍ରୀଲିଙ୍ଗ ଓ ଫଳ, ଜ୍ଞାନ, ମୁଖ, ନୟନ, ମାଂସ, ଜଳ, ବାରି, ଶତ, ସହସ୍ର ପ୍ରଭୃତି କ୍ଳୀବଲିଙ୍ଗ ।

## ଅର୍ଥଭେଦରେ ଲିଙ୍ଗଭେଦର କେତେକ ଉଦାହରଣ

ମିତ୍ର – ସୂର୍ଯ୍ୟ ଅର୍ଥରେ ପୁଂଲିଙ୍ଗ, ଯଥା – ମିତ୍ରଃ ଆକାଶେ ଉଦେତି ।

ବନ୍ଧୁ ଅର୍ଥରେ କ୍ଳୀବଲିଙ୍ଗ, ଯଥା – ରାମଃ ମମ ମିତ୍ରମ୍ ।

ଗୌ – ଗାଇ ଅର୍ଥରେ ସ୍ତ୍ରୀଲିଙ୍ଗ, ବଳଦ ଅର୍ଥରେ ପୁଂଲିଙ୍ଗ ।

ମଧୁ – ମହୁ ଅର୍ଥରେ କ୍ଳୀବଲିଙ୍ଗ; ବସନ୍ତ, ଚୈତ୍ରମାସ ମଧୁଦୈତ୍ୟ ଓ ମହୁଲ ବୃକ୍ଷ ଅର୍ଥରେ ପୁଂଲିଙ୍ଗ ।

## କେତେକ ଏକାର୍ଥକ ବିଭିନ୍ନ ଲିଙ୍ଗବାଚକ ଶବ୍ଦ

ଶରୀର ଅର୍ଥରେ – କାୟ (ପୁଂ), ତନୁ (ସ୍ତ୍ରୀ), ଶରୀର (କ୍ଳୀ)

ଧୂଳି ଅର୍ଥରେ – ରଜସ୍ (କ୍ଳୀ), ଧୂଳି (ସ୍ତ୍ରୀ), ପାଂଶୁ (ପୁଂ)

ପତ୍ନୀ ଅର୍ଥରେ – ପତ୍ନୀ, ଜାୟା, ଭାର୍ଯ୍ୟା (ସ୍ତ୍ରୀ), କଳତ୍ର (କ୍ଳୀ), ଦାର (ପୁଂ) ।

ଦେବତା ଅର୍ଥରେ – ଦେବ (ପୁଂ), ଦେବତା (ସ୍ତ୍ରୀ), ଦୈବତ (କ୍ଳୀ) ।

ଯିବା ଅର୍ଥରେ – ଗମନ (କ୍ଳୀ), ଗତି (ସ୍ତ୍ରୀ) ।

**୨ । ବଚନ**

ଏକବଚନ, ଦ୍ୱିବଚନ ଓ ବହୁବଚନ ଭେଦରେ ବଚନ ତ୍ରିଧା । ଏକତ୍ୱ ସଂଖ୍ୟା ବୁଝାଇଲେ ଏକବଚନ ହୁଏ, ଯଥା :–ବାଳକଃ (ବାଳକ + ସୁ) ପଠତି (ପଠ୍ + ତିପ୍ → ତି) । ଏଠାରେ ସୁ ଓ ତିପ୍ (ତି) ଏକବଚନ । ଦ୍ୱିତ୍ୱ

ସଂଖ୍ୟା ବୁଝାଇଲେ ଦ୍ୱିବଚନ ହୁଏ, ଯଥା :- ବାଳକୌ (ବାଳକ + ଔ) ପଠତଃ (ପଠ୍ + ତସ୍ → ତଃ) । ଏଠାରେ ଔ ଏବଂ ତସ୍ ଦ୍ୱିବଚନ । ବହୁତ୍ୱ ସଂଖ୍ୟା ବୁଝାଇଲେ ବହୁବଚନ ହୁଏ । ଯଥା :- ବାଳକାଃ (ବାଳକ + ଜସ୍ → ଅସ୍) ପଠନ୍ତି (ପଠ୍ + ଅନ୍ତି) । ଏଠାରେ ଜସ୍ ଓ ଅନ୍ତି ବହୁବଚନ ।

(କ) ସମ୍ମାନ ପ୍ରଦର୍ଶନ ଅର୍ଥରେ ଜଣେ ବ୍ୟକ୍ତିକୁ ବୁଝାଇବା ପାଇଁ ବହୁବଚନର ବ୍ୟବହାର ହୁଏ । ଯଥା :- ଶ୍ରୀହର୍ଷ ମିଶ୍ରଶର୍ମାଣଃ ଏବମ୍ ଉକ୍ତବନ୍ତଃ । ଆଗଚ୍ଛନ୍ତୁ ମହାଭାଗାଃ । ଭବନ୍ତଃ ବଦନ୍ତୁ ।

(ଖ) ପ୍ରଦେଶ ବାଚକ ଶବ୍ଦରୁ ବହୁବଚନ ହୁଏ । ଯଥା :- ଉତ୍କଳେଷୁ, ବଙ୍ଗେଷୁ ଇତ୍ୟାଦି । କିନ୍ତୁ ତା ସହିତ ଦେଶ, ପ୍ରଦେଶ, ଜନପଦ ଇତ୍ୟାଦିର ସମାସ ହୋଇଥିଲେ ବହୁବଚନ ହୁଏ ନାହିଁ । ଯଥା :- ଉତ୍କଳପ୍ରଦେଶେ, ବିହାରଜନପଦେ ଇତ୍ୟାଦି ।

(ଗ) ଅସ୍ମଦ୍ ଶବ୍ଦରୁ ଏକତ୍ୱ ଓ ଦ୍ୱିତ୍ୱ ଅର୍ଥରେ ବିକଳ୍ପରେ ବହୁବଚନ ହୁଏ ।

ମୁଁ କହୁଛି - ଅହଂ ବଦାମି । ବୟଂ ବଦାମଃ ।

ଆମ୍ଭେ ଦୁହେଁ କହୁଅଛୁ - ଆବାଂ ବଦାବଃ । ବୟଂ ବଦାମଃ ।

ବିଶେଷଣଯୁକ୍ତ ହେଲେ ବହୁବଚନ ହୁଏ ନାହିଁ । ଯଥା :- ପଣ୍ଡିତୋଽହଂ ବଦାମି ।

(ଘ) ସମୂହ ଅର୍ଥରେ ଗଣ, ସଂଘ, ସମାଜ, ଇତ୍ୟାଦି ଶବ୍ଦ ବହୁବ୍ୟକ୍ତିର ବୋଧକ ହେଲେ ମଧ୍ୟ ଏକବଚନରେ ପ୍ରୟୋଗ ହୁଏ । ଯଥା :- କୃଷକଗଣସ୍ୟ କଲ୍ୟାଣାୟ ସର୍ବକାରାଃ ଯତନ୍ତେ । କିନ୍ତୁ ଦୁଇଟି ସମୂହ ବା ବହୁତ ସମୂହ ଅର୍ଥରେ ଦ୍ୱିବଚନ ଓ ବହୁବଚନରେ ପ୍ରୟୋଗ ହୁଏ । ଯଥା :- ନରାଣାଂ ନାରୀଣାଂ ଚ ସମୂହୌ, ଦରିଦ୍ରାଣାଂ ରୋଗିଣାଂ ଭିକ୍ଷୂଣାଂ ଚ ଗଣାଃ ଇତ୍ୟାଦି ।

## (ଗ) ପୁରୁଷ

ସଂସ୍କୃତ ବ୍ୟାକରଣରେ ତିନୋଟି ପୁରୁଷର ପ୍ରଚଳନ ଅଛି । ଯଥା :- ପ୍ରଥମ ପୁରୁଷ, ମଧ୍ୟମ ପୁରୁଷ ଓ ଉତ୍ତମ ପୁରୁଷ । ତିଙନ୍ତ ପଦ ପ୍ରଥମ ପୁରୁଷାନ୍ତର୍ଗତ ହୋଇଥିଲେ, ଯୁଷ୍ମଦ୍ ଓ ଅସ୍ମଦ୍ ଶବ୍ଦ ଭିନ୍ନ ଅନ୍ୟ ସମସ୍ତ ଶବ୍ଦ ସେହି ତିଙନ୍ତ ବା କ୍ରିୟାପଦର କର୍ତ୍ତା ହୋଇଥାନ୍ତି । ମଧ୍ୟମ ପୁରୁଷାନ୍ତର୍ଗତ କ୍ରିୟାପଦର କର୍ତ୍ତା ଯୁଷ୍ମଦ୍ ଏବଂ ଉତ୍ତମ ପୁରୁଷାନ୍ତର୍ଗତ କ୍ରିୟାପଦର କର୍ତ୍ତା ଅସ୍ମଦ୍ ଶବ୍ଦ ହୋଇଥାଏ । ବାକ୍ୟରେ କର୍ତ୍ତା ଏବଂ କ୍ରିୟା ମଧ୍ୟରେ ପୁରୁଷଗତ ଓ ବଚନଗତ ସାଦୃଶ୍ୟ ରହେ ।

## ଅଭ୍ୟାସଃ

**ପଦାନାଂ ଲିଙ୍ଗାନି ନିରୂପୟତ ।**

| | | |
|---|---|---|
| ଚନ୍ଦ୍ରଃ ( ), | ସୂର୍ଯ୍ୟଃ ( ), | ସରସ୍ୱତୀ ( ) |
| ପୁସ୍ତକମ୍ ( ), | ପତ୍ରାଣି ( ), | ବଚନମ୍ ( ) |
| ଭବାନ୍ ( ), | ଭବତୀ ( ), | ଆପଃ ( ) |
| ତନୁଃ ( ), | ଦେବତା ( ), | ଦାରାଃ ( ) |

• • •

# ଣତ୍ୱ ବିଧି

**ଉପକ୍ରମ :** ପୁଷ୍ପାଣି, ବାଳକାନ୍, ବିକୀର୍ଣ୍ଣଃ, ନରାଣାମ୍, ବାଳାନାମ୍, ଉପର୍ଯ୍ୟୁକ୍ତ ପଦଗୁଡ଼ିକୁ ପରିଶୀଳନ କରାଯାଉ । ଏଠାରେ କେତେକ ସ୍ଥାନରେ 'ନ'କାର ଶୁଣାଯାଏ ଏବଂ କେତେକ ସ୍ଥାନରେ 'ଣ'କାର ଶୁଣିବାକୁ ମିଳେ । ଅତଏବ କେଉଁଠାରେ 'ଣ'କାର ରହିବ ଏହା ଜାଣିବା ପାଇଁ ଏଠାରେ ଅଭ୍ୟାସ ସହ ବିବରଣ ଦିଆଯାଉଅଛି ।

**ଏକପଦ / ସଂଯୁକ୍ତପଦ**

ଣତ୍ୱ ଜ୍ଞାନ ପୂର୍ବରୁ ଏକପଦ ଓ ସଂଯୁକ୍ତପଦ ମଧ୍ୟରେ ଥିବା ଭେଦ ଜାଣିବା ଉଚିତ । ଏକପଦର ଅର୍ଥ ଗୋଟିଏ ଶବ୍ଦର ନିର୍ଦ୍ଦିଷ୍ଟ ରୂପ ଯଥା– ରାମେଣ, ଅର୍କେଣ ଇତ୍ୟାଦି ।

ସଂଯୁକ୍ତ ପଦର ଅର୍ଥ ସନ୍ଧି, ସମାସ ଦ୍ୱାରା ଯୁକ୍ତ ହୋଇଥିବାପଦ ଯଥା– ପ୍ରୟୋଗେଣ (ପ୍ର + ଯୋଗେନ) । ଏଠାରେ ପ୍ର ମଧ୍ୟ ଗୋଟିଏ ପଦ । ଯେଉଁଠାରେ ଉପସର୍ଗ କିମ୍ବା ଅବ୍ୟୟ ପୂର୍ବପଦରୂପେ ବ୍ୟବହୃତ ହୁଏ ତାହା ମଧ୍ୟ ପଦ ଅଟେ ।

**ଅଭ୍ୟାସଃ**

ତଳେ ଦିଆଯାଇଥିବା ପଦମାନଙ୍କ ମଧ୍ୟରେ ଏକପଦ ଗୁଡ଼ିକୁ '✓' ଚିହ୍ନଦ୍ୱାରା ଏବଂ ସଂଯୁକ୍ତ ପଦଗୁଡ଼ିକୁ '×' ଚିହ୍ନ ଦ୍ୱାରା ଚିହ୍ନାଅ ।

ଯଥା :-

(କ) ନରେଣ (✓) ଏକପଦ
(ଖ) ରାମନାମ (×) ସଂଯୁକ୍ତପଦ
(ଗ) ରାମାୟଣମ୍ (×) ସଂଯୁକ୍ତପଦ

ସେହିପରି – କ'ଣ ହେବ ଲେଖ –

| | | | | | |
|---|---|---|---|---|---|
| (କ) | ନାରୀଣାମ୍ | ( ) | (ଚ) | ପୁଷ୍ପାଣି | ( ) |
| (ଖ) | ରାଗେଣ | ( ) | (ଛ) | ପ୍ରୟାଣମ୍ | ( ) |
| (ଗ) | ଗୁରୁଣା | ( ) | (ଜ) | ଉଦାହରଣାନି | ( ) |
| (ଘ) | କାର୍ଯ୍ୟକ୍ରମେଣ | ( ) | (ଝ) | ପ୍ରୟୋଗେଣ | ( ) |
| (ଙ) | ହରିଣା | ( ) | (ଞ) | କାଳକ୍ରମେଣ | ( ) |

**ଅଭ୍ୟାସଃ**

ନିମ୍ନଲିଖିତ ସଂଯୁକ୍ତ ପଦଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରି ପ୍ରଦର୍ଶନ କର ।

ଯଥା :-

ପ୍ରଣାମଃ = ପ୍ର + ନାମଃ
ଗୁରୁନାମ = ଗୁରୁ + ନାମ

ସେହିପରି କ'ଣ ହେବ ଲେଖ –

| | |
|---|---|
| (କ) ଶୂର୍ପଣଖା = ..................... | (ଚ) ପରିପୋଷଣମ୍ = ................ |
| (ଖ) ପ୍ରଣିଧାନମ୍ = ................... | (ଛ) ମୃଷାବଚନମ୍ = .................. |
| (ଗ) ନମସ୍କାରେଣ = ................. | (ଜ) ପୁରୀନଗରୀ = .................. |
| (ଘ) ରାମାୟଣମ୍ = .................. | (ଝ) ବିଷଣ୍ଣବଦନଃ = ................. |
| (ଙ) ମୃଗନୟନା = ................... | (ଞ) ସଙ୍କୀର୍ତ୍ତନମ୍ = ..................... |

**[ଅଖଣ୍ଡ ପଦେ ନୋ ଣଃ]** (ଏକ ପଦରେ ନ' ସ୍ଥାନରେ ଣ' ହେବ)

ର / ର୍ / ଷ୍ .......... ନ = ଣଃ

ର'କାର, ର'କାର ବା ଷ'କାର ପରେ ଅବ୍ୟବହିତ ନକାରର ଣକାର ହୁଏ ।

ଯଥା :- ପିତୃ + ନାମ୍ = ପିତୃଣାମ୍

ନର + ନାମ୍ = ନରାଣାମ୍

**ଅଭ୍ୟାସଃ**

ନିମ୍ନଲିଖିତ ପଦମାନଙ୍କରେ ଥିବା ର / ର / ଷ କୁ କୋଠରୀ ମଧ୍ୟରେ ଲେଖ ।

ଯଥା :- କୀର୍ଣ୍ଣଃ (ର୍)

ସେହିପରି - କ'ଣ ହେବ ଲେଖ ।

| | | | |
|---|---|---|---|
| ତୃଷ୍ଣା = | ( ) | ବର୍ଣ୍ଣନମ୍ = | ( ) |
| କର୍ଣ୍ଣଃ = | ( ) | ମୃଗେଣ = | ( ) |
| ଶିକ୍ଷକେଣ = | ( ) | ତିସୃଣାମ୍ = | ( ) |
| ମାତୃଣାମ୍ = | ( ) | ଅର୍ଣ୍ଣବଃ = | ( ) |
| ଭ୍ରାତୃଣାମ୍ = | ( ) | ପିତୃଣାମ୍ = | ( ) |

**[ବ୍ୟବଧାନେ ସତ୍ୟପି ନୋ ଣଃ]** (ବ୍ୟବଧାନ ଥିଲେ ମଧ୍ୟ ନ'ର ଣ' ହେବ)

ର / ର୍ / ଷ୍

| |
|---|
| ଅଟ୍ = (ସ୍ୱରାଃ + ହଯବ୍) ଅ, ଆ, ଇ, ଈ, ଉ, ଊ, ଏ, ଐ, ଓ, ଔ, ହ, ଯ, ବ, ଅନୁସ୍ୱାର |
| କୁଃ = କ ବର୍ଗ = କ, ଖ, ଗ, ଘ, ଙ |
| ପୁଃ = ପ ବର୍ଗ = ପ, ଫ, ବ, ଭ, ମ |

**ନ = ଣ**

ର- ନ ମଧ୍ୟରେ, ର - ନ ମଧ୍ୟରେ, କିମ୍ବା ଷ - ନ ମଧ୍ୟରେ ଯଦି ସ୍ୱରବର୍ଣ୍ଣ, ହଯବ ଅଟ୍ କ ବର୍ଗ କିମ୍ବା ପ ବର୍ଗ ବ୍ୟବଧାନ ଥିଲେ ମଧ୍ୟ ନ' ସ୍ଥାନରେ ଣ ହୁଏ ।

ଯଥା - ରାମେଣ = ର୍ + ଆମ୍ + ଏ + ନ୍ + ଅ = ଣ)

ମୃଗେଣ = ମ୍ + ର + ଗ୍ + ଏ + ନ୍ + ଅ = ଣ)

ପାରାୟଣମ୍ = (ପ୍ + ଆ + ର + ଆ + ୟ୍ + ଅ + ନ୍ + ଅ + ମ୍ = ଣମ୍)

ବର୍ଗେଣ = (ବ୍ + ଅ + ର୍ + ଗ୍ + ଏ + ନ୍ + ଅ = ଣ)

**ଅଭ୍ୟାସଃ**

ନିମ୍ନରେ ପ୍ରଦତ୍ତ ସିଦ୍ଧ ରୂପମାନଙ୍କରେ ନିମିତ୍ତ (ର, ର୍, ଷ୍) ଏବଂ ଣ କାରର ମଧ୍ୟରେ ଥିବା ବର୍ଣ୍ଣଗୁଡ଼ିକୁ ଲେଖ । (ଯଦି ଉଦାହରଣ ପଦରେ 'ର, ର୍, ଷ୍' ଦୁଇ କିମ୍ବା ତିନୋଟି ସ୍ଥାନରେ ଦେଖାଯାଏ ତେବେ ଅନ୍ତିମ ରକାର, ର୍ କାର ଏବଂ ଷ୍ କାର ଣତ୍ୱର ନିମିତ୍ତ ଭାବରେ ଗ୍ରହଣୀୟ ଯଥା- 'ଅନ୍ତରିକ୍ଷେଣ' ଏଠାରେ ଣତ୍ୱର ନିମିତ୍ତ କ୍ଷକାର ମଧ୍ୟରେ ଥିବା ଅଙ୍ଗ- ଭୂତ ଷ୍ କାର ।)

ଯଥା :- ନାରାୟଣଃ = (ର୍ + ଆ + ୟ୍ + ଅ)

| | |
|---|---|
| ସେହିପରି - ଲେଖ | ଶ୍ରବଣମ୍ = .......................... |
| ତକ୍ଷକେଣ = ........................ | ପରିଭ୍ରମଣମ୍ = ...................... |
| ବୃକ୍ଷେଣ = .......................... | ଭିକ୍ଷୁକାଣାମ୍ = ....................... |
| ମଧୁରେଣ = ........................ | କାର୍ଯ୍ୟ କର୍ତ୍ତୃଣାମ୍ = ................... |
| ଆଚାର୍ଯ୍ୟେଣ = ...................... | ନିଷ୍କ୍ରମଣମ୍ = ........................ |

**[ସଂଜ୍ଞାୟାଂ ନୋଣଃ]** = (ସମସ୍ତ ପଦେ)

ପୂର୍ବପଦରେ ଥିବା ନିମିତ୍ତ ପରେ ଉତ୍ତରପଦରେ ଥିବା ନ'ର ଣକାର ହୁଏ ।

ଯଥା- ରାମ + ଅୟନମ୍ = ରାମାୟଣମ୍

ଶୂର୍ପ + ନଖା = ଶୂର୍ପଣଖା

## ଅଭ୍ୟାସଃ

୧ । ତଳେ ଲେଖାଯାଇଥିବା ଉଦାହରଣମାନଙ୍କରେ ନିମିତ୍ତ ଓ ନ'କାର ମଧ୍ୟରେ ଥିବା ବ୍ୟବଧାୟକ ବର୍ଣ୍ଣ (ସହାୟକ ବା ମିତ୍ରବର୍ଣ୍ଣ) ଗୁଡ଼ିକୁ ବନ୍ଧନୀ ମଧ୍ୟରେ ଲେଖ ।

ଯଥା - ନରାଣାମ୍ = ନ୍ + ଅ + ର୍ + ଆ + ନ୍ + ଆ + ମ୍

ସେହିପରି -

| | | | |
|---|---|---|---|
| କ୍ଷତ୍ରିୟାଣାମ୍ = | ( ) | ଛାତ୍ରାଣାମ୍ = | ( ) |
| ଭାଷଣମ୍ = | ( ) | ସର୍ପେଣ = | ( ) |
| ବ୍ରହ୍ମଣଃ = | ( ) | ମୂଷକାଣାମ୍ = | ( ) |
| ମୟୂରେଣ = | ( ) | ଭ୍ରମେଣ = | ( ) |
| ବାନରେଣ = | ( ) | ବୃକ୍ଷାଣାମ୍ = | ( ) |

୨ । ତଳେ ଲେଖାଯାଇଥିବା ପଦମାନଙ୍କରେ ଣତ୍ୱବିଧିର ପ୍ରତିବନ୍ଧକ ବର୍ଣ୍ଣଗୁଡ଼ିକୁ କୋଠରୀ ମଧ୍ୟରେ ଲେଖ ।

ଯଥା - ଦୃଢ଼ାନି = (ଢ) ଢ କାର ପ୍ରତିବନ୍ଧକ ବର୍ଣ୍ଣ ।

ସେହିପରି -

| | | | |
|---|---|---|---|
| ମର୍ଦ୍ଦନମ୍ = | ( ) | ରାଜକୀୟାନି = | ( ) |
| ମର୍କଟେନ = | ( ) | ମୃଗକୂଳାନି = | ( ) |
| ଦର୍ଶନାନି = | ( ) | ପିତୃଦେବାନାମ୍ = | ( ) |
| ଗୃହସ୍ଥେନ = | ( ) | ମରୀଚେନ = | ( ) |
| ଔଷଧାନି = | ( ) | ଅର୍ଚ୍ଚକେନ = | ( ) |

## ଣତ୍ୱ ନିଷେଧଃ

୧ । (ପଦାନ୍ତରେ ଥିବା 'ନ୍' କାରର ଣ ହୁଏ ନାହିଁ ।)

ଯଥା- ରାମାନ୍, ହରୀନ୍, ତ୍ରୀନ୍, ନରାନ୍,

୨ । ନିମିତ୍ତ ବର୍ଣ୍ଣ ପରେ ପୃଥକ୍ ପଦରେ ନ ଥିଲେ ଣ ହୁଏ ନାହିଁ ।

ଯଥା- ପରିଭବନମ୍, ପରିଗମନମ୍, ପ୍ରନଷ୍ଟଃ, ପରିନିନ୍ଦନମ୍, ହରିନାମ, ଆଚାର୍ଯ୍ୟାନୀ

## ଅଭ୍ୟାସଃ

ଶୁଦ୍ଧରୂପକୁ ✓ ଚିହ୍ନ ଦ୍ୱାରା ଏବଂ ଅଶୁଦ୍ଧ ରୂପକୁ ✗ ଚିହ୍ନ ଦ୍ୱାରା ଚିହ୍ନାଅ ।

ଯଥା -ଏତାଦୃଶେଣ = (✗) ଶକାର ବ୍ୟବଧାନ ଥିବାରୁ ।

ସେହିପରି -

| | |
|---|---|
| ରାମଚନ୍ଦ୍ରେନ = ( ) | ସର୍ବାଙ୍ଗୀଣଃ = ( ) |
| ସନ୍ତୋଷେନ = ( ) | ଅପରାହ୍ଣଃ = ( ) |
| ମହାରାଜେଣ = ( ) | ପୂର୍ବାହ୍ନ = ( ) |
| ପରିଶ୍ରମେଣ = ( ) | ଶିବରାମେଣ = ( ) |
| ବାଣପ୍ରୟୋଗେଣ = ( ) | |

# ଷତ୍ୱ ବିଧି

**(ସ → ଷ)**

ଅ, ଆ ଭିନ୍ନ ସ୍ୱରବର୍ଣ୍ଣ, କ୍, ଙ୍, ଏବଂ ର୍ ରୁ ପର ପ୍ରତ୍ୟୟରେ ଥିବା ସ'କାରର ଷ'କାର ହୁଏ । ଉକ୍ତ ସ'କାରର ପୂର୍ବରେ (ନ୍ ସ୍ଥାନରେ ହୋଇଥିବା) ଅନୁସ୍ୱାର, ବିସର୍ଗ କିମ୍ବା ଷ୍ ଥିଲେ ମଧ୍ୟ ଷକାର ହୁଏ ।

ଯଥା :- ହରି + ସୁ = ହରିଷୁ । ସାଧୁ + ସୁ = ସାଧୁଷୁ । ପିତୃ + ସୁ = ପିତୃଷୁ । ରାମେ + ସୁ = ରାମେଷୁ । ଗୋ + ସୁ = ଗୋଷୁ । ନୌ + ସୁ = ନୌଷୁ । ବାକ୍ + ସୁ = ବାକ୍ଷୁ । ପ୍ରାଙ୍ + ସୁ = ପ୍ରାଙ୍ଷୁ । ବାର୍ + ସୁ = ବାର୍ଷୁ । ମୁମୂର୍ + ସୁ = ମୁମୂର୍ଷୁ । ଚିକୀର୍ + ସା = ଚିକୀର୍ଷା । ସର୍ପୀଂ + ସି = ସର୍ପୀଂଷି । ହବୀଂ + ସି = ହବୀଂଷି । ସର୍ପିଷ୍ + ସୁ = ସର୍ପିଷ୍ଷୁ ।

କିନ୍ତୁ - ଲତା + ସୁ = ଲତାସୁ । ଗଚ୍ଛତ୍ + ସୁ = ଗଚ୍ଛତ୍ସୁ । ରାଜନ୍ + ସୁ = ରାଜସୁ । ବିଦ୍ୟା + ସୁ = ବିଦ୍ୟାସୁ ।

ପଦାନ୍ତ ସ୍ ର ଷ୍ ହୁଏ ନାହିଁ । ଯଥା :- ଅଗ୍ନିସ୍ + ତତ୍ର = ଅଗ୍ନିସ୍ତତ୍ର । ପ୍ରତ୍ୟୟସ୍ଥ ଦନ୍ତ୍ୟ ସ କାରର ଷକାର ହୁଏ ନାହିଁ । ଯଥା :- ଅଗ୍ନିସାତ୍, ନଦୀସାତ୍ ।

ମାତ୍ର - ବିଷମ, ସୁଷମ, ଆନୁଷଙ୍ଗିକ ହୁଏ ।

## ଅଭ୍ୟାସଃ

**ସମୀଚୀନଂ 'ଷତ୍ୱଂ' 'ଣତ୍ୱଂ' ଚ ବିଧାୟ ସଂଶୋଧୟତ ।**

ବିଦ୍ୟାର୍ଥିଣାଂ ବିଦ୍ୟାଷୁ ଅନୁରାଗଃ ଅସ୍ତି । ବୃକ୍ଷାନାଂ ଅଗ୍ରେସୁ ପତ୍ରାନି ନ ସନ୍ତି । ଗ୍ରୀଷ୍ମର୍ତ୍ତୌ ସରଷୁ ଜଳମ୍ ଅଳ୍ପଂ ତିଷ୍ଠତି । ସଦାଚରଣେଣ ଛାତ୍ରାଃ ପୁରସ୍କାରଂ ପ୍ରାପ୍ସ୍ୟନ୍ତି । ସୂର୍ପଣଖା ରାବଣସ୍ୟ ଭଗିନୀ ଆସୀତ୍ । ଧାର୍ମିକାନାଂ ସଭା ଅଭବତ୍ । ପରୋପକାରଃ ମନୁଷ୍ୟାନାଂ ଧର୍ମଃ ।

# ସନ୍ଧି ପ୍ରକରଣମ୍

ସନ୍ନିହିତ ବର୍ଣ୍ଣଦ୍ୱୟର ଶୀଘ୍ରତମ ଉଚ୍ଚାରଣ ହେତୁ ଉକ୍ତ ଦୁଇବର୍ଣ୍ଣର ବା ତନ୍ମଧ୍ୟରୁ ଗୋଟିକର ପରିବର୍ତ୍ତନକୁ ସନ୍ଧି କହନ୍ତି ।

ସନ୍ଧିରେକପଦେ ନିତ୍ୟୋ ନିତ୍ୟୋ ଧାତୂପସର୍ଗୟୋଃ ।
ସମାସେଽପି ଚ ନିତ୍ୟଃ ସ୍ୟାତ୍ ସ ଚାନ୍ୟତ୍ର ବିବକ୍ଷୟା ।।

୧। ଏକପଦେ (ଅଖଣ୍ଡପଦେ, ଧାତୁପ୍ରତ୍ୟୟଯୋଗେ) - ଚେ + ଅ = ଚୟ, ଜେ + ଅ = ଜୟ, ନେ + ଅ = ନୟ, ଭୋ + ଅ = ଭବ ।

୨। ଧାତୂପସର୍ଗୟୋଃ - ଅଭି + ଅସ୍ୟତି = ଅଭ୍ୟସ୍ୟତି । ପ୍ର + ଅନମତ୍ = ପ୍ରାଣମତ୍ । ଉପ + ଅହରତ୍ = ଉପାହରତ୍ ।

୩। ସମାସେ - ଗଣ + ଈଶଃ = ଗଣେଶଃ । ଜଗତ୍ + ନାଥଃ = ଜଗନ୍ନାଥଃ ।

୪। ବାକ୍ୟେ - ନ ଅହମ୍ ଜାନାମି = ନାହଞ୍ଜାନାମି / ନ ଅହଂ ଜାନାମି । ସନ୍ଧି କଠିନ ହେଲେ ବି ଏହା ଅନୁପେକ୍ଷଣୀୟ । ଏହାର ସାଧାରଣ ନିୟମମାନ ଅବଶ୍ୟ ଜ୍ଞାତବ୍ୟ । ପ୍ରାଚୀନ ସଂସ୍କୃତ ସାହିତ୍ୟରେ ପ୍ରବେଶ, ଧ୍ୱନିସୌଷ୍ଠବ, ଲେଖନ

କ୍ରିୟାରେ ସ୍ଥାନକାଳର ସଞ୍ଚୟ ଇତ୍ୟାଦି ଦୃଷ୍ଟିରୁ ସନ୍ଧିଜ୍ଞାନ ଅପରିହାର୍ଯ୍ୟ । ସନ୍ଧିର ନିୟମ - ଅଭ୍ୟାସ ଏବଂ ଦୃଷ୍ଟାନ୍ତ ଦ୍ୱାରା ଏଠାରେ ସନ୍ଧିପାଠକୁ ସ୍ପଷ୍ଟ ଓ ସ୍ମରଣଯୋଗ୍ୟ କରିବାର ଉଦ୍ୟମ କରାଯାଇଛି । ସ୍ଥାନେ ସ୍ଥାନେ ବିଶେଷ ଜ୍ଞାନ ନିମିତ୍ତ ସନ୍ଧି ସମ୍ୱଳିତ ପାଣିନି ସୂତ୍ରର ଉଲ୍ଲେଖ ମଧ୍ୟ କରାଯାଇଛି ।

ସନ୍ଧି ତିନିପ୍ରକାର - (୧) ସ୍ୱରସନ୍ଧି, (୨) ବ୍ୟଞ୍ଜନ ସନ୍ଧି, (୩) ବିସର୍ଗ ସନ୍ଧି ।

## ସ୍ୱରସନ୍ଧିଃ

### (କ) ଅ / ଆ + ଅ / ଆ = ଆ

ଯଥା - ଧର୍ମ + ଅଶୋକଃ = ଧର୍ମାଶୋକଃ, ପିତା + ଅସ୍ତି = ପିତାସ୍ତି । ବ୍ରହ୍ମ + ଆନନ୍ଦଃ = ବ୍ରହ୍ମାନନ୍ଦଃ । ମାତା + ଆଦିଶତି = ମାତାଦିଶତି ।

## ଅଭ୍ୟାସଃ

୧ । ଅଧୋଲିଖିତେଷୁ ସନ୍ଧିବିଚ୍ଛେଦଂ କୁରୁତ ।

ଶୁଭାରମ୍ଭଃ, ବିଦ୍ୟାଭ୍ୟାସଃ, ଅସ୍ତାଚଳଃ, କମଳାସନମ୍, ଶିଷ୍ଟାଚାରଃ, ଭ୍ରଷ୍ଟାଚାରଃ, କ୍ରୋଧାଗ୍ନିଃ, ନୀଳାକାଶଃ, ଶଶାଙ୍କଃ, ରତ୍ନାକରଃ, କାର୍ଯ୍ୟାଳୟଃ ।

୨ । ସନ୍ଧିଂ କୁରୁତ ।

ଗଙ୍ଗା + ଅବତରଣମ୍ । ଆନନ୍ଦ + ଅବସରଃ । ବିଦ୍ୟା + ଅର୍ଥୀ । ପୁଷ୍ପ + ଅଞ୍ଜଳିଃ । ସଦା + ଆନନ୍ଦଃ । ମହା + ଅର୍ଣ୍ଣବଃ । ସତ୍ୟ + ଆଗ୍ରହଃ । ପିତା + ଆଦିଶତି । କଦା + ଅପି । ତଥା + ଅସ୍ତୁ ।

### (ଖ) ଇ / ଈ + ଇ / ଈ = ଈ

ଯଥା :- ଯତି + ଇନ୍ଦ୍ରଃ = ଯତୀନ୍ଦ୍ରଃ, ଅଧି + ଈଶ୍ୱରଃ = ଅଧୀଶ୍ୱରଃ ।

## ଅଭ୍ୟାସଃ

**୧ । ସନ୍ଧିଂ କୁରୁତ ।**

ମୁନି + ଇନ୍ଦ୍ରଃ = __________ ଅପି + ଇଦମ୍ = __________

ପଠତି + ଇୟମ୍ = __________ ଆନୟତି + ଇନ୍ଧନମ୍ = __________

ପଠାମି + ଈଶୋପନିଷଦମ୍ = __________ ଖାଦାମି + ଇକ୍ଷୁଦଣ୍ଡମ୍ = __________

କବି + ଈଶ୍ୱରଃ = __________ ପରି + ଈକ୍ଷଣମ୍ = __________

କ୍ଷିତି + ଈଶଃ = __________ ସୁଧୀ + ଇନ୍ଦ୍ରଃ = __________

ପଠସି + ଇତି = __________ କରୋତି + ଇତି = __________

**୨ । ସନ୍ଧିବିଚ୍ଛେଦଂ କୁରୁତ ।**

ଅତୀବ, କବୀନ୍ଦ୍ରଃ, କପୀନ୍ଦ୍ରଃ, ଅତୀନ୍ଦ୍ରିୟମ୍, ଇତୀଦମ୍, ଅସ୍ମୀତି, ପାର୍ବତୀଶଃ, ଅପୀଚ୍ଛସି ।

### (ଗ) ଉ/ଊ + ଉ/ଊ = ଊ

ଯଥା :- ଭାନୁ + ଉଦୟଃ = ଭାନୂଦୟଃ, ବହୁ + ଊଷ୍ମମ୍ = ବହୂଷ୍ମମ୍ ।

## ଅଭ୍ୟାସଃ

୧। **ସନ୍ଧିଂ କୁରୁତ ।**

ଗୁରୁ + ଉପଦେଶଃ = ______ | ବହୁ + ଉନ୍ନତିଃ = ______
ସୁ + ଉକ୍ତମ୍ = ______ | କଟୁ + ଉକ୍ତିଃ = ______
ସାଧୁ + ଉକ୍ତମ୍ = ______ | ଶିଶୁ + ଉପହାରଃ = ______
ଲଘୁ + ଊର୍ମିଃ = ______ | ନନୁ + ଉଦ୍ୟାନେ = ______
ଶତ୍ରୁ + ଉତ୍ସାରଣମ୍ = ______ | କରୋତୁ + ଉତ୍ସବମ୍ = ______
କରୋତୁ + ଉଦ୍ୟମମ୍ = ______ | ପଠନ୍ତୁ + ଉପନିଷଦମ୍ = ______
ସ୍ମରତୁ + ଉମାମ୍ = ______ | ଗୁମ୍ଫନ୍ତୁ + ଉପଜାତିମ୍ = ______

୨। **ସନ୍ଧିବିଚ୍ଛେଦଂ କୁରୁତ ।**

ମେରୂପରି, ସାଧୂକ୍ତିଃ, ରଘୂତ୍ତମଃ, ଲଘୂଲୂକଃ, ସିନ୍ଧୂଦକମ୍, ଭୂର୍ଦ୍ଧ୍ୱମ୍, ଧାତୂପସର୍ଗୌ ।

### (ଘ) ଋ/ୠ + ଋ/ୠ = ୠ

ଯଥା :- ପିତୃ + ଋଣମ୍ = ପିତୄଣମ୍, ପିତୃ + ଋଷଭଃ = ପିତୄଷଭଃ ।

## ଅଭ୍ୟାସଃ

୧। **ସନ୍ଧିଂ କୁରୁତ ।**

ମାତୃ + ଋଦ୍ଧିଃ = ______ | ହୋତୃ + ଋତ୍ୱିକ୍ = ______

### ୨। ଅ/ଆ + ଇ/ଈ = ଏ

ଯଥା :- ନର + ଇନ୍ଦ୍ରଃ = ନରେନ୍ଦ୍ରଃ, ଈଶ୍ୱର + ଇଚ୍ଛା = ଈଶ୍ୱରେଚ୍ଛା ।

## ଅଭ୍ୟାସଃ

୧। **ସନ୍ଧିଂ କୁରୁତ ।**

ସୁର + ଇନ୍ଦ୍ରଃ = ______ | ଦେବ + ଇନ୍ଦ୍ରଃ = ______
ଗଜ + ଇନ୍ଦ୍ରଃ = ______ | ରାଜ + ଇନ୍ଦ୍ରଃ = ______
ଗଣ + ଈଶଃ = ______ | ରମା + ଈଶଃ = ______
ତଥା + ଇତି = ______ | ନ + ଇତି = ______
କା + ଇତି = ______ | ମମ + ଇଚ୍ଛା = ______
ଧନ + ଇଚ୍ଛୁଃ = ______ | ସା + ଇୟମ୍ = ______
ଅତ୍ର + ଇଦମ୍ = ______ | ଲଙ୍କା + ଈଶଃ = ______
ହୃଷୀକ + ଈଶଃ = ______ | ଗୁଡାକା + ଈଶଃ = ______

**୨। ସନ୍ଧିବିଚ୍ଛେଦଂ କୁରୁତ ।**

ଗଜେନ୍ଦ୍ରଃ, ମହେଶ୍ୱରଃ, ସେୟମ୍, ସଖେତି, ପରମେଶ୍ୱରଃ, କ୍ଷମସ୍ୱେତି ।

**ଦୃଷ୍ଟାନ୍ତ :**

ପ୍ରଜେଶଂ ରମେଶଂ ମହେଶଂ ସୁରେଶଂ
ଦିନେଶଂ ନିଶୀଥେଶ୍ୱରଂ ବା କଦାଚିତ୍ ।
ନ ଜାନାମି ଚାନ୍ୟତ୍ ସଦାହଂ ଶରଣ୍ୟେ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ।।

**୩। ଅ / ଆ + ଉ/ଊ = ଓ**

ଯଥା :- ପୁରୁଷ + ଉତ୍ତମଃ = ପୁରୁଷୋତ୍ତମଃ, ସ୍ୱଭାବ + ଉକ୍ତିଃ = ସ୍ୱଭାବୋକ୍ତିଃ ।

**ଅଭ୍ୟାସଃ**

**୧। ସନ୍ଧିଂ କୁରୁତ ।**

ନର୍ + ଉତ୍ତମଃ = ________ ପର + ଉପକାରଃ = ________
ହିତ + ଉପଦେଶଃ = ________ ବିଶାଳ + ଉଦ୍ୟମଃ = ________
ମହା + ଉତ୍ସବଃ = ________ ବିବିଧ + ଉପଚାରଃ = ________
ପ୍ରଶ୍ନ + ଉତ୍ତରମ୍ = ________ ଉଷ୍ଣ + ଉଦକମ୍ = ________
ଗଙ୍ଗା + ଉଦକମ୍ = ________ ନୀଳ + ଉତ୍ପଳମ୍ = ________
ଦର୍ଶନ + ଉତ୍ସୁକତା = ________ ମୟା + ଉକ୍ତମ୍ = ________

୨। ସନ୍ଧିବିଚ୍ଛେଦଂ କୁରୁତ ।

ପଶ୍ୱୋପରି, ମସ୍ତକୋର୍ଦ୍ଧ୍ୱମ୍, ଯଥୋପଦିଷ୍ଟମ୍, ବେଦୋଦ୍ଧାରକଃ, ଜ୍ଞାନିନୋକ୍ତମ୍, ମହୋର୍ମିଃ, ଏକୋନବିଂଶତିଃ, ଯଥୋଚିତମ୍, ସୂର୍ଯ୍ୟୋଦୟଃ ।

**୪। ଅ / ଆ + ଏ / ଐ = ଐ**

ଯଥା :- ସଦା + ଏବ = ସଦୈବ, ଦିବ୍ୟ + ଐଶ୍ୱର୍ଯ୍ୟମ୍ = ଦିବ୍ୟୈଶ୍ୱର୍ଯ୍ୟମ୍ ।

**ଅଭ୍ୟାସଃ**

**୧। ସନ୍ଧିଂ କୁରୁତ ।**

ଯଦା + ଏବ = ________ ଅଦ୍ୟ + ଏବ = ________
ନ + ଏତତ୍ = ________ ମମ + ଏତତ୍ = ________
ମମ + ଏବ = ________ ବ୍ରହ୍ମ + ଏବ = ________
ତେନ + ଏବ = ________ ଅନେନ + ଏବ = ________
ପଞ୍ଚ + ଏତେ = ________ ଉପ + ଏତି = ________

ଏକ + ଏକଃ = ________ମହା + ଐଶ୍ୱର୍ଯ୍ୟମ୍ = ________

ସା + ଐଚ୍ଛତ୍ = ________ସା + ଏଷା = ________

ମତ + ଐକ୍ୟମ୍ = ________ପ୍ରଥମା + ଏକବଚନମ୍ = ________

ତଥା + ଏବ = ________ମା + ଏବମ୍ = ________

ତୃଷ୍ଣା + ଏକା = ________ଆଗତା + ଏବ = ________

**୨। ସନ୍ଧିବିଚ୍ଛେଦଂ କୁରୁତ ରେଖାଙ୍କିତାନାଂ ପଦାନାମ୍ ।**

<u>ଯଦୈବ</u> ରାଜ୍ୟେ କ୍ରିୟତେଽଭିଷେକ

<u>ସ୍ତଦୈବ</u> ଯାତି ବ୍ୟସନେଷୁ ବୁଦ୍ଧିଃ ।

ଘଟା ନୃପାଣାମଭିଷେକକାଳେ

<u>ସହାମ୍ଭସୈବାପଦ</u>ମୁଦ୍‌ଗିରନ୍ତି ।

**୫। ଅ / ଆ + ଓ / ଔ = ଔ**

ଯଥା :- ମହା + ଓଷଧିଃ = ମହୌଷଧିଃ, ମମ + ଔତ୍ସୁକ୍ୟମ୍ = ମମୌତ୍ସୁକ୍ୟମ୍ ।

**ଅଭ୍ୟାସଃ**

**ସନ୍ଧିଂ କୁରୁତ -**

ଜନ + ଓଘଃ = ________ଜଳ + ଓଘଃ = ________

ତବ + ଓଷ୍ଠଃ = ________ବନ + ଔଷଧିଃ = ________

ବନ + ଓକସ୍ = ________ମହା + ଔଦାର୍ଯ୍ୟମ୍ = ________

**୬। ଅ / ଆ + ଋ / ୠ = ଅର୍**

ଯଥା :- ଦେବ + ଋଷିଃ = ଦେବର୍ଷିଃ, ରାଜା + ଋଷିଃ = ରାଜର୍ଷିଃ

**ଅଭ୍ୟାସଃ**

**ସନ୍ଧିଂ କୁରୁତ ।**

ବ୍ରହ୍ମ + ଋଷିଃ = ________ସପ୍ତ + ଋଷୟଃ = ________

ଗ୍ରୀଷ୍ମ + ଋତୁଃ = ________ଶୀତ + ଋତୁଃ = ________

ଉତ୍ତମ + ଋଣଃ = ________ଅଧମ + ଋଣଃ = ________

ମହା + ଋଷିଃ = ________ବର୍ଷା + ଋତୁଃ = ________

**୭। ଇ / ଈ + ଇବର୍ଣ୍ଣଭିନ୍ନ କୌଣସି ସ୍ୱର = ୟ୍ + ସ୍ୱର**

ଯଥା :- ଯଦି + ଅପି = (ଯଦ୍ + ଇ + ଅପି = ଯଦ୍ + ୟ୍ + ଅପି) = ଯଦ୍ୟପି

**ଅଭ୍ୟାସଃ**

୧। **ସନ୍ଧିଂ କୁରୁତ ।**

ଅତି + ଅଧିକମ୍ = ________
ଅତି + ଅନ୍ତମ୍ = ________
ଅତି + ଆଚାରଃ = ________
ଇତି + ଆଦିଶତ୍ = ________
ଯଦି + ଏବମ୍ = ________
ଅପି + ଏତେଷୁ = ________
ପ୍ରତି + ଉବାଚ = ________
ପ୍ରତି + ଉପକାରଃ = ________
ଅତି + ଉଗ୍ରଃ = ________
ଅଭି + ଉଦୟଃ = ________
ଦେବୀ + ଆଗମନମ୍ = ________
ଦେବୀ + ଉବାଚ = ________
ବକ୍ଷସି + ଉପବିଶ୍ୟ = ________
ଅସ୍ତି + ଉତ୍ତରସ୍ୟାମ୍ = ________
ଯାସ୍ୟତି + ଅଦ୍ୟ = ________
ପ୍ରତି + ଏକଃ = ________
ଇତି + ଉକ୍ତ୍ୱା = ________
ଅପି + ଉପାୟେନ = ________

୨। **ସନ୍ଧିବିଚ୍ଛେଦଂ କୁରୁତ ରେଖାରୂଢ଼ାନାଂ ପଦାନାମ୍ ।**

ଯଦି ଦାସ୍ୟସି <u>ନେଚ୍ଛାମି</u> ନ ଦାସ୍ୟସି <u>ପିବାମ୍ୟହମ୍</u> ।

**୮ । ଉ / ଊ + ଉବର୍ଣ୍ଣଭିନ୍ନ କୌଣସି ସ୍ୱର = ବ୍ + ସ୍ୱର**

ଯଥା :- ସୁ + ଆଗତମ୍ = (ସ୍ + ଉ + ଆଗତମ୍ = ସ୍ + ବ୍ + ଆଗତମ୍) = ସ୍ୱାଗତମ୍
ସୁ + ଅସ୍ତି = (ସ୍ + ଉ + ଅସ୍ତି = ସ୍ + ବ୍ + ଅସ୍ତି) = ସ୍ୱସ୍ତି

**ଅଭ୍ୟାସଃ**

**ସନ୍ଧିଂ କୁରୁତ ।**

ଅନୁ + ଅୟଃ = ________
ଅନୁ + ଅଗଚ୍ଛତ୍ = ________
ଆଗଚ୍ଛତୁ + ଅତ୍ର = ________
ଅନୁ + ଅସରତ୍ = ________
ଖଳୁ + ଅହମ୍ = ________
ଅନୁ + ଏଷଣମ୍ = ________
ପଚତୁ + ଓଦନମ୍ = ________
ବଧୂ + ଆଦେଶଃ = ________
ସାଧୁ + ଆଦେଶଃ = ________
ଭୂ + ଆଦିଃ = ________

**୯ । ଋ/ୠ + ଋ ବର୍ଣ୍ଣଭିନ୍ନ କୌଣସି ସ୍ୱର = ର୍ + ସ୍ୱର**

ଯଥା :- ପିତୃ + ଆଦେଶଃ = (ପିତ୍ + ଋ + ଆଦେଶଃ = ପିତ୍ + ର୍ + ଆଦେଶଃ) = ପିତ୍ରାଦେଶଃ ।
ମାତୃ + ଆଜ୍ଞା = (ମାତ୍ + ଋ + ଆଜ୍ଞା = ମାତ୍ + ର୍ + ଆଜ୍ଞା) = ମାତ୍ରାଜ୍ଞା

**ଅଭ୍ୟାସଃ**

**ସନ୍ଧିଂ କୁରୁତ ।**

ଭ୍ରାତୃ + ଆଜ୍ଞା = __________
ପିତୃ + ଅନୁଗ୍ରହଃ = __________
ମାତୃ + ଇଚ୍ଛା = __________
ମାତୃ + ଅନୁମତିଃ = __________
ଦାତୃ + ଉପଦେଶଃ = __________
ପିତୃ + ଅଂଶଃ = __________
ପିତୃ + ଅର୍ଥଃ = __________
ସବିତୃ + ଉଦୟଃ = __________

**୧୦ । ପଦାନ୍ତ ଏ + ଅ = ଏଽ**

ଯଥା :- ତେ + ଅଦ୍ୟ = ତେଽଦ୍ୟ, ଦେହେ + ଅସ୍ମିନ୍ = ଦେହେଽସ୍ମିନ୍

**ଅଭ୍ୟାସଃ**

**ସନ୍ଧିଂ କୁରୁତ ।**

ଏତେ + ଅଦ୍ୟ = ________ ତେ + ଅପି = ________

କ୍ଷୁଦ୍ରେ + ଅପି = ________ ବନେ + ଅତ୍ର = ________

ବୃକ୍ଷେ + ଅସ୍ମିନ୍ = ________ ତେ + ଅଗଚ୍ଛନ୍ = ________

ସୁଖେ + ଅସୁଖେ = ________ ଯାଚତେ + ଅୟମ୍ = ________

ଯାଚତେ + ଅର୍ଥମ୍ = ________ ତେ + ଅହମ୍ = ________

ଗୁରବେ + ଅବଦନ୍ = ________

**୧୧ । ପଦାନ୍ତ ଓ + ଅ = ଓଽ**

ଯଥା :- ବିଷ୍ଣୋ + ଅବ = ବିଷ୍ଣୋଽବ ।

**ଅଭ୍ୟାସଃ**

**୧ । ସନ୍ଧିଂ କୁରୁତ ।**

ବନ୍ଧୋ + ଅତ୍ର = ________ ଗୁରୋ + ଅହମ୍ = ________

**୨ । ପଠିତନିୟମାନୁସାରଂ ସନ୍ଧିଂ କୁରୁତ ।**

(କ) ଏକାକିନୀ + ଆଗଚ୍ଛତି ।

(ଖ) ଗଙ୍ଗା + ଅବତରତି

(ଗ) ବନେ + ଅତ୍ର

(ଘ) ଉପରି + ଉପବିଶତି

(ଙ) ଆତ୍ମାନମ୍ + ଅପଶ୍ୟମ୍ ।

(ଚ) ମୁନି + ଇଚ୍ଛା

(ଛ) କଃ + ଅପି

(ଜ) ବେଗେନ + ଉତ୍ପ୍ଲୁତ୍ୟ

(ଝ) ବହୁ + ଇଚ୍ଛାମି

(ଞ) ଅଶ୍ରୁତ୍ୱା + ଏବ

(ଟ) ପରମ + ରତମ୍

**୧୨ । ଏ + କୌଣସି ସ୍ୱର = ଅୟ୍ + ସ୍ୱର**

ଯଥା :- ନେ + ଅନମ୍ = (ନ୍ + ଏ + ଅନ = ନ୍ + ଅୟ୍ + ଅନ) = ନୟନମ୍

ଶେ + ଅନମ୍ = (ଶ୍ + ଏ + ଅନ = ଶ୍ + ଅୟ୍ + ଅନ) = ଶୟନମ୍

**ଅଭ୍ୟାସଃ**

**ସନ୍ଧିଂ କୁରୁତ ।**

ନେ + ଅତି = ________ ଚେ + ଅନମ୍ = ________

ତେ + ଆଗତାଃ = ________ ଯେ + ଇହ = ________

ହରେ + ଏହି = ________

**୧୩। ଐ + କୌଣସି ସ୍ୱର = ଆୟ୍ + ସ୍ୱର**

ଯଥା :- ଗୈ + ଅକଃ = (ଗ୍ + ଐ + ଅକ = ଗ୍ + ଆୟ୍ + ଅକ) = ଗାୟକଃ

ନୈ + ଅକଃ = (ନ୍ + ଐ + ଅକ = ନ୍ + ଆୟ୍ + ଅକ) = ନାୟକଃ

**ଅଭ୍ୟାସଃ**

**ସନ୍ଧିଂ କୁରୁତ ।**

କସ୍ମୈ + ଅଦଦାତ୍ = (କସ୍ମ + ଆୟ୍ + ଅଦଦାତ୍) = __________

ଶ୍ରିୟୈ + ଇଚ୍ଛା = (ଶ୍ରିୟ୍ + ଆୟ୍ + ଇଚ୍ଛା) = __________

ଗୈ + ଅତି = (ଗ୍ + ଆୟ୍ + ଅତି) = __________

ଶ୍ରିୟୈ + ଔତ୍ସୁକ୍ୟମ୍ = (ଶ୍ରିୟ୍ + ଆୟ୍ + ଔତ୍ସୁକ୍ୟମ୍) = __________

**୧୪। ଓ + କୌଣସି ସ୍ୱର = ଅବ୍ + ସ୍ୱର**

ଯଥା :- ପୋ + ଅନଃ = (ପ୍ + ଓ + ଅନ = ପ୍ + ଅବ୍ + ଅନ) = ପବନଃ

**ଅଭ୍ୟାସଃ**

**ସନ୍ଧିଂ କୁରୁତ ।**

ଭୋ + ଅନମ୍ = __________ ଭୋ + ଅତି = __________

ପୋ + ଇତ୍ରଃ = __________ ଗୋ + ଏଷଣା = __________

ଭୋ + ଇତା = __________ ସାଧୋ + ରତମ୍ + ଆଚର = __________

**୧୫। ଔ + କୌଣସି ସ୍ୱର = ଆବ୍ + ସ୍ୱର**

ଯଥା :- ପୌ + ଅକଃ = (ପ୍ + ଔ + ଅକ = ପ୍ + ଆବ୍ + ଅକ) = ପାବକଃ

**ଅଭ୍ୟାସଃ**

**ସନ୍ଧିଂ କୁରୁତ ।**

ଭୌ + ଉକଃ = __________ ନୌ + ଇକଃ = __________

ଦ୍ୱୌ + ଇମୌ = __________ ତୌ + ଉଭୌ = __________

ତୌ + ଏତୌ = __________ ରାତ୍ରୌ + ଅହନି = __________

ରାତ୍ରୌ + ଆଗତୌ = __________ ରବୌ + ଉଦିତେ = __________

ଗତୌ + ଉଭୌ = __________ ଉଭୌ + ଏତୌ = __________

**୧୬। ପଦାନ୍ତ ଅୟ୍ / ଆୟ୍ / ଅବ୍ / ଆବ୍ + କୌଣସି ସ୍ୱର = ୟ୍ / ବ୍ ଲୋପ (ବିକଳ୍ପରେ)**

ଯଥା :- ସର୍ବେ + ଏବ = ସର୍ବ୍ + ଏ + ଏବ = ସର୍ବ୍ + ଅୟ୍ + ଏବ = ସର୍ବୟେବ

ଅଥବା ସର୍ବ୍ + ଅ + ଏବ = ସର୍ବ ଏବ (ଲୋପ ପକ୍ଷେ) ।

'ୟ୍' ଲୋପ 'ବ୍' ଲୋପ ସନ୍ଧିର ପୁନଃ ସନ୍ଧି ହୁଏ ନାହିଁ ।

**ଲୋପସନ୍ଧେଃ ଉଦାହରଣାନି :**

କ୍ଷିତିଜେ + ଉଦୟତି = କ୍ଷିତିଜୟୁଦୟତି / କ୍ଷିତିଜ ଉଦୟତି ।

ଉଦ୍ୟାନେ + ଆବାସଃ = ଉଦ୍ୟାନୟାବାସଃ / ଉଦ୍ୟାନ ଆବାସଃ ।

କ୍ଷଣେ + ଏବ = କ୍ଷଣୟେବ / କ୍ଷଣ ଏବ

ପାତ୍ରେ + ଓଦନମ୍ = ପାତ୍ରୟୋଦନମ୍ / ପାତ୍ର ଓଦନମ୍ ।

ଖେଳେ + ଇଚ୍ଛା = ଖେଳୟିଚ୍ଛା / ଖେଳ ଇଚ୍ଛା ।

ଅରଣ୍ୟେ + ଔଷଧମ୍ = ଅରଣ୍ୟୟୌଷଧମ୍ / ଅରଣ୍ୟ ଔଷଧମ୍ ।

ପାଠେ + ଉଦାସୀନତା = ପାଠୟୁଦାସୀନତା / ପାଠ ଉଦାସୀନତା ।

ହସ୍ତେ + ଏବ = ହସ୍ତୟେବ / ହସ୍ତ ଏବ

ତସ୍ମୈ + ଅୟଚ୍ଛତ୍ = ତସ୍ମାୟୟଚ୍ଛତ୍ / ତସ୍ମା ଅୟଚ୍ଛତ୍

ତସ୍ୟୈ + ଅଦଦାତ୍ = (ତସ୍ୟ + ଆୟ୍ + ଅଦଦାତ୍) = ତସ୍ୟାୟଦଦାତ୍ / ତସ୍ୟା ଅଦଦାତ୍ ।

କସ୍ମୈ + ଅର୍ପୟତି = କସ୍ମାୟର୍ପୟତି / କସ୍ମା ଅର୍ପୟତି ।

ଅନ୍ୟସ୍ମୈ + ଅର୍ପୟ = ଅନ୍ୟସ୍ମାୟର୍ପୟ / ଅନ୍ୟସ୍ମା ଅର୍ପୟ ।

ତସ୍ୟୈ + ଅଧିକମ୍ = ତସ୍ୟାୟଧିକମ୍ / ତସ୍ୟା ଅଧିକମ୍

ଅସ୍ମୈ + ଅଦ୍ୟ = ଅସ୍ମାୟଦ୍ୟ / ଅସ୍ମା ଅଦ୍ୟ ।

ପୂଜାୟୈ + ଆଗତା = ପୂଜାୟାୟାଗତା / ପୂଜାୟା ଆଗତା ।

ବ୍ୟାଖ୍ୟାୟୈ + ଉବାଚ = ବ୍ୟାଖ୍ୟାୟାୟୁବାଚ / ବ୍ୟାଖ୍ୟାୟା ଉବାଚ ।

କନ୍ୟାୟୈ + ଔଷଧମ୍ = କନ୍ୟାୟାୟୌଷଧମ୍ / କନ୍ୟାୟା ଔଷଧମ୍ ।

ବିଷ୍ଣୋ + ଆଗଚ୍ଛ = (ବିଷ୍ଣ୍ + ଓ + ଆଗଚ୍ଛ = ବିଷ୍ଣ୍ + ଅବ୍ + ଆଗଚ୍ଛ) = ବିଷ୍ଣବାଗଚ୍ଛ

(ଅଥବା) (ବିଷ୍ଣ୍ + ଅ + ଆଗଚ୍ଛ) = ବିଷ୍ଣ ଆଗଚ୍ଛ ।

ବନ୍ଧୋ + ଇକ୍ଷସ୍ୱ = ବନ୍ଧବୀକ୍ଷସ୍ୱ / ବନ୍ଧ ଇକ୍ଷସ୍ୱ ।

ପ୍ରଭୋ + ଏହି = ପ୍ରଭବେହି / ପ୍ରଭ ଏହି

ଗୁରୋ + ଆଗମ୍ୟତାମ୍ = ଗୁରବାଗମ୍ୟତାମ୍ / ଗୁର ଆଗମ୍ୟତାମ୍ ।

ବନ୍ଧୋ + ଆଗଚ୍ଛ = ବନ୍ଧବାଗଚ୍ଛ / ବନ୍ଧ ଆଗଚ୍ଛ ।

ଦ୍ୱୌ + ଅପି = ଦ୍ୱ୍ + ଔ + ଅପି = ଦ୍ୱ୍ + ଆବ୍ + ଅପି = ଦ୍ୱାବପି / ଦ୍ୱା ଅପି

ରାତ୍ରୌ + ଏବ = ରାତ୍ରାବେବ / ରାତ୍ରା ଏବ ।

ଭୂମୌ + ଉପାବିଶତ୍ = ଭୂମାବୁପାବିଶତ୍ / ଭୂମା ଉପାବିଶତ୍ ।

## ଅଭ୍ୟାସଃ

**ସନ୍ଧିଂ କୁରୁତ ।**

ପ୍ରବିଷ୍ଟୌ + ଆବାମ୍ = __________ । ଗତୌ + ଇମୌ = __________ ।

ଉଦଧୌ + ଉଦିତଃ = __________ । କୌ + ଏତୌ = __________ ।

## ଅପବାଦାଃ

(କ) କୁଳ + ଅଟା = କୁଳଟା । ମୃତ + ଅଣ୍ଡଃ = ମୃତଣ୍ଡଃ । ସାର + ଅଙ୍ଗଃ = ସାରଙ୍ଗଃ । ସ୍ୱ + ଈରଃ = ସ୍ୱୈରଃ । ସୀମନ୍ + ଅନ୍ତଃ = ସୀମନ୍ତଃ । ମନସ୍ + ଈଷା = ମନୀଷା । ପ୍ର + ଊଢ଼ଃ = ପ୍ରୌଢ଼ଃ । ଅକ୍ଷ + ଊହିନୀ = ଅକ୍ଷୌହିଣୀ । ଉପ + ଋଚ୍ଛତି = ଉପାର୍ଚ୍ଛତି (ନିକଟଂ ଗଚ୍ଛତି) । ପ୍ର + ଋଚ୍ଛତି = ପ୍ରାର୍ଚ୍ଛତି (ଶୀଘ୍ରଂ ଗଚ୍ଛତି) । ସୁଖ + ଋତଃ = ସୁଖାର୍ତଃ । ତୃଷ୍ଣା + ଋତଃ = ତୃଷ୍ଣାର୍ତ୍ତଃ । ଅବ + ଏହି = ଅବେହି । ଅପ + ଏହି = ଅପେହି । ପ୍ର + ଏଷୟତି = ପ୍ରେଷୟତି । ପ୍ର + ଏଜତେ = ପ୍ରେଜତେ । ବିମ୍ବ + ଓଷ୍ଠଃ = ବିମ୍ବୋଷ୍ଠ / ବିମ୍ବୌଷ୍ଠଃ । ସ୍ଥୁଳ + ଓତୁଃ = ସ୍ଥୁଳୋତୁଃ / ସ୍ଥୁଳୌତୁଃ । ପତତ୍ + ଅଞ୍ଜଳିଃ = ପତଞ୍ଜଳିଃ । ଗୋ + ଅକ୍ଷଃ = ଗବାକ୍ଷଃ । ଗୋ + ଇନ୍ଦ୍ରଃ = ଗବେନ୍ଦ୍ରଃ ।

(ଖ) ଈ-ଊ-ଏକାରାନ୍ତ ଦ୍ୱିବଚନ ପଦମାନଙ୍କର ଅନ୍ତ୍ୟସ୍ୱର ସହିତ ସ୍ୱରବର୍ଣ୍ଣର ସନ୍ଧି ହୁଏ ନାହିଁ ।

ଯଥା :- କବୀ + ଇମୌ = କବୀ ଇମୌ

ମୁନୀ + ଇମୌ = ମୁନୀ ଇମୌ । ଗିରୀ ଏତୌ = ଗିରୀ + ଏତୌ । ବିଦ୍ୟେ + ଇମେ = ବିଦ୍ୟେ ଇମେ । ମାଳେ + ଆନୟ = ମାଳେ ଆନୟ । ମିତ୍ରେ + ଇମେ = ମିତ୍ରେ ଇମେ । ଏତେ ଧେନୂ + ଅସ୍ୟ ଗୋପାଳସ୍ୟ = ଏତେ ଧେନୂ ଅସ୍ୟ ଗୋପାଳସ୍ୟ । ଇମେ ଫଳେ + ଅସ୍ମୈ ବାଳକାୟ = ଇମେ ଫଳେ ଅସ୍ମୈ ବାଳକାୟ ।

(ଗ) 'ଅଦସ୍' ଶବ୍ଦର ମକାର ପରସ୍ଥିତ ଈକାର - ଊକାରର ସନ୍ଧି ହୁଏ ନାହିଁ ।

ଯଥା :- ଅମୀ + ଅଶ୍ୱାଃ = ଅମୀ ଅଶ୍ୱାଃ

ଅମୀ + ଆର୍ଯ୍ୟାଃ = ଅମୀ ଆର୍ଯ୍ୟାଃ

ଅମୂ + ଅସୁରୌ = ଅମୂ ଅସୁରୌ

ଅମୂ + ଅର୍ଭକୌ = ଅମୂ ଅର୍ଭକୌ

(ଘ) ଅଚ୍ (ସ୍ୱରବର୍ଣ୍ଣ) ପରେ ଥିଲେ ପ୍ଳୁତସ୍ୱରର ସନ୍ଧି ହୁଏ ନାହିଁ ।

ଯଥା :- ଇହାଗଚ୍ଛ ଭୋ ହରେ ଇହାଗଚ୍ଛ ।

ଆବିର୍ଭବ ହେ ଈଶ ଆବିର୍ଭବ ।

ଏହି କୃଷ୍ଣ ଏହି ମାମ୍ ।

(ଙ) ଆଙ୍ ଭିନ୍ନ ଓକାରାନ୍ତ ଏବଂ ଏକସ୍ୱରମାତ୍ର ଅବ୍ୟୟର ପରସ୍ପର ସହ ସନ୍ଧି ହୁଏ ନାହିଁ ।

ଯଥା :- ଅହୋ + ଅନିଷ୍ଟମ୍ ଆପତିତମ୍ = ଅହୋ ଅନିଷ୍ଟମ୍ ଆପତିତମ୍ ।

ଆ + ଏବଂ ନ କର୍ତ୍ତବ୍ୟମ୍ = ଆ ଏବଂ ନ କର୍ତ୍ତବ୍ୟମ୍ ।

## ସୂତ୍ର ସୂଚନା

**୧ ।** ଅକଃ ସବର୍ଣ୍ଣେ ଦୀର୍ଘଃ । ପା.୬.୧.୧୦୧ ।

ଅକଃ - ଅ, ଆ, ଇ, ଈ, ଉ, ଊ, ଋ, ୠ, ଌ ।

ସବର୍ଣ୍ଣଃ - ଉଚ୍ଚାରଣସ୍ଥାନ ଏବଂ ଆଭ୍ୟନ୍ତର ପ୍ରଯତ୍ନ ଦୃଷ୍ଟିରୁ ସମାନ ସ୍ୱରବର୍ଣ୍ଣ । ସବର୍ଣ୍ଣ ସ୍ୱର ପରେ ଥିଲେ ପୂର୍ବ ପର ଦୁଇଟିଯାକର ଦୀର୍ଘ ଏକାଦେଶ ହୁଏ ।

**୨।** ଇକୋ ଯଣଚି । ପା.୬.୧.୭୭ ।

ଇକ୍ - ଇ, ଈ, ଉ, ଊ, ଋ, ୠ, ଌ ।

ଯଣ୍ - ଯ୍, ବ୍, ର୍, ଲ୍ ।

ଅଚ୍ - ସମସ୍ତ ସ୍ୱରବର୍ଣ୍ଣ ।

ସବର୍ଣ୍ଣ ଭିନ୍ନ ସ୍ୱରବର୍ଣ୍ଣ ପରେ ଥିଲେ 'ଇ' ବର୍ଣ୍ଣ ସ୍ଥାନରେ 'ୟ୍', ଉ ବର୍ଣ୍ଣ ସ୍ଥାନରେ 'ବ୍' ଋ ବର୍ଣ୍ଣ ସ୍ଥାନରେ 'ର୍' ଏବଂ 'ଌ' ବର୍ଣ୍ଣ ସ୍ଥାନରେ ଲ୍ ହୁଏ ।

**୩।** ଏଚୋଽୟବାୟାବଃ । ପା.୬.୧.୭୮ ।

ଏଚଃ + ଅୟ୍ + ଅବ୍ + ଆୟ୍ + ଆବ୍ + ଅଃ ।

ଏଚ୍ - ଏ, ଓ, ଐ, ଔ

'ଏ' ସ୍ଥାନରେ ଅୟ୍, 'ଓ' ସ୍ଥାନରେ ଅବ୍, 'ଐ' ସ୍ଥାନରେ ଆୟ୍, 'ଔ' ସ୍ଥାନରେ ଆବ୍ ହୁଏ ସ୍ୱରବର୍ଣ୍ଣ ପରେ ଥିଲେ ।

**୪।** ଲୋପଃ ଶାକଲ୍ୟସ୍ୟ । ପା. ୮.୩.୧୯ ।

**୫।** ଈଦୂଦେଦ୍ ଦ୍ୱିବଚନମ୍, ପ୍ରଗୃହ୍ୟମ୍ । ପା.୧.୧.୧୧ ।

## ବ୍ୟଞ୍ଜନସନ୍ଧିଃ

ବ୍ୟଞ୍ଜନବର୍ଣ୍ଣ ସହିତ ବ୍ୟଞ୍ଜନବର୍ଣ୍ଣର ଓ ବ୍ୟଞ୍ଜନବର୍ଣ୍ଣ ସହିତ ସ୍ୱରବର୍ଣ୍ଣର ମିଳନକୁ ବ୍ୟଞ୍ଜନସନ୍ଧି କହନ୍ତି ।

**ବର୍ଣ୍ଣସଂଯୋଗଃ** = ମ୍ + ସ୍ୱରାଃ

= ମ୍ + ଅ, ଆ, ଇ, ଈ, ଉ, ଊ, ଋ, ୠ , ଌ, ଏ, ଐ, ଓ, ଔ

= ମ, ମା, ମି, ମୀ, ମୁ, ମୂ, ମୃ, ମୄ, ମ୍ଲୃ, ମେ, ମୈ, ମୋ, ମୌ

**ନିୟମ - ୧**

(କ) ମ୍ → ০

(ଅନୁସ୍ୱାର - ସନ୍ଧିଃ)

ମ୍ ସ୍ଥାନରେ ଅନୁସ୍ୱାର

**ଉଦାହରଣ :**

ଗୃହମ୍ + ଅଗଚ୍ଛତ୍ = ଗୃହମଗଚ୍ଛତ୍ ।

ଗୃହମ୍ + ଆଗତଃ = ଗୃହମାଗତଃ, ଇତ୍ୟାଦି । ମ୍ ସହିତ ସ୍ୱରବର୍ଣ୍ଣଙ୍କର ସଂଯୋଗ ହୁଏ, ସନ୍ଧି ନୁହେଁ ।

ମ୍ ପରେ ବ୍ୟଞ୍ଜନ ଥିଲେ ସନ୍ଧି ହୁଏ; ମ୍ ର ଅନୁସ୍ୱାର ହୁଏ ଏବଂ ପରବର୍ତ୍ତୀ ବ୍ୟଞ୍ଜନ ପୂର୍ବବତ୍ ରହେ ।

**ଉଦାହରଣ :**

ଲତାମ୍ + ପ୍ରତି = ଲତାଂ ପ୍ରତି ← ସନ୍ଧିଃ

ଏଠାରେ ସନ୍ଧିରେ ବ୍ୟଞ୍ଜନ ପରେ ଥିବାରୁ ମ୍ ସ୍ଥାନରେ ଅନୁସ୍ୱାର (ଂ) ହୋଇଗଲା ।

କିନ୍ତୁ ଲତାମ୍ + ଅପଶ୍ୟତ୍ = ଲତାମପଶ୍ୟତ୍ ← ସଂଯୋଗଃ ।

ଏଠାରେ ପରପଦର ଆଦିବର୍ଣ୍ଣ ସ୍ୱର ହୋଇଥିବାରୁ 'ମ୍' ଏବଂ 'ଅ' ବର୍ଣ୍ଣର ସଂଯୋଗ ହେଲା ।

**ଅନ୍ୟାନ୍ୟ ଉଦାହରଣ :**

(କ) ବାଳିକା <u>ବିଦ୍ୟାଳୟମ୍</u> ପ୍ରତି ଗଚ୍ଛତି ।
= ବାଳିକା <u>ବିଦ୍ୟାଳୟଂ</u> ପ୍ରତି ଗଚ୍ଛତି ।

(ଖ) ପଶ୍ୟ ବୃକ୍ଷସ୍ୟ <u>ମହିମାନମ୍</u> ମନୋହାରିତ୍ୱମ୍ ଚ ।
= ପଶ୍ୟ ବୃକ୍ଷସ୍ୟ <u>ମହିମାନଂ ମନୋହା</u>ରିତ୍ୱଂ ଚ ।

## ଅଭ୍ୟାସଃ

**୧। ଉତ୍ତରଂ କୁରୁତ ।**

(କ) କସ୍ମାତ୍ ପୂର୍ବଂ 'ମ୍' କାରସ୍ୟ ଅନୁସ୍ୱାରଃ ଭବତି ? (ବ୍ୟଞ୍ଜନାତ୍, ସ୍ୱରାତ୍)

(ଖ) କସ୍ମାତ୍ ପୂର୍ବଂ 'ମ୍' କାରସ୍ୟ ବର୍ଣ୍ଣ ସଂଯୋଗଃ ଭବତି ? (ବ୍ୟଞ୍ଜନାତ୍, ସ୍ୱରାତ୍)

**୨। ଅଧୋଲିଖିତେଷୁ ବାକ୍ୟେଷୁ ସନ୍ଧିଯୁକ୍ତପଦାନାଂ ନିରୂପଣଂ କୁରୁତ ।**

(କ) ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।

(ଖ) ତ୍ୱୟା ସହ ଧର୍ମଃ ନୂନଂ ଯାସ୍ୟତି ।

(ଗ) କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ।

(ଘ) ସଙ୍ଗଚ୍ଛଧ୍ୱଂ ସଂବଦଧ୍ୱଂ ସଂବୋ ମନାଂସି ଜାନତାମ୍ ।

(ଙ) ବିଦ୍ୟା ଦଦାତି ବିନୟଂ ବିନୟାଦ୍ ଯାତି ପାତ୍ରତାମ୍ ।

**୩। ଅନୁସ୍ୱାରସନ୍ଧିଂ ବିଧାୟ ନିମ୍ନ ପ୍ରଦତ୍ତାନୁଚ୍ଛେଦଂ ପୁନଃ ଲିଖତ ।**

ଏକଃ ମୁନିଃ ଏକାମ୍ ବାଳମୂଷିକାମ୍ ଅପଶ୍ୟତ୍ । ତାମ୍ ଗୃହମ୍ ଆନୀୟ ସଃ ଅଚିନ୍ତୟତ୍ – ଅସ୍ୟାଃ ବିବାହମ୍ କେନାପି ବଳିଷ୍ଠେନ ସହ କାରୟିଷ୍ୟାମି । ନୂନମ୍ ସୂର୍ଯ୍ୟଃ ଏବ ବଳିଷ୍ଠଃ ।

..............................................................................................

..............................................................................................

..............................................................................................

**ନିୟମ – ୨**

**ହ୍ରସ୍ୱ ସ୍ୱରଃ + ର୍ + ର୍ = ଦୀର୍ଘସ୍ୱରଃ + ର୍**

**(ର୍ ପୂର୍ବବର୍ତ୍ତୀ ରେଫ (ର୍) ର ଲୋପ ଏବଂ ଦୀର୍ଘସ୍ୱରତ୍ୱ)**

ପୂର୍ବପଦର ଅନ୍ତରେ ହ୍ରସ୍ୱସ୍ୱର (ଅ / ଇ / ଉ) + ର୍ ଥିବା ଯଥା (କ) ପୁନର୍, (ଖ) ଅନ୍ତର୍, (ଗ) ହରିର୍, (ଘ) ନିର୍, (ଙ) ଗୁରୁର୍, (ଚ) ଶମ୍ଭୁର୍ ଇତ୍ୟାଦି, ପଦଗୁଡ଼ିକର ଉତ୍ତରପଦର ଆଦିରେ 'ର୍' ଥିବା ପଦ ଯଥା (କ) ରମତେ, (ଖ) ରାଷ୍ଟ୍ରିୟଃ, (ଗ) ରାଜତେ, (ଘ) ରୋଗଃ, (ଙ) ରୁଷ୍ଟଃ, (ଚ) ରାଧ୍ୟତେ ଇତ୍ୟାଦି ପଦଗୁଡ଼ିକ ସହିତ ଯଥାକ୍ରମେ ସନ୍ଧି ହେଲେ ପୂର୍ବପଦର ହ୍ରସ୍ୱ ସ୍ୱର (ଅ / ଇ / ଉ) ର ଦୀର୍ଘସ୍ୱର (ଆ / ଈ / ଊ) ହୋଇଯାଏ ଏବଂ ପୂର୍ବବର୍ତ୍ତୀ 'ର୍'ର ଲୋପ ହୁଏ । ଫଳରେ ପୁନାରମତେ, ଅନ୍ତାରାଷ୍ଟ୍ରିୟଃ, ହରୀରାଜତେ, ନୀରୋଗଃ, ଗୁରୂରୁଷ୍ଟଃ, ଶମ୍ଭୂରାଧ୍ୟତେ ଏବଂ ବିଂଶତୀରୂପ୍ୟକାଣି ପରି ସନ୍ଧି-ନିଷ୍ପନ୍ନ ପଦମାନ ମିଳିଥାନ୍ତି ।

## ଅଭ୍ୟାସଃ

**ଶୂନ୍ୟସ୍ଥାନାନି ପୂରୟତ ।**

(କ) ନିର୍ + ରବଃ = ________

(ଖ) ନିର୍ + ________ = ନୀରସମ୍

(ଗ) ________ + ରଜଃ = ନୀରଜଃ

(ଘ) ________ + ରମ୍ୟଃ = ଶମ୍ଭୂରମ୍ୟଃ

(ଙ) ଗୁରୁର୍ + ରକ୍ଷକଃ = ________

(ଚ) ଅନ୍ତର୍ + ରାଜ୍ୟମ୍ = ________

**ନିୟମ – ୩**

**କ୍, ଚ୍, ଟ୍, ତ୍, ପ୍ → ଗ୍, ଜ୍, ଡ଼୍, ଦ୍, ବ୍**

**(ବର୍ଗୀୟ ପ୍ରଥମ ବର୍ଣ୍ଣମାନଙ୍କର ତୃତୀୟ ବର୍ଣ୍ଣକୁ ପରିବର୍ତ୍ତନ)**

(କ) କ୍ → ଗ୍ (କ୍ ଖ୍ ଗ୍ ଘ୍ ଙ୍)

**ଉଦାହରଣ :**

| | ପୂର୍ବପଦର | ଅନ୍ତିମବର୍ଣ୍ଣ | ଉତ୍ତରପଦର | ଆଦିବର୍ଣ୍ଣ | | ନିଷ୍ପନ୍ନପଦ |
|---|---|---|---|---|---|---|
| | ଦିକ୍ | କ୍ | ଅମ୍ବରଃ | ଅ | = | ଦିଗମ୍ବରଃ |
| | ଦିକ୍ | କ୍ | ଗଜଃ | ଗ | = | ଦିଗ୍‌ଗଜଃ |
| (ଖ) | ଚ୍ → ଜ୍ (ଚ୍ ଛ୍ ଜ୍ ଝ୍ ଞ୍) | | | | | |
| | ଅଚ୍ | ଚ୍ | ଅନ୍ତଃ | ଅ | = | ଅଜନ୍ତଃ |
| | ଅଚ୍ | ଚ୍ | ଆଦିଃ | ଆ | = | ଅଜାଦିଃ |
| (ଗ) | ଟ୍ → ଡ୍ (ଟ୍ ଠ୍ ଡ୍ ଢ୍ ଣ୍) | | | | | |
| | ଷଟ୍ | ଟ୍ | ଆନନଃ | ଆ | = | ଷଡ଼ାନନଃ |
| | ଷଟ୍ | ଟ୍ | ଅଙ୍ଗାନି | ଅ | = | ଷଡ଼ଙ୍ଗାନି |
| (ଘ) | ତ୍ → ଦ୍ (ତ୍ ଥ୍ ଦ୍ ଧ୍ ନ୍) | | | | | |
| | ଜଗତ୍ | ତ୍ | ଈଶଃ | ଈ | = | ଜଗଦୀଶଃ |
| | ଚିତ୍ | ତ୍ | ରୂପମ୍ | ର୍ | = | ଚିଦ୍ରୂପମ୍ |
| (ଙ) | ପ୍ → ବ୍ (ପ୍ ଫ୍ ବ୍ ଭ୍ ମ୍) | | | | | |
| | ଅପ୍ | ପ୍ | ଜଃ | ଜ୍ | = | ଅବ୍‌ଜଃ |
| | ସୁପ୍ | ପ୍ | ଅନ୍ତଃ | ଅ | = | ସୁବନ୍ତଃ |

## ଅଭ୍ୟାସଃ

**ନିମ୍ନଲିଖିତେଷୁ ଉଦାହରଣେଷୁ ଶୂନ୍ୟସ୍ଥାନାନି ପୂରୟତ ।**

(କ) ବାକ୍ + ________ = ବାଗର୍ଥୌ

(ଖ) ________ + ଦାନମ୍ = ବାଗ୍‌ଦାନମ୍

(ଗ) ଷଟ୍ + ________ = ଷଡ୍‌ଦେବାଃ

(ଘ) ବୃହତ୍ + ରଥଃ = ________

(ଙ) ________ + ଦାନମ୍ = ମହଦ୍ଦାନମ୍

(ଚ) ________ + ________ = ସଦାଚାରଃ

(ଛ) ଚିତ୍ + ________ = ଚିଦାନନ୍ଦଃ

(ଜ) ବାକ୍ + ________ = ବାଗୁତ୍ତମା

(ଝ) ଜଗତ୍ + ବନ୍ଧୁଃ = ________

(ଞ) ________ + ଧନମ୍ = ମହଦ୍ଧନମ୍

## ନିୟମ - ୪

ତ୍ → ଚ

ନିୟମ ନ. ୩ ଅନୁଯାୟୀ 'ତ୍' ସ୍ଥାନରେ 'ଦ୍' ହୁଏ ମାତ୍ର ଉତ୍ତରପଦର ପ୍ରଥମ ବର୍ଣ୍ଣ 'ଚ୍' କିମ୍ବା ଚ ବର୍ଗର କୌଣସି ବର୍ଣ୍ଣ ହୋଇଥାଏ ତେବେ 'ତ୍' ସ୍ଥାନରେ 'ଦ୍' ବଦଳରେ 'ଚ୍' ହୁଏ ।

**ଉଦାହରଣ :**

ଏତତ୍ + ଚ = ଏତଚ୍ + ଚ = ଏତଚ୍ଚ

ଅନ୍ୟତ୍ + ଚ = ଅନ୍ୟଚ୍ + ଚ = ଅନ୍ୟଚ୍ଚ

ତତ୍ + ଚ = ତଚ୍ + ଚ = ତଚ୍ଚ

**ଅଭ୍ୟାସଃ**

**ଶୂନ୍ୟସ୍ଥାନାନି ପୂରୟତ ।**

(କ) ସତ୍ + ଚିତ୍ = ________

(ଖ) ଉତ୍ + ଚୟଃ = ________

(ଗ) ତତ୍ + ଚିତ୍ରମ୍ = ________

(ଘ) ଶରତ୍ + ଚନ୍ଦ୍ରଃ = ________

(ଙ) ତତ୍ + ________ = ତଚ୍ଚକ୍ରମ୍

(ଚ) ତତ୍ + ଛତ୍ରମ୍ = ________

(ଛ) ସତ୍ + ________ = ସଚ୍ଚରିତ୍ରମ୍

(ଜ) ମହତ୍ + ଚିତ୍ରମ୍ = ________

(ଝ) ________ + ଚିନ୍ତୟିତ୍ୱା = ତଚ୍ଚିନ୍ତୟିତ୍ୱା

(ଞ) ________ + ଚରଣେଷୁ = ଭବଚ୍ଚରଣେଷୁ

(ଟ) ବିପତ୍ + ________ = ବିପଚ୍ଚିନ୍ତା

(ଠ) ଭବତ୍ + ଚରଣାରବିନ୍ଦେଷୁ = ________

(ଡ) ଭଗବତ୍ + ଚିନ୍ତନମ୍ = ________

## ନିୟମ - ୫

ତ୍ → ଲ

ଯଦି ଉତ୍ତରପଦର ପୂର୍ବ ବର୍ଣ୍ଣ 'ଲ୍' ହୁଏ ତେବେ ପୂର୍ବପଦର ଅନ୍ତିମବର୍ଣ୍ଣ 'ତ୍' ସ୍ଥାନରେ 'ଲ୍' ହୋଇଯାଏ ।

**ଉଦାହରଣ :**

ଉତ୍ + ଲାସଃ = ଉଲ୍ + ଲାସଃ = ଉଲ୍ଲାସଃ

ସମୁତ୍ + ଲେଖଃ = ସମୁଲ୍ + ଲେଖଃ = ସମୁଲ୍ଲେଖଃ

**ଅଭ୍ୟାସଃ**

**ଶୂନ୍ୟସ୍ଥାନାନି ପୂରୟତ ।**

(କ) ସମୁତ୍ + ଲାସଃ = ________

(ଖ) ଉତ୍ + ଲେଖଃ = ________

(ଗ) ମହତ୍ + ଲଘୁ = ________

(ଘ) ତତ୍ + ଲୀନଃ = ________

(ଙ) ________ + ଲତା = ତଡ଼ିଲ୍ଲତା

(ଚ) ________ + ଲତା = ବିଦ୍ୟୁଲ୍ଲତା

(ଛ) ଉତ୍ + ଲଙ୍ଘନମ୍ = ________

(ଜ) ତତ୍ + ଲାଙ୍ଗୁଳମ୍ = ________

# ବିସର୍ଗସନ୍ଧିଃ

ନିକଟତମ ବର୍ଣ୍ଣଦ୍ୱୟ ରୂପେ ବିସର୍ଗ ସହ ସ୍ୱର ବା ବ୍ୟଞ୍ଜନର ମିଳନରୁ ବିସର୍ଗର ଯେଉଁ ପରିବର୍ତ୍ତନ ଘଟେ ତାହାକୁ ବିସର୍ଗ ସନ୍ଧି କୁହାଯାଏ ।

**୧ । ଅଃ + ଅ = ଓଽ ('ଅ'ର ଲୋପ ଚିହ୍ନ = ଽ)**

ଯଥା :- ସଃ + ଅହମ୍ = ସୋଽହମ୍, ବାଳଃ + ଅୟମ୍ = ବାଳୋଽୟମ୍

(ସଃ → ସସ୍ → ସରୁ → ସଉ → ସ୍ଓ + ଅହମ୍ = ସୋ + ଽହମ୍ = ସୋଽହମ୍)

## ଅଭ୍ୟାସଃ

**ସନ୍ଧିଂ କୁରୁତ ।**

ଶିବଃ + ଅହମ୍ = __________ ଶାନ୍ତଃ + ଅସ୍ତି = __________

ଶୁଦ୍ଧଃ + ଅହମ୍ = __________ ବୁଦ୍ଧଃ + ଅହମ୍ = __________

ମୁକ୍ତଃ + ଅହମ୍ = __________ ସଃ + ଅପି = __________

ତତଃ + ଅନ୍ୟଥା = __________ ଶିବଃ + ଅର୍ଚ୍ଚିତଃ = __________

ଜିତେନ୍ଦ୍ରଃ + ଅବଦତ୍ = __________ କାଳଃ + ଅୟମ୍ = __________

କୁତଃ + ଅୟମ୍ = __________ ବସନ୍ତଃ + ଅକରୋତ୍ = __________

ବେଦଃ + ଅଧୀତଃ = __________ ଉଚିତଃ + ଅବସରଃ = __________

**୨ । ଅଃ + ମୃଦୁବ୍ୟଞ୍ଜନମ୍ = ଓ**

ଯଥା = ଏକଃ + ଦେବଃ = ଏକୋ ଦେବଃ । ଭୂୟଃ + ଭୂୟଃ = ଭୂୟୋଭୂୟଃ ।

ଗ୍ ଘ୍ ଙ୍, ଜ୍ ଝ୍ ଞ୍, ଡ୍ ଢ୍ ଣ୍, ଦ୍ ଧ୍ ନ୍, ବ୍ ଭ୍ ମ୍, ହ୍ ଯ୍ ବ୍ ର୍ ଲ୍ - ଏଗୁଡ଼ିକ ମୃଦୁବ୍ୟଞ୍ଜନ ।

## ଅଭ୍ୟାସଃ

**ସନ୍ଧିଂ କୁରୁତ ।**

କେଶବଃ + ବା = __________ ନମଃ + ନମଃ = __________

ନମଃ + ପିତ୍ରେ = __________ ନମଃ + ଭଗବତେ = __________

ନମଃ + ବାସୁଦେବାୟ = __________ ରମଣୀୟଃ + ମୃଗଃ = __________

ସିଂହଃ + ଗର୍ଜତି = __________ ମେଘଃ + ଗର୍ଜତି = __________

ଶୁକଃ + ବଦତି = __________ ଶୋଭନଃ + ଗନ୍ଧଃ = __________

ରବୀନ୍ଦ୍ରଃ + ହସତି = __________ ବାଳଃ + ଯାତି = __________

ଶିକ୍ଷକଃ + ଲିଖତି = __________ ଭକ୍ତଃ + ନମତି = __________

ସୂର୍ଯ୍ୟଃ + ଭାତି = __________ ଅଶ୍ୱଃ + ଘାସମ୍ = __________

ଦେବଃ + ମହେଶ୍ୱରଃ + ବରାନ୍ ଦଦାତି = __________

ଗୋପାଳଃ + ଗାଃ ଚାରୟତି = __________

ବାଳକଃ + ଗୃହଂ ଗଚ୍ଛତି = __________

ଅର୍ଜୁନଃ + ଗାଣ୍ଡୀବଂ ଧରତି = __________

ସାଧକଃ + ଗାୟତ୍ରୀଂ ପଠତି = __________

ଅଧ୍ୟାପକଃ + ଘଟୀଂ ପଶ୍ୟତି = __________

ସେବକଃ + ଘଣ୍ଟାଂ ବାଦୟତି = __________

ଅୟମ୍ ଅନ୍ଧଃ + ଜଗତ୍ କିଂରୂପମ୍ ଇତି ନ ଜାନାତି = __________

ଜନକଃ + ଜନନୀ ଇତି ଶବ୍ଦଦ୍ୱୟଂ କସ୍ୟ ନ ପ୍ରିୟମ୍ ? = __________

ଶୁଭକାନ୍ତଃ + ଜଳଂ ପିବତି । = __________

ନିରହଂକାରଃ + ଜନଃ ଭଗବତଃ ପ୍ରିୟଃ । = __________

ସର୍ପଃ + ଝଟିତି ବିଳଂ ପ୍ରବିଷ୍ଟଃ = __________

ଜ୍ଞାନିନଃ + ଜ୍ଞାନଯୋଗମ୍ ଅଭ୍ୟସ୍ୟନ୍ତି = __________

ଶିବଃ + ଡମରୁଂ ବାଦୟତି = __________

ସୈନିକଃ + ଢାଲଂ ଧରତି = __________

ଦାନବଃ + ଦୟାଂ ନ କରୋତି = __________

ବାଳକଃ + ଦୁଗ୍ଧଂ ପିବତି = __________

ଧନଞ୍ଜୟଃ + ଧୃତରାଷ୍ଟ୍ରଂ କଥୟତି = __________

ଯୁଧିଷ୍ଠିରଃ + ଧର୍ମାବତାରଃ = __________

କଃ + ଧନଂ ନ ଇଚ୍ଛତି = __________

ନାବିକଃ + ନାବଂ ଚାଳୟତି = __________

କଃ + ନିତ୍ୟଂ ସାମାଚାରପତ୍ରଂ ପଠତି ? = __________

ନ୍ୟାୟାଧୀଶଃ + ନ୍ୟାୟଂ କରୋତି = __________

ଅୟଂ ବାଳକଃ + ବୁଦ୍ଧିମାନ୍ = __________

ବ୍ରାହ୍ମଣଃ + ବ୍ରହ୍ମ ଜାନାତି = __________

ସର୍ବେ ସୁଖିନଃ + ଭବନ୍ତୁ = __________

ପରଧର୍ମଃ + ଭୟାବହଃ = __________

ମାନବଃ + ମରଣଶୀଳଃ = __________

ସାଧକଃ + ମନ୍ତ୍ରଂ ପଠତି = __________

ଅୟଂ ମମ ବାମଃ + ହସ୍ତଃ = __________

ନଗାଧିରାଜଃ + ହିମାଳୟଃ ଉତ୍ତରସ୍ୟାଂ ଦିଶି ବର୍ତ୍ତତେ । = __________

ଶ୍ରୀକୃଷ୍ଣଃ + ଯୋଗେଶ୍ୱରଃ = ___________

ରୋଗଃ + ରୋଗିଣଂ ନ ମୁଞ୍ଚତି = ___________

ଧର୍ମଃ + ରକ୍ଷତି ରକ୍ଷିତଃ = ___________

ରାବଣଃ + ଲଙ୍କାଧିପତିଃ = ___________

ସାଧକଃ + ଲୋଭୀ ନ ଭବେତ୍ = ___________

**୩।  ଅଃ + ଅକାରଭିନ୍ନ କୌଣସିସ୍ୱର = ବିସର୍ଗଲୋପ**

ଯଥା :- ଭୀମଃ + ଆଗତଃ = ଭୀମ ଆଗତଃ ।

**ସନ୍ଧିଂ କୁରୁତ ।**

ବୀରଃ + ଆଗତଃ = ___________

ଧର୍ମାବତାରଃ + ଇବ = ___________

ମଲ୍ଲଃ + ଆସ୍ଫାଳୟତି = ___________

ସଃ + ଉତ୍ତିଷ୍ଠତି = ___________

ବାଳକଃ + ଋଷିଂ ପ୍ରଣମତି = ___________

ରାମଃ + ଉବାଚ = ___________

ରାମଃ + ଆଗଚ୍ଛତ୍ = ___________

ଶ୍ରୀଅରବିନ୍ଦଃ + ଋଷିଶ୍ରେଷ୍ଠଃ = ___________

ରାମଃ + ଇଚ୍ଛତି = ___________

କୁତଃ + ଇଚ୍ଛତି = ___________

ଅର୍ଜୁନଃ + ଉବାଚ = ___________

ସୂର୍ଯ୍ୟଃ + ଉଦେତି = ___________

ମଧୁରଃ + ଏଷଃ + ବିଷୟଃ = ___________

ରାମଃ + ଐଚ୍ଛତ୍ = ___________

ରାମଃ + ଉକ୍ତବାନ୍ = ___________

ଶିକ୍ଷକଃ + ଓଙ୍କାରମ୍ ଉଚ୍ଚାରୟତି = _______

**୪।  ଆଃ + କୌଣସି ସ୍ୱର = ବିସର୍ଗଲୋପ**

ଯଥା :- ବାଳାଃ + ଅଗାୟନ୍ = ବାଳା ଅଗାୟନ୍

**ସନ୍ଧିଂ କୁରୁତ ।**

ଦର୍ଶକାଃ + ଅପଶ୍ୟନ୍ = ___________

ବାଳିକାଃ + ଅନୃତ୍ୟନ୍ = ___________

ଛାତ୍ରାଃ + ଅସ୍ମିନ୍ ବିଦ୍ୟାପୀଠେ ସ୍ୱଚ୍ଛନ୍ଦଂ ପଠନ୍ତି = ___________

ସାଧକାଃ + ଆଶ୍ରମଂ ଗଚ୍ଛନ୍ତି = ___________

ମୟୂରାଃ + ଆନନ୍ଦେନ ନୃତ୍ୟନ୍ତି = ___________

ଛାତ୍ରାଃ + ଈଶୋପନିଷଦଂ ପଠନ୍ତି = ___________

ଛାତ୍ରାଃ + ଇମେ = ___________

କୃଷକାଃ + ଉପହାରଂ ଲଭନ୍ତେ = ___________

ସେବକାଃ + ଉଦ୍ୟାନଂ ଗଚ୍ଛନ୍ତି । = ___________

କେଚନ ଅଧ୍ୟାପକାଃ + ଋଷିତ୍ୱମ୍ ଅର୍ହନ୍ତି = ___________

ଭାରତୀୟାଃ + ଐକ୍ୟଂ କାମୟନ୍ତେ = ___________

ପ୍ରକୃତେଃ ଉପାସକାଃ + ଔଷଧଂ ବର୍ଜୟନ୍ତି = ___________

ଜନାଃ + ଏତାଦୃଶଂ ଦୃଶ୍ୟମ୍ ଅନ୍ୟତ୍ର ଦ୍ରଷ୍ଟୁଂ ନାର୍ହନ୍ତି = ___________

**୫। ଆଃ + ମୃଦୁବ୍ୟଞ୍ଜନମ୍ = ବିସର୍ଗଲୋପ**

ଯଥା :- ବାଳିକାଃ + ଗାୟନ୍ତି = ବାଳିକା ଗାୟନ୍ତି ।

**ସନ୍ଧିଂ କୁରୁତ ।**

ମେଘାଃ + ଗର୍ଜନ୍ତି = ___________ ବିହଗାଃ + ଡୟନ୍ତେ = ___________

ମୟୂରାଃ + ନୃତ୍ୟନ୍ତି = ___________ କୃଷକାଃ + ହୃଷ୍ୟନ୍ତି = ___________

**୬। ଅ/ଆକାର ଭିନ୍ନ କୌଣସି ସ୍ୱର + ବିସର୍ଗ + କୌଣସି ସ୍ୱର = ର୍**

ଯଥା :- ନୃପତିଃ + ଅଗଚ୍ଛତ୍ = ନୃପତିରଗଚ୍ଛତ୍

କବିଃ + ଅଲିଖତ୍ = କବିରଲିଖତ୍

**(କ) ସନ୍ଧିଂ କୁରୁତ ।**

ସାଧୁଃ + ଆଗଚ୍ଛତି = ___________ ଗୁରୋଃ + ଉପଦେଶଃ = ___________

ସୁଧୀଃ + ଏଷଃ = ___________ ମୁନିଃ + ଓଜସ୍ୱୀ = ___________

କବିଃ + ଅୟମ୍ = ___________ ଭୂପତେଃ + ଉଦ୍ୟାନମ୍ = ___________

ପ୍ରଭୋଃ + ଆଦେଶଃ = ___________ ପ୍ରଭୁଃ + ଉବାଚ = ___________

**(ଖ) ସନ୍ଧିବିଚ୍ଛେଦଂ କୁରୁତ ।**

ରବିରୁଦେତି, ମୁନିରଧ୍ୟାପୟତ୍, ବଧୂରେଷା, ଲକ୍ଷ୍ମୀରିୟମ୍, ପିତୁରିଚ୍ଛା, ପିତୁରାଜ୍ଞା, ଗୁରୋରଗ୍ରତଃ, ବନ୍ଧୁରାଗତଃ, ଭାନୁରୁଦୟତି, ବହିରାଗଚ୍ଛ ।

**୭। ଅକାର / ଆକାର ଭିନ୍ନ କୌଣସି ସ୍ୱର + ବିସର୍ଗ + ମୃଦୁବ୍ୟଞ୍ଜନ = ର୍**

ଯଥା :- ଗୁରୁଃ + ବ୍ରହ୍ମା = ଗୁରୁର୍ବ୍ରହ୍ମା, ଗୁରୁଃ + ବିଷ୍ଣୁଃ = ଗୁରୁର୍ବିଷ୍ଣୁଃ ।

(କ) ସନ୍ଧିଂ କୁରୁତ ।

ଗୁରୁଃ + ଦେବଃ = ___________ ବହିଃ + ଗମନମ୍ = ___________

ହରେଃ + ନାମ = ___________ ଅଗ୍ନିଃ + ଜ୍ୱଳତି = ___________

ବାୟୁଃ + ବାତି = ___________ ବୃଷ୍ଟିଃ + ବଭୂବ = ___________

ମୁହୁଃ + ମୁହୁଃ = ___________ ସେନାପତିଃ + ଗଚ୍ଛତି = ___________

କବିଃ + ଲିଖତି = ___________ ଗୁରୋଃ + ଜ୍ଞାନମ୍ = ___________

ବିଧାତୁଃ + ଲୀଳା = ___________ ସାଧୁଃ + ବାଞ୍ଛତି = ___________

**୮। ବିସର୍ଗ + କ/ଖ = ଯଥା ପୂର୍ବସ୍ଥିତି**

**ଉଦାହରଣମ୍**

କଃ + କିଂ କରୋତି = କଃ କିଂ କରୋତି ?

ବାନରଃ + କଦଳୀଂ ଖାଦତି = ବାନରଃ କଦଳୀଂ ଖାଦତି ।

ବାଳକଃ + କନ୍ଦୁକେନ ଖେଳତି = ବାଳକଃ କନ୍ଦୁକେନ ଖେଳତି ।

ଗୋପାଳଃ + ଖାଦ୍ୟଂ ବିତରତି = ଗୋପାଳଃ ଖାଦ୍ୟଂ ବିତରତି ।

ଛାତ୍ରଃ + ଖେଳାଙ୍ଗନଂ ଗଚ୍ଛତି = ଛାତ୍ରଃ ଖେଳାଙ୍ଗନଂ ଗଚ୍ଛତି ।

**୯। ବିସର୍ଗ + ପ୍ / ଫ୍ = ଯଥାପୂର୍ବସ୍ଥିତି**

**ଉଦାହରଣମ୍**

ପୁନଃ + ପୁନଃ = ପୁନଃ ପୁନଃ, ବ୍ରାହ୍ମଣଃ + ପୂଜୟତି = ବ୍ରାହ୍ମଣଃ ପୂଜୟତି । ବିଷ୍ଣୁଃ + ପାଳୟତି = ବିଷ୍ଣୁଃ ପାଳୟତି । ସର୍ପାଃ + ଫୁତ୍କୁର୍ବନ୍ତି = ସର୍ପାଃ ଫୁତ୍କୁର୍ବନ୍ତି ।

**୧୦। ବିସର୍ଗ + ଚ୍ / ଛ୍ = ଶ୍ + ଚ୍ / ଛ୍**

**ଉଦାହରଣମ୍**

ପୁନଃ + ଚ = ପୁନଶ୍ଚ, କଃ + ଚନ = କଶ୍ଚନ, କଃ + ଚିତ୍ = କଶ୍ଚିତ୍, ଗାବଃ + ଚରନ୍ତି = ଗାବଶ୍ଚରନ୍ତି । ପୂର୍ଣ୍ଣଃ + ଚନ୍ଦ୍ରଃ = ପୂର୍ଣ୍ଣଶ୍ଚନ୍ଦ୍ରଃ । ନିଃ + ଚୟ = ନିଶ୍ଚୟଃ । ଶିରଃ + ଛେଦଃ = ଶିରଶ୍ଛେଦଃ । ତରୋଃ + ଛାୟା = ତରୋଶ୍ଛାୟା । ରାଜ୍ଞଃ + ଛତ୍ରମ୍ = ରାଜ୍ଞଶ୍ଛତ୍ରମ୍ । ଶଠଃ + ଛଳୟତି = ଶଠଶ୍ଛଳୟତି ।

**୧୧। ବିସର୍ଗ + ଟ୍ + ଠ୍ = ଷ୍ + ଟ୍ / ଠ୍**

**ଉଦାହରଣମ୍**

କବେଃ + ଟୀକା ପଠନୀୟା = କବେଷ୍ଟୀକା ପଠନୀୟା । ତୈଃ + ଟୋପିକା ଧାରିତା = ତୈଷ୍ଟୋପିକା ଧାରିତା । ସୋପାନେଷୁ ଲୁଠନ୍ କଳସଃ + ଠଠଂ ଠଂ କରୋତି = ସୋପାନେଷୁ ଲୁଠନ୍ କଳସଷ୍ଠଂ ଠଂ କରୋତି ।

**୧୨। ବିସର୍ଗ + ତ୍ / ଥ୍ = ସ୍ + ତ୍ / ଥ୍**

**ଉଦାହରଣମ୍**

ନମଃ + ତେ = ନମସ୍ତେ, ନମଃ + ତୁଭ୍ୟମ୍ = ନମସ୍ତୁଭ୍ୟମ୍ । ନମଃ + ତସ୍ମୈ = ନମସ୍ତସ୍ମୈ । ତତଃ + ତତଃ = ତତସ୍ତତଃ । କଃ + ତ୍ୱମ୍ = କସ୍ତ୍ୱମ୍ । ଦେବାଃ + ତ୍ରାୟନ୍ତେ = ଦେବାସ୍ତ୍ରାୟନ୍ତେ । ନଦ୍ୟାଃ + ତୀରେ = ନଦ୍ୟାସ୍ତୀରେ । ହଂସାଃ + ତଡାଗେ ତରନ୍ତି = ହଂସାସ୍ତଡାଗେ ତରନ୍ତି । ରୋଗିଣଃ + ଥୂତ୍କୁର୍ବନ୍ତି = ରୋଗିଣ ସ୍ଥୁତ୍ କୁର୍ବନ୍ତି । ନର୍ତ୍ତକ୍ୟଃ + ଥୈ ଥୈ ନୃତ୍ୟନ୍ତି = ନର୍ତ୍ତକ୍ୟସ୍ଥୈ ଥୈ ନୃତ୍ୟନ୍ତି ।

**୧୩। ବିସର୍ଗ + ଶ୍ / ଷ୍ / ସ୍ = ପୂର୍ବସ୍ଥିତି / ପୂର୍ବକ୍ରମ**

ନମଃ + ଶିବାୟ = ନମଃ ଶିବାୟ / ନମଶ୍ଶିବାୟ । ନମଃ + ଷଣ୍ମୁଖାୟ = ନମଃ ଷଣ୍ମୁଖାୟ / ନମଷ୍ଷଣ୍ମୁଖାୟ, ନମଃ + ସୂର୍ଯ୍ୟାୟ = ନମଃ ସୂର୍ଯ୍ୟାୟ / ନମସ୍ସୂର୍ଯ୍ୟାୟ ।

# ବିଶେଷ ବିଧି

୧। ନିଃ, ଆବିଃ, ବହିଃ, ଦୁଃ, ପ୍ରାଦୁଃ, ଚତୁଃ – ଏମାନଙ୍କ ବିସର୍ଗର 'ଷ'କାର ହୁଏ କ୍ – ଖ୍ – ପ୍ – ଫ୍ – ପରେ ଥିଲେ ।

ଯଥା :- ନିଃ + କଳଙ୍କଃ = ନିଷ୍କଳଙ୍କଃ — ନିଃ + ପୁତ୍ରଃ = ନିଷ୍ପୁତ୍ରଃ

ନିଃ + କାମଃ = ନିଷ୍କାମଃ — ନିଃ + ପ୍ରୟୋଜନମ୍ = ନିଷ୍ପ୍ରୟୋଜନମ୍

ଆବିଃ + କାରଃ = ଆବିଷ୍କାରଃ — ବହିଃ + କାରଃ = ବହିଷ୍କାରଃ

ଦୁଃ + କୃତିଃ = ଦୁଷ୍କୃତିଃ — ଚତୁଃ + କୋଣଃ = ଚତୁଷ୍କୋଣଃ

ଦୁଃ + କରଃ = ଦୁଷ୍କରଃ — ଚତୁଃ + ପଥ = ଚତୁଷ୍ପଥ

୨। ହବିଃ, ସର୍ପିଃ, ଆୟୁଃ, ଧନୁଃ, ଚକ୍ଷୁଃ, ବପୁଃ ପ୍ରଭୃତି ଇସନ୍ତ (ଇସ୍ + ଅନ୍ତ) – ଉସନ୍ତ (ଉସ୍ + ଅନ୍ତ) ଶବ୍ଦମାନଙ୍କର ବିସର୍ଗସ୍ଥାନରେ ବିକଳ୍ପରେ ଷକାର ହୁଏ କ୍, ଖ୍, ପ୍, ଫ୍ ପରେ ଥିଲେ ।

ଯଥା :- ହବିଃ + ପୁନାତୁ = ହବିଷ୍ପୁନାତୁ / ହବିଃ ପୁନାତୁ

ଆୟୁଃ + କାମୟେ = ଆୟୁଷ୍କାମୟେ / ଆୟୁଃ କାମୟେ

ଚକ୍ଷୁଃ + ପୀଡୟାମି = ଚକ୍ଷୁଷ୍ପୀଡୟାମି / ଚକ୍ଷୁଃ ପୀଡୟାମି

ମାତ୍ର ଏତାଦୃଶ ଶବ୍ଦ ସମାସିତ ହେଲେ ନିତ୍ୟରେ ଷକାର ହୁଏ ।

ଯଥା :- ହବିଃ ପ୍ରିୟଂ ଯସ୍ୟ ସଃ = ହବିଷ୍ପ୍ରିୟଃ ଦେବଃ ।

ଧନୁଃ ପାଣୌ ଯସ୍ୟ ସଃ = ଧନୁଷ୍ପାଣିଃ କ୍ଷତ୍ରିୟଃ ।

୩। ନମଃ, ପୁରଃ, ତିରଃ – ଏମାନଙ୍କର ବିସର୍ଗର ସକାର ହୁଏ କୃ ଧାତୁ ନିର୍ମିତ ଶବ୍ଦ ପରେ ଥିଲେ ।

ଯଥା :- ନମଃ + କରୋତି = ନମସ୍କରୋତି ।

## ଅଭ୍ୟାସଃ

**ସନ୍ଧିଂ କୁରୁତ ।**

ନମଃ + କାରଃ, ନମଃ + କୃତଃ, ନମଃ + କୃତ୍ୟ, ପୁରଃ + କାରଃ, ତିରଃ + କୃତଃ, ପୁରଃ + କୃତଃ, ତିରଃ + କୃତ୍ୟ, ପୁରଃ + କରୋତି ।

୪। ଅବ୍ୟୟଭିନ୍ନ ଶବ୍ଦମାନଙ୍କର ଅକାର ପରସ୍ଥିତ ବିସର୍ଗର ସକାର ହୁଏ । ସମାସରେ କର, କାର, କାନ୍ତ, କାମ, କୁଶା, କୁମ୍ଭ, ପାତ୍ର ଶବ୍ଦ ପରେ ଥିଲେ ।

ଯଥା :- ଯଶଃ + କରଃ = ଯଶସ୍କରଃ — ଶ୍ରେୟଃ + କରଃ = ଶ୍ରେୟସ୍କର

(ଯଶଃ କରୋତି ଇତି) — (ଶ୍ରେୟଃ କରୋତି ଇତି)

ଅୟଃ + କାନ୍ତଃ = ଅୟସ୍କାନ୍ତଃ — ପୟଃ + କୁମ୍ଭଃ = ପୟସ୍କୁମ୍ଭଃ

(ଅୟସଃ କାନ୍ତଃ = ଅୟସ୍କାନ୍ତଃ) — (ପୟସେ କୁମ୍ଭଃ)

ଅହଃ + କରଃ = ଅହସ୍କରଃ — ବାଚଃ + ପତିଃ = ବାଚସ୍ପତିଃ

(ଅହଃ କରୋତି ଇତି) — (ବାଚଃ (ବାଣ୍ୟାଃ) ପତିଃ = ବାଚସ୍ପତିଃ)

**୫।** ସଃ, ଏଷଃ ର ବିସର୍ଗ ଲୋପହୁଏ ଅକାର ଭିନ୍ନ କୌଣସି ବର୍ଣ୍ଣ ପରେ ଥିଲେ । ଅନନ୍ତର ସନ୍ଧି ହୁଏ ନାହିଁ ।

ଯଥା :- ସ ଆଗଚ୍ଛତି । ସ ମମ ଗୃହମ୍ ଆଗଚ୍ଛତି । ସ ଗଚ୍ଛତି । ଏଷ ସ୍ୱପିତି । ଏଷ ବେଗେନ ଧାବତି । ଏଷ ହସତି ।

**୬।** ଭୋଃ ଶବ୍ଦର ବିସର୍ଗ ଲୋପହୁଏ ଯଦି ବର୍ଗର ପ୍ରଥମ - ଦ୍ୱିତୀୟ ବର୍ଣ୍ଣ ଭିନ୍ନ ଅନ୍ୟ ବର୍ଣ୍ଣ ପରେ ଥାଏ ।

ଯଥା :- ଭୋ ଉମେଶ ! ଭୋ ବାନ୍ଧବ !

**୭।** ପୁନର୍, ପ୍ରାତର୍, ସ୍ୱର୍, ଅନ୍ତର୍ ଇତ୍ୟାଦି ରେଫାନ୍ତ ଅବ୍ୟୟପଦ । ସ୍ୱର ବା ମୃଦୁବ୍ୟଞ୍ଜନ ପରେ ଥିଲେ ଏମାନଙ୍କର ରେଫ ଯଥାବତ୍ ରହେ ।

ଯଥା :- ପୁନଃ + ଅପି = (ପୁନର୍ + ଅପି) = ପୁନରପି । ପୁନଃ + ଆଗଚ୍ଛ = ପୁନରାଗଚ୍ଛ । ପ୍ରାତଃ + ଆଶଃ = ପ୍ରାତରାଶଃ । ସ୍ୱଃ + ଗତଃ = ସ୍ୱର୍ଗତଃ । ଅନ୍ତଃ + ହିତଃ = ଅନ୍ତର୍ହିତଃ ।

୮। ପିତୃ-ମାତୃ ପ୍ରଭୃତି ଋକାରାନ୍ତ ଶବ୍ଦମାନଙ୍କର ସମ୍ବୋଧନରେ ରକାରର ସ୍ଥିତି ମଧ୍ୟ ଏହିପରି ଯଥାବତ୍ ରହେ ।

ଯଥା :- ପିତଃ + ଏହି = ପିତରେହି । ମାତଃ + ଦେହି = ମାତର୍ଦେହି ।

୯। ଗୀଃ + ପତିଃ = ଗୀର୍ପତିଃ, ଗୀଷ୍ପତିଃ / ଗୀଃ ପତିଃ

ଅହନ୍ + ପତିଃ = ଅହର୍ପତିଃ / ଅହଃ ପତିଃ

ଅହନ୍ + ଅହନ୍ = ଅହର୍ + ଅହର୍ = ଅହରହଃ

**୧୦।** ଢକାର ପରେ ଥିଲେ ଢ କାରର, ର କାର ପରେ ଥିଲେ ର କାରର ଲୋପ ହୁଏ ଏବଂ ତତ୍ପୂର୍ବ ଅଣ୍‌ର ଦୀର୍ଘ ହୁଏ ।

ଯଥା :- ପୁନଃ + ରାଜତେ = ପୁନର୍ + ରାଜତେ = ପୁନା ରାଜତେ ।

ପୁନଃ + ରମୟତେ = (ପୁନର୍ + ରମୟତେ) = ପୁନା ରମୟତେ । ପିତଃ + ରକ୍ଷ = (ପିତର୍ + ରକ୍ଷ) = ପିତା ରକ୍ଷ । ନିଃ + ରୋଗଃ = ନିର୍ + ରୋଗଃ = ନୀରୋଗଃ । ଅନ୍ତଃ + ରାଷ୍ଟ୍ରିୟଃ = ଅନ୍ତର୍ + ରାଷ୍ଟ୍ରିୟଃ = ଅନ୍ତାରାଷ୍ଟ୍ରିୟଃ । ଶିଶୁଃ + ରୋଦିତି = ଶିଶୁର୍ + ରୋଦିତି = ଶିଶୂ ରୋଦିତି ।

ଗୁରୁଃ + ରୁଷ୍ଟଃ = ଗୁରୁର୍ + ରୁଷ୍ଟଃ = ଗୁରୂ ରୁଷ୍ଟଃ ।

ମୁଢ୍ + ଢଃ = ମୂଢ଼ଃ । ଲିଢ୍ + ଢଃ = ଲୀଢ଼ଃ । ଉଢ୍ + ଢଃ = ଊଢଃ ।

**୧୧।** ବୟଃ + ସ୍ଥ = ବୟସ୍ଥ / ବୟଃ ସ୍ଥ । ଅନ୍ତଃ + ସ୍ଥ = ଅନ୍ତସ୍ଥ / ଅନ୍ତଃସ୍ଥ । ମନଃ + ସ୍ଥ = ମନସ୍ଥ / ମନଃସ୍ଥ ।

## ଅଭ୍ୟାସ

**୧। ସନ୍ଧିଂ କୁରୁତ ।**

(କ) ମନଃ + ରଥଃ = ମନୋରଥଃ | ମନଃ + ବିକାରଃ = ମନୋବିକାରଃ

ତପଃ + ବନମ୍ = ________ | ଅଧଃ + ଗତିଃ = ________

ବୟଃ + ବୃଦ୍ଧଃ = ________ | ଯଶଃ + ଗାନମ୍ = ________

(ଖ) ନିଃ + ଆଶା = ନିରାଶା | ନିଃ + ଈକ୍ଷଣମ୍ = ________

ନି + ଉକ୍ତଃ = ________ | ନିଃ + ଘୋଷଃ = ________

ନିଃ + ଅସ୍ତଃ = ________ | ନିଃ + ଧନଃ = ________

ଦୁଃ + ନୀତିଃ = ________ | ନିଃ + ଗତଃ = ________

ଦୁଃ + ଗତିଃ = ________ | ଦୁଃ + ଆଶା = ________

ଦୁଃ + ମତିଃ = ________ | ଦୁଃ + ଆଚାର = ________

ଦୁଃ + ଜୟଃ = ________ | ଦୁଃ + ବୋଧଃ = ________

(ଗ) ସା + ଏବ, ସା + ଇବ, ମନଃ + ତାପଃ, ବହିଃ + ଗମନମ୍, ବିଭୁଃ + ରାଜତେ, ହରିଃ + ରମ୍ୟଃ, ଦୁଃ + ଶୀଳଃ, ନିଃ + ସଂଶୟମ୍, ଦୁଃ + ଶାସନମ୍, ପ୍ରଥମଃ + ସର୍ଗଃ, ସଃ + ଉବାଚ, ଯଃ + ଅସୌ, ଓଁ ଶାନ୍ତିଃ + ଶାନ୍ତିଃ + ଶାନ୍ତିଃ ।

## ବିସର୍ଗସନ୍ଧି ସରଣି

| ବିସର୍ଗ ପୂର୍ବ ବର୍ଣ୍ଣ | ବିସର୍ଗ | ବିସର୍ଗୋତ୍ତର ବର୍ଣ୍ଣ | ପରିଣାମ |
|---|---|---|---|
| ସ/ଏଷ – | ଃ (ସଃ / ଏଷଃ) | ଅକାରଭିନ୍ନସ୍ୱର – | ବିସର୍ଗ ଲୋପ |
| ସ/ଏଷ – | ଃ(ସଃ/ଏଷଃ) | କୌଣସି ବ୍ୟଞ୍ଜନ – | ବିସର୍ଗ ଲୋପ |
| ସ/ଏଷ – | ଃ(ସଃ/ଏଷଃ) | ଅ | ସଃ → ସୋ<br>ଏଷଃ → ଏଷୋ |
| ଅ | ଃ | ଅ–ଭିନ୍ନ ସ୍ୱର | ବିସର୍ଗଲୋପ |
| ଆ | ଃ | ସ୍ୱର | ବିସର୍ଗଲୋପ |
| ଆ | ଃ | ବର୍ଗର ୩ୟ,୪ର୍ଥ,୫ମ ବର୍ଣ୍ଣ<br>ୟ୍,ର୍,ଲ୍,ବ୍,ହ୍ | ବିସର୍ଗଲୋପ |
| ଅ | ଃ | ଅ | ଅ → ଓऽ |
| ଅ | ଃ | ବର୍ଗର ୩ୟ,୪ର୍ଥ,୫ମ ବର୍ଣ୍ଣ<br>ୟ୍,ର୍,ଲ୍,ବ୍,ହ୍ | ଅ → ଓ |
| ଅ/ଆ/ ଭିନ୍ନସ୍ୱର | ଃ | ସ୍ୱର | ଃ → ର୍ |
| ଅ/ଆ ଭିନ୍ନସ୍ୱର | ଃ | ବର୍ଗର ୩ୟ,୪ର୍ଥ,୫ମ ବର୍ଣ୍ଣ<br>ୟ୍,ର୍,ଲ୍,ବ୍,ହ୍ | ଃ → ର୍ |
| ପ୍ରାତ/ପୁନ | ଃ | ସ୍ୱର ବର୍ଗର ୩,୪,୫ମ<br>ୟ୍,ର୍,ଲ୍,ବ୍,ହ୍ | ଃ → ର୍ |
| କୌଣସିବର୍ଣ୍ଣ | ଃ | ସ୍ / ତ୍ / ଥ୍ | ଃ → ସ୍ |
| | | ଷ୍ / ଟ୍ / ଠ୍ | ଃ → ଷ୍ |
| | | ଶ୍ / ଚ୍ / ଛ୍ | ଃ → ଶ୍ |

### ସୂତ୍ର ସୂଚନା

୧ । ଅତୋରୋରପ୍ଲୁତାଦପ୍ଲୁତେ 1.6.1.113, ଆଦ୍‌ଗୁଣଃ 1.6.1.86, ଏଙଃ ପଦାନ୍ତାଦତି । 6.1.109

୨ । ହଶି ଚ । 8.1.114

୩ । ସ ସଜୁଷୋରୁଃ 8.2.66

୪ । ବିସର୍ଜନୀୟସ୍ୟ ସଃ 8.3.34

୫ । ବା ଖରି 8.3.36

# ଶବ୍ଦରୂପ

## ସ୍ୱରାନ୍ତ ଶବ୍ଦ

ଯେଉଁ ଶବ୍ଦମାନଙ୍କର ଅନ୍ତରେ ସ୍ୱର ବା ଅଚ୍ ଥା'ନ୍ତି ସେଗୁଡ଼ିକୁ ସ୍ୱରାନ୍ତ ବା ଅଜନ୍ତ କୁହାଯାଏ । ପ୍ରସ୍ତୁତ ପାଠ୍ୟକ୍ରମରେ କେତେକ ନିର୍ବାଚିତ ସ୍ୱରାନ୍ତଶବ୍ଦକୁ ଗ୍ରହଣ କରାଯାଇଛି । ଶବ୍ଦଗୁଡ଼ିକୁ ବା ତତ୍‌ସଦୃଶ ଶବ୍ଦଗୁଡ଼ିକୁ ପ୍ରୟୋଗ କଲାବେଳେ ସଂସ୍କୃତ ଭାଷାରେ ସେମାନଙ୍କର ମୂଳ ସ୍ୱରୂପର ପ୍ରୟୋଗ ହୁଏ ନାହିଁ । ମୂଳ ଶବ୍ଦରେ ସୁପ୍ ପ୍ରତ୍ୟୟ ଯୋଗ କରାଯାଇ 'ପଦ' ନିର୍ମାଣ କରାଯାଏ । ସେହି ପଦର ପ୍ରୟୋଗଯୋଗ୍ୟତା ରହେ । କାରକ ଓ ବଚନକୁ ଆଶ୍ରୟକରି ଶବ୍ଦର ଯେଉଁ ପରିବର୍ତ୍ତନ ହୁଏ ତାହାକୁ ପଦ ବା ଶବ୍ଦରୂପ କୁହାଯାଏ ।

**ଅକାରାନ୍ତ ପୁଂଲିଙ୍ଗ ଶବ୍ଦ : ବାଳକ**

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ବାଳକଃ | ବାଳକୌ | ବାଳକାଃ |
| ଦ୍ୱିତୀୟା | ବାଳକମ୍ | ବାଳକୌ | ବାଳକାନ୍ |
| ତୃତୀୟା | ବାଳକେନ | ବାଳକାଭ୍ୟାମ୍ | ବାଳକୈଃ |
| ଚତୁର୍ଥୀ | ବାଳକାୟ | ବାଳକାଭ୍ୟାମ୍ | ବାଳକେଭ୍ୟଃ |
| ପଞ୍ଚମୀ | ବାଳକାତ୍ | ବାଳକାଭ୍ୟାମ୍ | ବାଳକେଭ୍ୟଃ |
| ଷଷ୍ଠୀ | ବାଳକସ୍ୟ | ବାଳକୟୋଃ | ବାଳକାନାମ୍ |
| ସପ୍ତମୀ | ବାଳକେ | ବାଳକୟୋଃ | ବାଳକେଷୁ |
| ସମ୍ବୋଧନ | ହେ ବାଳକ ! | ହେ ବାଳକୌ ! | ହେ ବାଳକାଃ ! |

ରାମ, ଅମର, ସୁର, ନର, ମାନବ, ଜନ, ମହୋଦୟ, ମହାଦେବ, କୃଷ୍ଣ, ଗୋପାଳ, ବାସୁଦେବ, ବିଜୟ, ଅଶ୍ୱ, ଗଜ, ସିଂହ, ମୟୂର, କାକ, କପୋତ, ବୃକ୍ଷ, ପାଦପ, ପର୍ବତ, ଆମ୍ର, ବଟ, ଖଗ, ପିତାମହ, ବିଦ୍ୟାଳୟ, ପରିଣାମ, ଶିକ୍ଷକ, ମହାପୁରୁଷ, ଛାତ୍ର, ବର୍ଣ୍ଣ, ଦେବ, ଶବ୍ଦ, ବ୍ୟବହାର, ଅଙ୍କ ଇତ୍ୟାଦିର ରୂପ ବାଳକ ଶବ୍ଦର ରୂପ ପରି ହୁଏ ।

ଦାର- (ସ୍ତ୍ରୀ), ଲାଜ- (ଖଇ), ଅକ୍ଷତ- (ଅଭଙ୍ଗା ଅରୁଆ ଚାଉଳ) ଶବ୍ଦ ଗୁଡ଼ିକ ନିତ୍ୟ ବହୁବଚନାନ୍ତ ଯଥା- ଦାରାଃ, ଦାରାନ୍, ଦାରୈଃ, ଦାରେଭ୍ୟଃ, ଦାରେଭ୍ୟଃ, ଦାରାଣାମ୍, ଦାରେଷୁ, ଦାରାଃ ।

ଉପର୍ଯ୍ୟୁକ୍ତ ପ୍ରତ୍ୟେକ ଅକାରାନ୍ତ ପୁଂଲିଙ୍ଗ ମୂଳଶବ୍ଦର ଚବିଶ (୨୪) ଗୋଟି ରୂପ ହୁଏ ।

ଶବ୍ଦ ରୂପଗୁଡ଼ିକର ଏକବଚନରେ ପ୍ରୟୋଗ :

ପ୍ରଥମା ବିଭକ୍ତି - ସଃ ସୁନ୍ଦରଃ **ବାଳକଃ** ଅସ୍ତି ।

ଦ୍ୱିତୀୟା ବିଭକ୍ତି - ସଃ **ବାଳକଂ** ପଶ୍ୟତି ।

ତୃତୀୟା ବିଭକ୍ତି - ସଃ **ବାଳକେନ** ସହ କ୍ରୀଡ଼ତି ।

ଚତୁର୍ଥୀ ବିଭକ୍ତି - ସଃ **ବାଳକାୟ** ପୁସ୍ତକଂ ଦଦାତି ।

ପଞ୍ଚମୀ ବିଭକ୍ତି - ସଃ **ବାଳକାତ୍** ସନ୍ଦେଶଂ ଶୃଣୋତି ।

ଷଷ୍ଠୀ ବିଭକ୍ତି - ସଃ **ବାଳକସ୍ୟ** ପିତା ଅସ୍ତି ।

ସପ୍ତମୀ ବିଭକ୍ତି - ସଃ **ବାଳକେ** ବିଶ୍ୱସିତି ।

ସମ୍ବୋଧନ - ହେ **ବାଳକ** ! ଆଗଚ୍ଛ ।

**ବି.ଦ୍ର. :** ରାମ, ଅମର, ସୁର, ନର, ମୟୂର, ବୃକ୍ଷ, ଆମ୍ର, ଶିକ୍ଷକ, ମହାପୁରୁଷ, ଛାତ୍ର, ବ୍ୟବହାର ପ୍ରଭୃତି ଶବ୍ଦର ୩ୟା ଏକବଚନ ଓ ୬ଷ୍ଠୀ ବହୁବଚନ ରୂପରେ 'ନ' ସ୍ଥାନରେ 'ଣ' ହେବ । ଯଥା- ରାମ - ରାମେଣ - ରାମାଣାମ୍

## ଅଭ୍ୟାସଃ

୧। **ମୂଳଶବ୍ଦାନ୍ ନିରୂପୟତ ।**

ରାମଃ, ଭାରତସ୍ୟ, ପୂର୍ବଭାଗେ, ପ୍ରଶ୍ନଃ, ହିମାଳୟଃ, ପର୍ବତଃ

୨। **ଯଥାନିର୍ଦ୍ଦିଷ୍ଟରୂପାଣି ଲିଖତ ।**

| | | | |
|---|---|---|---|
| ଖଗ :- | ପ୍ରଥମା - ଏକବଚନେ । | ବଟ :- | ଦ୍ୱିତୀୟା - ଦ୍ୱିବଚନେ । |
| ସୁର :- | ଦ୍ୱିତୀୟା - ବହୁବଚନେ । | ବେଗ :- | ତୃତୀୟା - ଏକବଚେନ । |
| ବୃକ୍ଷ :- | ଚତୁର୍ଥୀ - ଦ୍ୱିବଚନେ । | ମାନବ :- | ପଞ୍ଚମୀ - ବହୁବଚନେ । |
| ମୃଗ :- | ଷଷ୍ଠୀ - ଏକବଚନେ । | ଘଟ :- | ସପ୍ତମୀ - ଦ୍ୱିବଚନେ । |
| ନର :- | ସପ୍ତମୀ - ବହୁବଚନେ । | ପାଦପ :- | ସମ୍ବୋଧନ - ଦ୍ୱିବଚନେ । |

**(ଖ) ଅକାରାନ୍ତ ନପୁଂସକଲିଙ୍ଗ : ଫଳ**

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଫଳମ୍ | ଫଳେ | ଫଳାନି |
| ଦ୍ୱିତୀୟା | ଫଳମ୍ | ଫଳେ | ଫଳାନି |

ଫଳଶବ୍ଦର ଅନ୍ୟବିଭକ୍ତିରେ ରୂପ ବାଳକଶବ୍ଦର ଅନ୍ୟବିଭକ୍ତି ରୂପସଦୃଶ ହେବ, ଯଥା- ଫଳେନ ..... ହେ ଫଳାନି ।

**ଶବ୍ଦରୂପର ପ୍ରୟୋଗ :**

ପ୍ରଥମା ବିଭକ୍ତି - **ଫଳାନି** ମଧୁରାଣି ସନ୍ତି ।

ଦ୍ୱିତୀୟା ବିଭକ୍ତି - ସଃ ମଧୁରାଣି **ଫଳାନି** ଖାଦତି ।

ପତ୍ର, ଉଦ୍ୟାନ, ପୁଷ୍ପ, ଚିତ୍ର, ମିତ୍ର, ବସ୍ତ୍ର, ପାତ୍ର, ମୁଖ, ନେତ୍ର, ଜ୍ଞାନ, ବଚନ, ନକ୍ଷତ୍ର, ପୁସ୍ତକ, ସୁଖ, ଦୁଃଖ ଇତ୍ୟାଦି ଫଳଶବ୍ଦର ରୂପପରି ହୁଏ ।

**(ଗ) ଆକାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦ : ଲତା**

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଲତା | ଲତେ | ଲତାଃ |
| ଦ୍ୱିତୀୟା | ଲତାମ୍ | ଲତେ | ଲତାଃ |
| ତୃତୀୟା | ଲତୟା | ଲତାଭ୍ୟାମ୍ | ଲତାଭିଃ |
| ଚତୁର୍ଥୀ | ଲତାୟୈ | ଲତାଭ୍ୟାମ୍ | ଲତାଭ୍ୟଃ |
| ପଞ୍ଚମୀ | ଲତାୟାଃ | ଲତାଭ୍ୟାମ୍ | ଲତାଭ୍ୟଃ |
| ଷଷ୍ଠୀ | ଲତାୟାଃ | ଲତୟୋଃ | ଲତାନାମ୍ |
| ସପ୍ତମୀ | ଲତାୟାମ୍ | ଲତୟୋଃ | ଲତାସୁ |
| ସମ୍ବୋଧନ | ହେ ଲତେ ! | ହେ ଲତେ ! | ହେ ଲତାଃ ! |

ସଭା, ସ୍ୱତନ୍ତ୍ରତା, ଜନତା, ରକ୍ଷା, କ୍ରୀଡ଼ା, କଥା, ମହିଳା, ଶୋଭା, ସୀତା, ଗଙ୍ଗା, ଯମୁନା, ନିନ୍ଦା, କଳା, କକ୍ଷା, କାନ୍ତା ଇତ୍ୟାଦି ଆକାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦର ରୂପ ଲତାଶବ୍ଦ ରୂପ ସଦୃଶ ହୁଏ ।

## ଅଭ୍ୟାସଃ

**୧। ଅଧୋଲିଖିତାନୁଚ୍ଛେଦେ ଆକାରାନ୍ତସ୍ତ୍ରୀଲିଙ୍ଗଶବ୍ଦାନ୍ ନିରୂପୟତ ।**

ଇୟଂ ପାଠଶାଳା ଅସ୍ତି । ସା ବାଳିକା ଅସ୍ୟାଂ ପାଠଶାଳାୟାଂ ପଠତି । ସା ତତ୍ର ଗତ୍ୱା ଶିକ୍ଷିକାଂ ନମତି । ପାଠଶାଳାୟାଃ ସମୀପେ ବାଟିକା ଅସ୍ତି । ସୀତା ପାଠଶାଳାୟାଃ ପ୍ରଧାନାଚାର୍ଯ୍ୟା । ରମା ତାଂ ପତ୍ରିକାଂ ଦର୍ଶୟତି । ଅୟି ସୁଧେ ! କଥଂ କୋଳାହଳଃ ଶ୍ରୂୟତେ ? ମମ ସଖୀ ସୁଜାତା ଅପି ଆଗତା । ଜନାଃ ତସ୍ୟାଃ ସ୍ୱାଗତଂ ମାଳାଭିଃ କୁର୍ବନ୍ତି ।

ଉତ୍ତରମ୍ - (କ) ________ (ଖ) ________ (ଗ) ________

(ଘ) ________ (ଙ) ________ (ଚ) ________

(ଛ) ________ (ଜ) ________ (ଝ) ________

(ଞ) ________ (ଟ) ________

**୨। ଅଧୋଲିଖିତାନାଂ ପଦାନାଂ ମୂଳଶବ୍ଦଂ ବିଭକ୍ତିଂ ବଚନଂ ଚ ଲିଖତ ।**

**ପଦାନି**

ଯଥା :- (କ) ପାଠଶାଳା

(ଖ) ପାଠଶାଳାୟାମ୍

(ଗ) ସୁଧେ

(ଘ) ଛାତ୍ରାୟୈ

(ଙ) ଶିକ୍ଷିକାମ୍

(ଚ) ମାଳାଭିଃ

(ଛ) ସ୍ୱତନ୍ତ୍ରତାୟାଃ

(ଜ) ଶିକ୍ଷିକାମ୍

(ଝ) ମହିଳାଭ୍ୟଃ

(ଞ) ଶୋଭାଯାତ୍ରା

**୩। କୋଷ୍ଠକମଧ୍ୟାତ୍ ଉଚିତପଦେନ ଶୂନ୍ୟସ୍ଥାନଂ ପୂରୟତ ।**

(କ) ନରଃ ________ ଶୋଭତେ । (ବିଦ୍ୟୟା / ବିଦ୍ୟାମ୍)

(ଖ) ଅଧ୍ୟାପିକା ________ ଉପହାରଂ ଦଦାତି । (ବନ୍ଦନାମ୍ / ବନ୍ଦନାୟୈ)

(ଗ) ମାଳାକାରଃ ________ ପୁଷ୍ପାଣି ଆନୟତି । (ବାଟିକାୟାଃ / ବାଟିକୟା)

(ଘ) ଭୀଷ୍ମଃ ________ ପୁତ୍ରଃ ଆସୀତ୍ । (ଗଙ୍ଗାୟାଃ / ଗଙ୍ଗାୟାମ୍)

(ଙ) ରାମଃ ________ ଅତୀବ ନିପୁଣଃ । (ଚିତ୍ରକଳାମ୍ / ଚିତ୍ରକଳାୟାମ୍)

**୪। ଅଧୋଲିଖିତ ବାକ୍ୟେଷୁ ଅକାରାନ୍ତପୁଂଲିଙ୍ଗଶବ୍ଦାନାଂ ସ୍ଥାନେ ଆକାରାନ୍ତସ୍ତ୍ରୀଲିଙ୍ଗଶବ୍ଦାନ୍ ଲିଖତ ।**

(କ) ବାଳକୌ ଧାବତଃ । ________ ଧାବତଃ । (ବାଳିକା)

(ଖ) ବାଳକଃ ମୂଷିକଂ ପଶ୍ୟତି । ବାଳକଃ ________ ପଶ୍ୟତି । (ମୂଷିକା)

(ଗ) ମାତା ସୁତାୟ କନ୍ଦୁକଂ ଦଦାତି । ମାତା ________ କନ୍ଦୁକଂ ଦଦାତି । (ସୁତା)

(ଘ) ଇଦମ୍ ଆଚାର୍ଯ୍ୟସ୍ୟ ଗୃହମ୍ । ଇଦମ୍ ________ ଗୃହମ୍ । (ଆଚାର୍ଯ୍ୟା)

(ଙ) ପୁଷ୍ପାଣି ବୃକ୍ଷାତ୍ ପତନ୍ତି । ପୁଷ୍ପାଣି ________ ପତନ୍ତି । (ଲତା)

## ଘ । ଇ କାରାନ୍ତ :

ଯେଉଁ ଶବ୍ଦର ଅନ୍ତିମସ୍ୱର 'ଇ' ବା ଇକାର ହୋଇଥାଏ ସେହି ମୂଳଶବ୍ଦକୁ ଇକାରାନ୍ତ କହନ୍ତି । ଇକାରାନ୍ତ ଶବ୍ଦ ପୁଂଲିଙ୍ଗ, ନପୁଂସକ ଲିଙ୍ଗ ଏବଂ ସ୍ତ୍ରୀଲିଙ୍ଗରେ ଦେଖିବାକୁ ମିଳିଥାଏ ।

**(କ) ଇକାରାନ୍ତ ପୁଂଲିଙ୍ଗ**

**ମୁନି**

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ମୁନିଃ | ମୁନୀ | ମୁନୟଃ |
| ଦ୍ୱିତୀୟା | ମୁନିମ୍ | ମୁନୀ | ମୁନୀନ୍ |
| ତୃତୀୟା | ମୁନିନା | ମୁନିଭ୍ୟାମ୍ | ମୁନିଭିଃ |
| ଚତୁର୍ଥୀ | ମୁନୟେ | ମୁନିଭ୍ୟାମ୍ | ମୁନିଭ୍ୟଃ |
| ପଞ୍ଚମୀ | ମୁନେଃ | ମୁନିଭ୍ୟାମ୍ | ମୁନିଭ୍ୟଃ |
| ଷଷ୍ଠୀ | ମୁନେଃ | ମୁନ୍ୟୋଃ | ମୁନୀନାମ୍ |
| ସପ୍ତମୀ | ମୁନୌ | ମୁନ୍ୟୋଃ | ମୁନିଷୁ |
| ସମ୍ବୋଧନ | ହେ ମୁନେ ! | ମୁନୀ ! | ହେ ମୁନୟଃ ! |

କବି, ହରି, କପି, ଗିରି, ନୃପତି, ଅଗ୍ନି, ରବି ଆଦି ଶବ୍ଦଗୁଡ଼ିକର ରୂପ ମୁନି ଶବ୍ଦରୂପ ପରି ହୁଏ । ତୃତୀୟା ଏବଂ ଷଷ୍ଠୀ ବିଭକ୍ତିରେ ହରି ଏବଂ ଗିରି ଶବ୍ଦର ରୂପରେ ଥିବା 'ନ୍' ର 'ଣ୍' କୁ ପରିବର୍ତ୍ତନ ହୁଏ । ଯଥା- ହରିଣା, ହରୀଣାମ୍, ଗିରିଣା, ଗିରୀଣାମ୍ । ଗିରି ଓ ହରି ଶବ୍ଦର ଷଷ୍ଠୀ ଦ୍ୱିବଚନ ଓ ସପ୍ତମୀ ଦ୍ୱିବଚନରେ ଯଥାକ୍ରମେ 'ଗିର୍ଯ୍ୟୋଃ' ଓ 'ହର୍ଯ୍ୟୋଃ' ହୋଇଥାଏ ।

### ଅଭ୍ୟାସଃ

୧ ।(i) ଅଧୋଲିଖିତବାକ୍ୟେଷୁ ରେଖାଙ୍କିତାନାଂ ପଦାନାଂ ମୂଳଶବ୍ଦାନ୍ ଲିଖତ ।

(କ) ମୁନେ ! ରକ୍ଷେଃ ଆଶ୍ରମଃ କୁତ୍ର ଅସ୍ତି ? ମୂଳଶବ୍ଦ __________

(ଖ) କିଂ ତତ୍ର କପୟଃ ଅପି ସନ୍ତି ? ମୂଳଶବ୍ଦ __________

(ଗ) ତେ ଅଗ୍ନୌ ହବନଂ କୁର୍ବନ୍ତି । ମୂଳଶବ୍ଦ __________

(ଘ) କବିନା ବିଭାତି ସଭା । ମୂଳଶବ୍ଦ __________

(ii) ରିକ୍ତସ୍ଥାନାନି ପୂରୟତ ।

| | ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|---|
| ହରି- | ପ୍ରଥମା | ହରିଃ | — | ହରୟଃ |
| କପି- | ଦ୍ୱିତୀୟା | — | କପୀ | — |
| ଗିରି- | ତୃତୀୟ | ଗିରିଣା | — | ଗିରିଭିଃ |
| ଅଗ୍ନି- | ଚତୁର୍ଥୀ | — | ଅଗ୍ନିଭ୍ୟାମ୍ | — |
| ବିଧି- | ପଞ୍ଚମୀ | ବିଧେଃ | — | — |
| ରବି- | ଷଷ୍ଠୀ | — | ରବ୍ୟୋଃ | — |
| ନୃପତି- | ସପ୍ତମୀ | — | — | ନୃପତିଷୁ |
| ମୁନି- | ସମ୍ବୋଧନ | ହେ — | ହେ ମୁନୀ | ହେ — |

(iii) ଅଧୋଲିଖିତେ ଅନୁଚ୍ଛେଦେ ସୂର୍ଯ୍ୟ ଶବ୍ଦବିହିତପଦାନାଂ ସ୍ଥାନେ 'ରବି' ଶବ୍ଦଂ ପ୍ରଯୁଜ୍ୟ ପୁନର୍ଲେଖନଂ କୁରୁତ ।

[ସୂର୍ଯ୍ୟଃ ସଂସାରଂ ପ୍ରକାଶୟତି । ସୂର୍ଯ୍ୟସ୍ୟ ଅରୁଣଂ ବିମ୍ବଂ ଦର୍ଶନୀୟମ୍ । ଚନ୍ଦ୍ରଃ ସୂର୍ଯ୍ୟାତ୍ ଏବ ପ୍ରକାଶଂ ଲଭତେ । ସୂର୍ଯ୍ୟେଣ ଏବ ବୟଂ ଜୀବାମଃ । ଜନାଃ ସାଦରଂ ସୂର୍ଯ୍ୟାୟ ଅର୍ଘ୍ୟଂ ଦଦତି ।]

ଉତ୍ତର : ________________________________

________________________________

________________________________

________________________________

________________________________

________________________________

________________________________

୪ ।(i) ଅଧୋଲିଖିତ ବାକ୍ୟାନାଂ ରେଖାଙ୍କିତ ସ୍ଥାନେଷୁ ଅତିଥି ଶବ୍ଦସ୍ୟ ଯଥାର୍ଥ ରୂପୈଃ ବାକ୍ୟାନାଂ ପୁନର୍ଲେଖନଂ କୁରୁତ ।

(କ) ଛାତ୍ରଃ କବେଃ ସମ୍ମାନଂ କରୋତି ।

________________

(ଖ) ଅଧ୍ୟକ୍ଷଃ କବିଭ୍ୟଃ ପୁରସ୍କାରାନ୍ ଦଦାତି ।

________________

(ଗ) ସଃ କବିନା ସହ ଗଚ୍ଛତି ।

________________

(ଘ) ଅହଂ କବିଂ ପ୍ରଣମାମି ।

________________

(ଙ) କବୌ ମମ ବିଶ୍ୱାସଃ ଅସ୍ତି ।

________________

**ସ୍ୱାମୀ ବା ମାଲିକ ଅର୍ଥବୋଧକ- ପତି**

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ପତିଃ | ପତୀ | ପତୟଃ |
| ଦ୍ୱିତୀୟା | ପତିମ୍ | ପତୀ | ପତୀନ୍ |
| ତୃତୀୟ | ପତ୍ୟା | ପତିଭ୍ୟାମ୍ | ପତିଭିଃ |
| ଚତୁର୍ଥୀ | ପତ୍ୟେ | ପତିଭ୍ୟାମ୍ | ପତିଭ୍ୟଃ |
| ପଞ୍ଚମୀ | ପତ୍ୟୁଃ | ପତିଭ୍ୟାମ୍ | ପତିଭ୍ୟଃ |
| ଷଷ୍ଠୀ | ପତ୍ୟୁଃ | ପତ୍ୟୋଃ | ପତୀନାମ୍ |
| ସପ୍ତମୀ | ପତ୍ୟୌ | ପତ୍ୟୋଃ | ପତିଷୁ |
| ସମ୍ବୋଧନ | ହେ ପତେ ! | ହେ ପତୀ ! | ହେ ପତୟଃ ! |

ପତିଶବ୍ଦ ସଂଯୋଗରୁ ନିର୍ମିତ ଭୂପତି, ନୃପତି, ମହୀପତି ପ୍ରଭୃତି ସମାସ ଶବ୍ଦଗୁଡ଼ିକର ରୂପ ମୁନି ଶବ୍ଦପରି ହୁଏ ।

(ଖ) **ଇକାରାନ୍ତ ସ୍ତ୍ରୀଲିଙ୍ଗ**

**ମତି**

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ମତିଃ | ମତୀ | ମତୟଃ |
| ଦ୍ୱିତୀୟା | ମତିମ୍ | ମତୀ | ମତୀଃ |
| ତୃତୀୟା | ମତ୍ୟା | ମତିଭ୍ୟାମ୍ | ମତିଭିଃ |
| ଚତୁର୍ଥୀ | ମତ୍ୟୈ/ମତୟେ | ମତିଭ୍ୟାମ୍ | ମତିଭ୍ୟଃ |
| ପଞ୍ଚମୀ | ମତ୍ୟାଃ/ମତେଃ | ମତିଭ୍ୟାମ୍ | ମତିଭ୍ୟଃ |
| ଷଷ୍ଠୀ | ମତ୍ୟାଃ/ମତେଃ | ମତ୍ୟୋଃ | ମତୀନାମ୍ |
| ସପ୍ତମୀ | ମତ୍ୟାମ୍/ମତୌ | ମତ୍ୟୋଃ | ମତିଷୁ |
| ସମ୍ବୋଧନ | ହେ ମତେ ! | ହେ ମତୀ ! | ହେ ମତୟଃ ! |

ବୁଦ୍ଧି, ନୀତି, ଗତି, ଯୁବତି, ଭକ୍ତି, ଶକ୍ତି, ଜାତି, ସନ୍ତତି, ରାତ୍ରି, ଶାନ୍ତି, ପ୍ରୀତି, କୀର୍ତ୍ତି ପ୍ରଭୃତି 'ଇ'କାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦର ରୂପ ମତି ଶବ୍ଦର ରୂପ ପରି ହେବ ।

## ଅଭ୍ୟାସଃ

**୧ । ଅଧୋଲିଖିତବାକ୍ୟେଷୁ ରେଖାଙ୍କିତପଦାନାଂ ମୂଳଶବ୍ଦ-ନିରୂପଣଂ ବିଭକ୍ତିବଚନନିରୂପଣଂ ଚ ଯଥୋଦାହରଣଂ କୁରୁତ ।**

ଯଥା : (କ) ଶାନ୍ତିଃ ପ୍ରାତଃ ପଞ୍ଚବାଦନେ ଶଯ୍ୟାତ୍ୟାଗଂ କରୋତି । ଶାନ୍ତି- ପ୍ରଥମା ବିଭକ୍ତି ଏକ ବଚନମ୍

(ଖ) ସା ଉତ୍ଥାୟ **ମାତୃଭୂମିଂ** ପ୍ରଣମତି । ______ ______ ______

(ଗ) ଅନନ୍ତରଂ ସା **ସୁନୀତ୍ୟା** ସହ ପାଠଶାଳାଂ ଗଚ୍ଛତି । ______ ______ ______

(ଘ) ଶାନ୍ତିଃ ସାୟଂ **କାନ୍ତେଃ/କାନ୍ତ୍ୟାଃ** ଗୃହଂ ଗଚ୍ଛତି । ______ ______ ______

(ଙ) କାନ୍ତିଃ ଅପି **ପ୍ରୀତ୍ୟାଃ** ମିତ୍ରମସ୍ତି । ______ ______ ______

(ଚ) ସା ଦେଶସ୍ୟ **ପ୍ରଗତୌ** ବିଶ୍ୱାସଂ କରୋତି । ______ ______ ______

(ଛ) ସା **ରୁଚିଂ** ବଦତି- ହେ **ରୁଚେ !** ସଂସ୍କୃତଂ ପଠ । ______ ______ ______

**୨ । ନିର୍ଦ୍ଦେଶାନୁସାରଂ ଶୂନ୍ୟସ୍ଥାନାନି ପୂରୟତ ।**

| | | | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|---|---|
| (କ) | ଧୃତି | ପ୍ରଥମାବିଭକ୍ତି | ........... | ........... | ........... |
| (ଖ) | କୃତି | ଦ୍ୱିତୀୟାବିଭକ୍ତି | ........... | ........... | ........... |
| (ଗ) | ବୁଦ୍ଧି | ତୃତୀୟାବିଭକ୍ତି | ........... | ........... | ........... |
| (ଘ) | ରୀତି | ଚତୁର୍ଥୀବିଭକ୍ତି | ........... | ........... | ........... |
| (ଙ) | ନୀତି | ପଞ୍ଚମୀବିଭକ୍ତି | ........... | ........... | ........... |
| (ଚ) | ଭକ୍ତି | ଷଷ୍ଠୀବିଭକ୍ତି | ........... | ........... | ........... |
| (ଛ) | ରାତ୍ରି | ସପ୍ତମୀବିଭକ୍ତି | ........... | ........... | ........... |

୩। **କୋଷ୍ଠକମଧ୍ୟାତ୍ ସମୁଚିତଂ ପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ ।**

(କ) ଯଃ ଦାନଂ କରୋତି ସଃ __________ ଲଭତେ ।

(ଖ) ରକ୍ଷାବନ୍ଧନଂ __________ ସୂଚକଂ ଭବତି ।

(ଗ) କାଳିଦାସସ୍ୟ __________ ପ୍ରସିଦ୍ଧାଃ ସନ୍ତି ।

(ଘ) ବାଳକାନାଂ ମିଷ୍ଟାନ୍ନେଷୁ __________ ଆସୀତ୍ ।

(ଙ) __________ ଧ୍ରୁବସ୍ୟ ମାତା ଆସୀତ୍ ।

(ପ୍ରୀତେଃ, ସୁନୀତିଃ, ରୁଚିଃ, ସୂକ୍ତୟଃ, ଶାନ୍ତିମ୍)

୪। **କୋଷ୍ଠକସ୍ଥ ଶବ୍ଦାନାଂ ସମୁଚିତଂ ରୂପଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟତ ।**

ସଃ ମାଳାନାଂ କ୍ରେତା । ସଃ __________ ଅପି କ୍ରେତା । (ଭୂମି)

ସଃ ମାଳାନାଂ କ୍ରେତା । ସଃ <u>ଭୂମେଃ</u> ଅପି କ୍ରେତା ।

(କ) ବାଳକଃ ଆକୃତ୍ୟା ସୁନ୍ଦରଃ । ସଃ __________ ଚପଳଃ । (ପ୍ରକୃତି)

(ଖ) କ୍ରିୟାୟାଃ ମୂଲ୍ୟଂ ଭବତି । __________ ମହତ୍ତ୍ୱଂ ଭବତି । (କୃତି)

(ଗ) ଲକ୍ଷ୍ମଣଃ ସୀତୟା ସହ ଅଗଚ୍ଛତ୍ । କାନ୍ତିଃ __________ ସହ ଶୋଭତେ । (ମତି)

(ଘ) ବିଦ୍ୟା ରକ୍ଷତି ରକ୍ଷିତା । ବ୍ୟାପ୍ନୋତି ମହତୀ __________ । (କୀର୍ତ୍ତି)

## (ଗ) ଇକାରାନ୍ତ କ୍ଳୀବଲିଙ୍ଗ

**ବାରି**

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ବାରି | ବାରିଣୀ | ବାରୀଣି |
| ଦ୍ୱିତୀୟା | ବାରି | ବାରିଣୀ | ବାରୀଣି |
| ତୃତୀୟା | ବାରିଣା | ବାରିଭ୍ୟାମ୍ | ବାରିଭିଃ |
| ଚତୁର୍ଥୀ | ବାରିଣେ | ବାରିଭ୍ୟାମ୍ | ବାରିଭ୍ୟଃ |
| ପଞ୍ଚମୀ | ବାରିଣଃ | ବାରିଭ୍ୟାମ୍ | ବାରିଭ୍ୟଃ |
| ଷଷ୍ଠୀ | ବାରିଣଃ | ବାରିଣୋଃ | ବାରୀଣାମ୍ |
| ସପ୍ତମୀ | ବାରିଣି | ବାରିଣୋଃ | ବାରିଷୁ |
| ସମ୍ବୋଧନ (ପ୍ରଥମା) | ହେ ବାରେ ! / ହେ ବାରି ! | ହେ ବାରିଣୀ ! | ହେ ବାରୀଣି ! |

ଇକାରାନ୍ତ- ନପୁଂସକ ଲିଙ୍ଗ-ବିଶେଷଣ ଶବ୍ଦମାନଙ୍କର ମଧ୍ୟ ବାରିଶବ୍ଦପରି ରୂପ ହୁଏ ।

**ଉଦାହରଣ :**

**ପାପାପହାରି ଦୁରିତାରି ତରଙ୍ଗଧାରି**
**ଶୈଳପ୍ରଚାରି ଗିରିରାଜଗୁହାବିଦାରି।**
**ଝଙ୍କାରକାରି ହରିପାଦରଜୋଽପହାରି**
**ଗାଙ୍ଗଂପୁନାତୁ ସତତଂ ଶୁଭକାରି ବାରି ॥**

**ଇକାରାନ୍ତ କ୍ଲୀବଲିଙ୍ଗ- ଅକ୍ଷି-(ଆଖି)**

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅକ୍ଷି | ଅକ୍ଷିଣୀ | ଅକ୍ଷୀଣି |
| ଦ୍ୱିତୀୟା | ଅକ୍ଷି | ଅକ୍ଷିଣୀ | ଅକ୍ଷୀଣି |
| ତୃତୀୟା | ଅକ୍ଷ୍ଣା | ଅକ୍ଷିଭ୍ୟାମ୍ | ଅକ୍ଷିଭିଃ |
| ଚତୁର୍ଥୀ | ଅକ୍ଷ୍ଣେ | ଅକ୍ଷିଭ୍ୟାମ୍ | ଅକ୍ଷିଭ୍ୟଃ |
| ପଞ୍ଚମୀ | ଅକ୍ଷ୍ଣଃ | ଅକ୍ଷିଭ୍ୟାମ୍ | ଅକ୍ଷିଭ୍ୟଃ |
| ଷଷ୍ଠୀ | ଅକ୍ଷ୍ଣଃ | ଅକ୍ଷ୍ଣୋଃ | ଅକ୍ଷ୍ଣାମ୍ |
| ସପ୍ତମୀ | ଅକ୍ଷ୍ଣି/ଅକ୍ଷଣି | ଅକ୍ଷ୍ଣୋଃ | ଅକ୍ଷିଷୁ |
| ସମ୍ବୋଧନ (ପ୍ରଥମା) | ହେ ଅକ୍ଷେ/ ଅକ୍ଷି ! | ହେ ଅକ୍ଷିଣୀ ! | ହେ ଅକ୍ଷୀଣି ! |

ଏହିପରି ସକ୍ଥି (ଉରୁ) ଦଧି, ଅସ୍ଥି ଶବ୍ଦର ରୂପ ହେବ । ଅକ୍ଷିଶବ୍ଦର ଯେଉଁଠାରେ ଣ ଅଛି ସେଠାରେ ପୂର୍ବୋକ୍ତ ଶବ୍ଦର ନ ରହିବ ।

**ଅଭ୍ୟାସଃ**

**ଅଧସ୍ତନ ବାକ୍ୟେଷୁ ଇକାରାନ୍ତନପୁଂସକପଦାନି ନିରୂପୟତ ।**

(କ) ଇଦଂ ପାପହାରି ଶୁଭକାରି ବାରି ମାଂ ପୁନାତୁ ।

(ଖ) ଅନେନ ଗାଙ୍ଗେନ ବାରିଣା ମମ ଶରୀରଂ ନିର୍ମଳଂ ଭବତୁ ।

(ଗ) ଅସ୍ୟ ଗାଙ୍ଗବାରିଣଃ ପାବନପ୍ରଭାବଃ ଅସାମାନ୍ୟଃ ।

(ଘ) ଅସ୍ମାତ୍ ଘଟାତ୍ ଗାଙ୍ଗବାରିଣଃ ମହ୍ୟଂ କିଞ୍ଚିତ୍ ଦେହି ।

(ଙ) ସଃ ଗଙ୍ଗାବାରିଣି ଆପାଦମସ୍ତକଂ ସ୍ନାତି ।

(ଚ) ଅସ୍ୟ ବାଳକସ୍ୟ ହୃଦୟଂ ଶୁଚି ।

(ଛ) ଅନୟୋଃ ବାଳକୟୋଃ ମନସୀ ଶୁଚିନୀ ।

**ଉତ୍ତରାଣି :**

(କ) ________ (ଖ) ________ (ଗ) ________ (ଘ) ________

(ଙ) ________ (ଚ) ________ (ଛ) ________

**ଇକାରାନ୍ତ ସ୍ତ୍ରୀଲିଙ୍ଗ**

**ନଦୀ**

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ନଦୀ | ନଦ୍ୟୌ | ନଦ୍ୟଃ |
| ଦ୍ୱିତୀୟା | ନଦୀମ୍ | ନଦ୍ୟୌ | ନଦୀଃ |
| ତୃତୀୟା | ନଦ୍ୟା | ନଦୀଭ୍ୟାମ୍ | ନଦୀଭିଃ |
| ଚତୁର୍ଥୀ | ନଦ୍ୟୈ | ନଦୀଭ୍ୟାମ୍ | ନଦୀଭ୍ୟଃ |
| ପଞ୍ଚମୀ | ନଦ୍ୟାଃ | ନଦୀଭ୍ୟାମ୍ | ନଦୀଭ୍ୟଃ |
| ଷଷ୍ଠୀ | ନଦ୍ୟାଃ | ନଦ୍ୟୋଃ | ନଦୀନାମ୍ |
| ସପ୍ତମୀ | ନଦ୍ୟାମ୍ | ନଦ୍ୟୋଃ | ନଦୀଷୁ |
| ସମ୍ବୋଧନ (ପ୍ରଥମା) | ହେ ନଦି ! | ହେ ନଦ୍ୟୌ ! | ହେ ନଦ୍ୟଃ ! |

ଦେବୀ, ପତ୍ନୀ, ବାଣୀ, ସତୀ, ରମଣୀ, ଶ୍ରେଣୀ, ବିଦୁଷୀ, ଗୁଣିନୀ, ଶ୍ରୀମତୀ, ଜନନୀ, ଅଟବୀ, କଠିନୀ (ଖଡ଼ି), ପଦବୀ, ମହୀ, ଯାମିନୀ ପ୍ରଭୃତି ଈ-କାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦ ନଦୀ ଶବ୍ଦର ରୂପତୁଲ୍ୟ । ଏତଦ୍ ବ୍ୟତୀତ ଗଚ୍ଛନ୍ତୀ, ପଠନ୍ତୀ, କୁର୍ବତୀ, ଦଦତୀ, ଯୁବତୀ, ଈଦୃଶୀ, ତାଦୃଶୀ, ମାଦୃଶୀ, ଭବତୀ ଇତ୍ୟାଦିର ରୂପ ନଦୀ ଶବ୍ଦରୂପ ପରି ହେବ । କେତେକ ଋକାରାନ୍ତ ପୁଂଲିଙ୍ଗ ଶବ୍ଦର ସ୍ତ୍ରୀଲିଙ୍ଗ ରୀ-କାରାନ୍ତ ହୋଇ ନଦୀ ଶବ୍ଦର ରୂପ ପରି ହୁଏ ଯଥା- କର୍ତ୍ତ୍ରୀ, ଧାତ୍ରୀ, ଦାତ୍ରୀ । ଲକ୍ଷ୍ମୀ ଶବ୍ଦର ପ୍ରଥମା ଏକବଚନରେ 'ଲକ୍ଷ୍ମୀଃ'- ଏହି ବିସର୍ଗଯୁକ୍ତ ପଦ ରହେ ଓ ଅନ୍ୟତ୍ର ନଦୀ ଶବ୍ଦର ରୂପ ପରି ରୂପ ହୁଏ ।

**ଈକାରାନ୍ତ-** **ନାରୀ** - (ମହିଳା/ ସ୍ତ୍ରୀ)

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ନାରୀ | ନାର୍ଯ୍ୟୌ | ନାର୍ଯ୍ୟଃ |
| ଦ୍ୱିତୀୟା | ନାରୀମ୍ | ନାର୍ଯ୍ୟୌ | ନାରୀଃ |
| ତୃତୀୟା | ନାର୍ଯ୍ୟା | ନାରୀଭ୍ୟାମ୍ | ନାରୀଭିଃ |
| ଚତୁର୍ଥୀ | ନାର୍ଯ୍ୟୈ | ନାରୀଭ୍ୟାମ୍ | ନାରୀଭ୍ୟଃ |
| ପଞ୍ଚମୀ | ନାର୍ଯ୍ୟାଃ | ନାରୀଭ୍ୟାମ୍ | ନାରୀଭ୍ୟଃ |
| ଷଷ୍ଠୀ | ନାର୍ଯ୍ୟାଃ | ନାର୍ଯ୍ୟୋଃ | ନାରୀଣାମ୍ |
| ସପ୍ତମୀ | ନାର୍ଯ୍ୟାମ୍ | ନାର୍ଯ୍ୟୋଃ | ନାରୀଷୁ |
| ସମ୍ବୋଧନ (ପ୍ରଥମା) | ହେ ନାରି ! | ହେ ନାର୍ଯ୍ୟୌ ! | ହେ ନାର୍ଯ୍ୟଃ ! |

ବି.ଦ୍ର. - ନଗରୀ, କୁମାରୀ, ଗୌରୀ, ସୁନ୍ଦରୀ, ପୁରୀ ପ୍ରଭୃତି ଶବ୍ଦର ରୂପ ନାରୀ ଶବ୍ଦପରି ହୁଏ ।

ନଦୀ ଶବ୍ଦରୂପାଣାଂ ପ୍ରୟୋଗାନ୍ ପଶ୍ୟ ।

(କ) ଇୟଂ ଯମୁନାନଦୀ ଅସ୍ତି ।

(ଖ) ଅହଂ ନଦୀଂ ଗଚ୍ଛାମି ।

(ଗ) ଅୟଂ ମାର୍ଗଃ ନଦ୍ୟା ସହ ଯାତି ।

(ଘ) ସଃ ନଦ୍ୟୈ ପୁଷ୍ପାଣି ସମର୍ପୟତି ।

(ଙ) ମହିଳାଃ ନଦ୍ୟାଃ ଜଳମ୍ ଆନୟନ୍ତି ।

(ଚ) ନଦ୍ୟାଃ ତଟଂ ସୁନ୍ଦରମ୍ ।

(ଛ) ତ୍ୱଂ ନଦ୍ୟାଂ ସ୍ନାନଂ କରୋଷି ।

(ଜ) ହେ ନଦି ! ତ୍ୱଂ ପୂଜନୀୟା ।

## ଅଭ୍ୟାସଃ

**୧ । 'ଭଗିନୀ' ଶବ୍ଦସ୍ୟ ଉପଯୁକ୍ତ ବିଭକ୍ତି ରୂପୈଃ ଶୂନ୍ୟସ୍ଥାନାନି ପୂରୟତ ।**

(କ) ମମ ଏକା ଜ୍ୟେଷ୍ଠା ________ ଅସ୍ତି । ରମେଶସ୍ୟ ଦ୍ୱେ କନିଷ୍ଠେ ________ ସ୍ତଃ । ଅହଂ ________ ସହ ସଂସ୍କୃତେନ ଆଳପାମି । ଜନ୍ମଦିନେ ________ ଅହମ୍ ଉପହାରାନ୍ ଦଦାମି । ହରିଃ ________ ସ୍ନିହ୍ୟତି । ହେ ________, ଯୂୟଂ ଗୀତାଂ ପଠତ ।

**୨ । ଉଦାହରଣାନୁସାରଂ ରିକ୍ତସ୍ଥାନାନି ପୂରୟତ ।**

**ଉଦାହରଣମ୍-** ଇୟଂ ଲକ୍ଷ୍ମୀଃ ଅସ୍ତି । ଲକ୍ଷ୍ମ୍ୟାଃ ହସ୍ତେ କମଳମ୍ ଅସ୍ତି ।

(କ) ଇୟଂ ସରସ୍ୱତୀ ଅସ୍ତି । ________ ହସ୍ତେ ବୀଣା ଅସ୍ତି ।

(ଖ) ଇୟଂ ମହାକାଳୀ ଅସ୍ତି । ________ ହସ୍ତେ ଖଡ୍ଗଃ ଅସ୍ତି ।

(ଗ) ଇୟଂ ଗୃହିଣୀ ଅସ୍ତି । ________ ହସ୍ତେ ସ୍ଥାଳୀ ଅସ୍ତି ।

୩। ନିର୍ଦ୍ଦେଶାନୁସାରଂ ବିଭକ୍ତି ରୂପାଣି ଲିଖତ ।

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| (କ) ପୁତ୍ରୀ — ପ୍ରଥମା : | ______ | ______ | ______ |
| (ଖ) ଜନନୀ — ଦ୍ୱିତୀୟା : | ______ | ______ | ______ |
| (ଗ) ନଗରୀ — ତୃତୀୟା : | ______ | ______ | ______ |
| (ଘ) ବାଗ୍ଦେବୀ — ଚତୁର୍ଥୀ : | ______ | ______ | ______ |
| (ଙ) ବିଦୁଷୀ — ପଞ୍ଚମୀ : | ______ | ______ | ______ |
| (ଚ) କୁମାରୀ — ଷଷ୍ଠୀ : | ______ | ______ | ______ |
| (ଛ) ଶ୍ରେଣୀ — ସପ୍ତମୀ : | __________________ | | |

**ଉକାରାନ୍ତ ପୁଂଲିଙ୍ଗ**

**ଭାନୁ (ସୂର୍ଯ୍ୟ)**

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଭାନୁଃ | ଭାନୂ | ଭାନବଃ |
| ଦ୍ୱିତୀୟା | ଭାନୁମ୍ | ଭାନୂ | ଭାନୂନ୍ |
| ତୃତୀୟା | ଭାନୁନା | ଭାନୁଭ୍ୟାମ୍ | ଭାନୁଭିଃ |
| ଚତୁର୍ଥୀ | ଭାନବେ | ଭାନୁଭ୍ୟାମ୍ | ଭାନୁଭ୍ୟଃ |
| ପଞ୍ଚମୀ | ଭାନୋଃ | ଭାନୁଭ୍ୟାମ୍ | ଭାନୁଭ୍ୟଃ |
| ଷଷ୍ଠୀ | ଭାନୋଃ | ଭାନ୍ୱୋଃ | ଭାନୂନାମ୍ |
| ସପ୍ତମୀ | ଭାନୌ | ଭାନ୍ୱୋଃ | ଭାନୁଷୁ |
| ସମ୍ବୋଧନ (ପ୍ରଥମା) | ହେ ଭାନୋ ! | ହେ ଭାନୂ ! | ହେ ଭାନବଃ ! |

ଗୁରୁ, ସାଧୁ, ଶିଶୁ, ଲଘୁ, ବିଷ୍ଣୁ, ବାୟୁ, ବନ୍ଧୁ, ପଶୁ, ଋତୁ, ମଧୁ (ବସନ୍ତ), ଶତ୍ରୁ, ରିପୁ, ରେଣୁ, ବିନ୍ଦୁ, ସିନ୍ଧୁ, ଇନ୍ଦୁ, ବିଷ୍ଣୁ ବଟୁ (ବ୍ରହ୍ମଚାରୀ) ପ୍ରଭୃତି ଉ-କାରାନ୍ତ ପୁଂଲିଙ୍ଗ ଶବ୍ଦର ରୂପ ଭାନୁ ଶବ୍ଦରୂପ ପରି ।

ଗୁରୁଶବ୍ଦର ଷଷ୍ଠୀ ଓ ସପ୍ତମୀ ଦ୍ୱିବଚନରେ 'ଗୁର୍ବୋଃ' ହୁଏ । **ଅସୁ (ପ୍ରାଣ) ଶବ୍ଦର ଏକବଚନାନ୍ତ ଓ ଦ୍ୱିବଚନାନ୍ତ ରୂପ ନାହିଁ** । ଏହା ନିତ୍ୟ ବହୁବଚନାନ୍ତ ଯଥା- ଅସବଃ, ଅସୂନ୍ ଇତ୍ୟାଦି ।

**ଅଧୋଲିଖିତଶ୍ଳୋକୌ ପଠତ ।**

(କ) ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁର୍ଗୁରୁର୍ଦ୍ଦେବୋ ମହେଶ୍ୱରଃ ।
ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ॥

(ଖ) ଅଜ୍ଞାନତିମିରାନ୍ଧସ୍ୟ ଜ୍ଞାନାଞ୍ଜନଶଳାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥

## ଅଭ୍ୟାସଃ

୧। **ଉ-କାରାନ୍ତମୂଳଶବ୍ଦାନ୍ ନିରୂପୟତ ।**

(କ) ହେ **ବଟୋ !** ତପୋବନେ ପଶବଃ ହିଂସାଂ ନ କୁର୍ବନ୍ତି । (   )

(ଖ) ତତ୍ର **ଭାନୋଃ** ପ୍ରକାଶଃ ଭବତି । (   )

(ଗ) ତେ ସର୍ବେ **ସାଧବଃ** । (   )

(ଘ) ବୟଂ ପରସ୍ପରଂ **ବନ୍ଧବଃ** ଇବ ତିଷ୍ଠାମଃ । (   )

(ଙ) **ଜନ୍ତବଃ** ମରଣଶୀଳାଃ । (   )

୨। **ରିକ୍ତସ୍ଥାନାନି ପୂରୟତ ।**

| | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| (କ) ପ୍ରଥମା (ବଟୁ) | ବଟୁଃ | ______ | ବଟବଃ |
| (ଖ) ଦ୍ୱିତୀୟା (ଗୁରୁ) | ______ | ______ | ଗୁରୂନ୍ |
| (ଗ) ତୃତୀୟା (ଭାନୁ) | ଭାନୁନା | ______ | ______ |
| (ଘ) ଚତୁର୍ଥୀ (ଦୟାଳୁ) | ______ | ଦୟାଳୁଭ୍ୟାମ୍ | ______ |
| (ଙ) ପଞ୍ଚମୀ (ବନ୍ଧୁ) | ______ | ______ | ବନ୍ଧୁଭ୍ୟଃ |
| (ଚ) ଷଷ୍ଠୀ (ଶ୍ରଦ୍ଧାଳୁ) | ଶ୍ରଦ୍ଧାଳୋଃ | ______ | ______ |
| (ଛ) ସପ୍ତମୀ (ଦୀନବନ୍ଧୁ) | ______ | ଦୀନବନ୍ଧ୍ୱୋଃ | ______ |
| (ଜ) ସମ୍ବୋଧନ (ରିପୁ) | ହେ ରିପୋ ! | ______ | ______ |

(ଖ) **ଉ-କାରାନ୍ତ ସ୍ତ୍ରୀଲିଙ୍ଗ** **ଧେନୁ**

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ଧେନୁଃ | ଧେନୂ | ଧେନବଃ |
| ଦ୍ୱିତୀୟା | ଧେନୁମ୍ | ଧେନୂ | ଧେନୂଃ |
| ତୃତୀୟା | ଧେନ୍ୱା | ଧେନୁଭ୍ୟାମ୍ | ଧେନୁଭିଃ |
| ଚତୁର୍ଥୀ | ଧେନ୍ୱୈ, ଧେନବେ | ଧେନୁଭ୍ୟାମ୍ | ଧେନୁଭ୍ୟଃ |
| ପଞ୍ଚମୀ | ଧେନ୍ୱାଃ, ଧେନୋଃ | ଧେନୁଭ୍ୟାମ୍ | ଧେନୁଭ୍ୟଃ |
| ଷଷ୍ଠୀ | ଧେନ୍ୱାଃ, ଧେନୋଃ | ଧେନ୍ୱୋଃ | ଧେନୂନାମ୍ |
| ସପ୍ତମୀ | ଧେନ୍ୱାମ୍, ଧେନୌ | ଧେନ୍ୱୋଃ | ଧେନୁଷୁ |
| ସମ୍ବୋଧନ (ପ୍ରଥମା) | ହେ ଧେନୋ ! | ହେ ଧେନୂ ! | ହେ ଧେନବଃ ! |

ତନୁ (ଶରୀର) ରଜ୍ଜୁ (ଦଉଡ଼ି), ରେଣୁ ଓ ସ୍ନାୟୁ ପ୍ରଭୃତି ଉ-କାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦର ରୂପ ଧେନୁ ଶବ୍ଦରୂପ ପରି ହେବ ।

**ଅଧୋଲିଖିତାନି ବାକ୍ୟାନି ପଠତ ।**

ଇୟଂ ମମ ଧେନୁଃ । ଅହମ୍ ଇମାଂ ଧେନୁଂ ସ୍ନେହେନ ପାଳୟାମି । ଧେନ୍ୱା ପରିବାର ସଦସ୍ୟାଃ ସୁସ୍ଥାଃ । ଅହଂ ଧେନବେ ପ୍ରଚୁରଂ ତୃଣଂ ଦଦାମି । ଧେନ୍ୱାଃ ପ୍ରଚୁରଂ ଦୁଗ୍ଧଂ ପ୍ରାପ୍ନୋମି । ଧେନ୍ୱାଃ ଗତିଃ ଦର୍ଶନୀୟା ଅସ୍ତି । ଅହଂ ଧେନ୍ୱାମ୍ ଅତୀବ ସ୍ନିହ୍ୟାମି । ହେ ଧେନୋ ! ତ୍ୱଂ ମମ ଦ୍ୱିତୀୟା ମାତା ।

(ଗ) **ଉ-କାରାନ୍ତ କ୍ଲୀବଲିଙ୍ଗ** **ମଧୁ**

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ମଧୁ | ମଧୁନୀ | ମଧୂନି |
| ଦ୍ୱିତୀୟା | ମଧୁ | ମଧୁନୀ | ମଧୂନି |
| ତୃତୀୟା | ମଧୁନା | ମଧୁଭ୍ୟାମ୍ | ମଧୁଭିଃ |
| ଚତୁର୍ଥୀ | ମଧୁନେ | ମଧୁଭ୍ୟାମ୍ | ମଧୁଭ୍ୟଃ |
| ପଞ୍ଚମୀ | ମଧୁନଃ | ମୁଧୁଭ୍ୟାମ୍ | ମଧୁଭ୍ୟଃ |
| ଷଷ୍ଠୀ | ମଧୁନଃ | ମଧୁନୋଃ | ମଧୂନାମ୍ |
| ସପ୍ତମୀ | ମଧୁନି | ମଧୁନୋଃ | ମଧୁଷୁ |
| ସମ୍ବୋଧନ (ପ୍ରଥମା) | ହେ ମଧୁ / ମଧୋ ! | ହେ ମଧୁନୀ ! | ହେ ମଧୂନି ! |

ଜାନୁ, ଅଶ୍ରୁ, ଦାରୁ, ବସୁ, ଶ୍ମଶ୍ରୁ, ତାଳୁ, ଅମ୍ବୁ ଇତ୍ୟାଦି ସମସ୍ତ ଉକାରାନ୍ତ ନପୁଂସକଲିଙ୍ଗ ଶବ୍ଦର ରୂପ ମଧୁଶବ୍ଦରୂପ ପରି ।

**ଅଧୋଲିଖିତାନି ବାକ୍ୟାନି ପଠତ ।**

ମହାଶୟ ଭବତଃ ! ସକାଶେ ମଧୁ ଅସ୍ତି କିମ୍ ? ଅହଂ କିଞ୍ଚିତ୍ ମଧୁ ଇଚ୍ଛାମି । ମଧୁନା ସହ ଔଷଧଂ ଖାଦିଷ୍ୟାମି । ଅତୋଽହଂ ମଧୁନେ ଅତ୍ର ଆଗତଃ । ମଧୁନଃ ଦୂରେ ଗନ୍ତୁଂ ମଧୁପଃ ନ ଇଚ୍ଛତି । ମଧୁନଃ ସ୍ୱାଦଃ ଅଧିକଃ । ମଧୁନି ବହବଃ ଗୁଣାଃ ସନ୍ତି । ହେ ମଧୁ ! ତ୍ୱମ୍ ଅତୀବ ହିତକାରି ।

## ଅଭ୍ୟାସଃ

**୧ । ଅଧଃ ପୁଂଲିଙ୍ଗ-ନପୁଂସକଲିଙ୍ଗଶବ୍ଦାନାଂ ମିଶ୍ରଣଂ ବର୍ତ୍ତତେ । ପୃଥକ୍ କୁରୁତ ।**

ମଧୁ, ସାଧୁ, ଗୁରୁ, ବସୁ, ଅଶ୍ରୁ, ବସ୍ତୁ, ବନ୍ଧୁ, ଅମ୍ବୁ, ଶିଶୁ

ପୁଂଲିଙ୍ଗଶବ୍ଦ ______________________

ନପୁଂସକଲିଙ୍ଗଶବ୍ଦ ______________________

**୨ । ନିମ୍ନସ୍ଥିତବିଶେଷଣପଦୟୋଃ ଯଥାନିର୍ଦ୍ଦେଶମ୍ ଉତ୍ତରଂ ଦେହି ।**

| | **ବହୁ, ସ୍ୱାଦୁ** | **ପୁଂଲିଙ୍ଗ ବହୁବଚନ** | **ନପୁଂସକ ବହୁବଚନ** |
|---|---|---|---|
| ଯଥା : | ପ୍ରଥମା- | ବହବଃ, ସ୍ୱାଦବଃ | ବହୂନି ସ୍ୱାଦୂନି |
| | ଦ୍ୱିତୀୟା- | ବହୂନ୍, ସ୍ୱାଦୂନ୍ | ______ ______ |
| | ତୃତୀୟା- | ବହୁଭିଃ, ସ୍ୱାଦୁଭିଃ | ______ ______ |

| | | | |
|---|---|---|---|
| ଚତୁର୍ଥୀ- | ବହୁଭ୍ୟଃ, ସ୍ୱାଦୁଭ୍ୟଃ | _____ | _____ |
| ପଞ୍ଚମୀ- | ବହୁଭ୍ୟଃ, ସ୍ୱାଦୁଭ୍ୟଃ | _____ | _____ |
| ଷଷ୍ଠୀ- | ବହୂନାମ୍, ସ୍ୱାଦୂନାମ୍ | _____ | _____ |
| ସପ୍ତମୀ- | ବହୁଷୁ, ସ୍ୱାଦୁଷୁ | _____ | _____ |

(ଘ) **ଊ-କାରାନ୍ତ ସ୍ତ୍ରୀଲିଙ୍ଗ** **ବଧୂ**

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ବଧୂଃ | ବଧ୍ୱୌ | ବଧ୍ୱଃ |
| ଦ୍ୱିତୀୟା | ବଧୂମ୍ | ବଧ୍ୱୌ | ବଧୂଃ |
| ତୃତୀୟା | ବଧ୍ୱା | ବଧୂଭ୍ୟାମ୍ | ବଧୂଭିଃ |
| ଚତୁର୍ଥୀ | ବଧ୍ୱୈ | ବଧୂଭ୍ୟାମ୍ | ବଧୂଭ୍ୟଃ |
| ପଞ୍ଚମୀ | ବଧ୍ୱାଃ | ବଧୂଭ୍ୟାମ୍ | ବଧୂଭ୍ୟଃ |
| ଷଷ୍ଠୀ | ବଧ୍ୱାଃ | ବଧ୍ୱୋଃ | ବଧୂନାମ୍ |
| ସପ୍ତମୀ | ବଧ୍ୱାମ୍ | ବଧ୍ୱୋଃ | ବଧୂଷୁ |
| ସମ୍ବୋଧନ | ହେ ବଧୁ ! | ହେ ବଧ୍ୱୌ ! | ହେ ବଧ୍ୱଃ ! |

ଚମୂ, ଚଞ୍ଚୂ, ତନୂ (ଶରୀର), ପୁତ୍ରବଧୂ, ଶ୍ୱଶ୍ରୂ, ସରୟୂ ପ୍ରଭୃତି ଊ-କାରାନ୍ତ ସ୍ତ୍ରୀଲିଙ୍ଗଶବ୍ଦର ରୂପ ବଧୂ ଶବ୍ଦରୂପ ପରି । ପ୍ରସୂ ଶବ୍ଦର ରୂପ ଦ୍ୱିତୀୟା ଏକବଚନ ଓ ବହୁବଚନରେ ଯଥାକ୍ରମେ 'ପ୍ରସୂମ୍' ଓ 'ପ୍ରସୂଃ' ହୁଏ ।

ବାକ୍ୟପ୍ରୟୋଗଃ ।

ଇୟଂ ନବବଧୂଃ ଲଜ୍ଜାଶୀଳା । ଇମାଂ ନବବଧୂଂ ଦ୍ରଷ୍ଟୁମ୍ ଅଦ୍ୟ ସ୍ତ୍ରିୟଃ ଆଗତାଃ । ଅନୟା ନବବଧ୍ୱା ସହ ତାଃ ବହୁକାଳଂ ନେଷ୍ୟନ୍ତି । ଅସୌ ନବବଧ୍ୱୈ ତାସୁ କାଶ୍ଚନ ଉପହାରାନ୍ ଦାସ୍ୟନ୍ତି । ତାଃ ସର୍ବାଃ ନବବଧ୍ୱାଃ ମିଷ୍ଟାନ୍ନଂ ପ୍ରାପ୍ତବତ୍ୟଃ । ଅସ୍ୟାଃ ନବବଧ୍ୱାଃ ରୂପମ୍ ଅତୀବ ସୁନ୍ଦରମ୍ । ଅସ୍ୟାଂ ନବବଧ୍ୱାଂ ସର୍ବେଷାଂ ପ୍ରୀତିଃ ଗଭୀରା । ହେ ନବବଧୁ !, ପରିବାରେ ସର୍ବେଷୁ ସାମଞ୍ଜସ୍ୟଂ ପ୍ରତିଷ୍ଠାପୟ ।

**ଋ-କାରାନ୍ତ ପୁଂଲିଙ୍ଗ** **ପିତୃ**

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ପିତା | ପିତରୌ | ପିତରଃ |
| ଦ୍ୱିତୀୟା | ପିତରମ୍ | ପିତରୌ | ପିତୄନ୍ |
| ତୃତୀୟା | ପିତ୍ରା | ପିତୃଭ୍ୟାମ୍ | ପିତୃଭିଃ |
| ଚତୁର୍ଥୀ | ପିତ୍ରେ | ପିତୃଭ୍ୟାମ୍ | ପିତୃଭ୍ୟଃ |
| ପଞ୍ଚମୀ | ପିତୁଃ | ପିତୃଭ୍ୟାମ୍ | ପିତୃଭ୍ୟଃ |
| ଷଷ୍ଠୀ | ପିତୁଃ | ପିତ୍ରୋଃ | ପିତୄଣାମ୍ |
| ସପ୍ତମୀ | ପିତରି | ପିତ୍ରୋଃ | ପିତୃଷୁ |
| ସମ୍ବୋଧନ (ପ୍ରଥମା) | ହେ ପିତଃ ! | ହେ ପିତରୌ ! | ହେ ପିତରଃ ! |

| |
|---|
| ଭ୍ରାତୃ, ଦେବୃ, ଜାମାତୃ, ନୃ-ଏଇ କେତୋଟି ଶବ୍ଦର ରୂପ ପିତୃ ଶବ୍ଦର ରୂପପରି । କେବଳ 'ନୃ'ଶବ୍ଦର ଷଷ୍ଠୀ ବହୁବଚନରେ ଦୁଇପ୍ରକାର ରୂପ ହୁଏ । ଯଥା- ନୄଣାମ୍ ଓ ନୃଣାମ୍ । (ନୃ - ନର) |

ପିତା ମାତା ନନାନ୍ଦା ନା ସବ୍ୟେଷ୍ଟୃ-ଭ୍ରାତୃ-ମାତରଃ ।
ଜାମାତା ଦୁହିତା ଦେବା ନ ତୃନନ୍ତା ଇମେ ଦଶ ॥

ଏଇ ଦଶଟି ଶବ୍ଦର ପ୍ରଥମା ଦ୍ୱିବଚନଠାରୁ ଚାରିଗୋଟି ବିଭକ୍ତି ରୂପରେ ଅନ୍ତ୍ୟ ଋକାରର ବୃଦ୍ଧି (ଆର୍) ହୁଏ ନାହିଁ । ଏହା ମଧ୍ୟରେ ମାତୃ, ନନାନ୍ଦୃ, ଯାତୃ ଓ ଦୁହିତୃ ଶବ୍ଦ ସ୍ତ୍ରୀଲିଙ୍ଗ, ବାକିତକ ପୁଂଲିଙ୍ଗ ।

**ଦାତୃ**

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ଦାତା | ଦାତାରୌ | ଦାତାରଃ |
| ଦ୍ୱିତୀୟା | ଦାତାରମ୍ | ଦାତାରୌ | ଦାତୄନ୍ |
| ତୃତୀୟା | ଦାତ୍ରା | ଦାତୃଭ୍ୟାମ୍ | ଦାତୃଭିଃ |
| ଚତୁର୍ଥୀ | ଦାତ୍ରେ | ଦାତୃଭ୍ୟାମ୍ | ଦାତୃଭ୍ୟଃ |
| ପଞ୍ଚମୀ | ଦାତୁଃ | ଦାତୃଭ୍ୟାମ୍ | ଦାତୃଭ୍ୟଃ |
| ଷଷ୍ଠୀ | ଦାତୁଃ | ଦାତ୍ରୋଃ | ଦାତୄଣାମ୍ |
| ସପ୍ତମୀ | ଦାତରି | ଦାତ୍ରୋଃ | ଦାତୃଷୁ |
| ସମ୍ବୋଧନ (ପ୍ରଥମା) | ହେ ଦାତଃ ! | ହେ ଦାତାରୌ ! | ହେ ଦାତାରଃ ! |

| |
|---|
| ଧାତୃ, ବିଧାତୃ, କର୍ତ୍ତୃ, ଶ୍ରୋତୃ, ନେତୃ, ସବିତୃ, ପ୍ରଣେତୃ, ଶିକ୍ଷୟିତୃ, ରକ୍ଷୟିତୃ, ଅଧିଷ୍ଠାତୃ ଓ ହର୍ତ୍ତୃ ପ୍ରଭୃତି ଋ କାରାନ୍ତ ପୁଂଲିଙ୍ଗ ଶବ୍ଦର ରୂପ ଦାତୃଶବ୍ଦର ରୂପପରି । |

ବାକ୍ୟପ୍ରୟୋଗଃ ।

ମମ ପିତା ଦାତା ଅସ୍ତି । ଅହଂ ମମ ଦାତାରଂ ପିତରଂ ନମାମି । ମମ ଦାତ୍ରା ପିତ୍ରା ଦାନଂ ଦୀୟତେ । ମମ ଦାତ୍ରେ ପିତ୍ରେ ଅନ୍ୟତ୍ କିମପି ନ ରୋଚତେ । ସଃ ମମ ଦାତୁଃ ପିତୁଃ ଦାନଂ ସ୍ୱୀକରୋତି । ସର୍ବେ ମମ ଦାତୁଃ ପିତୁଃ ସ୍ମରଣଂ କୁର୍ବନ୍ତି । ପୁତ୍ରଃ ଦାତରି ପିତରି ସାଧୁଃ । ହେ ଦାତଃ ପିତଃ, ଭବାନ୍ ମହାନ୍ ଖଲୁ ।

## ଅଭ୍ୟାସଃ

**୧। ରେଖାଙ୍କିତ ସ୍ଥାନେଷୁ ପିତୃଶବ୍ଦସ୍ୟ ଯଥାର୍ଥରୂପୈଃ ପୁନର୍ଲେଖନଂ କୁରୁତ ।**

ଦଶରଥଃ ରାମସ୍ୟ **ଜନକଃ** ଆସୀତ୍ । ସଃ **ଜନକସ୍ୟ** ଆଜ୍ଞୟା ବନଂ ଗତବାନ୍ । ତସ୍ୟ **ଜନକେ** ଶ୍ରଦ୍ଧା ଆସୀତ୍ । **ଜନକେନ** ଦତ୍ତଃ ଆଦେଶଃ ପାଳନୀୟଃ ।

**୨। ବାକ୍ୟସ୍ଥିତାନାଂ ରେଖାଙ୍କିତପଦାନାଂ ମୂଳଶବ୍ଦଂ ବିଭକ୍ତିଂ ବଚନଂ ଚ ନିରୂପୟତ ।**

(କ) **ପିତା** ଔଷଧାଳୟଂ ଗଚ୍ଛତି । (______) ______ ______

(ଖ) ରାମଃ **ଦାତାରଂ** ନମତି । (______) ______ ______

(ଗ) **ଦୋଗ୍ଧା** ଗୋପାଳନନ୍ଦନଃ । (______) ______ ______

(ଘ) ରାମାୟଣସ୍ୟ **ରଚୟିତୁଃ** ନାମ କିମ୍ ? (______) ______ ______

(ଙ) ଅତ୍ର ସର୍ବେ **<u>ବିକ୍ରେତାରଃ</u>** । (______) ______ ______

(ଚ) **<u>ବକ୍ତ୍ରେ</u>** କିଂ ଦାସ୍ୟସି ? (______) ______ ______

(ଛ) **<u>ଭର୍ତ୍ତରି</u>** ମମ ବିଶ୍ୱାସଃ ଅସ୍ତି । (______) ______ ______

(ଜ) ତେ **<u>ନେତୁଃ</u>** ଚର୍ଚ୍ଚାଂ କୁର୍ବନ୍ତି । (______) ______ ______

**୩। ଉଦାହରଣାନୁସାରଂ ବାକ୍ୟପରିବର୍ତ୍ତନଂ କୁରୁତ ।**

**ଯଥା-** ଭର୍ତ୍ତାରଃ ପ୍ରସନ୍ନାଃ ସନ୍ତି ।

ଭର୍ତ୍ତା ପ୍ରସନ୍ନଃ ଅସ୍ତି ।

(କ) ପିତରଃ ଭ୍ରାତୃଭ୍ୟଃ ଯଚ୍ଛନ୍ତି । ______________

(ଖ) ଶ୍ରମିକାଃ କର୍ତ୍ତୃଭ୍ୟଃ ଧନାନି ନୟନ୍ତି । ______________

(ଗ) ପିତୃଭ୍ୟଃ ନମଃ । ______________

(ଘ) ଜନାଃ ନେତୃଭିଃ ସହ ଗଚ୍ଛନ୍ତି । ______________

(ଙ) ଲୋକାଃ ବକ୍ତ୍ରୂଣାଂ ବଚନାନି ପାଳୟନ୍ତି । ______________

**୪। ଶ୍ଳୋକଦ୍ୱୟଂ ସ୍ମରତ ।**

(କ) ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ ।
ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ ॥

(ଖ) ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ ।
ବେଦ୍ୟଂ ପବିତ୍ରମୋଙ୍କାର ଋକ୍‌ସାମ ଯଜୁରେବ ଚ ॥ (ଗୀତା- ୯.୧୭)

**୫। କୋଷ୍ଠକସ୍ଥ ଶବ୍ଦସ୍ୟ ଉଚିତଂ ରୂପଂ ପ୍ରଯୁଜ୍ୟ ଶୂନ୍ୟସ୍ଥାନଂ ପୂରୟତ ।**

(କ) ଦେବୋ ଦେବୀ ଚ ନଃ ସର୍ବସୁଖସ୍ୟ ______________ (ଦାତୃ- ପ୍ରଥମା)

(ଖ) ______________ ଭଗବତେ ନମଃ । (ପରମଦାତୃ- ୪ର୍ଥୀ)

(ଗ) ପରମଦାତରି ______________ ଅବିଚଳା ଚ ସ୍ୟାତ୍ ଅସ୍ମାକଂ ଭକ୍ତିଃ । (ବିଧାତୃ- ୭ମୀ)

(ଘ) ______________ ଦେବାନ୍ ସର୍ବଦା ସ୍ମରାମଃ । (ଦାତୃ- ୨ୟା)

**ଋ-କାରାନ୍ତ ସ୍ତ୍ରୀଲିଙ୍ଗ** **ମାତୃ (ମା)**

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ମାତା | ମାତରୌ | ମାତରଃ |
| ଦ୍ୱିତୀୟା | ମାତରମ୍ | ମାତରୌ | ମାତୄଃ |
| ତୃତୀୟା | ମାତ୍ରା | ମାତୃଭ୍ୟାମ୍ | ମାତୃଭିଃ |
| ଚତୁର୍ଥୀ | ମାତ୍ରେ | ମାତୃଭ୍ୟାମ୍ | ମାତୃଭ୍ୟଃ |
| ପଞ୍ଚମୀ | ମାତୁଃ | ମାତୃଭ୍ୟାମ୍ | ମାତୃଭ୍ୟଃ |

| | | | |
|---|---|---|---|
| ଷଷ୍ଠୀ | ମାତୁଃ | ମାତ୍ରୋଃ | ମାତୃଣାମ୍ |
| ସପ୍ତମୀ | ମାତରି | ମାତ୍ରୋଃ | ମାତୃଷୁ |
| ସମ୍ବୋଧନ (ପ୍ରଥମା) | ହେ ମାତଃ ! | ହେ ମାତରୌ ! | ହେ ମାତରଃ ! |

ସ୍ତ୍ରୀଲିଙ୍ଗ ଋକାରାନ୍ତ ଶବ୍ଦ ମୋଟରେ ପାଞ୍ଚଟି– ଦୁହିତୃ, ମାତୃ, ଯାତୃ, ନନାନ୍ଦୃ ଓ ସ୍ୱସୃ । ମାତୃ ଶବ୍ଦରୂପ ପରି ଦୁହିତୃ, ଯାତୃ ଓ ନନାନ୍ଦୃ ଶବ୍ଦରୂପ ହୁଏ । ସ୍ୱସୃ ଶବ୍ଦର ରୂପ ଦାତୃ ଶବ୍ଦରୂପ ପରି ମାତ୍ର ଏହାର ଦ୍ୱିତୀୟା ବହୁବଚନରେ 'ସ୍ୱସୄଃ' ହୁଏ ।

ମାତୃସ୍ୱସୃ/ମାତୃଷ୍ୱସୃ (ମାଉସୀ) ଓ ପିତୃସ୍ୱସୃ/ପିତୃଷ୍ୱସୃ (ପିଉସୀ) ଶବ୍ଦର ରୂପ ସ୍ୱସୃ (ଭଉଣୀ) ଶବ୍ଦର ରୂପ ପରି ।

## ଅଭ୍ୟାସଃ

**୧ । ଅଧୋଲିଖିତବାକ୍ୟାନାଂ ମାତୃଭାଷୟା ଅନୁବାଦଂ କୁରୁତ ।**

ଶ୍ରୀରାମଚନ୍ଦ୍ରସ୍ୟ ତିସ୍ରଃ ମାତରଃ ଆସନ୍ ।

ଜନ୍ମଭୂମିଃ ଅସ୍ମାକମ୍ ଅପରା ମାତା ।

ସଃ ଦ୍ୱାଭ୍ୟାଂ ମାତୃଭ୍ୟାଂ ପାଳିତଃ ।

ସଃ ମାତୃଭ୍ୟଃ ଆଶିଷଃ ପ୍ରାପ୍ନୋତି ।

ହେ ମାତରୌ !, ବୟଂ ଯୁବାଂ ନ ବିସ୍ମରାମଃ ।

ହେ ମାତରଃ !, ଯୁଷ୍ମାନ୍ ବୟଂ ନିତ୍ୟଂ ନମାମଃ ।

ଶିଶୁଃ ମାତୁଃ ଅଙ୍କେ ଉପବିଶତି ।

ମାତ୍ରା ଭାଗବତଂ ପଠିତମ୍ ।

**୨ । ପିତୃଶବ୍ଦସ୍ଥାନେ ମାତୃଶବ୍ଦରୂପାଣାଂ ପ୍ରୟୋଗଂ କୁରୁତ ।**

(କ) ତବ ପିତୁଃ ନାମ କିମ୍ ? ________________

(ଖ) ତ୍ୱଂ କିଂ ପିତ୍ରା ସହ ଗଚ୍ଛସି ? ________________

(ଗ) ଅହଂ ପିତ୍ରେ ଭୋଜନମ୍ ଆନୟାମି । ________________

(ଘ) ସଃ ପିତୁଃ ଶାସନେ ତିଷ୍ଠତି । ________________

(ଙ) ମମ ପିତରି ଭକ୍ତିଃ ଅସ୍ତି । ________________

**ଓ-କାରାନ୍ତ ପୁଂଲିଙ୍ଗ/ ସ୍ତ୍ରୀଲିଙ୍ଗ ଗୋ**

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଗୌଃ | ଗାବୌ | ଗାବଃ |
| ଦ୍ୱିତୀୟା | ଗାମ୍ | ଗାବୌ | ଗାଃ |
| ତୃତୀୟା | ଗବା | ଗୋଭ୍ୟାମ୍ | ଗୋଭିଃ |
| ଚତୁର୍ଥୀ | ଗବେ | ଗୋଭ୍ୟାମ୍ | ଗୋଭ୍ୟଃ |
| ପଞ୍ଚମୀ | ଗୋଃ | ଗୋଭ୍ୟାମ୍ | ଗୋଭ୍ୟଃ |
| ଷଷ୍ଠୀ | ଗୋଃ | ଗବୋଃ | ଗବାମ୍ |

| | | | |
|---|---|---|---|
| ସପ୍ତମୀ | ଗବି | ଗବୋଃ | ଗୋଷୁ |
| ସମ୍ବୋଧନ (ପ୍ରଥମା) | ଗୌଃ ! | ଗାବୌ ! | ଗାବଃ ! |

ଗୋ ଶବ୍ଦ ଗାଈକୁ ବୁଝାଉଥିଲେ ସ୍ତ୍ରୀଲିଙ୍ଗ ହୁଏ । ଯଥା- ଇୟଂ ଗୌଃ କୃଷ୍ଣା । ବୃଷଭ ଅର୍ଥରେ 'ଅୟଂ ଗୌଃ କୃଷ୍ଣଃ' । ଗୋ ଶବ୍ଦ ସମାସାନ୍ତ ହେଲେ 'ଗବୀ' ହୁଏ । ଯଥା- ଦେବଗବୀ । ଏହାର ରୂପ ନଦୀ ଶବ୍ଦପରି ହୁଏ ।

**ବାକ୍ୟପ୍ରୟୋଗଃ (ପଶ୍ୟତ- ପଠତ) ।**

(କ) **ଗାବଃ** କ୍ଷେତ୍ରେ ଚରନ୍ତି ।

(ଖ) ଗୋପାଳଃ **ଗାଃ** ଚାରୟତି ।

(ଗ) ସଃ ସଦା **ଗୋଭିଃ** ସହ ତିଷ୍ଠତି ।

(ଘ) **ଗୋଭ୍ୟଃ** ପ୍ରଜାଭ୍ୟଃ ଚ ସ୍ୱସ୍ତି ।

(ଙ) **ଗୋଭ୍ୟଃ** ତୃଣାନି ଦେହି ।

(ଚ) ବୟଂ **ଗୋଭ୍ୟଃ** ଦୁଗ୍ଧଂ ପ୍ରାପ୍ନୁମଃ ।

(ଛ) **ଗବାମ୍** ମଧ୍ୟେ ବସାମ୍ୟହମ୍ ।

(ଜ) ଗବାଂ **ଗୋଷୁ** ବା କୃଷ୍ଣା ବହୁକ୍ଷୀରା ।

(ଝ) ଭାରତୀୟାଃ **ଗୋଷୁ** ମାତୃବତ୍ ଭକ୍ତିଂ କୁର୍ବନ୍ତି ।

•••

# ବ୍ୟଞ୍ଜନାନ୍ତ ଶବ୍ଦରୂପ

## ରାଜନ୍ (ଅନ୍-ଭାଗାନ୍ତ ପୁଂଲିଙ୍ଗ) (ରାଜା)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ରାଜା | ରାଜାନୌ | ରାଜାନଃ |
| ଦ୍ୱିତୀୟା | ରାଜାନମ୍ | ରାଜାନୌ | ରାଜ୍ଞଃ |
| ତୃତୀୟା | ରାଜ୍ଞା | ରାଜଭ୍ୟାମ୍ | ରାଜଭିଃ |
| ଚତୁର୍ଥୀ | ରାଜ୍ଞେ | ରାଜଭ୍ୟାମ୍ | ରାଜଭ୍ୟଃ |
| ପଞ୍ଚମୀ | ରାଜ୍ଞଃ | ରାଜଭ୍ୟାମ୍ | ରାଜଭ୍ୟଃ |
| ଷଷ୍ଠୀ | ରାଜ୍ଞଃ | ରାଜ୍ଞୋଃ | ରାଜ୍ଞାମ୍ |
| ସପ୍ତମୀ | ରାଜ୍ଞି / ରାଜନି | ରାଜ୍ଞୋଃ | ରାଜସୁ |
| ସମ୍ବୋଧନ (ପ୍ରଥମା) | ରାଜନ୍ ! | ରାଜାନୌ ! | ରାଜାନଃ ! |

ମହାନ୍ ରାଜା = ମହାରାଜଃ (କର୍ମଧାରୟଃ) । କଳିଙ୍ଗାନାଂ ରାଜା = କଳିଙ୍ଗରାଜଃ (ଷଷ୍ଠୀତତ୍ ପୁରୁଷଃ) । ଏହିପରି ଦେବରାଜ, ମଗଧରାଜ, ପଶୁରାଜ ଇତ୍ୟାଦି ରାଜାନ୍ତ ଶବ୍ଦଗୁଡ଼ିକର ରୂପ ବାଳକ ଶବ୍ଦରୂପ ପରି ହେବ ବୋଲି ମନେରଖିବାକୁ ହେବ ।

## ଆତ୍ମନ୍- (ଆତ୍ମା/ ସ୍ୱୟମ୍)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଆତ୍ମା | ଆତ୍ମାନୌ | ଆତ୍ମାନଃ |
| ଦ୍ୱିତୀୟା | ଆତ୍ମାନମ୍ | ଆତ୍ମାନୌ | ଆତ୍ମନଃ |
| ତୃତୀୟା | ଆତ୍ମନା | ଆତ୍ମଭ୍ୟାମ୍ | ଆତ୍ମଭିଃ |
| ଚତୁର୍ଥୀ | ଆତ୍ମନେ | ଆତ୍ମଭ୍ୟାମ୍ | ଆତ୍ମଭ୍ୟଃ |
| ପଞ୍ଚମୀ | ଆତ୍ମନଃ | ଆତ୍ମଭ୍ୟାମ୍ | ଆତ୍ମଭ୍ୟଃ |
| ଷଷ୍ଠୀ | ଆତ୍ମନଃ | ଆତ୍ମନୋଃ | ଆତ୍ମନାମ୍ |
| ସପ୍ତମୀ | ଆତ୍ମନି | ଆତ୍ମନୋଃ | ଆତ୍ମସୁ |
| ସମ୍ବୋଧନ (ପ୍ରଥମା) | ଆତ୍ମନ୍ ! | ଆତ୍ମାନୌ ! | ଆତ୍ମାନଃ ! |

ବ୍ରହ୍ମନ୍, କୃତକର୍ମନ୍, ପରମାତ୍ମନ୍, ଜୀବାତ୍ମନ୍, ଧର୍ମାତ୍ମନ୍, ମହାତ୍ମନ୍, କୃଷ୍ଣବର୍ତ୍ମନ୍ (ଅଗ୍ନି), ଦ୍ୱିଜନ୍ମନ୍ ପ୍ରଭୃତି ଶବ୍ଦର ରୂପ ଆତ୍ମନ୍ ଶବ୍ଦରୂପ ପରି । 'ଶ୍ୱନ୍' ବ୍ୟତୀତ ଯେଉଁ ଶବ୍ଦର 'ଅନ୍' ପୂର୍ବସ୍ଥ ସଂଯୁକ୍ତ ବର୍ଣ୍ଣର ଅନ୍ତରେ 'ମ' କିମ୍ବା 'ବ' ଥାଏ । ସେସବୁ ଆତ୍ମନ୍ ପରି ରୂପ ହୁଅନ୍ତି ।

*.ନ ସଂଯୋଗାଦ୍ୱମନ୍ତାତ୍ ।

**୧ । ବାକ୍ୟ ପ୍ରୟୋଗଃ ।**

ଏକଃ **<u>ରାଜା</u>** ଆସୀତ୍ ।

ପ୍ରଜାଃ ତଂ **<u>ରାଜାନଂ</u>** ଦେବମ୍ ଇତି ପୂଜୟନ୍ତି ।

ସେନାପତିଃ **<u>ରାଜ୍ଞା</u>** ସହ ଅଗଚ୍ଛତ୍ ।

ତସ୍ମୈ **<u>ରାଜ୍ଞେ</u>** ସତ୍ୟବଚନଂ ରୋଚତେ ।

ତସ୍ମାତ୍ **<u>ରାଜ୍ଞଃ</u>** ପ୍ରଜାଃ ସାହାଯ୍ୟଂ ଲଭନ୍ତେ ।

ତସ୍ୟ **<u>ରାଜ୍ଞଃ</u>** ନାମ ମୁଖେ ମୁଖେ ବର୍ତ୍ତତେ ।

ତସ୍ୟ **<u>ରାଜ୍ଞଃ</u>** କୀର୍ତ୍ତିଃ ସର୍ବୈଃ ଗୀୟତେ ।

ତସ୍ମିନ୍ **<u>ରାଜ୍ଞି</u>** ସର୍ବେଷାଂ ପ୍ରୀତିଃ ବର୍ତ୍ତତେ ।

ହେ **<u>ରାଜନ୍</u> !**, ମୟି ଦୟାଂ କୁରୁ ।

୨ । ଅଧୋଲିଖିତବାକ୍ୟାନି ପଠତ ।

ଅୟମ୍ ଆତ୍ମା ବ୍ରହ୍ମ । ଯଃ ଆତ୍ମାନଂ ନ ଜାନାତି, ସଃ କିମପି ନ ଜାନାତି । ଆତ୍ମାନମ୍ ଆତ୍ମନା ଜାନୀହି । ଆତ୍ମନେ ସର୍ବଂ କୁରୁ । ଶାନ୍ତିଃ ଆତ୍ମନଃ ଏବ ଉଦ୍‌ଭବତି । ଆତ୍ମା ଏବ ଆତ୍ମନଃ ବନ୍ଧୁଃ । ଅତଃ ଆତ୍ମନି ବାସଂ କୁରୁ । ହେ ଆତ୍ମନ୍, ମୋହନିଦ୍ରାଂ ପରିହର ।

## (ଇନ୍-ଭାଗାନ୍ତ ପୁଂଲିଙ୍ଗ) ଗୁଣିନ୍ (ଗୁଣବାନ୍/ ଗୁଣୀ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଗୁଣୀ | ଗୁଣିନୌ | ଗୁଣିନଃ |
| ଦ୍ୱିତୀୟା | ଗୁଣିନମ୍ | ଗୁଣିନୌ | ଗୁଣିନଃ |
| ତୃତୀୟା | ଗୁଣିନା | ଗୁଣିଭ୍ୟାମ୍ | ଗୁଣିଭିଃ |
| ଚତୁର୍ଥୀ | ଗୁଣିନେ | ଗୁଣିଭ୍ୟାମ୍ | ଗୁଣିଭ୍ୟଃ |
| ପଞ୍ଚମୀ | ଗୁଣିନଃ | ଗୁଣିଭ୍ୟାମ୍ | ଗୁଣିଭ୍ୟଃ |
| ଷଷ୍ଠୀ | ଗୁଣିନଃ | ଗୁଣିନୋଃ | ଗୁଣିନାମ୍ |
| ସପ୍ତମୀ | ଗୁଣିନି | ଗୁଣିନୋଃ | ଗୁଣିଷୁ |
| ସମ୍ବୋଧନ (ପ୍ରଥମା) | ଗୁଣିନ୍ ! | ଗୁଣିନୌ ! | ଗୁଣିନଃ ! |

ଅର୍ଥିନ୍, ଏକାକିନ୍, କୃତିନ୍, ଜ୍ଞାନିନ୍, ଧନିନ୍, ତପସ୍ୱିନ୍, ବଳିନ୍, ମନ୍ତ୍ରିନ୍, ମେଧାବିନ୍, ରୋଗିନ୍, ସ୍ୱାମିନ୍, ମନସ୍ୱିନ୍, ପାପିନ୍, ଯୋଗିନ୍, ସାକ୍ଷିନ୍ ପ୍ରଭୃତି ଇନ୍-ଭାଗାନ୍ତ ପୁଂଲିଙ୍ଗ ଶବ୍ଦର ରୂପ ଗୁଣିନ୍ ଶବ୍ଦର ରୂପପରି ।

**ବାକ୍ୟପ୍ରୟୋଗଃ ।**

(କ) ଅୟଂ ଜନଃ <u>ଗୁଣୀ</u> ଅସ୍ତି । ଇମଂ <u>ଗୁଣିନଂ</u> ଜନଂ ସର୍ବେ ଉପଗଚ୍ଛନ୍ତି । ଅସ୍ମୈ <u>ଗୁଣିନେ</u> ଜନାୟ ତେ ଉପହାରାନ୍ ଯଚ୍ଛନ୍ତି । ଅସ୍ୟ <u>ଗୁଣିନଃ</u> ଜନସ୍ୟ ନିଜାପରବୁଦ୍ଧିଃ ନାସ୍ତି । ଅସ୍ମିନ୍ <u>ଗୁଣିନେ</u> ଜନେ ସର୍ବେ ସ୍ୱହ୍ୟନ୍ତି । <u>ଗୁଣିନଃ</u> ଜନାତ୍ ସତ୍‌ପରାମର୍ଶଃ ଲଭ୍ୟତେ । <u>ଗୁଣିନା</u> ସଭା ବିଭାତି ।

## ଅଭ୍ୟାସଃ

'ଗୁଣୀ' ଇତ୍ୟସ୍ୟ ସ୍ତ୍ରୀଲିଙ୍ଗରୂପଂ 'ଗୁଣିନୀ' ଭବତି । ତସ୍ୟ ରୂପାଣି 'ନଦୀ' ବତ୍ ଭବନ୍ତି । ଅଧୋଲିଖିତଶବ୍ଦାନାଂ ସ୍ତ୍ରୀଲିଙ୍ଗରୂପଂ କିଂ ଭବେତ୍ ?

**ଉଦାହରଣ -** ଗୁଣୀ- ଗୁଣିନୀ

ରୋଗୀ- ରୋଗିଣୀ

| | | | |
|---|---|---|---|
| ଜ୍ଞାନୀ | ________ | ବୈରୀ | ________ |
| ମେଧାବୀ | ________ | ସାକ୍ଷୀ | ________ |
| ହସ୍ତୀ | ________ | ଗୃହୀ | ________ |
| ଏକାକୀ | ________ | ମନ୍ତ୍ରୀ | ________ |
| କୁଶଳୀ | ________ | ଯନ୍ତ୍ରୀ | ________ |
| ଧନୀ | ________ | ଉପକାରୀ | ________ |
| ତପସ୍ୱୀ | ________ | ମନୀଷୀ | ________ |
| ପ୍ରତିବେଶୀ | ________ | ହିତାକାଙ୍କ୍ଷୀ | ________ |
| ଦୂରଦର୍ଶୀ | ________ | ମୃଦୁଭାଷୀ | ________ |
| ସତ୍ୟବାଦୀ | ________ | ଦ୍ରୁତଚାରୀ | ________ |

### ପଥିନ୍ (ଇନ୍-ଭାଗାନ୍ତ ପୁଂଲିଙ୍ଗ) (ବାଟ/ ମାର୍ଗ)

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ପନ୍ଥାଃ | ପନ୍ଥାନୌ | ପନ୍ଥାନଃ |
| ଦ୍ୱିତୀୟା | ପନ୍ଥାନମ୍ | ପନ୍ଥାନୌ | ପଥଃ |
| ତୃତୀୟା | ପଥା | ପଥିଭ୍ୟାମ୍ | ପଥିଭିଃ |
| ଚତୁର୍ଥୀ | ପଥେ | ପଥିଭ୍ୟାମ୍ | ପଥିଭ୍ୟଃ |
| ପଞ୍ଚମୀ | ପଥଃ | ପଥିଭ୍ୟାମ୍ | ପଥିଭଃ |
| ଷଷ୍ଠୀ | ପଥଃ | ପଥୋଃ | ପଥାମ୍ |
| ସପ୍ତମୀ | ପଥି | ପଥୋଃ | ପଥିଷୁ |
| ସମ୍ବୋଧନ (ପ୍ରଥମା) | ପନ୍ଥାଃ ! | ପନ୍ଥାନୌ ! | ପନ୍ଥାନଃ ! |

ମଥିନ୍ (ମନ୍ଥନ-ଦଣ୍ଡ) ଶବ୍ଦର ରୂପ ପଥିନ୍ ଶବ୍ଦର ରୂପପରି ।

ବାକ୍ୟପ୍ରୟୋଗଃ ।

ଜ୍ଞାନଂ ବିନା ଛାତ୍ରାଣାଂ ନାନ୍ୟଃ ପନ୍ଥାଃ ଅସ୍ତି । ତସ୍ମାତ୍ ଏବଂ ପନ୍ଥାନଂ ଛାତ୍ରାଃ ସମାଶ୍ରୟନ୍ତୁ । ଅନେନ ପଥା ଭଗବତଃ ଉପଲବ୍ଧିଃ ସମ୍ଭବେତ୍ । ଅସ୍ମୈ ପଥେ ଆତ୍ମସମର୍ପଣମ୍ ଆବଶ୍ୟକମ୍ । ଅସ୍ମାତ୍ ପଥଃ ବିଚ୍ୟୁତିଃ ମା ଭବେତ୍ । ଅସ୍ୟ ପଥଃ ଲଙ୍ଘନଂ ହାନିକାରକମ୍ । ତଥାପି ଅସ୍ମିନ୍ ପଥି ମହାନ୍ ଆନନ୍ଦଃ ଅସ୍ତି ।

## ଅତ୍ ପ୍ରତ୍ୟୟାନ୍ତ-ଗଚ୍ଛତ୍ (ପୁଂଲିଙ୍ଗ) (ଯାଉଥିବା, ଯାଉଯାଉ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଗଚ୍ଛନ୍ | ଗଚ୍ଛନ୍ତୌ | ଗଚ୍ଛନ୍ତଃ |
| ଦ୍ୱିତୀୟା | ଗଚ୍ଛନ୍ତମ୍ | ଗଚ୍ଛନ୍ତୌ | ଗଚ୍ଛତଃ |
| ତୃତୀୟା | ଗଚ୍ଛତା | ଗଚ୍ଛଦ୍ଭ୍ୟାମ୍ | ଗଚ୍ଛଦ୍ଭିଃ |
| ଚତୁର୍ଥୀ | ଗଚ୍ଛତେ | ଗଚ୍ଛଦ୍ଭ୍ୟାମ୍ | ଗଚ୍ଛଦ୍ଭ୍ୟଃ |
| ପଞ୍ଚମୀ | ଗଚ୍ଛତଃ | ଗଚ୍ଛଦ୍ଭ୍ୟାମ୍ | ଗଚ୍ଛଦ୍ଭ୍ୟଃ |
| ଷଷ୍ଠୀ | ଗଚ୍ଛତଃ | ଗଚ୍ଛତୋଃ | ଗଚ୍ଛତାମ୍ |
| ସପ୍ତମୀ | ଗଚ୍ଛତି | ଗଚ୍ଛତୋଃ | ଗଚ୍ଛତ୍ସୁ |
| ସମ୍ବୋଧନ (ପ୍ରଥମା) | ଗଚ୍ଛନ୍ ! | ଗଚ୍ଛନ୍ତୌ ! | ଗଚ୍ଛନ୍ତଃ ! |

କରିଷ୍ୟତ୍, ଦାସ୍ୟତ୍, ପଠିଷ୍ୟତ୍, ଭବିଷ୍ୟତ୍, ଚଳତ୍, ଗାୟତ୍, ଇଚ୍ଛତ୍, କୁର୍ବତ୍, ଧାବତ୍, ତିଷ୍ଠତ୍, ବଦତ୍, ଧ୍ୟାୟତ୍, ଲିଖତ୍, ପଠତ୍, ଜୀବତ୍, ହସତ୍, ପ୍ରଭୃତି ଅତ୍-ପ୍ରତ୍ୟୟାନ୍ତଶବ୍ଦର ରୂପ ଗଚ୍ଛତ୍ ଶବ୍ଦର ରୂପପରି ।

କ୍ଲୀବଲିଙ୍ଗ ଗଚ୍ଛତ୍ ଶବ୍ଦର ପ୍ରଥମା, ଦ୍ୱିତୀୟା ଏବଂ ସମ୍ବୋଧନରେ **ଗଚ୍ଛତ୍, ଗଚ୍ଛତୀ** ଓ **ଗଚ୍ଛନ୍ତି** ରୂପ ହୋଇଥାଏ । ସ୍ତ୍ରୀଲିଙ୍ଗ ଗଚ୍ଛତ୍ ଶବ୍ଦର ରୂପ ନଦୀ ଶବ୍ଦର ରୂପପରି ଯଥା- ଗଚ୍ଛନ୍ତୀ, ଗଚ୍ଛନ୍ତ୍ୟୌ, ଗଚ୍ଛନ୍ତ୍ୟଃ ଇତ୍ୟାଦି ।

## ବତ୍-ପ୍ରତ୍ୟୟାନ୍ତ-ଭବତ୍ (ପୁଂଲିଙ୍ଗ) (ଆପଣ)

ଏହା 'ଗଚ୍ଛତ୍' ଶବ୍ଦପରି ରୂପ ହୁଏ । **ପ୍ରଭେଦ କେବଳ ଏତିକି ଯେ ଏହାର ପ୍ରଥମା ଏକବଚନରେ ନ-କାର ପୂର୍ବବର୍ତ୍ତୀ ଅ-କାର ସ୍ଥାନରେ ଆ-କାର ହୁଏ । ପ୍ରଥମା ଏକବଚନ - ଭବାନ୍** । ସମ୍ବୋଧନ (ପ୍ରଥମା) ଭବନ୍ !

ଆୟୁଷ୍ମତ୍, ଜ୍ୟୋତିଷ୍ମତ୍, ଦୀପ୍ତିମତ୍, ଧୀମତ୍, ଶ୍ରୀମତ୍, ବୁଦ୍ଧିମତ୍, ହନୁମତ୍, ମୂର୍ତ୍ତିମତ୍, ଭଗବତ୍, ବଳବତ୍, ବିଦ୍ୟାବତ୍, ହିମବତ୍, ବିବସ୍ୱତ୍, କିୟତ୍, ତାବତ୍, ଯାବତ୍, ଗତବତ୍, ଶ୍ରୁତବତ୍, କୃତବତ୍, ସ୍ଥିତବତ୍, ଉକ୍ତବତ୍ ଇତ୍ୟାଦି ମତୁପ୍-କ୍ତବତୁ ପ୍ରତ୍ୟୟାନ୍ତଶବ୍ଦର ରୂପ ଭବତ୍ ଶବ୍ଦର ରୂପପରି ହୁଏ ।

**ଉଦାହରଣମ୍ :**

(୧) ଦୀପ୍ତି + ମତୁପ୍ ➔ ମତ୍ = ଦୀପ୍ତିମତ୍ (ଦୀପ୍ତିମାନ୍ - ଦୀପ୍ତିମନ୍ତୌ - ଦୀପ୍ତିମନ୍ତଃ)

ବୁଦ୍ଧି + ମତୁପ୍ ➔ ମତ୍ = ବୁଦ୍ଧିମତ୍ (ବୁଦ୍ଧିମାନ୍ - ବୁଦ୍ଧିମନ୍ତୌ - ବୁଦ୍ଧିମନ୍ତଃ)

ହନୁ + ମତୁପ୍ ➔ ମତ୍ = ହନୁମତ୍ (ହନୁମାନ୍ - ହନୁମନ୍ତୌ - ହନୁମନ୍ତଃ)

ଆୟୁସ୍ + ମତୁପ୍ ➔ ମତ୍ = ଆୟୁଷ୍ମତ୍ (ଆୟୁଷ୍ମାନ୍ - ଆୟୁଷ୍ମନ୍ତୌ - ଆୟୁଷ୍ମନ୍ତଃ)

ବଳ + ମତୁପ୍ ➔ ବତୁପ୍ ➔ ବତ୍ = ବଳବତ୍ (ବଳବାନ୍ - ବଳବନ୍ତୌ - ବଳବନ୍ତଃ)

ଭଗ + ମତୁପ୍ ➔ ବତୁପ୍ ➔ ବତ୍ = ଭଗବତ୍ (ଭଗବାନ୍ - ଭଗବନ୍ତୌ - ଭଗବନ୍ତଃ)

ବିଦ୍ୟା + ମତୁପ୍ ➔ ବତୁପ୍ ➔ ବତ୍ = ବିଦ୍ୟାବତ୍ (ବିଦ୍ୟାବାନ୍ - ବିଦ୍ୟାବନ୍ତୌ - ବିଦ୍ୟାବନ୍ତଃ)

ପଠ୍ + କ୍ତବତୁ = ପଠିତବତ୍ (ପଠିତବାନ୍ - ପଠିତବନ୍ତୌ - ପଠିତବନ୍ତଃ)

ଗମ୍ + କ୍ତବତୁ = ଗତବତ୍ (ଗତବାନ୍- ଗତବନ୍ତୌ - ଗତବନ୍ତଃ)

ଜ୍ଞା + କ୍ତବତୁ = ଜ୍ଞାତବତ୍ (ଜ୍ଞାତବାନ୍ - ଜ୍ଞାତବନ୍ତୌ - ଜ୍ଞାତବନ୍ତଃ)

(୨)(କ) **ନୈବ କିଞ୍ଚିତ୍ କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।**

**ପଶ୍ୟନ୍-ଶୃଣ୍ୱନ୍ ସ୍ପୃଶନ୍ - ଜିଘ୍ରନ୍- ଅଶ୍ନନ୍-ଗଚ୍ଛନ୍-ସ୍ୱପନ୍-ଶ୍ୱସନ୍ ॥ ଗୀତା- ୫.୮**

(ଖ) **ସ୍ପୃଶନ୍ନପି ଗଜୋ ହନ୍ତି ଜିଘ୍ରନ୍ନପି ଭୁଜଙ୍ଗମଃ ।**

**ହସନ୍ନପି ନୃପୋ ହନ୍ତି ମାନୟନ୍ନପି ଦୁର୍ଜନଃ ॥**

## ଅଭ୍ୟାସଃ

**୧। ବାକ୍ୟପ୍ରୟୋଗଃ ।**

**ଭବାନ୍** କୁତ୍ର ଗଚ୍ଛତି ।

ଅହଂ **ଭବନ୍ତଂ** ପୃଚ୍ଛାମି ।

କେଶବଃ **ଭବତା** ସହ ବିଦ୍ୟାଳୟମ୍ ଅଗଚ୍ଛତ୍ ।

ସଃ **ଭବତେ** ପୁସ୍ତକାନି ଆନୟତି ।

**ଭବତଃ** ଋତେ ମମ କୋଽପି ସହାୟଃ ନାସ୍ତି ।

କୁତ୍ର **ଭବତଃ** ଗୃହମ୍ ?

ମମ ବିଶ୍ୱାସଃ **ଭବତି** ଅସ୍ତି ।

**୨। 'ଭବତ୍' ଇତ୍ୟସ୍ୟ ଶବ୍ଦସ୍ୟ ଦ୍ୱିବଚନ-ବହୁବଚନ-ରୂପୈଃ ବାକ୍ୟାନି ପୁନର୍ଲିଖତ ।**

### ସ୍-କାରାନ୍ତ ପୁଂଲିଙ୍ଗ ଶବ୍ଦ

### ବିଦ୍ୱସ୍ - (ବିଦ୍ୱାନ୍)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ବିଦ୍ୱାନ୍ | ବିଦ୍ୱାଂସୌ | ବିଦ୍ୱାଂସଃ |
| ଦ୍ୱିତୀୟା | ବିଦ୍ୱାଂସମ୍ | ବିଦ୍ୱାଂସୌ | ବିଦୁଷଃ |
| ତୃତୀୟା | ବିଦୁଷା | ବିଦ୍ୱଦ୍‌ଭ୍ୟାମ୍ | ବିଦ୍ୱଦ୍‌ଭିଃ |
| ଚତୁର୍ଥୀ | ବିଦୁଷେ | ବିଦ୍ୱଦ୍‌ଭ୍ୟାମ୍ | ବିଦ୍ୱଦ୍‌ଭ୍ୟଃ |
| ପଞ୍ଚମୀ | ବିଦୁଷଃ | ବିଦ୍ୱଦ୍‌ଭ୍ୟାମ୍ | ବିଦ୍ୱଦ୍‌ଭ୍ୟଃ |
| ଷଷ୍ଠୀ | ବିଦୁଷଃ | ବିଦୁଷୋଃ | ବିଦୁଷାମ୍ |
| ସପ୍ତମୀ | ବିଦୁଷି | ବିଦୁଷୋଃ | ବିଦ୍ୱତ୍ସୁ |
| ସମ୍ବୋଧନ (ପ୍ରଥମା) | ବିଦ୍ୱନ୍ ! | ବିଦ୍ୱାଂସୌ ! | ବିଦ୍ୱାଂସଃ ! |

(ନିଷେଦିବସ୍, ତସ୍ଥିବସ୍, ପେଚିବସ୍ ଇତ୍ୟାଦି କେତେକ ବସ୍-ଭାଗାନ୍ତଶବ୍ଦର ବିଦ୍ୱସ୍ ଶବ୍ଦପରି ରୂପ ହୁଏ ।)

ବାକ୍ୟପ୍ରୟୋଗଃ ।

ସ୍ୱଦେଶେ ପୂଜ୍ୟତେ ରାଜା, **ବିଦ୍ୱାନ୍** ସର୍ବତ୍ର ପୂଜ୍ୟତେ ।

ଜନାଃ ଭକ୍ତ୍ୟା **ବିଦ୍ୱାଂସଂ** ପୂଜୟନ୍ତି

<u>**ବିଦୁଷା**</u> ସମ୍ବନ୍ଧଃ କାର୍ଯ୍ୟଃ ।

<u>**ବିଦୁଷେ**</u> ରାଜା ଧନାନି ଦଦାତି ।

<u>**ବିଦୁଷଃ**</u> ଜ୍ଞାନଂ ଲଭସ୍ୱ ।

<u>**ବିଦୁଷଃ**</u> ବଚନଂ ପାଳୟ ।

ତବ ଶ୍ରଦ୍ଧା <u>**ବିଦୁଷି**</u> ତିଷ୍ଠତୁ ।

ହେ <u>**ବିଦ୍ୱନ୍**</u> **!** ତ୍ୱଂ ମେ ପ୍ରିୟଃ ।

**ଅସ୍-ଭାଗାନ୍ତ କ୍ଲୀବଲିଙ୍ଗ ଶବ୍ଦ**

**ପୟସ୍ (କ୍ଷୀର, ଜଳ)**

| **ବିଭକ୍ତି** | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| ପ୍ରଥମା | ପୟଃ | ପୟସୀ | ପୟାଂସି |
| ଦ୍ୱିତୀୟା | ପୟଃ | ପୟସୀ | ପୟାଂସି |
| ତୃତୀୟା | ପୟସା | ପୟୋଭ୍ୟାମ୍ | ପୟୋଭିଃ |
| ଚତୁର୍ଥୀ | ପୟସେ | ପୟୋଭ୍ୟାମ୍ | ପୟୋଭ୍ୟଃ |
| ପଞ୍ଚମୀ | ପୟସଃ | ପୟୋଭ୍ୟାମ୍ | ପୟୋଭ୍ୟଃ |
| ଷଷ୍ଠୀ | ପୟସଃ | ପୟସୋଃ | ପୟସାମ୍ |
| ସପ୍ତମୀ | ପୟସି | ପୟସୋଃ | ପୟଃସୁ |
| ସମ୍ବୋଧନ | ପୟଃ ! | ପୟସୀ ! | ପୟାଂସି ! |

ଅୟସ୍ (ଲୁହା), ଆଗସ୍ (ପାପ), ଚେତସ୍, ଛନ୍ଦସ୍, ତପସ୍, ତମସ୍, ତେଜସ୍, ମନସ୍, ଯଶସ୍, ବୟସ୍, ସରସ୍ (ପୁଷ୍କରିଣୀ), ସ୍ରୋତସ୍ ପ୍ରଭୃତି ଅସ୍ ଭାଗାନ୍ତ କ୍ଲୀବଲିଙ୍ଗ ଶବ୍ଦର ରୂପ ପୟସ୍ ଶବ୍ଦର ରୂପପରି ।

**ଅଭ୍ୟାସଃ**

**୧। ସଂସ୍କୃତେନ ଅନୁବାଦଂ କୁରୁତ ।**

ମନ ହିଁ ସୁଖ ଦୁଃଖର କାରଣ ।

ତୁମେ ମନରେ ମା'ଙ୍କୁ ସ୍ମରଣ କର ।

ମନର ଅନ୍ୟ ନାମ ମାନସ ।

ମନରେ ବହୁପ୍ରକାର ବିଚାର ଆସେ ।

ହେ ମନ, ତୁମେ ଶାନ୍ତ ହୁଅ ।

**୨। ଉତ୍କଳଭାଷୟା ଅନୁବାଦଂ କୁରୁତ ।**

ପ୍ରକାଶଃ ପୟସା ଓଦନଂ <u>**ଖାଦତି**</u> ।

<u>ପୟଃପାନଂ</u> ଭୁଜଙ୍ଗାନାଂ କେବଳଂ ବିଷବର୍ଦ୍ଧନମ୍ ।

ତମସାୟାଃ **ଅନାବିଳଂ** ପୟଃ ଦୃଷ୍ଟ୍ୱା ମୁନିଃ ସନ୍ତୁଷ୍ଟଃ ଅଭବତ୍ ।

ଜୀବନେ କଦାଚିତ୍ ଗଙ୍ଗାୟାଃ ପୟସି ସ୍ନାନଂକୁରୁ ।

ତସ୍ମାତ୍ ପୟସଃ କିଞ୍ଚିତ୍ ପିବ ।

୩। ରେଖାଙ୍କିତପଦାନାଂ ମୂଳଶବ୍ଦଂ ବିଭକ୍ତିବଚନନିରୂପଣଂ ଚ ଯଥୋଦାହରଣଂ କୁରୁତ ।

ଯଥା : ହେ ପଥିକ, **ଜୀବନ୍** ନରଃ ଏବ କଲ୍ୟାଣଂ ପ୍ରାପ୍ନୋତି । ଜୀବନ୍- ପ୍ରଥମା ବିଭକ୍ତିଃ ଏକବଚନମ୍

| | | | |
|---|---|---|---|
| ଅୟଂ ତୁ **ବିଦ୍ୱାନ୍** । | ______ | ______ | ______ |
| **ଗଚ୍ଛନ୍ତଂ** ମାଂ କିଂ ପ୍ରଷ୍ଟୁମିଚ୍ଛତି ଭବାନ୍ ? | ______ | ______ | ______ |
| **ବିଦ୍ୱାଂସଃ** କୀଦୃଶଂ ବ୍ୟବହାରମ୍ ଇଚ୍ଛନ୍ତି ? | ______ | ______ | ______ |
| **ଆତ୍ମନଃ** ପ୍ରତିକୂଳାନି ପରେଷାଂ ନ ସମାଚରେତ୍ । | ______ | ______ | ______ |
| ମାନଃ ହି **ମହତାଂ** ଧନମ୍ । | ______ | ______ | ______ |
| ଉଦ୍ଧରେତ୍ **ଆତ୍ମନା** ଆତ୍ମାନମ୍ । | ______ | ______ | ______ |
| ହେ **ଶ୍ରୀମନ୍ତୌ,** ଅୟମେବ ସମୁଚିତଃ ବ୍ୟବହାରଃ । | ______ | ______ | ______ |

୪। ଶୂନ୍ୟସ୍ଥାନାନି ପୂରୟତ ।

| | | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|---|
| ଭବତ୍ | ପ୍ରଥମା | ______ | ଭବନ୍ତୌ | ______ |
| ରାଜନ୍ | ଦ୍ୱିତୀୟା | ରାଜାନମ୍ | ______ | ______ |
| ଗଚ୍ଛତ୍ | ତୃତୀୟା | ______ | ______ | ଗଚ୍ଛଦ୍ଭିଃ |
| ଆତ୍ମନ୍ | ଚତୁର୍ଥୀ | ______ | ଆତ୍ମଭ୍ୟାମ୍ | ______ |
| ଗୁଣିନ୍ | ପଞ୍ଚମୀ | ______ | ______ | ଗୁଣିଭ୍ୟଃ |
| ବିଦ୍ୱସ୍ | ଷଷ୍ଠୀ | ବିଦୁଷଃ | ______ | ______ |
| ଜୀବତ୍ | ସପ୍ତମୀ | ______ | ଜୀବତୋଃ | ______ |

୫। ଯଥାନିର୍ଦ୍ଦିଷ୍ଟରୂପାଣି ଲିଖତ ।

(କ) ରାଜନ୍ ଷଷ୍ଠୀ ଏକବଚନ -

(ଖ) ଭବତ୍ ସପ୍ତମୀ ଦ୍ୱିବଚନ-

(ଗ) ଆତ୍ମନ୍ ପଞ୍ଚମୀ ବହୁବଚନ-

(ଘ) ବିଦ୍ୱସ୍ ଚତୁର୍ଥୀ ଦ୍ୱିବଚନ -

(ଙ) ଗଚ୍ଛତ୍ ତୃତୀୟା ଏକବଚନ -

(ଚ) ପଥିନ୍ ଦ୍ୱିତୀୟା ବହୁବଚନ-

(ଛ) ଗୁଣିନ୍ ସପ୍ତମୀ ଦ୍ୱିବଚନ-

(ଜ) ପୟସ୍ ଷଷ୍ଠୀ ଏକବଚନ-

**ସର୍ବନାମ ଶବ୍ଦ :**

ରୂପର ବୈଲକ୍ଷଣ୍ୟ ଅନୁସାରେ ସର୍ବନାମ ଶବ୍ଦ ସକଳ (୩୩ଟି) ପାଞ୍ଚଟି ଶ୍ରେଣୀରେ ବିଭକ୍ତ । ଯଥା– ସର୍ବାଦି, ଅନ୍ୟାଦି, ପୂର୍ବାଦି, ଯଦାଦି ଏବଂ ଇଦମାଦି, ତନ୍ମଧ୍ୟରୁ ୭ଟି ଶବ୍ଦ ପାଠ୍ୟକ୍ରମର ଅନ୍ତର୍ଗତ ।

## ୧. ସର୍ବ (ସମସ୍ତ, ସବୁ) (ପୁଂଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସର୍ବଃ | ସର୍ବୌ | ସର୍ବେ |
| ଦ୍ୱିତୀୟା | ସର୍ବମ୍ | ସର୍ବୌ | ସର୍ବାନ୍ |
| ତୃତୀୟା | ସର୍ବେଣ | ସର୍ବାଭ୍ୟାମ୍ | ସର୍ବୈଃ |
| ଚତୁର୍ଥୀ | ସର୍ବସ୍ମୈ | ସର୍ବାଭ୍ୟାମ୍ | ସର୍ବେଭ୍ୟଃ |
| ପଞ୍ଚମୀ | ସର୍ବସ୍ମାତ୍ | ସର୍ବାଭ୍ୟାମ୍ | ସର୍ବେଭ୍ୟଃ |
| ଷଷ୍ଠୀ | ସର୍ବସ୍ୟ | ସର୍ବୟୋଃ | ସର୍ବେଷାମ୍ |
| ସପ୍ତମୀ | ସର୍ବସ୍ମିନ୍ | ସର୍ବୟୋଃ | ସର୍ବେଷୁ |
| ସମ୍ବୋଧନ (ପ୍ରଥମା) | ସର୍ବ ! | ସର୍ବୌ ! | ସର୍ବେ ! |

## ସର୍ବ (ସ୍ତ୍ରୀଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସର୍ବା | ସର୍ବେ | ସର୍ବାଃ |
| ଦ୍ୱିତୀୟା | ସର୍ବାମ୍ | ସର୍ବେ | ସର୍ବାଃ |
| ତୃତୀୟା | ସର୍ବୟା | ସର୍ବାଭ୍ୟାମ୍ | ସର୍ବାଭିଃ |
| ଚତୁର୍ଥୀ | ସର୍ବସ୍ୟୈ | ସର୍ବାଭ୍ୟାମ୍ | ସର୍ବାଭ୍ୟଃ |
| ପଞ୍ଚମୀ | ସର୍ବସ୍ୟାଃ | ସର୍ବାଭ୍ୟାମ୍ | ସର୍ବାଭ୍ୟଃ |
| ଷଷ୍ଠୀ | ସର୍ବସ୍ୟାଃ | ସର୍ବୟୋଃ | ସର୍ବାସାମ୍ |
| ସପ୍ତମୀ | ସର୍ବସ୍ୟାମ୍ | ସର୍ବୟୋଃ | ସର୍ବାସୁ |
| ସମ୍ବୋଧନ | ସର୍ବେ ! | ସର୍ବେ ! | ସର୍ବାଃ ! |

## ସର୍ବ (କ୍ଳୀବଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସର୍ବମ୍ | ସର୍ବେ | ସର୍ବାଣି |
| ଦ୍ୱିତୀୟା | ସର୍ବମ୍ | ସର୍ବେ | ସର୍ବାଣି |
| ସମ୍ବୋଧନ (ପ୍ରଥମା) | ସର୍ବ ! | ସର୍ବେ ! | ସର୍ବାଣି ! |

ଅନ୍ୟ ବିଭକ୍ତିରେ ପୁଂଲିଙ୍ଗ ସର୍ବଶବ୍ଦର ରୂପ ପରି । ସର୍ବ, ବିଶ୍ୱ, ଉଭ, ଉଭୟ, ଏକ, ଏକତମ–ଏଇ ଛଅଟି ଶବ୍ଦର ରୂପ ଏକାପରି ।

ସର୍ବଶବ୍ଦର ପୁଂଲିଙ୍ଗ ଏକବଚନ ପ୍ରୟୋଗ- ନହି ସର୍ବଃ ସର୍ବଂ ବେତ୍ତି ।

ଦ୍ୱିବଚନ ପ୍ରୟୋଗ- ସର୍ବୌ ଅସୁରବାନରୌ ହତୌ ।

ବହୁବଚନ ପ୍ରୟୋଗ- ସର୍ବେ ସନ୍ତୁ ନିରାମୟାଃ ।

**ଦ୍ରଷ୍ଟବ୍ୟ :**

**୧. ସର୍ବ ଓ ବିଶ୍ୱ ଶବ୍ଦ ସକଳ ଅର୍ଥ ବୁଝାଇଲେ ସର୍ବନାମ ହୁଏ । ଅନ୍ୟଥା ଏହାର ଅକାରାନ୍ତ ଶବ୍ଦପରି ରୂପ ହୁଏ । ବିଶେଷ୍ୟ ହେଲେ ସର୍ବଶବ୍ଦର ଅର୍ଥ ଶିବ ଓ ବିଶ୍ୱ ଶବ୍ଦର ଅର୍ଥ ଜଗତ୍ ହୁଏ ।**

**୨. ଉଭ ଶବ୍ଦ ଦ୍ୱିବଚନାନ୍ତ କିନ୍ତୁ ଉଭୟ ଶବ୍ଦର ଏକବଚନ ଓ ବହୁବଚନ ହୁଏ । ଯଥା ଉଭୌ ବାଳକୌ (ଦ୍ୱିବଚନ), ଉଭୟୋ ମୁନିଃ (ଏକବଚନ), ଉଭୟେ ଦେବମନୁଷ୍ୟାଃ (ବହୁବଚନ) ।**

**୩. ଏକ ଶବ୍ଦ ସଂଖ୍ୟାରେ ଏକବଚନାନ୍ତ; କିନ୍ତୁ କେହି କେହି ଅର୍ଥରେ ସବୁବଚନରେ ବ୍ୟବହୃତ ହୁଏ । ସେତେବେଳେ ଏହା ସର୍ବନାମ ବୋଲାଏ ।**

**୪. ସର୍ବ ପ୍ରଭୃତି ଶବ୍ଦ ଅପ୍ରଧାନ ହେଲେ ସର୍ବନାମ ହୁଏ ନାହିଁ । ଯଥା- ପ୍ରିୟଃ ସର୍ବଃ ଯସ୍ୟ ସଃ ପ୍ରିୟସର୍ବଃ (ବହୁବ୍ରୀହି) ଅତିକ୍ରାନ୍ତଃ ସର୍ବମ୍ ଅତିସର୍ବଃ (ତତ୍ପୁରୁଷ) ଏ ଗୁଡ଼ିକର ଅକାରାନ୍ତ ଶବ୍ଦପରି ରୂପ ହେବ ।**

## ୨. ତଦ୍ (ପୁଂଲିଙ୍ଗ) ସେ / ତାହା

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସଃ | ତୌ | ତେ |
| ଦ୍ୱିତୀୟା | ତମ୍ | ତୌ | ତାନ୍ |
| ତୃତୀୟା | ତେନ | ତାଭ୍ୟାମ୍ | ତୈଃ |
| ଚତୁର୍ଥୀ | ତସ୍ମୈ | ତାଭ୍ୟାମ୍ | ତେଭ୍ୟଃ |
| ପଞ୍ଚମୀ | ତସ୍ମାତ୍ | ତାଭ୍ୟାମ୍ | ତେଭ୍ୟଃ |
| ଷଷ୍ଠୀ | ତସ୍ୟ | ତୟୋଃ | ତେଷାମ୍ |
| ସପ୍ତମୀ | ତସ୍ମିନ୍ | ତୟୋଃ | ତେଷୁ |

୧. ତଦ୍, ଯଦ୍, ଏତଦ୍, ଇଦମ୍, କିମ୍, ଅଦସ୍, ଯୁଷ୍ମଦ୍ ଓ ଅସ୍ମଦ୍ ଶବ୍ଦର ସମ୍ବୋଧନରେ ବ୍ୟବହାର ନାହିଁ ।

## ତଦ୍ (ସ୍ତ୍ରୀଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସା | ତେ | ତାଃ |
| ଦ୍ୱିତୀୟା | ତାମ୍ | ତେ | ତାଃ |
| ତୃତୀୟା | ତୟା | ତାଭ୍ୟାମ୍ | ତାଭିଃ |
| ଚତୁର୍ଥୀ | ତସ୍ୟୈ | ତାଭ୍ୟାମ୍ | ତାଭ୍ୟଃ |
| ପଞ୍ଚମୀ | ତସ୍ୟାଃ | ତାଭ୍ୟାମ୍ | ତାଭ୍ୟଃ |
| ଷଷ୍ଠୀ | ତସ୍ୟାଃ | ତୟୋଃ | ତାସାମ୍ |
| ସପ୍ତମୀ | ତସ୍ୟାମ୍ | ତୟୋଃ | ତାସୁ |

## ତଦ୍ (କ୍ଳୀବଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ତତ୍ | ତେ | ତାନି |
| ଦ୍ୱିତୀୟା | ତତ୍ | ତେ | ତାନି |

ତୃତୀୟାଠାରୁ ସପ୍ତମୀ ପର୍ଯ୍ୟନ୍ତ ରୂପ ପୁଂଲିଙ୍ଗ ତଦ୍ ଶବ୍ଦର ରୂପପରି ।

## ୩. ଯଦ୍ (ପୁଂଲିଙ୍ଗ) ଯେ /ଯାହା

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଯଃ | ଯୌ | ଯେ |
| ଦ୍ୱିତୀୟା | ଯମ୍ | ଯୌ | ଯାନ୍ |
| ତୃତୀୟା | ଯେନ | ଯାଭ୍ୟାମ୍ | ଯୈଃ |
| ଚତୁର୍ଥୀ | ଯସ୍ମୈ | ଯାଭ୍ୟାମ୍ | ଯେଭ୍ୟଃ |
| ପଞ୍ଚମୀ | ଯସ୍ମାତ୍ | ଯାଭ୍ୟାମ୍ | ଯେଭ୍ୟଃ |
| ଷଷ୍ଠୀ | ଯସ୍ୟ | ଯୟୋଃ | ଯେଷାମ୍ |
| ସପ୍ତମୀ | ଯସ୍ମିନ୍ | ଯୟୋଃ | ଯେଷୁ |

## ଯଦ୍ (ସ୍ତ୍ରୀଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଯା | ଯେ | ଯାଃ |
| ଦ୍ୱିତୀୟା | ଯାମ୍ | ଯେ | ଯାଃ |
| ତୃତୀୟା | ଯୟା | ଯାଭ୍ୟାମ୍ | ଯାଭିଃ |
| ଚତୁର୍ଥୀ | ଯସ୍ୟୈ | ଯାଭ୍ୟାମ୍ | ଯାଭ୍ୟଃ |
| ପଞ୍ଚମୀ | ଯସ୍ୟାଃ | ଯାଭ୍ୟାମ୍ | ଯାଭ୍ୟଃ |
| ଷଷ୍ଠୀ | ଯସ୍ୟାଃ | ଯୟୋଃ | ଯାସାମ୍ |
| ସପ୍ତମୀ | ଯସ୍ୟାମ୍ | ଯୟୋଃ | ଯାସୁ |

## ଯଦ୍ (କ୍ଳୀବଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଯତ୍ | ଯେ | ଯାନି |
| ଦ୍ୱିତୀୟା | ଯତ୍ | ଯେ | ଯାନି |

ଯଦ୍ ଶବ୍ଦ କ୍ଳୀବଲିଙ୍ଗରେ ତୃତୀୟାଠାରୁ ସପ୍ତମୀ ବିଭକ୍ତି ପର୍ଯ୍ୟନ୍ତ ତିନି ବଚନରେ ପୁଂଲିଙ୍ଗ ଯଦ୍ ଶବ୍ଦର ରୂପପରି ।

## ୪.କିମ୍ (ପୁଂଲିଙ୍ଗ) କିଏ, କ'ଣ

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | କଃ | କୌ | କେ |
| ଦ୍ୱିତୀୟା | କମ୍ | କୌ | କାନ୍ |
| ତୃତୀୟା | କେନ | କାଭ୍ୟାମ୍ | କୈଃ |
| ଚତୁର୍ଥୀ | କସ୍ମୈ | କାଭ୍ୟାମ୍ | କେଭ୍ୟଃ |
| ପଞ୍ଚମୀ | କସ୍ମାତ୍ | କାଭ୍ୟାମ୍ | କେଭ୍ୟଃ |
| ଷଷ୍ଠୀ | କସ୍ୟ | କୟୋଃ | କେଷାମ୍ |
| ସପ୍ତମୀ | କସ୍ମିନ୍ | କୟୋଃ | କେଷୁ |

## କିମ୍ (ସ୍ତ୍ରୀଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | କା | କେ | କାଃ |
| ଦ୍ୱିତୀୟା | କାମ୍ | କେ | କାଃ |
| ତୃତୀୟା | କୟା | କାଭ୍ୟାମ୍ | କାଭିଃ |
| ଚତୁର୍ଥୀ | କସ୍ୟୈ | କାଭ୍ୟାମ୍ | କାଭ୍ୟଃ |
| ପଞ୍ଚମୀ | କସ୍ୟାଃ | କାଭ୍ୟାମ୍ | କାଭ୍ୟଃ |
| ଷଷ୍ଠୀ | କସ୍ୟାଃ | କୟୋଃ | କାସାମ୍ |
| ସପ୍ତମୀ | କସ୍ୟାମ୍ | କୟୋଃ | କାସୁ |

## କମ୍ (କ୍ଳୀବଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | କିମ୍ | କେ | କାନି |
| ଦ୍ୱିତୀୟା | କିମ୍ | କେ | କାନି |

ଅବଶିଷ୍ଟ ରୂପ ପୁଂଲିଙ୍ଗ କିମ୍ ଶବ୍ଦର ରୂପ ପରି ।

## ୫. ଇଦମ୍ (ପୁଂଲିଙ୍ଗ) ଏହା, ଏହି

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅୟମ୍ | ଇମୌ | ଇମେ |
| ଦ୍ୱିତୀୟା | ଇମମ୍ | ଇମୌ | ଇମାନ୍ |
| ତୃତୀୟା | ଅନେନ | ଆଭ୍ୟାମ୍ | ଏଭିଃ |
| ଚତୁର୍ଥୀ | ଅସ୍ମୈ | ଆଭ୍ୟାମ୍ | ଏଭ୍ୟଃ |

| | | | |
|---|---|---|---|
| ପଞ୍ଚମୀ | ଅସ୍ମାତ୍ | ଆଭ୍ୟାମ୍ | ଏଭ୍ୟଃ |
| ଷଷ୍ଠୀ | ଅସ୍ୟ | ଅନୟୋଃ | ଏଷାମ୍ |
| ସପ୍ତମୀ | ଅସ୍ମିନ୍ | ଅନୟୋଃ | ଏଷୁ |

## ଇଦମ୍ (ସ୍ତ୍ରୀଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଇୟମ୍ | ଇମେ | ଇମାଃ |
| ଦ୍ୱିତୀୟା | ଇମାମ୍ | ଇମେ | ଇମାଃ |
| ତୃତୀୟା | ଅନୟା | ଆଭ୍ୟାମ୍ | ଆଭିଃ |
| ଚତୁର୍ଥୀ | ଅସ୍ୟୈ | ଆଭ୍ୟାମ୍ | ଆଭ୍ୟଃ |
| ପଞ୍ଚମୀ | ଅସ୍ୟାଃ | ଆଭ୍ୟାମ୍ | ଆଭ୍ୟଃ |
| ଷଷ୍ଠୀ | ଅସ୍ୟାଃ | ଅନୟୋଃ | ଆସାମ୍ |
| ସପ୍ତମୀ | ଅସ୍ୟାମ୍ | ଅନୟୋଃ | ଆସୁ |

## ଇଦମ୍ (କ୍ଳୀବଲିଙ୍ଗ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଇଦମ୍ | ଇମେ | ଇମାନି |
| ଦ୍ୱିତୀୟା | ଇଦମ୍ | ଇମେ | ଇମାନି |

ଅବଶିଷ୍ଟ ରୂପ ପୁଂଲିଙ୍ଗ ଇଦମ୍ ଶବ୍ଦର ରୂପ ପରି ।

## ୬. ଅସ୍ମଦ୍ (ମୁଁ, ଆମ୍ଭେ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ଅହମ୍ | ଆବାମ୍ | ବୟମ୍ |
| ଦ୍ୱିତୀୟା | ମାମ୍, ମା | ଆବାମ୍, ନୌ | ଅସ୍ମାନ୍, ନଃ |
| ତୃତୀୟା | ମୟା | ଆବାଭ୍ୟାମ୍ | ଅସ୍ମାଭିଃ |
| ଚତୁର୍ଥୀ | ମହ୍ୟମ୍, ମେ | ଆବାଭ୍ୟାମ୍, ନୌ | ଅସ୍ମଭ୍ୟମ୍, ନଃ |
| ପଞ୍ଚମୀ | ମତ୍ | ଆବାଭ୍ୟାମ୍ | ଅସ୍ମତ୍ |
| ଷଷ୍ଠୀ | ମମ, ମେ | ଆବୟୋଃ, ନୌ | ଅସ୍ମାକମ୍, ନଃ |
| ସପ୍ତମୀ | ମୟି | ଆବୟୋଃ | ଅସ୍ମାସୁ |

## ୭. ଯୁଷ୍ମଦ୍ (ତୁ, ତୁମ୍ଭେ)

| ବିଭକ୍ତି | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ତ୍ୱମ୍ | ଯୁବାମ୍ | ଯୂୟମ୍ |
| ଦ୍ୱିତୀୟା | ତ୍ୱାମ୍, ତ୍ୱା | ଯୁବାମ୍, ବାମ୍ | ଯୁଷ୍ମାନ୍, ବଃ |
| ତୃତୀୟା | ତ୍ୱୟା | ଯୁବାଭ୍ୟାମ୍ | ଯୁଷ୍ମାଭିଃ |

| | | | |
|---|---|---|---|
| ଚତୁର୍ଥୀ | ତୁଭ୍ୟମ୍, ତେ | ଯୁବାଭ୍ୟାମ୍, ବାମ୍ | ଯୁଷ୍ମଭ୍ୟମ୍, ବଃ |
| ପଞ୍ଚମୀ | ତ୍ୱତ୍ | ଯୁବାଭ୍ୟାମ୍ | ଯୁଷ୍ମତ୍ |
| ଷଷ୍ଠୀ | ତବ, ତେ | ଯୁବୟୋଃ, ବାମ୍ | ଯଷ୍ମାକମ୍,ବଃ |
| ସପ୍ତମୀ | ତ୍ୱୟି | ଯୁବୟୋଃ | ଯୁଷ୍ମାସୁ |

ଯୁଷ୍ମଦ୍ ଓ ଅସ୍ମଦ୍ ଶବ୍ଦର ତିନିଲିଙ୍ଗରେ ସମାନରୂପ ହୁଏ ।

(କ) ତ୍ୱା, ତେ ପ୍ରଭୃତି ଏକାକ୍ଷର ବିକଳ୍ପ ରୂପ ଗୁଡ଼ିକ ବାକ୍ୟର ପ୍ରାରମ୍ଭରେ, (ଖ) ଶ୍ଲୋକପାଦର ପ୍ରାରମ୍ଭରେ, (ଗ) ଚ-ବା-ଏବ ସହିତ ପ୍ରୟୋଗ କାଳରେ, (ଘ) ଅପ୍ରତ୍ୟକ୍ଷ ଜ୍ଞାନକୁ ବୁଝାଉଥିବା ଧାତୁ ଯୋଗରେ, (ଙ) ସଂବୋଧନ ପଦର ଅବ୍ୟବହିତ ପରେ ପ୍ରୟୋଗ ହୁଅନ୍ତି ନାହିଁ । ସେହି ସ୍ଥଳରେ ନିର୍ଦ୍ଦିଷ୍ଟ ବିଭକ୍ତି ବଚନରେ ପ୍ରଥମ ପ୍ରଦତ୍ତ ରୂପ ଗ୍ରହଣୀୟ ।

**ଉଦାହରଣ :**

| | | | |
|---|---|---|---|
| (କ) | ଅଶୁଦ୍ଧ- | <u>ତେ</u> ଗୃହଂ କୁତ୍ର ? | ଶୁଦ୍ଧ- ତବ ଗୃହଂ କୁତ୍ର ? |
| | ଅଶୁଦ୍ଧ- | <u>ମେ</u> ପୁସ୍ତକଂ ଦେହି । | ଶୁଦ୍ଧ- ମମ ପୁସ୍ତକଂ ଦେହି । |
| (ଖ) | ଅଶୁଦ୍ଧ- | <u>ତ୍ୱା</u> ସ ରକ୍ଷତି ଯତ୍ନେନ । | ଶୁଦ୍ଧ- ତ୍ୱାଂ ସ ରକ୍ଷତି ଯତ୍ନେନ । |
| | | <u>ମା</u> ସ ଦ୍ୱେଷ୍ଟି ନିରନ୍ତରମ୍ । | ମାଂ ସ ଦ୍ୱେଷ୍ଟି ନିରନ୍ତରମ୍ । |
| (ଗ) | ଅଶୁଦ୍ଧ- | ଗୁରୁଃ କୃପୟା <u>ତ୍ୱା ମା</u> ଚ ଉପଦିଶତି । | ଶୁଦ୍ଧ- ତ୍ୱାଂ ମାଂ ଚ ଉପଦିଶତି । |
| | | ତେନୈବଂ କ୍ରିୟମାଣେ <u>ବୋ</u> <u>ନଶ୍ଚ</u> କା ହାନିଃ ? | ଯୁଷ୍ମାକମସ୍ମାକଂ ଚ କା ହାନିଃ । |
| (ଘ) | ଅଶୁଦ୍ଧ- | ରାମଃ ମନସା <u>ତ୍ୱା</u> ପଶ୍ୟତି । | ଶୁଦ୍ଧ- ରାମଃ ମନସା ତ୍ୱାଂ ପଶ୍ୟତି । |
| (ଙ) | ଅଶୁଦ୍ଧ- | ଦେବ ! <u>ମା</u> ରକ୍ଷ । | ଶୁଦ୍ଧ- ଦେବ ! ମାଂ ରକ୍ଷ । |

ଶ୍ଲୋକପ୍ରୟୋଗଃ । (ଅସ୍ମଦ୍, ଯୁଷ୍ମଦ୍, ତଦ୍, ଯଦ୍ ପ୍ରଭୃତି ଶବ୍ଦ ବ୍ୟବହାର ସହିତ)

(କ) ଯାଂ ଚିନ୍ତୟାମି ସତତଂ ମୟି ସା ବିରକ୍ତା ।
ସାପ୍ୟନ୍ୟମିଚ୍ଛତି ଜନଂ ସଜନୋଽନ୍ୟସକ୍ତଃ ।
ଅସ୍ମତ୍କୃତେ ଚ ପରିତୁଷ୍ୟତି କାଚିଦନ୍ୟା
ଧିକ୍ତାଂ ଚ ତଂ ଚ ମଦନଂ ଧିଗିମାଂ ଚ ମାଂ ଚ ॥ (ନୀତିଶତକମ୍)

(ଖ) ଯୂୟଂ ବୟଂ ବୟଂ ଯୂୟମିତ୍ୟାସୀନ୍ ମତିରାବୟୋଃ ।
କିଂ ଜାତମଧୁନା ଯେନ ଯୂୟଂ ଯୂୟଂ ବୟଂ ବୟମ୍ ॥ (ବୈରାଗ୍ୟଶତକମ୍)

(ଗ) ସର୍ବସ୍ୟ ଚାହଂହୃଦି ସନ୍ନିବିଷ୍ଟଃ
ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ । ଗୀତା-୧୫.୧୫

**ବାକ୍ୟପ୍ରୟୋଗଃ ।**

**ପ୍ରଥମାବିଭକ୍ତି ଏକବଚନ-**

ତଦ୍- **<u>ସଃ</u>** ମମ ଭ୍ରାତା, **<u>ତତ୍</u>** ମମ ପୁସ୍ତକମ୍, **<u>ସା</u>** ସମ ଭଗିନୀ ।

ଯଦ୍- **<u>ଯଃ</u>** ବିଦ୍ୟାଳୟଂ ଗଚ୍ଛତି ସଃ ମେ ମିତ୍ରମ୍ ।
ତବହସ୍ତେ **<u>ଯତ୍</u>** ବିଦ୍ୟତେ ତତ୍ ଚିତ୍ରମ୍ ।

**ଯା** ଗୃହେ ତିଷ୍ଠତି **ସା** ମମ ମାତା ।

କିମ୍- ତତ୍ର **କଃ** ଗଚ୍ଛତି ?

ବାଳକସ୍ୟ ମୁଖେ **କିମ୍** ଅସ୍ତି ?

**ସା** ବାଳିକା **କା** ?

ଇଦମ୍- **ଅୟଂ** ବାଳକଃ ଚତୁରଃ ।

**ଇଦଂ** ଚିତ୍ରଂ ମନୋହରମ୍ ।

**ଇୟଂ** ଦେବୀ ସଦ୍‌ଗୁଣଯୁକ୍ତା ।

ଅସ୍ମଦ୍- **ଅହଂ** ଶିକ୍ଷକସ୍ୟ ଅଭିପ୍ରାୟଂ ଜାନାମି ।

ଯୁଷ୍ମଦ୍- **ତ୍ୱଂ** ଦେବାଳୟଂ ଗଚ୍ଛ ।

**ପ୍ରଥମା ବିଭକ୍ତି ଦ୍ୱିବଚନ-**

ତଦ୍- **ତୌ** ବାଳକୌ ଗଚ୍ଛତଃ ।

**ତେ** ପୁସ୍ତକେ ଗୃହେ ତିଷ୍ଠତଃ । (ସେହି ଦୁଇଟି)

**ତେ** ଲତେ ପୁଷ୍ପିତେ । (ସେହି ଦୁଇଟି)

ଯଦ୍- ତୌ ମମ ଭ୍ରାତରୌ **ଯୌ** ବିଦ୍ୟାଳୟଂ ଗଚ୍ଛତଃ ।

ତେ ଏବ ବାଳାୟ ରୋଚେତେ **ଯେ** ଚିତ୍ରେ ସୁନ୍ଦରେ ସ୍ତଃ । (ସେହି ଦୁଇଟି ପିଲାକୁ ଭଲ ଲାଗୁଛି)

**ଯେ** ବାଳିକେ ସଭାୟାଂ ନ ତିଷ୍ଠତଃ ତେ ନିନ୍ଦନୀୟେ ।

କିମ୍- ରାମେଣ ସହ **କୌ** ବନଂ ଗତୌ ?

**କେ** ତତ୍ର ତିଷ୍ଠନ୍ତି ?

**କେ** ବାଳିକେ ତତ୍ର ଗତେ ? (କେଉଁ ଦୁଇଟି ଝିଅ ସେଠାକୁ ଯାଇଥିଲେ)

ଇଦମ୍- **ଇମୌ** ବାଳକୌ ନେତାରୌ ଭବିଷ୍ୟତଃ ।

**ଇମେ** ଫଳେ ମଧୁରେ ସ୍ତଃ ।

**ଇମେ** ମାଳେ ରାମାୟାଃ । (ଏହି ଦୁଇଟି ମାଳା ରାମାର)

ଅସ୍ମଦ୍- **ଆବାମ୍** ଅତ୍ର ଆଗମିଷ୍ୟାବଃ ।

ଯୁଷ୍ମଦ୍- **ଯୁବାଂ** କିଂ ପଠଥଃ ?

**ପ୍ରଥମା ବିଭକ୍ତି ବହୁବଚନ-**

ତଦ୍- **ତେ** ମୋହନସ୍ୟ ପୁତ୍ରାଃ ସନ୍ତି ।

**ତାନି** ମାଧବସ୍ୟ ପୁସ୍ତକାନି ସନ୍ତି ।

**ତାଃ** ସ୍ତ୍ରିୟଃ ନଦୀଂ ଗଚ୍ଛନ୍ତି ।

ଯଦ୍- **ଯେ** ପରିଶ୍ରମଂ କୁର୍ବନ୍ତି ତେ ସଫଳାଃ ଭବନ୍ତି ।

**ଯାନି** ପୁସ୍ତକାନି ପାଠାଗାରେ ସନ୍ତି ତାନି ନୂତନାନି ।

**ୟାଃ** ନଦ୍ୟଃ ସୁନାବ୍ୟାଃ ତାଃ ପୂଜ୍ୟାଃ ।

କିମ୍, ଇଦମ୍- **ଇମେ** ସର୍ବେ **କେ** ସନ୍ତି ?

**ଇମାନି** ସର୍ବାଣି **କାନି** ?

**ଇମାଃ** ସର୍ବାଃ **କାଃ** ?

ଅସ୍ମଦ୍- **ବୟଂ** ତ୍ୱାଂ ସାଦରଂ ନମାମଃ ।

ଯୁଷ୍ମଦ୍- **ଯୂୟଂ** ଭାରତବର୍ଷସ୍ୟ ସେବାଂ କୁରୁତ ।

## ଦ୍ୱିତୀୟା ବିଭକ୍ତି -

ତଦ୍- ସଃ **ତଂ** ବାଳକଂ କଥଂ ନ ଜାନାତି ?

ତ୍ୱଂ **ତତ୍** ପତ୍ରମ୍ ଆନୟ ।

**ତାଂ** ଲତାଂ ଛାଗଃ ଖାଦତି ।

ଯଦ୍- **ଯଂ** ପୃଚ୍ଛସି ତଂ ଜାନାସି କିମ୍ ?

**ଯତ୍** କିଂଚିତ୍ ଧନଂ ଦେହି ।

**ଯାଂ** ବାଳିକାଂ ପଶ୍ୟସି ସା ରାମସ୍ୟ ଭଗିନୀ ।

କିମ୍- **କଂ** ବାଳକମ୍ ଆହ୍ୱୟସି ?

**କଂ** ଫଳମ୍ ଇଚ୍ଛସି ?

**କାଂ** ଦେବୀଂ ପୂଜୟସି ?

ଇଦମ୍- **ଇମଂ** ବାଳକଂ ନ ବଦ ।

**ଇଦଂ** ଫଳମ୍ ଆନୟ ।

**ଇମାଂ** ନାରୀଂ ପୃଚ୍ଛ ।

ଅସ୍ମଦ୍- ସଃ **ମାଂ** ନୟତି ।

ଯୁଷ୍ମଦ୍- ଅହଂ **ତ୍ୱାଂ** ପୃଚ୍ଛାମି ।

## ତୃତୀୟା ବିଭକ୍ତି -

ତଦ୍- ସଃ **ତେନ** ସହ ବସତି ।

**ତେନ** ପାତ୍ରେଣ ସହ ଇଦଂ ପାତ୍ରମପି ଧାରୟ ।

ଅହଂ **ତୟା** ସହ ଉପବନଂ ଗମିଷ୍ୟାମି ।

ଯଦ୍- **ଯେନ** ପୁତ୍ରେଣ ସୁଖଂ ନାସ୍ତି ତେନ କୋ ଲାଭଃ ?

**ଯେନ** ଜ୍ଞାନେନ ମୁକ୍ତିର୍ନାସ୍ତି ତତ୍ କିଂ ଜ୍ଞାନମ୍ ।

ପଦ ବିନ୍ୟାସମାତ୍ରେଣ **ଯୟା** ନାପହୃତଂ ମନଃ ।

ତୟା କବିତୟା କିଂ ବା ତୟା ବନିତୟାଽଥବା ॥

କିମ୍- **କେନ** ଇଦଂ ପତ୍ରଂ ଲିଖିତମ୍ ।

<u>**କେନ**</u> କାରଣେନ ତ୍ୱଂ ଗୃହେ ନ ତିଷ୍ଠସି ?

<u>**କୟା**</u> ଭାଷୟା ତ୍ୱଂ ପ୍ରଶ୍ନୋତ୍ତରଂ କରୋଷି ?

ଇଦମ୍- <u>**ଅନେନ**</u> ବାଳକେନ ସହ ମିତ୍ରତାଂ କୁରୁ ।

<u>**ଅନେନ**</u> ମିତ୍ରେଣ ସହ ବାର୍ତ୍ତାଳାପଂ କୁରୁ ।

<u>**ଅନୟା**</u> ରଚନୟା କିଂ ପ୍ରୟୋଜନମ୍ ?

ଅସ୍ମଦ୍- <u>**ମୟା**</u> କଥିତମ୍ ।

ଯୁଷ୍ମଦ୍- <u>**ତ୍ୱୟା**</u> ହସିତମ୍ ।

**ଚତୁର୍ଥୀ ବିଭକ୍ତି -**

ତଦ୍- <u>**ତସ୍ମୈ**</u> ଶ୍ରୀଗୁରବେ ନମଃ ।

<u>**ତସ୍ମୈ**</u> କୁଣ୍ଡଳାୟ ସୁବର୍ଣ୍ଣମ୍ ଆନୟ ।

<u>**ତସ୍ୟୈ**</u> ଦେବ୍ୟୈ ନିବେଦୟାମି ।

ଯଦ୍, କିମ୍- <u>**ଯସ୍ମୈ**</u> କସ୍ମୈଚିଦ୍ ଦାତୁମିଚ୍ଛାମି ।

<u>**ଯସ୍ୟୈ**</u> କସ୍ୟୈଚିଦ୍ ଲେଖିତୁମିଚ୍ଛାମି ।

କିମ୍- <u>**କସ୍ମୈ**</u> ଦେବାୟ ହବିଷା ବିଧେମ ।

<u>**କସ୍ୟୈ**</u> ମୋଦକଂ ରୋଚତେ ?

ଇଦମ୍- <u>**ଅସ୍ମୈ**</u> କିଂ ରୋଚତେ ?

<u>**ଅସ୍ୟୈ**</u> ଅହଂ ଧନାନି ଦାସ୍ୟାମି ।

ଅସ୍ମଦ୍- <u>**ମହ୍ୟଂ**</u> ପୁସ୍ତକଂ ଦେହି ।

ଯୁଷ୍ମଦ୍- <u>**ତୁଭ୍ୟଂ**</u> ମୋଦକମ୍ ଆନୟାମି ।

**ପଞ୍ଚମୀ ବିଭକ୍ତି -**

ତଦ୍- <u>**ତସ୍ମାତ୍**</u> ତ୍ୱଂ ମହ୍ୟଂ କୁପ୍ୟସି ।

<u>**ତସ୍ୟାଃ**</u> ବିନା ମମ ଜୀବନଂ ଦୁଃଖଦମ୍ ।

ଯଦ୍- <u>**ଯସ୍ମାତ୍**</u> ହେତୋଃ ସଃ ନାଗଚ୍ଛତି ତଦହଂ ଜାନାମି ।

<u>**ଯସ୍ୟାଃ**</u> ଗତେ ତ୍ୱଂ ଚିନ୍ତାକୁଳଃ ଆସୀତ୍ ସା ଭୁବନେଶ୍ୱରେ ବର୍ତ୍ତତେ ।

କିମ୍- ତ୍ୱଂ <u>**କସ୍ମାତ୍**</u> କାରଣାତ୍ ଦୂରଦର୍ଶନଯନ୍ତ୍ରଂ ନ କ୍ରୀଣାସି ?

<u>**କସ୍ୟାଃ**</u> ନଦ୍ୟାଃ ତ୍ୱଂ ଜଳମ୍ ଆନୟସି ?

ଇଦମ୍- <u>**ଅସ୍ମାତ୍**</u> ବିଦ୍ୟାଳୟାତ୍ ବହିଃ ବାଳକାଃ କ୍ରୀଡ଼ନ୍ତି ।

<u>**ଅସ୍ୟାଃ**</u> ତ୍ୱଂ ପୁସ୍ତକଂ ନୟ ।

ଅସ୍ମଦ୍- <u>**ମତ୍**</u> ଦୂରଂ ତିଷ୍ଠ ।

ଯୁଷ୍ମଦ୍- <u>**ତ୍ୱତ୍**</u> ତୁ ମମ ସେବକଃ ବୁଦ୍ଧିମତ୍ତରଃ ।

**ଷଷ୍ଠୀ ବିଭକ୍ତି -**

| | |
|---|---|
| ତଦ୍- | **ସଃ** ତସ୍ୟ ପୁତ୍ରଃ ଅସ୍ତି । |
| | **ତସ୍ୟ** ମିତ୍ରସ୍ୟ ଦର୍ଶନଂ ସୁନ୍ଦରମ୍ । |
| | **ତସ୍ୟାଃ** ଜନନ୍ୟାଃ ପୁତ୍ରଃ ଦେଶଭକ୍ତଃ । |
| ଯଦ୍- | **ଯସ୍ୟ** ପରିଶ୍ରମଃ ତସ୍ୟ ସୁଖମ୍ । |
| | **ଯସ୍ୟାଃ** ସମୀପେ ବିଦ୍ୟା ଅସ୍ତି ସା ଧନ୍ୟା । |
| କିମ୍- | **କସ୍ୟ** ଗୃହେ ଚୌରଃ ପ୍ରବିଷ୍ଟଃ ? |
| | **କସ୍ୟାଃ** ନଦ୍ୟାଃ ଜଳଂ ପବିତ୍ରମ୍ ? |
| ଇଦମ୍- | **ଅସ୍ୟ** ଜ୍ଞାନଂ ମୋକ୍ଷପ୍ରଦମ୍ ଅସ୍ତି । |
| | **ଅସ୍ୟାଃ** ହୃଦୟଂ ନିର୍ମଳଂ ବର୍ତ୍ତତେ । |
| ଅସ୍ମଦ୍- | **ମମ** ମାତା ଗୃହିଣୀ ଅସ୍ତି । |
| ଯୁଷ୍ମଦ୍- | **ତବ** ପିତା ମାଂ ଜାନାତି । |

**ସପ୍ତମୀ ବିଭକ୍ତି -**

| | |
|---|---|
| ତଦ୍- | ତସ୍ମିନ୍ ତସ୍ୟାଂ ବା ନ କୋଽପି ବିଶ୍ୱସିତି । |
| ଯଦ୍- | ଯସ୍ମିନ୍ ଯସ୍ୟାଂ ବା ତସ୍ୟ ଅଚଳା ଭକ୍ତିଃ ସଃ ସା ବା ଅତ୍ର ବିଦ୍ୟତେ । |
| କିମ୍- | କସ୍ମିନ୍ କସ୍ୟାଂ ବା ତବ ମନଃ ରମତେ । |
| ଇଦମ୍- | ଅସ୍ମିନ୍ ଅସ୍ୟାଂ ବା ମମ ମନଃ ରମତେ । |
| ଅସ୍ମଦ୍, ଯୁଷ୍ମଦ୍- | ଶିକ୍ଷକଃ ମୟି ତ୍ୱୟି ବା ଅନୁରାଗଂ ସୂଚୟତି । |

## ଅଭ୍ୟାସଃ

**(୧) ତଦ୍ ଶବ୍ଦରୂପୈଃ ଶୂନ୍ୟସ୍ଥାନାନି ପୂରୟତ ।**

(କ) ଯଃ ଜନକପୁରୀମ୍ ଆଗତଃ ________ ଏବ ରାମଃ ।

(ଖ) ଯଂ ଯଂ ପଶ୍ୟସି ________ ________ ଦୀନଂ ବଚଃ ମା କଥୟ ।

(ଗ) ମହାଜନୋ ଯେନ ଗତଃ ________ ପନ୍ଥାଃ ।

(ଘ) ଯସ୍ମୈ ତ୍ୱଂ ଯଚ୍ଛସି ________ ଏବ ଶତ୍ରୁଃ ଭବିଷ୍ୟତି ।

(ଙ) ଯସ୍ମାତ୍ ପଠସି ________ ସମ୍ମାନଂ କୁରୁ ।

(ଚ) ଯସ୍ମିନ୍ ଫଳକେ ତ୍ୱଂ ଲିଖସି ________ ଶ୍ୟାମପଟ୍ଟଃ ଅସ୍ତି ।

**(୨) ଏକବଚନାନ୍ତାନାଂ ପୁରତଃ ବହୁବଚନାନ୍ତପଦାନି ଲିଖତ ।**

ଉଦାହରଣମ୍- ଯଃ/ ସଃ <u>ଯେ/ ତେ</u> ।

(କ) ଯା / ସା / ________

(ଖ) ଯତ୍ / ତତ୍ __________

(ଗ) ଯମ୍ / ତମ୍ __________

(ଘ) ଯେନ / ତେନ __________

(ଙ) ଯସ୍ମୈ / ତସ୍ମୈ __________

(ଚ) ଯସ୍ମାତ୍ / ତସ୍ମାତ୍ __________

(ଛ) ଯସ୍ୟ / ତସ୍ୟ __________

(ଜ) ଯସ୍ମିନ୍ / ତସ୍ମିନ୍ __________

**(୩) ଉଦାହରଣାନୁସାରଂ ପ୍ରଶ୍ନବାଚକସର୍ବନାମପଦାନାଂ ପୁରତଃ ତତ୍ ଶବ୍ଦରୂପାଣି ଲିଖତ ।**

ଉଦାହରଣମ୍- କଃ/ କା / କିମ୍ <u>ସଃ / ସା / ତତ୍</u> ।

(କ) କମ୍ / କାମ୍ / କିମ୍ __________

(ଖ) କେନ / କୟା / କେନ __________

(ଗ) କସ୍ମୈ / କସ୍ୟୈ / କସ୍ମୈ __________

(ଘ) କସ୍ମାତ୍ / କସ୍ୟାଃ / କସ୍ମାତ୍ __________

(ଙ) କସ୍ୟ / କସ୍ୟାଃ / କସ୍ୟ __________

(ଚ) କସ୍ମିନ୍ / କସ୍ୟାମ୍/ କସ୍ମିନ୍ __________

**(୪) କୋଷ୍ଠକମଧ୍ୟାତ୍ ସମୁଚିତପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ ।**

(କ) __________ ସଦାଚାରୀ, __________ ଏବ ସୁଖୀ । (ସଃ/ ଯଃ)

(ଖ) __________ ଅର୍ଥକରୀ, __________ ଏବ ପଠନୀୟା । (ଯା/ ସା)

(ଗ) __________ ସ୍ୱାସ୍ଥ୍ୟପ୍ରଦମ୍, __________ ଗ୍ରାହ୍ୟମ୍ । (ଯତ୍/ ତତ୍)

(ଘ) __________ ପ୍ରଜ୍ଞା ନାସ୍ତି, ଶାସ୍ତ୍ରଂ __________ କରୋତି କିମ୍ ? (ଯସ୍ୟ/ ତସ୍ୟ)

(ଙ) ଶ୍ରେଷ୍ଠଃ __________ ଆଚରତି, ଇତରଃ ଜନଃ __________ ଏବ କରୋତି । (ତତ୍ ତତ୍/ ଯତ୍ ଯତ୍)

(ଚ) __________ ଦେଶେ ନାର୍ଯ୍ୟ ପୂଜ୍ୟନ୍ତେ, __________ ଦେବା ରମନ୍ତେ । (ଯସ୍ମିନ୍/ ତସ୍ମିନ୍)

(ଛ) __________ ବିଦ୍ୟା ନାସ୍ତି, __________ ଭୁବି ଭାରଭୂତାଃ ସନ୍ତି । (ଯେଷାମ୍/ ତେ)

(ଜ) __________ କୀଦୃଶଃ ପିତା, __________ ବାଳଃ ନ ପାଠିତଃ ? (ଯେନ/ ସଃ)

(ଝ) __________ ନରାଃ ଧନ୍ୟାଃ, __________ ଶରୀରାଣି ଦେଶହିତାୟ ସମର୍ପିତାନି । (ଯେଷାମ୍/ ତେ)

(ଞ) __________ ଜଳମ୍ ଏବ ବହୁମୂଲ୍ୟମ୍, __________ ମରୁଭୂମ୍ୟାଂ ଲଭ୍ୟତେ । (ଯତ୍/ ତତ୍ )

**(୫) କୋଷ୍ଠକାତ୍ କିଂ ଶବ୍ଦସ୍ୟ ଯଥାର୍ଥରୂପଂ ଶୂନ୍ୟସ୍ଥାନେ ଲିଖତ ।**

(କ) __________ ନଦୀ ନଦୀତମା ମନ୍ୟତେ ? (କଃ, କା, କାମ୍)

(ଖ) __________ ଶ୍ରାନ୍ତଃ ନିଦ୍ରାମ୍ ଇଚ୍ଛତି ? (କଃ, କା, କିମ୍)

(ଗ) ________ ଭାବନୟା ତ୍ୱଂ ମାଂ ପଶ୍ୟସି ? (କୟା, କେନ, କସ୍ୟ)

(ଘ) ଦଶରଥଃ ________ ଅଧିକଃ ପ୍ରିୟଃ ଆସୀତ୍ ? (କସ୍ୟ, କସ୍ୟାଃ, କୟା)

(ଙ) ________ ନଗର୍ଯ୍ୟାଂ ତବ ନିବାସଃ ? (କସ୍ମିନ୍, କସ୍ୟାମ୍, କସ୍ମୈ)

(ଚ) ସା ________ ପ୍ରଥମା ଭବତି ? (କେଷୁ, କାସୁ, କେନ)

**(୬) କୋଷ୍ଠକାତ୍ ସମୁଚିତପଦଚୟନଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟତ । (ଇଦମ୍ ଶବ୍ଦସ୍ୟ)**

(କ) ________ ଦେବଦତ୍ତଃ । (ଇୟମ୍/ ଅୟମ୍)

(ଖ) ________ ଭ୍ରାତା ସୋମଦତ୍ତଃ । (ଅସ୍ୟ/ ଅସ୍ମିନ୍)

(ଗ) ________ ନଗରେ ଚୌରଃ ନାସ୍ତି । (ଅସ୍ମିନ୍/ ଅସ୍ୟ)

(ଘ) ________ ବାଳିକାୟାଃ ନାମ ବିଜୟା । (ଅସ୍ୟ/ ଅସ୍ୟାଃ)

(ଙ) ________ କମଳାନି ତଡ଼ାଗେଷୁ ବିକସନ୍ତି । (ଇମେ/ ଇମାନି)

(ଚ) ________ ସ୍ତ୍ରିୟଃ ପତିବ୍ରତାଃ । (ଇମେ/ ଇମାଃ)

**(୭) ଯୁଷ୍ମଦ୍ ଶବ୍ଦରୂପୈଃ ଶୂନ୍ୟସ୍ଥାନାନି ପୂରୟତ ।**

(କ) ମମ ହସ୍ତେ ଲେଖନୀ ଅସ୍ତି, ________ ହସ୍ତେ କିମ୍ ଅସ୍ତି ?

(ଖ) ମୟା ପ୍ରଶଂସା ପ୍ରାପ୍ତା, ________ କିଂ ପ୍ରାପ୍ତମ୍ ?

(ଗ) ମହ୍ୟଂ ଦଧି ରୋଚତେ, ________ କିଂ ରୋଚତେ ?

(ଘ) ମୟି ଛାତ୍ରାଃ ଅନୁରକ୍ତାଃ, ________ କେ ଅନୁରକ୍ତାଃ ?

(ଙ) ତ୍ୱଂ ମାଂ ସ୍ମରସି, ଅହମପି ________ ସ୍ମରାମି ଇତି ସତ୍ୟମ୍ ।

**ସଂଖ୍ୟାବାଚକ ଶବ୍ଦ :**

ଏକ (ନିତ୍ୟ ଏକବଚନାନ୍ତ) ପୁଂଲିଙ୍ଗରେ ସର୍ବଶବ୍ଦ, ସ୍ତ୍ରୀଲିଙ୍ଗରେ ସର୍ବାଶବ୍ଦ ଓ କ୍ଳୀବଲିଙ୍ଗରେ ସର୍ବଶବ୍ଦର ଏକବଚନର ରୂପପରି ଏହାର ରୂପ । ସଂଖ୍ୟାଭିନ୍ନ ଅର୍ଥରେ ଏକ ଶବ୍ଦ ଦ୍ୱିବଚନାନ୍ତ ଓ ବହୁବଚନାନ୍ତ ମଧ୍ୟ ହୁଏ । ଯଥା- ଏକୌ = ଅନ୍ୟୌ, ଏକେଷାମ୍ = ପ୍ରଧାନାନାମ୍ ଇତ୍ୟାଦି ।

**ଏକୋଽନ୍ୟାର୍ଥେ ପ୍ରଧାନେ ଚ ପ୍ରଥମେ କେବଳେ ତଥା ।**
**ସାଧାରଣସମାନେଽଲ୍ପେ ସଂଖ୍ୟାୟାଂ ଚ ପ୍ରଯୁଜ୍ୟତେ ॥**

ଦ୍ୱି (ନିତ୍ୟ ଦ୍ୱିବଚନାନ୍ତ), ତ୍ରିଠାରୁ ଅଷ୍ଟାଦଶନ୍ ପର୍ଯ୍ୟନ୍ତ ନିତ୍ୟ ବହୁବଚନାନ୍ତ । ଊନବିଂଶତି ପ୍ରଭୃତି ସମସ୍ତ ସଂଖ୍ୟାବାଚକ ଶବ୍ଦ ସର୍ବଦା ଏକବଚନାନ୍ତ କିନ୍ତୁ ଏମାନଙ୍କର ବିଶେଷ୍ୟ ବହୁବଚନାନ୍ତ ହୁଏ । ଏମାନଙ୍କ ମଧ୍ୟରୁ ଇକାରାନ୍ତ ଗୁଡ଼ିକର ମତି ଓ ତ୍ କାରାନ୍ତ ଗୁଡ଼ିକର ଭୂଭୃତ୍ ଶବ୍ଦପରି ଏବଂ ଅକାରାନ୍ତ ଗୁଡ଼ିକର ଫଳ ଶବ୍ଦ ପରି ରୂପ ହୁଏ ।

| **ମୂଳଶବ୍ଦ** | **ପୁଂଲିଙ୍ଗ** | **କ୍ଳୀବଲିଙ୍ଗ** | **ସ୍ତ୍ରୀଲିଙ୍ଗ** |
|---|---|---|---|
| ଏକ | ଏକଃ | ଏକମ୍ | ଏକା |
| ଦ୍ୱି | ଦ୍ୱୌ | ଦ୍ୱେ | ଦ୍ୱେ |
| ତ୍ରି | ତ୍ରୟଃ | ତ୍ରୀଣି | ତିସ୍ରଃ |

| | | | |
|---|---|---|---|
| ଚତୁର୍ | ଚତ୍ୱାରଃ | ଚତ୍ୱାରି | ଚତସ୍ରଃ |
| ପଞ୍ଚନ୍ | ପଞ୍ଚ | ପଞ୍ଚ | ପଞ୍ଚ |
| ଷଷ୍ | ଷଟ୍ | ଷଟ୍ | ଷଟ୍ |

| ବିଭକ୍ତିଃ | ପୁଂଲିଙ୍ଗ | ନପୁଂସକଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|---|---|
| ପ୍ରଥମା | ଏକଃ, ଦ୍ୱୌ, ତ୍ରୟଃ, ଚତ୍ୱାରଃ, ପଞ୍ଚ | ଏକମ୍, ଦ୍ୱେ, ତ୍ରୀଣି, ଚତ୍ୱାରି, ପଞ୍ଚ | ଏକା, ଦ୍ୱେ, ତିସ୍ରଃ, ଚତସ୍ରଃ, ପଞ୍ଚ |
| ଦ୍ୱିତୀୟା | ଏକମ୍, ଦ୍ୱୌ, ତ୍ରୀନ୍, ଚତୁରଃ, ପଞ୍ଚ | ଏକମ୍, ଦ୍ୱେ, ତ୍ରୀଣି, ଚତ୍ୱାରି, ପଞ୍ଚ | ଏକା, ଦ୍ୱେ, ତିସ୍ରଃ, ଚତସ୍ରଃ, ପଞ୍ଚ |
| ତୃତୀୟା | ଏକେନ, ଦ୍ୱାଭ୍ୟାମ୍, ତ୍ରିଭିଃ, ଚତୁର୍ଭିଃ, ପଞ୍ଚଭିଃ | (ତୃତୀୟାଠାରୁ ସପ୍ତମୀ ପର୍ଯ୍ୟନ୍ତ ରୂପ ପୁଂଲିଙ୍ଗ ରୂପ ସହିତ ସମାନ) | ଏକୟା, ଦ୍ୱାଭ୍ୟାମ୍, ତିସୃଭିଃ, ଚତସୃଭିଃ, ପଞ୍ଚଭିଃ |
| ଚତୁର୍ଥୀ | ଏକସ୍ମୈ, ଦ୍ୱାଭ୍ୟାମ୍, ତ୍ରିଭ୍ୟଃ, ଚତୁର୍ଭ୍ୟଃ, ପଞ୍ଚଭ୍ୟଃ | | ଏକସ୍ୟୈ, ଦ୍ୱାଭ୍ୟାମ୍, ତିସୃଭ୍ୟଃ, ଚତସୃଭ୍ୟଃ, ପଞ୍ଚଭ୍ୟଃ |
| ପଞ୍ଚମୀ | ଏକସ୍ମାତ୍, ଦ୍ୱାଭ୍ୟାମ୍, ତ୍ରିଭ୍ୟଃ, ଚତୁର୍ଭ୍ୟଃ, ପଞ୍ଚଭ୍ୟଃ | | ଏକସ୍ୟାଃ, ଦ୍ୱାଭ୍ୟାମ୍, ତିସୃଭ୍ୟଃ, ଚତସୃଭ୍ୟଃ, ପଞ୍ଚଭ୍ୟଃ |
| ଷଷ୍ଠୀ | ଏକସ୍ୟ, ଦ୍ୱୟୋଃ, ତ୍ରୟାଣାମ୍, ଚତୁର୍ଣ୍ଣାମ୍, ପଞ୍ଚାନାମ୍ | | ଏକସ୍ୟାଃ, ଦ୍ୱୟୋଃ, ତିସୃଣାମ୍, ଚତସୃଣାମ୍, ପଞ୍ଚାନାମ୍ |
| ସପ୍ତମୀ | ଏକସ୍ମିନ୍, ଦ୍ୱୟୋଃ, ତ୍ରିଷୁ, ଚତୁର୍ଷୁ, ପଞ୍ଚସୁ | | ଏକସ୍ୟାମ୍, ଦ୍ୱୟୋଃ, ତିସୃଷୁ, ଚତସୃଷୁ, ପଞ୍ଚସୁ |

ଷଷ୍ ଓ ଅଷ୍ଟନ୍ ଶବ୍ଦର ତିନି ଲିଙ୍ଗରେ ପ୍ରଥମା ଠାରୁ ସମ୍ବୋଧନ ପର୍ଯ୍ୟନ୍ତ ଯଥାକ୍ରମେ ଏହିପରି ରୂପ ହୁଏ । ଷଷ୍- ଷଟ୍, ଷଟ୍, ଷଡ଼୍ଭିଃ, ଷଡ଼୍ଭ୍ୟଃ, ଷଡ଼୍ଭ୍ୟଃ, ଷଣ୍ଣାମ୍, ଷଟ୍ସୁ, ଷଟ୍ । ଅଷ୍ଟନ୍- ଅଷ୍ଟ / ଅଷ୍ଟୌ, ଅଷ୍ଟ / ଅଷ୍ଟୌ, ଅଷ୍ଟଭିଃ / ଅଷ୍ଟାଭିଃ, ଅଷ୍ଟଭ୍ୟଃ / ଅଷ୍ଟାଭ୍ୟଃ, ଅଷ୍ଟଭ୍ୟଃ / ଅଷ୍ଟାଭ୍ୟଃ, ଅଷ୍ଟାନାମ୍, ଅଷ୍ଟସୁ / ଅଷ୍ଟାସୁ, ଅଷ୍ଟ / ଅଷ୍ଟୌ ।

ଏକଠାରୁ ଅଷ୍ଟାଦଶନ୍ ପର୍ଯ୍ୟନ୍ତ ଶବ୍ଦଗୁଡ଼ିକ ବିଶେଷଣ ହୋଇ ବ୍ୟବହୃତ ହୁଅନ୍ତି । ଯଥା- ଏକଃ ନରଃ, ଏକା ନାରୀ, ଏକଂ ଫଳମ୍, ଦ୍ୱୌ ନରୌ, ଦ୍ୱେ ନାର୍ଯ୍ୟୌ, ଦ୍ୱେ ଫଳେ ଇତ୍ୟାଦି । ସପ୍ତନ୍, ନବନ୍, ଦଶନ୍, ଏକାଦଶନ୍, ଦ୍ୱାଦଶନ୍, ତ୍ରୟୋଦଶନ୍, ଚତୁର୍ଦଶନ୍, ପଞ୍ଚଦଶନ୍, ଷୋଡ଼ଶନ୍, ସପ୍ତଦଶନ୍ ଓ ଅଷ୍ଟାଦଶନ୍ ଶବ୍ଦର ରୂପ ପଞ୍ଚନ୍ ଶବ୍ଦରୂପପରି ।

## ପୂରଣବାଚକ ଶବ୍ଦ

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | କ୍ଲୀବଲିଙ୍ଗ |
|---|---|---|
| ପ୍ରଥମଃ | ପ୍ରଥମା | ପ୍ରଥମମ୍ |
| ଦ୍ୱିତୀୟ | ଦ୍ୱିତୀୟା | ଦ୍ୱିତୀୟମ୍ |
| ତୃତୀୟଃ | ତୃତୀୟା | ତୃତୀୟମ୍ |
| ଚତୁର୍ଥଃ | ଚତୁର୍ଥୀ | ଚତୁର୍ଥମ୍ |
| ପଞ୍ଚମଃ | ପଞ୍ଚମୀ | ପଞ୍ଚମମ୍ |
| ଷଷ୍ଠଃ | ଷଷ୍ଠୀ | ଷଷ୍ଠମ୍ |
| ସପ୍ତମଃ | ସପ୍ତମୀ | ସପ୍ତମମ୍ |
| ଅଷ୍ଟମଃ | ଅଷ୍ଟମୀ | ଅଷ୍ଟମମ୍ |

| | | |
|---|---|---|
| ନବମଃ | ନବମୀ | ନବମମ୍ |
| ଦଶମଃ | ଦଶମୀ | ଦଶମମ୍ |
| ଏକାଦଶଃ | ଏକାଦଶୀ | ଏକାଦଶମ୍ |

## ଊନବିଂଶତିଠାରୁ ପଞ୍ଚାଶତ୍ ପର୍ଯ୍ୟନ୍ତ ସଂଖ୍ୟାବାଚକ ଶବ୍ଦ
## (ପ୍ରାତିପଦିକ)

୧୯- ଊନବିଂଶତି, ଏକୋନବିଂଶତି, ନବଦଶନ୍, ୨୦- ବିଂଶତି, ୨୧- ଏକବିଂଶତି, ୨୨- ଦ୍ୱାବିଂଶତି, ୨୩- ତ୍ରୟୋବିଂଶତି, ୨୪- ଚତୁର୍ବିଂଶତି, ୨୫- ପଞ୍ଚବିଂଶତି, ୨୬- ଷଡ୍‌ବିଂଶତି, ୨୭- ସପ୍ତବିଂଶତି, ୨୮- ଅଷ୍ଟାବିଂଶତି, ୨୯- ନବବିଂଶତି, ଏକୋନତ୍ରିଂଶତ୍, ଊନତ୍ରିଂଶତ୍, ୩୦- ତ୍ରିଂଶତ୍, ୩୧- ଏକତ୍ରିଂଶତ୍, ୩୨- ଦ୍ୱାତ୍ରିଂଶତ୍, ୩୩- ତ୍ରୟସ୍ତ୍ରିଂଶତ୍, ୩୪- ଚତୁସ୍ତ୍ରିଂଶତ୍, ୩୫- ପଞ୍ଚତ୍ରିଂଶତ୍, ୩୬- ଷଟ୍‌ତ୍ରିଂଶତ୍, ୩୭- ସପ୍ତତ୍ରିଂଶତ୍, ୩୮- ଅଷ୍ଟତ୍ରିଂଶତ୍, ୩୯- ନବତ୍ରିଂଶତ୍, ଏକୋନଚତ୍ୱାରିଂଶତ୍, ଊନଚତ୍ୱାରିଂଶତ୍, ୪୦- ଚତ୍ୱାରିଂଶତ୍, ୪୧- ଏକଚତ୍ୱାରିଂଶତ୍, ୪୨- ଦ୍ୱିଚତ୍ୱାରିଂଶତ୍, ୪୩- ତ୍ରୟଶ୍ଚତ୍ୱାରିଂଶତ୍, ୪୪- ଚତୁଶ୍ଚତ୍ୱାରିଂଶତ୍, ୪୫- ପଞ୍ଚଚତ୍ୱାରିଂଶତ୍, ୪୬- ଷଟ୍‌ଚତ୍ୱାରିଂଶତ୍, ୪୭- ସପ୍ତଚତ୍ୱାରିଂଶତ୍, ୪୮- ଅଷ୍ଟଚତ୍ୱାରିଂଶତ୍, ୪୯- ନବଚତ୍ୱାରିଂଶତ୍, ଏକୋନପଞ୍ଚାଶତ୍, ୫୦- ପଞ୍ଚାଶତ୍, ୬୦- ଷଷ୍ଟି, ୭୦- ସପ୍ତତି, ୮୦- ଅଶୀତି, ୯୦- ନବତି, ୧୦୦- ଶତମ୍ ।

୧୦୦ରୁ ୨୦୦ ବା ୩୦୦ରୁ ୪୦୦ ମଧ୍ୟବର୍ତ୍ତୀ ଅଙ୍କଗୁଡ଼ିକୁ ସଂସ୍କୃତରେ ଅନୁବାଦ କରିବାକୁ ହେଲେ ଅଧିକ ବା ଉତ୍ତର ଶବ୍ଦ ଲଗାଇ କରାଯାଏ । ଯଥା-

୧୦୧- ଏକୋତ୍ତରଶତମ୍ ବା ଏକାଧିକଶତମ୍ ।

୧୮୯୨- ଦ୍ୱିନବତ୍ୟଧିକାଷ୍ଟଶତାଧିକସହସ୍ରମ୍ ଇତ୍ୟାଦି ।

ସଂଖ୍ୟାବାଚକ ବିଶେଷଣଗୁଡ଼ିକ ଏକବଚନାନ୍ତ ହେଲେ ମଧ୍ୟ ଏମାନଙ୍କର ବିଶେଷ୍ୟ ବହୁବଚନାନ୍ତ ହୁଅନ୍ତି । ଯଥା-

ବିଂଶତିଃ ବାଳକାଃ ।

ତ୍ରିଂଶତ୍ ଫଳାନି ।

ଶତମ୍ ଅଶ୍ୱାଃ ।

ଦୁଇଗୁଣ ବା ବହୁଗୁଣ ବୁଝାଇଲେ ସଂଖ୍ୟାବାଚକ ଶବ୍ଦ ଦ୍ୱିବଚନାନ୍ତ ବା ବହୁବଚନାନ୍ତ ହୁଏ । ଯଥା-

ଦ୍ୱେବିଂଶତୀ, ତିସ୍ରଃ ବିଂଶତୟଃ, ଦ୍ୱେ ଶତେ,

ଚତ୍ୱାରିଶତାନି, ପଞ୍ଚ ସହସ୍ରାଣି ଇତ୍ୟାଦି ।

### ଅଭ୍ୟାସଃ

**୧ । କୋଷ୍ଠକମଧ୍ୟାତ୍ ଉପଯୁକ୍ତପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ ।**

(କ) ଗୃହେ ________ ବାଳିକେ ପଠତଃ । (ଦ୍ୱୌ / ଦ୍ୱେ)

(ଖ) ଅତ୍ର ________ ଲେଖନ୍ୟୌ ସ୍ତଃ । (ଦ୍ୱୌ / ଦ୍ୱେ)

(ଗ) ବୃକ୍ଷେ ________ ବାନରୌ ତିଷ୍ଠତଃ । (ଦ୍ୱୌ / ଦ୍ୱେ)

(ଘ) ________ ବାଳକାଃ କ୍ରୀଡ଼ନ୍ତି । (ତ୍ରୟଃ / ତ୍ରୀଣି)

(ଙ) ________ ନଦ୍ୟଃ ବହନ୍ତି । (ଚତ୍ୱାରି / ଚତସ୍ର)

(ଚ) ମମ ________ ମିତ୍ରାଣି ଗଚ୍ଛନ୍ତି । (ତିସ୍ରଃ / ତ୍ରୀଣି)

**୨। କୋଷ୍ଠକମଧ୍ୟାତ୍ ଶୁଦ୍ଧପଦଂ ନିର୍ବାଚୟତ।**

(କ) ତତ୍ର ________ ମୁନୟଃ ବସନ୍ତି । (ଚତ୍ୱାରଃ, ଚତସ୍ରଃ)

(ଖ) ତତ୍ର ________ ଲତାଃ ବିଳସନ୍ତି । (ପଞ୍ଚ / ପଞ୍ଚାଃ)

(ଗ) ତତ୍ର ________ ଫଳାନି ସନ୍ତି । (ପଞ୍ଚ / ପଞ୍ଚାନି)

**୩। ଅଧୋଲିଖିତବାକ୍ୟାନି ସଂଶୋଧୟତ ।**

(କ) ଅହମ୍ ଏକଂ କନ୍ୟାଂ ପଶ୍ୟାମି ।

(ଖ) ଦଶରଥସ୍ୟ ଚତ୍ୱାରି ପୁତ୍ରାଃ ଆସନ୍ ।

(ଗ) ଆମ୍ରମ୍, ବିଲ୍ୱମ୍, ନାରିକେଳମ୍ ଇତି ତିସ୍ରଃ ଫଳାନି ।

**୪। ଶୂନ୍ୟସ୍ଥାନଂ ପୂରୟତ ।**

(କ) ଦିବସେ ________ ସନ୍ଧ୍ୟେ ଭବତଃ, ପ୍ରାତଃ ସାୟଂ ଚ । (ଦ୍ୱି)

(ଖ) ଏକସ୍ମିନ୍ ହସ୍ତେ ________ ଅଙ୍ଗୁଷ୍ଠଃ ଭବତି । (ଏକ)

(ଗ) କାଳିଦାସସ୍ୟ ________ ମହାକାବ୍ୟେ ସ୍ତଃ । (ଦ୍ୱି)

(ଘ) କାଳିଦାସସ୍ୟ ________ ନାଟକାନି ସନ୍ତି । (ତ୍ରି)

(ଙ) ବେଦାଃ ________ ସନ୍ତି । (ଚତୁର୍)

(ଚ) ମାସେ ________ ପକ୍ଷୌ ଭବତଃ, ଶୁକ୍ଳଃ କୃଷ୍ଣଃ ଚ । (ଦ୍ୱି)

(ଛ) ହସ୍ତେ ________ ଅଙ୍ଗୁଲ୍ୟଃ ସନ୍ତି । (ପଞ୍ଚନ୍)

(ଜ) ବର୍ତ୍ତମାନ-ଭୂତ-ଭବିଷ୍ୟତ୍ ଇତି ________ କାଳାଃ । (ତ୍ରି)

(ଝ) ଏକବଚନମ୍-ଦ୍ୱିବଚନମ୍-ବହୁବଚନମ୍ ଇତି ________ ବଚନାନି ସନ୍ତି । (ତ୍ରି)

(ଞ) ପ୍ରଥମପୁରୁଷଃ, ମଧ୍ୟମପୁରୁଷଃ, ଉତ୍ତମପୁରୁଷଃ ଇତି ________ ପୁରୁଷାଃ ଭବନ୍ତି । (ତ୍ରି)

(ଟ) ମାନବସ୍ୟ ________ ହସ୍ତୌ ସ୍ତଃ । (ଦ୍ୱି)

• • •

# ଧାତୁ ପ୍ରକରଣ

## ଧାତୁ ପରିଚୟ :

ବାକ୍ୟଟିଏ ସାଧାରଣତଃ 'କର୍ତ୍ତା' ଓ 'କ୍ରିୟା'କୁ ନେଇ ଗଠିତ ହୋଇଥାଏ । ବାକ୍ୟରେ କୌଣସି 'କାର୍ଯ୍ୟ' କରିବା ବା ହେବା ବୁଝାପଡ଼ିଲେ, ସେହି କାର୍ଯ୍ୟକୁ ବୁଝାଉଥିବା 'ପଦ'କୁ କ୍ରିୟାପଦ କୁହାଯାଏ । ଯଥା :- ବାଳକଃ ପଠତି । ଏଠାରେ 'ପଠତି' ବାଳକର ପଠନ କାର୍ଯ୍ୟକୁ ବୁଝାଉଥିବାରୁ ବାକ୍ୟରେ 'କ୍ରିୟାପଦ' ଅଟେ ।

ସଂସ୍କୃତ ବ୍ୟାକରଣରେ କ୍ରିୟାର ମୂଳରୂପକୁ 'ଧାତୁ' କୁହାଯାଏ । ତେଣୁ ଉପର୍ଯ୍ୟୁକ୍ତ ବାକ୍ୟରେ 'ପଠ୍' ଧାତୁର ପ୍ରୟୋଗ ହୋଇଛି ବୋଲି କହିବା । ସେହିପରି କୃ-କରିବା, ଭୂ-ହେବା, ଗମ୍-ଯିବା ଓ ସ୍ଥା-ରହିବା ପ୍ରଭୃତି ୨୧୧୫ଟି 'ଧାତୁ' ରହିଛି । ମୂଳଧାତୁରେ ତିପ୍, ତସ୍, ଝି ଆଦି ପ୍ରତ୍ୟୟ ଯୋଗ କରି ଆମେ ପଠ୍ + ତିପ୍ = ପଠତି, ପଠ୍ + ତସ୍ = ପଠତଃ ଓ ପଠ୍ + ଝି = ପଠନ୍ତି ପ୍ରଭୃତି କ୍ରିୟାପଦ ପାଇଥାଉ । ଏହି ପ୍ରତ୍ୟୟଗୁଡ଼ିକ ପ୍ରତି ଲକାରରେ ପରସ୍ମୈପଦୀ ଧାତୁରେ ପୁରୁଷ ଓ ବଚନ କ୍ରମରେ ୯ଟି ଓ ଆତ୍ମନେପଦୀ ଧାତୁରେ ମଧ୍ୟ ୯ଟି । ଏହିପରି ପ୍ରତ୍ୟୟଗୁଡ଼ିକର ସଂଖ୍ୟା ୧୮ ।

ପ୍ରଥମ ପ୍ରତ୍ୟୟ 'ତିପ୍'ର 'ତି' ଠାରୁ ଶେଷ ପ୍ରତ୍ୟୟ 'ମହିଙ୍'ର 'ଙ୍' ପର୍ଯ୍ୟନ୍ତ 'ତିଙ୍' ପ୍ରତ୍ୟାହାର ଅଟେ । ମୂଳଧାତୁରେ 'ତିଙ୍' ପ୍ରତ୍ୟୟ ଯୋଗକରି ଆମେ କ୍ରିୟାପଦଟି ପାଇଥାଉ । ତେଣୁ ପରସ୍ମୈପଦୀ ଓ ଆତ୍ମନେପଦୀ କ୍ରିୟାପଦଗୁଡ଼ିକୁ ସଂସ୍କୃତରେ 'ତିଙନ୍ତ' ଅଟନ୍ତି ।[୧]

ଉଦାହରଣ : ପଠ୍ + ତିପ୍ = ପଠତି ।

ସେବ୍ + ମହିଙ୍ = ସେବାମହେ ଇତ୍ୟାଦି ।

କ୍ରିୟାବାଚକ ପ୍ରକୃତି (ମୂଳ)କୁ 'ଧାତୁ' କୁହାଯାଏ । ସଂସ୍କୃତଭାଷାରେ ବ୍ୟବହୃତ 'ଧାତୁ'ଗୁଡ଼ିକ (୧) ପରସ୍ମୈପଦୀ, (୨) ଆତ୍ମନେପଦୀ ଓ (୩) ଉଭୟପଦୀ କ୍ରମରେ ୩ ଭାଗରେ ବିଭକ୍ତ ।

### (୧) ପରସ୍ମୈପଦୀ :

କ୍ରିୟାର ଫଳ 'ପରସ୍ମୈ' ଅର୍ଥାତ୍ ଅନ୍ୟ ପାଇଁ ଉଦ୍ଦିଷ୍ଟ ହେଲେ, ଧାତୁକୁ ପରସ୍ମୈପଦୀ କୁହାଯାଏ । ଯଥା :- ବ୍ରାହ୍ମଣଃ ରାଜ୍ଞେ **ଯଜତି** ବା ପାଚକଃ ଅନ୍ନଂ **ପଚତି** । ଏଠାରେ ଯଜ୍ଞର ଫଳ କର୍ତ୍ତା ବ୍ରାହ୍ମଣର କିମ୍ବା ଅନ୍ନପାକର ଫଳ କର୍ତ୍ତା ପାଚକପାଇଁ ଉଦ୍ଦିଷ୍ଟ ନୁହେଁ । ଏହା ଯଥାକ୍ରମେ ରାଜାଙ୍କ ପାଇଁ କିମ୍ବା ପାଚକର ସ୍ୱାମୀପାଇଁ ଉଦ୍ଦିଷ୍ଟ । ତେଣୁ ଏଠାରେ 'ପରସ୍ମୈପଦୀ' ଧାତୁର ପ୍ରୟୋଗ ହୋଇଛି ।

### (୨) ଆତ୍ମନେପଦୀ :

ଯେଉଁଠାରେ କ୍ରିୟାର ଫଳ କର୍ତ୍ତା ନିଜେ ଭୋଗକରେ, ସେ ସ୍ଥାନରେ ଧାତୁ ଆତ୍ମନେପଦୀ ହୋଇଥାଏ । ଯଥା :- **ସେବକଃ ସେବତେ** କିମ୍ବା ଫଳଂ **ରୋଚତେ** । ଏଠାରେ 'ସେବା' କାର୍ଯ୍ୟ ସେବକର ସ୍ୱାର୍ଥସାଧନ ନିମିତ୍ତ ଉଦ୍ଦିଷ୍ଟ ଓ 'ରୁଚିବା' କ୍ରିୟା ଫଳ ଖାଉଥିବା ବ୍ୟକ୍ତିପାଇଁ ଉଦ୍ଦିଷ୍ଟ । ତେଣୁ 'ସେବ୍' ଓ 'ରୁଚ୍' ପ୍ରଭୃତି 'ଆତ୍ମନେପଦୀ' ଧାତୁ ଅଟନ୍ତି ।

### (୩) ଉଭୟପଦୀ :

କେତେକ 'ଧାତୁ' ଉପର୍ଯ୍ୟୁକ୍ତ ଉଭୟପ୍ରକାରେ ମଧ୍ୟ ବ୍ୟବହୃତ ହୋଇଥାନ୍ତି । ଏମାନଙ୍କୁ 'ଉଭୟପଦୀ' ଧାତୁ କୁହାଯାଏ । କର୍ତ୍ତା ଅନ୍ୟପାଇଁ ଓ ନିଜପାଇଁ କାର୍ଯ୍ୟ କଲେ 'କ୍ରିୟା' ଉଭୟପଦୀ ହୋଇଥାଏ । ଯଥା :-

(୧) ମାତା ଅନ୍ନଂ **ପଚତି** ।

(୨) ରମା ଅନ୍ନଂ **ପଚତେ** ।

---

୧. 'ସୁପ୍ତିଙନ୍ତଂ ପଦମ୍' ।

ଏଠାରେ 'ପଚ୍' ଧାତୁଟି ପ୍ରଥମେ ପରସ୍ମୈପଦୀ ଓ ପରେ ଆତ୍ମନେପଦୀ ଭାବରେ ପ୍ରୟୋଗ ହୋଇଛି । ତେଣୁ ଏହା ଏକ 'ଉଭୟପଦୀ' ଧାତୁ ଅଟେ ।

ସଂସ୍କୃତଭାଷାରେ ଉପଲବ୍ଧ ସମସ୍ତ ଧାତୁକୁ 'ଦଶ' ଗୋଟି 'ଗଣ'ରେ[୨] ବିଭକ୍ତ କରାଯାଇଛି । ମହର୍ଷି ପାଣିନିଙ୍କ ଧାତୁପାଠରେ ଦଶଗୋଟି ଗଣର ଉଲ୍ଲେଖ ରହିଛି । ଏଗୁଡ଼ିକ ହେଲା :- ଭ୍ୱାଦି, ଅଦାଦି, ଜୁହୋତ୍ୟାଦି, ଦିବାଦି, ସ୍ୱାଦି, ତୁଦାଦି, ରୁଧାଦି, ତନାଦି, କ୍ର୍ୟାଦି ଓ ଚୁରାଦିଗଣ । ପ୍ରତ୍ୟେକ ଗଣର ନାମ, ତା'ର ପ୍ରଥମ ଧାତୁ ସହ 'ଆଦି' ବା ପ୍ରଭୃତିକୁ ନେଇ ନାମିତ । ଯଥା :- 'ଭ୍ୱାଦି' କହିଲେ 'ଭୂ' ଆଦୌ ବା ଆରମ୍ଭରେ ଯାହାର । ଏହିପରି ସ୍ଥା, ପା, ଗମ୍ ଓ ବସ୍ ପ୍ରଭୃତି ଧାତୁକୁ ବୁଝାଇଥାଏ ।

ଭ୍ୱାଦି, ଦିବାଦି, ତୁଦାଦି ଓ ଚୁରାଦି – ଏହି ୪ଟି ଗଣରେ ୧୮୭୬ଟି ଧାତୁ ଥିବାବେଳେ ଅନ୍ୟ ୬ଗୋଟି ଗଣରେ ମାତ୍ର ୨୩୯ଟି ଧାତୁର ଉଲ୍ଲେଖ ଦେଖିବାକୁ ମିଳେ ।

**ଲକାର :**

ସଂସ୍କୃତ ବ୍ୟାକରଣରେ ବିଭିନ୍ନ କାଳ (Tenses) ଓ ଅବସ୍ଥା (Mood) କୁ 'ଲକାର' କୁହାଯାଏ । ସମୁଦାୟ ୧୧ଟି ଲକାର ମଧ୍ୟରୁ ଗୋଟିଏ କେବଳ ବୈଦିକ ସଂସ୍କୃତରେ ଓ ଅନ୍ୟ ୧୦ଟି ଲକାର ବୈଦିକ ଓ ଲୌକିକ ସଂସ୍କୃତରେ ପ୍ରୟୋଗ ହୋଇଥିବାର ଦେଖାଯାଏ । ଏଗୁଡ଼ିକର ପ୍ରଥମ ଅକ୍ଷର 'ଲ' ହୋଇଥିବାରୁ, ଏମାନଙ୍କୁ 'ଲକାର' କୁହାଯାଏ । ଏଗୁଡ଼ିକ ମଧ୍ୟରୁ ବର୍ତ୍ତମାନ ମାତ୍ର ୫ଟି ଲକାରର ପ୍ରୟୋଗ ହେଉଥିବାର ଦେଖାଯାଏ । ସେଥିରୁ ଲଟ୍, ଲଙ୍ ଓ ଲୃଟ୍‌କୁ କାଳ ଲକାର (Tenses) କୁହାଯାଏ ଏବଂ ଲୋଟ୍ ଓ ବିଧିଲିଙ୍ ଲକାର ୨ଟିକୁ ଅର୍ଥ ଲକାର (Moods) ବୋଲି କୁହାଯାଇଥାଏ । ଏହି ଲକାରଗୁଡ଼ିକୁ ନିମ୍ନୋକ୍ତ ଚିହ୍ନଗୁଡ଼ିକ ସାହାଯ୍ୟରେ ସହଜରେ ଜାଣିହୁଏ ।

| ଲକାର | ଅର୍ଥ | ଚିହ୍ନିବାର ସଙ୍କେତ |
|---|---|---|
| ଲଟ୍ | ବର୍ତ୍ତମାନ କାଳ | ଛ, ଛି, ଛୁ, ଛୁଁ, ଛନ୍ତି |
| ଲଙ୍ | ଅତୀତ କାଳ | ଲ, ଲା, ଲି, ଲୁ, ଲେ |
| ଲୃଟ୍ | ଭବିଷ୍ୟତ କାଳ | ବ, ବା, ବି, ବୁ, ବେ |
| ଲୋଟ୍ | ଆଦେଶ / ଅନୁଜ୍ଞା ଅର୍ଥରେ | ଅ, ଉ, ନ୍ତୁ |
| ବିଧିଲିଙ୍ | ଉଚିତ / ସମ୍ଭାବନା ଅର୍ଥରେ | ପାରେ, ପାରୁ, ପାରନ୍ତି, ଉଚିତ |

**ପୁରୁଷ :**

ସଂସ୍କୃତରେ ପୁରୁଷ ତିନୋଟି । ଯଥା :- ଉତ୍ତମପୁରୁଷ, ମଧ୍ୟମପୁରୁଷ ଓ ପ୍ରଥମପୁରୁଷ । ପ୍ରତ୍ୟେକ କ୍ରିୟା ଅନୁଯାୟୀ ବିଭିନ୍ନ ପୁରୁଷ ବ୍ୟବହାର କରାଯାଏ । ଅସ୍ମଦ୍ ଶବ୍ଦ (ଅହମ୍, ଆବାମ୍, ବୟମ୍) କର୍ତ୍ତା ହେଲେ କ୍ରିୟା ଉତ୍ତମପୁରୁଷ, ଯୁଷ୍ମଦ୍ ଶବ୍ଦ (ତ୍ୱମ୍, ଯୁବାମ୍, ଯୂୟମ୍) କର୍ତ୍ତା ହେଲେ କ୍ରିୟା ମଧ୍ୟମପୁରୁଷ ଏବଂ **ଅସ୍ମଦ୍ ଯୁଷ୍ମଦ୍ ଶବ୍ଦ ବ୍ୟତୀତ ଅନ୍ୟ ଯେକୌଣସି ଶବ୍ଦ କର୍ତ୍ତା ହେଲେ କ୍ରିୟା ପ୍ରଥମପୁରୁଷ ଅନ୍ତର୍ଗତ ହୋଇଥାଏ । ଯୁଷ୍ମଦ୍‌ର ସମାନ ଅର୍ଥକୁ ବୁଝାଉଥିବା ଭବତ୍ ଶବ୍ଦ** (ଭବାନ୍, ଭବନ୍ତୌ, ଭବନ୍ତଃ ଏବଂ ଭବତୀ, ଭବତ୍ୟୌ, ଭବତ୍ୟଃ) **ମଧ୍ୟ ପ୍ରଥମପୁରୁଷର କ୍ରିୟାରୂପକୁ ଗ୍ରହଣ କରେ ।**

---

୨. "ଭ୍ୱାଦ୍ୟଦାଦୀ ଜୁହୋତ୍ୟାଦିର୍ଦିବାଦିଃ ସ୍ୱାଦିରେବ ଚ ।
ତୁଦାଦିଶ୍ଚ ରୁଧାଦିଶ୍ଚ ତନ-କ୍ର୍ୟାଦି-ଚୁରାଦୟଃ ।।"

**ମନେରଖ :**

୧ । ଗୋଟିଏ ବାକ୍ୟରେ ମଧ୍ୟମପୁରୁଷ ଓ ଉତ୍ତମପୁରୁଷ କ୍ରିୟାର କର୍ତ୍ତା ମିଶିକରି ଥିଲେ, କ୍ରିୟା ଉତ୍ତମପୁରୁଷର ରୂପ ଗ୍ରହଣ କରେ । ଯଥା :- ତୁମେ ଓ ମୁଁ ପଢ଼ିବା – ତ୍ୱମ୍ ଅହଂ ଚ ପଠିଷ୍ୟାବଃ କିମ୍ବା 'ଆବାମ୍ ପଠିଷ୍ୟାବଃ' । ଏହି ପ୍ରକାରେ ଅନୁବାଦ ହେବ ।

୨ । ସେହିପରି ବାକ୍ୟରେ ଉତ୍ତମପୁରୁଷ ଓ ପ୍ରଥମପୁରୁଷ କ୍ରିୟାର କର୍ତ୍ତା ଥିଲେ, କ୍ରିୟା ଉତ୍ତମପୁରୁଷର ରୂପ ଗ୍ରହଣ କରିବ । ଯଥା :- ଅହଂ ସଃ ଚ ପଠାବଃ କିମ୍ବା ଆବାଂ ପଠାବଃ (ଆମେଦୁହେଁ ପଢୁଛୁ) ।

୩। ବାକ୍ୟରେ ଉତ୍ତମପୁରୁଷ, ମଧ୍ୟମପୁରୁଷ ଓ ପ୍ରଥମପୁରୁଷ କ୍ରିୟାର କର୍ତ୍ତା ମିଳିତ ଭାବରେ ଥିଲେ 'କ୍ରିୟା' ଉତ୍ତମପୁରୁଷର ରୂପ ଗ୍ରହଣ କରେ । ଯଥା :- ଅହଂ ତ୍ୱଂ ସଃ ଚ ପଠାମଃ । ମୁଁ ତୁମେ ଓ ସେ ମିଶି ଆମ୍ଭେମାନେ ଅର୍ଥକୁ ପ୍ରକାଶ କରୁଅଛି । ତେଣୁ ଏଠାରେ 'ବୟମ୍' ଅର୍ଥରେ କ୍ରିୟାପଦ ଉତ୍ତମପୁରୁଷ ବହୁବଚନ ହୁଏ ।

୪ । ଗୋଟିଏ ବାକ୍ୟରେ ମଧ୍ୟମପୁରୁଷ ଓ ପ୍ରଥମପୁରୁଷ କ୍ରିୟାର କର୍ତ୍ତା ରହିଥିଲେ 'କ୍ରିୟା' ମଧ୍ୟମପୁରୁଷର ରୂପ ଗ୍ରହଣ କରେ । ଯଥା :- ଯୁବାଂ ଯଦୁଃ ଚ ପଠଥ (ତୁମେ ଦୁହେଁ ଓ ଯଦୁ ପଢୁଛ) । ଏଠାରେ ତୁମେ ଦୁହେଁ ଓ ଯଦୁ ମିଶି, ତୁମ୍ଭେମାନେ (ଯୂୟମ୍) ଅର୍ଥକୁ ପ୍ରକାଶ କରୁଥିବାରୁ କ୍ରିୟାପଦ ମଧ୍ୟମପୁରୁଷର ରୂପ ଗ୍ରହଣ କରିଛି । ଏହା ଦୁଇଜଣରୁ ଅଧିକକୁ ବୁଝାଉଥିବାରୁ ବହୁବଚନରେ ପ୍ରୟୋଗ ହେଲା ।

**ବଚନ :**

'ବଚନ' ଶବ୍ଦର ଅର୍ଥ ସଂଖ୍ୟା । କର୍ତ୍ତାର ଏକବଚନ, ଦ୍ୱିବଚନ ଓ ବହୁବଚନର ପ୍ରୟୋଗ ଥିବାରୁ କ୍ରିୟାପଦର ମଧ୍ୟ ଏକବଚନ, ଦ୍ୱିବଚନ ଓ ବହୁବଚନରୂପ ହୁଏ । କର୍ତ୍ତା ଜଣେ ବା ଗୋଟିଏକୁ ବୁଝାଇଲେ କ୍ରିୟାର ଏକବଚନ, ଦୁଇଟିକୁ ବୁଝାଉଥିଲେ ଦ୍ୱିବଚନ ଓ ଦୁଇରୁ ଅଧିକକୁ ବୁଝାଉଥିଲେ ବହୁବଚନର ପ୍ରୟୋଗ ହୁଏ । ତେଣୁ ବାକ୍ୟରେ ଯଥାର୍ଥ କ୍ରିୟାପଦଟିଏ ବ୍ୟବହାର କରିବାକୁ ହେଲେ ଧାତୁ, ଲକାର, ପୁରୁଷ ଓ ବଚନଗୁଡ଼ିକୁ ଜାଣିବା ନିହାତି ଦରକାର । ଯଥା :- ତୁମେଦୁହେଁ ପଢୁଛ । ଏଠାରେ 'ପଢୁଛ' କ୍ରିୟାପଦ ପାଇଁ ଆମକୁ ପ୍ରଥମେ ଜାଣିବାକୁ ହେବ ଯେ କର୍ତ୍ତା 'ଯୁବାମ୍' ମଧ୍ୟମପୁରୁଷ ଦ୍ୱିବଚନରେ ଅଛି ଏବଂ ଏହା 'ବର୍ତ୍ତମାନ କାଳ' ଅର୍ଥରେ ଲଟ୍‌ଲକାର ଗ୍ରହଣ କରିବ । ପଢ଼ିବା କ୍ରିୟା ପାଇଁ ସଂସ୍କୃତରେ 'ପଠ୍' ଧାତୁର ପ୍ରୟୋଗ ହୁଏ । ସୁତରାଂ ପଠ୍ ଧାତୁ, ଲଟ୍ ଲକାର, ମଧ୍ୟମପୁରୁଷ ଓ ଦ୍ୱିବଚନରେ 'ପଠଥଃ' ଏଠାରେ ଯଥାର୍ଥ କ୍ରିୟାପଦ ଅଟେ । ତେଣୁ ବାକ୍ୟଟି 'ଯୁବାଂ ପଠଥଃ' ଏହିପରି ହୋଇଥାଏ ।

**ସେହିପରି :**

**'ପଠ୍' ଧାତୁ, ଲଟ୍‌ଲକାର**

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମପୁରୁଷ | ବାଳକଃ ପଠତି | ବାଳକୌ ପଠତଃ | ବାଳକାଃ ପଠନ୍ତି |
| ମଧ୍ୟମପୁରୁଷ | ତ୍ୱଂ ପଠସି | ଯୁବାଂ ପଠଥଃ | ଯୂୟଂ ପଠଥ |
| ଉତ୍ତମପୁରୁଷ | ଅହଂ ପଠାମି | ଆବାଂ ପଠାବଃ | ବୟଂ ପଠାମଃ |

# *ଲଟ୍‌ଲକାର (ବର୍ତ୍ତମାନକାଳ)

ବର୍ତ୍ତମାନ ଭିନ୍ନ ଭିନ୍ନ 'ଧାତୁ'ମାନଙ୍କର ଲଟ୍‌ଲକାରରେ ପ୍ରୟୋଗ ଦେଖିବା ।

(କ) କୌଣସି କାର୍ଯ୍ୟର ଆରମ୍ଭ ହୋଇ ପରିସମାପ୍ତି ହୋଇନଥିଲେ, ସେହି 'କାଳ'କୁ 'ବର୍ତ୍ତମାନକାଳ' କୁହାଯାଏ । ପୁନଶ୍ଚ ଯେଉଁ କାର୍ଯ୍ୟ ଅଭ୍ୟାସଗତ ଭାବରେ କରାଯାଏ ବା ହୋଇଥାଏ କିମ୍ବା ଐତିହାସିକ ଘଟଣାକୁ ବୁଝାଇଥାଏ, ସେଠାରେ ମଧ୍ୟ ବର୍ତ୍ତମାନ କାଳ ଅର୍ଥରେ ଲଟ୍ ଲକାରର ପ୍ରୟୋଗ ଦେଖାଯାଏ । ରେଖାଙ୍କିତ କ୍ରିୟାପଦଗୁଡ଼ିକୁ ଲକ୍ଷ୍ୟ କର ।

(କ) ପ୍ରମୋଦଃ <u>ପଠତି</u> ।
(ଖ) ସୀତା <u>ନୃତ୍ୟତି</u> ।
(ଗ) କୃଷକଃ <u>ଗଚ୍ଛତି</u> ।
(ଘ) ବ୍ରାହ୍ମଣଃ <u>ପୂଜୟତି</u> ।
(ଙ) ପବନଃ <u>ବହତି</u> ।
(ଚ) କୋକିଳଃ <u>କୂଜତି</u> ।
(ଛ) ଶିଶୁଃ <u>ହସତି</u> ।
(ଜ) ଅହଂ <u>ଖାଦାମି</u> ।
(ଝ) ତ୍ୱଂ <u>ଲିଖସି</u> ।
(ଞ) ଯୁବାଂ <u>କ୍ରନ୍ଦଥଃ</u> ।
(ଟ) ଆବାଂ <u>ତିଷ୍ଠାବଃ</u> ।
(ଠ) ଯୂୟଂ <u>ଭବଥ</u> ।

ଏଠାରେ ପଠତି, ନୃତ୍ୟତି, ଗଚ୍ଛତି, ପୂଜୟତି, ବହତି, କୂଜତି, ହସତି, ଖାଦାମି, ଲିଖସି, କ୍ରନ୍ଦଥଃ, ତିଷ୍ଠାବଃ ଏବଂ ଭବଥ ପ୍ରଭୃତି ଲଟ୍‌ଲକାରର କ୍ରିୟାପଦ ଅଟନ୍ତି ।

(ଖ) ବର୍ତ୍ତମାନର ନିକଟ ଭବିଷ୍ୟତ କାଳ କିମ୍ବା ଅତୀତ କାଳକୁ ବୁଝାଇବା ପାଇଁ ମଧ୍ୟ ଲଟ୍‌ଲକାରର ପ୍ରୟୋଗ ହୁଏ । ଯଥା :-

(କ) ତ୍ୱଂ କଦା ଗମିଷ୍ୟସି ? - ଏଷ ଗଚ୍ଛାମି ।
(ଖ) କିଂ ପାଠଂ ପଠିଷ୍ୟସି ? - ଏଷ ପଠାମି ।
(ଗ) କଦା ଆଗତୋଽସି ? - ଏଷ ଆଗଚ୍ଛାମି ।
(ଘ) କଦା ଆନୀତାନି ଏତାନି ଫଳାନି ? - ଏଷ ଆନୟାମି ।
(ଙ) କୁତ୍ର ଗତଃ ଛାତ୍ରଃ ? - ଏଷୋଽସ୍ମି ।

(ଗ) 'ଯାବତ୍' ଅବ୍ୟୟର ପ୍ରୟୋଗରେ ମଧ୍ୟ ବେଳେବେଳେ କ୍ରିୟା ଲଟ୍‌ଲକାରରେ ହୋଇଥାଏ । ଯଥା :-

(କ) ଯାବଦହମାଗଚ୍ଛାମି ତାବତ୍ ଅତ୍ର ତିଷ୍ଠ ।
(ଖ) ପ୍ରଭୋ ! ଗୃହାଣ ଏତତ୍ ଯାବଦାଗଚ୍ଛାମି ।

(ଘ) 'ଯଦି ଏପରି ହୁଏ' - ଇତ୍ୟାଦି ଉପବାକ୍ୟ ପ୍ରୟୋଗ ସ୍ଥଳରେ ମଧ୍ୟ ଲଟ୍ ଲକାରର ବ୍ୟବହାର ଦେଖାଯାଏ । ଯଥା :-

(କ) ମିଷ୍ଟାନ୍ନଂ ଯଚ୍ଛସି ଚେତ୍, ଶୁଭସମାଚାରଂ ବକ୍ଷ୍ୟାମି ।
(ଖ) ଯଦି ବୃଷ୍ଟିଃ ଭବତି, କୃଷକାଃ ବୀଜାନି ବପସ୍ୟନ୍ତି ।
(ଗ) ଯଦି ଶଯ୍ୟାୟାଂ ପଠସି, ଶୀଘ୍ରଂ ସ୍ୱପ୍‌ସ୍ୟସି ।

---

* 'ବର୍ତ୍ତମାନେ ଲଟ୍'

## ଅଭ୍ୟାସଃ

**୧। ସ୍ତମ୍ଭମେଳନଂ କୁରୁତ ।**

| 'କ' | 'ଖ' |
|---|---|
| ଶିଶବଃ | ପଠତଃ । |
| ତ୍ୱଂ | କୂଜତି । |
| ଯୁବାଂ | ଧାବତି । |
| ସୀତା ଗୀତା ଚ | ବଦଥଃ । |
| କୋକିଳଃ | ହସସି । |
| ହରିଣଃ | ଖାଦନ୍ତି । |

**୨। ବନ୍ଧନୀ ମଧ୍ୟାତ୍ ଧାତୂନାଂ ଯଥାର୍ଥ-ରୂପାଣି ଲିଖିତ୍ୱା ଶୂନ୍ୟସ୍ଥାନଂ ପୂରୟତ ।**

ଯଥା :- ମମ ମାତା ପ୍ରାତଃ ପଞ୍ଚବାଦନେ <u>ଉତ୍ତିଷ୍ଠତି</u> ।

(କ) ସା ତସ୍ୟାଃ ନିତ୍ୟକର୍ମାଣି ____________ ।

(ଖ) ସା ଦେବାଳୟେ ଦେବାନ୍ ____________ ।

(ଗ) ତଦନନ୍ତରଂ ସା ଭୋଜନଂ ____________ ।

(ଘ) ସା ବିଦ୍ୟାଳୟେ ଛାତ୍ରାନ୍ ____________ ।

(ଙ) ସା ଛାତ୍ରାଣାଂ ପ୍ରଶ୍ନାନ୍ ____________ ।

(ଚ) ସା ଆପଣାତ୍ ଫଳାନି ____________ ।

(ଛ) ରାତ୍ରୌ ସା ଔଷଧଂ ____________ ।

(ଜ) ଶୟନକାଳେ ସା ମମ ପିତାମହଂ ____________ ।

(କରୋତି, ପୂଜୟତି, ପାଠୟତି, ଆନୟତି, ଶୃଣୋତି, ଖାଦତି, ସେବତେ, ପଚତି)

**୩। ବନ୍ଧନୀ ମଧ୍ୟସ୍ଥସ୍ୟ ଧାତୋଃ ଲଟ୍‌ଲକାରେ ପ୍ରୟୋଗଂ କୁରୁତ ।**

ପିତା : ପୁତ୍ର ! କିମ୍ ଆଗତୋଽସି ?

ପୁତ୍ରଃ : ଆମ୍, ଏଷ ____________ । (ଆ + ଗମ୍)

ପିତା : ତାବତ୍ ଅତ୍ର ଏବ ତିଷ୍ଠ, ଯାବତ୍ ଅହଂ ସଜ୍ଜଃ ____________ । (ଭୂ)

ପୁତ୍ରଃ : ପିତଃ ! କୁତ୍ର ଗମିଷ୍ୟାବଃ ?

ପିତା : କିଂ ତ୍ୱଂ ____________ (ବି + ସ୍ମୃ) ? ନୂନଂ 'ଗୋଟିପୁଅନୃତ୍ୟଂ' ଦ୍ରଷ୍ଟୁମେବ ।

ପୁତ୍ରଃ : ଅସ୍ମିନ୍ ନୃତ୍ୟେ କତିପୟାଃ ନର୍ତ୍ତକାଃ ____________ । (ନୃତ୍)

ପିତା : ଦ୍ୱୌ ବାଳକୌ ଏବ, କିଂ ତ୍ୱଂ ନ ____________ ? (ଜ୍ଞା)

ପୁତ୍ରଃ : ନୃତ୍ୟେନ ସହ ତୌ ଗୀତଂ ____________ କିମ୍ ? (ଗୈ)

ପିତା : ଆମ୍, ଏକଃ ଗୀତଂ ଗାୟତି, ଅପରଃ ତମ୍ ____________ (ଅନୁ + କୃ) ।

ପୁତ୍ରଃ : ଇୟଂ ନୃତ୍ୟପରମ୍ପରା ସଂପ୍ରତି କୁତ୍ର ____________ ? (ଅସ୍)

ପିତା : ପୁରୀଂ ନିକଷା ରଘୁରାଜପୁର ଇତି ଗ୍ରାମେ ଇୟଂ ନୃତ୍ୟପରମ୍ପରା ଅଦ୍ୟାପି ________ । (ପ୍ର + ଚଲ୍)

(ଆଗଚ୍ଛାମି, ଭବାମି, ବିସ୍ମରସି, ନୃତ୍ୟନ୍ତି, ଜାନାସି, ଗାୟତଃ, ଅନୁକରୋତି, ଅସ୍ତି, ପ୍ରଚଳତି)

## *ଲଙ୍‌ଲକାର (ଅତୀତକାଳ)

(କ) ଯେଉଁ କାର୍ଯ୍ୟ ଥରେ ଆରମ୍ଭ ହୋଇ ସମାପ୍ତ ହୋଇସାରିଥାଏ ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ତା'ର କୌଣସି ପ୍ରଭାବ ନଥାଏ, ସେହି କ୍ରିୟାକୁ ଅତୀତ କାଳରେ ପ୍ରୟୋଗ କରାଯାଏ । ଅତୀତ ବା ଭୂତ କାଳରେ 'ଲଙ୍‌ଲକାର' ହୁଏ । ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କର :

(କ) ପ୍ରମୋଦଃ <u>ଅପଠତ୍</u> । (ଖ) ସୀତା <u>ଅନୃତ୍ୟତ୍</u> ।

(ଗ) କୃଷକଃ <u>ଅଗଚ୍ଛତ୍</u> । (ଘ) ବ୍ରାହ୍ମଣଃ <u>ଅପୂଜୟତ୍</u> ।

(ଙ) ପବନଃ <u>ଅବହତ୍</u> । (ଚ) କୋକିଳଃ <u>ଅକୂଜତ୍</u> ।

(ଛ) ଶିଶୁଃ <u>ଅହସତ୍</u> । (ଜ) ଅହମ୍ ଅଖାଦମ୍ ।

(ଝ) ତ୍ୱମ୍ <u>ଅଲିଖଃ</u> । (ଞ) ଯୁବାମ୍ <u>ଅକ୍ରନ୍ଦତମ୍</u> ।

(ଟ) ଆବାମ୍ <u>ଅତିଷ୍ଠାବ</u> । (ଠ) ଯୂୟମ୍ <u>ଅଭବତ</u> ।

ଏଠାରେ ପ୍ରମୋଦର ପଠନ, ସୀତାର ନୃତ୍ୟ, କୃଷକର ଗମନ ପ୍ରଭୃତି କାର୍ଯ୍ୟର ସମାପ୍ତି ହୋଇଥିବା ସୂଚିତ ହୋଇଥିବାରୁ କ୍ରିୟାଗୁଡ଼ିକ ଲଙ୍‌ଲକାରରେ ପ୍ରୟୋଗ ହୋଇଛନ୍ତି ।

(ଖ) ଲଙ୍‌ଲକାରର କ୍ରିୟାପଦ ନିର୍ମାଣ କଲାବେଳେ 'ଧାତୁ' ପୂର୍ବରେ ପ୍ରାୟତଃ 'ଅ' ବର୍ଣ୍ଣ ଯୋଗ କରାଯାଇଥାଏ ।[୧] ବର୍ତ୍ତମାନ କାଳରେ (ଲଟ୍‌ଲକାରେ) ଗଚ୍ଛତି ଓ ଅତୀତ କାଳରେ (ଲଙ୍‌ଲକାରେ) ଅଗଚ୍ଛତ୍ ।

| | |
|---|---|
| ପଠାମି | ଅପଠମ୍ । |
| ସ୍ମରସି | ଅସ୍ମରଃ । |
| ପିବନ୍ତି | ଅପିବନ୍ । |
| ସେବତେ | ଅସେବତ । |
| ଯାଚତେ | ଅଯାଚତ । |
| ଲଭତେ | ଅଲଭତ । |

(ଗ) ଧାତୁଟି ଉପସର୍ଗଯୁକ୍ତ ହେଲେ, ପ୍ରଥମେ ମୂଳଧାତୁର ରୂପ କରି ତା' ପୂର୍ବରେ 'ଉପସର୍ଗ' ଲଗାଯାଏ । ଯଥା :-

ପ୍ର + ବିଶ୍ = ପ୍ର + ଅବିଶତ୍ = ପ୍ରାବିଶତ୍ ।

ଅନୁ + ଧାବ୍ = ଅନୁ + ଅଧାବତ୍ = ଅନ୍ୱଧାବତ୍ ।

ପ୍ର + ନମ୍ = ପ୍ର + ଅନମତ୍ = ପ୍ରାଣମତ୍ ଇତ୍ୟାଦି ।

(କ) ଶିକ୍ଷକଃ ବିଦ୍ୟାଳୟେ ପ୍ରାବିଶତ୍ ।

(ଖ) ଶିଷ୍ୟାଃ ଶିକ୍ଷକମ୍ ଅନ୍ୱଧାବନ୍ ।

(ଗ) ଶିକ୍ଷକଂ ତେ ପ୍ରାଣମନ୍ ।

---

* 'ଅନଦ୍ୟତନେ ଲଙ୍' । ଯାହା ଅଦ୍ୟତନ ନୁହେଁ ।

୧ । "ଦିବା ବା ବଟ୍' ଇତି ସୂତ୍ରେଣ ।

(ଘ) ବର୍ତ୍ତମାନ କାଳର କ୍ରିୟାପଦରେ 'ସ୍ମ' ଯୋଗକଲେ, ଏହା ଅତୀତକାଳକୁ ବୁଝାଏ । ଯଥା :-

(କ) ଗଣ୍ଡକୀତୀରେ ହିରଣ୍ୟକଃ ପ୍ରତିବସତି ସ୍ମ / ପ୍ରତ୍ୟବସତ୍ ।

(ଖ) ଶିଷ୍ୟଃ ଆଶ୍ରମେ ପଠତି ସ୍ମ / ଅପଠତ୍ ।

(ଗ) ଗ୍ରାମେ କୃଷକାଃ ତିଷ୍ଠନ୍ତି ସ୍ମ / ଅତିଷ୍ଠନ୍ ।

କିନ୍ତୁ ଏପରି 'ସ୍ମ' ଦ୍ୱାରା ଅତୀତକାଳ କରିବା ପ୍ରାୟତଃ ଦୂର ଅତୀତକୁ ବୁଝାଇଥାଏ । ସର୍ବଦା ଏହାର ପ୍ରୟୋଗ ଗ୍ରହଣୀୟ ନୁହେଁ ।

## ଅଭ୍ୟାସଃ

**୧। ଅଧସ୍ତନବାକ୍ୟେଷୁ ବର୍ତ୍ତମାନକାଳତଃ ଅତୀତକାଳେ କ୍ରିୟାପଦାନାଂ ପରିବର୍ତ୍ତନଂ କୁରୁତ ।**

**ଯଥା :- ସଃ କଟକେ ପଠତି/ ଅପଠତ୍ ।**

(କ) ଅହଂ ତ୍ୱାଂ ପଶ୍ୟାମି / ______________ ।

(ଖ) ତ୍ୱଂ କୁତ୍ର ଗଚ୍ଛସି / ______________ ।

(ଗ) ରାବଣଃ ସୀତାମ୍ ଅପହରତି / ______________ ।

(ଘ) ଯୂୟଂ କାର୍ଯ୍ୟଂ କୁରୁଥ / ______________ ।

(ଙ) ପିତରୌ ପୁତ୍ରସ୍ୟ ଅଙ୍ଗାନି ସ୍ପୃଶତଃ / ______________ ।

(ଅଗଚ୍ଛଃ, ଅପଶ୍ୟମ୍, ଅକୁରୁତ, ଅସ୍ପୃଶତାମ୍, ଅପାହରତ୍)

**୨। ଅଧସ୍ତନ ବାକ୍ୟେଷୁ କ୍ରିୟାପଦାନାମ୍ ଅତୀତକାଳତଃ ବର୍ତ୍ତମାନକାଳେ ପରିବର୍ତ୍ତନଂ କୁରୁତ ।**

**ଯଥା :-** ଛାତ୍ରାଃ ସ୍ୱସ୍ୱକାର୍ଯ୍ୟମ୍ ଅକୁର୍ବନ୍ / କୁର୍ବନ୍ତି ।

(କ) ଶିଷ୍ୟଃ ପ୍ରଶ୍ନାନ୍ ଅପୃଚ୍ଛତ୍ / ______________ ।

(ଖ) ବାଲ୍ମୀକିଃ ରାମାୟଣମ୍ ଅରଚୟତ୍ / ______________ ।

(ଗ) ଯୁବାଂ ଭୟେନ ଅବଦତମ୍ / ______________ ।

(ଘ) ବୟଂ ରାମାୟଣମ୍ ଅପଠାମ / ______________ ।

(ଙ) ଆବାଂ ପାଠମ୍ ଅସ୍ମରାବ / ______________ ।

# ଲୃଟ୍‌ଲକାର (ଭବିଷ୍ୟତ୍ କାଳ)

ଯେଉଁ କାର୍ଯ୍ୟ (କ୍ରିୟା) ଆଗାମୀ ସମୟରେ ହେବ, ତାହା ଭବିଷ୍ୟତ୍‌କାଳ ଅଟେ । ଏହି ଭବିଷ୍ୟତ୍ କାଳ ଅର୍ଥରେ 'ଲୃଟ୍‌ଲକାର' ହୋଇଥାଏ । ଯଥା :-

(କ) ପ୍ରମୋଦଃ ପଠିଷ୍ୟତି ।

(ଖ) ସୀତା ନର୍ତ୍ତିଷ୍ୟତି

(ଗ) କୃଷକଃ ଗମିଷ୍ୟତି ।

(ଘ) ବ୍ରାହ୍ମଣଃ ପୂଜୟିଷ୍ୟତି ।

(ଙ) ପବନଃ ବକ୍ଷ୍ୟତି ।

(ଚ) କୋକିଳଃ କୂଜିଷ୍ୟତି ।

(ଛ) ଶିଶୁଃ ହସିଷ୍ୟତି ।

(ଜ) ଅହଂ ଖାଦିଷ୍ୟାମି ।

(ଝ) ତ୍ୱଂ ଲେଖିଷ୍ୟସି ।

(ଞ) ଆବାଂ ସ୍ଥାସ୍ୟାବଃ ।

(ଟ) ଯୁବାଂ ଦ୍ରକ୍ଷ୍ୟଥଃ ।

(ଠ) ଯୂୟଂ ଭବିଷ୍ୟଥ ।

ଏଠାରେ ପ୍ରମୋଦର ପଠନ, ସୀତାର ନୃତ୍ୟ, କୃଷକର ଗମନ ପ୍ରଭୃତି କ୍ରିୟା ଭବିଷ୍ୟତରେ ହେବ, ଏହି ଅର୍ଥ ପ୍ରକାଶିତ କରୁଥିବାରୁ ପଠ୍, ଗମ୍ ଓ ନୃତ୍ ପ୍ରଭୃତି କ୍ରିୟାର ଲୃଟ୍‌ଲକାରରେ ପ୍ରୟୋଗ ହୋଇଛି ।

ଧାତୁମାନଙ୍କ ମଧ୍ୟରୁ କେତେକ 'ସେଟ୍' ଓ କେତେକ ଧାତୁ 'ଅନିଟ୍' ଅଟନ୍ତି । ଯେଉଁ ଧାତୁ ଓ ପ୍ରତ୍ୟୟ ମଧ୍ୟରେ ଇଟ୍ (ଇ) ଆଗମ ହୁଏ, ସେମାନଙ୍କୁ ସେଟ୍ ଧାତୁ କହନ୍ତି । ଯଥା :- ଭୂ + ଇଟ୍ + ତିପ୍ = ଭବିଷ୍ୟତି । ସେହିପରି ଗମିଷ୍ୟତି, ପଠିଷ୍ୟତି, ବଦିଷ୍ୟତି ଇତ୍ୟାଦି । ଯେଉଁ ଧାତୁ ଓ ପ୍ରତ୍ୟୟ ମଧ୍ୟରେ ଇଟ୍ (ଇ) ଆଗମ ହୁଏ ନାହିଁ, ସେମାନଙ୍କୁ 'ଅନିଟ୍' ଧାତୁ କହନ୍ତି । ଯଥା :- ପା + ତିପ୍ = ପାସ୍ୟତି, ଦାସ୍ୟତି, କୃଷ୍ୟତି ଇତ୍ୟାଦି ।

(i) ଲଟ୍ ଲକାର (ବର୍ତ୍ତମାନକାଳ) ପାଇଁ ଧାତୁରେ ଯେଉଁ ପ୍ରତ୍ୟୟ ଲାଗେ, ଲୃଟ୍ ଲକାର (ଭବିଷ୍ୟତକାଳ) ପାଇଁ ସେହିସବୁ (ତିପ୍, ତସ୍, ଝି) ପ୍ରତ୍ୟୟ ଲାଗିଥାଏ ।

(ii) 'ସେଟ୍' ଧାତୁମାନଙ୍କର ଧାତୁ ଓ ପ୍ରତ୍ୟୟ ମଧ୍ୟରେ 'ଇଷ୍ୟ' ଆସିଥାଏ । ଯଥା :-
ଗମ୍ + ଇଷ୍ୟ + ତିପ୍ = ଗମିଷ୍ୟତି
ଭୂ + ଇଷ୍ୟ + ତିପ୍ = ଭବିଷ୍ୟତି ଇତ୍ୟାଦି ।

(iii) କିନ୍ତୁ 'ଅନିଟ୍' ଧାତୁମାନଙ୍କର ଧାତୁ ଓ ପ୍ରତ୍ୟୟ ମଧ୍ୟରେ କେବଳ 'ସ୍ୟ' ଲାଗିଥାଏ ।
ଯଥା :- ପା + ସ୍ୟ + ତିପ୍ = ପାସ୍ୟତି
ଦା + ସ୍ୟ + ସିପ୍ = ଦାସ୍ୟସି ଇତ୍ୟାଦି ।

## ଅଭ୍ୟାସଃ

**୧ । ସମ୍ଭାଷଣଂ ପଠତ । ତତ୍ର ରେଖାଙ୍କିତାନାଂ କ୍ରିୟାପଦାନାମ୍ ଉଦାହରଣରୀତ୍ୟା ବର୍ଗୀକରଣଂ କୁରୁତ ।**

ପୁତ୍ରଃ : ପିତଃ ! ଗ୍ରୀଷ୍ମେ ଭ୍ରମିତୁଂ କୁତ୍ର <u>ଗମିଷ୍ୟାବଃ</u> ?

ପିତା : ଅହଂ ତ୍ୱାମ୍ ଉତ୍କଳପ୍ରଦେଶଂ <u>ନେଷ୍ୟାମି</u> । ତତ୍ର ଭଗବତଃ ଜଗନ୍ନାଥସ୍ୟ ମନ୍ଦିରଂ <u>ଦ୍ରକ୍ଷ୍ୟାବଃ</u> ।

ପୁତ୍ରଃ : କଦା ?

ପିତା : ରବିବାସରେ ଗମିଷ୍ୟାମଃ । ତବ ମାତାଽପି ଯାସ୍ୟତି ।

ପୁତ୍ରଃ : ଉତ୍କଳପ୍ରଦେଶେ ବୟଂ କୁତ୍ର ସ୍ଥାସ୍ୟାମଃ, କିଂ ଦ୍ରକ୍ଷ୍ୟାମଶ୍ଚ ।

ପିତା : ତତ୍ର ରାଜଧାନ୍ୟାଂ ଭୁବନେଶ୍ୱରେ ସ୍ଥିତାଃ ବୟଂ କୋଣାର୍କମନ୍ଦିରଂ, ନନ୍ଦନକାନନସ୍ୟ ଜୀବୋଦ୍ୟାନଂ, କଟକସ୍ୟ ବାରବାଟୀ-ଦୁର୍ଗଂ ଚ ଗମିଷ୍ୟାମଃ ।

ପୁତ୍ରଃ : ପ୍ରଭୁଃ ଜଗନ୍ନାଥଃ ଉତ୍କଳସ୍ୟ କୁଳଦେବଃ । ତତ୍ର ଶ୍ରୀମତଃ ଶଙ୍କରାଚାର୍ଯ୍ୟସ୍ୟ ଗୋବର୍ଦ୍ଧନମଠସ୍ୟ ଦର୍ଶନଂ ଭବିଷ୍ୟତି । ଜଗନ୍ନାଥଦର୍ଶନାନନ୍ତରଂ ମହୋଦଧୌ ଯଦି ସ୍ନାନଂ କରିଷ୍ୟସି, ତର୍ହି ଜୀବନସ୍ୟ ଅଖଣ୍ଡଫଳଂ ପ୍ରାପ୍ସ୍ୟସି ।

| | କ୍ରିୟାପଦମ୍ | ଧାତୁଃ | ଲକାରଃ | ପୁରୁଷଃ | ବଚନମ୍ |
|---|---|---|---|---|---|
| ଯଥା :- | ଗମିଷ୍ୟାବଃ | ଗମ୍ | ଲୃଟ୍ | ଉତ୍ତମ | ଦ୍ୱିବଚନମ୍ |
| | ନେଷ୍ୟାମି | ନୀ | ______ | ______ | ______ |
| | ଦ୍ରକ୍ଷ୍ୟାବଃ | ଦୃଶ୍ | ______ | ______ | ______ |
| | ଯାସ୍ୟତି | ଯା | ______ | ______ | ______ |
| | ସ୍ଥାସ୍ୟାମଃ | ସ୍ଥା | ______ | ______ | ______ |
| | ପ୍ରକ୍ଷ୍ୟାମଃ | ପ୍ରଚ୍ଛ୍ | ______ | ______ | ______ |
| | ଗମିଷ୍ୟାମଃ | ଗମ୍ | ______ | ______ | ______ |
| | ଭବିଷ୍ୟତି | ଭୂ | ______ | ______ | ______ |
| | କରିଷ୍ୟସି | କୃ | ______ | ______ | ______ |
| | ପ୍ରାପ୍ସ୍ୟସି | ପ୍ର + ଆପ୍ | ______ | ______ | ______ |

**୨। ନିମ୍ନଲିଖିତେଷୁ ପଦ୍ୟେଷୁ ଲଟ୍‌ଲକାରକ୍ରିୟାପଦାନି ଲୃଟ୍‌ଲକାରକ୍ରିୟାପଦାନି ଚ ନିରୂପୟତ ।**

(କ) ଅନ୍ନେନ ସଦୃଶଂ ଦାନଂ ନ ଭୂତଂ ନ ଭବିଷ୍ୟତି ।
ତସ୍ମାଦନ୍ନଂ ବିଶେଷେଣ ଦାତୁମିଚ୍ଛନ୍ତି ମାନବାଃ ।।

(ଖ) କ୍ଷମାଶସ୍ତ୍ରଂ କରେ ଯସ୍ୟ ଦୁର୍ଜ୍ଜନଃ କିଂ କରିଷ୍ୟତି ।
ଅତୃଣେ ପତିତୋ ବହ୍ନିଃ ସ୍ୱୟମେବୋପଶାମ୍ୟତି ।।

(ଗ) ନ କଶ୍ଚିଦପି ଜାନାତି କିଂ କସ୍ୟ ଶ୍ୱୋ ଭବିଷ୍ୟତି ।
ଅତଃ ଶ୍ୱଃ କରଣୀୟାନି କରୋତ୍ୟଦ୍ୟୈବ ବୁଦ୍ଧିମାନ୍ ।।

(ଘ) କ୍ରୋଧାତ୍ ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।
ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।।

# ଲୋଟ୍‌ଲକାର (ଆଦେଶ / ଅନୁଜ୍ଞା ଅର୍ଥରେ)

ଲୋଟ୍‌ଲକାର କୌଣସି କାଳକୁ ବୁଝାଏ ନାହିଁ । ଏହା ଆଦେଶ, ଅନୁଜ୍ଞା, ଉପଦେଶ, ନିମନ୍ତ୍ରଣ, ପ୍ରାର୍ଥନା ଓ ଆଶୀର୍ବାଦ ଅର୍ଥରେ (Mood) ପ୍ରୟୋଗ ହୋଇଥାଏ । ଯଥା :-

(୧) ଆଦେଶ ଅର୍ଥରେ : ତ୍ୱଂ ଶୀଘ୍ରମ୍ ଆଗଚ୍ଛ ।

(୨) ଅନୁଜ୍ଞା ଅର୍ଥରେ : ଭବାନ୍ ମାଂ ରକ୍ଷତୁ ।

(୩) ଉପଦେଶ ଅର୍ଥରେ : ସତ୍ୟଂ ବଦ, ଧର୍ମଂ ଚର ।

(୪) ନିମନ୍ତ୍ରଣ ଅର୍ଥରେ : ମମ ଗୃହେ ଭୋଜନଂ କରୋତୁ ।

(୫) ପ୍ରାର୍ଥନା ଅର୍ଥରେ : ମାତଃ ! ଭିକ୍ଷାଂ ଦେହି ।

(୬) ଆଶୀର୍ବାଦ ଅର୍ଥରେ : ଆୟୁଷ୍ମାନ୍ ଭବ ।

**(କ) ନିମ୍ନଲିଖିତେଷୁ ଶ୍ଳୋକେଷୁ ଲୋଟ୍‌ଲକାରେ ପ୍ରଯୁକ୍ତାନି ରେଖାଙ୍କିତାନି କ୍ରିୟାପଦାନି ପଠତ ।**

ତୃଷ୍ଣାଂ <u>ଛିନ୍ଧି</u> <u>ଭଜ</u> କ୍ଷମାଂ <u>ଜହି</u> ମଦଂ ପାପେ ରତିଂ ମା <u>କୃଥାଃ</u>
ସତ୍ୟଂ <u>ବ୍ରୂହ୍ୟନୁଯାହି</u> ସାଧୁପଦବୀଂ <u>ସେବସ୍ୱ</u> ବିଦ୍ୱଜ୍ଜନମ୍ ।
ମାନ୍ୟାନ୍ <u>ମାନୟ</u> ବିଦ୍ୱିଷୋଽପ୍ୟନୁ<u>ନୟ</u> <u>ପ୍ରଖ୍ୟାପୟ</u> ସ୍ୱାନ୍ ଗୁଣାନ୍
କୀର୍ତ୍ତିଂ <u>ପାଳୟ</u> ଦୁଃଖିତେ <u>କୁରୁ</u> ଦୟାମେତତ୍ ସତାଂ ଚେଷ୍ଟିତମ୍ ।।

**(ଖ)** ସର୍ବେ <u>ଭବନ୍ତୁ</u> ସୁଖିନଃ ସର୍ବେ <u>ସନ୍ତୁ</u> ନିରାମୟାଃ ।
ସର୍ବେ ଭଦ୍ରାଣି <u>ପଶ୍ୟନ୍ତୁ</u> ମା ନରାଃ <u>ସନ୍ତୁ</u> ଦୁଃଖିତାଃ ।।

## ଅଭ୍ୟାସଃ

**ବନ୍ଧନୀମଧ୍ୟାତ୍ ଯଥାର୍ଥକ୍ରିୟାପଦଂ ବ୍ୟବହୃତ୍ୟ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା :- <u>ଭଜ</u> ସାଧୁ-ସମାଗମମ୍ ।

(କ) ଭବାନ୍ ____________ ଗୃହମ୍ ।

(ଖ) ତ୍ୱଂ ପଶ୍ୟ, ଅହଂ ____________ ।

(ଗ) ତବ ମଙ୍ଗଳଂ ____________ ।

(ଘ) ପ୍ରାତଃ ଶୀତଳଂ ଜଳଂ ____________ ।

(ଙ) ହେ ତାତ ! ମାଂ ____________ ।

(ଚ) ନରାଃ ଦୁଃଖିତାଃ ମା ____________ ।

(ପିବ, ପଶ୍ୟାନି, ରକ୍ଷ, ସନ୍ତୁ, ଗଚ୍ଛତୁ, ଭବତୁ)

# ବିଧିଲିଙ୍ଲକାର (ଉଚିତ / ସମ୍ଭାବନା ଅର୍ଥରେ)

(କ) ଲୋଟ୍ଲକାର ପରି ବିଧିଲିଙ୍ଲକାର କୌଣସି କାଳକୁ ବୁଝାଇନଥାଏ । କେବଳ ବିଧି (ଔଚିତ୍ୟ) ଓ ସମ୍ଭାବନା ଅର୍ଥରେ (Mood) ଏହାର ପ୍ରୟୋଗ ହୁଏ ।[୧]

(୧) ବିଧି (ଉଚିତ) ଅର୍ଥରେ ଯଥା :- ସତ୍ୟଂ ବଦେତ୍, ଧର୍ମଂ ଚରେତ୍ ।

(୨) ସମ୍ଭାବନା ଅର୍ଥରେ ଯଥା :- ଶ୍ୱେତଃ ଅଶ୍ୱଃ ଦ୍ରୁତଂ ଧାବେତ୍ । ଅଦ୍ୟ ବୃଷ୍ଟିଃ ଭବେତ୍ ଇତ୍ୟାଦି ।

(ଖ) ଇଚ୍ଛା ଅର୍ଥରେ ମଧ୍ୟ ବିଧିଲିଙ୍ଲକାର ପ୍ରୟୋଗ ହେବାର ଦେଖାଯାଏ । ଯଥା :-

(୧) ଭବାନ୍ ଶୀଘ୍ରଂ ନୀରୋଗୋ ଭବେତ୍ ।

(୨) ବୟଂ ପ୍ରାତଃ ଈଶ୍ୱରଂ ସ୍ମରେମ ।

## ଅଭ୍ୟାସଃ

**୧। ବନ୍ଧନୀମଧ୍ୟାତ୍ ଯଥାର୍ଥ - କ୍ରିୟାପଦାନି ନିରୂପ୍ୟ ଶୂନ୍ୟସ୍ଥାନାନି ପୂରୟତ ।**

ଯଥା :- ଆକାଶଃ ମେଘାଚ୍ଛନ୍ନଃ, ଅଦ୍ୟ ବୃଷ୍ଟିଃ ଭବେତ୍ ।

(କ) ମାର୍ଗଃ କର୍ଦ୍ଦମାକ୍ତଃ, ବାଳକାଃ ____________ ।

(ଖ) ସଂପ୍ରତି ତ୍ୱଂ ତବ ମତଂ ____________ ।

(ଗ) ସ ଅତୀବ ବୃଦ୍ଧଃ, ଅତଃ ପ୍ରାଣାନ୍ ____________ ।

(ଘ) ପରୀକ୍ଷାମୁତ୍ତୀର୍ଯ୍ୟ ତେ ସମ୍ଭବତଃ ବ୍ୟାପାରମେବ ____________ ।

(ଙ) ଅଦ୍ୟ ଅବକାଶଦିବସଃ, ବୟଂ ମନ୍ଦିରଂ ____________ ।

(ବଦେଃ, କୁର୍ଯ୍ୟୁଃ, ଗଚ୍ଛେମ, ପତେୟୁଃ, ତ୍ୟଜେତ୍)

**୨। ଶୂନ୍ୟସ୍ଥାନେଷୁ ଧାତୁ-ଲକାରାଣାମ୍ ଉଲ୍ଲେଖଃ ଅସ୍ତି, ଯଥାର୍ଥ ରୂପେଣ ଶୂନ୍ୟସ୍ଥାନାନି ପୂରୟତ ।**

ସଂସ୍କୃତଂ ପୁରା ଭାରତୀୟାନାଂ ଲୋକପ୍ରିୟା ଜନଭାଷା ________ (ଅସ୍ - ଲଙ୍) । ସଂସ୍କୃତସ୍ୟ ଜ୍ଞାନାତ୍ ଏବ ପ୍ରାନ୍ତୀୟଭାଷାଣାଂ ସମ୍ୟଗ୍ ଜ୍ଞାନଂ ________ (ଭୂ - ଲଟ୍) । ଇୟଂ ଭାଷା ରାଷ୍ଟ୍ରୈକ୍ୟସ୍ୟ ସାଧିକା ________ (ଅସ୍ - ଲଟ୍) । ଭାରତବର୍ଷସ୍ୟ ସର୍ବପ୍ରଦେଶସ୍ଥାଃ ଲୋକାଃ ସଂସ୍କୃତଂ ________ (ଜ୍ଞା - ଲଟ୍) । ସଂସ୍କୃତଂ ପ୍ରତି ନ କସ୍ୟାପି କୋଽପି ସନ୍ଦେହଃ ________ (ଅସ୍ - ବିଧିଲିଙ୍) । ସଂସ୍କୃତ-ବ୍ୟାକରଣମ୍ ଅତୁଳନୀୟମ୍ ଇତି ସର୍ବେ ________ (ବଦ୍ - ଲଟ୍) । ସଂସ୍କୃତ-ପଠନେନ ବୟଂ ଭାରତବର୍ଷସ୍ୟ ଇତିହାସଂ ________ (ଜ୍ଞା - ଲୃଟ୍) । ଅଧୁନା ବିଶ୍ୱେ ବୈଦିକଗଣିତସ୍ୟ ମହତୀଂଚର୍ଚ୍ଚାଂ ବୟଂ ________ (ଦୃଶ୍ - ଲଟ୍) । ନ୍ୟାୟସାଂଖ୍ୟାଦିଦର୍ଶନେ ସଂଗଣକସ୍ୟ ଉପଯୋଗଂ କର୍ତ୍ତୁଂ ଭବନ୍ତଃ ________ (ଆ + ଗମ୍ - ଲୋଟ୍) । ହେ ଛାତ୍ରାଃ ! ପରମାଦରେଣ ଯୂୟଂ ସଂସ୍କୃତଂ ________ (ପଠ୍ - ଲୋଟ୍) । ଯତଃ ସଂସ୍କୃତଂ ବିନା ଭାରତେ ଜନ୍ମ ନିରର୍ଥକମ୍ ଇତି ଉଚ୍ୟତେ ।

(ଆସୀତ୍, ଭବତି, ଅସ୍ତି, ଜାନନ୍ତି, ସ୍ୟାତ୍, ବଦନ୍ତି, ଜ୍ଞାସ୍ୟାମଃ, ପଶ୍ୟାମଃ, ଆଗଚ୍ଛନ୍ତୁ, ପଠତ)

---

୧। 'ବିଧିସମ୍ଭାବନୟୋଃ ଲିଙ୍' - ସୂତ୍ର ।

# ଧାତୁରୂପ (ତିଙନ୍ତ)

ସଂସ୍କୃତ ବ୍ୟାକରଣରେ 'ଧାତୁ' ସମୂହକୁ 'ଦଶ'ଟି ଗଣରେ ବିଭକ୍ତ କରାଯାଇଛି । ଏକଥା ଏହି ଅଧ୍ୟାୟର ପ୍ରାରମ୍ଭିକ ଭାଗରେ ସୂଚନା ଦିଆଯାଇଛି । ତେବେ କ୍ରିୟାର ବିଭିନ୍ନ ଅବସ୍ଥାକୁ ସ୍ପଷ୍ଟରୂପେ ପ୍ରକାଶ କରିବାପାଇଁ 'ଧାତୁ'ର ରୂପକୁ 'ଦଶ' ଲକାରରେ ପ୍ରକାଶ କରାଯାଇପାରେ । ଆବଶ୍ୟକତା ଦୃଷ୍ଟିରୁ ଏଠାରେ ମାତ୍ର ପୂର୍ବ ଆଲୋଚିତ ଲଟ୍, ଲଙ୍, ଲୃଟ୍, ଲୋଟ୍ ଓ ବିଧିଲିଙ୍ ନାମକ ପାଞ୍ଚଗୋଟି ଲକାରକୁ ବିଚାରକୁ ନିଆଯାଇ ବିଭିନ୍ନ ଧାତୁମାନଙ୍କର ସେହି ସେହି ଲକାର ରୂପ ପ୍ରଦାନ କରାଯାଇଛି ।

## ଭ୍ୱାଦିଗଣ

### (ପରସ୍ମୈପଦୀ)

### 'ଭୂ' ଧାତୁ (ହେବା)

**ଲଟ୍‌ଲକାର**

| | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| **ପ୍ରଥମପୁରୁଷ** | ଭବତି | ଭବତଃ | ଭବନ୍ତି |
| **ମଧ୍ୟମପୁରୁଷ** | ଭବସି | ଭବଥଃ | ଭବଥ |
| **ଉତ୍ତମପୁରୁଷ** | ଭବାମି | ଭବାବଃ | ଭବାମଃ |

**ଲଙ୍‌ଲକାର**

| | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| **ପ୍ରଥମପୁରୁଷ** | ଅଭବତ୍ | ଅଭବତାମ୍ | ଅଭବନ୍ |
| **ମଧ୍ୟମପୁରୁଷ** | ଅଭବଃ | ଅଭବତମ୍ | ଅଭବତ |
| **ଉତ୍ତମପୁରୁଷ** | ଅଭବମ୍ | ଅଭବାବ | ଅଭବାମ |

**ଲୃଟ୍‌ଲକାର**

| | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| **ପ୍ରଥମପୁରୁଷ** | ଭବିଷ୍ୟତି | ଭବିଷ୍ୟତଃ | ଭବିଷ୍ୟନ୍ତି |
| **ମଧ୍ୟମପୁରୁଷ** | ଭବିଷ୍ୟସି | ଭବିଷ୍ୟଥଃ | ଭବିଷ୍ୟଥ |
| **ଉତ୍ତମପୁରୁଷ** | ଭବିଷ୍ୟାମି | ଭବିଷ୍ୟାବଃ | ଭବିଷ୍ୟାମଃ |

**ଲୋଟ୍‌ଲକାର**

| | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| **ପ୍ରଥମପୁରୁଷ** | ଭବତୁ | ଭବତାମ୍ | ଭବନ୍ତୁ |
| **ମଧ୍ୟମପୁରୁଷ** | ଭବ | ଭବତମ୍ | ଭବତ |
| **ଉତ୍ତମପୁରୁଷ** | ଭବାନି | ଭବାବ | ଭବାମ |

### ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଭବେତ୍ | ଭବେତାମ୍ | ଭବେୟୁଃ |
| **ମଧ୍ୟମପୁରୁଷ** | ଭବେଃ | ଭବେତମ୍ | ଭବେତ |
| **ଉତ୍ତମପୁରୁଷ** | ଭବେୟମ୍ | ଭବେବ | ଭବେମ |

ଅନୁ – ଭୂ (ଅନୁଭବ କରିବା) ସୁଖମ୍ ଅନୁଭବତି; ପରା – ଭୂ (ପରାଭବ ପାଇବା) ପାପାତ୍ ପରାଭବତି । ପ୍ର – ଭୂ (ଉତ୍ପତ୍ତି ବା ସାମର୍ଥ୍ୟ ଅର୍ଥରେ) ଅମରକଣ୍ଟକାତ୍ ମହାନଦୀ ପ୍ରଭବତି । ରାମଃ ଅସୁରେଷୁ ପ୍ରଭବତି । ସମ୍ – ଭୂ (ସମ୍ଭବ ହେବା ବା ଜାତହେବା) ସମ୍ଭବାମି ଯୁଗେ ଯୁଗେ ।

## ପଠ୍ ଧାତୁ (ପଢ଼ିବା)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପଠତି | ପଠତଃ | ପଠନ୍ତି |
| **ମଧ୍ୟମପୁରୁଷ** | ପଠସି | ପଠଥଃ | ପଠଥ |
| **ଉତ୍ତମପୁରୁଷ** | ପଠାମି | ପଠାବଃ | ପଠାମଃ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅପଠତ୍ | ଅପଠତାମ୍ | ଅପଠନ୍ |
| **ମଧ୍ୟମପୁରୁଷ** | ଅପଠଃ | ଅପଠତମ୍ | ଅପଠତ |
| **ଉତ୍ତମପୁରୁଷ** | ଅପଠମ୍ | ଅପଠାବ | ଅପଠାମ |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପଠିଷ୍ୟତି | ପଠିଷ୍ୟତଃ | ପଠିଷ୍ୟନ୍ତି |
| **ମଧ୍ୟମପୁରୁଷ** | ପଠିଷ୍ୟସି | ପଠିଷ୍ୟଥଃ | ପଠିଷ୍ୟଥ |
| **ଉତ୍ତମପୁରୁଷ** | ପଠିଷ୍ୟାମି | ପଠିଷ୍ୟାବଃ | ପଠିଷ୍ୟାମଃ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପଠତୁ | ପଠତାମ୍ | ପଠନ୍ତୁ |
| **ମଧ୍ୟମପୁରୁଷ** | ପଠ | ପଠତମ୍ | ପଠତ |
| **ଉତ୍ତମପୁରୁଷ** | ପଠାନି | ପଠାବ | ପଠାମ |

### ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପଠେତ୍ | ପଠେତାମ୍ | ପଠେୟୁଃ |
| **ମଧ୍ୟମପୁରୁଷ** | ପଠେଃ | ପଠେତମ୍ | ପଠେତ |
| **ଉତ୍ତମପୁରୁଷ** | ପଠେୟମ୍ | ପଠେବ | ପଠେମ |

ନିମ୍ନଲିଖିତ ଧାତୁଗୁଡ଼ିକର ରୂପ 'ପଠ୍' ଧାତୁ ପରି ହୋଇଥାଏ । ନିନ୍ଦ୍ (ନିନ୍ଦା କରିବା), ବଦ୍ (କହିବା), କୂଜ୍ (କୂଜନ କରିବା), କ୍ରନ୍ଦ୍ (କାନ୍ଦିବା), କ୍ରୀଡ଼୍ (ଖେଳିବା), ଖାଦ୍ (ଖାଇବା), ଗର୍ଜ (ଗର୍ଜନ କରିବା), ଚର୍ବ୍ (ଚୋବାଇବା) ଜ୍ୱଲ୍ (ଜଳିବା), ନନ୍ଦ୍ (ଖୁସିହେବା), ବ୍ରଜ୍ (ଯିବା), ଚର୍ (ବୁଲିବା, ଚରିବା), ପଠ୍ (ପଢ଼ିବା), ଫଲ୍ (ଫଳିବା), ଭ୍ରମ୍ (ବୁଲିବା), ଫୁଲ୍ଲ (ବିକଶିତ ହେବା), ଲପ୍ (କହିବା), ଲୁଣ୍ଠ୍ (ଚୋରିକରିବା), ହସ୍ (ହସିବା), ଖନ୍ (ଖୋଳିବା), ଜୀବ୍ (ବଞ୍ଚିବା), ରକ୍ଷ୍ (ରକ୍ଷାକରିବା), ମୂର୍ଚ୍ଛ୍ (ମୂର୍ଚ୍ଛିତ ହେବା)...... ଇତ୍ୟାଦି ।

## ସ୍ଥା (ଅବସ୍ଥାନେ, ରହିବା ଅର୍ଥରେ)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ତିଷ୍ଠତି | ତିଷ୍ଠତଃ | ତିଷ୍ଠନ୍ତି |
| **ମଧ୍ୟମପୁରୁଷ** | ତିଷ୍ଠସି | ତିଷ୍ଠଥଃ | ତିଷ୍ଠଥ |
| **ଉତ୍ତମପୁରୁଷ** | ତିଷ୍ଠାମି | ତିଷ୍ଠାବଃ | ତିଷ୍ଠାମଃ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅତିଷ୍ଠତ୍ | ଅତିଷ୍ଠତାମ୍ | ଅତିଷ୍ଠନ୍ |
| **ମଧ୍ୟମପୁରୁଷ** | ଅତିଷ୍ଠଃ | ଅତିଷ୍ଠତମ୍ | ଅତିଷ୍ଠତ |
| **ଉତ୍ତମପୁରୁଷ** | ଅତିଷ୍ଠମ୍ | ଅତିଷ୍ଠାବ | ଅତିଷ୍ଠାମ |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ସ୍ଥାସ୍ୟତି | ସ୍ଥାସ୍ୟତଃ | ସ୍ଥାସ୍ୟନ୍ତି |
| **ମଧ୍ୟମପୁରୁଷ** | ସ୍ଥାସ୍ୟସି | ସ୍ଥାସ୍ୟଥଃ | ସ୍ଥାସ୍ୟଥ |
| **ଉତ୍ତମପୁରୁଷ** | ସ୍ଥାସ୍ୟାମି | ସ୍ଥାସ୍ୟାବଃ | ସ୍ଥାସ୍ୟାମଃ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ତିଷ୍ଠତୁ | ତିଷ୍ଠତାମ୍ | ତିଷ୍ଠନ୍ତୁ |
| **ମଧ୍ୟମପୁରୁଷ** | ତିଷ୍ଠ | ତିଷ୍ଠତମ୍ | ତିଷ୍ଠତ |
| **ଉତ୍ତମପୁରୁଷ** | ତିଷ୍ଠାନି | ତିଷ୍ଠାବ | ତିଷ୍ଠାମ |

### ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ତିଷ୍ଠେତ୍ | ତିଷ୍ଠେତାମ୍ | ତିଷ୍ଠେୟୁଃ |
| **ମଧ୍ୟମପୁରୁଷ** | ତିଷ୍ଠେଃ | ତିଷ୍ଠେତମ୍ | ତିଷ୍ଠେତ |
| **ଉତ୍ତମପୁରୁଷ** | ତିଷ୍ଠେୟମ୍ | ତିଷ୍ଠେବ | ତିଷ୍ଠେମ |

ଅଧି – ସ୍ଥା (ରହିବା ଅର୍ଥରେ) – ଶିବଃ କୈଳାସମ୍ ଅଧିତିଷ୍ଠତି ।

ଅବ – ସ୍ଥା (ଧୈର୍ଯ୍ୟର ସହ ରହିବା) – ଅବତିଷ୍ଠତେ (ଆତ୍ମନେପଦୀ) ।

ଆ – ସ୍ଥା (ଆଶ୍ରୟ କରିବା) – ସଂଯମେ ଯତ୍ନମ୍ ଆତିଷ୍ଠେତ୍ ।

ଉଦ୍ – ସ୍ଥା (ଉତ୍‌ଥାନ / ଜାଗରଣ ଅର୍ଥରେ) – ଉତ୍ତିଷ୍ଠତ, ଜାଗ୍ରତ ।

ସମ୍ – ସ୍ଥା (ସ୍ଥିର ରହିବା ଅର୍ଥରେ) – ସଃ ସ୍ୱସ୍ଥାନଂ ସଂତିଷ୍ଠତେ ।

## ପା (ପିଇବା ଅର୍ଥରେ)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପିବତି | ପିବତଃ | ପିବନ୍ତି |
| **ମଧ୍ୟମପୁରୁଷ** | ପିବସି | ପିବଥଃ | ପିବଥ |
| **ଉତ୍ତମପୁରୁଷ** | ପିବାମି | ପିବାବଃ | ପିବାମଃ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅପିବତ୍ | ଅପିବତାମ୍ | ଅପିବନ୍ |
| **ମଧ୍ୟମପୁରୁଷ** | ଅପିବଃ | ଅପିବତମ୍ | ଅପିବତ |
| **ଉତ୍ତମପୁରୁଷ** | ଅପିବମ୍ | ଅପିବାବ | ଅପିବାମ |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପାସ୍ୟତି | ପାସ୍ୟତଃ | ପାସ୍ୟନ୍ତି |
| **ମଧ୍ୟମପୁରୁଷ** | ପାସ୍ୟସି | ପାସ୍ୟଥଃ | ପାସ୍ୟଥ |
| **ଉତ୍ତମପୁରୁଷ** | ପାସ୍ୟାମି | ପାସ୍ୟାବଃ | ପାସ୍ୟାମଃ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପିବତୁ | ପିବତାମ୍ | ପିବନ୍ତୁ |
| **ମଧ୍ୟମପୁରୁଷ** | ପିବ | ପିବତମ୍ | ପିବତ |
| **ଉତ୍ତମପୁରୁଷ** | ପିବାନି | ପିବାବ | ପିବାମ |

### ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପିବେତ୍ | ପିବେତାମ୍ | ପିବେୟୁଃ |
| **ମଧ୍ୟମପୁରୁଷ** | ପିବେଃ | ପିବେତମ୍ | ପିବେତ |
| **ଉତ୍ତମପୁରୁଷ** | ପିବେୟମ୍ | ପିବେବ | ପିବେମ |

## ଗମ୍ (ଯିବା)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଗଚ୍ଛତି | ଗଚ୍ଛତଃ | ଗଚ୍ଛନ୍ତି |
| **ମଧ୍ୟମପୁରୁଷ** | ଗଚ୍ଛସି | ଗଚ୍ଛଥଃ | ଗଚ୍ଛଥ |
| **ଉତ୍ତମପୁରୁଷ** | ଗଚ୍ଛାମି | ଗଚ୍ଛାବଃ | ଗଚ୍ଛାମଃ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅଗଚ୍ଛତ୍ | ଅଗଚ୍ଛତାମ୍ | ଅଗଚ୍ଛନ୍ |
| **ମଧ୍ୟମପୁରୁଷ** | ଅଗଚ୍ଛଃ | ଅଗଚ୍ଛତମ୍ | ଅଗଚ୍ଛତ |
| **ଉତ୍ତମପୁରୁଷ** | ଅଗଚ୍ଛମ୍ | ଅଗଚ୍ଛାବ | ଅଗଚ୍ଛାମ |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଗମିଷ୍ୟତି | ଗମିଷ୍ୟତଃ | ଗମିଷ୍ୟନ୍ତି |
| **ମଧ୍ୟମପୁରୁଷ** | ଗମିଷ୍ୟସି | ଗମିଷ୍ୟଥଃ | ଗମିଷ୍ୟଥ |
| **ଉତ୍ତମପୁରୁଷ** | ଗମିଷ୍ୟାମି | ଗମିଷ୍ୟାବଃ | ଗମିଷ୍ୟାମଃ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଗଚ୍ଛତୁ | ଗଚ୍ଛତାମ୍ | ଗଚ୍ଛନ୍ତୁ |
| **ମଧ୍ୟମପୁରୁଷ** | ଗଚ୍ଛ | ଗଚ୍ଛତମ୍ | ଗଚ୍ଛତ |
| **ଉତ୍ତମପୁରୁଷ** | ଗଚ୍ଛାନି | ଗଚ୍ଛାବ | ଗଚ୍ଛାମ |

### ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଗଚ୍ଛେତ୍ | ଗଚ୍ଛେତାମ୍ | ଗଚ୍ଛେୟୁଃ |
| **ମଧ୍ୟମପୁରୁଷ** | ଗଚ୍ଛେଃ | ଗଚ୍ଛେତମ୍ | ଗଚ୍ଛେତ |
| **ଉତ୍ତମପୁରୁଷ** | ଗଚ୍ଛେୟମ୍ | ଗଚ୍ଛେବ | ଗଚ୍ଛେମ |

ଅଧି - ଗମ୍ (ପ୍ରାପ୍ତି ବା ଜ୍ଞାନଅର୍ଥରେ) : ସଃ ଶାନ୍ତିମ୍ ଅଧିଗଚ୍ଛତି ।

ଅନୁ - ଗମ୍ (ଅନୁଗମନ କରିବା) : ପୁତ୍ରଃ ମାତରମ୍ ଅନୁଗଚ୍ଛତି ।

ଅବ - ଗମ୍ (ଜ୍ଞାନେ / ବୁଝିବା ଅର୍ଥରେ) : ସର୍ବେ ଧର୍ମସ୍ୟ ରହସ୍ୟମ୍ ଅବଗଚ୍ଛନ୍ତୁ ।

ଆ - ଗମ୍ (ଆସିବା ଅର୍ଥରେ) : ଛାତ୍ରଃ ବିଦ୍ୟାଳୟାତ୍ ଆଗଚ୍ଛତି । ଗୃହାତ୍ ବିଦ୍ୟାଳୟମ୍ ଆଗଚ୍ଛତି ।

ପ୍ରତି + ଉଦ୍ - ଗମ୍ (ପାଛୋଟି ଆଣିବା) : ପ୍ରତ୍ୟୁଦ୍‌ଗଚ୍ଛତି ମାନ୍ୟାନ୍ ।

ସମ୍ - ଗମ୍ (ମିଳିତ ହେବା) : ସାଧୁଃ ସାଧୂନ୍ ସଂଗଚ୍ଛତି ।

ସମ୍ - ଗମ୍ (ସଙ୍ଗତ ହେବା ଅର୍ଥରେ– ଆତ୍ମନେପଦୀ) : ଇଦଂ କାର୍ଯ୍ୟଂ ତ୍ୱୟି ସଂଗଚ୍ଛତେ ।

## ନୀ (ନେବା)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ନୟତି | ନୟତଃ | ନୟନ୍ତି |
| **ମଧ୍ୟମପୁରୁଷ** | ନୟସି | ନୟଥଃ | ନୟଥ |
| **ଉତ୍ତମପୁରୁଷ** | ନୟାମି | ନୟାବଃ | ନୟାମଃ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅନୟତ୍ | ଅନୟତାମ୍ | ଅନୟନ୍ |
| **ମଧ୍ୟମପୁରୁଷ** | ଅନୟଃ | ଅନୟତମ୍ | ଅନୟତ |
| **ଉତ୍ତମପୁରୁଷ** | ଅନୟମ୍ | ଅନୟାବ | ଅନୟାମ |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ନେଷ୍ୟତି | ନେଷ୍ୟତଃ | ନେଷ୍ୟନ୍ତି |
| **ମଧ୍ୟମପୁରୁଷ** | ନେଷ୍ୟସି | ନେଷ୍ୟଥଃ | ନେଷ୍ୟଥ |
| **ଉତ୍ତମପୁରୁଷ** | ନେଷ୍ୟାମି | ନେଷ୍ୟାବଃ | ନେଷ୍ୟାମଃ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ନୟତୁ | ନୟତାମ୍ | ନୟନ୍ତୁ |
| **ମଧ୍ୟମପୁରୁଷ** | ନୟ | ନୟତମ୍ | ନୟତ |
| **ଉତ୍ତମପୁରୁଷ** | ନୟାନି | ନୟାବ | ନୟାମ |

### ବିଧିଲିଙ୍ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ନୟେତ୍ | ନୟେତାମ୍ | ନୟେୟୁଃ |
| **ମଧ୍ୟମପୁରୁଷ** | ନୟେଃ | ନୟେତମ୍ | ନୟେତ |
| **ଉତ୍ତମପୁରୁଷ** | ନୟେୟମ୍ | ନୟେବ | ନୟେମ |

ଆ – ନୀ (ଆଣିବା ଅର୍ଥରେ) : ଦ୍ୱେ ଫଲେ ଆନୟତୁ । ବି – ନୀ (ବିନୀତ କରିବା / ପ୍ରାର୍ଥନା ପୂର୍ବକ ଜଣାଇବା / ଶୃଙ୍ଖଳିତ କରିବା) : ଲଙ୍ଲକାରରେ ବ୍ୟନୟତ୍, ବ୍ୟନୟତାମ୍, ବ୍ୟନୟନ୍ ଇତ୍ୟାଦି ହେବ : ସର୍ବାଃ ପ୍ରଜାଃ ରାଜ୍ଞଃ ପୁରଃ ବ୍ୟନୟନ୍ ।

## ଦୃଶ୍ (ଦେଖିବା)

### ଲଟ୍ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପଶ୍ୟତି | ପଶ୍ୟତଃ | ପଶ୍ୟନ୍ତି |
| **ମଧ୍ୟମପୁରୁଷ** | ପଶ୍ୟସି | ପଶ୍ୟଥଃ | ପଶ୍ୟଥ |
| **ଉତ୍ତମପୁରୁଷ** | ପଶ୍ୟାମି | ପଶ୍ୟାବଃ | ପଶ୍ୟାମଃ |

### ଲଙ୍ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅପଶ୍ୟତ୍ | ଅପଶ୍ୟତାମ୍ | ଅପଶ୍ୟନ୍ |
| **ମଧ୍ୟମପୁରୁଷ** | ଅପଶ୍ୟଃ | ଅପଶ୍ୟତମ୍ | ଅପଶ୍ୟତ |
| **ଉତ୍ତମପୁରୁଷ** | ଅପଶ୍ୟମ୍ | ଅପଶ୍ୟାବ | ଅପଶ୍ୟାମ |

### ଲୃଟ୍ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଦ୍ରକ୍ଷ୍ୟତି | ଦ୍ରକ୍ଷ୍ୟତଃ | ଦ୍ରକ୍ଷ୍ୟନ୍ତି |
| **ମଧ୍ୟମପୁରୁଷ** | ଦ୍ରକ୍ଷ୍ୟସି | ଦ୍ରକ୍ଷ୍ୟଥଃ | ଦ୍ରକ୍ଷ୍ୟଥ |
| **ଉତ୍ତମପୁରୁଷ** | ଦ୍ରକ୍ଷ୍ୟାମି | ଦ୍ରକ୍ଷ୍ୟାବଃ | ଦ୍ରକ୍ଷ୍ୟାମଃ |

### ଲୋଟ୍ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପଶ୍ୟତୁ | ପଶ୍ୟତାମ୍ | ପଶ୍ୟନ୍ତୁ |
| **ମଧ୍ୟମପୁରୁଷ** | ପଶ୍ୟ | ପଶ୍ୟତମ୍ | ପଶ୍ୟତ |
| **ଉତ୍ତମପୁରୁଷ** | ପଶ୍ୟାନି | ପଶ୍ୟାବ | ପଶ୍ୟାମ |

## ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପଶ୍ୟେତ୍ | ପଶ୍ୟେତାମ୍ | ପଶ୍ୟେୟୁଃ |
| **ମଧ୍ୟମପୁରୁଷ** | ପଶ୍ୟେଃ | ପଶ୍ୟେତମ୍ | ପଶ୍ୟେତ |
| **ଉତ୍ତମପୁରୁଷ** | ପଶ୍ୟେୟମ୍ | ପଶ୍ୟେବ | ପଶ୍ୟେମ |

ଦୃଶ୍ ମଧ୍ୟ ଜ୍ଞାନାର୍ଥକ / ବୋଧାର୍ଥକ ଧାତୁ : ଯଥା :-

(କ) ଗାବଃ ପଶ୍ୟନ୍ତି ଗନ୍ଧେନ ।

(ଖ) ପଶ୍ୟ, କୀଦୃଶଂ ବୀଣା ନଦତି ।

**କେତେକ ଧାତୁର ଶିଷ୍ଟ ପ୍ରୟୋଗ**

ସେହିପରି 'ଅଟ୍' ଧାତୁ (ଭ୍ରମଣେ) : କୃଷ୍ଣଃ ଅଟତି କୁଞ୍ଜବନେ ।

ଅର୍ଚ୍ଚ୍ (ପୂଜାକରିବା) : ଛାତ୍ରାଃ ଗଣେଶମ୍ ଅର୍ଚ୍ଚନ୍ତି ।

ଅର୍ଜ୍ (ଅର୍ଜନେ) : ଧନମ୍ ଅର୍ଜନ୍ତି ବଣିଜଃ ।

ଅର୍ଦ୍ (ମାଗିବା / ପୀଡ଼ାଦେବା) : ଚାତକଃ ଶରଦ୍‌ଘନଂ ନାର୍ଦତି ।

ଅର୍ହ୍ (ଯୋଗ୍ୟ / ପୂଜନେ) : ତ୍ୱଂ ସଂସ୍କୃତଂ ପଠିତୁମ୍ ଅର୍ହସି ।

ଅବ୍ (ରକ୍ଷା କରିବା / ପ୍ରସନ୍ନ କରିବା) : ମାମ୍ ଅବତୁ ।

ତପ୍ (ତାପ ଦେବା) : ଗ୍ରୀଷ୍ମକାଳେ ସୂର୍ଯ୍ୟଃ ପ୍ରବଳଂ ତପତି ।

ଦନ୍‌ଶ୍ (ଦଂଶନ କରିବା) : ମଶକଃ ଦଶତି ।

ସ୍ମୃ (ସ୍ମରଣ କରିବା) : ଶିଶୁଃ ମାତରଂ ସ୍ମରତି ।

ତୃ (ପାରହେବା) : ଜନାଃ ନୌକୟା ନଦୀଂ ତରନ୍ତି ।

ଜି (ଜୟ କରିବା) : ବୁଦ୍ଧିମାନ୍ ସର୍ବତ୍ର ଜୟତି ।

ଦହ୍ (ଦହନ କରିବା) : ରୌଦ୍ରତାପଃ ଅଙ୍ଗାନି ଦହତି ।

ପଚ୍ (ପାକ ହେବା) : ଅନ୍ନଂ ପଚତି ।

ଦା (ଦାନ ଦେବା) : ରାଜା ବିପ୍ରାୟ ଧନଂ ଦଦାତି ।

ବହ୍ (ବହନ କରିବା / ବହିବା) : ପବନଃ ମନ୍ଦଂ ବହତି ।

ବସ୍ (ବାସ କରିବା) : ବାନରଃ ବୃକ୍ଷେ ବସତି ।

କ୍ଷର୍ (ଝରିବା) : ମଧୁ କ୍ଷରନ୍ତି ସିନ୍ଧବଃ ।

ଖେଳ୍ (ଖେଳିବା) : ବାଳକାଃ ପ୍ରାନ୍ତରେ ଖେଳନ୍ତି ।

ଗୁଞ୍ଜ୍ (ଗୁଞ୍ଜନ କରିବା) : ଭ୍ରମରଃ ଅୟଂ ଗୁଞ୍ଜତି ।

ଚଲ୍ (ଯିବା / କମ୍ପିବା) : ବତ୍ସ ! ଉତ୍ତିଷ୍ଠ, ଗୃହଂ ଚଳ ।

ନଟ୍ (ନୃତ୍ୟ କରିବା) : କେନ ସହ ନଟତି ନଟବରଃ ?

ନଦ୍ (ଶବ୍ଦ କରିବା) : ବସନ୍ତେ ପକ୍ଷିଣଃ ନଦନ୍ତି ।

ମୀଲ୍ (ବୁଜି ହୋଇଯିବା / ନିମେଷ) : ଚକ୍ଷୁଃ ପବନେନ ମୀଳତି ।

ରୁହ୍ (ଜନ୍ମିବା) : ତରୁଃ ଛିନ୍ନୋଽପି ରୋହତି ।

ଆ - ରୁହ୍ (ଆରୋହଣ କରିବା) : ସଃ କଷ୍ଟେନ ଉଷ୍ଟ୍ରମ୍ ଆରୋହତି ।

ପ୍ର - ରୁହ୍ (ଜନ୍ମିବା) : ପର୍ବତେ ନଳିନୀ ନ ପ୍ରରୋହତି ।

ଲଗ୍ - (ଲାଗିବା) : ଓଷ୍ଠେ ଅଧରଃ ଲଗତି ।

ସ୍ଖଲ୍ - (ଖସିପଡ଼ିବା) : ସ୍ଖଳନ୍ତି ଚରଣାଃ ଭୂମୌ ।

ସ୍ରୁ - (ସ୍ରବିବା) : ନିମ୍ବାତ୍ ମଧୁ ନ ସ୍ରବେତ୍ ।

ସ୍ୱନ୍ - (ଶବ୍ଦକରିବା) : ସ୍ୱନନ୍ତି ବଂଶାଃ ପବନେନ ପୂର୍ଣ୍ଣାଃ ।

# (ଆତ୍ମନେପଦୀ)

## ଲଭ୍ (ଲାଭକରିବା)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଲଭତେ | ଲଭେତେ | ଲଭନ୍ତେ |
| **ମଧ୍ୟମପୁରୁଷ** | ଲଭସେ | ଲଭେଥେ | ଲଭଧ୍ୱେ |
| **ଉତ୍ତମପୁରୁଷ** | ଲଭେ | ଲଭାବହେ | ଲଭାମହେ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅଲଭତ | ଅଲଭେତାମ୍ | ଅଲଭନ୍ତ |
| **ମଧ୍ୟମପୁରୁଷ** | ଅଲଭଥାଃ | ଅଲଭେଥାମ୍ | ଅଲଭଧ୍ୱମ୍ |
| **ଉତ୍ତମପୁରୁଷ** | ଅଲଭେ | ଅଲଭାବହି | ଅଲଭାମହି |

### ଳୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଲପ୍ସ୍ୟତେ | ଲପ୍ସ୍ୟେତେ | ଲପ୍ସ୍ୟନ୍ତେ |
| **ମଧ୍ୟମପୁରୁଷ** | ଲପ୍ସ୍ୟସେ | ଲପ୍ସ୍ୟେଥେ | ଲପ୍ସ୍ୟଧ୍ୱେ |
| **ଉତ୍ତମପୁରୁଷ** | ଲପ୍ସ୍ୟେ | ଲପ୍ସ୍ୟାବହେ | ଲପ୍ସ୍ୟାମହେ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଲଭତାମ୍ | ଲଭେତାମ୍ | ଲଭନ୍ତାମ୍ |
| **ମଧ୍ୟମପୁରୁଷ** | ଲଭସ୍ୱ | ଲଭେଥାମ୍ | ଲଭଧ୍ୱମ୍ |
| **ଉତ୍ତମପୁରୁଷ** | ଲଭୈ | ଲଭାବହୈ | ଲଭାମହୈ |

### ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଲଭେତ | ଲଭେୟାତାମ୍ | ଲଭେରନ୍ |
| **ମଧ୍ୟମପୁରୁଷ** | ଲଭେଥାଃ | ଲଭେୟାଥାମ୍ | ଲଭେଧ୍ୱମ୍ |
| **ଉତ୍ତମପୁରୁଷ** | ଲଭେୟ | ଲଭେବହି | ଲଭେମହି |

ଆ + ଲଭ୍ - ଆଲଭତେ (ପାଇବା, ସ୍ପର୍ଶକରିବା, ହିଂସାକରିବା) : ଯତ୍ନେ କୃତେଽପି ନାଲଭତ ।

ଉପ + ଆ - ଲଭ୍ - ଉପାଲଭତେ (ଭର୍ତ୍ସନା କରିବା) ସ୍ୱଯୌବନମ୍ ଉପାଲଭସ୍ୱ, ସଖି ! ନ ମାମ୍ ।

ଉପ + ଲଭ୍ - ଉପଲଭତେ (ପାଇବା, ଅନୁଭବ କରିବା, ଜାଣିବା) : ସର୍ବେ କର୍ମଫଳମ୍ ଉପଲଭନ୍ତେ ।

ବି + ପ୍ର - ଲଭ୍ - ବିପ୍ରଲଭତେ (ପ୍ରତାରଣା କରିବା) : କୋକିଳଃ କାକଂ ବିପ୍ରଲଭତେ ।

## ସେବ୍ (ସେବାକରିବା / ଉପଭୋଗ କରିବା / ଆଶ୍ରୟ କରିବା)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ସେବତେ | ସେବେତେ | ସେବନ୍ତେ |
| **ମଧ୍ୟମପୁରୁଷ** | ସେବସେ | ସେବେଥେ | ସେବଧ୍ୱେ |
| **ଉତ୍ତମପୁରୁଷ** | ସେବେ | ସେବାବହେ | ସେବାମହେ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅସେବତ | ଅସେବେତାମ୍ | ଅସେବନ୍ତ |
| **ମଧ୍ୟମପୁରୁଷ** | ଅସେବଥାଃ | ଅସେବେଥାମ୍ | ଅସେବଧ୍ୱମ୍ |
| **ଉତ୍ତମପୁରୁଷ** | ଅସେବେ | ଅସେବାବହି | ଅସେବାମହି |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ସେବିଷ୍ୟତେ | ସେବିଷ୍ୟେତେ | ସେବିଷ୍ୟନ୍ତେ |
| **ମଧ୍ୟମପୁରୁଷ** | ସେବିଷ୍ୟସେ | ସେବିଷ୍ୟେଥେ | ସେବିଷ୍ୟଧ୍ୱେ |
| **ଉତ୍ତମପୁରୁଷ** | ସେବିଷ୍ୟେ | ସେବିଷ୍ୟାବହେ | ସେବିଷ୍ୟାମହେ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ସେବତାମ୍ | ସେବେତାମ୍ | ସେବନ୍ତାମ୍ |
| **ମଧ୍ୟମପୁରୁଷ** | ସେବସ୍ୱ | ସେବେଥାମ୍ | ସେବଧ୍ୱମ୍ |
| **ଉତ୍ତମପୁରୁଷ** | ସେବୈ | ସେବାବହୈ | ସେବାମହୈ |

## ବିଧିଲିଙ୍‌ଲକାର

| | **ଏକବଚନ** | **ଦ୍ୱିବଚନ** | **ବହୁବଚନ** |
|---|---|---|---|
| **ପ୍ରଥମପୁରୁଷ** | ସେବେତ | ସେବେୟାତାମ୍ | ସେବେରନ୍ |
| **ମଧ୍ୟମପୁରୁଷ** | ସେବେଥାଃ | ସେବେୟାଥାମ୍ | ସେବେଧ୍ୱମ୍ |
| **ଉତ୍ତମପୁରୁଷ** | ସେବେୟ | ସେବେବହି | ସେବେମହି |

ନିମ୍ନଲିଖିତ ଧାତୁଗୁଡ଼ିକର ରୂପ 'ସେବ୍' ଧାତୁ ପରି ହେବ - **ବିଭିନ୍ନ ଧାତୁର କେତେକ ଶିଷ୍ଟ ପ୍ରୟୋଗ**

ଦୟ୍ (ଦୟା କରିବା) : ଦରିଦ୍ରଂ ଦୟସ୍ୱ । ଘଟ୍ (ଘଟିବା) : ଦୁର୍ଘଟନା ଅଘଟତ । ବାଧ୍ (ବାଧାଦେବା) : ଧାନ୍ୟେଭ୍ୟଃ ଗାଂ ବାଧସ୍ୱ । ଶିକ୍ଷ୍ (ଶିଖିବା) : ଶିକ୍ଷେତ ବିଦ୍ୟାମ୍ । ବନ୍ଦ୍ (ବନ୍ଦନା କରିବା) : ବନ୍ଦେ ମାତରମ୍ । ଈକ୍ଷ୍ (ଦେଖିବା) : ଈକ୍ଷତେ ଦୋଷାନ୍ । ଶଙ୍କ୍ (ଆଶଙ୍କା କରିବା) : କଥମ୍ ଆଶଙ୍କସେ ? ଲମ୍ବ୍ (ଲମ୍ବିବା) : ମାର୍ଗଃ ଲମ୍ବତେ । ତ୍ରପ୍ (ଲାଜକରିବା) : ନବବଧୂଃ ତ୍ରପତେ । ତ୍ୱର୍ (ତରତର ହେବା) : ତ୍ୱରନ୍ତେ ଛାତ୍ରାଃ । ଭିକ୍ଷ୍ (ଭିକ୍ଷା କରିବା) : ବଳିଃ ବସୁଧାଂ ଭିକ୍ଷତେ । ଲକ୍ଷ୍ (ଲକ୍ଷ୍ୟ କରିବା) : କୁତ୍ର ଲକ୍ଷ୍ୟତେ । ସହ୍ (ସହିବା) : ସଃ ଦୁଃଖାନି ସହତେ । ଗାହ୍ (ଗାଧୋଇବା) : ଗଙ୍ଗାୟାଂ ଗାହସ୍ୱ । ଭାଷ୍ (କହିବା) : ସଃ ସାଧୁ ଭାଷତେ । କମ୍ପ୍ (କମ୍ପିବା) : ବୃଦ୍ଧଃ କମ୍ପତେ । ଯତ୍ (ଯତ୍ନକରିବା) : ପଠନେ ଯତେତ । ଚେଷ୍ଟ୍ (ଚେଷ୍ଟାକରିବା) : ବାରଂ ବାରଂ ଚେଷ୍ଟସ୍ୱ ।

ଅୟ୍ (ଯିବା), ପରା - ଅୟ୍ (ପଳାଇବା) : ମୂଷିକାଃ ପଳାୟନ୍ତେ । ଈକ୍ଷ୍ (ଦେଖିବା) ଅପ - ଈକ୍ଷ୍ (ଅପେକ୍ଷା କରିବା), ଉପ - ଈକ୍ଷ୍ (ଅବଜ୍ଞା କରିବା), ନିର୍ - ଈକ୍ଷ୍ (ନିରୀକ୍ଷଣ କରିବା), ପରି - ଈକ୍ଷ୍ (ପରୀକ୍ଷା କରିବା), ପ୍ରତି - ଈକ୍ଷ୍ (ପ୍ରତୀକ୍ଷା କରିବା), ପ୍ର - ଈକ୍ଷ୍ (ଭଲଭାବରେ ଦେଖିବା), ସମ୍ - ଈକ୍ଷ୍ - (ସମୀକ୍ଷା କରିବା), କମ୍- (କାମନା କରିବା) କାମୟତେ, କ୍ଷମ୍ - (ସମର୍ଥ ହେବା / କ୍ଷମା କରିବା) : ତ୍ୱାଂ କଃ କ୍ଷମେତ ? କ୍ଷମସ୍ୱ ପରମେଶ୍ୱର ! ।

ଆ - ରଭ୍ (ଆରମ୍ଭ କରିବା) : ସଃ କାର୍ଯ୍ୟମ୍ ଆରଭତେ । କାଶ୍ (ଶୋଭା ପାଇବା) : ଆକାଶେ କାଶତେ ଚନ୍ଦ୍ରଃ । କୃପ୍ (ଯୋଗ୍ୟ ହେବା / ପରିଣମନ ହେବା) : ଭକ୍ତିଃ ଜ୍ଞାନାୟ କଳ୍ପତେ । ରୁଚ୍ (ରୁଚିବା) : ଶିଶବେ କ୍ରୀଡ଼ା ରୋଚତେ । ବୃତ୍ (ରହିବା ଅର୍ଥରେ) : ତତ୍ର ହିମାଳୟଃ ବର୍ତ୍ତତେ । ବେପ୍ (କମ୍ପିବା) : ବେପତେ ମେ ଶରୀରମ୍ । ଶୁଭ୍ (ଶୋଭାପାଇବା) : ଉଦ୍ୟାନେ ପୁଷ୍ପାଣି ଶୋଭନ୍ତେ ।

**କେତେକ ଉଭୟପଦୀ ଧାତୁ :**

ଧାବ୍ (ଦୌଡ଼ିବା) - ଧାବତି / ଧାବତେ । ପଚ୍ (ରାନ୍ଧିବା) ପଚତି / ପଚତେ । ଭଜ୍ (ସେବା କରିବା ଓ ଲାଭ କରିବା) - ଭଜତି (ସେବା) ଓ ଭଜତେ (ଲାଭକରିବା) (ପାଇବା) । ଯାଚ୍ (ମାଗିବା) ଯାଚତି / ଯାଚତେ । ହ୍ୱେ (ସ୍ପର୍ଧାରେ ଆହ୍ୱାନ କରିବା) - ହ୍ୱୟତି / ହ୍ୱୟତେ; ଆହ୍ୱୟତେ ମଲ୍ଲଃ ମଲ୍ଲାୟ ।

ରାଜ୍ (ଶୋଭାପାଇବା) ରାଜତି / ରାଜତେ : ରାଜ୍ଞଃ କୀର୍ତ୍ତିଃ ରାଜତେ, ଆକାଶେ ସୂର୍ଯ୍ୟଃ ରାଜତି / ରାଜତେ ।

ଧୃ (ଧାରଣ କରିବା) - ଧରତି / ଧରତେ : ଧରତେ / ଧରତି ଖଳୁ ବିପନ୍ନଃ । ବପ୍ (ବୁଣିବା / ମୁଣ୍ଡନ କରିବା) - ବପତି / ବପତେ ।

ଯାଦୃଶଂ ବପତେ ବୀଜଂ ତାଦୃଶଂ ଲଭତେ ଫଳମ୍ । ବପତି କୃଷକଃ ବୀଜମ୍, ବପତି ମସ୍ତକଂ ନାପିତଃ ।

### ଅଭ୍ୟାସଃ

**୧ । ଯଥାନିର୍ଦ୍ଦେଶଂ ଧାତୁରୂପେଣ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା :- ସର୍ବେ ଭଦ୍ରାଣି ପଶ୍ୟନ୍ତୁ (ଦୃଶ୍ - ଲୋଟ୍)

(କ) ଅହଂ ଧନମ୍ ________________ (ଲଭ୍ - ଲଙ୍) ।

(ଖ) ଭିକ୍ଷୁକଃ ଭିକ୍ଷାଂ ________________ (ଯାଚ୍ - ଲଟ୍) ।

(ଗ) ତ୍ୱଂ ସାଧୁଃ ________________ (ଭୂ - ଲୃଟ୍) ।

(ଘ) ବାଳକଃ ପାଠଂ ________________ (ପଠ୍ - ବିଧିଲିଙ୍) ।

(ଙ) ସର୍ବେ ଗ୍ରାମେ ________________ (ସ୍ଥା - ଲୋଟ୍) ।

(ଚ) ଆବାଂ ଶୀତଳଂ ଜଳଂ ________________ (ପା - ଲଟ୍) ।

(ଛ) ଛାତ୍ରଃ ବିଦ୍ୟାଳୟଂ ________________ (ଗମ୍ - ଲୃଟ୍) ।

(ଜ) ପିତା ପୁତ୍ରାୟ ପୁସ୍ତକମ୍ ________________ (ନୀ - ଲଙ୍) ।

(ଝ) ଯୁବାଂ ନାଟକଂ ________________ । (ଦୃଶ୍ - ଲୃଟ୍)

(ଞ) ତ୍ୱଂ ________________ କୀଦୃଶଂ ବୀଣା ନଦତି (ଦୃଶ୍ - ଲୋଟ୍)

(ଟ) ଲକ୍ଷ୍ମୀଃ ଜଗନ୍ନାଥଂ ________________ । (ସେବ୍ - ଲଟ୍)

(ଠ) ଯୂୟଂ ଧନଂ ________________ । (ଲଭ୍ - ଲୃଟ୍)

**୨। 'କ' ସ୍ତମ୍ଭସ୍ୟ କର୍ତ୍ତୃପଦୈଃ ସହ 'ଖ' ସ୍ତମ୍ଭସ୍ୟ କ୍ରିୟାପଦାନି ଯୋଜୟତ ।**

| 'କ' | 'ଖ' |
|---|---|
| ଶିଷ୍ୟଃ | ନୟେତମ୍ |
| ସର୍ବେ | ତିଷ୍ଠନ୍ତୁ |
| ଆବାଂ | ଦ୍ରକ୍ଷ୍ୟନ୍ତି |
| ତୃଷାର୍ତ୍ତଃ | ପିବେତ୍ |
| ଯୂୟଂ | ଅପଠତ୍ |
| ବୟଂ | କୂଜନ୍ତି |
| ବାଳକୌ | ଗମିଷ୍ୟାବଃ |
| ଯୁବାଂ | ଲଭେମହି |
| ଛାତ୍ରାଃ | ଗଚ୍ଛତୁ |
| ତୌ | ପଶ୍ୟତାମ୍ |
| କୋକିଳାଃ | ସେବେଧ୍ୱମ୍ |
| କୃଷକଃ | ଭବିଷ୍ୟତଃ |

**୩। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

(କ) ବର୍ତ୍ତମାନ ଛାତ୍ରମାନେ ସଂସ୍କୃତ ପଢୁଛନ୍ତି ।

(ଖ) ସେମାନେ ଏକାଠି ଛାତ୍ରାବାସରେ ରହୁଛନ୍ତି ।

(ଗ) ପିଲାମାନେ ସୈନିକ ହେବେ ।

(ଘ) ବୁଢ଼ାମାନେ ଦୁଧ ପିଇବା ଉଚିତ ।

(ଙ) ଆପଣମାନେ ଦରିଦ୍ରମାନଙ୍କୁ ଦୟା କରନ୍ତୁ ।

(ଚ) କୃଷକ ଗାଈଦୁଇଟି ହାଟକୁ ନେଇଥିଲା ।

(ଛ) ପଣ୍ଡିତମାନେ ଦେଶର ସବୁଆଡ଼େ ସମ୍ମାନ ପାଇବେ ।

(ଜ) ଭାରତୀୟମାନେ ବିଦେଶ ଗଲେ ।

(ଝ) ଏହି ଫଳରୁ ରସ ଝରିପଡୁଛି ।

(ଞ) ଝିଅମାନେ ଲାଜ କରନ୍ତି ।

(ଟ) ଶିଶୁ ମାଆ ଆଡ଼କୁ ଧାଉଁଅଛି ।

(ଠ) ଆମ ଦେଶରେ ହିମାଳୟ ଶୋଭାପାଉଛି ।

(ଡ) ମୋତେ କାହିଁକି ଅଯଥାରେ ଗାଳି ଦେଉଛ ?

(ଢ) ଶରତ୍‌କାଳର ଆକାଶରେ ଚନ୍ଦ୍ର ଶୋଭାପାଏ ।

(ଣ) ମୃଗମାନେ ଏଣେତେଣେ ପଳାଇଲେ ।

## (ଖ) ଅଦାଦି (ପରସ୍ମୈପଦୀ)
## ହନ୍ ଧାତୁ (ହତ୍ୟା କରିବା / ମାରିବା)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ହନ୍ତି | ହତଃ | ଘ୍ନନ୍ତି |
| **ମଧ୍ୟମପୁରୁଷ** | ହଂସି | ହଥଃ | ହଥ |
| **ଉତ୍ତମପୁରୁଷ** | ହନ୍ମି | ହନ୍ୱଃ | ହନ୍ମଃ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅହନ୍ | ଅହତାମ୍ | ଅଘ୍ନନ୍ |
| **ମଧ୍ୟମପୁରୁଷ** | ଅହନ୍ | ଅହତମ୍ | ଅହତ |
| **ଉତ୍ତମପୁରୁଷ** | ଅହନମ୍ | ଅହନ୍ୱ | ଅହନ୍ମ |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ହନିଷ୍ୟତି | ହନିଷ୍ୟତଃ | ହନିଷ୍ୟନ୍ତି |
| **ମଧ୍ୟମପୁରୁଷ** | ହନିଷ୍ୟସି | ହନିଷ୍ୟଥଃ | ହନିଷ୍ୟଥ |
| **ଉତ୍ତମପୁରୁଷ** | ହନିଷ୍ୟାମି | ହନିଷ୍ୟାବଃ | ହନିଷ୍ୟାମଃ |

## ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ହନ୍ତୁ | ହତାମ୍ | ଘ୍ନନ୍ତୁ |
| **ମଧ୍ୟମପୁରୁଷ** | ଜହି | ହତମ୍ | ହତ |
| **ଉତ୍ତମପୁରୁଷ** | ହନାନି | ହନାବ | ହନାମ |

## ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ହନ୍ୟାତ୍ | ହନ୍ୟାତାମ୍ | ହନ୍ୟୁଃ |
| **ମଧ୍ୟମପୁରୁଷ** | ହନ୍ୟାଃ | ହନ୍ୟାତମ୍ | ହନ୍ୟାତ |
| **ଉତ୍ତମପୁରୁଷ** | ହନ୍ୟାମ୍ | ହନ୍ୟାବ | ହନ୍ୟାମ |

ଅପ – ହନ୍ (ଦୂରକରିବା) : ଦେବଗଣାଃ ମମ ଦୁରିତମ୍ ଅପଘ୍ନନ୍ତୁ ।

ଅଭି – ହନ୍ (ଆଘାତ କରିବା) : ତେ ନ ଅଭିଘ୍ନନ୍ତୁ ।

ଆ – ହନ୍ (ଆଘାତ ଦେବା, ପ୍ରହାର କରିବା) : ବ୍ୟାଧଃ ମୃଗମ୍ ଆହନ୍ତି ।

ନି – ହନ୍ (ନିହତ କରିବା) : ତେ ତବ ବିଘ୍ନଂ ନିଘ୍ନନ୍ତୁ ।

# ଅସ୍ (ସତ୍ତାୟାମ୍) (ରହିବା, ହେବା, ଥିବା)

## ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅସ୍ତି | ସ୍ତଃ | ସନ୍ତି |
| **ମଧ୍ୟମପୁରୁଷ** | ଅସି | ସ୍ଥଃ | ସ୍ଥ |
| **ଉତ୍ତମପୁରୁଷ** | ଅସ୍ମି | ସ୍ୱଃ | ସ୍ମଃ |

## ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଆସୀତ୍ | ଆସ୍ତାମ୍ | ଆସନ୍ |
| **ମଧ୍ୟମପୁରୁଷ** | ଆସୀଃ | ଆସ୍ତମ୍ | ଆସ୍ତ |
| **ଉତ୍ତମପୁରୁଷ** | ଆସମ୍ | ଆସ୍ୱ | ଆସ୍ମ |

## ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଭବିଷ୍ୟତି | ଭବିଷ୍ୟତଃ | ଭବିଷ୍ୟନ୍ତି |
| **ମଧ୍ୟମପୁରୁଷ** | ଭବିଷ୍ୟସି | ଭବିଷ୍ୟଥଃ | ଭବିଷ୍ୟଥ |
| **ଉତ୍ତମପୁରୁଷ** | ଭବିଷ୍ୟାମି | ଭବିଷ୍ୟାବଃ | ଭବିଷ୍ୟାମଃ |

## ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅସ୍ତୁ | ସ୍ତାମ୍ | ସନ୍ତୁ |
| **ମଧ୍ୟମପୁରୁଷ** | ଏଧି | ସ୍ତମ୍ | ସ୍ତ |
| **ଉତ୍ତମପୁରୁଷ** | ଅସାନି | ଅସାବ | ଅସାମ |

## ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ସ୍ୟାତ୍ | ସ୍ୟାତାମ୍ | ସ୍ୟୁଃ |
| **ମଧ୍ୟମପୁରୁଷ** | ସ୍ୟାଃ | ସ୍ୟାତମ୍ | ସ୍ୟାତ |
| **ଉତ୍ତମପୁରୁଷ** | ସ୍ୟାମ୍ | ସ୍ୟାବ | ସ୍ୟାମ |

## ଅଭ୍ୟାସଃ

**୧। ଯଥାନିର୍ଦ୍ଦେଶଂ ଧାତୁରୂପେଣ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା :- ଶିକ୍ଷକଃ ବିଦ୍ୟାଳୟେ ଆସୀତ୍ । (ଅସ୍ - ଲଙ୍)

(କ) ସଃ ଲଗୁଡ଼େନ ସର୍ପମ୍ ________ । (ହନ୍ - ଲଙ୍)

(ଖ) ________ ପାଟଳୀପୁତ୍ରଂ ନାମ ନଗରମ୍ । (ଅସ୍ - ଲଟ୍)

(ଗ) ମହାବାହୋ ! ଶତ୍ରୂନ୍ ________ । (ହନ୍ - ଲୋଟ୍)

(ଘ) ତ୍ୱଂ ପଣ୍ଡିତଃ ________ । (ଅସ୍ - ଲୋଟ୍)

(ଙ) ବ୍ୟାଧଃ ବନେ ମୃଗାନ୍ ________ । (ହନ୍ - ଲଟ୍)

(ଚ) ଦ୍ୱୌ ଛାତ୍ରୌ ବିଦ୍ୟାଳୟେ ________ । (ଅସ୍ - ଲଙ୍)

(ଛ) ବ୍ୟାଘ୍ରଃ ନୂନଂ ବାଳକଂ ________ । (ହନ୍ - ଲୃଟ୍)

(ଜ) ସଃ ଏକଦା ଶାସକଃ ________ । (ଅସ୍ - ଲୃଟ୍)

(ଝ) ତେ ଶତ୍ରୂନ୍ ________ । (ହନ୍ - ବିଧିଲିଙ୍)

(ଞ) ଅଦ୍ୟ ବୃଷ୍ଟିଃ ନ ________ । (ଅସ୍ - ବିଧିଲିଙ୍)

**୨। ନିମ୍ନଲିଖିତ କ୍ରିୟାପଦାନି ବ୍ୟବହୃତ୍ୟ ପୃଥକ୍ ବାକ୍ୟାନି ରଚୟତ ।**

(କ) ହନ୍ତି -

(ଖ) ଜହି -

(ଗ) ହନ୍ୟାତ -

(ଘ) ଅହନମ୍ -

(ଙ) ହନିଷ୍ୟାବଃ -

(ଚ) ସନ୍ତି -

(ଛ) ଏଧି -

(ଜ) ସ୍ୟାଃ -

(ଝ) ଆସ୍ମ -

(ଞ) ଭବିଷ୍ୟଥ -

**୩। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

(କ) ବାଣୁଆମାନେ ବଣରେ ହରିଣମାନଙ୍କୁ ମାରନ୍ତି ।

(ଖ) ଏହି ଛାତ୍ରମାନେ ଛାତ୍ରାବାସରେ ଥିଲେ ।

(ଗ) ନଦୀକୂଳରେ ବଡ଼ ଜାମୁଗଛଟିଏ ଥାଏ ।

(ଘ) ପଶୁମାନଙ୍କୁ ହତ୍ୟା କରିବା ଉଚିତ ନୁହେଁ ।

(ଙ) ଆପଣଙ୍କର ସମସ୍ତ କୁଶଳ ହେଉ ।

(ଚ) ମୁଁ କ'ଣ ତୁମ ଚାକର ଅଟେ ?

(ଛ) ଏହି ପୋଖରୀରେ ବହୁତ ମାଛ ଅଛନ୍ତି ?

(ଜ) ତୁମ ଭାଇଙ୍କର ଗର୍ବ ନାହିଁ ।

(ଝ) କିଏ ଏହି ହାତୀଟିକୁ ମାରିଲା ?

## (ଗ) ହ୍ୱାଦି (ପରସ୍ମୈପଦୀ)
## ଦା (ଦାନ ଅର୍ଥରେ, ଦେବା)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଦଦାତି | ଦତ୍ତଃ | ଦଦତି |
| **ମଧ୍ୟମପୁରୁଷ** | ଦଦାସି | ଦତ୍‌ଥଃ | ଦତ୍‌ଥ |
| **ଉତ୍ତମପୁରୁଷ** | ଦଦାମି | ଦଦ୍ୱଃ | ଦଦ୍ମଃ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅଦଦାତ୍ | ଅଦତ୍ତାମ୍ | ଅଦଦୁଃ |
| **ମଧ୍ୟମପୁରୁଷ** | ଅଦଦାଃ | ଅଦତ୍ତମ୍ | ଅଦତ୍ତ |
| **ଉତ୍ତମପୁରୁଷ** | ଅଦଦାମ୍ | ଅଦଦ୍ୱ | ଅଦଦ୍ମ |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଦାସ୍ୟତି | ଦାସ୍ୟତଃ | ଦାସ୍ୟନ୍ତି |
| **ମଧ୍ୟମପୁରୁଷ** | ଦାସ୍ୟସି | ଦାସ୍ୟଥଃ | ଦାସ୍ୟଥ |
| **ଉତ୍ତମପୁରୁଷ** | ଦାସ୍ୟାମି | ଦାସ୍ୟାବଃ | ଦାସ୍ୟାମଃ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଦଦାତୁ | ଦତ୍ତାମ୍ | ଦଦତୁ |
| **ମଧ୍ୟମପୁରୁଷ** | ଦେହି | ଦତ୍ତମ୍ | ଦତ୍ତ |
| **ଉତ୍ତମପୁରୁଷ** | ଦଦାନି | ଦଦାବ | ଦଦାମ |

### ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଦଦ୍ୟାତ୍ | ଦଦ୍ୟାତାମ୍ | ଦଦ୍ୟୁଃ |
| **ମଧ୍ୟମପୁରୁଷ** | ଦଦ୍ୟାଃ | ଦଦ୍ୟାତମ୍ | ଦଦ୍ୟାତ |
| **ଉତ୍ତମପୁରୁଷ** | ଦଦ୍ୟାମ୍ | ଦଦ୍ୟାବ | ଦଦ୍ୟାମ |

## ଦା (ଆତ୍ମନେପଦୀ)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଦତ୍ତେ | ଦଦାତେ | ଦଦତେ |
| **ମଧ୍ୟମପୁରୁଷ** | ଦତ୍ସେ | ଦଦାଥେ | ଦଦ୍‌ଧ୍ୱେ |
| **ଉତ୍ତମପୁରୁଷ** | ଦଦେ | ଦଦ୍‌ବହେ | ଦଦ୍‌ମହେ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅଦତ୍ତ | ଅଦଦାତାମ୍ | ଅଦଦତ |
| **ମଧ୍ୟମପୁରୁଷ** | ଅଦତ୍‌ଥାଃ | ଅଦଦାଥାମ୍ | ଅଦଦ୍‌ଧ୍ୱମ୍ |
| **ଉତ୍ତମପୁରୁଷ** | ଅଦଦି | ଅଦଦ୍‌ବହି | ଅଦଦ୍‌ମହି |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଦାସ୍ୟତେ | ଦାସ୍ୟେତେ | ଦାସ୍ୟନ୍ତେ |
| **ମଧ୍ୟମପୁରୁଷ** | ଦାସ୍ୟସେ | ଦାସ୍ୟେଥେ | ଦାସ୍ୟଧ୍ୱେ |
| **ଉତ୍ତମପୁରୁଷ** | ଦାସ୍ୟେ | ଦାସ୍ୟାବହେ | ଦାସ୍ୟାମହେ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଦତ୍ତାମ୍ | ଦଦାତାମ୍ | ଦଦତାମ୍ |
| **ମଧ୍ୟମପୁରୁଷ** | ଦତ୍ସ୍ୱ | ଦଦାଥାମ୍ | ଦଦ୍‌ଧ୍ୱମ୍ |
| **ଉତ୍ତମପୁରୁଷ** | ଦଦୈ | ଦଦାବହୈ | ଦଦାମହୈ |

### ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଦଦୀତ | ଦଦୀୟାତାମ୍ | ଦଦୀରନ୍ |
| **ମଧ୍ୟମପୁରୁଷ** | ଦଦୀଥାଃ | ଦଦୀୟାଥାମ୍ | ଦଦୀଧ୍ୱମ୍ |
| **ଉତ୍ତମପୁରୁଷ** | ଦଦୀୟ | ଦଦୀବହି | ଦଦୀମହି |

ଆ - ଦା (ଗ୍ରହଣ କରିବା) : ଛାତ୍ରଃ ପୁରସ୍କାରମ୍ ଆଦତ୍ତେ ।

ପ୍ର - ଦା (ପ୍ରଦାନ କରିବା) : ରାଜା ଧନଂ ପ୍ରାଦଦାତ୍ ।

ସମ୍ + ପ୍ର - ଦା (ସଂପ୍ରଦାନ କରିବା) : ଧନୀ ଦରିଦ୍ରାୟ ଧନଂ ସଂପ୍ରଦଦାତି ।

ଧା (ଧାରଣ କରିବା, ପୋଷଣ କରିବା, ସ୍ଥାପନ କରିବା) : ପୃଥିବୀ ଲୋକାନ୍ ଦଧାତି । (ପରସ୍ମୈପଦୀ) । କାଚଃ କାଞ୍ଚନ ସଂସର୍ଗାତ୍ ଧତ୍ତେ ମାରକତୀଂ ଦ୍ୟୁତିମ୍ (ଆତ୍ମନେପଦୀ) ।

## ଭୀ (ଭୟ କରିବା)
## (ପରସ୍ମୈପଦୀ)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ବିଭେତି | ବିଭୀତଃ | ବିଭ୍ୟତି |
| **ମଧ୍ୟମପୁରୁଷ** | ବିଭେଷି | ବିଭୀଥଃ | ବିଭୀଥ |
| **ଉତ୍ତମପୁରୁଷ** | ବିଭେମି | ବିଭୀବଃ | ବିଭୀମଃ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅବିଭେତ୍ | ଅବିଭୀତାମ୍ | ଅବିଭୟୁଃ |
| **ମଧ୍ୟମପୁରୁଷ** | ଅବିଭେଃ | ଅବିଭୀତମ୍ | ଅବିଭୀତ |
| **ଉତ୍ତମପୁରୁଷ** | ଅବିଭୟମ୍ | ଅବିଭୀବ | ଅବିଭୀମ |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଭେଷ୍ୟତି | ଭେଷ୍ୟତଃ | ଭେଷ୍ୟନ୍ତି |
| **ମଧ୍ୟମପୁରୁଷ** | ଭେଷ୍ୟସି | ଭେଷ୍ୟଥଃ | ଭେଷ୍ୟଥ |
| **ଉତ୍ତମପୁରୁଷ** | ଭେଷ୍ୟାମି | ଭେଷ୍ୟାବଃ | ଭେଷ୍ୟାମଃ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ବିଭେତୁ | ବିଭୀତାମ୍ | ବିଭ୍ୟତୁ |
| **ମଧ୍ୟମପୁରୁଷ** | ବିଭୀହି | ବିଭୀତମ୍ | ବିଭୀତ |
| **ଉତ୍ତମପୁରୁଷ** | ବିଭୟାନି | ବିଭୟାବ | ବିଭୟାମ |

### ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ବିଭୀୟାତ୍ | ବିଭୀୟାତାମ୍ | ବିଭୀୟୁଃ |
| **ମଧ୍ୟମପୁରୁଷ** | ବିଭୀୟାଃ | ବିଭୀୟାତମ୍ | ବିଭୀୟାତ |
| **ଉତ୍ତମପୁରୁଷ** | ବିଭୀୟାମ୍ | ବିଭୀୟାବ | ବିଭୀୟାମ |

ଲଟ୍ - ଲଙ୍ ଓ ବିଧିଲିଙ୍ ଲକାରରେ ବିକଳ୍ପରେ 'ଭୀ' ସ୍ଥାନରେ 'ଭି' ହୁଏ ।

ହା (ତ୍ୟାଗ କରିବା) ଜହାତି, ଜହୀତଃ, ଜହତି, ଅଜହାତ୍, ହାସ୍ୟତି, ଜହାତୁ, ଜହ୍ୟାତ୍ ।

ହୁ (ହବନ କରିବା) ଜୁହୋତି, ଜୁହୁତଃ, ଜୁହ୍ୱତି : ଅଜୁହୋତ୍, ହୋଷ୍ୟତି, ଜୁହୋତୁ, ଜୁହୁୟାତ୍ । ବ୍ରାହ୍ମଣାଃ ଅଗ୍ନୌ ଜୁହ୍ୱତି ।

## ଅଭ୍ୟାସଃ

୧। **ଯଥା ନିର୍ଦ୍ଦେଶଂ ଧାତୁରୂପେଣ ଶୂନ୍ୟସ୍ଥାନଂ ପୂରୟତ ।**

(କ) ପ୍ରଧାନଶିକ୍ଷକଃ ଛାତ୍ରେଭ୍ୟଃ ପୁରସ୍କାରାନ୍ ____________ । (ଦା - ଲଟ୍)
(ଖ) ବାଳକଃ ସର୍ପାତ୍ ____________ । (ଭୀ - ଲଟ୍)
(ଗ) ବ୍ରାହ୍ମଣାଃ ଅଗ୍ନୌ ____________ । (ହୁ - ଲଟ୍)
(ଘ) ସର୍ବେ ଦରିଦ୍ରେଭ୍ୟଃ ଧନଂ ____________ । (ଦା - ଲୋଟ୍)
(ଙ) ସାଧବଃ କସ୍ମାତ୍ ନ ____________ । (ଭୀ - ବିଧିଲିଙ୍)
(ଚ) ବୟଂ ଭିକ୍ଷୁକାୟ ଭିକ୍ଷାଂ ____________ । (ଦା - ଲଙ୍)
(ଛ) ତ୍ୱଂ ବାଲକେଭ୍ୟଃ ମିଷ୍ଟାନ୍ନଂ ____________ । (ଦା - ଲୃଟ୍)
(ଜ) ମୂର୍ଖଃ ଅଜ୍ଞସ୍ୟ ହେତୋଃ ବହୂନ୍ ____________ । (ହା - ଲଟ୍)
(ଝ) ଚୌରାଃ ରକ୍ଷିଭ୍ୟଃ ____________ । (ଭୀ - ଲଟ୍)
(ଞ) ରାଜପୁତ୍ରଃ ସୁବର୍ଣ୍ଣକଙ୍କଣଂ ____________ । (ଭୃ - ଲଟ୍)

୨। **ନିମ୍ନଲିଖିତବାକ୍ୟାନି ସଂଶୋଧୟତ ।**

(କ) ତେ ମହ୍ୟଂ ବିଭ୍ୟନ୍ତି ।
(ଖ) ତେ ଦେବତାୟୈ ପୁଷ୍ପଂ ଦଦନ୍ତୁ ।
(ଗ) ତ୍ୱଂ କସ୍ମାତ୍ ନ ଅବିଭେତ୍ ।
(ଘ) ବୟଂ ଧନଂ ଅଦଦାତ୍ ।
(ଙ) ଶିକ୍ଷକାଃ ପୁରସ୍କାରାନ୍ ଦଦନ୍ତି ।
(ଚ) ଶିଶବଃ ନୂନଂ ଭେଷ୍ୟତି ।
(ଛ) ଭବନ୍ତଃ ତେଭ୍ୟଃ ଦଦନ୍ତୁ ।
(ଜ) ସାଧୁଃ ଦୁଷ୍ଟେଭ୍ୟଃ ବିଭୀୟାତ ।
(ଝ) ମାତଃ ! ବୁଦ୍ଧିଂ ଦଦତୁ ।
(ଞ) ଅହଂ ତୁଭ୍ୟଂ କିଂ ଦଦ୍ୟାତ୍ ।

୩। **ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

(କ) ଧନୀମାନେ ଦରିଦ୍ରଙ୍କୁ ଧନ ଦେବା ଉଚିତ ।
(ଖ) କୃପଣ କିଛି ଦିଏ ନାହିଁ ।
(ଗ) ପିଲାମାନେ କାହିଁକି ଡରନ୍ତି ?
(ଘ) ମୁଁ ଦରିଦ୍ରମାନଙ୍କୁ ବସ୍ତ୍ର ଦିଏ ।
(ଙ) ଧାର୍ମିକ ପାପକୁ ଭୟ କରେ ।
(ଚ) ତୁମେ ସାପକୁ ଭୟ କରିବ କି ?
(ଛ) ଛାତ୍ରମାନେ ଶିକ୍ଷକଙ୍କୁ ଭୟ କରିବା ଉଚିତ ନୁହେଁ ।
(ଜ) ଆଜିକାଲି କେହି କାହାକୁ ଭୟ କରୁନାହାଁନ୍ତି ।
(ଝ) ନିର୍ଲ୍ଲଜ୍ଜ ଅପମାନକୁ ଭୟ କରିବ ନାହିଁ ।

# (ଘ) ସ୍ୱାଦି
# ଶ୍ରୁ (ପରସ୍ମୈପଦୀ) (ଶୁଣିବା)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଶୃଣୋତି | ଶୃଣୁତଃ | ଶୃଣ୍ୱନ୍ତି |
| **ମଧ୍ୟମପୁରୁଷ** | ଶୃଣୋଷି | ଶୃଣୁଥଃ | ଶୃଣୁଥ |
| **ଉତ୍ତମପୁରୁଷ** | ଶୃଣୋମି | ଶୃଣୁବଃ/ଶୃଣ୍ୱଃ | ଶୃଣୁମଃ/ଶୃଣ୍ମଃ |

## ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅଶୃଣୋତ୍ | ଅଶୃଣୁତାମ୍ | ଅଶୃଣ୍ୱନ୍ |
| **ମଧ୍ୟମପୁରୁଷ** | ଅଶୃଣୋଃ | ଅଶୃଣୁତମ୍ | ଅଶୃଣୁତ |
| **ଉତ୍ତମପୁରୁଷ** | ଅଶୃଣବମ୍ | ଅଶୃଣୁବ/ଅଶୃଣ୍ୱ | ଅଶୃଣୁମ/ଅଶୃଣ୍ମ |

## ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଶ୍ରୋଷ୍ୟତି | ଶ୍ରୋଷ୍ୟତଃ | ଶ୍ରୋଷ୍ୟନ୍ତି |
| **ମଧ୍ୟମପୁରୁଷ** | ଶ୍ରୋଷ୍ୟସି | ଶ୍ରୋଷ୍ୟଥଃ | ଶ୍ରୋଷ୍ୟଥ |
| **ଉତ୍ତମପୁରୁଷ** | ଶ୍ରୋଷ୍ୟାମି | ଶ୍ରୋଷ୍ୟାବଃ | ଶ୍ରୋଷ୍ୟାମଃ |

## ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଶୃଣୋତୁ | ଶୃଣୁତାମ୍ | ଶୃଣ୍ୱନ୍ତୁ |
| **ମଧ୍ୟମପୁରୁଷ** | ଶୃଣୁ | ଶୃଣୁତମ୍ | ଶୃଣୁତ |
| **ଉତ୍ତମପୁରୁଷ** | ଶୃଣବାନି | ଶୃଣବାବ | ଶୃଣବାମ |

## ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଶୃଣୁୟାତ୍ | ଶୃଣୁୟାତାମ୍ | ଶୃଣୁୟୁଃ |
| **ମଧ୍ୟମପୁରୁଷ** | ଶୃଣୁୟାଃ | ଶୃଣୁୟାତମ୍ | ଶୃଣୁୟାତ |
| **ଉତ୍ତମପୁରୁଷ** | ଶୃଣୁୟାମ୍ | ଶୃଣୁୟାବ | ଶୃଣୁୟାମ |

ଆ – ଶ୍ରୁ, ପ୍ରତି – ଶ୍ରୁ (ପ୍ରତିଶୃତି ଦେବା / ପ୍ରତିଜ୍ଞା କରିବା) : ଆଶୃଣୋତି, ପ୍ରତିଶୃଣୋତି ।

କେତେକ ପ୍ରଚଳିତ ଧାତୁର (ସ୍ୱାଦିଗଣୀୟ) ଲଟ୍, ଲଙ୍, ଲୃଟ୍, ଲୋଟ୍ ଓ ବିଧିଲିଙ୍‌ଲକାର ପ୍ରଥମପୁରୁଷ ଏକବଚନର ରୂପ ଦିଆଗଲା ।

ଆପ୍ (ପାଇବା) : ଆପ୍ନୋତି, ଆପ୍ନୋତ୍, ଆପ୍ସ୍ୟତି, ଆପ୍ନୋତୁ, ଆପ୍ନୁୟାତ୍ ।

ପ୍ର – ଆପ୍ : (ଲାଭ କରିବା) ପ୍ରାପ୍ନୋତି, ପ୍ରାପ୍ନୋତ୍, ପ୍ରାପ୍ସ୍ୟତି, ପ୍ରାପ୍ନୋତୁ, ପ୍ରାପ୍ନୁୟାତ୍ ।

ଶକ୍ (ସମର୍ଥ ହେବା) : ଶକ୍ନୋତି, ଅଶକ୍ନୋତ୍, ଶକ୍ଷ୍ୟତି, ଶକ୍ନୋତୁ, ଶକ୍ନୁୟାତ୍ ।

ଚି (ସଂଗ୍ରହ କରିବା / ତୋଳିବା) : ଚିନୋତି, ଅଚିନୋତ୍, ଚେଷ୍ୟତି, ଚିନୋତୁ, ଚିନୁୟାତ୍ ।

ବୃ (ବରଣ କରିବା – ପରସ୍ମୈପଦୀ) : ବୃଣୋତି, ଅବୃଣୋତ୍, ବରିଷ୍ୟତି, ବୃଣୋତୁ, ବୃଣୁୟାତ୍ ।

(ଆତ୍ମନେପଦୀ) : ବୃଣୁତେ, ଅବୃଣୁତ, ବରିଷ୍ୟତେ, ବୃଣୁତାମ୍, ବୃଣ୍ୱୀତାମ୍ ।

କେତେକ ଶିଷ୍ଟ ପ୍ରୟୋଗ

| |
|---|
| ସ୍ତୃ (ଢାଙ୍କିବା / ବିଛାଇବା) : ପୁଷ୍ପାକ୍ଷତୈଃ ପୀଠସ୍ଥାନଂ ସ୍ତୃଣୋତି । |
| ଆ – ସ୍ତୃ (ଆସ୍ତରଣ କରିବା) : ପୁଷ୍ପାଦିଭିଃ ଶଯ୍ୟାମ୍ ଆସ୍ତୃଣୋତି । |
| ଦୁ (ସନ୍ତାପିତ କରିବା / ଦୁଃଖ ଦେବା) : ଦାରିଦ୍ର୍ୟଂ ଦୁନୋତି ଚେତଃ । |

# (ଙ) ତୁଦାଦି
# ପ୍ରଚ୍ଛ୍ (ପରସ୍ମୈପଦୀ) - (ପଚାରିବା)

## ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପୃଚ୍ଛତି | ପୃଚ୍ଛତଃ | ପୃଚ୍ଛନ୍ତି |
| **ମଧ୍ୟମପୁରୁଷ** | ପୃଚ୍ଛସି | ପୃଚ୍ଛଥଃ | ପୃଚ୍ଛଥ |
| **ଉତ୍ତମପୁରୁଷ** | ପୃଚ୍ଛାମି | ପୃଚ୍ଛାବଃ | ପୃଚ୍ଛାମଃ |

## ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅପୃଚ୍ଛତ୍ | ଅପୃଚ୍ଛତାମ୍ | ଅପୃଚ୍ଛନ୍ |
| **ମଧ୍ୟମପୁରୁଷ** | ଅପୃଚ୍ଛଃ | ଅପୃଚ୍ଛତମ୍ | ଅପୃଚ୍ଛତ |
| **ଉତ୍ତମପୁରୁଷ** | ଅପୃଚ୍ଛମ୍ | ଅପୃଚ୍ଛାବ | ଅପୃଚ୍ଛାମ |

## ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପ୍ରକ୍ଷ୍ୟତି | ପ୍ରକ୍ଷ୍ୟତଃ | ପ୍ରକ୍ଷ୍ୟନ୍ତି |
| **ମଧ୍ୟମପୁରୁଷ** | ପ୍ରକ୍ଷ୍ୟସି | ପ୍ରକ୍ଷ୍ୟଥଃ | ପ୍ରକ୍ଷ୍ୟଥ |
| **ଉତ୍ତମପୁରୁଷ** | ପ୍ରକ୍ଷ୍ୟାମି | ପ୍ରକ୍ଷ୍ୟାବଃ | ପ୍ରକ୍ଷ୍ୟାମଃ |

## ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପୃଚ୍ଛତୁ | ପୃଚ୍ଛତାମ୍ | ପୃଚ୍ଛନ୍ତୁ |
| **ମଧ୍ୟମପୁରୁଷ** | ପୃଚ୍ଛ | ପୃଚ୍ଛତମ୍ | ପୃଚ୍ଛତ |
| **ଉତ୍ତମପୁରୁଷ** | ପୃଚ୍ଛାନି | ପୃଚ୍ଛାବ | ପୃଚ୍ଛାମ |

## ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପୃଚ୍ଛେତ୍ | ପୃଚ୍ଛେତାମ୍ | ପୃଚ୍ଛେୟୁଃ |
| **ମଧ୍ୟମପୁରୁଷ** | ପୃଚ୍ଛେଃ | ପୃଚ୍ଛେତମ୍ | ପୃଚ୍ଛେତ |
| **ଉତ୍ତମପୁରୁଷ** | ପୃଚ୍ଛେୟମ୍ | ପୃଚ୍ଛେବ | ପୃଚ୍ଛେମ |

ଆ + ପ୍ରଚ୍ଛ୍ (ଆମନ୍ତ୍ରଣ ବା ସମ୍ଭାଷଣ କରିବା) ଆତ୍ମନେପଦୀ ହୁଏ । ଆପୃଚ୍ଛତେ । କେତେକ ପ୍ରଚଳିତ ଧାତୁର ଯଥାକ୍ରମେ ଲଟ୍, ଲଙ୍, ଲୃଟ୍, ଲୋଟ୍ ଓ ବିଧିଲିଙ୍ ଲକାରର ପ୍ରଥମ ପୁରୁଷ ଏକବଚନରେ ରୂପ ନିମ୍ନରେ ପ୍ରଦତ୍ତ ହେଲା ।

ଇଷ୍ (ଇଚ୍ଛା କରିବା) : ଇଚ୍ଛତି, ଐଚ୍ଛତ୍, ଏଷିଷ୍ୟତି, ଇଚ୍ଛତୁ, ଇଚ୍ଛେତ୍ ।

ଲିଖ୍ (ଲେଖିବା) : ଲିଖତି, ଅଲିଖତ୍, ଲେଖିଷ୍ୟତି, ଲିଖତୁ, ଲିଖେତ୍ ।

କ୍ଷିପ୍ (ଫୋପାଡ଼ିବା) : କ୍ଷିପତି, ଅକ୍ଷିପତ୍, କ୍ଷେପସ୍ୟତି, କ୍ଷିପତୁ, କ୍ଷିପେତ୍ ।

ସିଚ୍ (ଛିଞ୍ଚିବା) : ସିଞ୍ଚତି, ଅସିଞ୍ଚତ୍, ସେକ୍ଷ୍ୟତି, ସିଞ୍ଚତୁ, ସିଞ୍ଚେତ୍ ।

ସୃଜ୍ (ସୃଷ୍ଟିକରିବା) : ସୃଜତି, ଅସୃଜତ୍, ସ୍ରକ୍ଷ୍ୟତି, ସୃଜତୁ, ସୃଜେତ୍ ।

ଉତ୍ - ସୃଜ୍ (ତ୍ୟାଗ କରିବା) : ଉତ୍ସୃଜତି, ଉଦସୃଜତ୍, ଉତ୍ସ୍ରକ୍ଷ୍ୟତି, ଉତ୍ସୃଜତୁ, ଉତ୍ସୃଜେତ୍ । ପାପଧନମ୍ ଉତ୍ସୃଜେତ୍ ।

ମୁଚ୍ - (ମୋଚନ କରିବା) : ମୁଞ୍ଚତି, ଅମୁଞ୍ଚତ୍, ମୋକ୍ଷ୍ୟତି, ମୁଞ୍ଚତୁ, ମୁଞ୍ଚେତ୍ ।

ଆ – ହ୍ୱେ (ଡାକିବା) : ଆହ୍ୱୟତି, ଆହ୍ୱୟତ୍, ଆହ୍ୱୟିଷ୍ୟତି, ଆହ୍ୱୟତୁ, ଆହ୍ୱୟେତ୍ ।

ଆ – ହ୍ୱେ (ଆସ୍ଫାଳନ ଅର୍ଥରେ ଆତ୍ମନେପଦୀ ହୁଏ) : ବୀରଃ ବୀରମ୍ ଆହ୍ୱୟତେ ।

ସ୍ପୃଶ୍ – (ସ୍ପର୍ଶ କରିବା) : ସ୍ପୃଶତି, ଅସ୍ପୃଶତ୍, ସ୍ପ୍ରକ୍ଷ୍ୟତି / ସ୍ପର୍କ୍ଷ୍ୟତି, ସ୍ପୃଶେତ୍ ସ୍ପୃଶତୁ ।

ଆ– ଦୃ (ଆଦର କରିବା) : (ଆତ୍ମନେପଦୀ) – ଆଦ୍ରିୟତେ, ଆଦ୍ରିୟତ, ଆଦରିଷ୍ୟତେ, ଆଦ୍ରିୟତାମ୍, ଆଦ୍ରିୟେତ । ସାଧୁଃ ଧର୍ମମ୍ ଆଦ୍ରିୟତେ ।

ଉପ – ଦିଶ୍ (ଉପଦେଶ ଦେବା) : ଉପଦିଶତି, ଉପାଦିଶତ୍, ଉପଦେକ୍ଷ୍ୟତି, ଉପଦିଶତୁ, ଉପଦିଶେତ୍ । ଭବନ୍ତଃ ଅସ୍ମାନ୍ ଉପଦିଶନ୍ତୁ ।

ନିର୍ – ଦିଶ୍ (ନିର୍ଦ୍ଦେଶ ଦେବା) : ନିର୍ଦିଶତି, ନିରଦିଶତ୍, ନିର୍ଦ୍ଦେକ୍ଷ୍ୟତି, ନିର୍ଦ୍ଦିଶତୁ, ନିର୍ଦ୍ଦିଶେତ୍ । ଭବାନ୍ ମାର୍ଗଂ ନିର୍ଦ୍ଦିଶତୁ ।

ମୃ – (ମରିବା) : ଲଟ୍ – ମ୍ରିୟତେ, ମ୍ରିୟେତେ, ମ୍ରିୟନ୍ତେ ....., ଲୃଟ୍‌ରେ ମରିଷ୍ୟତି, ମରିଷ୍ୟତଃ, ମରିଷ୍ୟନ୍ତି ହୁଏ ।

ତୁଦ୍ (ଉଭୟପଦୀ – କଷ୍ଟଦେବା ଅର୍ଥରେ) ଲଟ୍ ତୁଦତି / ତୁଦତେ, ଲୃଟ୍‌ରେ ତୋତ୍‌ସ୍ୟତି / ତୋତ୍‌ସ୍ୟତେ ଏହିପରି ରୂପ ହୁଏ ।

**କେତେକ ଉଭୟପଦୀ ଧାତୁ –**

କ୍ଷିପ୍ (ଫୋପାଡ଼ିବା) ଲଟ୍ : କ୍ଷିପତି / କ୍ଷିପତେ, ଲୃଟ୍ କ୍ଷେପ୍‌ସ୍ୟତି / କ୍ଷେପ୍‌ସ୍ୟତେ ।

ଅଧି – କ୍ଷିପ୍ (ତିରସ୍କାର ଅର୍ଥରେ) : କିମର୍ଥଂ ମହ୍ୟମ୍ ଅଧିକ୍ଷିପତି / ଅଧିକ୍ଷିପତେ ।

ଆ – କ୍ଷିପ୍ (ଦୋଷଦେବା) : ଏତଦ୍ ଦୂଷଣଂ ମୟି ମା ଆକ୍ଷିପ / ଆକ୍ଷିପସ୍ୱ ।

ସମ୍ – କ୍ଷିପ୍ (ସଂକ୍ଷେପ କରିବା) : ସଂକ୍ଷିପତୁ / ସଂକ୍ଷିପତାଂ ଭବତଃ କଥାମ୍ ।

## ଅଭ୍ୟାସଃ

**୧ । ନିମ୍ନଲିଖିତକ୍ରିୟାପଦାନି ବ୍ୟବହୃତ୍ୟ ପୃଥକ୍ ବାକ୍ୟାନି ରଚୟତ ।**

(କ) ଶୃଣ୍ୱନ୍ତି –
(ଖ) ଶୃଣୁୟାତ –
(ଗ) ଆପ୍ନୋତୁ –
(ଘ) ଅଚିନୋତ୍ –
(ଙ) ପୃଚ୍ଛସି –
(ଚ) ସ୍ରକ୍ଷ୍ୟତି –
(ଛ) ଆଦିଶତୁ –
(ଜ) ସଂକ୍ଷିପତାମ୍ –
(ଝ) ଆହ୍ୱୟତୁ –
(ଞ) ପ୍ରକ୍ଷ୍ୟାମଃ –

**୨ । ଭ୍ରମସଂଶୋଧନଂ କୁରୁତ ।**

(କ) ଯୂୟଂ ତଂ ପୃଚ୍ଛନ୍ତୁ ।
(ଖ) ଅହଂ ମିତ୍ରଂ ପ୍ରଚ୍ଛିଷ୍ୟାମି ।
(ଗ) ତେ ଗୀତଂ ଶୃଣୁୟାତ୍ ।
(ଘ) ଅହଂ ଧନଂ ପ୍ରାପ୍ନୁବନ୍ ।
(ଙ) ଆବାଂ କଥାଂ ଶୃଣୁଥଃ ।
(ଚ) ତୃଷାର୍ତ୍ତଃ ଜଳଂ ଇଚ୍ଛେୟୁଃ ।
(ଛ) ତୌ ପୁରାଣମ୍ ଅଶୃଣୋଃ ।
(ଜ) ସଃ ଯଶଃ ପ୍ରାପ୍ନୁହି ।
(ଝ) ବୟଂ ପୁଷ୍ପାଣି ଚେଷ୍ୟଥ ।
(ଞ) ତେ ଗୀତଂ ଶୃଣୁୟାତ୍ ।

**୩ । ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

(କ) ଆପଣ ପୁରାଣ ଶୁଣନ୍ତୁ ।
(ଖ) ପିଲାମାନେ ଆଗ୍ରହରେ କଥା ଶୁଣୁଛନ୍ତି ।
(ଗ) ଦୁଷ୍ଟମାନେ ନୀତିବାକ୍ୟ ଶୁଣିବେ ନାହିଁ ।
(ଘ) ମହତ୍ ଲୋକଙ୍କ ଉପଦେଶ ସର୍ବଦା ଶୁଣିବା ଉଚିତ ।
(ଙ) ଆମ୍ଭେମାନେ ଶ୍ରେଣୀରେ ପାଠ ଶୁଣୁ ।
(ଚ) ସଂସାରରେ କିଏ ବା ଯଶ ଇଚ୍ଛା ନ କରେ ।
(ଛ) ଈଶ୍ୱର ଜଗତକୁ ସୃଷ୍ଟି କରିଛନ୍ତି ।
(ଜ) ତୁମେ ମୋତେ କ'ଣ ପଚାରୁଛ ?
(ଝ) ବିଦ୍ୱାନ୍ ମାନଙ୍କୁ ସମସ୍ତେ ଆଦର କରନ୍ତି ।

# (ଚ) ତନାଦି
# କୃ (କରିବା) (ପରସ୍ମୈପଦୀ)

## ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | କରୋତି | କୁରୁତଃ | କୁର୍ବନ୍ତି |
| **ମଧ୍ୟମପୁରୁଷ** | କରୋଷି | କୁରୁଥଃ | କୁରୁଥ |
| **ଉତ୍ତମପୁରୁଷ** | କରୋମି | କୁର୍ବଃ | କୁର୍ମଃ |

## ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅକରୋତ୍ | ଅକୁରୁତାମ୍ | ଅକୁର୍ବନ୍ |
| **ମଧ୍ୟମପୁରୁଷ** | ଅକରୋଃ | ଅକୁରୁତମ୍ | ଅକୁରୁତ |
| **ଉତ୍ତମପୁରୁଷ** | ଅକରବମ୍ | ଅକୁର୍ବ | ଅକୁର୍ମ |

## ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | କରିଷ୍ୟତି | କରିଷ୍ୟତଃ | କରିଷ୍ୟନ୍ତି |
| **ମଧ୍ୟମପୁରୁଷ** | କରିଷ୍ୟସି | କରିଷ୍ୟଥଃ | କରିଷ୍ୟଥ |
| **ଉତ୍ତମପୁରୁଷ** | କରିଷ୍ୟାମି | କରିଷ୍ୟାବଃ | କରିଷ୍ୟାମଃ |

## ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | କରୋତୁ | କୁରୁତାମ୍ | କୁର୍ବନ୍ତୁ |
| **ମଧ୍ୟମପୁରୁଷ** | କୁରୁ | କୁରୁତମ୍ | କୁରୁତ |
| **ଉତ୍ତମପୁରୁଷ** | କରବାଣି | କରବାବ | କରବାମ |

## ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | କୁର୍ଯ୍ୟାତ୍ | କୁର୍ଯ୍ୟାତାମ୍ | କୁର୍ଯ୍ୟୁଃ |
| **ମଧ୍ୟମପୁରୁଷ** | କୁର୍ଯ୍ୟାଃ | କୁର୍ଯ୍ୟାତମ୍ | କୁର୍ଯ୍ୟାତ |
| **ଉତ୍ତମପୁରୁଷ** | କୁର୍ଯ୍ୟାମ୍ | କୁର୍ଯ୍ୟାବ | କୁର୍ଯ୍ୟାମ |

**ମନେରଖ :**

(୧) 'କୃ' ଧାତୁର ପରସ୍ମୈପଦୀ ଓ ଆତ୍ମନେପଦୀ ରୂପ ମଧ୍ୟରୁ ଗୋଟିଏ ମନେରଖିଲେ ଅନୁବାଦ ପ୍ରଭୃତି କରିହେବ । ଯେହେତୁ ପରସ୍ମୈପଦୀର ବହୁଳ ବ୍ୟବହାର ଦେଖାଯାଏ, ତେଣୁ ଏଠାରେ କେବଳ ପରସ୍ମୈପଦୀର ରୂପ ଦିଆଗଲା । 'ର୍ଯ୍ୟା' ସ୍ଥାନରେ 'ର୍ଯା' ମଧ୍ୟ ଗ୍ରହଣୀୟ ।

(୨) ଅନୁବାଦ କ୍ଷେତ୍ରରେ 'କୃ' ଧାତୁର ଆବଶ୍ୟକତା ବିଶେଷ ଭାବରେ ଦେଖାଯାଏ । କୌଣସି ଧାତୁର ରୂପ ମନେ ନଥିଲେ, ଧାତୁରେ ଲ୍ୟୁଟ୍ (ଅନ) ବା ଭାବବାଚକ ପ୍ରତ୍ୟୟ କରି, କୃ ଧାତୁ ସାହାଯ୍ୟରେ ଅନୁବାଦ କରାଯାଇପାରିବ ।

ମାତ୍ର କର୍ମ (୨ୟା) ସ୍ଥାନରେ ୬ଷ୍ଠୀ ବିଭକ୍ତି ହୁଏ ।

ଯଥା :- (କ) ପିଲାଟି କାନ୍ଦୁଛି - ଶିଶୁଃ କ୍ରନ୍ଦନଂ କରୋତି / ଶିଶୁଃ କ୍ରନ୍ଦତି । ରାମଃ ଗ୍ରାମଂ ଗଚ୍ଛତି । ରାମଃ ଗ୍ରାମସ୍ୟ ଗମନଂ କରୋତି ।

(ଖ) ପୁଅ ଅତିଥିଙ୍କୁ ସେବା କରୁଛି - ପୁତ୍ରଃ ଅତିଥେଃ ସେବାଂ କରୋତି / ଅତିଥିଂ ସେବତେ ।

(୩) 'କୃ' ଧାତୁ ପୂର୍ବରେ ଉପସର୍ଗ କିମ୍ବା ଉପପଦ ରହିଲେ ଧାତୁର ଅର୍ଥ ଭିନ୍ନ ଭିନ୍ନ ପ୍ରକାର ହୋଇଥାଏ । ଯଥା:-

ଅନୁ - କୃ (ଅନୁକରଣ କରିବା) : ଛାତ୍ରଃ ଶିକ୍ଷକମ୍ ଅନୁକରୋତି ।

ଅପ - କୃ (ଅପକାର କରିବା) : ଦୁର୍ଜନଃ ସଜ୍ଜନଂ ପ୍ରତି ଅପକରୋତି ।

ଉପ - କୃ (ଉପକାର କରିବା) : ଔଷଧିଃ ଶରୀରମ୍ ଉପକରୋତି ।

ସମ୍ - କୃ (ଶୁଦ୍ଧ କରିବା) : ତପସ୍ୟା ଚିତ୍ତଂ ସଂସ୍କରୋତି ।

ପରା - କୃ (ପ୍ରତ୍ୟାଖ୍ୟାନ କରିବା) : ଶିକ୍ଷକଃ ଛାତ୍ରସ୍ୟ ଆବେଦନଂ ପରାକରୋତି ।

ବି - କୃ (ବିକୃତ କରିବା) : କ୍ରୋଧଃ ଚିତ୍ତଂ ବିକରୋତି ।

ଅଧି - କୃ (ଅଧିକାର କରିବା) : ବୈଦେଶିକାଃ ଭାରତବର୍ଷମ୍ ଅଧିକୁର୍ବନ୍ତି ସ୍ମ ।

ପରି + କୃ (ପରିଷ୍କାର କରିବା) : ସେବକଃ ଶ୍ରେଣୀଗୃହଂ ପରିଷ୍କରୋତି ।

ପୁରସ୍ + କୃ (ପୁରସ୍କାର ଦେବା) : ରାଷ୍ଟ୍ରପତିଃ ସୈନିକାନ୍ ପୁରସ୍କରୋତି ।

ତିରସ୍ + କୃ (ତିରସ୍କାର କରିବା) : ସାଧୁଃ ପାପଂ ତିରସ୍କରୋତି ।

ନିର୍ + ଆ - କୃ (ନିରାକରଣ କରିବା) : ସର୍ବକାରଃ ଅଭାବଂ ନିରାକରୋତି ।

ଆବିସ୍ - କୃ (ଆବିଷ୍କାର କରିବା) : ବୈଜ୍ଞାନିକାଃ ଉପାୟାନ୍ ଆବିଷ୍କୁର୍ବନ୍ତି ।

ନମସ୍ - କୃ (ନମସ୍କାର କରିବା) : ଛାତ୍ରାଃ ଶିକ୍ଷକାନ୍ ନମସ୍କୁର୍ବନ୍ତି ।

ବହିସ୍ - କୃ (ବାହାର କରିବା) : ସୈନିକଃ ଦେଶାତ୍ ଶତ୍ରୁଂ ବହିଷ୍କରୋତି ।

ଅଲମ୍ - କୃ (ଅଳଂକୃତ କରିବା) : ପଣ୍ଡିତାଃ ସଭାମ୍ ଅଳଂକୁର୍ବନ୍ତି ।

ଦୂର୍ - କୃ (ଦୂରକରିବା) : ତ୍ୱଂ ଦୁଃଖଂ ଦୂରୀକୁରୁ । ଭଗବାନ୍ ଦୁଃଖଂ ଦୂରୀକରୋତି ।

ସ୍ଥିର - କୃ (ସ୍ଥିରକରିବା) : ସଃ ପୁତ୍ରସ୍ୟ ବିବାହଂ ସ୍ଥିରୀକରିଷ୍ୟତି ।

ସତ୍ - କୃ (ସତ୍କାର କରିବା) : ଭାରତୀୟାଃ ଅତିଥୀନ୍ ସତ୍କୁର୍ବନ୍ତି ।

ପ୍ରତି - କୃ (ପ୍ରତିକାର କରିବା) : ଚିକିତ୍ସକଃ ରୋଗଂ ପ୍ରତିକରୋତି ।

(୪) ଏତଦ୍ ଭିନ୍ନ- ତନ୍ (ବିସ୍ତାର କରିବା) : (ତନୋତି) ରବିଃ ଆତପଂ ତନୋତି । ଟୀକାମ୍ ତନୁତେ (ବ୍ୟାଖ୍ୟାକୁ ବିସ୍ତାର କରୁଛି) ।

ମନ୍ (ମନନ କରିବା) : ବହୁ ମନୁତେ ତବ ସମାଗମମ୍ ।

ଆ - ତନ୍ (ବ୍ୟାପିବା) : ଆ ତନୋତି ଗୃହଂ ଧୂମଜାଳଃ ।

# (ଛ) କ୍ର୍ୟାଦି
# ଜ୍ଞା (ଜାଣିବା, ବୋଧ କରିବା) (ପରସ୍ମୈପଦୀ ରୂପ)

## ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଜାନାତି | ଜାନୀତଃ | ଜାନନ୍ତି |
| **ମଧ୍ୟମପୁରୁଷ** | ଜାନାସି | ଜାନୀଥଃ | ଜାନୀଥ |
| **ଉତ୍ତମପୁରୁଷ** | ଜାନାମି | ଜାନୀବଃ | ଜାନୀମଃ |

## ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅଜାନାତ୍ | ଅଜାନୀତାମ୍ | ଅଜାନନ୍ |
| **ମଧ୍ୟମପୁରୁଷ** | ଅଜାନାଃ | ଅଜାନୀତମ୍ | ଅଜାନୀତ |
| **ଉତ୍ତମପୁରୁଷ** | ଅଜାନାମ୍ | ଅଜାନୀବ | ଅଜାନୀମ |

## ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଜ୍ଞାସ୍ୟତି | ଜ୍ଞାସ୍ୟତଃ | ଜ୍ଞାସ୍ୟନ୍ତି |
| **ମଧ୍ୟମପୁରୁଷ** | ଜ୍ଞାସ୍ୟସି | ଜ୍ଞାସ୍ୟଥଃ | ଜ୍ଞାସ୍ୟଥ |
| **ଉତ୍ତମପୁରୁଷ** | ଜ୍ଞାସ୍ୟାମି | ଜ୍ଞାସ୍ୟାବଃ | ଜ୍ଞାସ୍ୟାମଃ |

## ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଜାନାତୁ | ଜାନୀତାମ୍ | ଜାନନ୍ତୁ |
| **ମଧ୍ୟମପୁରୁଷ** | ଜାନୀହି | ଜାନୀତମ୍ | ଜାନୀତ |
| **ଉତ୍ତମପୁରୁଷ** | ଜାନାନି | ଜାନାବ | ଜାନାମ |

## ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଜାନୀୟାତ୍ | ଜାନୀୟାତାମ୍ | ଜାନୀୟୁଃ |
| **ମଧ୍ୟମପୁରୁଷ** | ଜାନୀୟାଃ | ଜାନୀୟାତମ୍ | ଜାନୀୟାତ |
| **ଉତ୍ତମପୁରୁଷ** | ଜାନୀୟାମ୍ | ଜାନୀୟାବ | ଜାନୀୟାମ |

(୧) ଜ୍ଞା ଧାତୁ ଉପସର୍ଗଯୁକ୍ତ ହେଲେ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରେ ।
ଅନୁ – ଜ୍ଞା (ଅନୁମତି ଦେବା) : ମାଂ ଗମନାୟ ଅନୁଜାନୀହି ।
ଅଭି – ଜ୍ଞା (ମନେପକାଇବା / ଚିହ୍ନିବା) : ମୁଦ୍ରିକୟା ଦୁଷ୍ୟନ୍ତଃ ଶକୁନ୍ତଳାମ୍ ଅଭ୍ୟଜାନାତ୍ ।
ଅବ – ଜ୍ଞା (ଅନାଦର କରିବା) : କମପି ମା ଅବଜାନୀହି ।
ପ୍ରତି – ଜ୍ଞା (ପ୍ରତିଜ୍ଞା କରିବା) : ଛାତ୍ରଃ ସତ୍ୟଂ ବକ୍ତୁଂ ପ୍ରତିଜାନାତି ।

(୨) ଜ୍ଞା ଧାତୁର ଆତ୍ମନେପଦୀ ରୂପ : ଜାନୀତେ, ଅଜାନୀତ, ଜ୍ଞାସ୍ୟତେ, ଜାନୀତାମ୍, ଜାନୀତ ।

(୩) ଅନ୍ୟ କେତେକ ପ୍ରଚଳିତ ଧାତୁମାନଙ୍କର ରୂପ –
ଅଶ୍ (ଖାଇବା ଅର୍ଥରେ) : ଲଟ୍ ଅଶ୍ନାତି, ଲୃଟ୍‌ରେ ଅଶିଷ୍ୟତି । ଶିଶୁଃ ଦିବସସ୍ୟ ତ୍ରିଃ ଅଶ୍ନାତି ।
ବନ୍ଧ୍ (ବାନ୍ଧିବା ଅର୍ଥରେ) : ସା କେଶପାଶଂ ବଧ୍ନାତି ।
ଗ୍ରନ୍ଥ (ଗୁନ୍ଥିବା, ଗ୍ରନ୍ଥରଚନା କରିବା) : ବାଳିକା ମାଳାଂ ଗ୍ରଥ୍ନାତି । ସଃ କାବ୍ୟଂ ଗ୍ରଥିଷ୍ୟତି ।
'ଲୂ' (ଛେଦନ କରିବା, ଛିଣ୍ଡେଇବା) : ଲୁନାତି / ଲୁନୀତେ, ଲବିଷ୍ୟତି / ଲବିଷ୍ୟତେ, କାନନଂ ନ ଲୁନୀହି । କୃଷକଃ ଶସ୍ୟଂ ଲୁନାତି । ଇତ୍ୟାଦି ।

# (ଜ) ଚୁରାଦି

ଚୁରାଦି ଗଣୀୟ ଧାତୁର ନିଜ ଅର୍ଥରେ (ସ୍ୱାର୍ଥେ) ଣିଚ୍ (ଇ) ପ୍ରତ୍ୟୟ ହୁଏ ।

ଚୁର୍ + ଣିଚ୍ (ଇ) = ଚୋରି + ଅ + ତିପ୍ = ଚୋରୟତି (ଚୋରି କରିବା)

## ପୂଜ୍ (ପୂଜାକରିବା) (ପରସ୍ମୈପଦୀ)

### ଲଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପୂଜୟତି | ପୂଜୟତଃ | ପୂଜୟନ୍ତି |
| **ମଧ୍ୟମପୁରୁଷ** | ପୂଜୟସି | ପୂଜୟଥଃ | ପୂଜୟଥ |
| **ଉତ୍ତମପୁରୁଷ** | ପୂଜୟାମି | ପୂଜୟାବଃ | ପୂଜୟାମଃ |

### ଲଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ଅପୂଜୟତ୍ | ଅପୂଜୟତାମ୍ | ଅପୂଜୟନ୍ |
| **ମଧ୍ୟମପୁରୁଷ** | ଅପୂଜୟଃ | ଅପୂଜୟତମ୍ | ଅପୂଜୟତ |
| **ଉତ୍ତମପୁରୁଷ** | ଅପୂଜୟମ୍ | ଅପୂଜୟାବ | ଅପୂଜୟାମ |

### ଲୃଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପୂଜୟିଷ୍ୟତି | ପୂଜୟିଷ୍ୟତଃ | ପୂଜୟିଷ୍ୟନ୍ତି |
| **ମଧ୍ୟମପୁରୁଷ** | ପୂଜୟିଷ୍ୟସି | ପୂଜୟିଷ୍ୟଥଃ | ପୂଜୟିଷ୍ୟଥ |
| **ଉତ୍ତମପୁରୁଷ** | ପୂଜୟିଷ୍ୟାମି | ପୂଜୟିଷ୍ୟାବଃ | ପୂଜୟିଷ୍ୟାମଃ |

### ଲୋଟ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପୂଜୟତୁ | ପୂଜୟତାମ୍ | ପୂଜୟନ୍ତୁ |
| **ମଧ୍ୟମପୁରୁଷ** | ପୂଜୟ | ପୂଜୟତମ୍ | ପୂଜୟତ |
| **ଉତ୍ତମପୁରୁଷ** | ପୂଜୟାନି | ପୂଜୟାବ | ପୂଜୟାମ |

## ବିଧିଲିଙ୍‌ଲକାର

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| **ପ୍ରଥମପୁରୁଷ** | ପୂଜୟେତ୍ | ପୂଜୟେତାମ୍ | ପୂଜୟେୟୁଃ |
| **ମଧ୍ୟମପୁରୁଷ** | ପୂଜୟେଃ | ପୂଜୟେତମ୍ | ପୂଜୟେତ |
| **ଉତ୍ତମପୁରୁଷ** | ପୂଜୟେୟମ୍ | ପୂଜୟେବ | ପୂଜୟେମ |

କେତେକ ପ୍ରଚଳିତ ଧାତୁର ପ୍ରଥମ ପୁରୁଷ ଏକବଚନରେ ରୂପ ନିମ୍ନରେ ଦିଆଗଲା–

ଚୁର୍ (ଚୋରିକରିବା) : ଚୋରୟତି, ଅଚୋରୟତ୍, ଚୋରୟିଷ୍ୟତି, ଚୋରୟତୁ, ଚୋରୟେତ୍ ।

କ୍ଷାଲ୍ (ଧୋଇବା) : କ୍ଷାଳୟତି, ଅକ୍ଷାଳୟତ୍, କ୍ଷାଳୟିଷ୍ୟତି, କ୍ଷାଳୟତୁ, କ୍ଷାଳୟେତ୍ ।

କ୍ଷାଲ୍ ପୂର୍ବରେ ପ୍ରାୟତଃ 'ପ୍ର' ଉପସର୍ଗ ଲାଗିଥାଏ । ପ୍ରକ୍ଷାଳୟତି ଇତ୍ୟାଦି ।

ତଡ୍ (ତଡ଼ିଦେବା / ଆଘାତ କରିବା) : ତାଡ଼ୟତି, ଅତାଡ଼ୟତ୍, ତାଡ଼ୟିଷ୍ୟତି, ତାଡୟତୁ, ତାଡୟେତ୍ ।

ପ୍ର + ଈର୍ (ପ୍ରେରଣ କରିବା) : ପ୍ରେରୟତି, ପ୍ରୈରୟତ୍, ପ୍ରେରୟିଷ୍ୟତି, ପ୍ରେରୟତୁ, ପ୍ରେରୟେତ୍ ।

ସେହିପରି ଭକ୍ଷ୍ (ଭକ୍ଷଣ କରିବା), ଚିତ୍ର (ଚିତ୍ର କରିବା), ଅର୍ଜ (ଅର୍ଜନ କରିବା), ଗଣ୍ (ଗଣନା କରିବା), ଦଣ୍ଡ୍ (ଦଣ୍ଡଦେବା), ମାର୍ଗ୍ (ଖୋଜିବା), ରଚ୍ (ରଚନା କରିବା), ସୂଚ୍ (ସୂଚନା ଦେବା), ପୂର୍ (ପୂରଣ କରିବା), ଚିନ୍ତ୍ (ଚିନ୍ତା କରିବା), ପାଲ୍ (ପାଳନ କରିବା), ଅର୍ଚ୍ଚ - (ପୂଜାର୍ଚ୍ଚନା କରିବା), ମିଶ୍ର - (ମିଶାଇବା), ବଣ୍ଟ୍ (ବାଣ୍ଟିବା), ସ୍ପୃହ୍ - (ସ୍ପୃହା କରିବା), ପୀଡ୍ (ପୀଡ଼ାଦେବା), ବର୍ଣ୍ଣ୍ (ରଙ୍ଗେଇବା), ମାନ୍ - (ସମ୍ମାନଦେବା), ଆ-ସ୍ୱଦ୍ (ଆସ୍ୱାଦନ କରିବା), ଲଙ୍ଘ୍ (ଲଙ୍ଘନ କରିବା), ବଞ୍ଚ୍- ପ୍ରତାରଣା କରିବା ପ୍ରଭୃତି ଧାତୁଗୁଡ଼ିକର ରୂପ ପୂଜ୍ ଧାତୁର ରୂପ ପରି ହୋଇଥାଏ ।

ଚୁରାଦି ଗଣୀୟ କେତେକ ଧାତୁର ଆତ୍ମନେପଦୀ ପ୍ରଥମପୁରୁଷ ଏକବଚନରେ ରୂପ ନିମ୍ନରେ ପ୍ରଦତ୍ତ ହୋଇଛି–

ପୂଜ୍ - ପୂଜୟତେ, ଅପୂଜୟତ, ପୂଜୟିଷ୍ୟତେ, ପୂଜୟତାମ୍, ପୂଜୟେତ ।

ମନ୍ତ୍ - ମନ୍ତ୍ରୟତେ, ଅମନ୍ତ୍ରୟତ, ମନ୍ତ୍ରୟିଷ୍ୟତେ, ମନ୍ତ୍ରୟତାମ୍, ମନ୍ତ୍ରୟେତ ।

ବଞ୍ଚ୍ - ବଞ୍ଚୟତେ, ଅବଞ୍ଚୟତ, ବଞ୍ଚୟିଷ୍ୟତେ, ବଞ୍ଚୟତାମ୍, ବଞ୍ଚୟେତ ।

ପ୍ରାର୍ଥ୍ - ପ୍ରାର୍ଥୟତେ, ପ୍ରାର୍ଥୟତ, ପ୍ରାର୍ଥୟିଷ୍ୟତେ, ପ୍ରାର୍ଥୟତାମ୍, ପ୍ରାର୍ଥୟେତ ।

ଭର୍ତ୍ସ୍ - ଭର୍ତ୍ସୟତେ, ଅଭର୍ତ୍ସୟତ, ଭର୍ତ୍ସୟିଷ୍ୟତେ, ଭର୍ତ୍ସୟତାମ୍, ଭର୍ତ୍ସୟେତ ଇତ୍ୟାଦି ।

### ଅଭ୍ୟାସଃ

**୧ । ଯଥାନିର୍ଦ୍ଦେଶଂ ଧାତୁରୂପେଣ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା :- ମା କୁରୁ ଧନ-ଜନ-ଯୌବନଗର୍ବମ୍ । (କୃ - ଲୋଟ୍)

(କ) ରାଜା ପଣ୍ଡିତସଭାମ୍ ____________ । (କୃ - ଲଙ୍)

(ଖ) ମୂର୍ଖାଃ ସଂସାରେ କିମପି ନ ____________ । (ଜ୍ଞା - ଲଟ୍)

(ଗ) ଛାତ୍ରାଃ ପଠନେ ଶ୍ରମଂ ____________ । (କୃ - ବିଧିଲିଙ୍)

(ଘ) ଉତ୍କଳୀୟାଃ ଜଗନ୍ନାଥଂ ଶ୍ରଦ୍ଧୟା ____________ । (ପୂଜ୍ - ଲଟ୍)

(ଙ) ସଂପ୍ରତି ଛାତ୍ରାଃ ସର୍ବାଂ ବିଦ୍ୟାଂ ____________ । (ଜ୍ଞା - ବିଧିଲିଙ୍)

(ଚ) ତେ ଇଦମ୍ ଅନାୟାସେନ ____________ । (କୃ - ଲୃଟ୍)

(ଛ) ସର୍ବେ ସର୍ବଂ ____________ । (ଜ୍ଞା - ଲୋଟ୍)

(ଜ) ଛାତ୍ରାଃ ଗୁରୂନ୍ ____________ । (ପୂଜ୍ - ବିଧିଲିଙ୍)

(ଝ) ସା ନଦ୍ୟାଂ ବସ୍ତ୍ରଂ ____________ । (ପ୍ର + କ୍ଷାଲ୍ - ଲଟ୍)

(ଞ) ବାନରାଃ ମାନବାନ୍ ____________ । (ଅନୁ + କୃ - ଲଟ୍)

**୨। ନିମ୍ନଲିଖିତକ୍ରିୟାପଦାନି ବ୍ୟବହୃତ୍ୟ ପୃଥକ୍ ବାକ୍ୟାନି ରଚୟତ ।**

(କ) ଜାନୀହି -

(ଖ) କୁର୍ମଃ -

(ଗ) ପୂଜୟେଃ -

(ଘ) ତିରସ୍କୁର୍ବନ୍ତି -

(ଙ) ତାଡୟତୁ -

(ଚ) ଅଶ୍ନାତି -

(ଛ) ବିଜ୍ଞାପୟତି -

(ଜ) ଜାନାତୁ -

(ଝ) ପୂଜୟନ୍ତୁ -

(ଞ) ଅକରୋଃ -

**୩। ନିମ୍ନଲିଖିତବାକ୍ୟାନି ସଂଶୋଧୟତ ।**

(କ) ବୟଂ ଫଳାନି ବଣ୍ଟୟାବଃ ।

(ଖ) ତ୍ୱଂ ସତ୍ୟଂ ଜାନାତୁ ।

(ଗ) ମନଃ ଦୁଃଖଂ ମଥ୍ନାତି ।

(ଘ) କାଳକ୍ରମେଣ ସଃ ସର୍ବଂ ଅଜାନୀତ୍ ।

(ଙ) ଭବାନ୍ ବୃକ୍ଷରୋପଣଂ କୁରୁ ।

(ଚ) ଅହଂ ତ୍ୱାଂ ଜ୍ଞାସ୍ୟସି ।

(ଛ) ସା ପୁତ୍ରଂ ଅପ୍ରେରୟତ୍ ।

(ଜ) କୃପଣାଃ ଧନଂ ସ୍ପୃହୟତି ।

(ଝ) ଅହଂ କବିତାଂ ରଚିଷ୍ୟାମି ।

(ଞ) ପଠନାତ୍ ପ୍ରାକ୍ ଈଶ୍ୱରଂ ପୂଜେତ୍ ।

**୪। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

(କ) ମୁଁ ତାଙ୍କୁ ଭଲଭାବେ ଜାଣେ ।

(ଖ) ମା' ଭାତରେ ଘିଅ ମିଶାଉଛନ୍ତି ।

(ଗ) ସନ୍ନ୍ୟାସୀମାନେ ପରମାତ୍ମାଙ୍କୁ ପୂଜା କରନ୍ତି ।

(ଘ) ଶବର ବଣରେ ଜାଲ ବିସ୍ତାର କରୁଛି ।

(ଙ) ତୁମେ ସେଠାରେ କଳହ କରିବ ନାହିଁ ।

(ଚ) ଏକମାତ୍ର ଧର୍ମ ମନୁଷ୍ୟକୁ ଭୂଷିତ କରେ ।

(ଛ) ମୁଁ ସେହି ଦେବୀଙ୍କୁ ନମସ୍କାର କରୁଛି ।

(ଜ) ମୃଗମାନେ ଜଳପାନ କରନ୍ତୁ ।

(ଝ) ଧନ ପ୍ରତି ଲୋଭ କରିବ ନାହିଁ ।

(ଞ) ତୁମେ କ'ଣ ମୋ କଥା ଜାଣିଛ ?

# ସାଧାରଣ ଅନୁଶୀଳନୀ

୧ । ଯଥାନିର୍ଦ୍ଦେଶଂ ସମୁଚିତକ୍ରିୟାପଦୈଃ ଶୂନ୍ୟସ୍ଥାନାନି ପୂରୟତ ।

(କ) ପୁତ୍ରାଃ ପିତରଂ ________ । (ସେବ୍ - ବିଧିଲିଙ୍)

(ଖ) ଅହଂ ଧନମ୍ ________ । (ଲଭ୍ - ଲଙ୍)

(ଗ) ବୟଂ ସୈନିକାଃ ________ । (ଭୂ - ଲୃଟ୍)

(ଘ) ଯୂୟଂ ପୁସ୍ତକଂ ________ । (ନୀ - ଲୋଟ୍)

(ଙ) ତୃଷାର୍ତ୍ତଃ ଶୀତଳଜଳଂ ________ । (ପା - ଲୃଟ୍)

(ଚ) ଆବାଂ ଗୃହଂ ________ । (ଗମ୍ - ଲଙ୍)

(ଛ) ବୃଦ୍ଧାଃ ରାମଲୀଳାଂ ________ । (ଦୃଶ୍ - ଲୃଟ୍)

(ଜ) ଯୁବାଂ ଶିକ୍ଷକୌ ________ । (ଅସ୍ - ଲଟ୍)

(ଝ) ସାୟଂ ଛାତ୍ରାଃ ଛାତ୍ରାବାସେ ________ । (ଅସ୍ - ଲୃଟ୍)

(ଞ) ରାମଃ ରାବଣଂ ________ । (ହନ୍ - ଲଙ୍)

(ଟ) ସର୍ପାଃ ନକୁଳେଭ୍ୟଃ ________ । (ଭୀ - ଲଟ୍)

(ଠ) ଦାତାରଃ ଧନଂ ________ । (ଦା - ଲୃଟ୍)

(ଡ) ଛାତ୍ରଃ ଉପଦେଶଂ ________ । (ଶ୍ରୁ - ବିଧିଲିଙ୍)

(ଢ) ବାଳକାଃ କାର୍ଯ୍ୟମ୍ ________ । (କୃ - ଲଙ୍)

(ଣ) ଅହଂ ମିତ୍ରଂ ________ । (ପ୍ରଚ୍ଛ୍ - ଲୃଟ୍)

(ତ) ତ୍ୱଂ ସର୍ବକଥାଃ ________ । (ଜ୍ଞା - ଲୋଟ୍)

(ଥ) ବୟଂ ଗଣେଶଂ ________ । (ପୂଜ୍ - ବିଧିଲିଙ୍)

(ଦ) ଯୂୟଂ ଗୁରୂନ୍ ________ । (ପୂଜ୍ - ଲୋଟ୍)

(ଧ) ସ୍ତ୍ରିୟଃ ନଦ୍ୟାଃ ଜଳଂ ________ । (ଆ + ନୀ - ଲୃଟ୍)

(ନ) ଯୁବାଂ ପୂଜାଂ ________ । (କୃ - ଲୃଟ୍)

(ପ) ଅରଣ୍ୟେ ଜନ୍ତବଃ ________ । (ସ୍ଥା - ଲଟ୍)

**୨ । ଅଧସ୍ତନବାକ୍ୟାନାଂ ସଂଶୋଧନଂ କୁରୁତ ।**

(କ) ଅହଂ ଧନଂ ଲପ୍ସ୍ୟାମି ।

(ଖ) ଭିକ୍ଷୁକଃ ଗ୍ରାମେ ଅଭିକ୍ଷତ୍

(ଚ) ହରିଣାଃ ଜଳଂ ପିବତୁ ।

(ଛ) ତ୍ୱଂ ସଦା ଧର୍ମଶାସ୍ତ୍ରଂ ଶୃଣୋତୁ ।

(ଗ) ତେ ମମ କଥାଂ ନ ଜାନାନ୍ତି ।

(ଘ) ଅହଂ ତେ ସୁମିଷ୍ଟାନି ଫଳାନି ଦଦାନି, ଖାଦତୁ ।

(ଙ) ସତ୍‌ସଙ୍ଗତିଃ କିଂ ନ କୁର୍ବନ୍ତି ?

(ଜ) ସଃ ଅନାୟାସେନ କାର୍ଯ୍ୟମ୍ ଅକୁରୁତ ।

(ଝ) ତ୍ୱଂ ଗୁରୁଜନାନ୍ ସେବ ।

(ଞ) ଶୀତର୍ତୌ ଉତ୍ତରତଃ ଶୀତଳପବନଃ ବହିଷ୍ୟତି ।

୩। **ଅଧସ୍ତନବାକ୍ୟାନାଂ ସଂସ୍କୃତେନ ଅନୁବାଦଂ କୁରୁତ ।**

(କ) ବ୍ୟାଧଟି ମୃଗମାନଙ୍କୁ ହତ୍ୟା କଲା ।

(ଖ) ଗାଈଗୁଡ଼ିକ ପଡ଼ିଆରେ ଘାସ ଚରୁଛନ୍ତି ।

(ଗ) ବର୍ତ୍ତମାନ କୁଆଡ଼େ ଯାଅ ନାହିଁ ।

(ଘ) ଲୋକମାନେ ସୂର୍ଯ୍ୟଙ୍କୁ ପୂଜା କରନ୍ତି ।

(ଙ) ମହାତ୍ମାଗାନ୍ଧିଙ୍କୁ ସମସ୍ତେ ଭଲ ଭାବେ ଜାଣନ୍ତି ।

(ଚ) ମୂର୍ଖମାନେ ଦୁନିଆଁରେ କ'ଣ ଜାଣିବେ ?

(ଛ) ଶିକ୍ଷକ ଛାତ୍ରକୁ ପ୍ରଶ୍ନ ପଚାରିଲେ ।

(ଜ) ଶବର ବଣରେ ବୁଲୁଛି ।

(ଝ) ଆମେ ଏହି କାମଟିକୁ କରିବୁ ।

(ଞ) ସମସ୍ତେ ମନ୍ଦିରରେ ପୁରାଣ ଶୁଣିବା ଉଚିତ ।

(ଟ) ମୁଁ ଗୁରୁଜନଙ୍କ ଉପଦେଶ ଶୁଣେ ।

(ଠ) ବୁଦ୍ଧିମାନ୍ ବ୍ୟକ୍ତି ଭୟକରେ ନାହିଁ ।

(ଡ) ସମସ୍ତେ ଭଲ ପଢ଼ନ୍ତୁ ।

(ଢ) ତୁମେ ମୋତେ ପାଞ୍ଚଟଙ୍କା ଦେଇଥିଲ ।

(ଣ) ପାଣ୍ଡବମାନେ ସେତେବେଳେ ଅରଣ୍ୟରେ ଥିଲେ ।

(ତ) ପିଲାମାନେ ରାତିରେ ଦୁଧ ପିଇବା ଉଚିତ ।

(ଥ) ସ୍ୱୟଂ ସେବକ ସମସ୍ତଙ୍କର ସେବା କରନ୍ତି ।

(ଦ) କୃଷକ ଗାଈଦୁଇଟିକୁ ଗାଁକୁ ନେଲା ।

(ଧ) ଆମ୍ଭେମାନେ ନନ୍ଦନକାନନ ଯିବୁ ।

(ନ) ଏବର୍ଷ ଅନାବୃଷ୍ଟି ହେତୁ ଦୁର୍ଭିକ୍ଷ ହୋଇପାରେ ।

• • •

# କାରକ ଓ ବିଭକ୍ତି

## (କ) କାରକର ସାମାନ୍ୟ ଜ୍ଞାନ :

**ନିମ୍ନଲିଖିତବାକ୍ୟାନି ପଠତ :**

(କ) ଦେବଦତ୍ତଃ ବିଦ୍ୟାଳୟଂ ଗଚ୍ଛତି ।

(ଖ) ସେବକୌ କାର୍ଯ୍ୟଂ କୁରୁତଃ ।

(ଗ) ଶିକ୍ଷକାଃ କକ୍ଷାମ୍ ଆଗଚ୍ଛନ୍ତି ।

ଉପର୍ଯ୍ୟୁକ୍ତ ତିନିଗୋଟି ବାକ୍ୟରେ 'ଗଚ୍ଛତି', 'କୁରୁତଃ' ଓ 'ଆଗଚ୍ଛନ୍ତି'– ଏହି ତିନିଗୋଟି କ୍ରିୟାପଦ ବ୍ୟବହୃତ ହୋଇଛି । ଏହି କ୍ରିୟାଗୁଡ଼ିକର ବାକ୍ୟରେ ଥିବା ଅନ୍ୟାନ୍ୟ ପଦ ଯଥା : ଦେବଦତ୍ତ, ବିଦ୍ୟାଳୟ, କାର୍ଯ୍ୟ, କକ୍ଷ ଇତ୍ୟାଦି ପଦ ସହିତ ସମ୍ବନ୍ଧ ରହିଛି । ତେଣୁ ପ୍ରଥମ ବାକ୍ୟରେ 'ଦେବଦତ୍ତ' ଓ 'ବିଦ୍ୟାଳୟ' ପଦ କ୍ରିୟାପଦ 'ଗଚ୍ଛତି' ସହିତ ଅନ୍ୱିତ ବା ସମ୍ବନ୍ଧିତ ହେଉଛନ୍ତି । ତେଣୁ ଏମାନେ ଗୋଟିଏ ଗୋଟିଏ 'କାରକ' ଅଟନ୍ତି ।

## (ଖ) ସଂଜ୍ଞା ଓ ପ୍ରକାରଭେଦ :

ବାକ୍ୟରେ କ୍ରିୟାପଦ ସହିତ ଯେଉଁ ପଦର ପ୍ରତ୍ୟକ୍ଷ ସମ୍ବନ୍ଧ ଥାଏ, ତାକୁ 'କାରକ' କୁହାଯାଏ ।[୧] ଅତଏବ ଦେବଦତ୍ତଃ, ବିଦ୍ୟାଳୟମ୍, ସେବକୌ, କାର୍ଯ୍ୟମ୍, ଶିକ୍ଷକାଃ ଓ କକ୍ଷାମ୍ – ଏହି ପଦଗୁଡ଼ିକ 'କାରକ' ଅଟନ୍ତି । କ୍ରିୟାପଦ ସହ ବାକ୍ୟରେ ଥିବା ଅନ୍ୟପଦମାନଙ୍କର ଭିନ୍ନ ଭିନ୍ନ ସମ୍ବନ୍ଧ ଥିବାରୁ କାରକର ଭିନ୍ନ ଭିନ୍ନ ପ୍ରକାରଭେଦ ରହିଅଛି । ଯେପରି ପ୍ରଥମ ବାକ୍ୟରେ 'ଗଚ୍ଛତି' କ୍ରିୟା ସମ୍ପାଦନରେ 'ଦେବଦତ୍ତ' ସ୍ୱତନ୍ତ୍ର ଅଟେ । ସେ କ୍ରିୟା ସମ୍ପାଦକ ହୋଇଥିବାରୁ କ୍ରିୟାପଦ ସହିତ ତା'ର କର୍ତ୍ତୃସମ୍ବନ୍ଧ ବ୍ୟକ୍ତ ହେଉଅଛି । ସୁତରାଂ 'ଦେବଦତ୍ତଃ' ବାକ୍ୟରେ କର୍ତ୍ତୃକାରକ ଅଟେ । ସେହିପରି 'ସେବକୌ' ଓ 'ଶିକ୍ଷକାଃ' ମଧ୍ୟ କର୍ତ୍ତୃକାରକ ଅଟନ୍ତି ।

କାରକ ଛଅ ପ୍ରକାର । ଯଥା– କର୍ତ୍ତୃକାରକ, କର୍ମକାରକ, କରଣକାରକ, ସଂପ୍ରଦାନ କାରକ, ଅପାଦାନ କାରକ ଓ ଅଧିକରଣ କାରକ । ଏତଦ୍ ଭିନ୍ନ ବାକ୍ୟରେ 'ସମ୍ବନ୍ଧ ପଦ' ମଧ୍ୟ ଥାଏ । ନିମ୍ନରେ ଗୋଟିଏ ବାକ୍ୟରେ ସମସ୍ତ ଛଅଗୋଟି କାରକ ଓ ସମ୍ବନ୍ଧପଦର ଉଲ୍ଲେଖ କରାଯାଇଛି ।

ଅଯୋଧ୍ୟାର ରାଜା ଦଶରଥ ପ୍ରାତଃକାଳରେ ମାଗୁଥିବା ଲୋକଙ୍କୁ ରାଜକୋଷରୁ ଅମାତ୍ୟମାନଙ୍କ ଦ୍ୱାରା ଧନଦାନ କରୁଥିଲେ ।

୧– କିଏ ଦାନ କରୁଥିଲେ ? ଦଶରଥ–ଦଶରଥଃ–କର୍ତ୍ତୃକାରକ ଓ ପ୍ରଥମା ବିଭକ୍ତି ।

୨– କ'ଣ ଦାନ କରୁଥିଲେ ? ଧନ–ଧନମ୍–କର୍ମକାରକ ଓ ଦ୍ୱିତୀୟା ବିଭକ୍ତି ।

୩– କାହାଦ୍ୱାରା ଦାନ କରୁଥିଲେ ? ଅମାତ୍ୟମାନଙ୍କଦ୍ୱାରା– ଅମାତ୍ୟୈଃ–କରଣ କାରକ ଓ ତୃତୀୟା ବିଭକ୍ତି ।

୪– କାହାକୁ ଦାନ କରୁଥିଲେ ? – ମାଗୁଥିବା ଲୋକଙ୍କୁ –ଯାଚକେଭ୍ୟଃ–ସଂପ୍ରଦାନ କାରକ ଓ ଚତୁର୍ଥୀ ବିଭକ୍ତି ।

୫– କେଉଁଠାରୁ ଦାନ କରୁଥିଲେ ? – ରାଜକୋଷରୁ–ରାଜକୋଷାତ୍–ଅପାଦାନ କାରକ ଓ ପଞ୍ଚମୀ ବିଭକ୍ତି ।

୬– କେତେବେଳେ ଦାନ କରୁଥିଲେ ?– ପ୍ରାତଃକାଳରେ– ପ୍ରାତଃକାଳେ– ଅଧିକରଣ କାରକ ଓ ସପ୍ତମୀ ବିଭକ୍ତି ।

୭– କେଉଁଦେଶର ରାଜା ?– ଅଯୋଧ୍ୟାର– ଅଯୋଧ୍ୟାୟାଃ–ସମ୍ବନ୍ଧପଦ ଓ ଷଷ୍ଠୀ ବିଭକ୍ତି ।

---

୧. **'କ୍ରିୟାନ୍ୱୟିତ୍ୱଂ କାରକତ୍ୱମ୍'** । **କ୍ରିୟା ଜନକତ୍ୱଂ କାରକତ୍ୱମ୍** ଅର୍ଥାତ୍ ଯିଏ କ୍ରିୟାର ଜନକ ତାକୁ ମଧ୍ୟ 'କାରକ' କୁହାଯାଏ ।

ତେଣୁ –

**ଅଯୋଧ୍ୟାୟାଃ ରାଜା ଦଶରଥଃ ପ୍ରାତଃକାଳେ ଅମାତ୍ୟୈଃ ରାଜକୋଷାତ୍ ଯାଚକେଭ୍ୟଃ ଧନମ୍ ଅଦଦାତ୍ ।**

ଏହିପରି କାରକ ଛଅ ପ୍ରକାର ଅଟେ ।[୧]

## (ଗ) ବିଭକ୍ତି :

(୧) ସଂଖ୍ୟା ବା ବଚନ ଓ କାରକ ଯେଉଁ ସଂକେତଦ୍ୱାରା ଚିହ୍ନିତ ହୁଏ, ସେହି ସଂକେତଗୁଡ଼ିକୁ ବିଭକ୍ତି କୁହାଯାଏ ।[୨] ଯଥା : ବାଳକଃ ଗଚ୍ଛତି । ବାଳକୌ ପଶ୍ୟ । ବାଳକୈଃ ଗମ୍ୟତେ । ପ୍ରଥମ ବାକ୍ୟରେ 'ସୁ' ଦ୍ୱାରା 'ବାଳକଃ' କର୍ତ୍ତୃକାରକ ଓ ଏକବଚନ, ଦ୍ୱିତୀୟ ବାକ୍ୟରେ 'ଔ' ଦ୍ୱାରା 'ବାଳକୌ' କର୍ମକାରକ ଓ ଦ୍ୱିବଚନ ଏବଂ ତୃତୀୟ ବାକ୍ୟରେ 'ଐ' (ଭିସ୍) ଦ୍ୱାରା 'ବାଳକୈଃ' ଅନୁକ୍ତ କର୍ତ୍ତା ଓ ବହୁବଚନ ବୋଲି ଚିହ୍ନିତ ହୋଇଛି ।

(୨) ବିଭକ୍ତି ସାତ ପ୍ରକାର । ଯଥା- ପ୍ରଥମା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ ଓ ସପ୍ତମୀ ।

(୩) ଉକ୍ତ ସାତପ୍ରକାର ବିଭକ୍ତି କାରକ ବିଭକ୍ତି ଓ ଉପପଦ ବିଭକ୍ତି ଭେଦରେ ଦୁଇଭାଗରେ ବିଭକ୍ତ । 'କ୍ରିୟା'ଯୋଗରେ ହେଉଥିବା ବିଭକ୍ତିକୁ କାରକ ବିଭକ୍ତି ଓ 'ପଦ' ଯୋଗରେ ହେଉଥିବା ବିଭକ୍ତିକୁ 'ଉପପଦ' ବିଭକ୍ତି କୁହାଯାଏ । ଯଥା- (୧) ଶିବଂ ନମସ୍କୁରୁ । ଏଠାରେ କର୍ତ୍ତୃପଦ 'ତ୍ୱମ୍' ଉହ୍ୟ ଅଛି । ତେବେ କ୍ରିୟାପଦ 'କୁରୁ' ପାଇଁ 'ଶିବ' ଶବ୍ଦ 'କର୍ମପଦ' ଅଟେ । କାରଣ ଏହା କର୍ତ୍ତାର ଈପ୍‌ସିତତମ । ତେଣୁ କର୍ମକାରକରେ କର୍ମଠାରେ (ଅନୁକ୍ତେ) କର୍ମଣି ଦ୍ୱିତୀୟା ସୂତ୍ରରେ ଦ୍ୱିତୀୟାବିଭକ୍ତି ବିଧାନ କରାଗଲା । ଏହା 'କାରକ ବିଭକ୍ତି' ଅଟେ । କିନ୍ତୁ (୨) ଶିବାୟ ନମଃ । ଏଠାରେ କ୍ରିୟାପଦ ନଥିବାରୁ ଉପପଦ ବିଭକ୍ତି ଅନୁସାରେ 'ନମଃ' ଶବ୍ଦଯୋଗେ 'ଶିବ' ଶବ୍ଦରେ ଚତୁର୍ଥୀ ବିଭକ୍ତି ବିଧାନ ହେଲା । ଏହାକୁ 'ଉପପଦ ବିଭକ୍ତି' କୁହାଯାଏ ।

(୪) ପ୍ରତ୍ୟେକ 'କାରକ' ଗୋଟିଏ ଗୋଟିଏ ବିଭକ୍ତି ଗ୍ରହଣ କରିଥା'ନ୍ତି । କିନ୍ତୁ 'ସମ୍ବନ୍ଧ ପଦ' ଷଷ୍ଠୀ ବିଭକ୍ତିକୁ ଗ୍ରହଣ କରେ । ଷଷ୍ଠୀ ବିଭକ୍ତ୍ୟନ୍ତ ପଦର 'କ୍ରିୟାପଦ' ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ନଥାଏ । ଏଠାରେ ଗୋଟିଏ ସଂଜ୍ଞାପଦର ଅନ୍ୟ ଏକ ସଂଜ୍ଞାପଦ ସହ ସମ୍ବନ୍ଧ ଥାଏ । ତେଣୁ ଷଷ୍ଠୀ ବିଭକ୍ତ୍ୟନ୍ତ ପଦ କାରକର ଅନ୍ତର୍ଭୁକ୍ତ ହୁଏ ନାହିଁ । ଏହାକୁ 'ସମ୍ବନ୍ଧପଦ' କୁହାଯାଏ । ଯଥା- ରାଜ୍ଞଃ ପୁରୁଷାଃ ଆଗଚ୍ଛନ୍ତି- ଏଠାରେ 'ରାଜ୍ଞଃ' ସମ୍ବନ୍ଧପଦ ଅଟେ । କାରଣ ଏହାର ପ୍ରତ୍ୟକ୍ଷ ସମ୍ବନ୍ଧ 'ପୁରୁଷାଃ' ସହିତ ରହିଛି, 'ଆଗଚ୍ଛନ୍ତି' କ୍ରିୟାପଦ ସହିତ ଏହାର ପ୍ରତ୍ୟକ୍ଷ ସମ୍ବନ୍ଧ ସ୍ଥାପିତ ହୋଇପାରୁନାହିଁ ।

(୫) ସମ୍ବୋଧନ- ଉପର୍ଯ୍ୟୁକ୍ତ ବିଭକ୍ତିଗୁଡ଼ିକ ବ୍ୟତୀତ ଏକ ସମ୍ବୋଧନ ପଦର ରୂପ ମଧ୍ୟ ରହିଥାଏ । ଏହାର ପ୍ରୟୋଗ କାହାକୁ 'ଡାକିବା' ରେ ଆବଶ୍ୟକ ହୁଏ । ଏହି ସମ୍ବୋଧନ ପଦର ରୂପ ପ୍ରଥମା ବିଭକ୍ତି ପରି ହୋଇଥାଏ । ଅବଶ୍ୟ ସମ୍ବୋଧନ ଏକବଚନରେ ପ୍ରଥମା ବିଭକ୍ତି ଏକବଚନ ରୂପର ଅନେକ ପରିବର୍ତ୍ତନ ହୋଇଯାଏ । କିନ୍ତୁ ଦ୍ୱିବଚନ ଓ ବହୁବଚନରେ ରୂପ ପ୍ରଥମା ବିଭକ୍ତିର ଅବିକଳ ରୂପକୁ ଗ୍ରହଣ କରେ । ଯଥା- ଭୋ ବାଳକ, ଭୋ ବାଳକୌ, ଭୋ ବାଳକାଃ ଇତ୍ୟାଦି । ନିମ୍ନରେ ଗୋଟିଏ ପଦର ସମସ୍ତ ବିଭକ୍ତିରେ ପ୍ରୟୋଗର ଉଦାହରଣ ଦିଆଗଲା ।

**ରାମୋ ରାଜମଣିଃ ସଦା ବିଜୟତେ ରାମଂ ରମେଶଂ ଭଜେ**
**ରାମେଣାଭିହତା ନିଶାଚରଚମୂଃ ରାମାୟ ତସ୍ମୈ ନମଃ ॥**
**ରାମାନ୍ନାସ୍ତି ପରାୟଣଂ ପରତରଂ ରାମସ୍ୟ ଦାସୋଽସ୍ମ୍ୟହଂ**
**ରାମେ ଚିତ୍ତଲୟଃ ସଦା ଭବତୁ ମେ ହେ ରାମ ! ମାମୁଦ୍ଧର ॥**

---

୧. "କର୍ତ୍ତା କର୍ମ ଚ କରଣଂ ସଂପ୍ରଦାନଂ ତଥୈବ ଚ ।
ଅପାଦାନାଧିକରଣମ୍ ଇତ୍ୟାହୁଃ କାରକାଣି ଷଟ୍ ॥"

୨. "ସଂଖ୍ୟାକାରକବୋଧୟିତ୍ରୀ ବିଭକ୍ତିଃ ॥"

## ଅଭ୍ୟାସଃ

୧ । କୋଷ୍ଠକାତ୍ ଯଥାର୍ଥପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ ।

ପିତା : ଅୟମ୍ ଏକଃ ବିଦ୍ୟାଳୟଃ । ଅତ୍ର _______ ପଠନ୍ତି ।

ପୁତ୍ରଃ : ଏଷଃ କଃ ଗଚ୍ଛତି ?

ପିତା : ଅୟଂ _______ ଗଚ୍ଛତି ।

ପୁତ୍ରଃ : ତତ୍ର ବାଟିକାୟାଂ କେ କାର୍ଯ୍ୟଂ କୁର୍ବନ୍ତି ?

ପିତା : ତେ _______ ବାଟିକାୟାଂ କାର୍ଯ୍ୟଂ କୁର୍ବନ୍ତି ।

ପୁତ୍ରଃ : ଏତୌ କୌ ଆଗଚ୍ଛତଃ ?

ପିତା : _______ ବିଦ୍ୟାଳୟମ୍ ଆଗଚ୍ଛତଃ ।

ପୁତ୍ରଃ : ତତ୍ର କେ ଦଣ୍ଡାୟମାନାଃ ସନ୍ତି ?

ପିତା : ତତ୍ର _______ ଦଣ୍ଡାୟମାନାଃ ସନ୍ତି ।

(ଅଭିଭାବକାଃ, ସେବକାଃ, ଛାତ୍ରାଃ, ଦେବଦତ୍ତଃ, ଶିକ୍ଷକୌ)

୨ । **'କ' ସ୍ତମ୍ଭସ୍ୟ କର୍ତ୍ତୃପଦାନାଂ 'ଖ' ସ୍ତମ୍ଭସ୍ୟ କ୍ରିୟାପଦୈଃ ସହ ମେଳନଂ କୃତ୍ୱା 'ଗ' ସ୍ତମ୍ଭେ ବାକ୍ୟାନି ଲିଖତ ।**

| | **କ** | **ଖ** | **ଗ** |
|---|---|---|---|
| **ଯଥା :** | **ପବନଃ** | **ବହତି** | **ପବନଃ ବହତି ।** |
| | ନଦ୍ୟଃ | ଭାନ୍ତି | _________ । |
| | ଘନାଃ | ସମାଶ୍ୱସନ୍ତି | _________ । |
| | ମତ୍ତଗଜାଃ | ଧାୟନ୍ତି | _________ । |
| | ବନାନ୍ତାଃ | ନୃତ୍ୟନ୍ତି | _________ । |
| | ପ୍ରିୟାବିହୀନାଃ | ନଦନ୍ତି | _________ । |
| | ଶିଖିନଃ | ବର୍ଷନ୍ତି | _________ । |
| | ପ୍ଲବଙ୍ଗାଃ | ବହନ୍ତି | _________ । |

**ସୂଚନା : ବହନ୍ତି ବର୍ଷନ୍ତି ନଦନ୍ତି ଭାନ୍ତି ଧାୟନ୍ତି ନୃତ୍ୟନ୍ତି ସମାଶ୍ୱସନ୍ତି ।**
**ନଦ୍ୟୋ ଘନାଃ ମତ୍ତଗଜାଃ ବନାନ୍ତାଃ ପ୍ରିୟାବିହୀନାଃ ଶିଖିନଃ ପ୍ଲବଙ୍ଗାଃ ॥**

୩ । କୋଷ୍ଠକାତ୍ କର୍ତ୍ତୃପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ ।

(କ) _________ ଶିକ୍ଷକଂ ପୃଚ୍ଛତି ।

(ଖ) _________ ସାହିତ୍ୟଂ ପଠସି ।

(ଗ) _________ ଫଳଂ ନେଷ୍ୟାମଃ ।

(ଘ) _________ କଳହଂ ମା କୁରୁତମ୍ ।

(ଙ) _________ ଗ୍ରାମଂ ଗଚ୍ଛାବଃ ।

(ବୟମ୍, ତ୍ୱମ୍, ଛାତ୍ରଃ, ଆବାମ୍, ଯୁବାମ୍)

# କର୍ତ୍ତୃକାରକ ଓ ପ୍ରଥମା ବିଭକ୍ତି

**୧। କିଏ କାର୍ଯ୍ୟ କରୁଛନ୍ତି ?**

(କ) ଛାତ୍ରଃ ପଠତି ।

(ଖ) ବାଳକଃ ପଶ୍ୟତି ।

(ଗ) ଦେବଦତ୍ତଃ ଗଚ୍ଛତି ।

ଏଠାରେ ଛାତ୍ର 'ପଠନ' କାର୍ଯ୍ୟ, ବାଳକ 'ଦର୍ଶନ' କାର୍ଯ୍ୟ ଓ ଦେବଦତ୍ତ 'ଗମନ' କାର୍ଯ୍ୟ କରୁଛନ୍ତି । ଅର୍ଥାତ୍ ଏମାନେ ସେହି ସେହି କ୍ରିୟା ସାଧନ ପାଇଁ ସ୍ୱତନ୍ତ୍ର ବା ପ୍ରଧାନ ଅଟନ୍ତି । ଅତଏବ ସେମାନେ ବାକ୍ୟରେ 'କର୍ତ୍ତା' ଅଟନ୍ତି । **ତେଣୁ କ୍ରିୟା ସାଧନ ପାଇଁ ଯେ ସ୍ୱତନ୍ତ୍ର ବା ପ୍ରଧାନ, ତାକୁ 'କର୍ତ୍ତା' କୁହାଯାଏ ।**[୧]

**୨। ପ୍ରଧାନ = ମୁଖ୍ୟ = ବାଚ୍ୟ = ଉକ୍ତ** – ଏହି ଚାରିଗୋଟି ଶବ୍ଦ ସଂସ୍କୃତ ବ୍ୟାକରଣ ଦୃଷ୍ଟିରୁ ପର୍ଯ୍ୟାୟବାଚୀ ଅଟନ୍ତି । ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ କର୍ତ୍ତା ପ୍ରଧାନ ବା ବାଚ୍ୟ ହୋଇଥିବାରୁ ଏଗୁଡ଼ିକ କର୍ତ୍ତୃବାଚ୍ୟ ଅଟନ୍ତି । 'କର୍ତ୍ତୃବାଚ୍ୟ'ରେ କର୍ତ୍ତାଠାରେ ପ୍ରଥମା ବିଭକ୍ତି ହୁଏ । ଉକ୍ତ କର୍ତ୍ତାରେ ପ୍ରଥମା ବିଭକ୍ତିକୁ ସଂସ୍କୃତରେ 'ଉକ୍ତେ କର୍ତ୍ତରି ପ୍ରଥମା' କୁହାଯାଏ ।[୨] ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଦେଖ ।

(କ) ଛାତ୍ରଃ ସଂସ୍କୃତଂ ପଠତି ।

(ଖ) ବାଳକଃ ଚନ୍ଦ୍ରଂ ପଶ୍ୟତି ।

(ଗ) ଦେବଦତ୍ତଃ ଗ୍ରାମଂ ଗଚ୍ଛତି ।

ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ 'କର୍ତ୍ତା' ପ୍ରଧାନ ବା ଉକ୍ତ ହୋଇଥିବାରୁ ଏଗୁଡ଼ିକ କର୍ତ୍ତୃବାଚ୍ୟ ତେଣୁ ଉକ୍ତ କର୍ତ୍ତା 'ଛାତ୍ର', 'ବାଳକ' ଓ 'ଦେବଦତ୍ତ'ଠାରେ 'ଉକ୍ତେ କର୍ତ୍ତରି ପ୍ରଥମା' ବା 'କର୍ତ୍ତରି ପ୍ରଥମା' ସୂତ୍ର ଦ୍ୱାରା ପ୍ରଥମା ବିଭକ୍ତି ବିଧାନ କରାଗଲା ।

**୩। ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ।**

(କ) ଛାତ୍ରେଣ ଇତିହାସଃ ପଠ୍ୟତେ ।

(ଖ) ବାଳକେନ ଚନ୍ଦ୍ରଃ ଦୃଶ୍ୟତେ ।

(ଗ) ଦେବଦତ୍ତେନ ଗ୍ରାମଃ ଗମ୍ୟତେ ।

ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ କର୍ମପଦ 'ଇତିହାସଃ', 'ଚନ୍ଦ୍ରଃ' ଓ 'ଗ୍ରାମଃ' ଉକ୍ତ ବା ପ୍ରଧାନ ହୋଇଥିବାରୁ, ଏହି ବାକ୍ୟଗୁଡ଼ିକ କର୍ମବାଚ୍ୟରେ ଅଛନ୍ତି । ତେଣୁ କର୍ମବାଚ୍ୟରେ କର୍ମଠାରେ ପ୍ରଥମା ବିଭକ୍ତି ହୋଇଥାଏ ।[୩]

୪। (କ) ହେ ଛାତ୍ରାଃ ! ଅଦ୍ୟ କିଂ ପଠିଷ୍ୟଥ ?

(ଖ) ଅରେ ବାଳକ ! ତବ ନାମ କିମ୍ ?

---

୧. 'ସ୍ୱତନ୍ତ୍ରଃ କର୍ତ୍ତା' ।

୨. "ଉକ୍ତେ କର୍ତ୍ତରି ପ୍ରଥମା"– କର୍ତ୍ତୃବାଚ୍ୟରେ କର୍ତ୍ତା ଉକ୍ତ ହୁଏ । ଉକ୍ତ କର୍ତ୍ତାଠାରେ ପ୍ରଥମା ହୁଏ । ଅନୁକ୍ତ କର୍ତ୍ତାଠାରେ ତୃତୀୟା ହୁଏ ।

୩. ଉକ୍ତେ କର୍ମଣି ପ୍ରଥମା ।

ଏଠାରେ ହେ, ଅରେ ଇତ୍ୟାଦି ପଦରେ ଯଥାକ୍ରମେ ଛାତ୍ର, ବାଳକ ପ୍ରଭୃତିଙ୍କୁ ସମ୍ବୋଧନ କରାଯାଇଛି । ତେଣୁ 'ସମ୍ବୋଧନ'କୁ ବୁଝାଇଲେ 'ପ୍ରଥମା ବିଭକ୍ତି' ହୋଇଥାଏ । ସମ୍ବୋଧନର ଏକବଚନରେ ରୂପର ପରିବର୍ତ୍ତନ ଦେଖାଯାଏ ମାତ୍ର ଦ୍ୱିବଚନ ଓ ବହୁବଚନ ପ୍ରଥମା ବିଭକ୍ତି ପରି ହୋଇଥାଏ ।[୧]

**୫।** (କ) <u>ତ୍ୱମ୍</u> ଏବ ମମ ପରମଃ ବନ୍ଧୁଃ ।

(ଖ) ଆସୀତ୍ ପୁରା <u>ବାଲ୍ମୀକିଃ</u> ନାମ ମହାନ୍ କବିଃ ।

(ଗ) <u>ରାମଃ</u> ଇତି ବାଳକଃ ଅତ୍ର ପଠତି ।

ଏଠାରେ ଏବ (କେବଳ), ନାମ (ନାମକ), ଇତି (ବୋଲି) ପ୍ରଭୃତି ଅବ୍ୟୟ ପଦ ଅଟନ୍ତି । 'ତ୍ୱମ୍', ବାଲ୍ମୀକିଃ ଓ ରାମଃ ପ୍ରଭୃତି ଶବ୍ଦର ଯେଉଁ ପ୍ରଥମା ବିଭକ୍ତି ହୋଇଛି, ତାହା ଉପର୍ଯ୍ୟୁକ୍ତ ଅବ୍ୟୟ ପଦଗୁଡ଼ିକ ଯୋଗରେ ହୋଇଛି । ଏହାକୁ 'ଅବ୍ୟୟଯୋଗେ ପ୍ରଥମା' କୁହାଯାଏ ।[୨]

## ମନେରଖ

- କ୍ରିୟାସାଧନରେ ଯେ ସ୍ୱତନ୍ତ୍ର ବା ପ୍ରଧାନ, ତାକୁ <u>କର୍ତ୍ତା</u> କୁହାଯାଏ ।
- ଯେଉଁ ବାକ୍ୟରେ କର୍ତ୍ତାପ୍ରଧାନ, ତାହା କର୍ତ୍ତୃବାଚ୍ୟ ଏବଂ କର୍ତ୍ତୃବାଚ୍ୟରେ କର୍ତ୍ତାଠାରେ ପ୍ରଥମା ବିଭକ୍ତି ହୁଏ ।
- ସମ୍ବୋଧନ ଏକ ସ୍ୱତନ୍ତ୍ର ବିଭକ୍ତି ନୁହେଁ । ଏହା ପ୍ରଥମା ବିଭକ୍ତିର ଅନ୍ତର୍ଭୁକ୍ତ ।
- ପ୍ରଥମା ବିଭକ୍ତି ଏକବଚନ ବ୍ୟତୀତ ସମ୍ବୋଧନର ରୂପ ପ୍ରଥମା ବିଭକ୍ତି ସଦୃଶ ।
- ସମ୍ବୋଧନକୁ ବୁଝାଇଲେ ପ୍ରଥମା ବଭକ୍ତି ହୁଏ ।
- କେତେକ ଅବ୍ୟୟଯୋଗେ ମଧ୍ୟ ପ୍ରଥମା ବିଭକ୍ତି ହୋଇଥାଏ ।

## ଅଭ୍ୟାସଃ

୧। ଅଧୋଲିଖିତପଦାନାଂ ସମ୍ବୋଧନେ ରୂପାଣି ଲିଖତ । ଯଥା : ମାତା– ହେ ମାତଃ !

(କ) ସୌରଭଃ __________ । (ଚ) ଭ୍ରାତା __________ ।

(ଖ) ଦେବୀ __________ । (ଛ) ନଦ୍ୟଃ __________ ।

(ଗ) ମୁନିଃ __________ । (ଜ) ବାଳିକେ __________ ।

(ଘ) ପ୍ରଭୁଃ __________ । (ଝ) ହରିଃ __________ ।

(ଙ) ଲତା __________ । (ଞ) ପୁତ୍ରାଃ __________ ।

୨। ଅଧୋଲିଖିତାନି ଅବ୍ୟୟପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ । ଯଥା : ଏବ – ସତ୍ୟମ୍ <u>ଏବ</u> ଜୟତେ ।

ଇତି ____________________ ।

ଅପି ____________________ ।

ନାମ ____________________ ।

---

୧. 'ସମ୍ବୋଧନେ ଚ'

୨. 'କ୍ୱଚିନ୍ନିପାତେନ ଅଭିଧାନମ୍' (ଅବ୍ୟୟଯୋଗେ ପ୍ରଥମା) ।

୩। କୋଷ୍ଠକାତ୍ ଯଥାର୍ଥ କର୍ତ୍ତୃପଦାନି ବ୍ୟବହୃତ୍ୟ ଶୂନ୍ୟସ୍ଥାନଂ ପୂରୟତ । ଯଥା : ଛାତ୍ରୌ ବ୍ୟାକରଣଂ ପଠତଃ ।

(କ) ____________ ଗାଂ ବଧ୍ନାତି । (ଚ) ____________ ଦେଶଂ ରକ୍ଷନ୍ତି ।

(ଖ) ____________ ହରିଂ ଭଜତି । (ଛ) ____________ ବୃକ୍ଷମ୍ ଆରୋହତଃ ।

(ଗ) ____________ ଗୁରୁଂ ପ୍ରଣମାମି । (ଜ) ____________ ମନ୍ଦିରଂ ଗମିଷ୍ୟଥଃ ।

(ଘ) ____________ ଦୁଗ୍ଧଂ ପିବତଃ । (ଝ) ____________ ପାଠଂ ସ୍ମରାମଃ ।

(ଙ) ____________ ଚିତ୍ରାଣି ପଶ୍ୟନ୍ତି । (ଞ) ____________ କୁତ୍ର ଗଚ୍ଛସି ?

(ବୟମ୍, ବାଲୌ, ଗୋପାଳଃ, ବାନରୌ, ଅହମ୍, ଶିଶବଃ, ତ୍ୱମ୍, ସୈନିକାଃ, ଯୁବାମ୍, ଭକ୍ତଃ)

୪। କୋଷ୍ଠକାତ୍ (ଉକ୍ତ) କର୍ମପଦାନି ବ୍ୟବହୃତ୍ୟ ଶୂନ୍ୟସ୍ଥାନଂ ପୂରୟତ । ଯଥା : ରମେଣ ରାବଣଃ ହତଃ ।

(କ) ଛାତ୍ରେଣ ____________ ପଠ୍ୟତେ । (ଚ) ମାତ୍ରା ____________ ଉଚ୍ୟତେ ।

(ଖ) ଭକ୍ତେନ ____________ ସେବ୍ୟତେ । (ଛ) ତ୍ୱୟା ____________ ଦୃଷ୍ଟା ।

(ଗ) ରାମେଣ ____________ ଗମ୍ୟତେ । (ଜ) କେନ ____________ କ୍ରିୟତେ ।

(ଘ) ମୟା ____________ ଉକ୍ତଃ । (ଝ) ବାଳିକୟା ____________ ନୀୟତେ ।

(ଙ) ରାଜ୍ଞା ____________ ନିର୍ଦ୍ଦିଶ୍ୟତେ । (ଞ) ଲକ୍ଷ୍ମ୍ୟା ____________ ସେବ୍ୟତେ ।

(କାର୍ଯ୍ୟମ୍, ଗ୍ରାମଃ, ଭଗବାନ୍, ଭୃତ୍ୟଃ, ପାଠଃ, କନ୍ୟା, ଜଗନ୍ନାଥଃ, ମାତା, ଜଳମ୍, ଶିକ୍ଷକଃ)

## କର୍ମକାରକ ଓ ଦ୍ୱିତୀୟା ବିଭକ୍ତି

୧। ଛାତ୍ରଃ ସଂସ୍କୃତଂ ପଠତି ।

ବାଳକଃ ଚିତ୍ରଂ ପଶ୍ୟତି ।

ତ୍ୱମ୍ ଓଦନଂ ଖାଦସି ।

ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ କର୍ତ୍ତା 'ଛାତ୍ରଃ', 'ଅହମ୍' ଓ 'ତ୍ୱମ୍'ର ମୁଖ୍ୟ ଲକ୍ଷ୍ୟ ଯଥାକ୍ରମେ 'ସଂସ୍କୃତମ୍', 'ଚିତ୍ରମ୍' ଓ 'ଓଦନମ୍' ଅଟେ । କର୍ତ୍ତାର ଯାହା ଈପ୍ସିତତମ, ତାହା କର୍ମ । ତେଣୁ ସଂସ୍କୃତ, ଚିତ୍ର ଓ ଓଦନ ପଦଗୁଡ଼ିକ 'କର୍ମପଦ' ଅଟନ୍ତି ।[୧] ଏହାକୁ 'କର୍ମଣି ଦ୍ୱିତୀୟା' ବୋଲି କୁହାଯାଏ । ବାକ୍ୟଗୁଡ଼ିକରେ କର୍ତ୍ତୃପଦ ଉକ୍ତ ବା ପ୍ରଧାନ ହୋଇଥିବାରୁ 'କର୍ମ' ଏଠାରେ ଅନୁକ୍ତ । ଅତଏବ ଅନୁକ୍ତ କର୍ମଠାରେ ଦ୍ୱିତୀୟା (ଅନୁକ୍ତେ କର୍ମଣି ଦ୍ୱିତୀୟା) ବିଭକ୍ତି ହୋଇଅଛି ।

୨। ହରିଃ ବୈକୁଣ୍ଠମ୍ ଅଧିଶେତେ ।

ଭୂପତିଃ ସିଂହାସନମ୍ ଅଧିତିଷ୍ଠତି ।

ଗୁରୁଃ ଆସନମ୍ ଅଧ୍ୟାସ୍ତେ ।

ଏଠାରେ 'ଅଧି' ଉପସର୍ଗ ଯୁକ୍ତ ଶୀ (ଶୀଙ୍), ସ୍ଥା, ଆସ୍ ଧାତୁର ପ୍ରୟୋଗରେ ଅଧିକରଣ ସ୍ଥାନରେ କର୍ମସଂଜ୍ଞା ପ୍ରାପ୍ତ ହୋଇ ବୈକୁଣ୍ଠ, ସିଂହାସନ ଓ ଆସନ ପଦରେ ଦ୍ୱିତୀୟା ବିଭକ୍ତି ହେଲା ।[୨]

୩। ମୁନୟଃ କୁଟୀରମ୍ ଉପବସନ୍ତି ।

ମୃଗାଃ ବନମ୍ ଅନୁବସନ୍ତି ।

---

୧. କର୍ତ୍ତୁଃ ଈପ୍ସିତତମଂ କର୍ମ- କର୍ତ୍ତାର ପ୍ରଧାନ ଲକ୍ଷ୍ୟକୁ କର୍ମ କୁହାଯାଏ ।

୨. ଅଧିଶୀଙ୍‌ସ୍ଥାସାଂ କର୍ମ

ବିହଙ୍ଗଃ ନୀଡ଼ମ୍ ଅଧିବସତି ।

କୃଷକଃ ଗ୍ରାମମ୍ ଆବସତି ।

'ବସ୍' ଧାତୁ ପୂର୍ବରେ 'ଉପ', 'ଅନୁ', 'ଅଧି' ଓ 'ଆ' ଉପସର୍ଗ ରହିଲେ ଅଧିକରଣ କାରକ କର୍ମସଂଜ୍ଞା ପ୍ରାପ୍ତ ହୁଏ[୩], ଏବଂ ସେଠାରେ ଦ୍ୱିତୀୟା ବିଭକ୍ତିର ପ୍ରୟୋଗ ହୁଏ । କିନ୍ତୁ 'ଉପବସତି'ର ଅର୍ଥ ଉପବାସ ବୁଝାଉଥିଲେ, ଆଧାର କର୍ମ ସଂଜ୍ଞା ପ୍ରାପ୍ତ ହୁଏ ନାହିଁ ଅର୍ଥାତ୍ ସପ୍ତମୀ ସ୍ଥାନରେ ଦ୍ୱିତୀୟା ବିଭକ୍ତି ହୁଏ ନାହିଁ ।

ଯଥା- ଦରିଦ୍ରାଃ ଗୃହେ ଉପବସନ୍ତି ।

ଶ୍ରମିକଃ କୁଟୀରେ ଉପବସତି ।

୪। ସାଧୁଃ ସନ୍ମାର୍ଗମ୍ ଅଭିନିବିଶତେ ।

ଅଭି ଓ ନି ଉପସର୍ଗ ପୂର୍ବକ 'ବିଶ୍' ଧାତୁର ଆଧାରରେ କର୍ମକାରକ ହୋଇଥାଏ । ସ୍ଥଳବିଶେଷରେ ଏହାର ବ୍ୟତିକ୍ରମ ମଧ୍ୟ ଦେଖାଯାଏ । ଯଥା : ବାଳକାନାଂ ପାଠେ ଅଭିନିବେଶଃ (ଆଗ୍ରହ) ଅସ୍ତି ।

୫। ହିରଣ୍ୟକଃ ନିର୍ଭୟଂ ସ୍ଥିତଃ ।

ଗଜଃ ଧୀରଂ ଚଳତି ।

ଦୀର୍ଘକର୍ଣ୍ଣଃ ସଭୟମ୍ ଆହ ।

ଶିଶୁଃ ସାଶ୍ଚର୍ଯ୍ୟଂ ପଶ୍ୟତି ।

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକରେ 'ନିର୍ଭୟମ୍', 'ଧୀରମ୍' ଓ 'ସଭୟମ୍' ବାକ୍ୟର କ୍ରିୟାକୁ ବିଶେଷିତ କରୁଥିବାରୁ, ଏମାନଙ୍କୁ କ୍ରିୟା ବିଶେଷଣ କୁହାଯାଏ । କ୍ରିୟାବିଶେଷଣଗୁଡ଼ିକ ଦ୍ୱିତୀୟା ବିଭକ୍ତି ଓ କ୍ଳୀବଲିଙ୍ଗ ଏକବଚନ ହୁଅନ୍ତି । ଏହାକୁ 'କ୍ରିୟା ବିଶେଷଣେ ଦ୍ୱିତୀୟା' ବୋଲି କୁହାଯାଏ ।

୬। ଅହଂ ମାସଂ ବ୍ୟାକରଣଂ ପଠାମି ।

ରାମଚନ୍ଦ୍ରଃ ଚତୁର୍ଦ୍ଦଶବର୍ଷାଣି ବନେ ତିଷ୍ଠତି ସ୍ମ ।

ପର୍ବତଃ କ୍ରୋଶଂ ବର୍ତ୍ତତେ ।

ଅତ୍ୟନ୍ତ ସଂଯୋଗ (ବ୍ୟାପ୍ତି) ଅର୍ଥରେ କାଳବାଚକ 'ମାସ' ଓ 'ବର୍ଷ'ଠାରେ ଓ ମାର୍ଗବାଚକ 'କ୍ରୋଶ' ଶବ୍ଦରେ ଦ୍ୱିତୀୟା ବିଭକ୍ତି ହୋଇଛି । ଏହାକୁ 'ବ୍ୟାପ୍ତ୍ୟର୍ଥେ ଦ୍ୱିତୀୟା' କୁହାଯାଏ ।

୭। ମାନବାଃ ଦେବାନ୍ ଅନୁ ।

ଦୀନଂ ପ୍ରତି ଦୟାଂ କୁରୁ ।

ମାଳାକାରଃ ବୃକ୍ଷଂ ବୃକ୍ଷଂ ପ୍ରତି ସିଞ୍ଚତି / ପରି ସିଞ୍ଚତି / ଅନୁ ସିଞ୍ଚତି ।

ଏଠାରେ ଅନୁ, ପ୍ରତି, ପରି ପ୍ରଭୃତି କେତେକ ଉପସର୍ଗ ସ୍ୱତନ୍ତ୍ର ପଦରୂପେ ବ୍ୟବହୃତ ହୋଇ ଗୋଟିଏ ଗୋଟିଏ 'ସ୍ୱତନ୍ତ୍ର' ଅର୍ଥକୁ ପ୍ରକାଶ କରୁଛନ୍ତି । ଏମାନଙ୍କୁ 'କର୍ମପ୍ରବଚନୀୟ' କୁହାଯାଏ । ସେହି କର୍ମପ୍ରବଚନୀୟ ଯୋଗେ 'ଦେବାନ୍', 'ଦୀନଂ', 'ବୃକ୍ଷଂ' ହରିମ୍ ପ୍ରଭୃତି ଦ୍ୱିତୀୟା ବିଭକ୍ତି ହୋଇଅଛି ।

| | |
|---|---|
| ୮। ଗୋପାଳଃ ଗାଂ ପୟଃ ଦୋଗ୍ଧି । | ପୟଃ- ମୁଖ୍ୟକର୍ମ, ଗାମ୍ - ଗୌଣକର୍ମ । |
| କୃଷକଃ ଅଜାଂ ଗ୍ରାମଂ ନୟତି । | ଅଜାମ୍ - ମୁଖ୍ୟକର୍ମ, ଗ୍ରାମମ୍ - ଗୌଣକର୍ମ । |
| ବିଚାରପତିଃ ଚୌରଂ ଶତଂ ଦଣ୍ଡୟତି । | ଚୌରମ୍ - ମୁଖ୍ୟକର୍ମ, ଶତମ୍ - ଗୌଣକର୍ମ । |

୩. ଉପାନ୍ୱଧ୍ୟାଙ୍ ବସଃ

ଦୁହ୍, ନୀ ଓ ଦଣ୍ଡ ପ୍ରଭୃତି ଧାତୁଗୁଡ଼ିକ ଦ୍ୱିକର୍ମକ ଅଟନ୍ତି । ଏପରି ଧାତୁମାନଙ୍କର ପ୍ରୟୋଗରେ ଗୌଣ କର୍ମଠାରେ ଅନ୍ୟ କାରକ ସ୍ଥାନରେ କର୍ମସଂଜ୍ଞା ପ୍ରାପ୍ତ ହୋଇଥାଏ । ଏହାକୁ 'ଅକଥିତଂ ଚ' ସୂତ୍ରରେ କର୍ମ କୁହାଯାଏ । 'ଗୋଃ' ସ୍ଥାନରେ 'ଗାମ୍', 'ଗ୍ରାମେ' ସ୍ଥାନରେ 'ଗ୍ରାମମ୍', 'ଶତେନ' ସ୍ଥାନରେ 'ଶତମ୍' ହୋଇଛି ।

| |
|---|
| ସଂସ୍କୃତବ୍ୟାକରଣରେ ସାଧାରଣତଃ ୧୬ଗୋଟି ଦ୍ୱିକର୍ମକ ଧାତୁର ବ୍ୟବହାର ଦେଖାଯାଏ । ଯଥା : ଦୁହ୍, ଯାଚ୍, ପଚ୍, ଦଣ୍ଡ୍, ରୁଧ୍, ପ୍ରଚ୍ଛ, ଚି, ବ୍ରୂ, ଶାସ୍, ଜି, ମଥ୍, ମୁଷ୍, ନୀ, ହୃ, କୃଷ୍ ଓ ବହ୍ । ଏହି ଧାତୁଗୁଡ଼ିକ ଯୋଗରେ ଓ ତଦର୍ଥକ ଧାତୁରେ ମଧ୍ୟ ଅକଥିତ ଗୌଣ କର୍ମର ପ୍ରୟୋଗ ଦେଖାଯାଏ । |

ଯଥା : ବଳିଂ ଭିକ୍ଷତେ ବସୁଧାମ୍ ।

ଭିକ୍ଷୁକଃ ଗୃହିଣୀମ୍ ଅନ୍ନଂ ପ୍ରାର୍ଥୟତେ ।

ଏଠାରେ 'ଯାଚ୍' ଅର୍ଥରେ ଭିକ୍ଷ୍ ଓ ପ୍ରାର୍ଥ୍ ଧାତୁର ପ୍ରୟୋଗ ହୋଇଛି ।

**୯। ନିମ୍ନଲିଖିତ ପଦଗୁଡ଼ିକ ଯୋଗରେ ଦ୍ୱିତୀୟା ବିଭକ୍ତି ହୁଏ ।**

ସର୍ବତଃ- (ସବୁଆଡ଼େ)- ଦେଶଂ ସର୍ବତଃ 'ସର୍ବଶିକ୍ଷା-ଅଭିଯାନଂ' ପ୍ରଚଳତି ।

ପରିତଃ- (ଚାରିପାଖରେ)- ବିଦ୍ୟାଳୟଂ ପରିତଃ ପ୍ରାଚୀରଂ ଶୋଭତେ ।

ଅଭିତଃ- (ଆଗରେ)- ମାତରମ୍ ଅଭିତଃ ଶିଶୁଃ କ୍ରୀଡ଼ତି ।

ଉଭୟତଃ- (ଉଭୟ ପାର୍ଶ୍ୱରେ)- ନଦୀମ୍ ଉଭୟତଃ ବୃକ୍ଷାଃ ସନ୍ତି ।

ଉପର୍ଯୁପରି- (ଉପରକୁ ଉପର)- ବାୟୁମଣ୍ଡଳମ୍ ଉପର୍ଯ୍ୟୁପରି ସ୍ତରଭେଦଃ ।

ଅଧ୍ୟଧି- (ଉପରକୁ ଉପର)- ବୃକ୍ଷମ୍ ଅଧ୍ୟଧି ଶାଖାଃ ସନ୍ତି ।

ଅଧୋଽଧଃ- (ତଳକୁ ତଳ)- ଅଧୋଽଧଃ ଲୋକଂ ପାତାଳଃ ।

ଅନ୍ତରା- (ମଧ୍ୟରେ)- ଜଗନ୍ନାଥଂ ବଳଭଦ୍ରଂ ଚ ଅନ୍ତରା ସୁଭଦ୍ରା ବିରାଜତେ ।

ଅନ୍ତରେଣ- (ବିନା)- ଜଳମ୍ ଅନ୍ତରେଣ ଜୀବନମ୍ ଅସମ୍ଭବମ୍ ।

ଧିକ୍- (ଧିକ୍କାର)- ଚୌରଂ ଧିକ୍ ।

ଯାବତ୍- (ପର୍ଯ୍ୟନ୍ତ)- ନଦୀଂ ଯାବତ୍ ଗଚ୍ଛ ।

ବିନା- (ବ୍ୟତୀତ)- ପରିଶ୍ରମଂ ବିନା ବିଦ୍ୟା ନ ଭବତି । (ବିନା ଯୋଗେ ୩ୟା / ୫ମୀ ମଧ୍ୟ ହୁଏ)

ଋତେ- (ବ୍ୟତୀତ)- ଧର୍ମମ୍ ଋତେ ସୁଖଂ ନାସ୍ତି । (ଋତେ ଯୋଗେ ୫ମୀ ମଧ୍ୟ ହୁଏ)

ସମୟା/ ନିକଷା- (ନିକଟରେ)- ଗ୍ରାମଂ ସମୟା/ନିକଷା ନଦୀ ପ୍ରବହତି ।

ହା- (ଦୁଃଖସୂଚକ)- ହା ନାସ୍ତିକମ୍/ ହା- ମନ୍ଦଭାଗ୍ୟମ୍ ।

ଦକ୍ଷିଣେନ- (ଦକ୍ଷିଣରେ)- ଅସ୍ମାକଂ ବିଦ୍ୟାଳୟଃ ରାଜମାର୍ଗଂ ଦକ୍ଷିଣେନ ଅସ୍ତି ।

ଉତ୍ତରେଣ- (ଉତ୍ତରରେ)- ତବ ଗୃହଂ ବିଦ୍ୟାଳୟମ୍ ଉତ୍ତରେଣ ଅସ୍ତି ।

**ବି.ଦ୍ର. :** ଅବ୍ୟୟାଦି ପଦ ଯୋଗରେ ଯେଉଁ ବିଭକ୍ତି ହୁଏ ତାହାକୁ 'ଉପପଦ ବିଭକ୍ତି' କୁହାଯାଏ ।

## ମନେରଖ :

- କର୍ତ୍ତାର କ୍ରିୟାଦ୍ୱାରା ଯାହା ଅତ୍ୟନ୍ତ ଈପ୍ସିତ ତାହା କର୍ମକାରକ ଓ ଏହା ଦ୍ୱିତୀୟା ବିଭକ୍ତ୍ୟନ୍ତ ହୋଇଥାଏ ।
- ବସ୍ ଧାତୁ ପୂର୍ବରେ ଉପ, ଅନୁ, ଅଧି ଓ ଆ ଉପସର୍ଗ ରହିଲେ, ଆଧାରର କର୍ମସଂଜ୍ଞା ହୁଏ ।
- କ୍ରିୟାର ବିଶେଷଣଠାରେ ଦ୍ୱିତୀୟା ବିଭକ୍ତି ହୁଏ ଏବଂ ତାହା କ୍ଳୀବଲିଙ୍ଗ ଏକବଚନରେ ପ୍ରୟୋଗ ହୁଏ ।
- ଉଭୟତଃ, ପରିତଃ, ସମୟା, ନିକଷା, ହା, ପ୍ରତି, ଧିକ୍ ପ୍ରଭୃତି କେତେକ ଅବ୍ୟୟପଦ ଯୋଗେ ଦ୍ୱିତୀୟା ବିଭକ୍ତି ହୋଇଥାଏ ।
- ବିନା ଯୋଗେ ଦ୍ୱିତୀୟା, ତୃତୀୟା ଓ ପଞ୍ଚମୀ ବିଭକ୍ତି ହୁଏ ।

### ଅଭ୍ୟାସଃ

**୧। ବନ୍ଧନୀମଧ୍ୟାତ୍ ଯଥାର୍ଥ-କର୍ମପଦଂ ନିରୂପ୍ୟ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା : ବାଳକଃ <u>ବିଦ୍ୟାଳୟଂ</u> ଗଚ୍ଛତି ।

(କ) କୃଷକଃ ____________ ନୟତି ।

(ଖ) ପଥିକଃ ____________ ପିବତି ।

(ଗ) ଛାତ୍ରଃ ____________ ସେବତେ ।

(ଘ) ଭକ୍ତାଃ____________ ପୂଜୟନ୍ତି ।

(ଙ) ଧନିକଃ____________ ଦଦାତି ।

(ଗୁରୁମ୍, ଅଜାମ୍, ଜଳମ୍, ଧନମ୍, ଈଶ୍ୱରମ୍)

**୨। ବନ୍ଧନୀସ୍ଥିତାନାଂ ଶବ୍ଦାନାଂ ଯଥାର୍ଥ-ବିଭକ୍ତୌ ପ୍ରୟୋଗଂ କୁରୁତ ।**

ଯଥା : ସଃ <u>ବର୍ଷଂ</u> ସଂସ୍କୃତଂ ପଠିଷ୍ୟତି (ବର୍ଷ) ।

(କ) ____________ ଅନୁ ବତ୍ସା ଧାବତି । (ଗୋ)

(ଖ) ଅହଂ ____________ ନମାମି । (ଗୁରୁ)

(ଗ) ସଃ ____________ ପିବତି । (ମଧୁ)

(ଘ) ଭକ୍ତଃ ____________ ଭଜତି । (ହରି)

(ଙ) ବ୍ରାହ୍ମଣଃ____________ ପୂଜୟତି । (ଦେବ)

(ଚ) ଅଶ୍ୱଃ ____________ ଧାବତି । (ଶୀଘ୍ର)

(ଛ) ଛାତ୍ରାଃ ____________ ପଠେୟୁଃ । (ପାଠ)

(ଜ) ତ୍ୱଂ ____________ ଗଚ୍ଛସି । (ପାଠଶାଳା)

**୩। ବାକ୍ୟାନି ସଂଶୋଧୟତ ।**

ଯଥା : ଦୀନସ୍ୟ ପ୍ରତି ଦୟା କର୍ତ୍ତବ୍ୟା- ଦୀନଂ ପ୍ରତି ଦୟା କର୍ତ୍ତବ୍ୟା ।

(କ) ରାମଃ ଅଯୋଧ୍ୟାୟାମ୍ ଅଧ୍ୟାସ୍ତେ ।

(ଖ) ପକ୍ଷିଣଃ ମଧୁରେଣ କୂଜନ୍ତି ।

(ଗ) ପ୍ରାକ୍ ଭରତେନ ଇତି ରାଜା ଆସୀତ୍ ।

(ଘ) ମମ ପ୍ରତି ଦୟାଂ କୁରୁ ।

(ଙ) ଗ୍ରାମାତ୍ ଅଭିତଃ ଗାବଃ ଚରନ୍ତି ।

(ଚ) ମନ୍ତ୍ରିଣଃ ଦିଲ୍ଲ୍ୟାମ୍ ଉପବସନ୍ତି ।

(ଛ) ମାନବାଃ ଦେବାନାମ୍ ଅନୁ ।

(ଜ) ମୂଷିକାଃ ଗର୍ତ୍ତେ ଅଧିବସନ୍ତି ।

**୪। ଅଧୋଲିଖିତାନି ପଦାନି ବ୍ୟବହୃତ୍ୟ ବାକ୍ୟାନି ରଚୟତ ।**

ଯଥା : ଅଭିତଃ– ମାତରମ୍ ଅଭିତଃ ଶିଶୁଃ କ୍ରୀଡ଼ତି ।

| | |
|---|---|
| ପ୍ରତି | ଦିବସମ୍ |
| ଶୀଘ୍ରମ୍ | ଧିକ୍ |
| ହା | ସମୟା |
| ଅନ୍ତରା | ଉଭୟତଃ |
| ଅଭିନିବିଶେତେ | ଉପବସତି |

**୫। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

(କ) କେତେବର୍ଷ ହେଲା ତୁମେ ଖବରକାଗଜ ପଢୁଛ ?

(ଖ) ମୁଁ ଏଠାରେ ଦିନଟିଏ ରହିବି ।

(ଗ) ରାସ୍ତାର ଉଭୟ ପାର୍ଶ୍ୱରେ ଗଛଗୁଡ଼ିକ ଅଛି ।

(ଘ) ଧନ ବିନା କିଏ ସୁଖୀ ହେବ ।

(ଙ) ମୃତ୍ୟୁ ପର୍ଯ୍ୟନ୍ତ ପରିଶ୍ରମ କରିବା ଉଚିତ ।

(ଚ) ଦେଶର ସବୁଆଡ଼େ ପ୍ରଗତି ହେଉଛି ।

(ଛ) ଆଜିକାଲି ପିଲାଙ୍କର ପାଠରେ ଆଗ୍ରହ ନାହିଁ ।

**୬। ରେଖାଙ୍କିତପଦାନାଂ ସକାରଣବିଭକ୍ତିଂ ନିରୂପୟତ ।**

ଯଥା : <u>ବିଦ୍ୟାଂ</u> ବିନା ଜୀବନଂ ବୃଥା । ଉତ୍ତର : <u>ବିନା ଯୋଗେ ଦ୍ୱିତୀୟା</u> ।

(କ) ଶିଶୁଃ <u>ମାତରମ୍</u> ଅନୁ ଧାବତି । ଉ. ____________ ।

(ଖ) <u>ହସ୍ତୌ</u> ପ୍ରକ୍ଷାଲ୍ୟ ଭୋଜନଂ କୁରୁତ । ଉ. ____________ ।

(ଗ) ସଦ୍‌ଭିଃ କୁର୍ବୀତ <u>ସଙ୍ଗତିମ୍</u> । ଉ. ____________ ।

(ଘ) ତବ <u>ଗୃହଂ</u> ପ୍ରତି ମାର୍ଗଂ ଦର୍ଶୟ । ଉ. ____________ ।

(ଙ) ଧିକ୍ ତଂ <u>ମିଥ୍ୟାବାଦିନମ୍</u> । ଉ. ____________ ।

**୭। ବନ୍ଧନୀମଧ୍ୟସ୍ଥଶବ୍ଦାନାମ୍ ଉପଯୁକ୍ତବିଭକ୍ତିପ୍ରୟୋଗଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟତ ।**

ଯଥା :

ଶିକ୍ଷକଃ : ତ୍ୱଂ କିଂ ପଠସି ?

ଛାତ୍ରଃ : ଅହଂ <u>ସାହିତ୍ୟଂ</u> ପଠାମି । (ସାହିତ୍ୟ)

(କ) ଶିକ୍ଷକଃ : ହ୍ୟଃ ତ୍ୱଂ କୁତ୍ର ଅଗଚ୍ଛଃ ?

ଛାତ୍ରଃ : ହ୍ୟଃ ଅହଂ ______ ଅଗଚ୍ଛମ୍ । (ମାତୁଳାଳୟ)

(ଖ) ଶିକ୍ଷକଃ : ତତ୍ର ତ୍ୱଂ କମ୍ ଅପଶ୍ୟଃ ?

ଛାତ୍ରଃ : ତତ୍ର ଅହଂ ______ ଅପଶ୍ୟମ୍ ? (ସମୁଦ୍ର)

(ଗ) ଶିକ୍ଷକଃ : ଶ୍ୱଃ ବିଦ୍ୟାଳୟସ୍ୟ ଅବକାଶ-ଦିବସଃ ।

ଛାତ୍ରଃ : ଅହଂ ______ ନାଗମିଷ୍ୟାମି । (ବିଦ୍ୟାଳୟ)

(ଘ) ଶିକ୍ଷକଃ : ଗୃହେ ତ୍ୱଂ କିଂ କରିଷ୍ୟସି ?

ଛାତ୍ରଃ : ଅହଂ ଗୃହେ ______ ପଠିଷ୍ୟାମି । (ପାଠ)

# କରଣକାରକ ଓ ତୃତୀୟା ବିଭକ୍ତି

୧ । (କ) ଛାତ୍ରଃ ଯାନେନ ବିଦ୍ୟାଳୟଂ ଗଚ୍ଛତି ।

(ଖ) ବ୍ୟାଧଃ ଶରେଣ ମୃଗଂ ହନ୍ତି ।

(ଗ) ବାଳକଃ ହସ୍ତେନ ଖାଦତି ।

(ଘ) ଅହଂ କଲମେନ ଲିଖାମି ।

(ଙ) ତ୍ୱଂ ପାଦାଭ୍ୟାଂ ଗୃହଂ ଗଚ୍ଛସି ।

ଏଠାରେ କର୍ତ୍ତା 'ଛାତ୍ର'ର 'ଗମନ' କ୍ରିୟା ସାଧନରେ 'ଯାନ' ପ୍ରଧାନ ସହାୟକ ଅଟେ । ସେହିପରି କର୍ତ୍ତା 'ବ୍ୟାଧ'ର 'ମାରଣ' କ୍ରିୟା ସମ୍ପାଦନରେ 'ଶର', ପ୍ରଧାନ ସହାୟକ, ବାଳକର ଭୋଜନ କ୍ରିୟାରେ ହସ୍ତ, 'ଅହମ୍'ର ଲେଖନ କ୍ରିୟାରେ କଲମ ଓ 'ତ୍ୱମ୍'ର ଗମନକ୍ରିୟା ସଂପାଦନରେ 'ପାଦ' ପ୍ରଧାନ ସହାୟକ ଅଟେ । ଅତଏବ ଯାନ, ଶର, ହସ୍ତ, କଲମ ଓ ପାଦ ଏମାନେ ପ୍ରତ୍ୟେକ 'କରଣ କାରକ' ଅଟନ୍ତି । କାରଣ କ୍ରିୟା ସାଧନରେ କର୍ତ୍ତାର ପ୍ରଧାନ ସହାୟକକୁ 'କରଣ' କୁହାଯାଏ ।[୧] କରଣ କାରକରେ ତୃତୀୟା ବିଭକ୍ତି ହୋଇଥାଏ ।[୨]

୨ । (କ) ବାଳକେନ ଗ୍ରନ୍ଥଃ ପଠ୍ୟତେ ।

(ଖ) ରାମେଣ ବିଦ୍ୟାଳୟଃ ଗମ୍ୟତେ ।

(ଗ) ତ୍ୱୟା ଲିଖ୍ୟତେ ।

(ଘ) ମୟା କଥ୍ୟତେ ।

ଯେଉଁ ବାକ୍ୟରେ କର୍ମ ମୁଖ୍ୟ ତାକୁ 'କର୍ମବାଚ୍ୟ' ଓ ଯେଉଁ ବାକ୍ୟରେ କ୍ରିୟା ମୁଖ୍ୟ ତାକୁ 'ଭାବବାଚ୍ୟ' କୁହାଯାଏ । ଏହି ଦୁଇପ୍ରକାର ବାକ୍ୟରେ 'କର୍ତ୍ତା' ଅପ୍ରଧାନ ବା ଅନୁକ୍ତ ଅଟେ । ଏହି ଅନୁକ୍ତ କର୍ତ୍ତାଠାରେ ତୃତୀୟା ବିଭକ୍ତି ହୋଇଥାଏ । ଏହାକୁ 'ଅନୁକ୍ତେ କର୍ତ୍ତରି ତୃତୀୟା' କହନ୍ତି । ଉପର୍ଯ୍ୟୁକ୍ତ ବାକ୍ୟଗୁଡ଼ିକରେ ବାଳକେନ, ରାମେଣ, ତ୍ୱୟା ଓ ମୟା ଅନୁକ୍ତ କର୍ତ୍ତା ହୋଇ ତୃତୀୟ ବିଭକ୍ତିରେ ରହିଛନ୍ତି।

୩। (କ) ଗବାଂ ପୟଃ ପ୍ରକୃତ୍ୟା ମଧୁରମ୍ ।

(ଖ) ରାମଃ ସ୍ୱଭାବେନ ସରଳଃ ।

(ଗ) ପବନଃ ବେଗେନ ବହତି ।

(ଘ) ଦରିଦ୍ରଃ ଦୁଃଖେନ କାଳଂ ଯାପୟତି ।

ପ୍ରକୃତି, ସ୍ୱଭାବ, ବେଗ ଓ ଦୁଃଖ ପ୍ରଭୃତି ଶବ୍ଦ 'ପ୍ରକୃତି' ଗଣରେ ଆସୁଥିବାରୁ ଏହିଶବ୍ଦଗୁଡ଼ିକର ତୃତୀୟାନ୍ତ ହୋଇ ପ୍ରୟୋଗ ହୁଏ । ଏହାକୁ 'ପ୍ରକୃତ୍ୟାଦିଭ୍ୟଃ ତୃତୀୟା' ବୋଲି କୁହାଯାଏ । ଏହି ପ୍ରକୃତିଗଣରେ ଆସୁଥିବା ଅନ୍ୟଶବ୍ଦଗୁଡ଼ିକ ଯଥା- ପ୍ରାୟ, ଗୋତ୍ର, ଜାତି, ନାମ, ସମ, ବିଷମ, ଆକୃତି, ଅବଲୀଳା ପ୍ରଭୃତି ତୃତୀୟା ବିଭକ୍ତ୍ୟନ୍ତ ହୋଇ ବ୍ୟବହୃତ ହୁଅନ୍ତି ।

୪ । (କ) ଜଟାଭିଃ ତାପସଃ ।

(ଖ) ଉପବୀତେନ ବ୍ରାହ୍ମଣଃ ।

(ଗ) ଧ୍ୱଜେନ ଦେବାଳୟଃ ।

---

୧. ସାଧକତମଂ କରଣମ୍- କ୍ରିୟାସାଧନରେ କର୍ତ୍ତାର ପ୍ରଧାନ ସହାୟକ 'କରଣ କାରକ' ଅଟେ ।

୨. କରଣେ ତୃତୀୟା ।

ଯେଉଁ ଲକ୍ଷଣ ବା ଚିହ୍ନଦ୍ୱାରା କୌଣସି ବ୍ୟକ୍ତି ବା ବସ୍ତୁ ଚିହ୍ନିତ ହୁଏ, ସେହି ଚିହ୍ନବାଚକ ଶବ୍ଦରେ ତୃତୀୟା ବିଭକ୍ତି ହୁଏ । ଏଠାରେ 'ଜଟା' ଦ୍ୱାରା ତାପସ, ଉପବୀତ ଦ୍ୱାରା ବ୍ରାହ୍ମଣ ଓ ଧ୍ୱଜ ଦ୍ୱାରା ଦେବାଳୟ ଚିହ୍ନିତ ହୋଇଅଛି । ତେଣୁ ଜଟା, ଉପବୀତ ଓ ଧ୍ୱଜ ଶବ୍ଦର ତୃତୀୟା ବିଭକ୍ତି ବିଧାନ ହେଲା । ଏହାକୁ 'ଉପଲକ୍ଷଣେ ତୃତୀୟା' ବୋଲି କୁହାଯାଏ ।

୫ । (କ) ଚକ୍ଷୁଷା କାଣଃ ।

(ଖ) କର୍ଣ୍ଣାଭ୍ୟାଂ ବଧିରଃ ।

(ଗ) ପାଦେନ ଖଞ୍ଜଃ ।

ବିକୃତ ଅଙ୍ଗବାଚକ ଶବ୍ଦର ତୃତୀୟା ବିଭକ୍ତି ହୁଏ । ଉପର ଉଦାହରଣ ଗୁଡ଼ିକରେ ଚକ୍ଷୁ, କର୍ଣ୍ଣ ଓ ପାଦ ବିକୃତ ଅଙ୍ଗ ହୋଇଥିବାରୁ, ସେହି ସେହି ଶବ୍ଦରେ ତୃତୀୟା ବିଭକ୍ତି ହେଲା । ଏହାକୁ 'ଅଙ୍ଗବିକାରେ ତୃତୀୟା' ବୋଲି କୁହାଯାଏ ।

୬ । (କ) ବୃଦ୍ଧଃ ଶୀତେନ କମ୍ପତେ ।

(ଖ) ଅୟଂ ଶୋକେନ କ୍ରନ୍ଦତି ।

(ଗ) ଅଧ୍ୟୟନେନ ସଃ କଟକେ ତିଷ୍ଠତି ।

ହେତୁ ବା କାରଣ ବୋଧକ ଶବ୍ଦରେ ତୃତୀୟା ବିଭକ୍ତି ହୁଏ । ଉପର ଉଦାହରଣ ଗୁଡ଼ିକରେ 'କମ୍ପନ' କ୍ରିୟାର କାରଣ 'ଶୀତ', କ୍ରନ୍ଦନ କ୍ରିୟାର କାରଣ 'ଶୋକ' ଓ ରହିବା କ୍ରିୟାର କାରଣ 'ଅଧ୍ୟୟନ' ହୋଇଥିବାରୁ ଏଠାରେ ତୃତୀୟା ବିଭକ୍ତି ହେଲା । ଏହାକୁ ହେତୌ ତୃତୀୟା କହନ୍ତି । ହେତୁ ବା କାରଣବୋଧକଶବ୍ଦ ପୁଂଲିଙ୍ଗ ବା କ୍ଲୀବଲିଙ୍ଗ ହୋଇଥିଲେ, ତା'ଠାରେ ପଞ୍ଚମୀ ବିଭକ୍ତି ମଧ୍ୟ ହୋଇଥାଏ । ଯଥା– 'ବୃଦ୍ଧଃ ଶୀତାତ୍ କମ୍ପତେ'– ଏପରି ମଧ୍ୟ ହୁଏ । ଏହାକୁ ହେତୌ ପଞ୍ଚମୀ କହନ୍ତି । କିନ୍ତୁ ହେତୁବୋଧକଶବ୍ଦ ସ୍ତ୍ରୀଲିଙ୍ଗ ହୋଇଥିଲେ, କେବଳ ତୃତୀୟା ବିଭକ୍ତି ହୁଏ; ପଞ୍ଚମୀ ହୁଏ ନାହିଁ । ଯଥା :

(ଘ) ସଃ ବୁଦ୍ଧ୍ୟା ମୁକ୍ତଃ ।

(ଙ) ବିଦ୍ୟୟା ବର୍ଦ୍ଧତେ ବୁଦ୍ଧିଃ ।

୭ । (କ) ସପ୍ତଭିଃ ଦିବସୈଃ ନୀରୋଗଃ ଜାତଃ ।

(ଖ) ସଃ ମାସେନ ବ୍ୟାକରଣମ୍ ଅପଠତ୍ ।

(ଗ) ବର୍ଷେଣ ଗୃହଂ ନିର୍ମିତଂ ଭବେତ୍ ।

ଅପବର୍ଗ ବା ଫଳପ୍ରାପ୍ତି ବୁଝାଇଲେ କାଳବାଚକ ଶବ୍ଦରେ ବ୍ୟାପ୍ତ୍ୟର୍ଥେ ଦ୍ୱିତୀୟା ନ ହୋଇ 'ଅପବର୍ଗେ ତୃତୀୟା ବିଭକ୍ତି' ବିଧାନ କରାଯାଏ । ଉପର ଲିଖିତ ଉଦାହରଣ ଗୁଡ଼ିକରେ ସପ୍ତଦିବସ, ମାସ ଓ ବର୍ଷ ଶବ୍ଦରେ ତୃତୀୟା ବିଭକ୍ତିର ପ୍ରୟୋଗ ହୋଇଛି । କାରଣ ସାତ ଦିନରେ ନୀରୋଗ ହେବା, ମାସକରେ ବ୍ୟାକରଣ ପଢ଼ିସାରିବା ଓ ବର୍ଷକରେ ଗୃହନିର୍ମାଣ ହେବା ସୂଚିତ ହେଉଥିବାରୁ ଏହା ଫଳପ୍ରାପ୍ତି ବା କାର୍ଯ୍ୟସିଦ୍ଧିକୁ ବୁଝାଉଅଛି ।

୮ । (କ) ଅନେନ ମାର୍ଗେଣ ଗଚ୍ଛତୁ ।

(ଖ) ଚୌରଃ ଅନୟା ଦିଶା ଗତବାନ୍ ।

(ଗ) ପଞ୍ଚଭିଃ ମୁଦ୍ରାଭିଃ ଅହଂ କଲମଂ କ୍ରୀତବାନ୍ ।

ମାର୍ଗବାଚକ, ଦିଗବାଚକ ଓ ମୂଲ୍ୟବାଚକ ଶବ୍ଦରେ ତୃତୀୟା ବିଭକ୍ତି ହୋଇଥାଏ । ଉପର ବାକ୍ୟଗୁଡ଼ିକରେ ମାର୍ଗେଣ, ଅନୟା ଦିଶା ଓ ପଞ୍ଚଭିଃ ମୁଦ୍ରାଭିଃ ଇତ୍ୟାଦି ଶବ୍ଦଗୁଡ଼ିକ ମାର୍ଗ, ଦିଗ ଓ ମୂଲ୍ୟ ଅର୍ଥକୁ ବୁଝାଉଥିବାରୁ ଏଠାରେ ତୃତୀୟା ବିଭକ୍ତି ପ୍ରୟୋଗ ହୋଇଛି ।

୯। (କ) ପିତ୍ରା ସହ ପୁତ୍ରଃ ଆପଣଂ ଗଚ୍ଛତି ।

(ଖ) ମୟା ସାର୍ଦ୍ଧଂ ତ୍ୱମ୍ ଆଗଚ୍ଛ ।

(ଗ) କେନାପି ସାକଂ କଳହଂ ମା କୁରୁ ।

(ଘ) ରାମେଣ ସମଂ ସୀତା ବନମ୍ ଅଗଚ୍ଛତ୍ ।

ଉପରେ ପ୍ରଦତ୍ତ ଉଦାହରଣ ଗୁଡ଼ିକରେ ସହାର୍ଥକ ସହ, ସାର୍ଦ୍ଧମ୍, ସାକମ୍ ଓ ସମମ୍ ଶବ୍ଦ ପ୍ରୟୋଗରେ ଯାହା ସହିତ ବୁଝାଉଛି ତା'ଠାରେ ତୃତୀୟା ବିଭକ୍ତି ହୋଇଅଛି । ଏହାକୁ 'ସହଯୁକ୍ତେ ଅପ୍ରଧାନେ ତୃତୀୟା' ବୋଲି କୁହାଯାଏ । ବେଳେ ବେଳେ 'ସହ' ପ୍ରଭୃତି ଶବ୍ଦ ବାକ୍ୟରେ ପ୍ରୟୋଗ ନହୋଇ ମଧ୍ୟ, ସହ ଅର୍ଥକୁ ବୁଝାଇଥାଏ । ଏପରି ସ୍ଥଳେ ମଧ୍ୟ ତୃତୀୟା ବିଭକ୍ତିର ପ୍ରୟୋଗ ହୁଏ । ଯଥା-

(ଙ) ପିତା ପୁତ୍ରେଣ ଗଚ୍ଛତି ।

(ଚ) ମାତ୍ରା ଗଚ୍ଛତି ଶିଶୁଃ ।

ଏହାକୁ ସାଧାରଣତଃ 'ସହାର୍ଥେ ତୃତୀୟା' କୁହାଯାଏ ।

୧୦। (କ) ଗ୍ରୀଷ୍ମକାଳେ ଜଳାଶୟାଃ ଜଳେନ ଶୂନ୍ୟାଃ ଭବନ୍ତି ।

(ଖ) କଳହେନ ଅଲମ୍ ।

(ଗ) ମମ ବିଦ୍ୟୟା ପ୍ରୟୋଜନମ୍ ।

ଊନାର୍ଥକ ଶବ୍ଦ ଊନଃ (ଊଣା), ହୀନଃ, ଶୂନ୍ୟଃ ଓ ରହିତଃ ଶବ୍ଦଯୋଗେ, ବାରଣାର୍ଥକ (ନିଷେଧ) ଅଲମ୍, କୃତମ୍ ଓ କିମ୍ ଶବ୍ଦଯୋଗେ ଏବଂ ପ୍ରୟୋଜନାର୍ଥକ (ଆବଶ୍ୟକ) ପ୍ରୟୋଜନମ୍, ଅର୍ଥଃ, ଲାଭଃ ଓ କିମ୍ ଶବ୍ଦଯୋଗେ ତୃତୀୟା ବିଭକ୍ତି ହୋଇଥାଏ । ତେଣୁ ଉପର ପ୍ରଦତ୍ତ ଉଦାହରଣ ଗୁଡ଼ିକରେ **ଜଳେନ ଊନାର୍ଥେ ତୃତୀୟା, କଳହେନ ବାରଣାର୍ଥେ ଓ ବିଦ୍ୟୟା ପ୍ରୟୋଜନାର୍ଥେ** ତୃତୀୟା ବିଭକ୍ତି ହୋଇଅଛି ।

୧୧। (କ) ରାମେଣ ସଦୃଶଃ ରାଜା ନାସ୍ତି ।

(ଖ) ଜ୍ୟେଷ୍ଠଭ୍ରାତା ପିତ୍ରା ସମଃ ।

(ଗ) ମୟା ତୁଲ୍ୟଃ କୋଽପି ନାସ୍ତି ।

(ଘ) ଅର୍ଜୁନେନ ସମାନଃ ବୀରଃ ନାସ୍ତି ।

ତୁଲ୍ୟାର୍ଥକ ସଦୃଶଃ, ସମଃ, ତୁଲ୍ୟଃ ଓ ସମାନଃ ଶବ୍ଦଯୋଗେ ଯାହା ସହିତ ତୁଲ୍ୟ ତା'ଠାରେ ତୃତୀୟା ଓ ଷଷ୍ଠୀ ବିଭକ୍ତି ବିଧାନ କରାଯାଏ । ଏଠାରେ ସଦୃଶଃ ଶବ୍ଦଯୋଗେ ରାମେଣ, ସମଃ ଶବ୍ଦଯୋଗେ ପିତ୍ରା, ତୁଲ୍ୟଃ ଶବ୍ଦଯୋଗେ ମୟା ଓ ସମାନଃ ଶବ୍ଦଯୋଗେ ଅର୍ଜୁନେନ ତୃତୀୟା ବିଭକ୍ତ୍ୟନ୍ତ ହୋଇଅଛି ।

**୧୨। ନିମ୍ନଲିଖିତ ପଦଗୁଡ଼ିକ ଯୋଗରେ ତୃତୀୟା ବିଭକ୍ତି ହୁଏ ।**

ନାନା- (ବିନା)- ଧର୍ମେଣ ନାନା ସୁଖଂ ନ ଲଭ୍ୟତେ ।

ପୃଥକ୍- (ଅଲଗା)- ଜଳେନ ପୃଥକ୍ ମତ୍ସ୍ୟଃ ନ ଜୀବତି ।

ବିନା- (ବ୍ୟତୀତ)- ଶ୍ରମେଣ ବିନା ବିଦ୍ୟା ନ ଭବତି ।

ପୂର୍ବଃ- (ବଡ଼)- ସଃ ମତ୍ ବର୍ଷେଣ ପୂର୍ବଃ ।

ଅବରଃ- (ସାନ)- ତ୍ୱଂ ରାମାତ୍ ମାସେନ ଅବରଃ ।

**ମନେରଖ :**

- କ୍ରିୟା ସାଧନରେ କର୍ତ୍ତାର ଯିଏ ପ୍ରଧାନ ସହାୟକ, ତାକୁ କରଣକାରକ କୁହାଯାଏ ଏବଂ ସେଠାରେ ତୃତୀୟା ବିଭକ୍ତି ହୁଏ ।
- ଅଙ୍ଗ ବିକାର ବୁଝାଇଲେ ବିକୃତ ଅଙ୍ଗବାଚକ ଶବ୍ଦରେ ତୃତୀୟା ହୁଏ ।
- ଫଳପ୍ରାପ୍ତି ବୁଝାଇଲେ ସମୟ ବାଚକ ଶବ୍ଦ ତୃତୀୟା ବିଭକ୍ତ୍ୟନ୍ତ ହୋଇଥାଏ ।
- 'ଉପଲକ୍ଷଣ' – ଚିହ୍ନ ବୁଝାଇଲେ, ଚିହ୍ନବାଚକ ଶବ୍ଦଠାରେ ତୃତୀୟା ହୁଏ ।
- ନିଷେଧାର୍ଥକ 'ଅଲମ୍' ଯୋଗେ ତୃତୀୟା ବିଭକ୍ତି ହୋଇଥାଏ ।
- ସାକମ୍, ସାର୍ଦ୍ଧମ୍, ସମମ୍ ଓ ସହ ଶବ୍ଦଯୋଗେ ତୃତୀୟା ହୁଏ ।
- ଯେଉଁ ମାର୍ଗରେ ଗମନ କରାଯାଏ ତା'ଠାରେ ମଧ୍ୟ ତୃତୀୟା ବିଭକ୍ତି ହୁଏ ।
- ଊନ, ବାରଣ ଓ ପ୍ରୟୋଜନ ଅର୍ଥରେ ତୃତୀୟା ବିଭକ୍ତି ହୋଇଥାଏ ।

## ଅଭ୍ୟାସ

୧ । ବନ୍ଧନୀଦତ୍ତଶବ୍ଦାନାଂ ଯଥାର୍ଥବିଭକ୍ତିଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟତ ।

ଯଥା : ତେ <u>ବନ୍ଧୁଭିଃ</u> ସହ ଗଚ୍ଛନ୍ତି । (ବନ୍ଧୁ)

(କ) ବାଳକଃ ________ କ୍ରୀଡ଼ତି । (କନ୍ଦୁକ)

(ଖ) ଧନିକଃ ________ ଖଲ୍ୱାଟଃ (ଚନ୍ଦ୍ରାଲୋକ) । (ଶିରସ୍)

(ଗ) ମୂର୍ଖସ୍ୟ ________ କିମ୍ । (ଜୀବନମ୍)

(ଘ) ________ ସହ ତ୍ୱମ୍ ଆଗଚ୍ଛ । (ଅସ୍ମଦ୍- ଏକବଚନେ)

(ଙ) ଶିଶୁଃ ________ କ୍ରନ୍ଦତି । (ଦୁଃଖମ୍)

(ଚ) ମମ ________ ପ୍ରୟୋଜନମ୍ ଅସ୍ତି । (ବିଦ୍ୟା)

(ଛ) ________ ସମାନଃ କବିଃ ନାସ୍ତି । (କାଳିଦାସ)

୨ । **ବନ୍ଧନୀସ୍ଥିତେଷୁ ଯଥାର୍ଥ ପଦେନ ଶୂନ୍ୟସ୍ଥାନଂ ପୂରୟତ ।**

(କ) ________ ବିନା ଜୀବନଂ ବୃଥା । (ଧର୍ମସ୍ୟ, ଧର୍ମାତ୍, ଧର୍ମେଣ)

(ଖ) ବାଳାନାଂ ________ ପ୍ରୟୋଜନମ୍ । (ଦୁଗ୍ଧାୟ, ଦୁଗ୍ଧେନ, ଦୁଗ୍ଧସ୍ୟ)

(ଗ) ରାଜନ୍ ! ତବ ________ ଅଲମ୍ । (ଶ୍ରମେଣ, ଶ୍ରମସ୍ୟ, ଶ୍ରମମ୍)

(ଘ) ଛାତ୍ରଃ ________ ଲିଖତି । (କଲମସ୍ୟ, କଲମେନ, କଲମାୟ)

(ଙ) କୃପଣସ୍ୟ ________ ପ୍ରୟୋଜନମ୍ ? (ଧନସ୍ୟ, ଧନାୟ, ଧନେନ)

(ଚ) ରାଜକନ୍ୟା ________ ଆଗଚ୍ଛତି । (ଲୀଳେନ, ଲୀଳୟା, ଲୀଳାୟାଃ)

୩ । **ରେଖାଙ୍କିତାନାଂ ପଦାନାଂ ସକାରଣବିଭକ୍ତିଂ ଦର୍ଶୟତ ।**

ଯଥା- ରାମଃ <u>ଶରେଣ</u> ରାବଣଂ ହତବାନ୍ । ଶରେଣ- କରଣେ ୩ୟା ।

(କ) <u>ପ୍ରାୟେଣ</u> ଗ୍ରାମାଃ କୃଷକୈଃ ଶୋଭନ୍ତେ ।

(ଖ) <u>ସୋପାନ-ମାର୍ଗେଣ</u> ନଦୀଂ ପ୍ରବିଶ ।

(ଗ) ବାଳିକାଃ <u>କଳସେନ</u> ଜଳମ୍ ଆନୟନ୍ତି ।

(ଘ) ଗ୍ରାମବାସିନଃ <u>ସ୍ୱଭାବେନ</u> ସରଳାଃ ।

(ଙ) <u>ଧନେନ</u> ହୀନାଃ ଦରିଦ୍ରାଃ ଭବନ୍ତି ।

(ଚ) <u>ମୟା</u> ସାକଂ କଃ ଗମିଷ୍ୟତି ।

(ଛ) ସୀତା ମତ୍ <u>ବର୍ଷେଣ</u> ଅବରା ।

**୪। ବନ୍ଧନୀସ୍ଥିତପଦାନାଂ ଯଥାର୍ଥ ବିଭକ୍ତୌ ପ୍ରୟୋଗଂ କୁରୁତ ।**

ଯଥା- ତେନ <u>ଦୀପେନ</u> କିଂ ପ୍ରୟୋଜନମ୍ ଯତ୍ର ତୈଳଂ ନାସ୍ତି । (ଦୀପ)

ତେନ <u>ଯାନେନ</u> କୋ ଲାଭଃ ଯତ୍ ନ ଚଳତି । (ଯାନ)

(କ) ତେନ ________ କିଂ ଯତ୍ର ନ ଗମ୍ୟତେ । (ମାର୍ଗ)

(ଖ) ତେନ ________ କିଂ ଯତ୍ର ନ ଦୃଶ୍ୟତେ ମୁଖମ୍ । (ଦର୍ପଣ)

(ଗ) ତେନ ________ କିଂ ଯତ୍ ଭ୍ରାନ୍ତିଂ ଜନୟତି । (ପୁସ୍ତକ)

(ଘ) ତେନ ________ କିଂ ଯତ୍ ଦରିଦ୍ରେଭ୍ୟଃ ନ ଦୀୟତେ । (ଧନ)

(ଙ) ତେନ ________ କିଂ ଯେନ ପରହିତଂ ନ କ୍ରିୟତେ । (ଜୀବନ)

(ଚ) ତେନ ________ କିଂ ଯତ୍ ନ ଆଚର୍ଯ୍ୟତେ । (ଜ୍ଞାନ)

**୫। ଅଧୋଲିଖିତପଦାନି ବ୍ୟବହୃତ୍ୟ ପୃଥକ୍‌ବାକ୍ୟାନି ରଚୟତ ।**

ଯଥା- ଜଳେନ <u>ବିନା</u> ମତ୍ସ୍ୟାଃ ନ ଜୀବନ୍ତି ।

ନାନା : ପୃଥକ୍ : କୃତମ୍ : କିମ୍ : ଅବରା : ପୂର୍ବଃ : ସାର୍ଦ୍ଧମ୍ : ସ୍ୱେଚ୍ଛୟା : ଊନଃ : ଲୀଳୟା :

**୬। ବାକ୍ୟାନି ସଂଶୋଧୟତ ।**

| **ଅଶୁଦ୍ଧ** | **ଶୁଦ୍ଧ** |
|---|---|
| ଯଥା- ସଃ ଜାତୌ କ୍ଷତ୍ରିୟଃ । | ସଃ ଜାତ୍ୟା କ୍ଷତ୍ରିୟଃ । |
| (କ) ରାଜା ମନ୍ତ୍ରିଣାଂ ସାର୍ଦ୍ଧଂ ଉପବିଷ୍ଟଃ । | |
| (ଖ) ଗୁରୁଭକ୍ତେଃ ସଃ ସର୍ବାନ୍ ଅତିକ୍ରାମତି । | |
| (ଗ) କାଣସ୍ୟ ଚକ୍ଷୁଷଃ କିମ୍ ? | |
| (ଘ) ଜନାଃ ପରିବାରଂ ସହ ନିବସନ୍ତି । | |
| (ଙ) କଳହସ୍ୟ କଃ ଅର୍ଥଃ । | |
| (ଚ) ଅଳମ୍ ଅତି ବିସ୍ତରସ୍ୟ । | |
| (ଛ) ସଃ ନାମେନ ମାଧବଃ । | |

**୭। ଯଥା ନିର୍ଦ୍ଦେଶଂ ଶୂନ୍ୟସ୍ଥାନଂ ପୂରୟତ ।**

| | |
|---|---|
| ଯଥା- ଅୟଂ ପୁସ୍ତକାଳୟଃ । | ଅଳଂ ବାର୍ତ୍ତାଳାପେନ । (ବାର୍ତ୍ତାଳାପ) |
| (କ) ଅୟଂ ଦେବାଳୟଃ । | ଅଳଂ ________ (କୋଳାହଳ) |
| (ଖ) ଅୟଂ ମାର୍ଗଃ । | ଅଳଂ ________ (କଳହ) |

(ଗ) ଅୟଂ ବିଦ୍ୟାଳୟଃ । ଅଳଂ ________ (ବିବାଦ)

(ଘ) ଏଷା ବାଟିକା । ଅଳଂ ________ । (ପୁଷ୍ପତ୍ରୋଟନ)

(ଙ) ଏଷଃ ଚିକିତ୍ସାଳୟଃ । ଅଳମ୍ ଉଚ୍ଚୈଃ ________ । (ହସନ)

**୮। 'କ' ସ୍ତମ୍ଭାତ୍ ଶବ୍ଦାନ୍ ଗୃହୀତ୍ୱା 'ଖ' ସ୍ତମ୍ଭସ୍ୟ ଶବ୍ଦୈଃ ସହ ମେଳନଂ କୃତ୍ୱା 'ଗ' ସ୍ତମ୍ଭେ ଯଥାନିର୍ଦ୍ଦିଷ୍ଟଂ ଲିଖତ ।**

| ଯଥା- | କ | ଖ | ଗ |
|---|---|---|---|
| (କ) | ନଦ୍ୟଃ | ନଦୀଭିଃ | ନଦ୍ୟଃ ନଦୀଭିଃ ସହ ପ୍ରବହନ୍ତି । |
| (ଖ) | ଚଟକାଃ | ଚଟକାଭିଃ | ଚଟକାଃ ________ ________ ଉତ୍ପତନ୍ତି । |
| (ଗ) | ଭୃଙ୍ଗାଃ | ଭୃଙ୍ଗୈଃ | ଭୃଙ୍ଗାଃ ________ ________ ପୁଷ୍ପାତ୍ ପୁଷ୍ପଂ ଭ୍ରମନ୍ତି । |
| (ଘ) | ଶୁକାଃ | ଶୁକୈଃ | ଶୁକାଃ ________ ସହାବସ୍ଥାନଂ କାମୟନ୍ତେ । |
| (ଙ) | ଶିଶବଃ | ଶିଶୁଭିଃ | ________ ________ ________ କ୍ରୀଡ଼ନ୍ତି । |
| (ଚ) | ମିତ୍ରମ୍ | ମିତ୍ରୈଃ | ________ ________ ________ ଗଚ୍ଛନ୍ତି । |

**୯। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

(କ) ମୋ ଭଉଣୀ ମୋଠାରୁ ବର୍ଷେ ବଡ଼ ।

(ଖ) ଲୋକମାନେ ନୌକାରେ ନଦୀପାର ହୁଅନ୍ତି ।

(ଗ) ଗୋରୁମାନେ ପଡ଼ିଆରେ ନିଜ ଇଚ୍ଛାରେ ବୁଲୁଛନ୍ତି ।

(ଘ) ଖୁସିରେ ତୁମର ସମୟ କଟିଯିବ ।

(ଙ) ମୁଁ ତୁମ ସହିତ ମେଳାକୁ ଯିବି ।

●●●

# ସମ୍ପ୍ରଦାନକାରକ ଓ ଚତୁର୍ଥୀ ବିଭକ୍ତି

**୧ ।　ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ।**

(କ)　ରାଜା ବ୍ରାହ୍ମଣାୟ ଧନଂ ଦଦାତି ।

(ଖ)　ଭିକ୍ଷୁକାୟ ଭିକ୍ଷାଂ ଦେହି ।

(ଗ)　ମାତା ପୁତ୍ରାୟ ଚନ୍ଦ୍ରଂ ଦର୍ଶୟତି ।

କର୍ତ୍ତା ଯେଉଁ ବ୍ୟକ୍ତିକୁ ଦେବାକୁ ଇଚ୍ଛା କରେ, ସେ ସଂପ୍ରଦାନ[୧] କାରକ ଅଟେ । ପ୍ରଥମ ଦୁଇଟି ବାକ୍ୟରେ 'ବ୍ରାହ୍ମଣ' ଓ 'ଭିକ୍ଷୁକ' ସଂପ୍ରଦାନ କାରକ ଅଟନ୍ତି । ଦାନ କ୍ରିୟାର କର୍ତ୍ତା ରାଜା 'ବ୍ରାହ୍ମଣ'ଙ୍କୁ ଦେବା ପାଇଁ ଇଚ୍ଛା କରୁଥିବାରୁ ତାହା ସମ୍ପ୍ରଦାନ କାରକ[୨] ଅଟେ । ପୁନଶ୍ଚ କର୍ତ୍ତା **ଯେକୌଣସି କ୍ରିୟାଦ୍ୱାରା ଯାହାର ସମ୍ବନ୍ଧ ଇଚ୍ଛାକରେ (ଯାହାର ପ୍ରୀତି ସମ୍ପାଦନ କରେ) ସେ ମଧ୍ୟ ସମ୍ପ୍ରଦାନ କାରକ[୩] ହୁଏ ।** ତୃତୀୟ ବାକ୍ୟରେ ମାତା ଚନ୍ଦ୍ର ଦର୍ଶନ କ୍ରିୟାଦ୍ୱାରା ପୁତ୍ରକୁ ଖୁସି କରିବାକୁ ବା ପ୍ରୀତି ବର୍ଦ୍ଧନ କରୁଥିବାରୁ 'ପୁତ୍ର'ଠାରେ ସମ୍ପ୍ରଦାନ ସଂଜ୍ଞା ହେଲା । ସଂପ୍ରଦାନ କାରକ ଠାରେ ଚତୁର୍ଥୀ ବିଭକ୍ତି ବିଧାନ କରାଯାଏ । ଏହାକୁ 'ସମ୍ପ୍ରଦାନେ ଚତୁର୍ଥୀ'[୪] କୁହାଯାଏ ।

୨ ।　(କ)　ଶିଶବେ କ୍ରୀଡ଼ା ରୋଚତେ ।

(ଖ)　ବାନରାୟ ଫଳାନି ସ୍ୱଦନ୍ତେ ।

(ଗ)　ସର୍ବେ ଧନାୟ ସ୍ପୃହୟନ୍ତି ।

ରୁଚି ଅର୍ଥକ (ରୁଚ୍ ଓ ସ୍ୱଦ୍) ଧାତୁର ପ୍ରୟୋଗରେ ଯାହାକୁ ରୁଚେ, ତା'ଠାରେ ସମ୍ପ୍ରଦାନ ସଂଜ୍ଞା ହୋଇ ଚତୁର୍ଥୀ ବିଭକ୍ତି ହୋଇଥାଏ । ଶିଶୁକୁ କ୍ରୀଡ଼ା ଓ ବାନରକୁ ଫଳ ରୁଚୁଥିବାରୁ 'ଶିଶୁ' ଓ 'ବାନର' ଉଭୟଠାରେ ସମ୍ପ୍ରଦାନ ସଂଜ୍ଞା ହୋଇ ଚତୁର୍ଥୀ ବିଭକ୍ତି ହୋଇଛି[୫] । ପୁନଶ୍ଚ ଇଚ୍ଛା କରିବା ଅର୍ଥରେ ସ୍ପୃହି (ସ୍ପୃହ୍ + ଣିଚ୍ ସ୍ୱାର୍ଥେ) ଧାତୁର ପ୍ରୟୋଗରେ କର୍ତ୍ତାର ଈପ୍‌ସିତ ବସ୍ତୁ ସମ୍ପ୍ରଦାନ ସଂଜ୍ଞା ପ୍ରାପ୍ତହୋଇ ଚତୁର୍ଥୀ ବିଭକ୍ତି ହୋଇଥାଏ[୬] । ତୃତୀୟ ବାକ୍ୟରେ କର୍ତ୍ତାର ଈପ୍‌ସିତ ବସ୍ତୁ 'ଧନ'ଠାରେ ସମ୍ପ୍ରଦାନ ସଂଜ୍ଞା ହୋଇ ଚତୁର୍ଥୀ ବିଭକ୍ତି ହୋଇଛି । ମାତ୍ର ଅତ୍ୟଧିକ ସ୍ପୃହା ବୁଝାଇଲେ ୨ୟା ବିଭକ୍ତି ହୁଏ । ଯଥା:- କୃପଣଃ ଧନଂ ସ୍ପୃହୟତି ।

୩ ।　(କ)　ଗୁରୁଃ ଶିଷ୍ୟାୟ ନ କ୍ରୁଧ୍ୟତି / କୁପ୍ୟତି ।

(ଖ)　ଦୁଷ୍ଟଃ ଶିଷ୍ଟାୟ ଦ୍ରୁହ୍ୟତି / ଈର୍ଷ୍ୟତି / ଅସୂୟତି ।

କ୍ରୋଧାର୍ଥକ (କ୍ରୁଧ୍ ଓ କୁପ୍) ରାଗିବା ଅର୍ଥରେ, ଦ୍ରୋହାର୍ଥକ ହିଂସା ବା ଅପକାର ଅର୍ଥରେ, ଈର୍ଷ୍ୟାର୍ଥକ ସହି ନ ପାରିବା ଅର୍ଥରେ ଓ ଅସୂୟାର୍ଥକ ଗୁଣକୁ ଦୋଷଦୃଷ୍ଟିରେ ଦେଖିବା ଅର୍ଥରେ ବ୍ୟବହୃତ ଧାତୁମାନଙ୍କର ପ୍ରୟୋଗରେ ଯାହା ପ୍ରତି କ୍ରୋଧାଦି ପ୍ରକାଶ ପାଏ, ସେଠାରେ ଚତୁର୍ଥୀ ବିଭକ୍ତି ହୋଇଥାଏ । ଉପରିସ୍ଥିତ ଉଦାହରଣରେ ଗୁରୁଙ୍କର 'ଶିଷ୍ୟ'ଠାରେ କ୍ରୋଧ ଓ ଦୁଷ୍ଟର 'ଶିଷ୍ଟ'ଠାରେ ଦ୍ରୋହ, ଈର୍ଷ୍ୟା ଓ ଅସୂୟା ବ୍ୟକ୍ତ ହେଉଥିବାରୁ 'ଶିଷ୍ୟ' ଓ 'ଶିଷ୍ଟ' ପଦଠାରେ ଚତୁର୍ଥୀ ବିଭକ୍ତି ହେଲା[୭] । କିନ୍ତୁ କ୍ରୁଧ୍ ଓ ଦ୍ରୁହ୍ ଧାତୁ ଉପସର୍ଗଯୁକ୍ତ ହେଲେ ସମ୍ପ୍ରଦାନର କର୍ମସଂଜ୍ଞା ହୁଏ । ଯଥା:-

---

୧ ।　ସମ୍ୟକ୍ ପ୍ରଦୀୟତେ ଅସ୍ମୈ ଇତି ସମ୍ପ୍ରଦାନମ୍ ।

୨ ।　କର୍ମଣା ଯମଭିପ୍ରୈତି ସ ସମ୍ପ୍ରଦାନମ୍ ।

୩ ।　କ୍ରିୟୟା ଯମଭିପ୍ରୈତି ସୋଽପି ସମ୍ପ୍ରଦାନମ୍ ।

୪ ।　ଚତୁର୍ଥୀ ସମ୍ପ୍ରଦାନେ ।

୫ ।　ରୁଚ୍ୟର୍ଥାନାଂ ପ୍ରୀୟମାଣଃ ।

୬ ।　ସ୍ପୃହେ ରୀପ୍‌ସିତଃ

୭ ।　କ୍ରୁଧଦ୍ରୁହେର୍ଷ୍ୟାସୂୟାର୍ଥାନାଂ ଯଂପ୍ରତି କୋପଃ

(ଗ) ପ୍ରଭୁଃ ଭୃତ୍ୟଂ ସଂକ୍ରୁଧ୍ୟତି ।

(ଘ) ସାଧୁଃ କ୍ରୂରମ୍ ଅଭିଦ୍ରୁହ୍ୟତି ।

୪ । (କ) ବସ୍ତ୍ରାୟ ସୂତ୍ରମ୍ ।

(ଖ) ହାରାୟ ସୁବର୍ଣ୍ଣମ୍ ।

(ଗ) ଧର୍ମାୟ ପତ୍ନୀ ।

ଉପର ଉଦାହରଣ ଗୁଡ଼ିକରେ ଯାହା ଉଦ୍ଦେଶ୍ୟରେ ବ୍ୟକ୍ତି ବା ବସ୍ତୁ ଉଦ୍ଦିଷ୍ଟ ହୋଇଛି, ତା'ଠାରେ ଚତୁର୍ଥୀ ବିଭକ୍ତି ହୋଇଛି । 'ବସ୍ତ୍ର' ଉଦ୍ଦେଶ୍ୟରେ ସୂତ୍ର ଉଦ୍ଦିଷ୍ଟ ହୋଇଥିବାରୁ 'ବସ୍ତ୍ର'ଠାରେ ଚତୁର୍ଥୀ ହେଲା । ସେହିପରି 'ହାର' ଉଦ୍ଦେଶ୍ୟରେ ସୁବର୍ଣ୍ଣ ଓ 'ଧର୍ମ' ଉଦ୍ଦେଶ୍ୟରେ ପତ୍ନୀ ଉଦ୍ଦିଷ୍ଟ ହୋଇଥିବାରୁ ଉଭୟ 'ହାର' ଓ 'ଧର୍ମ' ଠାରେ ଚତୁର୍ଥୀ ବିଭକ୍ତି ହୋଇଛି । ଏହାକୁ ସାଧାରଣତଃ 'ନିମିତ୍ତାର୍ଥେ ଚତୁର୍ଥୀ' କୁହାଯାଏ ।[୧]

୫ । (କ) ମଶକାୟ ଧୂମଃ ।

(ଖ) ତାପାୟ ସ୍ନାନମ୍ ।

(ଗ) ଆତପାୟ ଛତ୍ରମ୍ ।

ନିବୃତ୍ତି ବୁଝାଇଲେ ଯାହାର ନିବୃତ୍ତି ଉଦ୍ଦିଷ୍ଟ, ସେହିଠାରେ ଚତୁର୍ଥୀ ବିଭକ୍ତି ହୁଏ । ଉପର ଉଦାହରଣରେ 'ମଶକ', 'ତାପ' ଓ 'ଆତପ'ର ନିବୃତ୍ତି ଉଦ୍ଦିଷ୍ଟ ହୋଇଥିବାରୁ ସେହି ସେହି ଶବ୍ଦରେ ଚତୁର୍ଥୀ ବିଭକ୍ତି ହୋଇଛି[୨] ।

୬ । (କ) ରାମଃ ଶ୍ୟାମାୟ ଶତଂ ରୂପ୍ୟକାଣି ଧାରୟତି ।

(ଖ) ଭକ୍ତିଃ ଜ୍ଞାନାୟ କଳ୍ପତେ ।

(ଗ) ବାତାୟ କପିଳା ବିଦ୍ୟୁତ୍ ।

'ଧାରି' ଧାତୁର ପ୍ରୟୋଗରେ ବା ଧାର୍ କରିବା ଅର୍ଥରେ ଯିଏ ଋଣଦାତା (ଉତ୍ତମର୍ଣ୍ଣ) ତା'ଠାରେ ଚତୁର୍ଥୀ ବିଭକ୍ତି ହୁଏ[୩] । ପ୍ରଥମ ବାକ୍ୟରେ ରାମ ଶ୍ୟାମ ଠାରୁ ଶହେ ଟଙ୍କା ଧାର କରିଥିବାରୁ 'ଶ୍ୟାମ' ମହାଜନ ବା ଋଣଦାତା । ତେଣୁ 'ଶ୍ୟାମ' ଠାରେ ୪ର୍ଥୀ ବିଭକ୍ତି ହେଲା । ସେହିପରି **କଳ୍ପତେ, ସମ୍ପଦ୍ୟତେ ଓ ପରିଣମତେ – ଏହି କ୍ରିୟାଗୁଡ଼ିକ ପରିଣତ ହେବା ଅର୍ଥକୁ ବୁଝାଇଲେ ଯାହା ପରିଣତ ହୁଏ ତାହାର ଚତୁର୍ଥୀ ବିଭକ୍ତି ହୁଏ । ଏହାକୁ ସମ୍ପଦ୍ୟମାନେ ଚତୁର୍ଥୀ କୁହାଯାଏ**[୪] । ଦ୍ୱିତୀୟ ବାକ୍ୟରେ ଭକ୍ତିରୁ 'ଜ୍ଞାନ' ଜାତ ହେଉଥିବାରୁ ସେଠାରେ ଚତୁର୍ଥୀ ବିଭକ୍ତି ହେଲା । **କୌଣସି ଉତ୍ପାତ ଜ୍ଞାପିତ ହେଉଥିଲେ ସେହି ଉତ୍ପାତବାଚୀ ଶବ୍ଦରେ ଚତୁର୍ଥୀ ବିଭକ୍ତି ହୁଏ** । ଏଠାରେ କପିଳବର୍ଣ୍ଣର ବିଜୁଳି 'ବାତ' ବା 'ବାତ୍ୟା'ର ସୂଚନା ଦେଉଥିବାରୁ, ସେଠାରେ ଚତୁର୍ଥୀ ବିଭକ୍ତି ହେଲା[୫] ।

୭ । ବାଳକେଭ୍ୟଃ ଆୟୁଷ୍ୟଂ / ମଦ୍ରଂ / ଭଦ୍ରଂ / କଲ୍ୟାଣଂ / କୁଶଳଂ / ସୁଖଂ / ସମୃଦ୍ଧିଃ / ହିତଂ ଭବତୁ ।

ଆଶୀର୍ବାଦ, ଆୟୁଷ୍ୟ, କଲ୍ୟାଣ, ମଦ୍ର, ଭଦ୍ର, କଲ୍ୟାଣ, କୁଶଳ, ଆରୋଗ୍ୟ, ସୁଖାର୍ଥକ ଶବ୍ଦ, ହିତ ପ୍ରଭୃତି ପଦଯୋଗରେ ଯାହା ପ୍ରତି ଶୁଭକାମନା କରାଯାଏ, ସେଠାରେ ଚତୁର୍ଥୀ ବିଭକ୍ତି ହୋଇଥାଏ ।[୬] ବିକଳ୍ପରେ ଷଷ୍ଠୀ ବିଭକ୍ତି ମଧ୍ୟ ହୁଏ । ଯଥା: ବାଳକାନାମ୍ ଆୟୁଷ୍ୟଂ....... ଭବତୁ ।

---

୧ । ତାଦର୍ଥ୍ୟେ ଚତୁର୍ଥୀ ବାଚ୍ୟା ।

୨ । ନିବୃତ୍ତୌ ନିବର୍ତ୍ତନୀୟାତ୍ ।

୩ । ଧାରେରୁତ୍ତମର୍ଣ୍ଣଃ ।

୪ । କ୍ଳୃପି ସମ୍ପଦ୍ୟମାନେ ଚ ।

୫ । ଉତ୍ପାତେନ ଜ୍ଞାପିତେ ଚ ।

୬ । ଚତୁର୍ଥୀ ଚାଶିଷ୍ୟାୟୁଷ୍ୟମଦ୍ରଭଦ୍ରକୁଶଳସୁଖାର୍ଥହିତୈଃ ।

୮ । (କ) ଅହଂ ତ୍ୱାଂ ତୃଣାୟ / ତୃଣଂ ମନ୍ୟେ ।

(ଖ) ସଃ ମାଂ କାକଂ ମନ୍ୟତେ । (ନ କାକାୟ)

ମନ୍ୟତେ କ୍ରିୟାର (ମନ୍ ଧାତୁ ଯୋଗେ) ଅନାଦର ବୋଧକ କର୍ମ ଅପ୍ରାଣୀବାଚକ ଶବ୍ଦ ହେଲେ ତା'ଠାରେ ଦ୍ୱିତୀୟା ଓ ଚତୁର୍ଥୀ ବିଭକ୍ତି ହୋଇଥାଏ । କିନ୍ତୁ ଅନାଦର ବୋଧକ କର୍ମ ପ୍ରାଣୀବାଚକ ହେଲେ କେବଳ ଦ୍ୱିତୀୟା ବିଭକ୍ତି ହୁଏ, ଚତୁର୍ଥୀ ହୁଏ ନାହିଁ ।[୧]

୯ । (କ) ପିତା ପୁତ୍ରାୟ କ୍ରୀଡ଼ନକଂ ପ୍ରତିଶୃଣୋତି ।

(ଖ) ରାଜା ବ୍ରାହ୍ମଣାୟ ଧନମ୍ ଆଶୃଣୋତି ।

ପ୍ରତି / ଆ ଉପସର୍ଗଯୁକ୍ତ 'ଶ୍ରୁ' ଧାତୁ ଯୋଗରେ ଯାହାକୁ ପ୍ରତିଶ୍ରୁତି ଦିଆଯାଏ, ତାହାଠାରେ ଚତୁର୍ଥୀ ବିଭକ୍ତି ହୁଏ । ଉପର୍ଯୁକ୍ତ ଉଦାହରଣ ଦ୍ୱୟରେ ପୁତ୍ରକୁ ପିତା ଓ ବ୍ରାହ୍ମଣଙ୍କୁ ରାଜା ପ୍ରତିଶ୍ରୁତି ଦେଇଥିବାରୁ ପୁତ୍ର ଓ ବ୍ରାହ୍ମଣ ଶବ୍ଦରେ ଚତୁର୍ଥୀ ବିଭକ୍ତି ହୋଇଛି ।[୨]

୧୦ । (କ) ବାଳିକା ଜଳାୟ (ଜଳମ୍ ଆନେତୁମ୍) ନଦୀଂ ଗଚ୍ଛତି ।

(ଖ) ଛାତ୍ରଃ (ପଠିତୁମ୍) ପଠନାୟ ବିଦ୍ୟାଳୟଂ ଗଚ୍ଛତି ।

ପ୍ରଥମ ବାକ୍ୟରେ 'ତୁମୁନ୍' ପ୍ରତ୍ୟୟାନ୍ତ ପଦ ଉହ୍ୟଥିବାରୁ କର୍ମ (ଜଳ) ଠାରେ ଚତୁର୍ଥୀ ବିଭକ୍ତି ହେଲା ।[୩] ଦ୍ୱିତୀୟ ବାକ୍ୟରେ 'ତୁମୁନ୍' ପ୍ରତ୍ୟୟ ପରିବର୍ତ୍ତେ ଧାତୁଟି କ୍ରିୟାବାଚକ ବିଶେଷ୍ୟ (ପଠନ) ହୋଇ ଚତୁର୍ଥୀ ବିଭକ୍ତି ହେଲା ।[୪]

୧୧ । କୃଷକଃ ଗ୍ରାମଂ/ ଗ୍ରାମାୟ ଗଚ୍ଛତି ।

ଭକ୍ତଃ ମନସା ବୈକୁଣ୍ଠଂ ଗଚ୍ଛତି । (ନ ବୈକୁଣ୍ଠାୟ)

ସଃ ମାର୍ଗଂ ଗଚ୍ଛତି । (ନ ମାର୍ଗାୟ)

ଶରୀରଦ୍ୱାରା ଗମନ ବ୍ୟାପାର ବୁଝାଉଥିଲେ, ଗତ୍ୟର୍ଥଧାତୁମାନଙ୍କର (ଯଥା- ଗମ୍, ଚଲ୍ ଓ ଯା ପ୍ରଭୃତି) କର୍ମସ୍ଥାନରେ ବିକଳ୍ପରେ ଚତୁର୍ଥୀ ବିଭକ୍ତି ହୋଇଥାଏ ।[୫] ଅଧ୍ୱବାଚକ (ମାର୍ଗ) ଶବ୍ଦ କର୍ମ ହୋଇଥିଲେ ଚତୁର୍ଥୀ ନହୋଇ କେବଳ ଦ୍ୱିତୀୟା ହେବ । ପ୍ରଥମ ବାକ୍ୟରେ ଗତ୍ୟର୍ଥକ 'ଗମ୍' ଧାତୁ ଯୋଗେ କର୍ମ 'ଗ୍ରାମ'ଠାରେ ବିକଳ୍ପରେ ଚତୁର୍ଥୀ ହୋଇ 'ଗ୍ରାମାୟ' ହେଲା । କିନ୍ତୁ ଦ୍ୱିତୀୟ ବାକ୍ୟରେ 'ଗମନ' କ୍ରିୟାର ଶରୀର ଦ୍ୱାରା ଗମନ ବ୍ୟାପାର (ଚେଷ୍ଟା କିମ୍ବା ମାର୍ଗ ଅତିକ୍ରମ) ବୁଝାଉନଥିବାରୁ କର୍ମର ବିକଳ୍ପରେ ଚତୁର୍ଥୀ ହେଲାନାହିଁ । ପୁନଶ୍ଚ ତୃତୀୟବାକ୍ୟରେ ଅଧ୍ୱବାଚକ (ମାର୍ଗ) ଶବ୍ଦ କର୍ମ ହୋଇଥିବାରୁ ଚତୁର୍ଥୀ ନହୋଇ କେବଳ ଦ୍ୱିତୀୟା ହେଲା ।

୧୨ । (କ) ଶିକ୍ଷକାୟ ନମଃ ।

(ଖ) ପ୍ରଜାଭ୍ୟଃ ସ୍ୱସ୍ତି ଭବତୁ ।

(ଗ) ଅଗ୍ନୟେ ସ୍ୱାହା ।

(ଘ) ପିତୃଭ୍ୟଃ ସ୍ୱଧା ।

---

୧ । ମନ୍ୟକର୍ମଣ୍ୟନାଦରେ ବିଭାଷା ଅପ୍ରାଣିଷୁ ।

୨ । ପ୍ରତ୍ୟାଙ୍‌ଭ୍ୟାଂ ଶ୍ରୁବଃ ପୂର୍ବସ୍ୟ କର୍ତ୍ତା ।

୩ । କ୍ରିୟାର୍ଥୋପପଦସ୍ୟ ଚ କର୍ମଣି ସ୍ଥାନିନଃ :

୪ । ତୁମର୍ଥାଚ୍ଚ ଭାବବଚନାତ୍ :

୫ । ଗତ୍ୟର୍ଥକର୍ମଣି ଦ୍ୱିତୀୟା ଚତୁର୍ଥ୍ୟୌ ଚେଷ୍ଟାୟାମନଧ୍ୱନି :

(ଙ) ଭୀମଃ ଦୁଃଶାସନାୟ ଅଲମ୍ ।

(ଚ) ଇନ୍ଦ୍ରାୟ ପୁଷ୍ପାଣି ବଷଟ୍ ।

ନମଃ (ନମସ୍କାର), ସ୍ୱସ୍ତି (ମଙ୍ଗଳ), ସ୍ୱାହା (ଦେବତାଙ୍କ ଉଦ୍ଦେଶ୍ୟରେ), ସ୍ୱଧା (ପିତୃଙ୍କ ଉଦ୍ଦେଶ୍ୟରେ ସମର୍ପଣ), ଅଲମ୍ (ସମର୍ଥବାଚକ), ବଷଟ୍ (ସମର୍ପଣବାଚକ)- ଏହି ଶବ୍ଦମାନଙ୍କ ଯୋଗରେ ଚତୁର୍ଥୀ ବିଭକ୍ତି ହୋଇଥାଏ ।[୧] କିନ୍ତୁ 'ନମଃ' କ୍ରିୟାଯୁକ୍ତ ହେଲେ, ନମଃ ଶବ୍ଦ ଯୋଗେ ଚତୁର୍ଥୀ ନହୋଇ ଦ୍ୱିତୀୟା ବିଭକ୍ତି ହୁଏ । କାରଣ ଉପପଦ ଯୋଗୁ ଯେଉଁ ବିଭକ୍ତି ହୁଏ, ତା'ଠାରୁ କ୍ରିୟାଯୋଗେ ହେଉଥିବା ବିଭକ୍ତିର ଗୁରୁତ୍ୱ ବେଶି । ଯଥା :-

(ଛ) ଶିକ୍ଷକଂ ନମସ୍କୁରୁ । (ନମଃ + କୁରୁ = ନମସ୍କୁରୁ ଏହା କ୍ରିୟାପଦ)

(ଜ) ଭକ୍ତଃ ଈଶ୍ୱରଂ ନମସ୍କରୋତି । (ନମଃ + କରୋତି = ନମସ୍କରୋତି ଏହା କ୍ରିୟାପଦ)

ଉପର୍ଯ୍ୟୁକ୍ତ ବାକ୍ୟଦ୍ୱୟରେ 'କର୍ମଣି ଦ୍ୱିତୀୟା' ସୂତ୍ରରେ 'ଶିକ୍ଷକ' ଓ 'ଈଶ୍ୱର' ଶବ୍ଦରେ ଦ୍ୱିତୀୟା ବିଭକ୍ତି ହେଲା । କାରଣ ଉପପଦ ବିଭକ୍ତିଠାରୁ କାରକବିଭକ୍ତିର ବଳ ବେଶି ।[୨] ନମଃ - ଉପପଦ ମାତ୍ର ନମସ୍କୁରୁ, ନମସ୍କରୋତି କ୍ରିୟାପଦ ।

**ମନେରଖ :**

- କର୍ତ୍ତା ଯେଉଁ ବ୍ୟକ୍ତିକୁ ଦେବାକୁ ଇଚ୍ଛାକରେ ଅଥବା କ୍ରିୟାଦ୍ୱାରା ଯାହାର ସମ୍ବନ୍ଧ ଇଚ୍ଛାକରେ (ଯାହାର ପ୍ରୀତି ସମ୍ପାଦନ କରେ) ସେ ସମ୍ପ୍ରଦାନ କାରକ ହୁଏ ।
- କଳ୍ପତେ, ସମ୍ପଦ୍ୟତେ, ଜାୟତେ ଓ ଭବତି- ଏହି କ୍ରିୟାଗୁଡ଼ିକ ଯୋଗରେ ଯାହା 'ଜାତ' ହୁଏ, ତା'ର ଚତୁର୍ଥୀ ବିଭକ୍ତି ହୁଏ ।
- ଯାହାକୁ ରୁଚେ, ତା'ଠାରେ ଚତୁର୍ଥୀ ବିଭକ୍ତି ।
- ନମଃ, ସ୍ୱସ୍ତି, ସ୍ୱାହା, ସ୍ୱଧା, ଅଲମ୍ (ସାମର୍ଥ୍ୟାର୍ଥକ), ବଷଟ୍ ଯୋଗେ ଚତୁର୍ଥୀ ।
- କ୍ରୁଧ୍, ଦ୍ରୁହ, ଈର୍ଷ୍ ଓ ଅସୂୟ ପ୍ରଭୃତି ଧାତୁ ଯୋଗେ ଯାହାଠାରେ କ୍ରୋଧ, ଦ୍ରୋହ, ତା'ଠାରେ ଚତୁର୍ଥୀ ।
- 'ତୁମୁନ୍' ପ୍ରତ୍ୟୟ ଲୋପ କଲେ, ଚତୁର୍ଥୀ ବିଭକ୍ତି ହୁଏ ।

## ଅଭ୍ୟାସ

**୧ । ବନ୍ଧନୀମଧ୍ୟସ୍ଥ ଶବ୍ଦାନାଂ ଯଥାର୍ଥବିଭକ୍ତିଂ କୃତ୍ୱା ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- ଅହଂ ତୁଭ୍ୟମ୍ ଦିବ୍ୟଚକ୍ଷୁଃ ଦଦାମି । (ଯୁଷ୍ମଦ୍)

(କ) ଶିକ୍ଷକଃ ________ ପୁରସ୍କାରଂ ଦଦାତି । (ଛାତ୍ର)

(ଖ) ________ ଔଷଧଂ ନ ରୋଚତେ । (ଶିଶୁ)

(ଗ) ଭୃତ୍ୟଃ ________ ତୃଣାନି ଆନୟତି । (ଅଶ୍ୱ)

(ଘ) ପିତା ________ କ୍ରୀଡ଼ନକଂ ପ୍ରତିଶୃଣୋତି । (ପୁତ୍ର)

(ଙ) ସର୍ବେ ________ ସ୍ପୃହୟନ୍ତି । (ଧନ)

(ଚ) ରାଜା ________ କ୍ରୁଧ୍ୟତି । (ଶତ୍ରୁ)

(ଛ) ଦ୍ୱୟୋର୍ବିବାଦଃ ତୃତୀୟସ୍ୟ ________ ଭବତି । (ଲାଭ)

---

୧ । ନମଃ-ସ୍ୱସ୍ତି-ସ୍ୱାହା-ସ୍ୱଧାଲଂ ବଷଟ୍ ଯୋଗାଚ୍ଚ :

୨ । ଉପପଦବିଭକ୍ତେଃ କାରକବିଭକ୍ତିଃ ବଳୀୟସୀ :

**୨। ବନ୍ଧନୀସ୍ଥିତଯଥାର୍ଥପଦେନ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- <u>ପରଧନାୟ</u> ମା ସ୍ପୃହୟ । (ପରଧନେନ, ପରଧନାୟ, ପରଧନାତ୍)

(କ) ________ ଫଳାନି ସ୍ୱଦନ୍ତେ । (ବାନରାୟ, ବାନରେଣ, ବାନରମ୍)

(ଖ) ଅହଂ ________ ନ ଧାରୟାମି । (କେନ, କସ୍ମାତ୍, କସ୍ମୈ)

(ଗ) ମାର୍ଜାରାଃ ________ ସ୍ପୃହୟନ୍ତି । (ମତ୍ସ୍ୟମ୍, ମତ୍ସ୍ୟେନ, ମତ୍ସ୍ୟାୟ)

(ଘ) ପିତା ________ ଦଦାତି । (ପୁତ୍ରେଣ, ପୁତ୍ରମ୍, ପୁତ୍ରାୟ)

(ଙ) ଭକ୍ତଃ ________ ନମସ୍କରୋତି । (ଈଶ୍ୱରାୟ, ଈଶ୍ୱରମ୍, ଈଶ୍ୱରେଣ)

(ଚ) ________ ପୁଷ୍ପାଣି ବଷଟ୍ । (ଗଣେଶମ୍, ଗଣେଶାୟ, ଗଣେଶେନ)

(ଛ) ସୈନିକାଃ ________ ଅଗଚ୍ଛନ୍ । (ଯୁଦ୍ଧମ୍, ଯୁଦ୍ଧେନ, ଯୁଦ୍ଧାୟ)

**୩। ରେଖାଙ୍କିତପଦାନାଂ ସକାରଣବିଭକ୍ତିଂ ଦର୍ଶୟତ ।**

ଯଥା- ବାଳିକାଃ <u>ପୁଷ୍ପେଭ୍ୟଃ</u> ସ୍ପୃହୟନ୍ତି । 'ସ୍ପୃହି' ଧାତୁ ଯୋଗେ ଚତୁର୍ଥୀ ।

(କ) <u>ଜ୍ଞାନାୟ</u> ବିଦ୍ୟାମ୍ ଅଧୀତେ ।

(ଖ) <u>ଶିଶବେ</u> ଦୁଗ୍ଧଂ ରୋଚତେ ।

(ଗ) ଶବରୀ <u>ଫଳାୟ</u> ଯାତି ।

(ଘ) <u>ଛାତ୍ରେଭ୍ୟଃ</u> ସ୍ୱସ୍ତି ଭବତୁ ।

(ଙ) ଶିଷ୍ୟାଃ <u>ଗୁରୂନ୍</u> ନମସ୍କୁର୍ବନ୍ତି ।

(ଚ) ରମେଶଃ <u>ପାଠାୟ</u> ଗଚ୍ଛତି ।

(ଛ) ଅହଂ <u>ତୁଭ୍ୟମ୍</u> ନ ଈର୍ଷ୍ୟାମି ।

**୪। ବନ୍ଧନୀମଧ୍ୟସ୍ଥଧାତୂନାଂ <u>କ୍ରିୟାବାଚକବିଶେଷ୍ୟପଦେନ</u> ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- ବାଳକଃ <u>ପଠନାୟ</u> ଯାତି । (ପଠ୍)

(କ) ବୃଦ୍ଧାଃ ________ ମନ୍ଦିରଂ ଗଚ୍ଛନ୍ତି । (ଭଜ୍)

(ଖ) ସ୍ତ୍ରିୟଃ ________ ଗଚ୍ଛନ୍ତି । (ସ୍ନା)

(ଗ) ପାଚକଃ ________ ଚେଷ୍ଟତେ । (ପଚ୍)

(ଘ) କ୍ଷୁଧାର୍ତ୍ତଃ ________ ଯାତି । (ଭୁଜ୍)

(ଙ) ________ ଧନମ୍ ଅର୍ଜୟ । (ଦା)

(ଚ) ଚୌରଃ କାରାଗାରାତ୍ ________ ଇଚ୍ଛତି । (ଗମ୍)

(ଛ) ଭକ୍ତଃ ମନ୍ଦିରସ୍ୟ ________ ବ୍ୟଗ୍ରଃ ଭବତି । (ଦୃଶ୍ୟ)

**୫। ନିମ୍ନଲିଖିତପଦାନି ବ୍ୟବହୃତ୍ୟ ପୃଥକ୍ ବାକ୍ୟାନି ରଚୟତ ।**

ଯଥା- ବଷଟ୍ : <u>ଇନ୍ଦ୍ରାୟ</u> ପୁଷ୍ପାଣି ବଷଟ୍ ।

ଦଦତି :

ଅସୂୟତି :

ସ୍ୱସ୍ତି :

ସ୍ୱାହା :

ଆଶୃଣୋତି :

ମନ୍ୟତେ :

ରୋଚତେ :

ନମସ୍କୁର୍ଯ୍ୟାତ୍ :

ଅଲମ୍ :

ସ୍ୱଧା :

ସମ୍ପଦ୍ୟତେ :

ହିତମ୍ :

**୬। ଅଧସ୍ତନବାକ୍ୟାନି ସଂଶୋଧୟତ ।**

ଯଥା– ଅହଂ ଶିକ୍ଷକାୟ ନମସ୍କରୋମି । ଅହଂ ଶିକ୍ଷକଂ ନମସ୍କରୋମି ।

(କ) ତ୍ୱଂ ମାଂ କାକାୟ ମନ୍ୟସେ ।

(ଖ) ଶିକ୍ଷକଃ ଛାତ୍ରଂ ଆଶୃଣୋତି ପୁସ୍ତକମ୍ ।

(ଗ) ହାରସ୍ୟ ସ୍ୱର୍ଣ୍ଣଂ ପ୍ରଦେୟମ୍ ।

(ଘ) ମାତରଂ ଦୁର୍ଗାଂ ନମଃ ।

(ଙ) ସ୍ୱାମୀ ଭୃତ୍ୟାୟ ଅଭିକ୍ରୁଧ୍ୟତି ।

(ଚ) ପ୍ରଜାନାଂ ସ୍ୱସ୍ତି ଭବତି ।

(ଛ) ରାମଃ ଶ୍ୟାମାତ୍ ଶତଂ ରୂପ୍ୟକାଣି ଧାରୟତି ।

**୭। ଅଧୋଲିଖିତେଷୁ ବାକ୍ୟେଷୁ ଚତୁର୍ଥ୍ୟନ୍ତପଦାନି ରେଖାଙ୍କିତାନି କୁରୁତ ।**

ଯଥା : ଦୁର୍ଜନାଃ <u>ସଜ୍ଜନେଭ୍ୟଃ</u> ଦୁହ୍ୟନ୍ତି ।

(କ) ନମଃ ଶିବାୟ ।

(ଖ) ଗୁରବେ ନମଃ ।

(ଗ) ବାଳିକା ପୁଷ୍ପାୟ ସ୍ପୃହୟତି ।

(ଘ) କଃ ଧନଂ ସ୍ୱେଚ୍ଛୟା କସ୍ମୈ ଦଦାତି ।

(ଙ) ସର୍ବେଭ୍ୟଃ ପ୍ରାଣିଭ୍ୟଃ ସ୍ୱସ୍ତି ଭବତୁ ।

(ଚ) ଶକ୍ତିଃ ପରେଷାଂ ପରିପୀଡ଼ନାୟ ।

(ଛ) ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍ ।

**୮। ଯଥାନିର୍ଦ୍ଦେଶଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା : ଭୀମଃ <u>ଯୁଦ୍ଧାୟ</u> ଅଳମ୍ । (ଯୁଦ୍ଧ)

(କ) ଗୋବିନ୍ଦଃ _________ ଅଳମ୍ । (ତର୍କ)

(ଖ) ପାଚକଃ _________ ଅଳମ୍ । (ପାକ/ପାଚନ)

(ଗ) ଶିଷ୍ୟଃ _________ ଅଳମ୍ । (ବେଦପଠନ)

(ଘ) ଦୁଗ୍ଧଂ _________ ଅଳମ୍ । (ଶିଶୁ)

(ଙ) ରାମଃ _________ ଅଳମ୍ । (ରାବଣ)

(ଚ) ଏତତ୍ ବେତନଂ _________ ଅଳମ୍ । (ଭୃତ୍ୟ)

**୯। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ।**

(କ) ମୁଁ ପୁଅକୁ ବହିଟିଏ ଦେବି ।

(ଖ) ବଗକୁ ମାଛ ଭଲ ଲାଗେ ।

(ଗ) ଶିକ୍ଷକ ଛାତ୍ରକୁ ପୁସ୍ତକ ପ୍ରତିଶ୍ରୁତି ଦେଉଛନ୍ତି ।

(ଘ) ରୋଗୀକୁ ଔଷଧ ରୁଚେ ନାହିଁ ।

(ଙ) ଭଲପିଲାମାନେ ଜ୍ଞାନପାଇଁ ପଢ଼ନ୍ତି ।

(ଚ) ମୂର୍ଖମାନେ ପଣ୍ଡିତଙ୍କୁ ଈର୍ଷ୍ୟା କରନ୍ତି ।

(ଛ) ଖରାପାଇଁ ଛତା ନିଅ ।

(ଜ) ସୈନିକମାନେ ଯୁଦ୍ଧ କରିବାକୁ ଗଲେ ।

(ଝ) ସେମାନେ ଆମକୁ ଘାସଭଳି ମନେ କରନ୍ତି ।

(ଞ) ତୁମର ମଙ୍ଗଳ ହେଉ ।

●●●

# ଅପାଦାନକାରକ ଓ ପଞ୍ଚମୀ ବିଭକ୍ତି

୧ । (କ) ବୃକ୍ଷାତ୍ ଫଳଂ ପତତି ।

(ଖ) ପ୍ରାସାଦାତ୍ ବାଳକଃ ଅପତତ୍ ।

(ଗ) ବିଦ୍ୟାଳୟାତ୍ ଛାତ୍ରାଃ ଆଗଚ୍ଛନ୍ତି ।

ଉପରିଲିଖିତ ଉଦାହରଣ ଗୁଡ଼ିକରେ ବୃକ୍ଷରୁ ଫଳ, ପ୍ରାସାଦରୁ ବାଳକ ଓ ବିଦ୍ୟାଳୟରୁ ଛାତ୍ରମାନଙ୍କର ବିଚ୍ଛେଦ ଘଟୁଛି । ଯାହାଠାରୁ ବସ୍ତୁ ବା ବ୍ୟକ୍ତିର ବିଚ୍ଛେଦ ହୁଏ, ତାହା 'ଅପାଦାନ କାରକ' ଅଟେ ।[୧] ଏଠାରେ ପଞ୍ଚମୀ ବିଭକ୍ତି ହୁଏ ।[୨] ଏହାକୁ 'ଅପାଦାନେ ପଞ୍ଚମୀ' କୁହାଯାଏ । ବୃକ୍ଷାତ୍, ପ୍ରାସାଦାତ୍ ଓ ବିଦ୍ୟାଳୟାତ୍ ପଦଗୁଡ଼ିକ ଅପାଦାନ କାରକ ଓ ସେଗୁଡ଼ିକ ପଞ୍ଚମୀ ବିଭକ୍ତ୍ୟନ୍ତ ହୋଇଛନ୍ତି ।

୨ । (କ) ମୃଗଃ ବ୍ୟାଘ୍ରାତ୍ ବିଭେତି ।

(ଖ) ଛତ୍ରମ୍ ଆତପାତ୍ ତ୍ରାୟତେ / ରକ୍ଷତି ।

'ଭୀ' ଧାତୁ ଭୟକରିବା ଓ 'ତ୍ରୈ' ଧାତୁ ରକ୍ଷାକରିବା ଅର୍ଥରେ ବ୍ୟବହୃତ ହୁଅନ୍ତି । ଏହି ଅର୍ଥକୁ ବୁଝାଉଥିବା ଧାତୁର ପ୍ରୟୋଗରେ ଭୟର କାରଣ ଠାରେ ପଞ୍ଚମୀ ବିଭକ୍ତି ହୁଏ ।[୩] ଏଠାରେ ଭୟର କାରଣ 'ବ୍ୟାଘ୍ର' ଓ 'ଆତପ' ଶବ୍ଦରେ ପଞ୍ଚମୀ ବିଭକ୍ତି ହେଲା ।

୩ । (କ) ଧାର୍ମିକଃ ପାପାତ୍ ପରାଜୟତେ ।

(ଖ) ଅଧ୍ୟୟନାତ୍ ପରାଜୟତେ ଜାଲ୍ମଃ । ଜାଲ୍ମଃ (ଠକ, ମୂର୍ଖ)

ପରା + ଜି (ପରାଜୟତେ) ଧାତୁଯୋଗରେ ଯାହାକୁ ସହିହୁଏ ନାହିଁ, ତାହା ଅପାଦାନ ସଂଜ୍ଞକ ହୋଇଥାଏ ।[୪] ସୁତରାଂ 'ପାପାତ୍' ଓ 'ଅଧ୍ୟୟନାତ୍' ଠାରେ ଅପାଦାନ ସଂଜ୍ଞା ହୋଇ ପଞ୍ଚମୀ ବିଭକ୍ତି ହେଲା । କିନ୍ତୁ 'ପରାଜୟତେ' ହରାଇବା ଅର୍ଥରେ ପ୍ରଯୁକ୍ତ ହେଲେ ଯିଏ ପରାଜିତ ହୁଏ, ସେଠାରେ କର୍ମ ସଂଜ୍ଞା ହୋଇଥାଏ । ଯଥା- ମଗଧଂ ପରାଜୟତେ କଳିଙ୍ଗଃ ।

୪ । (କ) ଧାନ୍ୟେଭ୍ୟଃ ଗାଂ ବାରୟ ।

(ଖ) ପିତା ପୁତ୍ରଂ ଚଳଚ୍ଚିତ୍ରଦର୍ଶନାତ୍ ବାରୟତି ।

ବାରଣାର୍ଥକ ଧାତୁ ଯୋଗରେ ନିବାର୍ଯ୍ୟମାଣର ଅଭିଳଷିତ ଅପାଦାନକାରକ ହୋଇଥାଏ ।[୫] ଉପର୍ଯ୍ୟୁକ୍ତ ଉଦାହରଣ ଦ୍ୱୟରେ 'ଧାନ୍ୟ' ଓ ଚଳଚ୍ଚିତ୍ର ଦର୍ଶନରୁ ଯଥାକ୍ରମେ ଗାଈ ଓ ପୁତ୍ରକୁ ବାରଣ କରାଯାଉଥିବାରୁ ବାରଣର ଈପ୍ସିତ 'ଧାନ୍ୟ' ଓ 'ଚଳଚ୍ଚିତ୍ରଦର୍ଶନ' ଠାରେ ଅପାଦାନ ସଂଜ୍ଞା ହୋଇ ପଞ୍ଚମୀ ବିଭକ୍ତି ହେଲା ।

---

୧ । 'ଧ୍ରୁବମପାୟେଽପାଦାନମ୍' । ଧ୍ରୁବମ୍- ଆଶ୍ରୟ (ସ୍ଥିର ବା ଗତିଶୀଳ), ଅପାୟେ - ବିଚ୍ଛେଦେ ।

୨ । 'ବିଶ୍ଳେଷାବଧୌ ପଞ୍ଚମୀ' । ବିଶ୍ଳେଷ- ବିଚ୍ୟୁତ, ଅବଧି- ଆଶ୍ରୟସ୍ଥଳ ।

୩ । 'ଭୀତ୍ରାର୍ଥାନାଂ ଭୟହେତୁଃ' ।

୪ । 'ପରାଜେରସୋଢ଼ଃ' ।

୫ । 'ବାରଣାର୍ଥାନାମୀପ୍ସିତଃ' ।

୫ । (କ) ଚୌରଃ ରକ୍ଷିଣଃ ନିଲୀୟତେ ।

(ଖ) କୃଷ୍ଣଃ ମାତୁଃ ନିଲୀୟତେ ।

ନି + ଲୀ (ନିଲୀୟତେ) ଅର୍ଥାତ୍ ଲୁଚିବା । କୌଣସି ବ୍ୟବଧାନରେ ରହି ଯାହାଠାରୁ ନିଜକୁ ଲୁଚାଇ ରଖିବାକୁ ଇଚ୍ଛାକରେ, ସେ ଅପାଦାନକାରକ ହୁଏ ।[୧] ଚୋର ପୋଲିସ୍‌ଠାରୁ ଓ କୃଷ୍ଣ ମା'ଙ୍କଠାରୁ ନିଜକୁ ଲୁଚାଇ ରଖୁଛନ୍ତି, ତେଣୁ ରକ୍ଷୀ ଓ ମାତାଠାରେ ଅପାଦାନ ସଂଜ୍ଞା ହେଲା ।

୬ । (କ) କାମାତ୍ କ୍ରୋଧଃ ଅଭିଜାୟତେ ।

(ଖ) ନବନୀତାତ୍ ଘୃତମ୍ ଉତ୍ପଦ୍ୟତେ ।

(ଗ) ଅମରକଣ୍ଟକାତ୍ ମହାନଦୀ ପ୍ରଭବତି ।

ଜାତ ବା ଉତ୍ପତ୍ତି ହେବା ଅର୍ଥରେ ଜନ୍ମର ମୂଳକାରଣଠାରେ[୨] ଏବଂ ପ୍ର + ଭୂ ଧାତୁ ପ୍ରୟୋଗରେ ବୁଝାଉଥିବା ପ୍ରଥମ ଆବିର୍ଭାବସ୍ଥଳରେ ଅପାଦାନସଂଜ୍ଞା ହୁଏ ।[୩] କାମନାରୁ କ୍ରୋଧର ଜନ୍ମ ଓ ନବନୀତରୁ ଘୃତର ଉତ୍ପତ୍ତି ହୋଇଥିବାରୁ 'କାମ' ଓ ନବନୀତ, ଯଥାକ୍ରମେ କ୍ରୋଧ ଓ ଘୃତ ଉତ୍ପତ୍ତିର ମୂଳକାରଣ ଅଟେ ଏବଂ ଅପ୍ରକାଶିତ 'ମହାନଦୀ'ର 'ଅମରକଣ୍ଟକ' ଉତ୍ପତ୍ତିସ୍ଥଳ (ପ୍ରଥମ ଆବିର୍ଭାବ ସ୍ଥଳ) ହୋଇଥିବାରୁ ସେହିସ୍ଥଳରେ ଅପାଦାନସଂଜ୍ଞା ହୋଇଛି ।

୭ । (କ) ସାଧୁଃ ପାପାତ୍ ଜୁଗୁପ୍ସତେ ।

(ଖ) ଛାତ୍ରଃ ପଠନାତ୍ ବିରମତି ।

(ଗ) ଧର୍ମାତ୍ ନ ପ୍ରମଦିତବ୍ୟମ୍ । ଛାତ୍ରଃ ଅଧ୍ୟୟନାତ୍ ପ୍ରମାଦ୍ୟତି ।

ଜୁଗୁପ୍ସା (ଘୃଣା), ବିରାମ (ନିବୃତ୍ତି) ଓ ପ୍ରମାଦ (ଅନବଧାନତା) ବୋଧକ ଧାତୁ ଯୋଗରେ କର୍ମକାରକ ସ୍ଥାନରେ ଅପାଦାନକାରକ ହୁଏ ।[୪]

୮ । (କ) ହିମାଳୟଃ ବିନ୍ଧ୍ୟାତ୍ ଉଚ୍ଚତରଃ ।

(ଖ) ଜ୍ଞାନଂ ଧନାତ୍ ବିଶିଷ୍ୟତେ ।

(ଗ) ଖଳଃ ସର୍ପାତ୍ କ୍ରୂରତରଃ ।

ଦୁଇଟି ମଧ୍ୟରୁ ଗୋଟିକର ଉତ୍କର୍ଷ ବା ଅପକର୍ଷ ବୁଝାଇଲେ ଉତ୍କୃଷ୍ଟ ବା ନିକୃଷ୍ଟଠାରେ ପଞ୍ଚମୀ ବିଭକ୍ତି ହୁଏ । ଏହାକୁ 'ଅପେକ୍ଷାର୍ଥେ ପଞ୍ଚମୀ' ବୋଲି କୁହାଯାଏ ।[୫] ଏଠାରେ ହିମାଳୟ ଓ ବିନ୍ଧ୍ୟ ମଧ୍ୟରୁ 'ବିନ୍ଧ୍ୟ' ଉଚ୍ଚତାରେ ହିମାଳୟଠାରୁ ନିକୃଷ୍ଟ, ସେହିପରି ବୈଶିଷ୍ଟ୍ୟ କ୍ଷେତ୍ରରେ ଧନ ଓ କ୍ରୂରତାରେ ସର୍ପ ନିକୃଷ୍ଟ ହୋଇଥିବାରୁ, ସେଗୁଡ଼ିକଠାରେ ପଞ୍ଚମୀ ବିଭକ୍ତି ହେଲା । କେହି କେହି ଏହାକୁ 'ତୁଲ୍ୟାର୍ଥେ ପଞ୍ଚମୀ' ବୋଲି ମଧ୍ୟ କହନ୍ତି । ଏଠାରେ ବିନ୍ଧ୍ୟ ଅପେକ୍ଷା ହିମାଳୟ, ଧନ ଅପେକ୍ଷା ଜ୍ଞାନ ଓ ସର୍ପ ଅପେକ୍ଷା ଖଳ ବୋଲି ବୁଝିବାକୁ ହୋଇଥାଏ । ଅର୍ଥାତ୍ ଦୁଇଟି ମଧ୍ୟରେ ତୁଳନା କରାଯାଇଛି ।

୯ । (କ) ରମେଶଃ (ଛାତ୍ରାବାସେ ସ୍ଥିତ୍ୱା) ଛାତ୍ରାବାସାତ୍ ପତ୍ରଂ ଲିଖତି ।

(ଖ) ବାନରଃ (ବୃକ୍ଷମ୍ ଆରୁହ୍ୟ) ବୃକ୍ଷାତ୍ ପଶ୍ୟତି ।

---

୧ । 'ଅନ୍ତର୍ଦ୍ଧୌ ଯେନାଦର୍ଶନମିଚ୍ଛତି' ।

୨ । 'ଜନିକର୍ତ୍ତୁଃ ପ୍ରକୃତିଃ' ।

୩ । 'ଭୁବଃ ପ୍ରଭବଃ' ।

୪ । 'ଜୁଗୁପ୍ସାବିରାମ ପ୍ରମାଦାର୍ଥାନାମୁପସଂଖ୍ୟାନମ୍' ।

୫ । 'ପଞ୍ଚମୀ ବିଭକ୍ତେଃ'– ଯାହାଠାରୁ ବିଭକ୍ତି ବା ଭେଦ ଦେଖାଯାଏ, ସେଠାରେ ପଞ୍ଚମୀ ହୁଏ ।

'କ୍ତ୍ୱା' ଏବଂ 'ଲ୍ୟପ୍' ପ୍ରତ୍ୟୟାନ୍ତ ପଦ ବ୍ୟବହାର ନ କରି ଉକ୍ତ କ୍ରିୟାପଦର 'କର୍ମ' ଓ 'ଆଧାର' ସ୍ଥାନରେ 'ପଞ୍ଚମୀ ବିଭକ୍ତି' ହୁଏ । ଏହାକୁ 'ଲ୍ୟବ୍‌ଲୋପେ ପଞ୍ଚମୀ' କୁହାଯାଏ ।[୧] ଏଠାରେ 'ସ୍ଥିତ୍ୱା' ଓ 'ଆରୁହ୍ୟ' କ୍ରିୟାପଦକୁ ଉହ୍ୟ କରି ଅଧିକରଣ 'ଛାତ୍ରାବାସ'ଠାରେ ଓ 'କର୍ମ' ବୃକ୍ଷଠାରେ ପଞ୍ଚମୀ ବିଭକ୍ତି ହୋଇଛି ।

୧୦। (କ) ଶିଷ୍ୟଃ <u>ଆଚାର୍ଯ୍ୟାତ୍</u> ଶାସ୍ତ୍ରମ୍ ଅଧୀତେ ।

(ଖ) ବଧୂଃ <u>ଶ୍ୱଶୁରାତ୍</u> ଲଜ୍ଜତେ ।

ନିୟମପୂର୍ବକ ବିଦ୍ୟାଗ୍ରହଣରେ ଗୁରୁଙ୍କୁ 'ଆଖ୍ୟାତା' କୁହାଯାଏ । ସେଠାରେ ଅପାଦାନ ସଂଜ୍ଞା ହୁଏ[୨] ଏବଂ ଲଜ୍ଜା କରିବା ଅର୍ଥରେ ଯାହାକୁ ଲଜ୍ଜା କରାଯାଏ ସେଠାରେ ମଧ୍ୟ ଅପାଦାନ ସଂଜ୍ଞା ହୋଇ ପଞ୍ଚମୀ ବିଭକ୍ତି ହୁଏ ।[୩] ଏଠାରେ ଆଚାର୍ଯ୍ୟଙ୍କଠାରୁ ନିୟମ ପୂର୍ବକ ଶାସ୍ତ୍ର ଅଧ୍ୟୟନ ହେତୁ 'ଆଚାର୍ଯ୍ୟ' ଆଖ୍ୟାତା ଓ ବଧୂ ଶ୍ୱଶୁରଙ୍କୁ ଲାଜ କରୁଥିବାରୁ ଉଭୟ ଆଚାର୍ଯ୍ୟ ଓ ଶ୍ୱଶୁରଠାରେ ଅପାଦାନ ସଂଜ୍ଞା ହେଲା ।

୧୧। (କ) ବାଳକଃ <u>ଦୁଃଖେନ</u> / <u>ଦୁଃଖାତ୍</u> କ୍ରନ୍ଦତି ।

(ଖ) ପଥିକଃ <u>ତୃଷୟା</u> ଅପତତ୍ ।

ସ୍ତ୍ରୀଲିଙ୍ଗ ଭିନ୍ନ ଅନ୍ୟଲିଙ୍ଗର ଗୁଣବାଚକ ଶବ୍ଦ ହେତୁ ବା କାରଣ ଅର୍ଥକୁ ବୁଝାଇଲେ ତା ସ୍ଥାନରେ ତୃତୀୟା ବା ପଞ୍ଚମୀ ବିଭକ୍ତି ହୁଏ । ହେତୁବୋଧକ ଶବ୍ଦ ସ୍ତ୍ରୀଲିଙ୍ଗ ହୋଇଥିଲେ, ତା'ଠାରେ କେବଳ ତୃତୀୟା ହୁଏ (ପଞ୍ଚମୀ ହୁଏ ନାହିଁ) । କ୍ରନ୍ଦନ କ୍ରିୟାର କାରଣ 'ଦୁଃଖ' କ୍ଲୀବଲିଙ୍ଗ ହୋଇଥିବାରୁ ହେତୁ ଅର୍ଥରେ ପଞ୍ଚମୀ ବିଭକ୍ତିରେ 'ଦୁଃଖାତ୍' ହୋଇଛି । ଅନ୍ୟ ପକ୍ଷରେ ହେତୁ ଅର୍ଥରେ ତୃତୀୟା ବିଭକ୍ତିରେ 'ଦୁଃଖେନ' ମଧ୍ୟ ହୋଇଛି । କିନ୍ତୁ ଅପତତ୍- (ପତନ କ୍ରିୟା)ର କାରଣ 'ତୃଷା' ସ୍ତ୍ରୀଲିଙ୍ଗ ହେତୁ, ହେତୌ ତୃତୀୟା ହୋଇଛି ।[୪]

୧୨। (କ) ପୁତ୍ରଃ <u>ପିତୁଃ</u> ପ୍ରତି ।

(ଖ) <u>ଧାନ୍ୟେଭ୍ୟଃ</u> ପ୍ରତିଯଚ୍ଛତି ମାଷାନ୍ ।

ପ୍ରତିନିଧି ଓ ପ୍ରତିଦାନ ଅର୍ଥରେ ବ୍ୟବହୃତ ହେଉଥିବା 'ପ୍ରତି' ଯୋଗରେ 'ପଞ୍ଚମୀ ବିଭକ୍ତି' ହୋଇଥାଏ ।[୫] ଏଠାରେ ପୁତ୍ର, ପିତାର ପ୍ରତିନିଧି ଓ ଧାନ ପ୍ରତିଦାନରେ ବିରି ଦେଉଥିବାରୁ, ପିତୃ ଓ ଧାନ୍ୟ ଶବ୍ଦରେ ପଞ୍ଚମୀ ହେଲା ।

୧୩। (କ) ଆ <u>ମୂଳାତ୍</u> ଶ୍ରୋତୁମ୍ ଇଚ୍ଛାମି ।

(ଖ) ଆ <u>କୈଳାସାତ୍</u> ଗନ୍ତୁକାମୋଽହମ୍ ।

(ଗ) ଅପ<u>ବିଷ୍ଣୋଃ</u> ସଂସାରଃ ।

(ଘ) ପରି <u>ବନାତ୍</u> ବର୍ଷତି ମେଘଃ ।

ଅପ, ଆଙ୍ ଏବଂ ପରି ଯୋଗେ ପଞ୍ଚମୀ ବିଭକ୍ତି ହୁଏ । ମର୍ଯ୍ୟାଦା ଓ ଅଭିବିଧି ଅର୍ଥରେ 'ଆଙ୍' ତଥା ବର୍ଜନ ଅର୍ଥରେ 'ଅପ' ଓ 'ପରି' ବ୍ୟବହୃତ ହୋଇଥାଏ ।[୬]

---

୧। 'ଲ୍ୟବ୍‌ଲୋପେ କର୍ମଣ୍ୟଧିକରଣେ ଚ' ।

୨। 'ଆଖ୍ୟାତୋପଯୋଗେ' ।

୩। 'ତ୍ରପାର୍ଥାନାଂ ଯତଃ ତ୍ରପା' ।

୪। 'ହେତୌ ବିଭାଷା ଗୁଣେଽସ୍ତ୍ରିୟାମ୍' ।

୫। 'ପ୍ରତିନିଧି ପ୍ରତିଦାନେ ଚ ଯସ୍ମାତ୍' ।

୬। "ପଞ୍ଚମ୍ୟପାଙ୍‌ପରିଭିଃ, ଆଙ୍ ମର୍ଯ୍ୟାଦାବଚନେ, ଅପପରୀ ବର୍ଜନେ" ।

୧୪। **ନିମ୍ନଲିଖିତ ପଦମାନଙ୍କ ଯୋଗରେ ପଞ୍ଚମୀ ବିଭକ୍ତି ହୁଏ ।**

ଯଥା :

ଅନ୍ୟ, ଭିନ୍ନ, ଇତର, ପୃଥକ୍ } (ଅଲଗା)- ରାମାତ୍ ଅନ୍ୟଃ / ଭିନ୍ନଃ / ଇତରଃ / ପୃଥକ୍ କଃ ରାବଣଂ ହନ୍ତୁଂ ସମର୍ଥଃ ?

ବିନା, ରତେ, ନାନା } (ବ୍ୟତୀତ)- ଜଳାତ୍ ବିନା / ରତେ / ନାନା ମତ୍ସ୍ୟାଃ ନ ଜୀବନ୍ତି ।

ଆରାତ୍ (ଦୂର ବା ନିକଟ)- ଗୃହାତ୍ ଆରାତ୍ ବିଦ୍ୟାଳୟଃ ।

ପ୍ରାକ୍, ପୂର୍ବମ୍[1] } (ପୂର୍ବରୁ)- ଭୋଜନାତ୍ ପ୍ରାକ୍ / ପୂର୍ବଂ ହସ୍ତଂ ପ୍ରକ୍ଷାଳୟ ।

ପରମ୍[2], ଅନନ୍ତରମ୍ } (ପରେ)- ପଠନାତ୍ ପରଂ / ଅନନ୍ତରଂ କ୍ରୀଡ଼ ।

ବହିଃ (ବାହାରେ)- ଗୃହାତ୍ ବହିଃ ବାଳକାଃ କ୍ରୀଡ଼ନ୍ତି ।

ଆରଭ୍ୟ, ପ୍ରଭୃତି } (ଆରମ୍ଭକରି)- ବାଲ୍ୟାତ୍ ଆରଭ୍ୟ ସଃ ଚତୁରଃ । ମାଘାତ୍ ପ୍ରଭୃତି ବସନ୍ତଃ ଭବତି ।

ଉତ୍ତରା, ଉତ୍ତରାହି } (ଉତ୍ତରରେ)- ଗୃହାତ୍ ଉତ୍ତରା / ଉତ୍ତରାହି ବନମ୍ ଅସ୍ତି ।

ଦକ୍ଷିଣା, ଦକ୍ଷିଣାହି } (ଦକ୍ଷିଣରେ)- ଶ୍ରୀମନ୍ଦିରାତ୍ ଦକ୍ଷିଣା / ଦକ୍ଷିଣାହି ବଙ୍ଗୋପସାଗରଃ ।

କୃଚ୍ଛ୍ର (ଅତିକଷ୍ଟରେ)- ସଃ କୃଚ୍ଛ୍ରାତ୍ ବିପଦଃ ମୁକ୍ତଃ ।

ଅଳ୍ପ (ଅଳ୍ପକରେ)- ଶିଶୁଃ ଅଳ୍ପାତ୍ ଦୁଃଖାତ୍ ରକ୍ଷିତଃ ।

ସ୍ତୋକ (ସାମାନ୍ୟ)- ଅହଂ ସ୍ତୋକାତ୍ ବିପଦଃ ମୁକ୍ତଃ ।

(କୃଚ୍ଛ୍ର / ଅଳ୍ପ / ସ୍ତୋକ ଶବ୍ଦରେ ପଞ୍ଚମୀ ବିଭକ୍ତି ଯୁକ୍ତ ହୋଇଛି)

**ମନେରଖ :**

- ଯେଉଁଠାରୁ ବିଚ୍ଛେଦ ହୁଏ, ତାହା ଅପାଦାନ।
- ଯେଉଁଥିରୁ କିଛି ପ୍ରାପ୍ତ ହୁଏ ସେଠାରେ ପଞ୍ଚମୀ ହୁଏ ।
- ଉତ୍କର୍ଷ ଓ ଅପକର୍ଷ ବୁଝାଇଲେ ନିକୃଷ୍ଟର ଅପାଦାନ ସଂଜ୍ଞା ।
- ଭୟ ଅର୍ଥରେ ଯାହାଠାରୁ ଭୟ ବା ଯିଏ ଭୟର କାରଣ ସେଠାରେ ପଞ୍ଚମୀ ହୁଏ ।
- ପୂର୍ବ-ପର ଯୋଗରେ ମଧ୍ୟ ପଞ୍ଚମୀ ହୁଏ ।
- ଯେଉଁଠାରୁ ଆରମ୍ଭ ସେଠାରେ ପଞ୍ଚମୀ ।
- ଘୃଣା-ବିରାମ-ଅସାବଧାନତା ଯେଉଁ ବ୍ୟକ୍ତିଠାରେ ବସ୍ତୁ ବା କାର୍ଯ୍ୟରେ କରାଯାଏ ସେଠାରେ ପଞ୍ଚମୀ ।
- ବିନା ଯୋଗେ ଦ୍ୱିତୀୟା, ତୃତୀୟା ଓ ପଞ୍ଚମୀ । ରତେ ଯୋଗେ ଦ୍ୱିତୀୟା ଓ ପଞ୍ଚମୀ । ଅନ୍ତରେଣ ଯୋଗେ କେବଳ ଦ୍ୱିତୀୟା ।
- ଆରାତ୍ (ନିକଟରେ/ଦୂରରେ) ଯୋଗେ ପଞ୍ଚମୀ । କିନ୍ତୁ ନିକଷା/ ସମୟା ଯୋଗେ ଦ୍ୱିତୀୟା ।

---

୧। 'ପୂର୍ବଃ'- ପୁଂଲିଙ୍ଗରେ ମଧ୍ୟ ବ୍ୟବହାର ଶୁଦ୍ଧ ।

୨। 'ପରଃ'- ପୁଂଲିଙ୍ଗରେ ବ୍ୟବହାର ମଧ୍ୟ ଶୁଦ୍ଧ ।

୩। ଉଦାହରଣ : ମଧୁମାସାତ୍ ପୂର୍ବଃ ଶୀତଃ ଓ ଶୀତାତ୍ ପରଃ ବସନ୍ତଃ ।

## ଅଭ୍ୟାସଃ

**୧। ବନ୍ଧନୀମଧ୍ୟାତ୍ ଯଥାର୍ଥପଦେନ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- (କ) ନିର୍ଝରାଃ <u>ପର୍ବତେଭ୍ୟଃ</u> ସ୍ରବନ୍ତି ।

(ଖ) ଭକ୍ତାଃ ________ ପ୍ରତ୍ୟାବର୍ତ୍ତନ୍ତେ ।

(ଗ) ________ ବାରି ପତତି ।

(ଘ) ________ ପତ୍ରାଣି ପତନ୍ତି ।

(ଙ) ଛାତ୍ରଃ ________ ଆଗଚ୍ଛତି ।

(ଚ) କୃଷକଃ ________ ଆୟାତି ।

(ଛ) ଈଶ୍ୱରଃ ________ ରକ୍ଷତି ।

(ଦୁଃଖାତ୍, ବୃକ୍ଷାତ୍, ବିଦ୍ୟାଳୟାତ୍, ମନ୍ଦିରାତ୍, ଆକାଶାତ୍, ଗ୍ରାମାତ୍)

**୨। ବନ୍ଧନୀମଧ୍ୟସ୍ଥଶବ୍ଦାନାଂ ଯଥାର୍ଥରୂପୈଃ ଉପଯୁକ୍ତକ୍ରିୟାପଦୈଶ୍ଚ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- ସର୍ପଃ <u>ନକୁଳାତ୍</u> <u>ବିଭେତି</u> । (ନକୁଳ)

(କ) ମୂଷିକଃ ________ ________ । (ମାର୍ଜାର)

(ଖ) ଚୌରଃ ________ ________ । (ରକ୍ଷିନ୍)

(ଗ) ମୃଗଃ ________ ________ । (ବ୍ୟାଘ୍ର)

(ଘ) ଶୃଗାଳଃ ________ ________ । (କୁକ୍କୁର)

(ଙ) ସାଧୁଃ ________ ________ । (ଦୁର୍ଜନ)

(ଚ) ଗୃହସ୍ଥଃ ________ ________ । (ଚୌର)

(ଛ) ଧାର୍ମିକଃ ________ ________ । (ପାପ)

**୩। ଅଧୋଲିଖିତଂ ଶ୍ଲୋକଂ ପଠିତ୍ୱା ଶୂନ୍ୟସ୍ଥାନଂ ପୂରୟତ ।**

ବିଦ୍ୟା ଦଦାତି ବିନୟଂ ବିନୟାତ୍ ଯାତି ପାତ୍ରତାମ୍ ।
ପାତ୍ରତ୍ୱାଦ୍ ଧନମାପ୍ନୋତି ଧନାଦ୍ ଧର୍ମଂ ତତଃ ସୁଖମ୍ ॥

(କ) କସ୍ମାତ୍ ପାତ୍ରତାଂ ଯାତି ?

(ଖ) ________ ପାତ୍ରତାଂ ଯାତି।

(ଗ) ନରଃ କସ୍ମାତ୍ ଧନମାପ୍ନୋତି ?

(ଘ) ନରଃ ________ ଧନମାପ୍ନୋତି ।

(ଙ) ନରଃ କସ୍ମାତ୍ ଧର୍ମକାର୍ଯ୍ୟଂ କରୋତି ?

(ଚ) ନରଃ ________ ଧର୍ମକାର୍ଯ୍ୟଂ କରୋତି ?

(ଛ) କୁତଃ ସୁଖଂ ଲଭ୍ୟତେ ?

(ଜ) ________ ସୁଖଂ ଲଭ୍ୟତେ ।

**୪। କଃ କସ୍ମାତ୍ ପରଃ ? କଃ କସ୍ମାତ୍ ପୂର୍ବଃ ? ଏତେ ଦ୍ୱାଦଶମାସାଃ ।**

୧. ଚୈତ୍ରଃ
୨. ବୈଶାଖଃ
୩. ଜ୍ୟୈଷ୍ଠଃ
୪. ଆଷାଢ଼ଃ
୫. ଶ୍ରାବଣଃ
୬. ଭାଦ୍ରପଦଃ
୭. ଆଶ୍ୱିନଃ
୮. କାର୍ତ୍ତିକଃ
୯. ମାର୍ଗଶୀର୍ଷଃ
୧୦. ପୌଷଃ
୧୧. ମାଘଃ
୧୨. ଫାଲ୍ଗୁନଃ

ଯଥା : (କ) ଚୈତ୍ରଃ <u>ବୈଶାଖାତ୍</u> ପୂର୍ବଃ । ବୈଶାଖଃ <u>ଚୈତ୍ରାତ୍</u> ପରଃ ।

(ଖ) ଜ୍ୟୈଷ୍ଠଃ ________ ପୂର୍ବଃ । ଆଷାଢ଼ଃ ________ ପରଃ ।

(ଗ) ଶ୍ରାବଣଃ ________ ପୂର୍ବଃ । ଭାଦ୍ରପଦଃ ________ ପରଃ ।

(ଘ) ଆଶ୍ୱିନଃ ________ ପୂର୍ବଃ । କାର୍ତ୍ତିକଃ ________ ପରଃ ।

(ଙ) ମାର୍ଗଶୀର୍ଷଃ ________ ପୂର୍ବଃ । ପୌଷଃ ________ ପରଃ ।

(ଚ) ମାଘଃ ________ ପୂର୍ବଃ । ଫାଲ୍‌ଗୁନଃ ________ ପରଃ ।

**ପୁନଶ୍ଚ ଏତେ ଷଡ଼୍‌ଋତବଃ । ଯଥା ନିର୍ଦ୍ଦିଷ୍ଟଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା : (କ) ଆଷାଢାତ୍ ଆରଭ୍ୟ ଶ୍ରାବଣପର୍ଯ୍ୟନ୍ତଂ ବର୍ଷର୍ତ୍ତୁଃ ।

(ଖ) ________ ଆରଭ୍ୟ ଆଶ୍ୱିନପର୍ଯ୍ୟନ୍ତଂ ଶରଦ୍ ।

(ଗ) ________ ମାର୍ଗଶୀର୍ଷପର୍ଯ୍ୟନ୍ତଂ ହେମନ୍ତଃ ।

(ଘ) ________ ମାଘପର୍ଯ୍ୟନ୍ତଂ ଶିଶିରଃ ।

(ଙ) ଫାଲ୍‌ଗୁନାତ୍ ________ ବସନ୍ତଃ ।

(ଚ) ବୈଶାଖାତ୍ ________ ଗ୍ରୀଷ୍ମଃ ।

**୫। ଯଥାନିର୍ଦ୍ଦିଷ୍ଟଂ ଶୂନ୍ୟସ୍ଥାନଂ ପୂରୟତ ।**

ଯଥା- <u>ସ୍ୱାଧ୍ୟାୟାତ୍</u> ନ ପ୍ରମଦିତବ୍ୟମ୍ । (ସ୍ୱାଧ୍ୟାୟ)

(କ) ________ ________ ________ । (ସତ୍ୟ)

(ଖ) ________ ________ ________ । (ଧର୍ମ)

(ଗ) ________ ________ ________ । (କୁଶଳ)

(ଘ) ________ ________ ________ । (ଦେବକାର୍ଯ୍ୟ)

(ଙ) ________ ________ ________ । (ପିତୃକାର୍ଯ୍ୟ)

**୬। ବନ୍ଧନୀସ୍ଥିତାନ୍ ଶବ୍ଦାନ୍ ବ୍ୟବହୃତ୍ୟ ଶୂନ୍ୟସ୍ଥାନାନି ପୂରୟତ ।**

ଯଥା- ମମ ଭ୍ରାତା <u>କଟକାତ୍</u> ଆଗତଃ । (କଟକ)

(କ) ଅହଂ ________ ବହିଃ ଇତସ୍ତତଃ ନ ଭ୍ରମାମି । (ଗ୍ରାମ)

(ଖ) ________ ଋତେ ମମ କଃ ସହାୟଃ ? (ଈଶ୍ୱର)

(ଗ) ________ ପୂର୍ବମ୍ ଈଶ୍ୱରଂ ସ୍ମର । (ଶୟନ)

(ଘ) ________ ପରଂ କ୍ରୀଡ଼ । (ପଠନ)

(ଙ) ଅର୍ଜୁନଃ ________ ଧନୁର୍ବିଦ୍ୟାମ୍ ଅଶିକ୍ଷତ । (ଦ୍ରୋଣ)

(ଚ) ସର୍ବେ ________ ଜୁଗୁପ୍‌ସନ୍ତେ । (କୃପଣ)

(ଛ) ପୁତ୍ରଃ ________ ବଦତି । (ଶ୍ରୀକ୍ଷେତ୍ର)

(ଜ) ________ ବୃକ୍ଷଃ ଜାୟତେ । (ବୀଜ)

**୭। ଅଧସ୍ତନପଦାନାଂ ବାକ୍ୟେଷୁ ବ୍ୟବହାରଂ କୁରୁତ ।**

ଯଥା : ବିଭେତି : ସର୍ପଃ ନକୁଲାତ୍ ବିଭେତି ।

ଅନ୍ୟଃ, ନିଲୀୟତେ, ଆରାତ୍, ପ୍ରାକ୍, ପୃଥକ୍, ପ୍ରଭୃତି, କୃଚ୍ଛ୍ରାତ୍, ବିନା, ବହିଃ, ଅନନ୍ତରମ୍, ନାନା, ଉତ୍ତରା, ଦକ୍ଷିଣାହି, ପ୍ରତି

**୮। ସଂଶୋଧନଂ କୁରୁତ ।**

ଯଥା : ଈଶ୍ୱରସ୍ୟ ଅନ୍ୟଃ କଃ ସହାୟଃ । ଈଶ୍ୱରାତ୍ ଅନ୍ୟଃ କଃ ସହାୟଃ ।

(କ) ବିଦ୍ୟାଳୟସ୍ୟ ବହିଃ ବାଳକାଃ କ୍ରୀଡ଼ନ୍ତି ।

(ଖ) ବିପଦି ତ୍ରାୟସ୍ୱ ମାମ୍ ।

(ଗ) ଚୌରଃ ରକ୍ଷିଣଂ ନିଲୀୟତେ ।

(ଘ) ଅସ୍ୟ ନଗରସ୍ୟ ଉତ୍ତରା ନଦୀ ବର୍ତ୍ତତେ ।

(ଙ) ଭୋଜନସ୍ୟ ପ୍ରାକ୍ ହସ୍ତଂ ପ୍ରକ୍ଷାଳୟେତ୍ ।

(ଚ) ଜ୍ୟେଷ୍ଠଃ ବୈଶାଖସ୍ୟ ପରଃ ମାସଃ ।

(ଛ) ବିନୟସ୍ୟ ଯାତି ପାତ୍ରତାମ୍ ।

(ଜ) କଟକଂ ଆରାତ୍ ମହାନଦୀ ।

(ଝ) ଜନାଃ ରାଜମାର୍ଗେ ରଥଂ ପଶ୍ୟନ୍ତି ।

(ଞ) ଗୋପାଳଃ ରାମସ୍ୟ କନୀୟାନ୍ ।

**୯। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

ଯଥା : ସୂର୍ଯ୍ୟୋଦୟ ପୂର୍ବରୁ ମୁଁ ଶଯ୍ୟାତ୍ୟାଗ କରେ : ସୂର୍ଯ୍ୟୋଦୟାତ୍ ପ୍ରାକ୍ ଅହଂ ଶଯ୍ୟାତ୍ୟାଗଂ କରୋମି ।

(କ) ଭକ୍ତମାନେ ବିଦେଶରୁ ପୁରୀ ଆସନ୍ତି ।

(ଖ) ଧନ ଅଭାବରୁ ପିଲାଟି ପଢୁନାହିଁ ।

(ଗ) ନଦୀ ଜଳଠାରୁ କୂପଜଳ ଅଧିକ ନିର୍ମଳ ।

(ଘ) ତୁମେ ଅନ୍ଧକରେ ବିପଦରୁ ରକ୍ଷା ପାଇଲ ।

(ଙ) ଲୋକମାନେ କୋଠା ଉପରୁ ଯାତ୍ରା ଦେଖୁଛନ୍ତି ।

(ଚ) ଦୂରରୁ ଦର୍ଶନ ଅତୀବ ମନୋହର ।

(ଛ) ମୂର୍ଖମାନେ ପଣ୍ଡିତମାନଙ୍କୁ ଘୃଣା କରନ୍ତି ।

(ଜ) ଲୋଭରୁ ପାପ ପାପରୁ ମୃତ୍ୟୁ ହୁଏ ।

(ଝ) ପୂର୍ବେ ମା'ମାନେ ଝିଅଙ୍କୁ ପଢ଼ିବାରୁ ବାରଣ କରୁଥିଲେ ।

• • •

# ସମ୍ବନ୍ଧପଦ ଓ ଷଷ୍ଠୀ ବିଭକ୍ତି

୧। (କ) ରାମସ୍ୟ ପୁତ୍ରଃ କ୍ରୀଡ଼ତି ।

(ଖ) ରାଜ୍ଞଃ ପୁରୁଷାଃ ଆଗଚ୍ଛନ୍ତି ।

(ଗ) ଭକ୍ତଃ କୃଷ୍ଣସ୍ୟ ପାଦପଙ୍କଜଂ ଭଜତି ।

ଏଠାରେ ରାମସ୍ୟ, ରାଜ୍ଞଃ ଓ କୃଷ୍ଣସ୍ୟ ପଦତ୍ରୟ ଷଷ୍ଠୀ ବିଭକ୍ତ୍ୟନ୍ତ ଅଟନ୍ତି । ଏହି ପଦଗୁଡ଼ିକର କ୍ରିୟାପଦ କ୍ରୀଡ଼ତି, ଆଗଚ୍ଛନ୍ତି ଓ ଭଜତି ସହିତ ସମ୍ବନ୍ଧ ନାହିଁ । ବରଂ ଏମାନଙ୍କର ସମ୍ବନ୍ଧ ବାକ୍ୟରେ ଥିବା ଅନ୍ୟ ବିଶେଷ୍ୟ ପଦଗୁଡ଼ିକ ଯଥା:- ପୁତ୍ର ପୁରୁଷ ଓ ପାଦପଙ୍କଜ ସହିତ ରହିଛି । କ୍ରିୟା ସହିତ ସମ୍ବନ୍ଧ ନଥିବାରୁ ଷଷ୍ଠୀ ବିଭକ୍ତ୍ୟନ୍ତ ପଦର 'କାରକତ୍ୱ' ସମ୍ଭବ ହୁଏ ନାହିଁ । ତେଣୁ ଏହାକୁ କେବଳ 'ସମ୍ବନ୍ଧପଦ' ବୋଲି କୁହାଯାଏ । ସମ୍ବନ୍ଧ ପଦରେ ଷଷ୍ଠୀ ବିଭକ୍ତି ହୋଇଥାଏ ।[୧] ତେଣୁ ରାମସ୍ୟ, ରାଜ୍ଞଃ ଓ କୃଷ୍ଣସ୍ୟ ଇତ୍ୟାଦି ପଦ 'ସମ୍ବନ୍ଧେ-ଷଷ୍ଠୀ' ସୂତ୍ରରେ ଷଷ୍ଠୀ ବିଭକ୍ତ୍ୟନ୍ତ ହେଲେ । ସମ୍ବନ୍ଧର ପ୍ରକାର ଅସଂଖ୍ୟ । ତେବେ ଉପର୍ଯ୍ୟୁକ୍ତ ତିନୋଟି ବାକ୍ୟରେ ଯଥାକ୍ରମେ ଜନ୍ୟ-ଜନକ, ସ୍ୱସ୍ୱାମିଭାବ ଓ ଅବୟବାବୟବିଭାବ (ଅଙ୍ଗାଙ୍ଗୀଭାବ) ସମ୍ବନ୍ଧ ଦେଖାଯାଏ ।

ମହର୍ଷି ପାଣିନି ଅଷ୍ଟାଧ୍ୟାୟୀ ଗ୍ରନ୍ଥରେ ଛଅଟି କାରକ ବିଷୟ ଆଲୋଚନା କରି ପରେ କହିଲେ 'ଆଉ ଯାହା ରହିଲା' (ଅବଶିଷ୍ଟ / ଶେଷ) ସେହି ସ୍ଥାନରେ 'ଷଷ୍ଠୀ ବିଭକ୍ତି' ହେବ । ଏହାକୁ 'ଶେଷେ ଷଷ୍ଠୀ' ବୋଲି କୁହାଯାଏ । ଏହାକୁ 'ସମ୍ବନ୍ଧସାମାନ୍ୟେ ଷଷ୍ଠୀ' ବୋଲି ବୁଝିବାକୁ ହେବ ।

୨। (କ) ବନ୍ଦେ ଗୁରୋଃ ଚରଣୟୋଃ ।

(ଖ) ଭକ୍ତଃ ଶଙ୍କରସ୍ୟ ପାଦୟୋଃ ଭଜତି ।

(ଗ) ତାବତ୍ ଭୟସ୍ୟ ଭେତବ୍ୟମ୍ ।

ବହୁସ୍ଥଳରେ କାରକ ବିଭକ୍ତିର ସମ୍ଭାବନା ଥିଲେ ମଧ୍ୟ ସମ୍ବନ୍ଧ ବିବକ୍ଷାରେ ଷଷ୍ଠୀ ବିଭକ୍ତି ହୋଇଥାଏ ।[୨] ଉପରିଲିଖିତ ବାକ୍ୟଗୁଡ଼ିକରେ 'ଚରଣ' ପ୍ରଭୃତି କର୍ମାଦି କାରକ ସ୍ଥଳରେ 'ସମ୍ବନ୍ଧ ବିବକ୍ଷାରେ ଷଷ୍ଠୀ' ହୋଇଛି ।

୩। (କ) ଧନସ୍ୟ ହେତୋଃ ବିଦେଶଂ ଗଚ୍ଛତି ।

(ଖ) ଶୀତସ୍ୟ ହେତୋଃ କମ୍ପତେ ।

(ଗ) ଅଧ୍ୟୟନସ୍ୟ ହେତୋଃ ଅହଂ ଭୁବନେଶ୍ୱରେ ତିଷ୍ଠାମି ।

ବାକ୍ୟରେ 'ହେତୁ' ଶବ୍ଦର ସାକ୍ଷାତ୍ ପ୍ରୟୋଗ ହୋଇଥିଲେ ହେତୁ ବାଚକ (ନିମିତ୍ତବୋଧକ) ଶବ୍ଦଠାରେ ଷଷ୍ଠୀ ବିଭକ୍ତି ହୁଏ । ଏଠାରେ ବିଦେଶଗମନର କାରଣ 'ଧନ', ଥରିବାର କାରଣ 'ଶୀତ' ଓ ଭୁବନେଶ୍ୱରରେ ରହିବାର କାରଣ 'ଅଧ୍ୟୟନ' ହୋଇଥିବାରୁ କାରଣବାଚୀ ଧନ, ଶୀତ ଓ ଅଧ୍ୟୟନ ଶବ୍ଦରେ ଷଷ୍ଠୀ ବିଭକ୍ତି ହେଲା । ଏହାକୁ 'ହେତୁପ୍ରୟୋଗେ ଷଷ୍ଠୀ' ବୋଲି କୁହାଯାଏ ।[୩]

୪। (କ) କେନ ହେତୁନା ଅତ୍ର ଆଗଚ୍ଛସି ?

(ଖ) କସ୍ମାତ୍ ହେତୋଃ ବାଳକଃ କ୍ରନ୍ଦତି ?

(ଗ) କସ୍ୟ ହେତୋଃ ସଃ ପଳାୟିତଃ ?

---

୧। 'ସମ୍ବନ୍ଧେ ଷଷ୍ଠୀ' । 'ଷଷ୍ଠୀ ଶେଷେ' ।

୨। 'କର୍ମାଦୀନାମପିସମ୍ବନ୍ଧମାତ୍ର ବିବକ୍ଷାୟାଂ ଷଷ୍ଠ୍ୟେବ' ।

୩। ଷଷ୍ଠୀ ହେତୁ ପ୍ରୟୋଗେ

ହେତୁ ଶବ୍ଦ ସହ ଯଦି ସର୍ବନାମପଦମାନଙ୍କର ପ୍ରୟୋଗ କରାଯାଏ, ତେବେ ଉଭୟ ହେତୁବାଚୀ ଶବ୍ଦ ଓ ସର୍ବନାମବାଚୀ ଶବ୍ଦରୁ ତୃତୀୟା, ପଞ୍ଚମୀ ଓ ଷଷ୍ଠୀ ବିଭକ୍ତି ହୁଏ ।[୧] ନିମିତ୍ତ ଓ ତଦର୍ଥବାଚୀ ପର୍ଯ୍ୟାୟଶବ୍ଦ ଯୋଗରେ ସର୍ବନାମ ଏବଂ ନିମିତ୍ତବାଚକ ଶବ୍ଦଠାରେ ପ୍ରାୟଶଃ ପ୍ରଥମାଠାରୁ ସପ୍ତମୀ ପର୍ଯ୍ୟନ୍ତ ସମସ୍ତ ବିଭକ୍ତି ପ୍ରୟୋଗ ଦେଖାଯାଏ ।[୨] ଯଥା– (ଘ) କୋ ହେତୁଃ / କଂ ହେତୁମ୍ / କେନ ହେତୁନା / କସ୍ମୈ ହେତବେ / କସ୍ମାତ୍ ହେତୋଃ / କସ୍ୟ ହେତୋଃ / କସ୍ମିନ୍ ହେତୌ ।

୫। (କ) ପୁତ୍ରଃ ମାତୁଃ / ମାତରଂ ସ୍ମରତି ।

(ଖ) ଦରିଦ୍ରସ୍ୟ / ଦରିଦ୍ରଂ ଦୟସ୍ୱ ।

(ଗ) ଗ୍ରାମସ୍ୟ / ଗ୍ରାମମ୍ ଈଷ୍ଟେ ।

ସ୍ମୃ ଧାତୁ (ସ୍ମରଣାର୍ଥକ) ଦୟ୍ ଧାତୁ (ଦୟା କରିବା) ଏବଂ ଈଶ୍ ଧାତୁ (ପ୍ରଭୁତ୍ୱ ବିସ୍ତାର କରିବା) ପ୍ରୟୋଗ ହୋଇଥିଲେ କର୍ମକାରକରେ ବିକଳ୍ପରେ ଷଷ୍ଠୀ ବିଭକ୍ତି ହୁଏ ।

୬। (କ) ରାମସ୍ୟ ଗମନମ୍ (ରାମଃ ଗଚ୍ଛତି) ।

(ଖ) ଧନସ୍ୟ ଦାନଂ କୁରୁ (ଧନଂ ଦେହି) ।

(ଗ) ବ୍ୟାକରଣସ୍ୟ ପଠନଂ ଭବତି (ବ୍ୟାକରଣଂ ପଠତି) ।

କୃଦନ୍ତପଦର କର୍ତ୍ତା ଓ କର୍ମର ଷଷ୍ଠୀ ବିଭକ୍ତି ହୁଏ ।[୩] ପ୍ରଥମ ବାକ୍ୟରେ ଗମ୍ + ଲ୍ୟୁଟ୍ = ଗମନମ୍ ଏକ କୃଦନ୍ତପଦ ଅଟେ । ଏହି କୃଦନ୍ତପଦ ଯୋଗରେ କର୍ତ୍ତା 'ରାମ' ଠାରେ ଷଷ୍ଠୀ ବିଭକ୍ତି ହେଲା । ସେହିପରି ଦାନମ୍ ଓ ପଠନମ୍ କୃଦନ୍ତ ପଦ ପାଇଁ 'ଧନ' ଓ 'ବ୍ୟାକରଣ' କର୍ମଠାରେ ଷଷ୍ଠୀ ବିଭକ୍ତି ହେଲା । ଏହାକୁ 'କୃଦ୍‌ଯୋଗେ ଷଷ୍ଠୀ' ବୋଲି କୁହାଯାଏ । କୃଦନ୍ତ ପଦର କର୍ତ୍ତା ଓ କର୍ମ ଉଭୟ ଏକ ବାକ୍ୟରେ ବ୍ୟବହୃତ ହୋଇଥିଲେ 'କର୍ମ'ର ହିଁ ଷଷ୍ଠୀ ବିଭକ୍ତି ହୁଏ ।[୪] ଯଥା :-

(ଘ) ଶିଶୁଃ ଚନ୍ଦ୍ରସ୍ୟ ଦର୍ଶନଂ କରୋତି (ଶିଶୁଃ ଚନ୍ଦ୍ରଂ ପଶ୍ୟତି)

(ଙ) ପଥିକଃ ଜଳସ୍ୟ ପାନଂ କରୋତି (ପଥିକଃ ଜଳଂ ପିବତି) ।

୭। (କ) ଶିଶୁଃ କ୍ରୀଡ଼ନକଂ ପଶ୍ୟନ୍ ଅହସତ୍ ।

(ଖ) ଦୈତ୍ୟାନ୍ ଘାତୁକଃ ହରିଃ ।

(ଗ) ବିଦ୍ୟାଳୟଂ ଗନ୍ତୁମ୍ ଇଚ୍ଛାମି ।

(ଘ) ଛାତ୍ରଃ ଗୃହଂ ଗତବାନ୍ ।

(ଙ) ଧନଂ ଦାତା । (ଧନ ଦେବାରେ ଅଭ୍ୟସ୍ତ)

(ଚ) ଇଦଂ କାର୍ଯ୍ୟଂ ମୟା ସୁକରମ୍ ।

---

୧। 'ସର୍ବନାମ୍ନସ୍ତୃତୀୟା ଚ' ।

୨। 'ନିମିତ୍ତ ପର୍ଯ୍ୟାୟପ୍ରୟୋଗେ ସର୍ବାସାଂ ପ୍ରାୟଦର୍ଶନମ୍ ।'

୩। 'କର୍ତ୍ତୃକର୍ମଣୋଃ କୃତି' ।

୪। 'ଉଭୟପ୍ରାପ୍ତୌ କର୍ମଣି' ।

(ଶତୃ, ଶାନଚ୍, କ୍ତ, କ୍ତବତୁ, ଉ-ଉକ, କ୍ତ୍ୱା, ଲ୍ୟପ୍, ତୁମୁନ୍, ଖଲ୍, ତୃନ୍ (ଶୀଳ ବା ସ୍ୱଭାବ ଅର୍ଥକ) ପ୍ରଭୃତି କୃଦନ୍ତପଦ ଥିଲେ କର୍ମସ୍ଥାନରେ କୃଦ୍‌ଯୋଗେ ଷଷ୍ଠୀ ହୁଏ ନାହିଁ ।)[୧] 'ପଶ୍ୟନ୍' କୃଦନ୍ତପଦ ପ୍ରୟୋଗ ହୋଇଥିଲେ ମଧ୍ୟ କର୍ମ (କ୍ରୀଡ଼ନକ) ପଦର ଷଷ୍ଠୀ ହେଲା ନାହିଁ । ସେହିପରି 'ଘାତୁକଃ' ଗନ୍ତୁମ୍, ଗତବାନ୍ ଓ ଦାତା ଇତ୍ୟାଦି କୃଦନ୍ତପଦର ପ୍ରୟୋଗ ଥିଲେ ମଧ୍ୟ ଦୈତ୍ୟାନ୍, ବିଦ୍ୟାଳୟମ୍, ଗୃହମ୍ ଓ ଧନମ୍ ଠାରେ ଷଷ୍ଠୀ ହୋଇନାହିଁ । କିନ୍ତୁ 'ତୃଚ୍' ପ୍ରତ୍ୟୟ ହୋଇ କୃଦନ୍ତ ହେଲେ, ସେଠାରେ କୃଦ୍‌ଯୋଗେ ଷଷ୍ଠୀ ବିଧାନ ହେବ । ଯଥା :- ଜଗତଃ କର୍ତ୍ତା ହରିଃ । (କୃ + ତୃଚ୍ = କର୍ତ୍ତା) ଧନସ୍ୟ ଦାତା (ଦା + ତୃଚ୍) ଏହା ଧନ ଦେଉଥିବା ବ୍ୟକ୍ତିକୁ ବୁଝାଉଛି । ତେଣୁ ସମ୍ବନ୍ଧେ ଷଷ୍ଠୀ । ଧନଂ ଦାତା (ଦା + ତୃନ୍) ଧନ ଦେବାରେ ଅଭ୍ୟସ୍ତ ବ୍ୟକ୍ତିକୁ ବୁଝାଏ । ତେଣୁ କର୍ମକାରକରେ ଦ୍ୱିତୀୟା ।

୮ । (କ) ଇଦଂ ମମ ମତମ୍ ।

(ଖ) ବିଦ୍ୱାନ୍ ସର୍ବେଷାଂ ପୂଜିତଃ ।

(ଗ) ସଃ ମମ ବିଦିତଃ ।

ବର୍ତ୍ତମାନ କାଳ ଅର୍ଥରେ 'କ୍ତ' ପ୍ରତ୍ୟୟାନ୍ତ ପଦ ପ୍ରୟୋଗ ହୋଇଥିଲେ କର୍ତ୍ତାଠାରେ ଷଷ୍ଠୀ ବିଭକ୍ତି ହୁଏ ।[୨] କିନ୍ତୁ ଭାବବାଚ୍ୟରେ ବିହିତ 'କ୍ତ' ପ୍ରତ୍ୟୟାନ୍ତ ପଦର କର୍ତ୍ତାଠାରେ ବିକଳ୍ପରେ ଷଷ୍ଠୀ ହୁଏ ।[୩]

ଯଥା :- ମମ ହସିତମ୍, ତବ ଜୀବିତମ୍ ।

ଏଠାରେ ମୟା ହସିତମ୍ ଓ ତ୍ୱୟା ଜୀବିତମ୍ ମଧ୍ୟ ହେବ ।

୯ । (କ) ବାଳକସ୍ୟ / ବାଳକେନ ଚନ୍ଦ୍ରଃ ଦର୍ଶନୀୟଃ ।

(ଖ) ଛାତ୍ରସ୍ୟ / ଛାତ୍ରେଣ ପୁସ୍ତକଂ ପଠିତବ୍ୟମ୍ ।

(ଗ) ଭକ୍ତସ୍ୟ / ଭକ୍ତେନ ସେବ୍ୟଃ ହରିଃ ।

କୃତ୍ୟ (ତବ୍ୟ, ଅନୀୟ, ଯତ୍, ଣ୍ୟତ୍, କ୍ୟପ୍) ପ୍ରତ୍ୟୟାନ୍ତ ପଦଯୋଗରେ କର୍ତ୍ତାର ବିକଳ୍ପରେ ଷଷ୍ଠୀ ବିଭକ୍ତି ଓ ପକ୍ଷେ 'ଅନୁକ୍ତେ କର୍ତ୍ତରି ତୃତୀୟା' ସୂତ୍ରରେ ତୃତୀୟା ବିଭକ୍ତି ହୋଇଥାଏ ।[୪]

ଉପରିଲିଖିତ ଉଦାହରଣ ଗୁଡ଼ିକରେ ଦର୍ଶନୀୟ - ଦୃଶ୍ + ଅନୀୟ, ପଠିତବ୍ୟ - ପଠ୍ + ତବ୍ୟ ଓ ସେବ୍ୟ - ସେବ୍ + ଯତ୍ ହୋଇ ବ୍ୟବହାର ହୋଇଥିବାରୁ କର୍ତ୍ତା ବାଳକ, ଛାତ୍ର ଓ ଭକ୍ତଠାରେ ବିକଳ୍ପେ ଷଷ୍ଠୀ ଓ ପକ୍ଷେ ତୃତୀୟା ହୋଇଛି ।

**୧୦ ।** (କ) ରାମେଣ / ରାମସ୍ୟ ତୁଲ୍ୟଃ ରାଜା ନାସ୍ତି ।

(ଖ) ତବ ତୁଲା / ଉପମା ନାସ୍ତି ।

ତୁଲ୍ୟାର୍ଥକ ତୁଲ୍ୟ, ସଦୃଶ, ସମାନ, ସମ ପ୍ରଭୃତି ଶବ୍ଦଯୋଗରେ ଯାହା ସହିତ ତୁଲ୍ୟ, ତା'ଠାରେ ବିକଳ୍ପରେ ଷଷ୍ଠୀ ବିଭକ୍ତି ହୁଏ ।[୫] ପକ୍ଷେ ତୃତୀୟା ବିଭକ୍ତି ମଧ୍ୟ ହୁଏ । କିନ୍ତୁ ତୁଲ୍ୟାର୍ଥକ ତୁଲା ଓ ଉପମା ଶବ୍ଦଯୋଗରେ କେବଳ ଷଷ୍ଠୀ ବିଭକ୍ତି ହୁଏ । (ଅତୁଲୋପମାଭ୍ୟାମ୍)

---

୧ । 'ନ ଲୋକାବ୍ୟୟନିଷ୍ଠା ଖଲର୍ଥତୃନାମ୍' । ଲ + ଉ + ଉକ + ଅବ୍ୟୟ + ନିଷ୍ଠା + ଖଲର୍ଥ + ତୃନ୍ । ଲ - ଶତୃ, ଶାନଚ୍, କ୍ୱସୁ, କାନଚ୍, ସ୍ୟତୃ ସ୍ୟମାନ, ଅବ୍ୟୟ - କ୍ତ୍ୱା, ତୁମୁନ୍ ନିଷ୍ଠା-କ୍ତ-କ୍ତବତୁ । ଖଲର୍ଥ - ଖଲ୍ ପ୍ରତ୍ୟୟାନ୍ତ । ତୃନ୍ ।

୨ । 'କ୍ତସ୍ୟ ଚ ବର୍ତ୍ତମାନେ' ।

୩ । ନପୁଂସକ ଭାବ ଉପସଂଖ୍ୟାନମ୍

୪ । କୃତ୍ୟାନାଂ କର୍ତ୍ତରିବା

୫ । ତୁଲ୍ୟାର୍ଥୈରତୁଲୋପମାଭ୍ୟାଂ ତୃତୀୟାନ୍ୟତରସ୍ୟାମ୍

**୧୧।** (କ) ନଦୀନାଂ / ନଦୀଷୁ ଗଙ୍ଗା ପବିତ୍ରତମା ।

(ଖ) ପ୍ରାଣିନାଂ / ପ୍ରାଣିଷୁ ନରାଃ ଶ୍ରେଷ୍ଠାଃ ।

(ଗ) ଗଚ୍ଛତାଂ / ଗଚ୍ଛସ୍ତୁ ଧାବନ୍ ଦ୍ରୁତତମଃ ।

ଯେଉଁ ସମୁଦାୟ ବା ସମଷ୍ଟିରୁ କୌଣସି ଜାତି, ଗୁଣ, କ୍ରିୟା ବା ସଂଜ୍ଞାବାଚକ ଶବ୍ଦଦ୍ୱାରା ଗୋଟିକୁ ପୃଥକ୍ କରାଯାଏ, ସେହି ସମୁଦାୟବୋଧକ ଶବ୍ଦର ଷଷ୍ଠୀ ଓ ସପ୍ତମୀ ବିଭକ୍ତି ହୁଏ । ଏହାକୁ ନିର୍ଦ୍ଧାରଣେ ଷଷ୍ଠୀ ଓ ସପ୍ତମୀ କୁହାଯାଏ ।[୧] ନଦୀମାନଙ୍କ ମଧ୍ୟରୁ 'ଗଙ୍ଗା', ପ୍ରାଣୀମାନଙ୍କ ମଧ୍ୟରୁ 'ନର' ଓ ଚାଲୁଥିବା ଲୋକମାନଙ୍କ ମଧ୍ୟରୁ ଦୌଡୁଥିବା ଲୋକକୁ ପୃଥକ୍ କରାଯାଇଥିବାରୁ ନଦୀ, ପ୍ରାଣୀ ଓ ଗଚ୍ଛତ୍ ଶବ୍ଦରେ ଷଷ୍ଠୀ ଓ ସପ୍ତମୀ ହେଲା ।

**୧୨।** (କ) ଗ୍ରାମସ୍ୟ / ଗ୍ରାମାତ୍ ଦୂରେ ନଦୀ ବହତି ।

(ଖ) ଗୃହସ୍ୟ / ଗୃହାତ୍ ଅନ୍ତିକେ କ୍ଷେତ୍ରମ୍ ଅସ୍ତି ।

ଦୂର ଓ ସମୀପାର୍ଥକ ଶବ୍ଦଯୋଗରେ ପଞ୍ଚମୀ ଓ ଷଷ୍ଠୀ ବିଭକ୍ତି ହୁଏ ।[୨]

**୧୩।** (କ) ଅଗ୍ନିଃ କାଷ୍ଠାନାଂ / କାଷ୍ଠୈଃ ନ ତୃପ୍ୟତି ।

(ଖ) ପଥିକଃ ଶୀତଳଜଳାନାଂ / ଶୀତଳଜଳୈଃ ତୃପ୍ୟତି

ତୃପ୍ତ୍ୟର୍ଥକ ପଦଯୋଗରେ କରଣ କାରକଠାରେ ବିକଳ୍ପରେ ଷଷ୍ଠୀ ବିଭକ୍ତି ହୁଏ ।[୩]

**୧୪।** (କ) ବାଳିକା ଜଳସ୍ୟ କୃତେ ଗଚ୍ଛତି ।

(ଖ) ତବ କୃତେ କିଂ କରିଷ୍ୟାମି ?

ନିମିତ୍ତ ଅର୍ଥରେ 'କୃତେ' ଶବ୍ଦର ପ୍ରୟୋଗ ହୋଇଥିଲେ, ଷଷ୍ଠୀ ବିଭକ୍ତି ହୁଏ ।[୪]

**୧୫।** (କ) ପିତୁଃ ରୁଦତଃ / ପିତରି ରୁଦତି ପୁତ୍ରଃ ଅଗଚ୍ଛତ୍ ।

(ଖ) ମମ ପଶ୍ୟତଃ / ମୟି ପଶ୍ୟତି କାକଃ ପିଷ୍ଟକମ୍ ଅନୟତ୍ ।

ଯାହାକୁ ଅବଜ୍ଞା ବା ଅନାଦର କରି କାର୍ଯ୍ୟ କରାଯାଏ, ତାହାଠାରେ ଷଷ୍ଠୀ କିମ୍ବା ସପ୍ତମୀ ବିଭକ୍ତି ହୁଏ । ଏହାକୁ ଅନାଦରେ ଷଷ୍ଠୀ / ସପ୍ତମୀ ବୋଲି କୁହନ୍ତି ।[୫]

**୧୬।** ନିମ୍ନଲିଖିତ ପଦମାନଙ୍କ ଯୋଗରେ ଷଷ୍ଠୀ ବିଭକ୍ତି ହୁଏ ।

ପୂର୍ବତଃ } (ପୂର୍ବରେ) – ଭାରତସ୍ୟ ପୂର୍ବତଃ ଗଙ୍ଗାସାଗରଃ ।

ପଶ୍ଚିମତଃ } (ପଶ୍ଚିମରେ) – ଉତ୍କଳସ୍ୟ ପଶ୍ଚିମତଃ ଛତିଶଗଡ଼ଃ ।

ଉତ୍ତରେଣ<br>ଉତ୍ତରାତ୍<br>ଉତ୍ତରତଃ } (ଉତ୍ତରରେ) – ଭାରତସ୍ୟ ଉତ୍ତରେଣ / ଉତ୍ତରାତ୍ / ଉତ୍ତରତଃ ହିମାଳୟଃ ।

---

୧। 'ଯତଶ୍ଚ ନିର୍ଦ୍ଧାରଣମ୍' । 'ଜାତି ଗୁଣକ୍ରିୟା ସଂଜ୍ଞାଭିଃ ସମୁଦାୟାତ୍ ଏକସ୍ୟ ପୃଥକ୍ କରଣମ୍ ନିର୍ଦ୍ଧାରଣମ୍' ।

୨। 'ଦୂରାନ୍ତିକାର୍ଥୈଃ ଷଷ୍ଠ୍ୟନ୍ୟତରସ୍ୟାମ୍' ।

୩। ତୃପ୍ତ୍ୟର୍ଥାନାଂ ବିଭାଷାକରଣେ ।

୪। କୃତେ ପ୍ରୟୋଗେ ଷଷ୍ଠୀ

୫। ଷଷ୍ଠୀ ଚାନାଦରେ

| | | |
|---|---|---|
| ଦକ୍ଷିଣେନ<br>ଦକ୍ଷିଣାତ୍<br>ଦକ୍ଷିଣତଃ | (ଦକ୍ଷିଣରେ) | - ଶ୍ରୀକ୍ଷେତ୍ରସ୍ୟ ଦକ୍ଷିଣେନ / ଦକ୍ଷିଣାତ୍ / ଦକ୍ଷିଣତଃ ସାଗରଃ ଶୋଭତେ । |
| ଉପରି | (ଉପରେ) | - ଏକସ୍ୟ ବିଷୟସ୍ୟ ଉପରି ପ୍ରବନ୍ଧଂ ରଚୟତ । |
| ଅଧଃ<br>ଅଧସ୍ତାତ୍ | (ତଳେ) | - ଭୂମେଃ ଅଧଃ ଜଳମ୍ ଅସ୍ତି ।<br>ବୃକ୍ଷସ୍ୟ ଅଧସ୍ତାତ୍ ପଥିକଃ ବିଶ୍ରାମଂ କରୋତି । |
| ପୁରଃ<br>ପୁରତଃ<br>ପୁରସ୍ତାତ୍<br>ଅଗ୍ରତଃ | (ଆଗରେ) | - ମମ ପୁରଃ ଗଚ୍ଛ ।<br>- ମାତୁଃ ପୁରତଃ ଶିଶୁଃ କ୍ରୀଡ଼ତି ।<br>- ଗୁରୋଃ ପୁରସ୍ତାତ୍ ଉପବିଶ ।<br>- ମମ ଅଗ୍ରତଃ ଆଗଚ୍ଛ । |
| ପୃଷ୍ଠତଃ | (ପଛରେ) | - ବିଦ୍ୟାଳୟସ୍ୟ ପୃଷ୍ଠତଃ କ୍ରୀଡ଼ାପ୍ରାନ୍ତରମ୍ ଅସ୍ତି । |
| ଦ୍ୱିଃ | (ଦୁଇଥର) | - ଅହଂ ମାସସ୍ୟ ଦ୍ୱିଃ ଗ୍ରାମଂ ଗଚ୍ଛାମି । |
| ତ୍ରିଃ | (ତିନିଥର) | - ମୁନୟଃ ଦିବସସ୍ୟ ତ୍ରିଃ ସ୍ନାନ୍ତି । |
| ଚତୁଃ | (ଚାରିଥର) | - ବର୍ଷସ୍ୟ ଚତୁଃ ପୁରୀଂ ଗଚ୍ଛେତ୍ । |
| ପଞ୍ଚକୃତ୍ୱଃ | (ପାଞ୍ଚଥର) | - ଶିଶୁଃ ଦିବସସ୍ୟ ପଞ୍ଚକୃତ୍ୱଃ ଖାଦତି । |

(ଏହିପରି ଷଟ୍‌କୃତ୍ୱଃ, ସପ୍ତକୃତ୍ୱଃ ପ୍ରଭୃତି ଯୋଗରେ କାଳାଧିକରଣରେ ଷଷ୍ଠୀ ବିଭକ୍ତି ହେବ ।)

**ମନେରଖ :**

- ସମ୍ବନ୍ଧବାଚକ ପଦର ଷଷ୍ଠୀ ବିଭକ୍ତି ହୁଏ ।
- ପଠନମ୍, ଗମନମ୍ ପ୍ରଭୃତି ଭାବବାଚକ ପଦ ଯୋଗେ ଷଷ୍ଠୀ ।
- ପୁରଃ, ପୁରତଃ, ଅଗ୍ରତଃ ଇତ୍ୟାଦି ଯୋଗେ ଷଷ୍ଠୀ ।
- ଯେଉଁମାନଙ୍କ ମଧ୍ୟରୁ ନିର୍ଦ୍ଧାରଣ - ସମୁଦାୟଠାରେ ଷଷ୍ଠୀ ।
- ଅନାଦରେ ଷଷ୍ଠୀ ।
- ତୁଲ୍ୟ, ସମାନ, ସମ, ସଦୃଶ, ତୁଲା, ଉପମା ପ୍ରଭୃତି ଯୋଗରେ ଷଷ୍ଠୀ ।
- କୃଦନ୍ତପଦ ଯୋଗେ ଷଷ୍ଠୀ ।

## ଅଭ୍ୟାସଃ

**୧। ଉଦାହରଣମ୍ ଅନୁସୃତ୍ୟ ଶୂନ୍ୟସ୍ଥାନାନି ପୂରୟତ ।**

ଯଥା :-ପୁରାଣସ୍ୟ ଶ୍ରବଣେନ ବୃଦ୍ଧାଃ ଆନନ୍ଦିତାଃ ଭବନ୍ତି । (ପୁରାଣମ୍)

(କ) ____________ ପଠନେନ ଜ୍ଞାନଂ ବର୍ଦ୍ଧତେ । (ପୁସ୍ତକାନି)

(ଖ) ____________ ଭକ୍ଷଣେନ ସ୍ୱାସ୍ଥ୍ୟଂ ଭବତି । (ଫଳାନି)

(ଗ) ____________ ଧାରଣେନ ଶୋଭା ବର୍ଦ୍ଧତେ । (ସ୍ୱଚ୍ଛବସ୍ତ୍ରମ୍)

(ଘ) ____________ ରକ୍ଷଣେନ ସମ୍ମାନଃ ଲଭ୍ୟତେ । (ଦେଶଃ)

(ଙ) ____________ ପାଳନେନ ତେଷାଂ ସଂରକ୍ଷଣଂ ଭବତି । (ଜୀବାଃ)

(ଚ) ____________ ଦାନେନ ତସ୍ୟାଃ ବୃଦ୍ଧିଃ ଜାୟତେ । (ବିଦ୍ୟା)

(ଛ) ____________ ପ୍ରଦାନେନ ପୁଣ୍ୟଂ ଲଭ୍ୟତେ । (ଧନ)

**୨। ଅଧୋଲିଖିତାନାଂ ପଦାନାଂ ସହାୟତୟା ତେଷାଂ ଯୋଗେ ବନ୍ଧନୀସ୍ଥିତଶବ୍ଦାନାଂ ଷଷ୍ଠୀ ବିଭକ୍ତିଗତ ରୂପଂ କୃତ୍ୱା ଶୂନ୍ୟସ୍ଥାନାନି ପୂରୟତ ।**

**(ପୁରତଃ, ଅଧଃ, ଉତ୍ତରତଃ, ଦକ୍ଷିଣତଃ, ଅଗ୍ରତଃ, ପୂର୍ବତଃ, ପଶ୍ଚିମତଃ)**

ଯଥା :- ବୃକ୍ଷସ୍ୟ ଉପରି ବିହଙ୍ଗାଃ କୂଜନ୍ତି । (ବୃକ୍ଷ)

(କ) ____________ ____________ ଜଗନ୍ନାଥପୁରୀ ଅସ୍ତି । (ମହୋଦଧି)

(ଖ) ____________ ____________ ହିମାଳୟଃ ବିରାଜତେ । (ଭାରତ)

(ଗ) ____________ ____________ ଆନ୍ଧ୍ରପ୍ରଦେଶଃ ଅବସ୍ଥିତଃ । (ଉତ୍କଳ)

(ଘ) ____________ ____________ ରତ୍ନାନି ସନ୍ତି । (ଭୂମି)

(ଙ) ____________ ____________ ସେନାପତିଃ ଅସ୍ତି । (ସୈନିକ)

(ଚ) ____________ ____________ ଦ୍ୱାରକାପୁରୀ ବର୍ତତେ । (ଭାରତବର୍ଷ)

(ଛ) ____________ ____________ ଶିଶୁଃ କ୍ରୀଡ଼ତି । (ମାତୃ)

**୩। ଉଦାହରଣମ୍ ଅନୁସୃତ୍ୟ ଶୂନ୍ୟସ୍ଥାନାନି ପୂରୟତ ।**

ଯଥା :- ବାଳକାନାଂ ଶ୍ରେଷ୍ଠଃ ରବିଃ । (ବାଳକ)

(କ) ____________ ଶ୍ରେଷ୍ଠଃ ରାମଃ । (ନୃପତି)

(ଖ) ____________ ଶ୍ରେଷ୍ଠଃ ହନୁମାନ୍ । (ଭକ୍ତ)

(ଗ) ____________ ଶ୍ରେଷ୍ଠା ଦିଲ୍ଲୀ । (ନଗରୀ)

(ଘ) ____________ ଶ୍ରେଷ୍ଠମ୍ କମଳମ୍ । (ପୁଷ୍ପ)

(ଙ) ____________ ଶ୍ରେଷ୍ଠଃ ମୟୂରଃ । (ପକ୍ଷିନ୍)

(ଚ) ____________ ଶ୍ରେଷ୍ଠଃ ମାଘଃ । (କାବ୍ୟ)

(ଛ) ____________ ଶ୍ରେଷ୍ଠଃ କାଳିଦାସଃ । (କବି)

**୪। ରେଖାଙ୍କିତପଦାନାଂ ସକାରଣଂ ବିଭକ୍ତିଂ ନିରୂପୟତ ।**

ଯଥା :- ବିପଦି <u>ମାତୁଃ</u> ସ୍ମରଣମ୍ ଆପଦ୍ ହରତି । (କୃଦ୍‌ଯୋଗେ ଷଷ୍ଠୀ)

(କ) ହେ ରାମ ! <u>ଦରିଦ୍ରାଣାଂ</u> ଦୟସ୍ୱ । ( )

(ଖ) ବାଳଃ <u>ମାତୁଃ</u> ସ୍ମରତି । ( )

(ଗ) କ୍ଷୁଦ୍ରାଣାଂ <u>ପ୍ରାଣାନାଂ</u> କୃତେ ଅସତ୍ୟଂ ମା ବଦ । ( )

(ଘ) <u>ଗ୍ରାମସ୍ୟ</u> ଅନ୍ତିକମ୍ ଉପବନମ୍ ଅସ୍ତି । ( )

(ଙ) ପରିଶ୍ରମେ ସଃ <u>ମାତୁଃ</u> ତୁଲ୍ୟଃ । ( )

(ଚ) <u>ଅଳ୍ପସ୍ୟ</u> ହେତୋଃ ମହତଃ ତ୍ୟାଗଃ ନ କର୍ତ୍ତବ୍ୟଃ । ( )

(ଛ) <u>ଶିଶୋଃ</u> ସ୍ମିତହାସ୍ୟଂ ପିତ୍ରୋଃ ଆନନ୍ଦକରମ୍ । ( )

**୫। ସଂଶୋଧନଂ କୁରୁତ ।**

ଯଥା :- <u>ବ୍ୟଜନମ୍</u> ଅଧଃ ବାଳଃ ଶେତେ । ଶୁଦ୍ଧ - <u>ବ୍ୟଜନସ୍ୟ</u> । (ବ୍ୟଜନ - ପଙ୍ଖା)

(କ) ମୂଷିକଃ <u>ମାର୍ଜାରଂ</u> ବିଭେତି ।

(ଖ) <u>ପୁରାଣଂ</u> ଶ୍ରବଣେନ ପୁଣ୍ୟଂ ଭବତି ।

(ଗ) <u>ବ୍ୟାକରଣଂ</u> ପଠନଂ ଅତୀବ ସହଜମ୍ ।

(ଘ) <u>ପୁତ୍ରେଣ</u> ତୁଲା କଃ ପ୍ରିୟଃ ?

(ଙ) କାର୍ଯ୍ୟମିଦଂ <u>ତବ</u> ସୁକରମ୍ ।

(ଚ) ସଃ <u>ମାସେ</u> ତ୍ରିଃ ଚଳଚ୍ଚିତ୍ରଂ ପଶ୍ୟତି ।

**୬। ବାକ୍ୟେଷୁ ବ୍ୟବହରତ ।**

ଯଥା :- ତୁଲ୍ୟଃ - ରାମେଣ ତୁଲ୍ୟଃ ରାଜା ନାସ୍ତି ।

କର୍ତ୍ତବ୍ୟମ୍, ମତମ୍, ସପ୍ତକୃତ୍ୱଃ, ତ୍ରିଃ, ଦକ୍ଷିଣତଃ, ସ୍ମରନ୍ତି, ଅନ୍ତିକମ୍, ସୁଖମ୍, ଅଧସ୍ତାତ୍, ପୁରଃ,

**୭। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

ଯଥା :- ବିପଦରେ ହରିଙ୍କୁ ସ୍ମରଣ କର । ଉତ୍ତର - ବିପଦି ହରେଃ ସ୍ମର ।

(କ) ଶିଶୁଟି ଦିନରେ ଛଅଥର ଦୁଧ ପିଏ ।

(ଖ) ବନ୍ଧୁଙ୍କର ଉପଦେଶ ତୁମର ଶୁଣିବା ଉଚିତ ।

(ଗ) କ୍ଷମା ସମାନ ଗୁଣ ନାହିଁ ।

(ଘ) ତୃଷାର୍ତ୍ତ ଥଣ୍ଡାପାଣିରେ ତୃପ୍ତ ହୁଏ ।

(ଙ) ଧନ ହେତୁ ଗର୍ବ କରିବା ଉଚିତ ନୁହେଁ ।

(ଚ) ବାରବାଟୀ ଦୁର୍ଗ ଆଗରେ ବିଶାଳ ଖେଳପଡ଼ିଆ ଅଛି ।

(ଛ) ତୁମର ସେଠାକୁ ଯିବା ଉଚିତ ନୁହେଁ ।

(ଜ) ବ୍ରାହ୍ମଣ ଦେବତାଙ୍କୁ ପୂଜା କରନ୍ତି ।

(ଝ) ମନ୍ଦିର ଆଗରେ କଦମ୍ବଗଛ ଅଛି ।

● ● ●

# ଅଧିକରଣ କାରକ ଓ ସପ୍ତମୀ ବିଭକ୍ତି

ନିମ୍ନଲିଖିତ ଶ୍ଳୋକଟିକୁ ପଢ଼ ଓ ରେଖାଙ୍କିତ ପଦଗୁଡ଼ିକୁ ଲକ୍ଷ୍ୟ କର ।

ବିପଦି ଧୈର୍ଯ୍ୟମଥାଭ୍ୟୁଦୟେ କ୍ଷମା ।
ସଦସି ବାକ୍‌ପଟୁତା ଯୁଧି ବିକ୍ରମଃ ।
ଯଶସି ଚାଭିରୁଚିର୍ବ୍ୟସନଂ ଶ୍ରୁତୌ ।
ପ୍ରକୃତିସିଦ୍ଧମିଦଂ ହି ମହାତ୍ମନାମ୍ ।

ଉପରିଲିଖିତ ଶ୍ଳୋକଟିର ରେଖାଙ୍କିତ ପଦଗୁଡ଼ିକ ସପ୍ତମୀ ବିଭକ୍ତିରେ ରହିଛି ।

୧ । ବର୍ତ୍ତମାନ ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପଢ଼ ।

(କ) କୃଷକାଃ ଗ୍ରାମେ ବସନ୍ତି ।

(ଖ) ବସନ୍ତେ ସକଳଂ ରମ୍ୟଂ ଭବତି ।

(ଗ) ରାଧାନାଥଃ ସଂସ୍କୃତେ ନିପୁଣଃ ଆସୀତ୍ ।

ଉପରିଲିଖିତ ଉଦାହରଣ ବାକ୍ୟଗୁଡ଼ିକରେ 'ବସନ୍ତି', 'ଭବତି' ଓ 'ଆସୀତ୍' କ୍ରିୟାପଦ ଅଟନ୍ତି । ଏଠାରେ କ୍ରିୟାପଦଗୁଡ଼ିକର 'ଆଧାର' ଭାବେ ଯଥାକ୍ରମେ 'ଗ୍ରାମ', 'ବସନ୍ତ' ଓ 'ସଂସ୍କୃତ' ପଦ ବ୍ୟବହୃତ । କ୍ରିୟାର 'ଆଧାର'କୁ ଅଧିକରଣ କାରକ କୁହାଯାଏ ।[୧] ତେଣୁ 'ଗ୍ରାମ', 'ବସନ୍ତ' ଓ 'ସଂସ୍କୃତ' ଏମାନେ କ୍ରିୟାର ଆଧାର ଏବଂ ଅଧିକରଣ କାରକ ଅଟନ୍ତି । ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୁଏ ।[୨] ଏହାକୁ ଅଧିକରଣେ ସପ୍ତମୀ ବୋଲି କୁହାଯାଏ । ପୁନଶ୍ଚ 'ଆଧାର' ସାଧାରଣତଃ ତିନିପ୍ରକାର । ତେଣୁ ଅଧିକରଣ ତିନିପ୍ରକାର ହୋଇଥାଏ । ଯଥା - ସ୍ଥାନାଧିକରଣ, କାଳାଧିକରଣ ଓ ବିଷୟାଧିକରଣ । ଉପର୍ଯ୍ୟୁକ୍ତ ଉଦାହରଣରେ 'ଗ୍ରାମ' ସ୍ଥାନକୁ ବସନ୍ତ ସମୟକୁ ଏବଂ ସଂସ୍କୃତ ବିଷୟକୁ ବୁଝାଉଥିବାରୁ ଏମାନେ ଯଥାକ୍ରମେ ସ୍ଥାନାଧିକରଣ, କାଳାଧିକରଣ ଓ ବିଷୟାଧିକରଣ ହୋଇଥାନ୍ତି ।

୨ । (କ) ଶିକ୍ଷକେ ଆଗତେ ଛାତ୍ରାଃ ଉତ୍ତିଷ୍ଠନ୍ତି ।

(ଖ) ରାମେ ଗତେ ଦଶରଥଃ ମୃତଃ ।

(ଗ) ଅସୁରେଷୁ ପରାସ୍ତେଷୁ ସୁରାଃ ଆନନ୍ଦିତାଃ ଅଭବନ୍ ।

ଯେଉଁ ଭାବ ବା କ୍ରିୟାଦ୍ୱାରା ପରବର୍ତ୍ତୀ କାର୍ଯ୍ୟର ସୂଚନା ମିଳେ, ସେହି ପୂର୍ବୋକ୍ତ ଭାବବାଚୀ ଶବ୍ଦରେ ସପ୍ତମୀ ବିଭକ୍ତି ହୋଇଥାଏ । ଏଠାରେ ଶିକ୍ଷକଙ୍କ ଆସିବା କ୍ରିୟାଦ୍ୱାରା ଛାତ୍ରମାନଙ୍କର ଉଠିବା କ୍ରିୟା, ରାମଙ୍କ ଗମନ କ୍ରିୟାଦ୍ୱାରା ଦଶରଥଙ୍କ ମରଣ କ୍ରିୟା ଏବଂ ଅସୁରମାନଙ୍କର ପରାସ୍ତ ହେବା କ୍ରିୟାଦ୍ୱାରା ଦେବତାଙ୍କ ଆନନ୍ଦ ହେବା କ୍ରିୟା ଲକ୍ଷ୍ୟ କରାଯାଉଛି । ତେଣୁ ସମାପିକା କ୍ରିୟାଗୁଡ଼ିକର କାଳ ଯେଉଁ ଯେଉଁ କ୍ରିୟା ଦ୍ୱାରା ସୂଚିତ ହେଲା ତା'ଠାରେ ସପ୍ତମୀ ବିଭକ୍ତି ହେଲା ।[୩] ଏହାକୁ 'ଭାବେ ସପ୍ତମୀ' କୁହାଯାଏ । 'ଭାବ' ଅର୍ଥ କ୍ରିୟା । ଭାବେ ସପ୍ତମୀରେ ଗୋଟିଏ ପଦ 'ବିଶେଷ୍ୟ' କିମ୍ବା 'ସର୍ବନାମ' ଅନ୍ୟ କୃଦନ୍ତ ପଦଟି 'ବିଶେଷଣ' ହୁଏ । ଏଣୁ ସପ୍ତମୀ ବିଭକ୍ତି ଉଭୟତ୍ର ଦେଖାଯାଏ । ତେଣୁ 'ଶିକ୍ଷକେ ଆଗତେ', 'ରାମେ ଗତେ' ଓ 'ଅସୁରେଷୁ ପରାସ୍ତେଷୁ' ପ୍ରଭୃତି କ୍ଷେତ୍ରରେ ସପ୍ତମୀ ବିଭକ୍ତି ହେଲା ।

---

୧ । 'ଆଧାରୋଽଧିକରଣମ୍' । ଅଧିକ୍ରିୟତେ ଅସ୍ମିନ୍ ଇତି ଅଧିକରଣମ୍ । ଆ + ଧୃ + ଘଞ୍ = ଆଧାରଃ ଅର୍ଥାତ୍ ଯିଏ ଧାରଣ କରେ, ସେ ଆଧାର ଅଟେ । ଯେପରି- ରହିବା କାମର ଆଧାର 'ଗ୍ରାମ' ।

୨ । 'ସପ୍ତମ୍ୟଧିକରଣେ' ।      ୩। 'ଯସ୍ୟ ଚ ଭାବେନ ଭାବଲକ୍ଷଣମ୍' ।

୩। (କ) ଚର୍ମଣି ଦ୍ୱିପିନଂ ହନ୍ତି ।

(ଖ) ଦନ୍ତୟୋଃ ହନ୍ତି କୁଞ୍ଜରମ୍ ।

(ଗ) ରାଜା ଯଶସେ ବ୍ୟାଘ୍ରଂ ହନ୍ତି ।

ନିମିତ୍ତ ବା ଫଳର ଯଦି ଅବୟବାବୟବୀ ସମ୍ବନ୍ଧରେ (ଅଙ୍ଗାଙ୍ଗୀ) ଯୋଗ ହୋଇଥାଏ, ସେହି ନିମିତ୍ତ ବା ଫଳକୁ ବୁଝାଉଥିବା ଶବ୍ଦର ସପ୍ତମୀ ବିଭକ୍ତି ହୁଏ । ଉପର୍ଯ୍ୟୁକ୍ତ 'କ' ଓ 'ଖ' ବାକ୍ୟରେ 'ଚର୍ମ' ଓ 'ଦନ୍ତ', ନିମିତ୍ତବୋଧକ ଓ ଅବୟବ (ଅଙ୍ଗ) ବାଚକ । ତେଣୁ ସେଠାରେ ସପ୍ତମୀ ବିଭକ୍ତି ହେଲା । ଏହାକୁ 'ନିମିତ୍ତାତ୍ କର୍ମଯୋଗେ ସପ୍ତମୀ' ବୋଲି କୁହାଯାଏ ।[୧] କିନ୍ତୁ ଯେଉଁଠାରେ ନିମିତ୍ତ ବା ଫଳର କର୍ମ ସହିତ ସଂଯୋଗ ସମ୍ବନ୍ଧ ନଥାଏ, ସେଠାରେ ସପ୍ତମୀ ହୁଏ ନାହିଁ । 'ଗ' ବାକ୍ୟରେ 'ଯଶଃ ଲବ୍ଧୁମ୍', ଏହି ଅର୍ଥରେ କ୍ରିୟାର୍ଥୋପପଦ ଇତ୍ୟାଦି ସୂତ୍ରରେ 'ତୁମୁନ୍' ପ୍ରତ୍ୟୟାନ୍ତ ପଦ ଲୋପ ହୋଇ ତାହାର କର୍ମରେ ଚତୁର୍ଥୀ ବିଭକ୍ତି ହୋଇଛି ।

୪। (କ) ଅନ୍ଧଂ କରେ ଧୃତ୍ୱା ନୟ ।

(ଖ) କମପି ମସ୍ତକେ ମା ତାଡ଼ୟ ।

(ଗ) ଛାତ୍ରଂ କର୍ଣ୍ଣେ ଧୃତ୍ୱା ଆନୟ ।

ଶରୀରର କୌଣସି ଅଂଶକୁ ପୃଥକ୍ ଭାବରେ ଗ୍ରହଣ କରିବା ବୁଝାଇଲେ, ସେହି ଅଂଶବାଚକ ଶବ୍ଦର ଦ୍ୱିତୀୟା ନ ହୋଇ ସପ୍ତମୀ ବିଭକ୍ତି ହୁଏ । ଏହାକୁ ଅବଚ୍ଛେଦେ ସପ୍ତମୀ କୁହାଯାଏ ।[୨] **ଅବଚ୍ଛେଦ** ଶରୀରର ଅଂଶବିଶେଷ । ଉପର ଉଦାହରଣ ଗୁଡ଼ିକରେ କର, ମସ୍ତକ ଓ କର୍ଣ୍ଣ ପ୍ରଭୃତି ଶରୀରର ଗୋଟିଏ ଗୋଟିଏ ଅଂଶ ହୋଇଥିବାରୁ ସେଗୁଡ଼ିକର ସପ୍ତମୀ ବିଭକ୍ତି ହେଲା ।

୫। (କ) ଗବାଂ / ଗୋଷୁ ସ୍ୱାମୀ ।

(ଖ) ନରାଣାଂ / ନରେଷୁ ଈଶ୍ୱରଃ / ଅଧିପତିଃ ।

(ଗ) ବିବାଦସ୍ୟ / ବିବାଦେ ସାକ୍ଷୀ ।

(ଘ) ବ୍ୟବହାରସ୍ୟ / ବ୍ୟବହାରେ ପ୍ରତିଭୂଃ ।

(ଙ) କୁଳସ୍ୟ / କୁଳେ ଦାୟାଦଃ ।

ସ୍ୱାମୀ, ଈଶ୍ୱର, ଅଧିପତି, ସାକ୍ଷିନ୍, ପ୍ରତିଭୂଃ (ଜାମିନ୍ / ମଧ୍ୟସ୍ଥି) ଦାୟାଦ ପ୍ରଭୃତି ଶବ୍ଦ ଯୋଗରେ ଷଷ୍ଠୀ ଓ ସପ୍ତମୀ ବିଭକ୍ତି ହୁଏ ।[୩] ସ୍ୱାମୀ, ଈଶ୍ୱର ଓ ଅଧିପତି ଶବ୍ଦ ବ୍ୟତୀତ ସ୍ୱାମ୍ୟର୍ଥକ ଅନ୍ୟ ଶବ୍ଦଯୋଗରେ ସପ୍ତମୀ ହେବ ନାହିଁ । ଯଥା :-

(ଚ) **ନରାଣାମ୍ ଈଶଃ / ପ୍ରଭୁଃ । (ଏଠାରେ ଷଷ୍ଠୀ ହେଲା, ନରେଷୁ ହେବ ନାହିଁ)**

୬। (କ) ଶ୍ରୀକୃଷ୍ଣଃ ବଂଶୀବାଦନେ କୁଶଳଃ / ଦକ୍ଷଃ ।

(ଖ) ମାତା ପାଚନେ ନିପୁଣା / ପ୍ରବୀଣା ।

(ଗ) ଶ୍ରମିକଃ କାର୍ଯ୍ୟେ ବ୍ୟାପୃତଃ / ଲଗ୍ନଃ / ତତ୍ପରଃ ।

(ଘ) ଅନୁରାଧା ଧାବନେ ପଟୁଃ ।

---

୧ । 'ନିମିତ୍ତାତ୍ କର୍ମଯୋଗେ । ନିମିତ୍ତମ୍ - ଫଳମ୍, ଯୋଗଃ - ସଂଯୋଗ ସମ୍ବନ୍ଧେନ ବା ସମବାୟ ସମ୍ବନ୍ଧେନ ।

୨ । 'ସପ୍ତମୀ ଅବଚ୍ଛେଦେ' ।

୩। 'ସ୍ୱାମୀଶ୍ୱରାଧିପତିଦାୟାଦସାକ୍ଷିପ୍ରତିଭୂପ୍ରସୂତୈଶ୍ଚ' ।

ବ୍ୟାପୃତ, ଲଗ୍ନ, ତତ୍ପର, କୁଶଳ, ନିପୁଣ, ଦକ୍ଷ, ପଟୁ, ପ୍ରବୀଣ ପ୍ରଭୃତି ଶବ୍ଦଯୋଗରେ ସପ୍ତମୀ ବିଭକ୍ତି ହୋଇଥାଏ ।[୧]

୭। (କ) ମନୁଷ୍ୟଃ ମନୁଷ୍ୟେ ବିଶ୍ୱସେତ୍ ।

(ଖ) ମାତା ପୁତ୍ରେ ସ୍ନିହ୍ୟତି ।

(ଗ) ଗୁରୌ ଶିଷ୍ୟାଃ ଅନୁରକ୍ତାଃ ।

(ଘ) ପିତା ମୟି ବିରକ୍ତଃ ଜାତଃ ।

(ଙ) ଅହଂ ଶିକ୍ଷକେ ଭକ୍ତିଂ କରୋମି ।

(ଚ) ବାୟୁଯାନସ୍ୟ-ଆରୋହଣେ ତସ୍ୟ ଅଭିଳାଷଃ ।

ବିଶ୍ୱାସ, ସ୍ନେହ, ଅନୁରକ୍ତି, ବିରକ୍ତି, ଭକ୍ତି, ଅଭିଳାଷ ପ୍ରଭୃତି ଅର୍ଥ ବିଶିଷ୍ଟ ପଦଯୋଗରେ ଯାହାଠାରେ ବିଶ୍ୱାସ ପ୍ରଭୃତି କରାଯାଏ, ତା'ଠାରେ ସପ୍ତମୀ ବିଭକ୍ତି ହୁଏ ।

୮। (କ) ଏତତ୍ କଥଂ ମୟି ସମ୍ଭାବ୍ୟତେ ?

(ଖ) ଅଯୋଧ୍ୟାୟାଃ ନୃପତ୍ୱଂ ରାମେ ଯୁଜ୍ୟତେ ।

(ଗ) ଏତତ୍ ତ୍ୱୟି ନ ଉପପଦ୍ୟତେ ।

ସମ୍ଭାବ୍ୟତେ, ଯୁଜ୍ୟତେ ଓ ଉପପଦ୍ୟତେ ଯୋଗରେ ଯାହାଠାରେ ଯୋଗ୍ୟତା, ସମ୍ଭାବନା ଇତ୍ୟାଦି ବୁଝାଇଥାଏ ତାଠାରେ ସପ୍ତମୀ ବିଭକ୍ତି ହୁଏ ।

**ମନେରଖ :**

- କ୍ରିୟାର ଆଧାର ଅଧିକରଣ ।
- ସ୍ଥାନାଧିକରଣ, କାଳାଧିକରଣ, ବିଷୟାଧିକରଣ ।
- ନିମିତ୍ତ କର୍ମସଂଯୋଗ ହେଲେ ସପ୍ତମୀ ହୁଏ ।
- ସପ୍ତମୀ ଅବଚ୍ଛେଦେ ।
- ସ୍ୱାମୀ, ଈଶ୍ୱର, ଅଧିପତି, ସାକ୍ଷିନ୍ ପ୍ରଭୃତି ଶବ୍ଦଯୋଗେ ଷଷ୍ଠୀ ଓ ସପ୍ତମୀ ।
- କୌଣସି ଏକ କ୍ରିୟାର ସମାପ୍ତିରେ, ଅନ୍ୟ କ୍ରିୟାର ଆରମ୍ଭ ହେଲେ, ସମାପ୍ତ କ୍ରିୟା ଓ କର୍ତ୍ତାରେ ସପ୍ତମୀ ।
- କୁଶଳ, ନିପୁଣ, ଦକ୍ଷ, ପଟୁ ପ୍ରଭୃତି ଶବ୍ଦଯୋଗେ ସପ୍ତମୀ ।
- ବିଶ୍ୱାସ, ସ୍ନେହ, ଅନୁରକ୍ତି, ବିରକ୍ତି ପ୍ରଭୃତି ଶବ୍ଦ ବା କ୍ରିୟା ଯୋଗେ ସପ୍ତମୀ ।
- ସମ୍ଭାବ୍ୟତେ, ଯୁଜ୍ୟତେ ଓ ଉପପଦ୍ୟତେ କ୍ରିୟାଯୋଗେ ସପ୍ତମୀ ।

---

୧। 'ସାଧୁନିପୁଣାଭ୍ୟାମର୍ଚ୍ଚାୟାଂ ସପ୍ତମ୍ୟପ୍ରତେଃ' ।

## ଅଭ୍ୟାସଃ

**୧। ନିମ୍ନଲିଖିତଶ୍ଳୋକେଷୁ ସପ୍ତମ୍ୟନ୍ତପଦାନି ରେଖାଙ୍କିତାନିଂ କୁରୁତ ।**

(କ) ଶୈଳେ ଶୈଳେ ନ ମାଣିକ୍ୟଂ ମୌକ୍ତିକଂ ନ ଗଜେ ଗଜେ ।
ସାଧବୋ ନ ହି ସର୍ବତ୍ର ଚନ୍ଦନଂ ନ ବନେ ବନେ ।।

(ଖ) ମନ୍ତ୍ରେ ତୀର୍ଥେ ଦ୍ୱିଜେ ଦେବେ ଦୈବଜ୍ଞେ ଭେଷଜେ ଗୁରୌ ।
ଯାଦୃଶୀ ଭାବନା ଯସ୍ୟ ସିଦ୍ଧିଃ ଭବତି ତାଦୃଶୀ ।।

(ଗ) ବ୍ରହ୍ମଘ୍ନେ ଚ ସୁରାପେ ଚ ଚୌରେ ଭଗ୍ନବ୍ରତେ ଶଠେ ।
ନିଷ୍କୃତିଃ ବିହିତା ସଦ୍ଭିଃ କୃତଘ୍ନେ ନାସ୍ତି ନିଷ୍କୃତିଃ ।।

(ଘ) ମାତୃବତ୍ ପରଦାରେଷୁ ପରଦ୍ରବ୍ୟେଷୁ ଲୋଷ୍ଟବତ୍ ।
ଆତ୍ମବତ୍ ସର୍ବଭୂତେଷୁ ଯଃ ପଶ୍ୟତି ସ ପଣ୍ଡିତଃ ।।

**୨। ଉଦାହରଣମନୁସୃତ୍ୟ ବାକ୍ୟାନି ପୂରୟତ ।**

ଯଥା :-ପିତା ସ୍ନିହ୍ୟତି । (ପୁତ୍ର) ଉତ୍ତର - ପିତା ପୁତ୍ରେ ସ୍ନିହ୍ୟତି ।

(କ) ଦଶରଥଃ ____________ ଅଧିକଂ ସ୍ନିହ୍ୟତି ସ୍ମ । (କୈକେୟୀ)

(ଖ) କୋଽପି ____________ ନ ବିଶ୍ୱସେତ୍ । (ଅବିଶ୍ୱସ୍ତ)

(ଗ) ଶିକ୍ଷକଃ ____________ ବିରକ୍ତଃ ଜାତଃ । (ଛାତ୍ର)

(ଘ) ଅହଂ ____________ ନିତରାମ୍ ଅନୁରକ୍ତଃ । (ଯୁଷ୍ମଦ୍)

(ଙ) ଛାତ୍ରାଃ ____________ ଭକ୍ତିଂ କୁର୍ବନ୍ତି । (ସରସ୍ୱତୀ)

**୩। ଉଦାହରଣାନୁସାରଂ ବାକ୍ୟାନି ଶୂନ୍ୟସ୍ଥାନେ ଲିଖତ ।**

ଯଥା :- ଭୀମଃ ରାକ୍ଷସଂ ଶିରସି ଅତାଡ଼ୟତ୍ । (ଶିରସ୍)

(କ) ଆରକ୍ଷୀ ଚୌରଂ ____________ ଗୃହୀତବାନ୍ । (ହସ୍ତ)

(ଖ) କମପି ____________ ନ ତାଡ଼ୟିତବ୍ୟମ୍ । (ଉଦର)

(ଗ) ରାବଣଃ ଜଟାୟୁଂ ____________ ପ୍ରହୃତବାନ୍ । (ପକ୍ଷ)

(ଘ) ବାଳକଃ ବାଳକଂ ____________ ଗୃହୀତବାନ୍ । (କେଶ)

(ଙ) ଅନ୍ଧଂ ____________ ଧୃତ୍ୱା ଆନୟ । (ହସ୍ତ)

**୪। ନିମ୍ନଲିଖିତପଦାନି ବ୍ୟବହୃତ୍ୟ ସ୍ୱଦିନଚର୍ଯ୍ୟାଂ ଲିଖତ ।**

ପ୍ରାତଃକାଳେ, ସାର୍ଦ୍ଧସପ୍ତବାଦନେ, ଦଶବାଦନେ, ଏକବାଦନେ, ସାୟଂକାଳେ, ସାୟଂସପ୍ତବାଦନେ , ରାତ୍ରୌ ଦଶବାଦନେ

ଯଥା : ପ୍ରାତଃକାଳେ ଅହଂ ଷଡ଼୍‌ବାଦନେ ଶଯ୍ୟାତ୍ୟାଗଂ କରୋମି ।

**୫। କୋଷ୍ଠକସ୍ଥିତ ଶବ୍ଦାନାମ୍ ଉପଯୁକ୍ତ ରୂପୈଃ ଶୂନ୍ୟସ୍ଥାନଂ ପୂରୟତ ।**

(କ) ମମ ବନ୍ଧୁଃ ____________ ନିପୁଣଃ । (କ୍ରୀଡ଼ା)

(ଖ) ଶ୍ରୀକୃଷ୍ଣଃ ____________ ଦକ୍ଷଃ । (ବଂଶୀବାଦନ)

(ଗ) ଅସ୍ମାକଂ ଶିକ୍ଷକଃ ____________ ପଟୁଃ । (ଗଣିତ)

(ଘ) ଅନୁରାଧା ____________ ପ୍ରବୀଣା । (ଶ୍ଳୋକପଠନ)

(ଙ) ମମ ଅନୁଜଃ ____________ ଲଗ୍ନଃ । (ରାଜନୀତି)

**୬। ରେଖାଙ୍କିତପଦାନାଂ ସକାରଣବିଭକ୍ତିଂ ନିରୂପୟତ ।**

(କ) ଛାତ୍ରାଃ <u>ବିଦ୍ୟାଳୟେ</u> ପଠନ୍ତି ।

(ଖ) ଚୌର୍ଯ୍ୟଂ <u>ମୟି</u> ନ ସମ୍ଭାବ୍ୟତେ ।

(ଗ) ମହାତ୍ମା <u>ରାଜନୀତୌ</u> ନିପୁଣଃ ଆସୀତ୍ ।

(ଘ) <u>କେଶେଷୁ</u> ଚମରୀଂ ହନ୍ତି ।

(ଙ) ଧେନବଃ <u>ବତ୍ସାସୁ</u> ସ୍ନିହ୍ୟନ୍ତି ।

(ଚ) <u>ବାଳକେ</u> <u>ନିଦ୍ରିତେ</u> ମାତା ଗମିଷ୍ୟତି ।

(ଛ) <u>ପିତରି</u> ମାତରି ଚ ଭକ୍ତିଂ କୁରୁ ।

(ଜ) କୃଷ୍ଣଃ <u>ମାତରି</u> ସାଧୁଃ, <u>ମାତୁଳେ</u> ଅସାଧୁଃ ।

**୭। ଭ୍ରମସଂଶୋଧନଂ କୁରୁତ ।**

ଯଥା :- ନଦୀଭ୍ୟଃ ଗଙ୍ଗା ପବିତ୍ରତମା ।

(କ) କଥଂ ମାଂ ନ ବିଶ୍ୱସିଷି ?

(ଖ) ଜନନୀ ପୁତ୍ରାୟ ସ୍ନିହ୍ୟତି ।

(ଗ) ହସ୍ତଂ ଧୃତ୍ୱା କ୍ଷମାଂ ଯାଚିତବାନ୍ ।

(ଘ) ପ୍ରଭୁଃ ସେବକାୟ ଅନୁରକ୍ତଃ ଭବତି ।

(ଙ) ଶ୍ରବଣକୁମାରଃ ମାତରଂ ସାଧୁଃ ଆସୀତ୍ ।

(ଚ) ସର୍ବେଷାଂ କାର୍ଯ୍ୟାଣାଂ ସଃ ତତ୍ପରଃ ।

(ଛ) କର୍ମଣଃ ଏବ ତବ ଅଧିକାରଃ ।

**୮। ସଂସ୍କୃତେନ ଅନୁବାଦଃ କାର୍ଯ୍ୟଃ ।**

(କ) ନଈରେ ମାଛଗୁଡ଼ିକ ଆନନ୍ଦରେ ପହଁରୁଛନ୍ତି ।

(ଖ) ବର୍ଷାକାଳରେ ମୟୂରଗୁଡ଼ିକ ନୃତ୍ୟ କରନ୍ତି ।

(ଗ) ବୃଦ୍ଧଲୋକଟିକୁ ହାତ ଧରି ନିଅ ।

(ଘ) ମୋର ମନ ଗଣିତରେ ରହୁ ନାହିଁ ।

(ଙ) ଗୋବିନ୍ଦ ରାମକୁ ଭାଇ ଭଳି ସ୍ନେହ କରେ ।

(ଚ) ଏ ସିଂହାସନ ତୁମ ପାଇଁ ଯୋଗ୍ୟ ।

(ଛ) ସାଙ୍ଗମାନେ ଆସିଲେ, ମୁଁ ଯିବି ।

(ଜ) ସଙ୍କଟବେଳେ ବନ୍ଧୁଙ୍କୁ ଜାଣିବ ।

(ଝ) ଉଡ଼ାଜାହାଜରେ ଭ୍ରମଣ ପାଇଁ ମୋର ପ୍ରବଳ ଇଚ୍ଛା ।

(ଞ) ମୁଁ ଚାହୁଁ ଚାହୁଁ ସେ ମୋ କଲମଟି ନେଇଗଲା ।

●●●

# ମିଶ୍ର ବିଭକ୍ତି

୧ । ପୃଥକ୍, ନାନା ଓ ବିନା ଯୋଗରେ ୨ୟା, ୩ୟା ଓ ୫ମୀ ବିଭକ୍ତି ହୁଏ; କିନ୍ତୁ ଋତେ ଯୋଗରେ ୨ୟା ଓ ୫ମୀ ବିଭକ୍ତି ହୋଇଥାଏ । 'ଅନ୍ତରେଣ' ଯୋଗରେ କେବଳ ୨ୟା ବିଭକ୍ତି ହୁଏ ।

୨ । ଦକ୍ଷିଣେନ ଓ ଉତ୍ତରେଣ ପ୍ରଭୃତି ଏନପ୍ - ପ୍ରତ୍ୟୟାନ୍ତ ପଦଯୋଗରେ ୨ୟା ଓ ୬ଷ୍ଠୀ ହୁଏ ।

୩ । ଫଳପ୍ରାପ୍ତି ନ ବୁଝାଇ କାଳ ଓ ମାର୍ଗର ଅତ୍ୟନ୍ତ ସଂଯୋଗ ବୁଝାଇଲେ କାଳ ଓ ମାର୍ଗବାଚକ ଶବ୍ଦରେ ବ୍ୟାପ୍ତ୍ୟର୍ଥେ ୨ୟା ହୁଏ; କିନ୍ତୁ ଫଳପ୍ରାପ୍ତି ବୁଝାଇଲେ ସେଠାରେ ଅପବର୍ଗେ ୩ୟା ହୋଇଥାଏ ।

୪ । ସାଧାରଣତଃ 'ପ୍ରତି' ଯୋଗେ ୨ୟା ହୁଏ; କିନ୍ତୁ ପ୍ରତିନିଧି ଓ ପ୍ରତିଦାନ ବାଚକ 'ପ୍ରତି' ଯୋଗରେ ୫ମୀ ହୋଇଥାଏ ।

୫ । ବାରଣାର୍ଥକ 'ଅଲମ୍' ଯୋଗରେ ୩ୟା ଓ ସମର୍ଥାର୍ଥକ 'ଅଲମ୍' ଯୋଗରେ ୪ର୍ଥୀ ହୁଏ ।

୬ । ଗମନାର୍ଥକ ଓ କଥନାର୍ଥକ ଧାତୁ ପ୍ରୟୋଗରେ ପ୍ରାୟ ୨ୟା ଓ ୪ର୍ଥୀ ହୋଇଥାଏ ।

୭ । ତୁଲ୍ୟାର୍ଥକ ଓ ତୃପ୍ତ୍ୟର୍ଥକ ପଦଯୋଗରେ ୩ୟା ଓ ୬ଷ୍ଠୀ ହୁଏ; କିନ୍ତୁ ତୁଳା ଓ ଉପମା ଶବ୍ଦ ଯୋଗରେ କେବଳ ୬ଷ୍ଠୀ ହୁଏ ।

୮ । ହେତୁ ଅର୍ଥରେ ୩ୟା ଓ ୫ମୀ ହୁଏ; କିନ୍ତୁ ହେତୁ ଶବ୍ଦଟି ସ୍ତ୍ରୀଲିଙ୍ଗ ହୋଇଥିଲେ କେବଳ ୩ୟା ହୁଏ ।

୯ । ତବ୍ୟ, ଅନୀୟ ପ୍ରଭତି କୃତ୍ୟ ପ୍ରତ୍ୟୟ ଯୋଗରେ କର୍ତ୍ତାଠାରେ ୩ୟା ଓ ୬ଷ୍ଠୀ ହୁଏ ।

୧୦ । ସ୍ମରଣାର୍ଥକ, ଦୟ୍ ଓ ଈଶ୍ ଧାତୁଯୋଗରେ ୨ୟା ଓ ୬ଷ୍ଠୀ ହୁଏ ।

୧୧ । ଆଶୀର୍ବାଦାର୍ଥକ ଶବ୍ଦଯୋଗରେ ୪ର୍ଥୀ ଓ ୬ଷ୍ଠୀ ହୁଏ; କିନ୍ତୁ ସ୍ୱସ୍ତି ଯୋଗରେ କେବଳ ୪ର୍ଥୀ ହୋଇଥାଏ ।

୧୨ । ନିମିତ୍ତାର୍ଥେ ୪ର୍ଥୀ ହୁଏ; କିନ୍ତୁ କର୍ମ ସହିତ ଅବୟବାଦି ସମ୍ବନ୍ଧ ଥିଲେ ୭ମୀ ହୁଏ ।

୧୩ । 'ଉପବସତି'ର ଅର୍ଥ କେବଳ ବାସ କରିବା ହେଲେ ଅଧିକରଣ କର୍ମସଂଜ୍ଞା ପ୍ରାପ୍ତ ହୋଇ ୨ୟା ହୁଏ; କିନ୍ତୁ 'ଉପବସତି' ଯଦି 'ଉପବାସ' ଅର୍ଥକୁ ବୁଝାଏ, ତେବେ 'ଅଧିକରଣେ ୭ମୀ' ହୋଇଥାଏ ।

୧୪ । କ୍ରୁଧ୍ ଓ ଦ୍ରୁହ୍ ଧାତୁ ଯୋଗରେ ୪ର୍ଥୀ ହୁଏ; କିନ୍ତୁ ତାହା ପୂର୍ବରୁ ଉପସର୍ଗ ଥିଲେ ୨ୟା ହୁଏ ।

୧୫ । ଦୂରାର୍ଥ ଓ ନିକଟାର୍ଥ ଶବ୍ଦଯୋଗରେ ୫ମୀ ଓ ୬ଷ୍ଠୀ ହୁଏ; କିନ୍ତୁ ସମୟା ଓ ନିକଷା ଯୋଗରେ ୨ୟା ଓ 'ଆରାତ୍' ଯୋଗରେ କେବଳ ୫ମୀ ହୋଇଥାଏ । ଦୂର ଓ ଅନ୍ତିକାର୍ଥକ ଶବ୍ଦରୁ ୨ୟା, ୩ୟା ଓ ୫ମୀ ହୁଏ । ଯଥା :- ଗ୍ରାମସ୍ୟ / ଗ୍ରାମାତ୍ ଦୂରଂ / ଦୂରେଣ / ଦୂରାତ୍ ବିଦ୍ୟାଳୟଃ ଅସ୍ତି ।

୧୬ । ନିର୍ଦ୍ଧାରଣାର୍ଥେ, ଅନାଦରାର୍ଥେ ଏବଂ ସ୍ୱାମିନ୍, ସାକ୍ଷିନ୍ ପ୍ରଭୃତି ଶବ୍ଦଯୋଗରେ ୬ଷ୍ଠୀ ଓ ୭ମୀ ହୁଏ ।

୧୭ । ନିମିତ୍ତ ପର୍ଯ୍ୟାୟ ଯୋଗରେ ପ୍ରାୟ ସବୁ ବିଭକ୍ତିରେ ପ୍ରୟୋଗ ହୁଏ । ଯଥା :- କିଂ ନିମିତ୍ତମ୍, କେନ ନିମିତ୍ତେନ, କସ୍ମୈ ନିମିତ୍ତାୟ, କସ୍ମାତ୍ ନିମିତ୍ତାତ୍, କସ୍ୟ ନିମିତ୍ତସ୍ୟ, କସ୍ମିନ୍ ନିମିତ୍ତେ ।

୧୮ । ଦିବ୍ ଧାତୁଯୋଗରେ ୨ୟା ଓ ୩ୟା ହୁଏ । ଯଥା :- <u>ଅକ୍ଷୈଃ</u> <u>ଅକ୍ଷାନ୍</u> ବା ଦୀବ୍ୟତି (ପଶାକାଠିରେ ଖେଳୁଛି) । କିନ୍ତୁ ଦିବ୍ ଧାତୁ ଉପସର୍ଗଯୁକ୍ତ ହେଲେ ୨ୟା ଓ ୬ଷ୍ଠୀ ହୋଇଥାଏ । ଯଥା :- <u>ଶତସ୍ୟ</u> <u>ଶତଂ</u> ବା ପ୍ରତିଦୀବ୍ୟତି (ଶହେ ଟଙ୍କା ଲଗାଇ ପଶା ଖେଳୁଛି) ।

୧୯ । ଅନାଦରଭାବ ବୁଝାଇଲେ ମନ୍ୟ ଧାତୁର ପ୍ରୟୋଗରେ ଅନାଦରବୋଧକ କର୍ମର ୨ୟା ଓ ୪ର୍ଥୀ ହୁଏ; ଅହଂ ତ୍ୱାଂ <u>ତୃଣଂ / ତୃଣାୟ</u> ମନ୍ୟେ । କିନ୍ତୁ ଅନାଦରବୋଧକ ଶବ୍ଦଟି ପ୍ରାଣୀବାଚକ ହୋଇଥିଲେ, ସେଠାରେ କେବଳ ୨ୟା ହୁଏ । ଯଥା :- ସଃ ମାଂ କାକଂ ମନ୍ୟତେ । (ନ କାକାୟ)

୨୦ । ହୃ ଓ କୃ ଧାତୁର ଣିଜନ୍ତ ପ୍ରୟୋଗରେ ୨ୟା ଓ ୩ୟା ହୁଏ । ଯଥା :- ହାରୟତି କାରୟତି ବା <u>ଭୃତ୍ୟଂ ଭୃତ୍ୟେନ</u> ବା କଟମ୍ (ଚାକର ଦ୍ୱାରା ସପ / ମସିଣା ନେଉଛି / କରାଉଛି) ।

• • •